# ଦେବଯାନୀ

## ମଇ ୨୦୨୪



*Photo by Dr. Ranjit Ku Sahu, USA*

**ISSN NO – 2582-208X**

**VOLUME-10 : ISSUE NO-05/2024**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜିର ଖରାଦିନ ଅନେକ କଷ୍ଟଦାୟକ ହୋଇପଡିଲାଣି । ଦିନକୁ ଦିନ ଗରମ ବଢିବାରେ ଲାଗିଲାଣି । ଆଉ ଓଡିଶା କଥା ତ କହିଲେ ନସରେ । ତାପମାତ୍ରା ୪୭ ଡିଗ୍ରୀ କିଛି ଯାଗାରେ ଛୁଇଁଲାଣି । ଅନେକ ଯାଗାରେ ଗରମ ଅସହ୍ୟ ହେଲାଣି ଆଉ ଜଙ୍ଗଲରେ ନିଆଁ ଲାଗିବାଟା ସାଧାରଣ କଥା ହୋଇଗଲାଣି । ଯେଉଁ ଜଙ୍ଗଲ ବନିବାକୁ ଅନେକ ବର୍ଷ ଲାଗେ, ତାହା ଏହି ଖରାରେ ଗୋଟିଏ ରାତିରେ ଧ୍ୱଂସ ହେଉଯାଉଛି ଆଉ ତା ସହିତ ତାପମାତ୍ରା ମଧ୍ୟ ବଢିବାରେ ଲାଗିଛି । ଖାଲି ଭାରତ ନୁହେଁ, ସାରା ବିଶ୍ୱରେ ତାପମାତ୍ରା ଦିନକୁ ଦିନ ବଢିବାରେ ଲାଗିଛି । ଗ୍ଲାସିୟର ତରଳିବା ଫଳରେ ସମୁଦ୍ରର ଉଚ୍ଚତା ବଢିବାରେ ଲାଗିଛି ଯାହାକି ଅନେକ ଛୋଟ ଛୋଟ ଦ୍ୱୀପ ପ୍ରତି ବିପଦ ସୃଷ୍ଟି କରିଛି । କୁହାଯାଉଛି ଯେ ଆସନ୍ତା ୩୦ ବର୍ଷ ଭିତରେ ଅନେକ ଛୋଟ ଛୋଟ ଦ୍ୱୀପ ପାଣିରେ ବୁଡିଯିବ । ଏପରିକି ମୁମ୍ବାଇ ପ୍ରତି ମଧ୍ୟ ବିପଦ ଆସିବ ବୋଲି ଅନେକ ଭବିଷ୍ୟବାଣୀ ଅନେକେ କରିଛନ୍ତି ।

ଯଦି କେବେ ଆପଣମାନେ କିଛି ଅଭୟାରଣ୍ୟ ବୁଲିବାକୁ ଯିବେ, ତେବେ ଦେଖିବେ ତାହାର ବଫର ଜୋନ୍ ରେ ଅନେକ ଘରଦ୍ୱାର, ଯାହାକୁ କି ଜଙ୍ଗଲ

ISSN NO.
2582-208X

କୁହାଯାଇପାରେ ନାହିଁ । ଆଉ ଅନେକ ଅଭୟାରଣ୍ୟ ଭିତରେ ନିକଟରେ ଥିବା ଗ୍ରାମବାସୀମାନେ ଅବାଧରେ ପ୍ରବେଶ କରୁଛନ୍ତି ଆଉ ଗଢି ଉଠୁଛି ନୂଆ ନୂଆ ଜନବସତି । ଯାହା ଦ୍ୱାରା ଜଙ୍ଗଲ କମ ହେବାରେ ଲାଗିଛି ଆଉ ଜଙ୍ଗଲରେ ଥିବା ପଶୁମାନଙ୍କ ବିଚରଣରେ ତାହା ବାଧକ ହୋଇଛି । ଅନେକ ସଂରକ୍ଷିତ ଜଙ୍ଗଲ ଯାହାକି ସହର ପାଖାପାଖି ଅଛି, ତାହାକୁ ଧୀରେ ଧୀରେ ଜନବସତି ରେ ବଦଳେଇବା ପାଇଁ ଚେଷ୍ଟା ଚାଲିଛି ।

ଏତେ ସବୁ ହେଉଥିଲେ ମଧ୍ୟ କୌଣସି ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ଖାଲି ସରକାର ନୁହନ୍ତି, କେବେ ଭାବିଲେ ଆମେ ଜନସାଧାରଣ କେତେଥର ଏହି ବିଷୟରେ ଭାବିଛେ, ଆଉ କାମ କରିବା ତ ଦୂରର କଥା । ଯେତେବେଳେ ଆମେ ଉଦୁଉଦିଆ ଖରାବେଳେ ବାହାନ ନେଇ ବାହାରକୁ ଯାଉ, ତାକୁ ରଖିବା ପାଇଁ ଗଛ ଖୋଜୁ, ଆଉ ଠିଆହେବା ପାଇଁ ମଧ୍ୟ ଗଛ ଖୋଜୁ । କିନ୍ତୁ କେବେ ଭାବିଛେ କି ଆମେ କେତୋଟି ଗଛ ଲଗେଇଛେ ।

ଏବେ ମଧ୍ୟ ସମୟ ଅଛି । ଆସନ୍ତୁ ଆମେ ସମସ୍ତେ ମିଶି ପର୍ଯ୍ୟାବରଣକୁ ବଞ୍ଚାଇବା ପାଇଁ କିଛିଟା କାମ କରିବା ଆଉ ବୃକ୍ଷାରୋପଣ କରିବା ଯାହାକି ଆଜିପାଇଁ ନିତ୍ୟାନ୍ତ ଆବଶ୍ୟକ, ନିଜ ପାଇଁ ଆଉ ଭବିଷ୍ୟତରେ ସମସ୍ତ ମାନବ ଜାତି ପାଇଁ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ଜିଜ୍ଞାସା | ଡ. ପ୍ରସନ୍ନ କୁମାର ବଳ | ୨୩ |
| ଡଃ ମହେନ୍ଦ୍ର କୁମାର ରାଉତ: ସାତ ଦରିଆପାରିରୁ ଏକ ସ୍ମୃତି ତର୍ପଣ | ଶଶଧର ମହାପାତ୍ର | ୨୫ |
| ଉତ୍କଳ ଦିବସ | ଅଳକା ମହାନ୍ତି | ୩୦ |
| ଭିଡ | ଡକ୍ଟର ବିଜ୍ଞାନୀ ଦାସ | ୩୨ |
| ହୃଦୟ  ପ୍ରୀତି | ଆଶୁତୋଷ ମେହେର | ୪୫ |
| ବଡକୁହା ରାଜା | ବିନୟ ମହାପାତ୍ର | ୪୬ |
| ନାରୀର ନୀରବତା | ଡଃ ମାଙ୍ଗଳିକା ମହାପାତ୍ର | ୪୮ |
| ଅଙ୍ଗୁରି ଉବାଚ | ମଧୁମିତା ମିଶ୍ର | ୪୯ |
| ମେରୁଦଣ୍ଡ | ଇଂ. ସୁଶାନ୍ତ କିଶୋର ବଳ | ୫୧ |
| ତୁମେ ଗଲାପରେ | ସୁସ୍ମିତା ମହାପାତ୍ର | ୫୪ |
| ଅକ୍ଷୟ ପାତ୍ର | ରଘୁନାଥ ତ୍ରିପାଠୀ | ୫୬ |
| ଲଳିତ ନିବନ୍ଧ-ପାପ | ବଦ୍ରୀ ମହାନ୍ତି | ୫୮ |
| ଅଦୃଶ୍ୟ ଉପାସ୍ୟଙ୍କ ପାଇଁ | ଶାନ୍ତିଲତା ମିଶ୍ର | ୬୨ |
| ବିଶ୍ୱ ଜଳ ଦିବସ ଉପଲକ୍ଷେ | ଦଣ୍ଡାସି ପ୍ରଧାନ | ୬୩ |
| ପୂର୍ଣ୍ଣଚ୍ଛେଦ | ଜୟଶ୍ରୀ ପଟ୍ଟନାୟକ | ୬୫ |
| ଅଦିନ ମେଘ | ଡଃ ରଞ୍ଜିତ କୁମାର ସାହୁ | ୬୬ |
| ଆଧୁନିକ ଓଡ଼ିଆ କବିତାରେ ପ୍ରତୀକର ପ୍ରୟୋଗ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୬୮ |
| କଳା ଏ ଜୀବନ | ଭାରତୀ ମୁଦୁଲି | ୭୪ |

ISSN NO.
2582-208X

ବେଦାନ୍ତି


| | | |
|---|---|---|
| ସବୁ'ତ ହେଲାଣି ଉଭାନ୍ | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୭୫ |
| ଅଗ୍ନୀ ଉତ୍ସବ | ପୁଷ୍ପାଞ୍ଜଳି ପଣ୍ଡା | ୭୭ |
| ହାତ ଓ ସମୟ | ଡ. ଆଲୋକ କୁମାର ରାୟ | ୭୯ |
| ଶ୍ରଦ୍ଧାଞ୍ଜଳି (ଭଜି ଭଜି ତୋ ନାମ ଚକାନୟନ) | ଦିଲ୍ଲୀପ ଶତପଥୀ | ୮୧ |
| ପଖାଳ | କାର୍ତ୍ତୀକେଶ୍ୱର ନାୟକ | ୮୫ |
| ଶବ ଭିତରୁ ବି ମୋ ସ୍ୱର ଶୁଭିବ | ସୁଜିତ କୁମାର ମିଶ୍ର | ୮୭ |
| ଶାମୁକା | ଛବି ରାଣୀ ପତି | ୮୯ |
| ତମେ ଥିଲ ବୋଲି | କୀର୍ତ୍ତନ ସାହୁ | ୯୧ |
| ନିଷ୍ପତି | ଅରୁଣ କୁମାର ମହାପାତ୍ର | ୯୩ |
| ହେ ଜଗନ୍ନାଥ | ଅଜିତ କୁମାର ରାଉତ | ୯୬ |
| ଶ୍ରମିକ ଶ୍ରମରେ | ଦୀନବନ୍ଧୁ ପୋଇ | ୯୭ |
| ଅଟଇ ମୁଁ ଯେ ଶିଶୁ ଶ୍ରମିକ | ଜୟନ୍ତ କୁମାର ମଲ୍ଲିକ୍ | ୯୯ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୦୧ |
| ମୋ ସାମ୍ରାଜ୍ୟ ର ସାମ୍ରାଜ୍ଞୀ | ନିରୂପମା ପଟେଲ | ୧୦୯ |
| ବୋହୁ ଚାଲି ନ ଜାଣଇଲୋ ପାଦ ପଡୁଅଛି ବଙ୍କା | ସତ୍ୟନାରାୟଣ ପ୍ରସାଦ ନାୟକ | ୧୧୧ |
| ଅସ୍ତରାଗର ନାୟକ | ପ୍ରିୟଦର୍ଶିନୀ ଓଝା | ୧୧୩ |
| ସ୍ୱୀକାରକ୍ତି | ଶ୍ରୀକ୍ଷେତ୍ର ସୁନ୍ଦର | ୧୧୫ |
| ନାରୀ ସତରେ କଣ ଅବଳା | କାନନ ବାଳା ନାୟକ | ୧୧୭ |
| ଈଶ୍ୱର | ନୀଳମଣି ଚାନ୍ଦ | ୧୨୩ |
| ବେସୁରା ସଙ୍ଗୀତ | ବିଜୟ କୁମାର ସାହୁ | ୧୨୫ |
| ସ୍ୱର୍ଗ ହେବ ଧରାଧାମ | ଅଲେଖ ମେହେର | ୧୨୬ |
| ସମ୍ପର୍କର ନୂତନ ସଂଜ୍ଞା | ପ୍ରଦୀପ୍ତ କୁମାର ମିଶ୍ର | ୧୨୮ |

ISSN NO.
2582-208X


| | | |
|---|---|---|
| କୃଷ୍ଣ ସ୍ୱୟଂ ଭଗବାନ | ସିନ୍ଧୁ ନନ୍ଦିନୀ | ୧୩୧ |
| ସ୍ୱାର୍ଥପର | ଶୁଭଶ୍ରୀ ବେହେରା | ୧୩୩ |
| ନୀରବତା | ସୁରାତ୍ରୀ ପ୍ରଧାନ | ୧୩୪ |
| ଖରା | କୁଞ୍ଜ ବିହାରୀ ସାହୁ | ୧୩୬ |
| ହୃଦୟର କବିତା | କୁଞ୍ଜବିହାରୀ ରାଉତ | ୧୩୯ |
| ମୁଁ ସେଲୁ୍ୟଲାର ଜେଲ୍ କହୁଛି | ଝିଲିମିଲି ସାହୁ | ୧୪୧ |
| ବନ୍ଦେ ଉତ୍କଳ ଜନନୀ | ତପନ ଦୀକ୍ଷିତ (ବେଳାଭୂମି) | ୧୪୩ |
| ବୋଉ ଖୁବ୍ ମିଛେଇ | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୪୫ |
| ସାନ ସିନା ଦାନ ତା ମହାନ | ନଳିନୀ ଦାଶ | ୧୪୭ |
| ପଞ୍ଝୁଦୋଳ | ସୁନନ୍ଦା ମହାନ୍ତି | ୧୪୯ |
| ବୋଉ ପାଇଁ ଚିଠି | ଶୁଭେନ୍ଦୁ ଶେଖର ମିଶ୍ର | ୧୫୧ |
| ପଶ୍ଚିମବଙ୍ଗରୁ ପ୍ରକାଶିତ ଓଡ଼ିଆ ପ୍ରବାସୀ ପତ୍ରିକା | ସରୋଜ କୁମାର ବିଷୋୟୀ | ୧୫୩ |
| ପ୍ରକୃତି | ଦେବେନ୍ଦ୍ର ମିଶ୍ର | ୧୬୧ |
| ବିତାଇ ଦିଏ ମୋ ଦିନ | ବିନୋଦିନୀ ଦାଶ | ୧୬୩ |
| ଅମର ଶହୀଦ ଜୟୀ ରାଜଗୁରୁ | ଡ଼ ସୁନନ୍ଦା ମିଶ୍ର ପଣ୍ଡା | ୧୬୪ |
| ବାରମାସୀ ନାୟିକା | ରାଜେଶ ଚନ୍ଦ୍ର ପ୍ରଧାନ | ୧୬୭ |
| ବୈକୁଣ୍ଠ ଧାମ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୯ |
| ସନ୍ଧ୍ୟା | ଶୁଭେନ୍ଦୁ ମେହେର | ୧୭୨ |
| ପ୍ରକୃତ ବନ୍ଧୁ ସେ ଆମର | ସୁଲତା ସାହୁ | ୧୭୪ |
| ଅଦ୍ୱୈତ ବ୍ରହ୍ମ | ନିରଞ୍ଜନ ମହାରଣା | ୧୭୬ |
| ତୁଳସୀ କ୍ଷେତ୍ର ଓ ଶ୍ରୀବଳଦେବଜୀଉ | ଶୁଭଶ୍ରୀ ମହାନ୍ତି | ୧୭୮ |
| ଗଜପତି ପରିକ୍ରମା | ହର ପ୍ରସାଦ ସୁଆର | ୧୮୪ |
| ଆପଣ କ'ଣ ପଢନ୍ତି ମୋ କବିତା | ବିଶ୍ୱନାଥ କର | ୧୮୭ |

ISSN NO.
2582-208X


| | | |
|---|---|---|
| କାଶତଣ୍ଡୀ ଫୁଲ ହସୁଛି | ଗୀତାଞ୍ଜଳି ମିଶ୍ର | ୧୯୦ |
| ଜୀବନ ଏକ ଅମଡ଼ା ବାଟ | ପ୍ରଶାନ୍ତ କୁମାର ଦାଶ | ୧୯୨ |
| ଶତାବ୍ଦୀର ସବୁଠାରୁ ବଡ ବିପଦ ହେଉଛି 'ଜଳବାୟୁ ପରିବର୍ତ୍ତନ' | ଅସିତ ମହାନ୍ତି | ୧୯୪ |
| ମାୟା ସଂସାର | ଅନିରୁଦ୍ଧ ରଣା | ୧୯୯ |
| ଝିଅଟେ ଅଲୋଡା ନୁହେଁ | ହରେରାମ ପଣ୍ଡା | ୨୦୧ |
| ସୁପୁରୁଷ | ଅମୃତନାରାୟଣ ଶତପଥୀ | ୨୦୩ |
| ଭାବ | କୀର୍ତ୍ତି ଦେବୀ | ୨୦୫ |
| କେଉଁ ଲେଖନୀରେ ସୃଷ୍ଟି | ରଶ୍ମିତା ନାୟକ | ୨୦୭ |
| ବୃକ୍ଷ | ସରସ୍ୱତୀ ମିଶ୍ର | ୨୦୯ |
| ପଦ୍ମଜ ପାଳଙ୍କ ଦୁର୍ଗ ପତନର ବେଳ ଉପନ୍ୟାସର ଚରିତ୍ର ଚିତ୍ରଣ | ମୋନାଲିସା ପାଣିଗ୍ରାହୀ | ୨୧୧ |
| ଆରେ ଆ ମୋର କାଳିଆ ସୁନା | ସନ୍ତୋଷ କୁମାର ବେହେରା | ୨୧୯ |
| ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ | ବାସନ୍ତୀ ଲତା ଜେନା | ୨୨୧ |
| ନୀପ ତରୁ ମୂଳିଆ | ଡ. ଅଭିମନ୍ୟୁ କାନୁନଗୋ | ୨୨୪ |
| ଶୃଙ୍ଖଳିତ ଜୀବନର ରହସ୍ୟ | ମୀରା ପୂରବୀ ପାଣିଗ୍ରାହୀ | ୨୨୭ |
| ଓଡ଼ିଆର ପଖାଳ | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୨୩୦ |
| ଏକାନ୍ତ ସତ୍ୟ | ଡକ୍ଟର ଜ୍ୟୋତ୍ସ୍ନାରାଣୀ କର | ୨୩୨ |
| ନିର୍ମାଲ୍ୟ | ପ୍ରସନ୍ନ କୁମାର ମେହେର | ୨୩୪ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୨୩୬ |
| ବ୍ୟାଧି | ଅପରାଜିତା ମହାରଣା | ୨୪୦ |
| ହିସାବି ମଣିଷ | ଜୟ କୁମାର ମିଶ୍ର | ୨୪୩ |
| ଶୈଶବ ସ୍ୱର | ଅଜୟ କୁମାର ନନ୍ଦୀ | ୨୪୫ |
| ଚିଲିକା | ବିଶ୍ୱବିଜୟୀ ଦାଶ | ୨୪୭ |

ISSN NO.
2582-208X


| | | |
|---|---|---|
| ଜୀବନ ଯାତ୍ରା | ପ୍ରତିଭା ଦାସ | ୨୪୯ |
| ଗୋଲାପି ସଞ୍ଜରେ | ନିରଞ୍ଜନ ସାହୁ | ୨୫୧ |
| ରୋଷ ଓ ରାସର ରାଜଧାନୀ: ରୋସ୍ ଦ୍ୱୀପ | ପ୍ରିୟବ୍ରତ ପାତ୍ର | ୨୫୩ |
| ଜୀବନ (କ-ଅନୁପ୍ରାସ ) | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୫୯ |
| ନିଖୋଜ ସ୍ୱର | ଡ. ଜ୍ଞାନେଶ୍ୱର ମିଶ୍ର | ୨୬୨ |
| ଜ୍ଞାନ ପ୍ରଦୀପ | ଦେବାର୍ଚ୍ଚନ ମେହେର | ୨୬୪ |
| ଗୋଦାବରୀଶ ମିଶ୍ରଙ୍କ ନାଟ୍ୟ ଜଗତ | ଲିକୁ ବେହେରା | ୨୬୬ |
| ଆସିବ ସତେ କି ପ୍ରିୟା | ପରେଶ ଚନ୍ଦ୍ର ପଟ୍ଟନାୟକ | ୨୭୨ |
| ଶ୍ରୀରାମ ନବମୀ | ସେବାକାନ୍ତ ନନ୍ଦ | ୨୭୩ |
| ହୋଲି | ସ୍ୱାଗତିକା ନାଏକ | ୨୭୫ |
| ସ୍ମୃତିର ଅନ୍ୱେଷଣରେ | ଅଶୋକ କୁମାର ପଧାନ | ୨୭୬ |
| ପୃଥ୍ୱୀ ଓ ଆକାଶ | ଦେବଦତ୍ତ ଜେନା | ୨୭୮ |
| ଆସନ୍ତୁ ଜାଣିବା ସଫଳ ଜୀବନର ୫ଟି ସୂତ୍ର ବିଷୟରେ | ନରେନ୍ଦ୍ର ପ୍ରସାଦ ବେହେରା | ୨୮୦ |
| ନିସଙ୍ଗତା ଭାବନାର କ୍ଷଣିକ ଦଂଶନ | ବିରଞ୍ଚି ନାରାୟଣ ମିଶ୍ର | ୨୮୨ |
| ପ୍ରେମ | ଦୀପକ କୁମାର ନାୟକ | ୨୮୩ |
| ଶିବ ପଂଚାକ୍ଷରି ସ୍ତୋତ୍ରମ୍ | ଅଭିଳାଷ ବାରିକ୍ | ୨୮୪ |
| କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବୀଣାପାଣି ମହାନ୍ତିଙ୍କ- "ପାଟଦେଇ ଗଳ୍ପ ସଂକଳନ - ଭାଷା, ଶୈଳୀ ଓ ଚରିତ୍ର ଚିତ୍ରଣ" | ସାହିଲ କୁମାର ନାୟକ | ୨୮୬ |

ISSN NO.
2582-208X


| | | |
|---|---|---|
| ବ୍ରହ୍ମହତ୍ୟା | ବିନୟାନନ୍ଦ ବସ୍ତ୍ରସ୍ୟ | ୩୦୦ |
| ବନ୍ଧୁତା ଆଉ ତମେ | ବର୍ଷାରାଣୀ ମହାମଲ୍ଲୀକ | ୩୦୩ |
| ସାହେବୀ ଢାଞ୍ଚା | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୩୦୫ |
| ତମେ | ଯଜ୍ଞଦତ୍ତ ସାମନ୍ତରାୟ | ୩୦୮ |
| ବିଶ୍ୱ ବ୍ରହ୍ମାଣ୍ଡରେ ମଣିଷର ପରିଚୟ | ଡକ୍ଟର କମଳାକାନ୍ତ ଜେନା | ୩୧୦ |
| ଜଳିଥିଲ ହୋଇ ତୁମେ ଦୀପର ସଳିତା | ରାଜକିଶୋର ସ୍ୱାଇଁ | ୩୧୪ |
| ଆମ ଓଡ଼ିଆ ପଖାଳ | କାଳିପ୍ରସାଦ ମହାପାତ୍ର | ୩୧୬ |
| କହି ପାରିଲିନି କେବେ | ସୁଧୀର ମେହେର | ୩୧୮ |
| ବିକ୍ଷିପ୍ତ ଏ ପ୍ରତିଧ୍ୱନି | ଲିଜା ପଣ୍ଡା | ୩୨୦ |
| ଗରିବ ଲୋକ | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୩ |
| ବସନ୍ତରେ ମୋ ପ୍ରିୟା | ଅନାଦି ଚରଣ ବେହେରା | ୩୨୬ |
| ଉତ୍କଳ ଦିବସ | ସ୍ୱାଗତିକା ସାହୁ | ୩୨୮ |
| ରାଧିକେ | ଦେବାଶିଷ ମୁଦୁଲି | ୩୩୧ |
| ଅଘରିଆ ଆଧୁନିକ ସାହିତ୍ୟ ସଂପର୍କରେ | ସନ୍ତୋଷ କୁମାର ରାଉତ | ୩୩୩ |
| ସଖୀ | ପ୍ରଜ୍ଞା ପ୍ରତିଭା ନାଥ | ୩୧୦ |
| ରୂପବତୀ ଛବି | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୩୪୧ |
| ନୀରବତା | ପୂଜାରାଣୀ ବେହେରା | ୩୪୩ |
| ସହନଶୀଳତାର ଫଳ | ସୀତାକାନ୍ତ ତୁମୁନିଆଁ | ୩୪୫ |
| ରାମ ରସାୟନ | ସୁହଂସ ଭୋଇ | ୩୫୧ |
| କାମନାର ଅବସାଦ | ଦେବସ୍ମିତା ମହାନ୍ତି | ୩୫୩ |
| ବର୍ଷାର ଟୋପା | ବର୍ଷାରାଣୀ ଲୁହ | ୩୫୫ |
| ଇନ୍ଦିରା ଏକାଦଶୀ | ଡ. ଅର୍ଜୁନ ଚରଣ ବାରିକ୍ | ୩୫୬ |

ISSN NO.
2582-208X


| | | |
|---|---|---|
| ହୋଲିରେ ଆସିଛି ରଙ୍ଗର ପସରା | ଦୀନବନ୍ଧୁ ବେଜ | ୩୫୮ |
| ହୋଲି | ପ୍ରଶାନ୍ତ କୁମାର ନାଥ | ୩୬୦ |
| ସ୍ୱଭାବ କବି ଗଙ୍ଗାଧର ମେହେର | ଅମରନାଥ ବାରିକ | ୩୬୨ |
| ମାଆ ବିରଜା | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୩୬୪ |
| ରାଜନୀତି ସମାଚାର | ଚିତରଂଜନ ବେହେରା | ୩୬୭ |
| ହୋଲି ପର୍ବ | ପୂର୍ଣ୍ଣଚନ୍ଦ୍ର ରଣା | ୩୬୯ |
| ଶ୍ରୀ ରାମ ପଞ୍ଚ ରତ୍ନ ସ୍ତୋତ୍ରମ୍ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୭୧ |
| ସେଇ ଛୋଟ ଆକଟ | ଦାସ କମଳ କୁମାର | ୩୭୨ |
| ଶିଉଳା - ପାଠଶାଳା | ଡକ୍ଟର ସତ୍ୟବ୍ରତ ଦାସ | ୩୭୫ |
| ମୁଁ ଅତ୍ୟାଧୁନିକ କବି ଟିଏ | ଗୁପ୍ତେଶ୍ୱର ଚାନ୍ଦ୍ | ୩୭୭ |
| ଖଦ୍ୟୋତ | ଝରଣା ବାରିକ | ୩୮୦ |
| ବାଘ ଶିକାର | ଅଶୋକ କୁମାର ସେଠୀ | ୩୮୨ |
| ଯୌତୁକ ବ୍ୟାଧି | ସ୍ୱର୍ଣ୍ଣଲତା ପତି | ୩୮୬ |
| ଶବ୍ଦ ର ନୀରବ ଗୁଞ୍ଜରଣ | ବିଶ୍ୱନାଥ କର | ୩୮୮ |
| ପ୍ରେମ | ଦେବେନ୍ଦ୍ର ସାହୁ | ୩୯୦ |
| ପ୍ରକୃତିର ପ୍ରତିଶୋଧ | ଲାଲମୋହନ ମାଝୀ | ୩୯୨ |
| ଆଚରଣ | ଅଭୟ କୁଣ୍ଡ | ୩୯୪ |
| ମଣିଷ ହାଟ | ଆକୁଳାନନ୍ଦ ପୃଷ୍ଟି | ୩୯୬ |
| ମୁଁ କିଏ ତୁମର | ଅଜୟ କୁମାର ରାଉତ | ୩୯୮ |
| କାହାଣୀ କହୁଛି ଚିଲିକା ରାଣୀ | ଜନ୍ମଜୟ ନାୟକ | ୪୦୧ |
| ଶ୍ରୀମନ୍ଦିରର ବାଇଶି ପାହାଚ | ଅଧ୍ୟାପକ ଅବିନାଶ ବାରିକ୍ | ୪୦୩ |
| ନିର୍ବାଚନ ଋତୁ | ବିକାଶ କୁମାର ହୋତା | ୪୦୮ |
| ପଙ୍ଗତ | ସୂର୍ଯ୍ୟ ନାରାୟଣ ସାହୁ | ୪୧୦ |

ISSN NO.
2582-208X


| | | |
|---|---|---|
| ମହା ଶିବ ରାତ୍ରି | ଅଳକା ବାରିକ୍ | ୪୧୨ |
| ଶ୍ରୀମଦ୍ ଭଗବଦ୍ ଗୀତା | ଜୟନ୍ତୀ ଦେବୀ | ୪୧୩ |
| ସୂର୍ଯ୍ୟ ଅଷ୍ଟୋତ୍ତର ଶତ ନାମ ସ୍ତୋତ୍ରମ୍ | ଦେବଯାନୀ ବାରିକ୍ | ୪୧୫ |
| ଭାରି ଶସ୍ତା | ଖଗେଶ୍ୱର ବାଗ | ୪୧୮ |
| କର୍ତ୍ତବ୍ୟ କର୍ମ ଆଗରେ ସୁକୁମାରୀ ପ୍ରେମ ଅଧୁରା | ଅନନ୍ତ କୁମାର | ୪୧୯ |
| ଓଡ଼ିଆର ପଖାଳ | ସୁହାସିନି ବାରିକ୍ | ୪୨୩ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୪୨୪ |
| ପାଖରେ ବସି ରାଧାଙ୍କୁ ପଚାରନ୍ତି କୃଷ୍ଣ | ଦେବେନ୍ଦ୍ର ସାହୁ | ୪୨୬ |
| ଦୂର ପାହାଡ଼ ସୁନ୍ଦର | ମାଳତୀ ଦେବୀ | ୪୨୮ |
| ଗୀତା ମାହାତ୍ମ୍ୟ | ସମ୍ପଦା ଦେବୀ | ୪୨୯ |
| ଲିଭେଇ ଦେଲୁ | ଦୁଷ୍ମନ୍ତ ବେହେରା | ୪୩୧ |
| ନିଷେଧାଗ୍ୟାଚଳ | ଏମ୍ ବିଜୟ କୁମାର | ୪୩୪ |
| ପାଖକୁ ଆସନା ଥରେ | ସୌଭାଗ୍ୟଲକ୍ଷ୍ମୀ ସାହୁ | ୪୩୬ |
| ଯଶୋଦାଙ୍କର ବିଶ୍ୱରୂପ ଦର୍ଶନ | ନରେନ୍ଦ୍ର ପ୍ରସାଦ ବେହେରା | ୪୩୭ |
| ବିଲକ୍ଷଣ | ମନୋରଞ୍ଜନ ସୁରୁଜାଲ | ୪୩୯ |
| ଓଡ଼ିଆର ପଖାଳ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୪୧ |
| **ସ୍ୱାସ୍ଥ୍ୟ ବିଭାଗ** | | |
| କଳା ଟମାଟ ଓ ଆମ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୪୪୩ |
| **ଆମ ହାଣ୍ଡିଶାଳ** | | |
| କଙ୍କଡା ତରକାରୀ | ଅରବିନ୍ଦ ମିଶ୍ର | ୪୪୭ |

ISSN NO.
2582-208X

# ଆଞ୍ଚଳିକ


| | | |
|---|---|---|
| ରାଏତ୍ ପହଁରୁଛେ | ଗଜାନନ ମିଶ୍ର | ୪୫୦ |
| କୁ ବ୍ ଜା | ସତ୍ୟନାରାୟଣ ମିଶ୍ର | ୪୫୧ |
| ଝରନ୍ | କେଶବ ମେହେର | ୪୫୬ |


# ଶିଶୁ ବିଭାଗ


| | | |
|---|---|---|
| ସାତ ପଣିକିଆ | ବିକାଶ କୁମାର ହୋତା | ୪୬୦ |
| ସେନେହ ରଂଗ | ରଶ୍ମିତା ସେଠୀ | ୪୬୨ |
| କଥା ମାନିଲା କାବ୍ୟା | ଦେବଦତ୍ତା ଦେବୀ | ୪୬୩ |
| ମୁନାର ସପଥ | ବାଙ୍କାବିହାରୀ ମହାକୁର | ୪୬୬ |
| ଗଛ ଆମର ବନ୍ଧୁ | ରାମ ଚନ୍ଦ୍ର ପ୍ରଧାନ | ୪୬୮ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୭୦ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୭୧ |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୭୪ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୭୫ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୩-ବିସ୍ମୟକର ଜୀବଗଣ

ନିକୋବରୀ ମାକାକ ପାଣ୍ଡାନାସ ଫଳ ଖାଏ । ଏମାନେ ସେଟଲରଙ୍କ ବଗିଚାରୁ ଅମୃତଭଣ୍ଡା, ନଡିଆ ଆଦି ଫଳ ତୋଳିନିଅନ୍ତି । ନିକୋବରୀ ମାକାକମାନେ ୯ କିମି ମଗରନାଳା କ୍ୟାମ୍ପ, ୨୭ କିମି ଶାସ୍ତ୍ରୀ ନଗର, ୩୬ କିମି ଗଲାଥିଆ ନଦୀ ଅଞ୍ଚଳରେ ଦଳବାନ୍ଧି ରହୁଛନ୍ତି । ଇଷ୍ଟ-ୱେଷ୍ଟ ରୋଡରେ ମଧ୍ୟ କିଛି ମାଙ୍କଡ ଅଛନ୍ତି । ସେମାନଙ୍କୁ ବଡ ଜଙ୍ଗଲ ଭଲଲାଗେ । କିନ୍ତୁ ସମୁଦ୍ରକୂଳରେ ମଧ୍ୟ ବୁଲନ୍ତି । ସେମାନେ କୁକୁରକୁ ଦଳବଦ୍ଧ ହୋଇ ଆକ୍ରମଣ କରନ୍ତି । କୁକୁରମାନେ କେମିତି ମାଙ୍କଡକୁ ଗଳାରୁ ଧରିନେଇ ପାରିବେ ତାହା ଆର୍ମି ସେଟଲରମାନେ କୁକୁରକୁ ଶିଖାନ୍ତି । କିନ୍ତୁ ସେଇଟା ବେଶି ଫଳପ୍ରଦ ହୁଏନା । ମାଙ୍କଡମାନେ କୁକୁରକୁ ଚାପୁଡାମାରି, କୁକୁରର ବେକ ପଟିକୁ ଟାଣିଟାଣି ଫୋପାଡି ଦିଅନ୍ତି ।

"ମାଙ୍କଡ ସତରେ ମାଛ ମଧ୍ୟ ଖାଏ ଆଉ ପାଣିରେ ବୁଡି ଗେଣ୍ଡା ଶାମୁକା ଖୋଜେ ।"- କଥାଟା ୧୬ କିମି କ୍ୟାମ୍ପ ଅଫିସର ସତୀଶ କୁମାର ଦିନେ ଦୁଇଟା ବାକ୍ୟକୁ ରହି ରହି କହିଥିଲେ ।

ISSN NO.
2582-208X

"ଏ ମାଙ୍କଡ କଙ୍କଡା ଖାଏ ? କ'ଣ କହୁଛନ୍ତି, ମାଙ୍କଡ ପୁଣି ପାଣିରେ ବୁଡେ ?"-ଅସୀମ ଆଶ୍ଚର୍ଯ୍ୟ ହୋଇ କହିଲେ । ଯଦିଓ ସେ ପଢିଥିଲେ କିନ୍ତୁ କଥାଟା ମନକୁ ମନ ବିସ୍ମୟ ନେଇଆସୁଥିଲା ।

"ସେମାନେ ପାଣିରେ ବୁଡି ଶାମୁକା ଗେଣ୍ଡା ଇତ୍ୟାଦି ଖୋଜ ନେଇ ଖାଆନ୍ତି ପାଣି ବାହାରେ ବସି ଖାଆନ୍ତି । ମାକାକମାନେ ସର୍ବଭୁକ । ଏମାନେ ଫଳ, ଫୁଲ, ନରମ ପତ୍ର, ପୋକ ଜୋକ, ବିଟଲସ, ବୁଢୀଆଣୀ, ପ୍ରଜାପତି, ଝିଣ୍ଟିକା ଇତ୍ୟାଦି ମଧ୍ୟ ଖାଇଦେଇଥାନ୍ତି ।"-ସତୀଶ କୁମାର ଆଉଥରେ ଭଲଭାବରେ କହିଲେ ।

ଏମିତି ମାଙ୍କଡ କଙ୍କଡା ଖାଇବା ଶୁଣିଲାପାରେ ସେମାନଙ୍କ ଉପରେ ଜାଣିବା ପାଇଁ ଅସୀମଙ୍କ ଇଚ୍ଛା ବଢିଯାଇଥିଲା । ତା'ପରେ ଅନେକ ଲୋକଙ୍କୁ ମାଙ୍କଡ କଥା ପଚାରିଥିଲେ। ହାଲଦାରବାବୁ ମଗରନାଳାର କ୍ୟାମ୍ପର କ୍ୟାମ୍ପ ଅଫିସର ମଧ୍ୟ ସେଇଆ କହିଲେ । ତାଙ୍କର ଅନ୍ୟ ଲୋକମାନଙ୍କୁ ପଚାରିବା ପରେ ଏକ କଙ୍କଡା ଖାଇବା ଘଟଣା ଅସୀମ ଭଲକରି ଜାଣିପାରିଲେ । ଖବର ଏବେ ପକ୍କା । ମଗରନାଳା କ୍ୟାମ୍ପ ଆଉ ୧୬ କିମି କ୍ୟାମ୍ପ ମଧ୍ୟରେ ଅନେକ ମାଙ୍କଡ ରହୁଛନ୍ତି । ଏ କ୍ୟାମ୍ପମାନ ସମୁଦ୍ରକୂଳରେ ।

ଅସୀମ ଏହା ଭିତରେ ସମୁଦ୍ରକୂଳରେ ସାଇକେଲ ପାଟ୍ରୋଲିଙ୍ଗ କନସେପ୍ଟ ଆରମ୍ଭ କରିଥିଲେ। ପ୍ରତି କ୍ୟାମ୍ପରେ ଦୁଇରୁ-ଚାରିଟି ସାଇକେଲ ଦିଆଯାଉଥିଲା ଆଉ ସାଇକେଲ ଧରି ଫରେଷ୍ଟର ଲୋକମାନେ ଗସ୍ତରେ ବାହାରି ଯାଉଥିଲେ । ସମୁଦ୍ରକୂଳିଆ ରାସ୍ତାରେ ବେଶି ଉଠାଣି ଗଡାଣି ନଥିଲା । ତେଣୁ ପ୍ରାୟ ୨୭ କିମି ଯାଏ ଗସ୍ତ ଲଗାଯାଇପାରେ । ବେଶି ଅସୁବିଧା ହେବନାହିଁ । ଏମିତି ଗସ୍ତରେ କିଛି ଖର୍ଚ୍ଚ ପଡୁନଥିଲା, ଗୋଟାଏ ଯାଗାରୁ ଆଉ ଏକ ଜାଗା ଶୀଘ୍ର ଯାଇ ହେଉଥିଲା ଆଉ ପ୍ରାୟ ଶବ୍ଦ ନକରି କେଉଁ ଅଞ୍ଚଳରେ ପହଞ୍ଚି ହେଉଥିଲା । ମଝିରେ ମଝିରେ ଅସୀମ ନିଜେ ଦଳବଳ ସହ ସାଇକେଲ ପାଟ୍ରୋଲିଙ୍ଗରେ ବାହାରି ପଡନ୍ତି ।

ISSN NO.
2582-208X

ସେଦିନ ସେମାନଙ୍କ ପାଟ୍ରୋଲିଙ୍ଗ ରାସ୍ତା ସମୁଦ୍ରକୂଳ ହୋଇ ଚାଲିଯାଇଥିଲା । କେଉଁଠି ସମୁଦ୍ର ଦିଶୁଥିଲା ତ କେଉଁଠି ଗଛମାନ କୂଳରେ ବେଶ ଘଞ୍ଚ ହୋଇଯାଉଥିଲା । ଆଉ ସମୁଦ୍ରକୂଳିଆ କେଓଡା ଗଛମାନଙ୍କରେ ଥିଲା ଅନେକ ସବୁଜ ଆଉ ପାଚି ଆସୁଥିବା ଫଳ । ସେମାନେ ଜଙ୍ଗଲର ଗଛ ପତ୍ର ଦେଖି ଏମିତି ଆଗକୁ ଯାଉଥିଲେ । ରାସ୍ତାଟା ବେଳେ ବେଳେ ସାମାନ୍ୟ ବଙ୍କେଇ ଯାଉଥିଲା । ଏ ସବୁ ରାସ୍ତାରେ ଗାଡି ମଟର ବେଶି ଚାଲେନା । ଲୋକ ସଂଖ୍ୟା କମ ଏଇଟା ମୁଖ୍ୟ କାରଣ ।

"ଦଳେ ମାଙ୍କଡ ।"- ଏତିକି କହି ସତୀଶ କୁମାର ଅଟକିଗଲେ ।

ଡାହାଣ ପଟକୁ ଥିଲା ସମୁଦ୍ର ଆଉ ରାସ୍ତା । ସମୁଦ୍ର ଭିତରେ ପ୍ରଭେଦ ଥିଲା କେତେ ଫୁଟର। ସେଥିରେ ଥିଲା ଅନେକ ଅନେକ ଗଛ । ଆଉ ମଝି ରାସ୍ତାକୁ ଦଳେ ନିକୋବରୀ ମାକାକ ଓହ୍ଲେଇ ଆସିଥିଲେ । ଏଗୁଡିକ ହନୁ ମାଙ୍କଡ ଭଳି ବଡ ଆକାରର ନୁହନ୍ତି । ବେଶି ପାତି ମାଙ୍କଡ ଆକାରର, କିନ୍ତୁ ମୁହଁ କଳା ଆଉ ଲାଙ୍ଗୁଡ ପାତିଠାରୁ ସାମାନ୍ୟ ବଡ, ପ୍ରାୟ କୁକୁର ଲାଙ୍ଗୁଡ ଭଳି ଲମ୍ବା ହେବ, କିନ୍ତୁ ପୁରା ମୋଡି ହୋଇଯାଇନି । ଲୋକଙ୍କୁ ଦେଖି କେତେଟା ମାଙ୍କଡ ମଣିଷ ଭଳି ଠିଆ ହୋଇ ଅନାଇଲେ । ମଣିଷ ପାଖେଇ ଆସିଲେ ମାଙ୍କଡମାନେ ରାସ୍ତା ଛାଡିଦେବା କଥା । କିଛି ବଡମାଙ୍କଡ ଦୂରକୁ ଚାଲିଗଲେ କିନ୍ତୁ ଛୁଆମାନେ ଖୋଲାରେ ଖେଳ ଛାଡି ଗଛ ଉପରକୁ ଯିବାକୁ ପସନ୍ଦ କରୁନଥିଲେ। ସେମାନଙ୍କୁ ବଡ ମାଙ୍କଡମାନେ ବୋଧହୁଏ କିଛି କହୁଥିଲେ, ଛୁଆମାନେ ବଡଙ୍କୁ ଅନାଉଥିଲେ, କିନ୍ତୁ ରାସ୍ତା ଛାଡୁନଥିଲେ । ଅସୀମଙ୍କ ଦଳ ମଧ୍ୟ ମାଙ୍କଡମାନଙ୍କୁ ଘଉଡାଇବାକୁ ଚାହୁଁନଥିଲେ । ତେଣୁ ସେମାନେ ଅଟକିଗଲେ ।

ସେପଟେ ମାଙ୍କମାନେ ମଧ୍ୟ ମଣିଷ ଅଟକି ଯାଇଥିବାରୁ ପୁଣି ରାସ୍ତା ଉପରକୁ ଫେରି ଆସିଲେ । ବଡ ମାଙ୍କଡ ବୋଧେ ସାତ ଆଠଟା ହେବେ ଆଉ ଅନ୍ୟ ୧୦-୧୨ଟା ଛୁଆମାଙ୍କଡ । ମାକୁ କୁଣ୍ଢାଇ ଧରି ଲାଉ ହେଉଥିବା ଛୁଆଟିଏ ଅବଶ୍ୟ ନଥିଲା । ସେମାନେ

ISSN NO.
2582-208X

ଚାଲିଲାବେଳେ ସେମାନଙ୍କ ଲାଙ୍ଗୁଡ ମାଟି ଛୁଉଁଥିଲା କିନ୍ତୁ ହନୁ ଭଳି ଏତେ ଘୁଷୁରୁନଥିଲା । ହନୁମାନେ ସାଧାରଣତଃ ବେଶି ଲମ୍ଫ ଦେଇଥାନ୍ତି, କିନ୍ତୁ ପାତିମାନେ ବେଶି ଚାଲନ୍ତି । ଏମାନେ ମଧ୍ୟ ବେଶି ଚାଲୁଥିଲେ । କିଛି ମାଙ୍କଡ କୌତୁହଳୀ ହୋଇ ଏମାନଙ୍କ ଆଡକୁ ଆସିଯାଉଥିଲେ । କିନ୍ତୁ ଦୂରତା ବଜାୟ ରଖି ଦେଖି ଫେରିଯାଉଥିଲେ ।

"ଗୋଟାଏ ମାଙ୍କଡକୁ ଏକ ଘରକିଆ କରିଦେଇଛନ୍ତି ।"- ସତୀଶ କୁମାର ହାତ ଦେଖାଇ କହିଲେ ।

ଦେଖିଲା ବେଳକୁ ଗୋଟାଏ ମାଙ୍କଡ ଦଳଠାରୁ ଶହେ ହାତ ଦୂରରେ ଅଛି । ସେ ଦଳ ପାଖକୁ ଆସିବାକୁ ଚେଷ୍ଟା କରୁନଥିଲା କି ଦଳର କିଏ ତା' ପାଖକୁ ଯିବାକୁ ଆଗ୍ରହ ଦେଖାଉନଥିଲେ । ଅସୀମ ଭାବିଲେ ସେଟା ବୋଧେ ଗେଧ ହୋଇଥିବ । ଗେଧକୁ ଡରି କେଉଁ ମାଙ୍କଡ ପାଖ ମାଡୁନଥିବେ । ଗୋଟାଏ ମାଙ୍କଡ ପୁରା ମଣିଷ ଭଳିଆ ଠିଆ ହୋଇ ଏମାନଙ୍କୁ ଅନାଇଲା । ଏ ମାଙ୍କଡଙ୍କ ରଙ୍ଗ ପାଉଁଶିଆ କଳା ଆଉ ଛାତି ସାମାନ୍ୟ ପାଉଁଶିଆ ଧଳା । ସେମାନେ କିଛି ସମୟ ଏମିତି ରାସ୍ତାରେ ବୁଲିଲେ । ମଝିରେ ମଝିରେ ଛୋଟ ଛୋଟ ଦଳ କରି ଏମାନଙ୍କୁ ଅନାଉଥିଲେ । ପୁଣି ସମସ୍ତେ ଏକାଠି ହୋଇଯାଉଥିଲେ । କିନ୍ତୁ ପୁରା ରାସ୍ତା ଛାଡୁନଥିଲେ । ଏମିତି ଦଶ ପନ୍ଦର ମିନିଟ ଗଲାପରେ ଗୋଟାଏ ବଡ ମାଙ୍କଡ ରାସ୍ତାକଡକୁ ଆସିଗଲା । ତା'ର ମୋଟା ଶରୀର, ହାତ ଗୋଡ ବଳିଷ୍ଠ ଲାଗୁଥିଲା, ଓ ତା' ଲାଙ୍ଗୁଡଟା ଉପରେ ବେକ ଆଡକୁ ଲମ୍ବିଯାଇ ବେକଠୁ କେଇ ଆଙ୍ଗୁଳି ଦୂରରେ ରହିଲା । ବୋଧହୁଏ ଏମାନଙ୍କ ଦଳପତି ଆଉ ଦୂରରେ ଏକୁଟିଆ ଥିବା ମାଙ୍କଡଟି ଆଉ ଏକ ଅଣ୍ଡିରା ମାଙ୍କଡ । ଏମାନେ ଦଳରେ ପୁରାଉନାହାନ୍ତି । ବଡ ମାଙ୍କଡଟି ଧିରେ ଜଙ୍ଗଲ ଭିତରକୁ ଚାଲିଗଲା ଆଉ ତା' ପଛେ ପଛେ ଅନ୍ୟ ମାଙ୍କଡମାନେ ମଧ୍ୟ ଚାଲିଲେ ।

ସେପଟେ ଜଙ୍ଗଲ ଧାରରେ ଲାଲ ରଙ୍ଗର କ୍ଲେରୋଡେନଡ୍ରନ ଫୁଲ ଫୁଟିଥିଲା । ବଡ ବୁଦାଟିରେ ଗୋଟାଏ ଡାଳ । ସେଥିରେ ଥିଲା ବେଶ ବଡ ବଡ ଆଉ ଚଉଡା ପତ୍ରମାନ ।

ISSN NO.
2582-208X

ସବା ଉପରେ ଲାଗିଥିଲା ଲାଲ ଫୁଲର ଗୋଛା । ଯେମିତିକି ଗଛର ଉପରେ କିଏ ଲାଲ ରଙ୍ଗର ରୋଷଣୀ ଆଲୁଅ କିଏ ରଖିଦେଇଛି । ଏ ଫୁଲ ଜଙ୍ଗଲରେ ସୁନ୍ଦର ଲାଗେ । ବାସ ରହିତ ବୋଧେ, କିନ୍ତୁ ଗାଢ ଲାଲ ରଙ୍ଗ ଆଖିକୁ ଆକର୍ଷଣ କରିନିଏ । ମାଙ୍କଡଗୁଡିକ ଏ ଭିତରେ ଏବ ବଡ ଗଛକୁ ଚଢିଗଲେ ଆଉ ଡାଳରେ ସେମାନେ ନିଜର ଖେଳ କୌତୁକ ଆରମ୍ଭ କରିନେଲେ । ଲାଗୁଥିଲା ଏ ମାଙ୍କଡମାନେ ଟିକିଏ ଲମ୍ବା ଚାଲିଲେ ବିଶ୍ରାମ ନିଅନ୍ତି । ସତୀଶ କୁମାର କହିବା ହିସାବରେ ଏମାନେ ବିଶ୍ରାମ କେଉଁଠି ବି ନେଇପାରନ୍ତି । ଏମାନଙ୍କ ବିଶ୍ରାମ ନେବା ଶୈଳୀ ହେଉଛି ଶୋଇଯିବା, ଏମିତି ବସି ରହିବା, ବା ତଳେ ଖାଲିରେ ଗଡିବା । ରାତିରେ ଅବଶ୍ୟ ଗଛ ଡାଳରେ ବିଶ୍ରାମ ନେଉଥାନ୍ତି ।

ଆଉ ଦିନେ ସେ ସତୀଶ କୁମାରଙ୍କ ଦଳ ସହ ବୁଲିଗଲେ । ସେ ଦିନ କେତେଟା ମାଙ୍କଡ ସମୁଦ୍ରକୂଳରେ ଥିଲେ । ସେଇଟା ସେମାନେ ବାଇନୋକୁଲାରରୁ ଦୂରରୁ ଦେଖିଲେ । ପାଖକୁ ଯାଇଥିଲେ ମାଙ୍କଡମାନେ ପଳାଇଥାନ୍ତେ । ଆକାଶ ବେଶ ସଫା ଥିଲା । ଜାଗାଟା ପଥୁରିଆ। କୋରାଲ ବେଡ, ଖଣ୍ଡେ ଖଣ୍ଡେ ବଡ କୋରାଲ ଭାଙ୍ଗି ଆସି ବଡ ପଥର ଭଳିଆ କୂଳରେ ପଡିଛି । ଅନ୍ୟଥା ପଥର ପାହାଡ ସବୁଆଡେ । ମଝିରେ ମଝିରେ କୂଳରେ ସାମାନ୍ୟ ବାଲି କେଉଁଠି କେଉଁଠି ଅଛି । ଡାହାଣ ଆଡକୁ ଏକ ବଡ ପଥର ଥିଲା । ଦଳର ଆଉ କିଛି ମାଙ୍କଡ ପାଣି ପାଖେ ବସି ସମୁଦ୍ରକୁ ଅନାଉଥିଲେ । ବଡ ପଥରପୂର୍ଣ୍ଣ କୂଳର ପଛଆଡକୁ ପାହାଡ ଗଛରେ ଭରିଯାଇଥିଲା । ଏମିତିଆ ପଥରରେ ମଣିଷକୁ ସିନା ଚଢିବା କଷ୍ଟ ମାଙ୍କଡ ପାଇଁ କିଛି ଅସୁବିଧା ନାହିଁ । ଦଳର ଛୁଆ ମାଙ୍କଡମାନେ ସବୁ ଜାଗାର ଛୋଟ ମାଙ୍କଡମାନଙ୍କ ଭଳି ଚଳଚଞ୍ଚଳ ଥିଲେ । ସେମାନେ ନିଜ ନିଜ ଭିତରେ ଖେଳୁଥିଲେ । ଜଣେ ଜଣକୁ ଟାଣିବା ଓଟାରିବା, କିଛି ଖସିଯିବା, ସାମାନ୍ୟ ଦୌଡିବା ଏମିତି ଛୋଟ ଖେଳମାନ । ସେମାନେ ସ୍ଥିର ହୋଇ ବସିବାକୁ ନାରାଜ ।

କେତେଟା ବଡ ମାଙ୍କଡ ପଥର ଉପରକୁ ଆସିଲେ । ସେଠି ବାଲିଚଡା ବା ଛୋଟ ପଥର ନାହିଁ । ସିଧା ପାଣି ଆସି ପଥରରେ ମାଡ ହୁଏ । ଜୁଆର ଉଠିଲେ ପାଣି ରହେ । ସେମିତି

ISSN NO.
2582-208X

ଜାଗାରେ ଶାମୁକାସବୁ ପଥରରେ ଲାଗିଥାନ୍ତି । ସେ ଜାଗାଟାରେ କିଛି ବଡ ବଡ ପଥରଖଣ୍ଡ ଟିକେ ବାଙ୍କିଯାଇଥିଲା । ତେଣୁ ପାଣି ମାଡଟା ସିଧା ହୁଏନା । ସେମିତି ଜାଗା ଶାମୁକାକୁ ପଥରରେ ଲାଗିବା ପାଇଁ ସହାୟକ ହୁଏ । ଗୋଟାଏ ମାଙ୍କଡ ଏକଦମ କୂଳରେ ଥିବା ପଥର ଉପରକୁ ଆସି ନଇଁ ଅନାଇଲା । ତା'ର ହାତ ଗୋଟାଏ ପଥରକୁ ଧରିଥିଲା । ତଳ ପଥରରେ ବଡ ଶାମୁକାଟାଏ ଲାଗିଅଛି । ସେ ଜାଗାରେ ଟିକେ ଟିକେ ପାଣି ମାଡ ହେଉଥିଲା । ପାଣିର ଛିଟିକା ମଝିରେ ମଝିରେ ମାଙ୍କଡ ଉପରେ ପଡୁଥିଲା । ତଥାପି ମାଙ୍କଡ ସେମିତି ଅନାଇ କିଛି ନିଶ୍ଚିତ କରୁଥିଲା ।

ତାପରେ ମାଙ୍କଡଟି ଦାନ୍ତରେ ଶାମୁକାକୁ ପଥରରୁ ଛଡାଇନେଲା । ଏ ମାଙ୍କଡମାନଙ୍କର ଆଗଦାନ୍ତ ଟିକେ ବଡ ଆଉ ଶକ୍ତ । ଶାମୁକା ଭାଙ୍ଗିଗଲା ଆଉ ସେ ମାଂସ ଲାଗିଥିବା ଶାମୁକା ଖଣ୍ଡରୁ ହାତରେ ମାଂସ ବାହାରକରି ଖାଇବାକୁ ଲାଗିଲା । ବଞ୍ଚୁଥିବା ଖୋଳପା ଖାଇସାରି ଫୋପାଡି ଦେଉଥିଲା । ଆଉ ଗୋଟାଏ ବଡ ଶାମୁକା ତଳକୁ ଥିଲା । ସେଠାରେ ଅନେକ ଶାମୁକା ଖୋଳ ଲାଗିଥିଲା କିନ୍ତୁ ସେଥିରେ କିଛି ଜିଅନ୍ତା ଶାମୁକା ନଥିଲା । ଉହିଙ୍କି ମଧ୍ୟ ସେଠି ତା' ମୁହଁ ପହଞ୍ଚିଲାନି । ତେଣୁ ସେ ହାତରେ ଖଣ୍ଡେ ପଥର ନେଲା ଆଉ ଶାମୁକାକୁ ବାଡେଇବାକୁ ଲାଗିଲା । ଫଳରେ ଉପର ଖୋଳ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲା ଆଉ ସେ ସେଠୁ ସେ ମାଂସ ସଂଗ୍ରହ କରି ଖାଇବାକୁ ଲାଗିଲା । ତା'କୁ ଦେଖାଦେଖି ଆଉ ଏକ ବଡ ମାଙ୍କଡ ଚାଲିଆସିଲା । ସେ ମଧ୍ୟ ସେଇଠି ଶାମୁକା ମାଂସ ସଂଗ୍ରହ କରି ଖାଇବାକୁ ଲାଗିଲା। ଏ ମାଙ୍କଡମାନେ ଅତି ସହଜରେ ଶାମୁକାର ଖୋଳ ଦାନ୍ତରେ ଭାଙ୍ଗିଦେଉଥିଲେ । ଗୋଟାଏ ମାଙ୍କଡ ପଥରଟିଏ ଉଠାଇ ଶାମୁକା, ଗେଣ୍ଡା ଖୋଜିବାକୁ ଲାଗିଲା । ଏକ ଛୋଟ ଶାମୁକା ପାଣିରେ ପଡିଥିଲା । ସେ ତା'କୁ ଦାନ୍ତରେ ଭାଙ୍ଗି ମାଂସ ଖାଇଲା ।

ବଡ ମାଙ୍କଡମାନଙ୍କ ଖାଇବା ଜାଗାରେ ଛୋଟ ମାଙ୍କଡମାନେ ପଶିପାରୁନଥିଲେ । ଏକ ଛୋଟ ମାଙ୍କଡ ପାଣି ଭିତରକୁ ଚାଲିଗଲା । ସେଠି ଟିକେ ଢେଉ ଥିଲା । ଏମିତି ଜାଗାରେ ଶାମୁକା ପ୍ରାୟ ନଥାନ୍ତି । ସେ ହାତ ପୁରାଇ ବାଲିକୁ ଘାଣ୍ଟିଲା । କିଛି ନାହିଁ । ସେ ଉପରକୁ

ISSN NO.
2582-208X

ଉଠି ଆସିଲା । ଟିକିଏ ଦୂରରେ ଏ ଭିତରେ ପାଣି ସାମାନ୍ୟ ଖସିଯିବାରୁ କଙ୍କଡାଟିଏ କେମିତି ବାଲିରେ ରହିଯାଇଥିଲା । ସେଇଠୁ ଚାରିହାତ ଦୂରରେ ପାଣିରେ ବଡ ପଥର । ତା' ପଛକୁ ଚାଲିଗଲେ କଙ୍କଡା ନିରାପଦ । ସାମାନ୍ୟ ନେଳିଆ କଳା ଦେଖାଯାଉଥିବା କଙ୍କଡାକୁ କିନ୍ତୁ ବଡ ଗେଧ ମାଙ୍କଡଟିଏ ଦେଖିନେଲା ଆଉ ଲମ୍ଫଦେଇ ତା' ଆଡକୁ ମାଡି ଆସିଲା । କଙ୍କଡାଟି ବୁଲି ପଳାଇବାକୁ ପ୍ରସ୍ତୁତ ହେବା ଭିତରେ ସେ କଙ୍କଡାକୁ ପଛରୁ ଧରିନେଲା ଆଉ ନିଜ ମୁହଁକୁ ବାଲିରେ ପ୍ରାୟ ଲଗାଇ ଏକ କାମୁଡାରେ କଙ୍କଡା ଶରୀରକୁ ଅଧଖଣ୍ଡ କରିଦେଲା । ମାଂସ ବାହାରି ଆସିଲା । ଏ କାମୁଡାରେ କଙ୍କଡା ନିଜର ବୁଢା ଗୋଡକୁ ଅସ୍ତ୍ର ହିସାବରେ ବ୍ୟବହାର କରିବା ଆଗରୁ ମୃତ୍ୟୁ ବରଣ କଲା । ଏତେ ଭଲ ଶିକାର ପାଇ ମାଙ୍କଡଟି ବେଶ ଖୁସି ହୋଇଗଲା ଆଉ ମଲା କଙ୍କଡାକୁ ମୁହଁରେ ଧରି ମଣିଷ ଭଳି ଡେଇଁ ଡେଇଁ ଜଙ୍ଗଲ ଧାରକୁ ଆସିଲା । ସେଠି ଅନ୍ୟ ମାଙ୍କଡମାନେ ଖାଇବାରେ ଭାଗ ବସାଇବାକୁ ପାଖରେ ନଥିଲେ । ତା'ପରେ ସେହି ମାଂସଳ କଙ୍କଡାକୁ ପଛରୁ ଖାଇବାକୁ ଲାଗିଲା । ଏ ଭିତରେ କଙ୍କଡାର ବଡ ଗୋଡ ଝୁଲିପଡିଥିଲା । ମାଙ୍କଡଟି ଆରାମରେ ନିଜ ଦାନ୍ତ ଦ୍ଵାରା କଙ୍କଡାର ଖୋଳପାକୁ ଭାଙ୍ଗି ଦେଉଥିଲା । ଏମିତି ସେ କଙ୍କଡାକୁ ପୁରା ଖାଇଦେଲା । ମାଙ୍କଡର ପାଉଁଶିଆ କଳା ବାଳ ଖରାରେ ସାମାନ୍ୟ ଚକଚକ କରୁଥିଲା ।

ଏହା ଭିତରେ ଆଉ ଏକ ବଡ ମାଙ୍କଡ ମଧ୍ୟ ଏକ ଚାଲୁଥିବା କଙ୍କଡାକୁ ଲକ୍ଷ୍ୟ କରିନେଲା। କଙ୍କଡାଟି ମଧ୍ୟମ ଆକାରର । କଙ୍କଡା ମାଙ୍କଡମାନଙ୍କ ଠାରୁ ନିଶ୍ଚିତ ଆକ୍ରମଣ ଅନୁମାନ କରିନେଇଥିଲା । ତା'ର ବଡ ଗୋଡ ଦୁଇଟି ସଣ୍ଢୁଆସୀ ଭଳି ଖୋଲିଯାଇଥିଲା । କଙ୍କଡା ଅସାବଧାନ ହେଲେ ମାଙ୍କଡ ଆକ୍ରମଣ କରିବ । କିନ୍ତୁ ପ୍ରଥମ ମାଙ୍କଡଟି ଅପେକ୍ଷା କରିବାକୁ ରାଜି ନଥିଲା । ଏମିତି ବୁଢା ଗୋଡ ଖୋଲି କଙ୍କଡା ପାଣିକୁ ଚାଲିଯିବ । ତେଣୁ କଙ୍କଡାକୁ ଯେମିତି ହେଲେ ଶିକାର କରିବା ଆବଶ୍ୟକ । ଆଉ ଚାରି ଖୋଜରେ ପାଣି । ଥରେ ପାଣି ଭିତରକୁ ଗଲେ ଏ ବଡ କଙ୍କଡାକୁ ଧରି ହେବନି । ସେ ଦୌଡି ଆସି ଜୋରରେ ନିଜ ହାତରେ କଙ୍କଡା ଗୋଡକୁ ବାଡେଇଦେଲା । କଙ୍କଡା କିଛି କରିବା ଆଗରୁ ପାଣିଠୁ ଦୂରକୁ ଛିଟିକି ପଡିଲା । ତା'ର ଆଗ ଗୋଡ ଖୋଲିଯାଇଥିଲା । ସେ ସେମିତି ବାଡେଇ ବଡେଇ

ISSN NO.
2582-208X

କଙ୍କଡାକୁ ହାଲିଆ କରିଦେଲା । ଏହା ସତ୍ୱେ କଙ୍କଡା ଥରେ ତା'କୁ କାମୁଡାଏ ଦେଇଥିଲା । କିନ୍ତୁ ସେ ହାତକୁ ଠିକ ସମୟରେ ଛଡାଇନେଲା । କଙ୍କଡାର ବଡ ଗୋଡ ଆଉ ବେଶି ଉଠି ପାରୁ ନଥିଲା । ବହୁତ ଚାଲାକିରେ ମାଙ୍କଡ କଙ୍କଡାକୁ ପଛରୁ ଧରିନେଲା । ଏବେ କଙ୍କଡାର ବଡ ଗୋଡ କାମ କରିବନି । ଗୋଟିଏ କାମୁଡାରେ କଙ୍କଡା ମରିଗଲା ଆଉ ଏ ମାଙ୍କଡକୁ ଭଲ ଭୋଜନ ମିଳିଗଲା ।

ମାଙ୍କଡମାନେ ଏମିତି ନିଜ ସାମର୍ଥ ହିସାବରେ ସମୁଦ୍ରକୂଳରୁ ଯଥେଷ୍ଟ ଭୋଜନ ସଂଗ୍ରହ କରିନେଉଥିଲେ । ମାଙ୍କଡମାନଙ୍କ ପାଇଁ ହୁଏତ ଏହା ଏକ ଦିନିକିଆ ଘଟଣା । ଏମାନେ ତ ଏମିତି ପାଣିରେ ପଶି କ୍ରୀକ ବା ସମୁଦ୍ରକୂଳରୁ କଙ୍କଡା ଧରିନିଅନ୍ତି । ଅସୀମ ବାଇନୋକୁଲାରକୁ ଖୋଳରେ ରଖିଦେଲେ ଓ ସମୁଦ୍ରକୂଳିଆ ଜଙ୍ଗଲକୁ ଅନାଇଲେ । ମାଙ୍କଡମାନେ ଗଛକୁ ଫେରିଯାଉଛନ୍ତି । ସେଇଠି ସେମାନେ ଗଛରେ ଦୋଳି ଖେଳିବେ ଆଉ କେତେ କୁସ୍ତି କସରତ କରିବେ । ସେଇଠି ଦେଖି ଜଣେ ଜାଣିପାରିବନି ମାଙ୍କଡମାନଙ୍କର ପାଣି ସହ ଏମିତି ସମ୍ବନ୍ଧ ଅଛି । ଅସୀମ ନିଜକୁ ଭାଗ୍ୟବାନ ମନେକରୁଥିଲେ । ତାଙ୍କ ଆଗରେ ଏହି ମାଙ୍କଡମାନଙ୍କ ଜୀବନର ଏକ ଅତି ଗୁରୁତ୍ୱପୂର୍ଣ ଦୃଶ୍ୟ ପ୍ରଦର୍ଶିତ ହୋଇଯାଇଥିଲା ।

"ଏ ମାଙ୍କଡମାନେ ନିଜ ନିଜ ରାଜ୍ୟ ପାଇଁ ବେଳେବେଳେ ଜୋର ଲଢାଇ କରନ୍ତି ।" - ଦିନେ ଏକଥା ରାମଦାସ କହିଥିଲେ । ସେଥିରେ ଅସୀମଙ୍କର ଆଶ୍ଚର୍ଯ୍ୟ ହେବାର ବହୁତ କିଛି ଥିଲା । ମାଙ୍କଡମାନେ ନିଜ ନିଜ ଭିତରେ ଲଢାଇ କରୁଥିବାର ଖବର ସେ ଆଉ କେଉଁଠୁ ଏପର୍ଯ୍ୟନ୍ତ ପାଇନଥିଲେ ।

"୪୧ କିମି ଅଞ୍ଚଳରେ ଦଳେ ମାଙ୍କଡ ଅଛନ୍ତି ଗଲାଥିଆର ଏକୂଳରେ, ଆଉ ଦଳେ ଅଛନ୍ତି ଗଲାଥିଆର ସେ କୂଳରେ ।"- ରାମଦାସ ଦଳର ବର୍ଣନା ଦେଉଥିଲେ । ଅସୀମ ସେପଟେ ବହୁବାର ଯାଇଛନ୍ତି । କିନ୍ତୁ ନଦୀର ଏକୂଳ ଆଉ ସେକୂଳରେ ମାଙ୍କଡ ଅଛନ୍ତି ବୋଲି ସେ ଜାଣିପାରିନାହାନ୍ତି । ତାଙ୍କର ରହଣି କମ ସମୟ ହେଉଥିବାରୁ ମାଙ୍କଡ ଦଳ ବିଷୟରେ ସେ

ISSN NO.
2582-208X

ବେଶି ଅନୁଧ୍ୟାନ କରିପାରିନାହାନ୍ତି । କିନ୍ତୁ ରାମଦାସ ଯେ ସେଠାକାର କ୍ୟାମ୍ପ ଅଫିସର । ତେଣୁ ମାଙ୍କଡ ଦଳକୁ ଭଲକରି ଦେଖିଥିବେ ।

"ସେତେବେଳେ ଗଲାଥିଆ ସିମେଣ୍ଟ ବ୍ରିଜ ତିଆରି ହୋଇନଥିଲା ଆଉ ଏକ ସରୁଆ କାଠ ବ୍ରିଜ ଥିଲା । ସେ କାଠ ବ୍ରିଜ ହୋଇଯାଉଥିଲା ଏକ ରଣକ୍ଷେତ୍ର । ମାଙ୍କଡ ଦଳ କାଠ ବ୍ରିଜ ଅକ୍ତିଆର କରିବା ପାଇଁ ନିଜର ସବୁ ବଳ ଲଗାଇ ଦେଉଥିଲେ ।"

"ଏକ ଷ୍ଟ୍ରେଟେଜିକ ବ୍ରିଜ ।"-ଅସୀମଙ୍କ ମୁହଁରୁ ଦୁଇଟା ଶବ୍ଦ ବାହାରି ଆସିଥିଲା ।

ଅସୀମ ଭାବିଲେ ମଣିଷ କୁଆଡେ ମାଙ୍କଡରୁ ଉଦ୍ଭବ । ମଣିଷ ଭଳି ମାଙ୍କଡମାନେ ଯୁଦ୍ଧ କ୍ଷେତ୍ରରେ କିଛି ଷ୍ଟ୍ରାଟେଜି ନିଶ୍ଚିତ ଭାବେ କରୁଥିବେ । ବ୍ରିଜକୁ ଜିତିନେଲେ ତେଣିକି ଆଗକୁ ଅଧିକ ଜମି ଅଧିକାର କରିନେବେ । ମାଙ୍କଡମାନେ ତାହାହେଲେ ଭାବିକରି ଦଳ ହୋଇ ଆକ୍ରମଣ କରିପାରନ୍ତି ।

ଙ-ଦୂର ସମୁଦ୍ର ଯାତ୍ରୀ ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ

(କ) ଆଲେକଜାଣ୍ଡ୍ରା ବିଚରେ ସକାଳରେ କଚ୍ଛପର ଚିହ୍ନ

"ନଦୀର ଧାରରେ ଆମେ ଆଜି ରହିଯିବା ।"-ଅସୀମ ପଦ୍ମଶିବଙ୍କୁ ସେଦିନ କହିଲେ । ସେମାନେ ରାତିରେ ସମୁଦ୍ରକୂଳରେ ରହିଯିବାକୁ ନିଶ୍ଚିତ କରିଥିଲେ । ଆଲେକଜାଣ୍ଡ୍ରିଆ ନଦୀ ଅବଶ୍ୟ ଗଲାଥିଆ ଭଳି ବଡ ନୁହେଁ, କିନ୍ତୁ ବିଚ ଛୋଟ ମଧ୍ୟ ନୁହେଁ । ଏପଟକୁ ଜ୍ୟାଣ୍ଟ ଲେଦରବ୍ୟାକ ସି ଟର୍ଟଲମାନେ ମଧ୍ୟ ଅଣ୍ଡା ଦେବା ପାଇଁ ମଧ୍ୟ ଆସନ୍ତି । ଏପଟେ ସି ଟର୍ଟଲମାନଙ୍କ ବେଶି ଗଣତି ସାଧନର ଅଭାବ ଯୋଗୁ ହୋଇପାରିନି । ଡିପାର୍ଟମେଣ୍ଟ ପାଖରେ ଲୋକ ଅଭାବ ହେତୁ ସବୁଠାରେ କ୍ୟାମ୍ପ ବସାଇବା ପାଇଁ ସମ୍ଭବ ମଧ୍ୟ ହୋଇନି । ସବୁ ଅସୁବିଧା ସତ୍ତ୍ୱେ ଏ ଜାଗାକୁ ଆସିବା ଦରକାର । ସ୍କାଉଟିଙ୍ଗ । ପରେ କ୍ୟାମ୍ପ ପାଇଁ ଉପଯୁକ୍ତ ବନ୍ଦୋବସ୍ତ କରାଯିବ । ପାଣି ସଂଗ୍ରହ କରାଗଲା ଆଉ ସାମାନ୍ୟ ରୋଷେଇର

ISSN NO.
2582-208X

ଆୟୋଜନ କରାଯାଇଥିଲା । ରାତିରେ ସେମାନେ ଅନେକ ଅପେକ୍ଷା କଲେ । କିନ୍ତୁ ସମୁଦ୍ର କଚ୍ଛପ ଆସିଲା ନାହିଁ । ଏ ଭିତରେ ସେମାନଙ୍କୁ ନିଦ ଲାଗୁଥିଲା । ଦିନସାରା ଅନେକ ଚାଲିଛନ୍ତି । ସେମାନେ ବିଚରେ ଖୋଲା ଆକାଶ ତଳେ ଚାଦର ପାରି ଶୋଇଗଲେ । ଆକାଶରେ ତାରା ଭରିଯାଇଥିଲା ।

ସକାଳେ ଅସୀମ ଆଖି ଖୋଲିଲେ, ଆଉ ନିଜ ଆଖିକୁ ବିଶ୍ୱାସ କରିପରିଲେନି । ବାଲିରେ ସ୍ପଷ୍ଟ ଚିହ୍ନ ପଡିଛି । ସମୁଦ୍ର ପାଣିରୁ ଯେମିତି ଏକ ବୁଲଡୋଜର ଉଠିଆସିଛି । ଏକ ବୁଲଡୋଜର ଚାଲିଲେ ସାଇଜରେ ମାଟି ଦବିଯାଏ ଉଠିଯାଏ ଆଉ ବୁଲଡୋଜରର ଚେନର ଦାଗ ସ୍ପଷ୍ଟ ଦେଖାଯାଏ, ସେମିତି ବାଲିରେ ଏକ ଚେନ ଲଗା ବୁଲଡୋଜରର ଚିହ୍ନ ଦେଖାଯାଉଥଲା । ବୁଲଡୋଜର ଚିହ୍ନ ସେମାନଙ୍କ ଶୋଇବା ଚାଦର ଭିତରେ ଥିବା ଖାଲି ଜାଗା ଦେଇ ଏକ ଅପେକ୍ଷାକୃତ ବେଶି କୂଳିଆ ବାଲି ଜାଗା ପର୍ଯ୍ୟନ୍ତ ପହଞ୍ଚିଥିଲା । ଅସୀମ ଭଲକରି ଚିହ୍ନକୁ ଅନାଇଲେ । ଯାନର ଯେମିତି ଦୁଇପାଖେ ଏକ ଏକ ଚେନ ଲାଗିଛି ଆଉ ମଝିରେ ଏକ ଏକ ଲଙ୍ଗଳ ମୁନ ଲାଗିଛି । ମଝିରେ ଗଭୀର ଗାର ଥିଲା ଆଉ ଥାପିଥାପି ହୋଇ ପାଦ ଚିହ୍ନ ଯେମିତି ପଡିଥିଲା । ବାଲିର ଉପରକୁ ପତ୍ରସବୁ ଗାଢ ସବୁଜ ଥାଇ ଆଉ ବାଇଗେଣିଆ କାହାଳୀ ଭଳି ଫୁଲ ଥିବା ଲଟା ବେଶ ମାଡିଛି । ସେ ପାଖରେ ଠାଏ ବାଲି ଉଠିଯାଇଥିଲା । ଆଉ କେଇଟା ଛୋଟ କୁଦ ହୋଇଛି । କାଲି ରାତିରେ ଏ ବାଲିରେ କିଛି ଚିହ୍ନ ମଧ୍ୟ ନଥିଲା । ଏମାନେ ରାତିରେ ଥକି ଶୋଇଗଲାପରେ କଚ୍ଛପ କେତେବେଳେ ଗଭୀର ରାତିରେ ଅଣ୍ଡା ଦେବାକୁ ଉଠିଆସିଛି ଆଉ ବାଲିରେ ଗାତ ଖୋଳି ଅଣ୍ଡା ଦେଇ, ଗାତକୁ ଠିକ ଭାବେ ଥାପି, ଘୋଡାଇ ଫେରିଯାଇଛି । ସମୁଦ୍ରର ଢେଉ ଶବ୍ଦରେ ସେମାନେ କିଛି ଜାଣିପାରି ନାହାନ୍ତି । ଢେର ରାତି ଆଉ ସକାଳ ଭିତରେ ଏକ ନବ ଜୀବନର ଆଗମନ ପାଇଁ ଅନେକ ଆୟୋଜନ ମା' ଦ୍ୱାରା ଆରମ୍ଭ ହୋଇ ଶେଷ ହୋଇଯାଇଛି । ପାଣିରେ କିଛି ଚିହ୍ନ ନାହିଁ, କିନ୍ତୁ ସମୁଦ୍ରକୂଳର ବାଲି ଜୀବନର ଚିହ୍ନକୁ ସ୍ପଷ୍ଟ ଧରି ରଖିଛି

କ୍ରମଶଃ.....

ISSN NO.
2582-208X

ସେକ୍ଟର-୩, ସଲ୍ଟଲେକ, କଲିକତା

# ଜିଜ୍ଞାସା



ଡ. ପ୍ରସନ୍ନ କୁମାର ବଳ

ମନରେ ଆସେ ଅନେକ ଜିଜ୍ଞାସା,
ପିଲାବେଳୁ ଆଜି ଯାଏ,
ମା' କୁ ଜହ୍ନ ମାମୁଁ ବିଷୟରେ ହେଉ,
ଅବା ଶିକ୍ଷକଙ୍କୁ ସୂର୍ଯ୍ୟ ବିଷୟରେ,
ଅଥବା
ବାପାଙ୍କୁ ଗ୍ରହ ମଣ୍ଡଳର ଅବସ୍ଥିତି ବିଷୟରେ ।।
ଜିଜ୍ଞାସା ଯେପରି ଜୀବନର ଏକ ଅଂଶ,
ଜାଣିବାର ଇଚ୍ଛା ଥିଲେ କାଳେ ବଢେ ଜ୍ଞାନ,
ଜ୍ଞାନ ବଢିଲେ କାଳେ ସବୁ କିଛି ଜାଣିବ,
ଜାଣିଲେ କାଳେ ଜଗତ ଜିଣିବ ।।
ହେଲେ
ଏ ଜଗତ ଜିଣିବାର ନାହିଁ ମୋର ଇଚ୍ଛା,
କୁହେଳିକା ପଛରେ ଧାଇଁବାର ପ୍ରଚେଷ୍ଟା,
କିନ୍ତୁ
ସବୁ କିଛି ଜାଣିବାର ଅନବରତ ଚେଷ୍ଟା,
ଦିଏ ସତରେ ମନରେ ଅଶେଷ ଆନନ୍ଦ,

ISSN NO.
2582-208X

ବଢାଇ ବି ଦିଏ ନିଜର ଆତ୍ମବିଶ୍ୱାସ ।।
ବୟସ ବଢିବା ସହ ଜିଜ୍ଞାସା ବି ବଢେ,
ଜିଜ୍ଞାସାର ମାନ ବୋଧେ ଉନ୍ନତ ହିଁ ହୁଏ,
ଜହ୍ନ ମାମୁଁ ଛାଡି ଆମେ ନିଉକ୍ଲିୟର ଅସ୍ତ୍ର କଥା ଭାବୁ,
କିପରି ଏ ମାନବ ଚିନ୍ତା କରିପାରେ,
ରଚିବାକୁ ଏ ସୁନ୍ଦର ସୃଷ୍ଟିର ବିନାଶ,
ଜିଜ୍ଞାସାର ଅନ୍ତ ନାହିଁ ଏ ମନରେ,
ଜାପାନର ହିରୋସୀମା, ନାଗାସାକୀ,
ଅବଶ୍ୟ ଆସଇ ମାନସ ପଟରେ ।।
ଶିଖୁ ନାହିଁ ଏ ସମାଜ,
ଶିଖୁ ନାହିଁ ସମାଜର ଠିକଦାରୀ ନେତା,
କେବେ ବା ଶିଖିବେ ସତେ,
ଏହି ମୋ ଜିଜ୍ଞାସା ।।
ଏକ ଦେଶ କରେ ପୁଣି କେତେ ଆକ୍ରମଣ,
କି ଗାରିମା ଦେଖାଏ ସେ,
ନଷ୍ଟ କରି ଅନେକ ଜୀବନ,
ଶରଣାର୍ଥୀ ସାଜିଯାନ୍ତି ଅନେକ ମାନବ,
ଘର ଦ୍ୱାର ନଷ୍ଟ ହୁଏ ନ ଥାଏ ସମ୍ବଳ ।।
ଇଏ କି ସୃଷ୍ଟିର ନିୟମ ?
ସବଳ ତ କରେ ପୁଣି ସଦା ଆକ୍ରମଣ,
ନିର୍ବଳ ହିଁ ଭୋଗୁଥାଏ ଜୀବନେ କଷଣ ।।
ଏହାର ଉତ୍ତର ବା କିଏ ଦେବ ସତେ,
ନାହିଁ ଅନ୍ତ ଜିଜ୍ଞାସାର,
ଜିଜ୍ଞାସା ହିଁ ରହିଯାଏ ମୋର ଜିଜ୍ଞାସା ମଧ୍ୟରେ ।।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଡଃ ମହେନ୍ଦ୍ର କୁମାର ରାଉତ: ସାତ ଦରିଆପାରିରୁ ଏକ ସ୍ମୃତି ତର୍ପଣ



ଶଶଧର ମହାପାତ୍ର

ତୁମେ ଥିଲ ସୀମାହୀନ ଆକାଶରେ ତୋଫା ଜହ୍ନଟିଏ
ତୁମ ଛାତ୍ରଛାତ୍ରୀ ଅଗଣିତ ତାରା
ତୁମେ ଥିଲ ଅଥଳ ମହୋଦଧିଟିଏ
ସେମାନେ ସାଜିଥିଲେ ଢେଉ ଦେହସାରା।
ଖୋଜନ୍ତି ତୁମରି ସାହାରା।
ତୁମେ ଆଜି ଏ କବିର କବିତା
ସେମାନେ ଶବ୍ଦର ପସରା
ସବୁବେଳେ ତୁମର ସେ ହସହସ ମୁହଁ
ଦିଶେ ସଦା ତୋରା ତୋରା
"ମହେନ୍ଦ୍ର" ନାମଟି ତୁମ
ଥିଲ ଉଚ୍ଚ ମହେନ୍ଦ୍ରଗିରି ସମ
ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀ ପାଇଁ
ତୁମେ ଥିଲ ତାଙ୍କ ପିତା, ଗୁରୁ ଭାବେ ଥିଲ ହିଁ ଉତ୍ତମ
ଖଣ୍ଡ ମଣ୍ଡଳରେ ଜଣା ଥିଲା
ତୁମର ସେ' ନାମ
ତୁମ ଠୁଁ ଶିକ୍ଷା ଓ ଆଶୀଷ ପାଇ

ISSN NO.
2582-208X

ଜଗତରେ ପରିଚିତ ଆଜି ତୁମ ଛାତ୍ରଛାତ୍ରୀ,
ଗବେଷକ କେତେ, ଗବେଷିକା
ତୁମ ଜନ୍ମ ଶତବାର୍ଷିକୀରେ
ଝୁରୁଛନ୍ତି ତୁମକୁ ହିଁ ଏକା ଏକା ।
ହେ କର୍ମଯୋଗୀ !
କୂଟ, କପଟକୁ ତୁମେ କରିଲ ଆକଟ
ଛଳ, କଉଶଳ ସବୁ ଭୁଲିଗଲେ ବାଟ
ଶିକ୍ଷକତା ଥିଲା ପେଶା
ଗବେଷଣା ଥିଲା ନିଶା
ଇତିହାସ ରଚିଗଲ ବିଜ୍ଞାନ କ୍ଷେତ୍ରରେ
ତୋଷକଲ ସମସ୍ତଙ୍କୁ
ଭଲପାଇବାରେ, ତୁମ ଆଚାର ବ୍ୟବହାରରେ
ବାନ୍ଧିଥିଲ ସମସ୍ତଙ୍କୁ
ମମତାର ଡୋରୀରେ
ହେ ଛାତ୍ର ବତ୍ସଳ ମହେନ୍ଦ୍ର !
ତୁମର ଜନ୍ମ କି ମାହେନ୍ଦ୍ର ବେଳାରେ ?
ସିଦ୍ଧହସ୍ତ ଥିଲ ତୁମେ
ସାଧନା ଓ ସିଦ୍ଧିରେ
ଆଜି ଲିପିବଦ୍ଧ ତୁମ ନା'
ରେଭେନ୍ସା କଲେଜର କାନ୍ଥରେ ବାଡ଼ରେ ।
ତୁମେ ଥିଲା ବେଳେ
ସ୍ମୃତି ସବୁ ଥିଲା କେତେଯେ ମଧୁର
ତୁମେ ଗଲା ପରେ
ଅସଜଡ଼ା ହେଲା ତୁମ ଲାବୋରାଟୋରୀ ଘର

ISSN NO.
2582-208X

ସ୍ୱପ୍ନ ସବୁ ହେଲା ଚୂରମାର
ନୀତି ଭ୍ରଷ୍ଟ ହେଲେ ସର୍ବେ
ନିଜ ସ୍ୱାର୍ଥେ ହେଲେ ଜରଜର
ହେ ଅମୃତ ସନ୍ତାନ !
ଆମକୁ ଦିଅ ଦିବ୍ୟଜ୍ଞାନ
ସୁଧୁରି ଯାଆନ୍ତୁ ଲୋକେ
ତୁମ ପାଇଁ ପରିଚୟ ପାଇଥିବା ରେଭେନ୍ସା କଲେଜ
ହେଉ ପୁଣି ମହାନ । ହେଉ ପୁଣି ମହୀୟାନ ।
ହେ ମହାତ୍ମା !
ଜନମିଥିଲ ଏ' ପବିତ୍ର ଓଡ଼ିଶା ଭୂଇଁରେ
ତୁମେ ନାହଁ ଆଜି ଏହା ଚିରନ୍ତନ ସତ୍ୟ
ଚାଲିଗଲ ଏକ ଅଫେରା ରାଇଜକୁ
ଆଉ କେବେ ଫେରିଲନି,
ଚାଲିଗଲ ଯେଉଁଠିକୁ
ଡାକିଲେ ତୁମକୁ କିଛି ଶୁଭେନି,
ରହିଗଲ କେବଳ ସମସ୍ତଙ୍କ ସ୍ମୃତି ପଟଳରେ,
ତୁମେ କେବଳ ସ୍ୱପ୍ନରେ
କେବେ କେବେ ଆସ
ପାଖରେ ବସ, ହସ
ତୁମକୁ ମନେ ପକାଇବୁ ଆମେ
ସବୁଦିନ, ମାସ, ବର୍ଷ
ଆଉ ଏ' ଜନ୍ମ ଶତବାର୍ଷିକୀରେ
ତୁମ ପାଇଁ ଆଜି ଏ' ଲୋତକ ଭରା ଶ୍ରଦ୍ଧାଞ୍ଜଳି
ଦେଉଅଛୁ, ଦେଉଥିବୁ ଆଖିକୁ ପଖାଳି

ISSN NO.
2582-208X

ଈଶ୍ୱରଙ୍କ ନିକଟରେ ଆମର ଏ' ଅଳି ।
ହେ ମହାନୁଭବ !
ବଗିଚାର ମାଳିଭଳି ତୁମେ ଦିନେ ନିଜ ହାତରେ
ଯେଉଁ ବୃକ୍ଷ ସବୁ ଲଗେଇଥିଲ,
ପାଣି ଦେଇଥିଲ, ଯତ୍ନ ନେଇଥିଲ
ଏବେ ସେ ଗଛରେ ନାନା ଫଳ ଫଳିଲାଣି,
ହେଲେ ତୁମେ ନାହଁ ଦେଖି ଖୁସି ହେବାକୁ ।
କେହି ତୁମର ମହିମା ମଣ୍ଡନ କରିବାର ଶୁଣିବାକୁ,
ତୁମର କରୁଣା ଓ ଆଶୀର୍ବାଦ ପାଇ
ତୁମ ଛାତ୍ରଛାତ୍ରୀ ପିନ୍ଧିଛନ୍ତି, ସୁନାର ମୁକୁଟ
ପାଇଛନ୍ତି ମାନ ସନମାନ, ଉଚ୍ଚାସନ
ଗଳାରେ ଗଜରାର ହାର
ପାଇଛନ୍ତି ନାନା ପୁରସ୍କାର
ହେ କାଳଜୟୀ, ହେ ଯୋଗଜନ୍ମା ମହାପୁରୁଷ !
ତୁମେ ବଂଚିଅଛ, ବଂଚିଥିବ
କାଳରୁ କାଳାନ୍ତର
ତୁମେ ମଣିଷରୂପ ଧାରଣ କରି ଜନ୍ମିଥିବା ଈଶ୍ୱର ।
ହେ ବିଶ୍ୱଗୁରୁ !
ତୁମ ଛବି ଦିଶିଯାଏ
ତୁମ ନାମ ଧରୁଧରୁ
ତୁମକୁ କୋଟିଏ ଜୁହାର
ତୁମେ ନଥିଲ କେବଳ ଗୁରୁ
ତୁମେ ଥିଲ ସମସ୍ତଙ୍କ ପାଇଁ ପ୍ରଭୁ ପରମେଶ୍ୱର
ଭଜୁଅଛି, ଜପୁଅଛି ମୁଁ ତୁମ ଯଶ କୀର୍ତ୍ତି

ISSN NO.
2582-208X

କରି ଗଲା ମାଳି
ପାରୁ ନାହିଁ କଳି
ଯେତେ ଭାବିଲେ ବି ମିଳୁନାହିଁ ତୁମପାଇଁ
ଭାବପୂର୍ଣ୍ଣ ଶବ୍ଦ
ସେଥିପାଇଁ ମୁଁ ଦୁଃଖିତ ଓ ସ୍ତବ୍ଧ
ନିଅଂଟ ପଡୁଛି ଶବ୍ଦ
ଆଙ୍କିବାକୁ ସେ' ବିଶାଳ ଚରିତ୍ର ତୁମର
ପାଉନାହିଁ କୂଳ କି କିନାରା
ହେ ମହାତ୍ମା !
ମୋତେ କ୍ଷମା କର ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୭୭୦୦୨

ISSN NO.
2582-208X

# ଉତ୍କଳ ଦିବସ



ଅଳକା ମହାନ୍ତ

ମନ୍ଦିର ମାଳିନୀ ପୁଣ୍ୟତୋୟା ଏହି
ମାତୃଭୂମି ମୋ ଓଡ଼ିଶା,
ସାହିତ୍ୟ ସଂସ୍କୃତି କଳା ରେ ମଣ୍ଡିତ
ପ୍ରାଚୀନ ତାହାର ଭାଷା ।

ଶିଳ୍ପୀ ତାର ଲେଖେ ଗୌରବ ଗୀତି
ବିଶ୍ୱକୁ ଚକିତ କରି,
ସୁକ୍ଷ୍ମ ମୁନେ କାରୁ କାର୍ଯ୍ୟ କରାଇଛି
ଶକ୍ତ ପଥରକୁ  ଚିରି ।

ବୀର ପ୍ରସବିନୀ ଉତ୍କଳ ଜନନୀ
ଧନ୍ୟ ଆମେ ତା ସନ୍ତାନ,
ତା କୋଳେ ଜନମ ନେଇଛୁ ଆମେ ରେ
ମଣିଛୁ ଯେ ଭାଗ୍ୟବାନ ।

ISSN NO.
2582-208X

ମା ମାତୃକାର ସେବା କରିଯିବା
ନ ରଖି ମନରେ ଶଙ୍କା,
ହେବା କର୍ଣ୍ଣ ଧାର ଉତ୍କଳ ମାଟିର
ସଳଖିବା ଅଙ୍କାବଙ୍କା।

ଜଗତର କର୍ତ୍ତା ପରମ ଈଶ୍ୱର
ଯା ହୃଦେ ବିରାଜ ମାନ
ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟ ସ୍ଥାନ ଏଠି
ପୁରୀ ଧାମେ ବିଦ୍ୟମାନ।

ଜାତି ନନ୍ଦିଘୋଷ ଗଡାଇବା ଆମେ
ନିଃସ୍ୱାର୍ଥ ରଜ୍ଜୁ କୁ ନେଇ,
ଉତ୍କଳ ଦିବସେ ପ୍ରତିଜ୍ଞା କରିବା
ଟେକ ରଖିଯିବା ପାଇଁ ।

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# ଭିଡ



ଡକ୍ଟର ବିଜ୍ଞାନୀ ଦାସ

ଏତେ ଭିଡ !

ଏ ଭିଡ ଭିତରେ ଧାଡିରେ ଠିଆ ହୋଇହୋଇ ଗୋଡ ବିନ୍ଧିଲାଣି ।

ଏବେ ଯୁଆଡେ ଯାଅ, ସିଆଡେ ଭିଡ । ବିମାନବନ୍ଦରରେ ଏତେ ଭିଡ ଯେ ଦୁଇ, ତିନି ଘଣ୍ଟା ଆଗରୁ ଯାଇ ନ ପହଞ୍ଚିଲେ, ଉଡାଣରୁ ବଞ୍ଚିତ ହେବାର ସମ୍ଭାବନା ରହେ । ଏମିତି କି ଦୋକାନ, ବଜାରରେ ବି ସେମିତି ବେଳେବେଳେ ଏତେ ଭିଡ ଯେ, ମୁଣ୍ଡ ଗରମ ହୋଇଯାଏ। କାହାର ପକେଟମାର ହୁଏ ତ, କିଏ ନିଜ ୱାଲେଟ୍, ପର୍ସ ଛାଡି ମନେ ନରଖି ଘରକୁ ଚାଲିଆସିଥାଏ । ସେ ଘଟଣା ବି ତନୁଜା ସହିତ କେତେଥର ଘଟି ସାରିଲାଣି । ଏବେ ପୂଜାପାର୍ବଣରେ ଯୁଆଡେ ଯାଅ, ସବୁଠି ଭିଡ, ଧାଡିରେ ଠିଆ ହୁଅ, ଯେତେବେଳେ ତମର ପାଳି ଆସିଲା, ଭିତରକୁ ଯାଅ, ନହେଲେ ସେମିତି ଠିଆ ହୋଇ ରହିଥାଅ; କିଛି ଗୁଠା, ବଦମାସ୍ ଲୋକ ଥିବେ, ଠେଲିପେଲି ଆଗକୁ ଯିବାର ପ୍ରୟାସରେ ଥିବେ, ଆଉ ଦୁର୍ବଳ ଲୋକଟି, ଭଲ ମଣିଷଟିଏ ସେଇ ପଛରେ ପଡି ରହିଥିବ ।

ଜଗନ୍ନାଥ ମନ୍ଦିରର ଭିଡ ତ ବିଶ୍ୱବିଖ୍ୟାତ । ସେ ଭିଡ ଭିତରେ ପୁଣି ପଠା ମାନଙ୍କର ହଜାର କଥା ଶୁଣିବାକୁ ପଡେ । ଜୀବନରେ ତନୁଜା ପୁରୀ ରଥଯାତ୍ରା ଦେଖିବାକୁ କେବଳ ଥରେ ଯାଇଛି । ସେଇ ଥରର ଭିଡର ଅନୁଭୂତିରେ ସିଏ ଆଉ କେବେ ରଥଯାତ୍ରା ସମୟରେ ପୁରୀ ଯିବାକୁ ମନ ବଳାଏ ନାହିଁ । ତନୁଜା ଭାବେ, ଏ ସବୁ ମନ୍ଦିର ଯେବେ

ISSN NO.
2582-208X

ତିଆରି ହୋଇଥିଲା, ସେତେବେଳର ଲୋକସଂଖ୍ୟା ଓ ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ ରଖି କରା ଯାଇଥିଲା । ଏବେ ସହସ୍ର ଗୁଣିତ ଲୋକସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବାକୁ ସେସବୁ ପୂରାତନ ମନ୍ଦିର, ସୌଧର ନିର୍ମାଣ ବ୍ୟବସ୍ଥା ସକ୍ଷମ ନୁହେଁ । କ୍ଷମତା ତୁଳନାରେ ଅଧିକ ବୋଝ ବୋହିଲେ, ଏସବୁ ସ୍ଥଳୀର ଭିତ୍ତି ଦିନେ ଦୁର୍ବଳ ହୋଇପଡିବ ।

ପୃଥିବୀର ଲୋକ ସଂଖ୍ୟା ବଢୁଛି । ଛୋଟଛୋଟ ସହର ସବୁ ଏବେ ବଡ ହୋଇ ବ୍ୟସ୍ତ ବହୁଳ ହୋଇଗଲେଣି । ଆଉ ପୁରୁଣା ସହରମାନେ ସବୁ ଚାରିଦିଗରେ କଳେବର ଲମ୍ବେଇ ବଢି ଚାଲିଛନ୍ତି । ତେଣୁ ସେଇ ଏକା ସହରରେ ହିଁ ଏବେ ଗୋଟିଏ ପଟରୁ ଆଉ ଗୋଟିଏ ପଟକୁ ଯିବାକୁ ଦୁଇ ତିନି ଘଣ୍ଟା ରାସ୍ତାରେ ବିତିଯିବା ଅସମ୍ଭବ ନୁହେଁ । ଗାଡି ମାନଙ୍କର ଭିଡ ଦେଖିଲେ ତନୁଜା ଡରିଯାଏ । ଏମିତିରେ ସିଏ ବେଳେବେଳେ ପିଲାମାନଙ୍କୁ ସ୍କୁଲ କି ଶିଶୁ-ଯତ୍ନ କେନ୍ଦ୍ରରୁ ଆଣିବାକୁ ଡେରିରେ ପହଞ୍ଚିଛି ଓ ସେଥିପାଇଁ ଶିଶୁ-ଯତ୍ନ କେନ୍ଦ୍ରକୁ ଫାଇନ୍ ଦେବାକୁ ପଡିଛି ।

ଛୋଟ ବେଳୁ ହିଁ ତନୁଜାକୁ ଭିଡକୁ ଯିବାକୁ ପସନ୍ଦ ନୁହେଁ । ଗାଆଁରେ ଭୋଜିଭାତରେ ଖିଆପିଆ ସମୟରେ ଯେତେବେଳେ ଟିକେ ଗହଳି ହୁଏ, ସିଏ ସବୁବେଳେ ଶେଷକୁ ହିଁ ଅପେକ୍ଷା କରିଥାଏ । ଭିଡ କମିଯାଉ । ଶେଷବେଳକୁ ଅଧା ଖାଇବା ଜିନିଷ ସବୁ ସରିଯାଇଥାଏ । ଘରେ ତାକୁ ସେଥିପାଇଁ କହନ୍ତି, "ବୋକୀଟା ।' ତେବେ ଆବଶ୍ୟକ ପଡିଲେ ଭିଡର ସମ୍ମୁଖୀନ ହେବାକୁ ସିଏ ଡରେନି । ଭିଡ ପାଇଁ ପ୍ରସ୍ତୁତି ରୂପେ ତା' ପାଖରେ ବହିଟିଏ ଥାଏ । ସିଏ ସେ ବହିଟିକୁ ପଢି ଭିଡ ଜନିତ ସମସ୍ତ ମାନସିକ ଚାପକୁ ସନ୍ତୁଳିତ କରି ରଖେ । ଏ ପରିଣତ ବୟସରେ କିନ୍ତୁ ସିଏ ଭିଡକୁ ଡରେ । ବିଶେଷତଃ ସାତ ବର୍ଷ ତଳେ, ନିୟୁର୍କ ସହରରେ ସେ ପ୍ରବଳ ଭିଡର ସ୍ରୋତରେ ନିଜର ସତ୍ତା ହରେଇବା ଭଳି ଅବସ୍ଥା ହେବାର ଅନୁଭବରୁ ସିଏ ଭିଡକୁ ଯିବାକୁ ପସନ୍ଦ କରେନି । ଭାଗ୍ୟ ଭଲ ସିଏ ପଡି ଯାଇନଥିଲା; ନହେଲେ କଣ ହୋଇଥାନ୍ତା, କିଏ ଜାଣେ । ଏବେ ତ ସବୁ ପ୍ରକାରର ଘଟଣା, ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ୟୁ-ଟିଉବ୍ ଭିତରେ ସାଇତା ହୋଇ ରହୁଛି; ତେଣୁ

ISSN NO.
2582-208X

କୌଣସି ଉତ୍ସବ, ମହୋତ୍ସବରେ ଭିଡର ସମ୍ଭାବନା ଥିଲେ, ତନୁଜା କହେ, "ମୁଁ ଘରେ ବସି ଟିଭିରେ ଦେଖିବି ।'

ହେଲେ ସେଦିନ ସେମାନେ ନିଜ ଅଜାଣତରେ ଭିଡରେ ପଶିଗଲେ ।

ହେ ଭଗବାନ! ଏ ଭିଡ ଭିତରେ ପଶି ମସ୍ତବଡ ଭୁଲ୍ କରିଦେଲେ ସେମାନେ । ବାହାରୁ ଜଣାପଡୁନଥିଲା । କିନ୍ତୁ ଭିତରେ ଭିତରେ ଯେ ଏତେଗୁଡିଏ ଧାଡି ଥିବ, ସେକଥା ଭିତରେ ପଶିବା ପରେ ଜଣାପଡିଲା । ସେ ଧାଡି ସବୁ ଏମିତି ଭାବେ ଥିଲା ଯେ, ପ୍ରଥମେ ପ୍ରବେଶ କରିବା ପରେ ଲାଗିବ, ହଁ, ୬-୭ଟା ଧାଡି ତ, ତାପରେ ମା' ଚାମୁଣ୍ଡେଶ୍ୱରୀଙ୍କ ଦର୍ଶନ ମିଳିଯିବ । କିନ୍ତୁ ନା, ଯେତେଯେତେ ଭିତରକୁ ସେମାନେ ଯାଉଥିଲେ, ସେତେସେତେ ଭିଡ ଭିତରକୁ ପଶିଯାଉଥିଲେ ।

ପ୍ରକାଶ କହିଲେ, "ଆଜି ଏଠି ଜଣାପଡୁଛି ୨ ଘଣ୍ଟା ବିତିଯିବ ।'

ତନୁଜା କହିଲା, "ଏ ଭିଡ ଭିତରେ ନ ପଶିଥିଲେ ହେଇଥାନ୍ତା । ହେଲେ ସୋମବାରଟାରେ ବି ଏତେ ଭିଡ ବୋଲି କିଏ ବା ଭାବିପାରିବ ? ଏଇନେ ତ ଭିଡ ଭିତରେ ଏତେ ସମୟ ଯିବ; ତାପରେ ମହାରାଜା ପ୍ୟାଲେସ୍ ଓ ପରେ ବୃନ୍ଦାବନ ଗାର୍ଡେନ ଦେଖିବାକୁ ସମୟ ହେବ କି ନା ଜଣା ନାହିଁ ।'

ସୋନି ଓ ତାର ଆମେରିକାନ୍ ସ୍ୱାମୀ ବ୍ରାୟାନ୍ ସେମାନଙ୍କର ଦେଢବର୍ଷର ଶିଶୁପୁତ୍ର ଆଦି ପାଇଁ ଚିନ୍ତିତ ଥାଆନ୍ତି । ଭିଡ ଏତେ ଥିଲା ଯେ, ଆଗ ଓ ପଛ ଲୋକ ସହିତ ଦେହ ଘଷି ହୋଇଯିବାର ସମ୍ଭାବନା ଥାଏ । ତେବେ ପ୍ରକାଶ ସବା ଆଗରେ ଓ ତନୁଜା ସବା ପଛରେ ରହି ସେମାନଙ୍କୁ ଟିକେ ନିଶ୍ୱାଶ୍ୱାସ ମାରିବାକୁ ଫାଙ୍କା ସ୍ଥାନ ଦେଉଥାନ୍ତି । ସେ ଭିଡ ଭିତରେ ବି କିଛି ଲୋକ ବିରାଟବିରାଟ ଚାଙ୍ଗୁଡିରେ ଫୁଲ, ଫଳ, ମିଠା ଓ ନଡିଆ ଦେବୀଙ୍କୁ ଅର୍ପଣ କରିବା ପାଇଁ ରଖିଥାନ୍ତି । ପ୍ରକାଶ ଭଲକଲେ, ଦେବୀଙ୍କୁ ଚଢେଇବା ପାଇଁ ଖାଲି ଫୁଲମାଳା କିଣିଲେ, ଭୋଗ ନୁହେଁ । ନହେଲେ ସେ ଭୋଗ ଚାଙ୍ଗୁଡିକୁ ଏ ଭିଡ ଭିତରେ ଧରି

ISSN NO.
2582-208X

ରଖିବାର ଦାୟିତ୍ୱ ବି ସମ୍ଭାଳିବାକୁ ପଡିଥାନ୍ତା । ଆଦି ବେଳେବେଳେ ଅସମ୍ଭାଳ ହେଉଥାଏ ଓ ତାକୁ କେତେବେଳେ ବିସ୍କୁଟ୍ ଦେଇ ତ କେତେବେଳେ ପାଣିପିଆଇ ଶାନ୍ତ ରଖିବାକୁ ସମସ୍ତେ ପ୍ରୟାସ କରୁଥାନ୍ତି ।

ସେ ଭିଡରେ ଠିଆ ହୋଇ ସେମାନେ ଗତକାଲିର ଭିଡ କଥା ମନେ ପକାଉଥିଲେ ଓ ସେ କାହାଣୀ ଝିଅ ଜୁଆଁଇକୁ ଶୁଣାଉଥିଲେ । ଗତକାଲି ସେମାନେ ବାଙ୍ଗଲୋରରେ ଇସ୍‌କନ୍ ମନ୍ଦିର ଯାଇଥିଲେ । ସେଠି ବି ସେମିତି ଭିଡ ଥିଲା । ସେ ଭିଡ ଭିତରେ ସେମିତି ଦୁଇଘଣ୍ଟା ବିତିଯାଇଥିଲା । ସେ ଭିଡରେ ପଶି ଦୁଇଘଣ୍ଟା ଠିଆହୋଇ ଠାକୁରଙ୍କୁ ମାତ୍ର ଗୋଟିଏ ମିନିଟ୍ ଦର୍ଶନ କରି ଫେରିବାକୁ ପଡିଥିଲା । ଇଏ କଣ ସତରେ ଦେବ ଦର୍ଶନ ? ଯେଉଁଠି ଠାକୁରଙ୍କୁ ଭଲକରି ଦେଖିବାକୁ ବି ତର ମିଳେନି । ପଛରୁ ଲୋକ ଠେଲୁଥାନ୍ତି । ଜଗିଥିବା ଗାର୍ଡମାନେ "ଆଗକୁ ଚାଲ' କହି ବାଡି ବୁଲୋଉଥାନ୍ତି, ଯେମିତି ଆଗକୁ ନଗଲେ ପାହାରଟିଏ ପକେଇଦେବେ । ଏମିତି ହିନସ୍ତା ହୋଇ ସେମାନେ ଠାକୁର ଦର୍ଶନ କରି ଫେରିଲେ । ଫେରିବାରେ ବି ସେମିତି ସ୍ୱାଧୀନତା ନାହିଁ । ସେମିତି ଭିଡରେ ଫେରିବ । ସେ ଫେରିବା ବାଟରେ ହଜାର ଷ୍ଟଲ୍ ସବୁ ପଡିଛି । କେଉଁଠି ଷ୍ଟେସନାରୀ ଜିନିଷର ଷ୍ଟଲ୍ ତ କେଉଁଠି ବିଭିନ୍ନ ଖାଦ୍ୟ ସାମଗ୍ରୀର ଷ୍ଟଲ୍ । ହେଲେ ସେଠି କିଛି ଗୋଟିଏ କିଣି ପଇସାପତ୍ର ଦେବା ଗୋଟିଏ ରୀତିମତ କୌଶଳର କାମ, କାରଣ ଅନେକ ଗ୍ରାହକ ଏକାସାଙ୍ଗରେ ଜିନିଷ କିଣୁଥାନ୍ତି ଓ ହିସାବପତ୍ର କରୁଥାନ୍ତି । ସେ ସମୟରେ କାହାର ପକେଟମାର ହେବା କି ଟଙ୍କାପଇସା ଏପଟସେପଟ ହେବା ଅତି ସହଜ କଥା । ସେଥିପାଇଁ ଅନେକ କିଛି କିଣିବାର ଇଚ୍ଛା ଥିଲେ ବି ସେ ଇଛାକୁ ଦମନ କରି ସେମାନେ ଆଗକୁଆଗକୁ ଚାଲିଥିଲେ । କେବଳ ଖାଦ୍ୟ ଷ୍ଟଲ୍‌ରୁ କିଛି ସିଙ୍ଗଡା ଓ ଆଳୁଚପ୍ କିଣି ଖାଇଥିଲେ ଓ ମିଠା କିଣି ସମସ୍ତଙ୍କ ପାଇଁ ଆଣିଥିଲେ । ସେ ସିଙ୍ଗଡାକୁ ଏମିତି ବିପର୍ଯ୍ୟସ୍ତ ଭାବେ ଧରିଧରି ଖାଇବାକୁ ପଡିଥିଲା ଯେ ସେ ବିଷୟ ଭାବି ଆଉ କେବେ ସେଭଳି ହୀନିମାନ ହୋଇ କୁଆଡେ ଯିବନି ବୋଲି ତନୁଜା ଶପଥ ନେଇଥିଲା । ହେଲେ ଏମିତି ଯୋଗ ଦେଖ । ଗୋଟିଏ ଦିନ ନ ପୂରୁଣୁ ପୁଣି ସେମିତି ପରିସ୍ଥିତି ଆଜି ହେଲା । ଭାଗ୍ୟକୁ ଗତକାଲି ସେମାନେ ଦୁଇଜଣ କେବଳ

ISSN NO.
2582-208X

ଯାଇଥିଲେ । ଝିଅ, ଜୁଆଁଇ କି ନାତି ଯାଇନଥିଲେ । ନହେଲେ ସେ ଛୋଟପିଲାଟା ସେ ଗହଳି ଭିତରେ ବଡ ହିନସ୍ତା ହୋଇଥାନ୍ତା ।

ମନ୍ଦିରର କାନ୍ଥକୁ ଲାଗି ଆଉ ଗୋଟିଏ ଧାଡି ଖୋଲିଗଲା । ସେଥିରେ ଲୋକମାନେ ଶୀଘ୍ର ଯାଇପାରୁଥାନ୍ତି । ପରେ ଜଣାପଡିଲା ସେ ଧାଡିରେ ଯିବା ପାଇଁ କିଛି ଅଧିକ ଟଙ୍କା ଦେଇ ଟିକେଟ୍ କାଟିବାର ଥିଲା । ସେମାନେ ଏତେକଥା ବୁଝିନଥିଲେ । ବେଳେବେଳେ ଇଚ୍ଛା ହେଉଥିଲା ଧାଡିରୁ ବାହାରି ଫେରିଯିବାକୁ । ପୁଣି କେଉଁ କାରଣରୁ କେଜାଣି, ସମସ୍ତେ ସେ ଧାଡିରେ ବନ୍ଧା ହୋଇ ରହିବା ଭଳି ରହିଗଲେ ଓ ଆଗ ଲୋକକୁ ଅନୁସରଣ କରି ପଛେପଛେ ଚାଲିଲେ । ଜାନୁୟାରୀ ମାସରେ ମଧ୍ୟ ତାପମାତ୍ରା ଏତେ ଅଧିକ ଥିଲା ଯେ, ସମସ୍ତଙ୍କର ଝାଳ ବାହାରୁଥିଲା । ଶେଷରେ ପ୍ରାୟ ଦୁଇଘଣ୍ଟା ପରେ ସେମାନଙ୍କୁ ଠାକୁରାଣୀଙ୍କ ଦର୍ଶନର ସୁଯୋଗ ମିଳିଲା । ସିଏ ପୁଣି କିଛି ସେକେଣ୍ଡ ପାଇଁ । ପଛରେ ଏତେ ଲୋକ ଆଗକୁ ଯାଇ ଦର୍ଶନ କରିବାକୁ ଧସ୍ତାଧସ୍ତି ହେଉଥିଲେ ଯେ, କାଳେ ସେ ଠେଲାପେଲାରେ କିଏ ତଳେ ପଡିଯିବ, ଗୋଡହାତ ଖଣ୍ଡିଆ ହେବ, ସେସବୁ ଭାବି ସେମାନେ ଯେତେଶୀଘ୍ର ସମ୍ଭବ ଠାକୁରାଣୀଙ୍କୁ ଦେଖିଦେଇ ଫେରିଆସିଲେ । ଏବେ ମଧ୍ୟ ଠାକୁରାଣୀଙ୍କ ମୁହଁ ତନୁଜାର ମନେ ନାହିଁ ।

କାଲି ଇସ୍କନ୍ ମନ୍ଦିରର ଠାକୁରଙ୍କ ଦର୍ଶନ ଭଳି ଆଜି ବି ମା ଚାମୁଣ୍ଡେଶ୍ୱରୀ ଠାକୁରାଣୀଙ୍କର ଏଭଳି ଦର୍ଶନ କରିବା ଅତି ଦୟନୀୟ ଦର୍ଶନ ଭଳି ମନେ ହେଉଥିଲା । ପଇଁତିରିଶି, ଛତିଶି ବର୍ଷ ତଳେ ସେଠି ଏମିତି ଭିଡ ନଥିଲା । ସେତେବେଳେ ପ୍ରକାଶ ବାଙ୍ଗାଲୋରରେ ଚାକିରି କରୁଥିଲେ । ତନୁଜା ବମ୍ବେରେ କାମ କରୁଥିଲା । ହେଲେ ସିଏ ଯେତେବେଳେ ବାଙ୍ଗାଲୋର ଆସିଥିଲା, ସେମାନେ ଇସ୍କନ୍ ମନ୍ଦିର ଦର୍ଶନ କରିଥିଲେ; ଚାମୁଣ୍ଡେଶ୍ୱରୀଙ୍କ ଦର୍ଶନ ପାଇଁ ବି ଆସିଥିଲେ, ସେତେବେଳେ ଏମିତି ଗହଳି ନଥିଲା । ଏଥର ଗହଳି ସାଙ୍ଗକୁ ସେସବୁ ସ୍ଥାନକୁ ବ୍ୟବସାୟିକ ସ୍ଥଳୀରେ ମଧ୍ୟ ପରିଣତ କରିଦିଆଯାଇଛି । ଡ୍ରାଇଭର୍ ଯେଉଁ ସ୍ଥାନରେ ଗାଡି ପାର୍କ କରିଥିଲା, ସେ ସ୍ଥାନରୁ ସେମାନଙ୍କୁ ପ୍ରାୟ ଦୁଇମାଇଲ୍ ଚାଲିଚାଲି ଯିବାକୁ ପଡିଲା । ସେ ପଥର ଦୁଇ ପାର୍ଶ୍ୱରେ ଅନେକ ଦୋକାନ ସବୁ ଥିଲା ।

ISSN NO.
2582-208X

ମନ୍ଦିରର ମୁଖ୍ୟ ଦ୍ୱାର ନିକଟରେ ପହଞ୍ଚିବା ପୂର୍ବରୁ ଦର୍ଶନ ପାଇଁ ଟିକେଟ୍ କାଟିବା କେନ୍ଦ୍ର ରହିଥିଲା ଓ ଜୋତା ରଖିବା ପାଇଁ ମଧ୍ୟ ଏକ କେନ୍ଦ୍ର ଥିଲା । ଜୋତା ରଖିବା ପାଇଁ ସେମାନେ ପ୍ରତି ଦଳଙ୍କୁ ଗୋଟିଏ ଗୋଟିଏ ଅଖା ଥଳି ଦେଉଥିଲେ ଓ ସେ ଅଖାଥଳି ପାଇଁ ଗୋଟିଏ ଟୋକନ ଦେଉଥିଲେ । ସେମାନେ ଦର୍ଶନ ପାଇଁ ଟିକେଟ୍ କାଟିଲେ । ତାପରେ ଜୋତା ରଖିବା ପାଇଁ ମଧ୍ୟ ଟଙ୍କା ଦେଇ ଜୋତା ରଖିଲେ ଓ ଟୋକନ୍ ସଂଗ୍ରହକଲେ ।

ମନ୍ଦିରର ମୁଖ୍ୟ ଦ୍ୱାର ସାମନାରେ ଅନେକ କ୍ୟାମେରାମ୍ୟାନ୍ ସବୁ କ୍ୟାମେରା ଧରି ବୁଲୁଥାନ୍ତି। ଗୋଟିଏ କ୍ୟାମେରାମ୍ୟାନ୍‌କୁ ଧରି ସେମାନେ ଗୋଟିଏ ଗ୍ରୁପ୍ ଫଟୋ ଉଠେଇଲେ। ସେ ଫଟୋଟି ସେମାନେ ଦର୍ଶନ ସାରି ସଂଗ୍ରହ କରିପାରିବେ ବୋଲି କହି କ୍ୟାମେରାମ୍ୟାନ୍ ଗୋଟିଏ ଟୋକନ୍ ମଧ୍ୟ ଦେଲା । ତାପରେ ସେମାନେ କିଛି ଫୁଲ କିଣି ଦର୍ଶନ ପାଇଁ ଉଦ୍ଦିଷ୍ଟ ଧାଡିରେ ଠିଆ ହେଲେ । ସେମାନେ ଧାଡିରେ ଠିଆ ହେବା ସମୟରେ ଦିନ ୧୧ଟା ବାଜିଥିଲା। ଦର୍ଶନ ସାରି ଫେରିବା ବେଳକୁ, ଗୋଟାଏ ବାଜିଲାଣି । ସେଇଠି ପଇଡ ବିକ୍ରି ହେଉଥିଲା । ସେମାନେ ସମସ୍ତେ ଗୋଟିଏଗୋଟିଏ ପଇଡର ପାଣି ପିଇଲେ ଓ ତାପରେ ଫେରିବାକୁ ପ୍ରସ୍ତୁତ ହେଲେ, କାରଣ ସମସ୍ତଙ୍କୁ ବହୁତ ଭୋକ ହେଉଥାଏ । ପ୍ରକାଶ ଡ୍ରାଇଭରକୁ ୧୦-୨୦ ମିନିଟ୍ ଭିତରେ ପହଞ୍ଚୁଛନ୍ତି ବୋଲି ଡାକି ଜଣେଇଦେଲେ ଓ ତାପରେ ସମସ୍ତେ ଉଠେଇଥିବା ଫଟୋ ଓ ଜୋତା ସଂଗ୍ରହ କରି ଫେରିଆସିଲେ । ଆଉ ଅନ୍ୟ ସବୁ ବୁଲି ଦେଖିବାକୁ ଆଗ୍ରହ ରହିଲାନି କି ଶକ୍ତି ବି ରହିଲାନି । ସେଦିନ ପାଗ ଭଲ ଥିଲା । ଖରା ପ୍ରବଳ ଥିଲା ଓ ଗରମ ହେଉଥିଲା । ସୋନି ମନ୍ତବ୍ୟଦେଲା, "ଏଠି ସବୁ ଗ୍ରୀଷ୍ମଋତୁରେ ଲୋକମାନେ କେମିତି ଚଳୁଥିବେ କେଜାଣି ?"

"ସେଇକଥା ମୁଁ ବି ଭାବୁଛି । ଫେବୃୟାରୀ, ମାର୍ଚ୍ଚରେ ହୁଏତ ଟିକେ ଚଳନୀୟ ରହିବ, ହେଲେ ଏପ୍ରିଲ୍, ମେ ମାସ ବେଳକୁ ତ ଏଠି ନିଆଁ ବର୍ଷା ହୋଉଥିବ ।'

ସେମାନେ ଯେଉଁ ବାଟେବାଟେ ଯାଇଥିଲେ, ସେଇ ବାଟେବାଟେ ପାର୍କିଙ୍ଗ୍ ସ୍ଥାନକୁ ଫେରିଆସିଲେ । ଡ୍ରାଇଭର୍ ପ୍ରସ୍ତୁତ ଥିଲା ଓ ସେମାନେ ଆଉ କିଛି ନଦେଖି ସିଧା ମହୀଶୁର

ISSN NO.
2582-208X

ପ୍ୟାଲେସ୍ ଦେଖିବା ଦିଗରେ ଚାଲିଲେ । ବାଟରେ ଯେଉଁଠି ଖାଇବା ପାଇଁ ଭୋଜନାଳୟ ଥିବ, ସେଇଠି ଖାଇଦେବେ । ବାଟରେ ସେମାନଙ୍କୁ ଏକ ଭୋଜନାଳୟ ମିଳିଗଲା ଓ ସେଇଠି ସେମାନେ ସମସ୍ତେ ଅପରାହ୍ନ ଭୋଜନ କରି ମହୀଶୁର ପ୍ୟାଲେସ୍ ଦେଖିବାକୁ ଗଲେ ।

ସେଇଟା ଥିଲା ୨୦୨୪ ମସିହା, ଜାନୁଆରୀ ମାସ ୮ ତାରିଖ ସୋମବାର । ତନୁଜା, ତାର ସ୍ୱାମୀ ପ୍ରକାଶ, ସେମାନଙ୍କର ଝିଅ ସୋନି, ଜୁଆଇଁ ବ୍ରାୟାନ୍ ଓ ସେମାନଙ୍କର ଦେଢବର୍ଷର ନାତି ଆଦି ସମସ୍ତେ ମିଶି ବାଙ୍ଗାଲୋର୍‌ରୁ ମହୀଶୁର ସହର ବୁଲିବାକୁ ଯାଇଥିଲେ । ସେମାନଙ୍କର ଯୋଜନାରେ ଥିଲା ପ୍ରଥମେ ଚାମୁଠୀ ହିଲ୍ ଯାଇ ଚାମୁଣ୍ଡେଶ୍ୱରୀଙ୍କ ଦର୍ଶନ କରିବେ, ତାପରେ ମହୀଶୁର ପ୍ୟାଲେସ୍ ଦେଖିବେ, ଶେଷରେ ବୃନ୍ଦାବନ ଗାର୍ଡେନ୍ ଦେଖି ଫେରିବେ । ଇଚ୍ଛା କରିଥିଲେ ସେମାନେ ମହୀଶୁରରେ ଗୋଟିଏ ଦିନ ରହିପାରିଥାନ୍ତେ । ତେବେ ପାଖରେ ଏତେ ସମୟ ନଥିଲା । ତେଣୁ ବାଙ୍ଗାଲୋରରେ ଯେଉଁଠି ଝିଆରୀ ପାଖରେ ରହୁଥିଲେ, ସେଇଠାରୁ ଆସି ଗୋଟିଏ ଦିନ ମହୀଶୁର ବୁଲିବେ ବୋଲି ଯୋଜନା କରିଥିଲେ ।

ଏବେ ମହୀଶୁର ପ୍ୟାଲେସ୍‌ର ପହଞ୍ଚୁପହଞ୍ଚୁ ସାଢେ ଦୁଇଟା ବାଜିଗଲାଣି । ସେଠି ଏମିତିରେ ଦେଖିବାକୁ ଗଲେ ଭିଡ ନଥିଲା । ସେ ପ୍ୟାଲେସ୍ ୭୨ ଏକର ଜମିରେ ନିର୍ମିତ ଥିଲା । ତେଣୁ ସବୁ ଦେଖଣାହାରୀଙ୍କ ପାଇଁ ପ୍ରଶସ୍ତ ସ୍ଥାନ ରହିଥିଲା, ସୁନ୍ଦର ଉଦ୍ୟାନ ରହିଥିଲା ଓ ସିମେଣ୍ଟ ବେଞ୍ଚ ସବୁ ରହିଥିଲା । ସେମାନେ ଗେଟ୍ ନିକଟରେ ଟିକେଟ୍ କାଟିସାରିବା ପରେ ବୁଲିବାକୁ ବାହାରିଲେ । ଅନେକ ସୁନ୍ଦର କାରୁକାର୍ଯ୍ୟର ପ୍ରାସାଦ । ଯେତେ ଫଟୋ ଉଠାଇଲେ ବି ମନ ମାନୁନଥାଏ । ଇଚ୍ଛା ହେଉଥାଏ ସେସବୁ ସୌନ୍ଦର୍ଯ୍ୟକୁ ନିଜ ଦେହ ଓ ମନରେ ଧରି ବୋଳିଦେବାକୁ ।

ତନୁଜା ଡି.ଏସ.ଏଲ୍ କ୍ୟାମେରା ଧରି ବୁଲୁଥିବାରୁ ତାକୁ ସବୁବେଳେ ସ୍ୱତନ୍ତ୍ର ଜାଞ୍ଚ ଦ୍ୱାର ଦେଇ ଯିବାକୁ ପଡୁଥିଲା । ସେଠି ବି ସେଇଆ ହେଲା । ତାକୁ ବ୍ୟାଗ୍‌ପ୍ୟାକ୍ ଖୋଲି ନିଜ

ISSN NO.
2582-208X

କ୍ୟାମେରାକୁ ଦେଖେଇବାକୁ ପଡିଲା । ସିକ୍ୟୁରିଟି ଗାର୍ଡ କହିଲେ, "ତମେ କ୍ୟାମେରା ଭିତରକୁ ନେଉଛ ସତ, ହେଲେ ସେଥିରେ ଫଟୋ ଉଠେଇବନି ।' ତନୁଜା ବି ସେଭଳି ପ୍ରତିଶ୍ରୁତି ଦେଇ ଭିତରକୁ ଆସିଲା । ଏବେ ଆଦିକୁ ବୁଲିବାକୁ ଅନେକ ଜାଗା ମିଳିଗଲା । ସିଏ ଦୌଡିବାରେ ଲାଗିଲା । ତା ପଛେପଛେ ସମସ୍ତେ ଦୌଡିଲେ । ସେମାନେ ଯାହା ମଧ୍ୟାହ୍ନ ଭୋଜନରେ ଖାଇଥିଲେ, ସେଇଟା ଆଦି ଦେହରେ ଗଲାନି । ତାର ତରଳ ଝାଡା ହେଲା ଓ ଡାଇପର୍ ବଦଳେଇବାକୁ ପଡିଲା । ସେମାନେ ଏମିତି ବାହାରେ ବାହାରେ ବୁଲୁଥିଲେ । ହେଲେ ଅନେକ ବ୍ୟକ୍ତି ମୁଖ୍ୟ ରାଜପ୍ରାସାଦ ଭିତରକୁ ଯାଉଥିବାର ଦେଖି ସେମାନେ ମଧ୍ୟ ଯିବାକୁ ସ୍ଥିରକଲେ । ଭିତରକୁ ଯିବାପାଇଁ ଜୋତାକୁ ଜୋତା ଷ୍ଟଲ୍‌ର ରଖି ଯିବାକୁ ପଡିଲା ଓ ଆଉଥରେ ଟିକେଟ୍ କାଟିବାକୁ ପଡିଲା । ତେବେ ପ୍ୟାଲେସ୍ ଭିତରେ ପଶିବା ପରେ ଲାଗିଲା ସତରେ କେତେ ସୁନ୍ଦର କାରୁକାର୍ଯ୍ୟ ସେମାନେ ଦେଖିପାରିବାରୁ ବଞ୍ଚିତ ହୋଇଥାନ୍ତେ । ପ୍ୟାଲେସ୍ ଭିତରେ ପାଦ ଦେଲାପରେ ମନେହେଲା ଯେମିତି ଏକ ହିନ୍ଦୀ ଚଳଚ୍ଚିତ୍ର ଭଳି । ଏତେ ସୁନ୍ଦର କାରୁକାର୍ଯ୍ୟ ?

ପ୍ରଥମେ ସେମାନେ ଯାଇ ଦରବାର ହଲ୍ ରେ ପହଞ୍ଚିଗଲେ । ଦରବାର ହଲ୍‌ର ସୌନ୍ଦର୍ଯ୍ୟରେ ମୋହିତ ହୋଇଗଲା ତନୁଜା । ଇଚ୍ଛା ହେଲା, ତା ଭିତରେ କେବଳ ସିଏ ଓ ତା' ପରିବାର ଥାଇ ଏକ ସୁନ୍ଦର ଫଟୋ ନିଅନ୍ତେ । ଏତେ ସୁନ୍ଦର କାରୁକାର୍ଯ୍ୟ ଦେଖି ସେ ଯୁଗର ଶିଳ୍ପୀ ମାନଙ୍କ ପ୍ରତି ଶ୍ରଦ୍ଧାରେ ତାର ହୃଦୟ ପୁରିଉଠିଲା । ତେବେ ସେ ସମୟରେ ଅନେକ ପରିଦର୍ଶକ ଥିଲେ ଓ ଗହଳି ଥିଲା । ସେଥିପାଇଁ ଯାହା ବି ଫଟୋ କି ଭିଡିଓ ନିଆଗଲା, ସେଥିଲେ ଆଉ ଜଣେ କିଏ ଅଜଣା ବ୍ୟକ୍ତି ରହିଯାଉଥିଲେ । ଦରବାର ହଲ୍ ସଂପୂର୍ଣ୍ଣଭାବେ ଗୋଲାପି, ହଳଦିଆ ଓ ନୀଳ-ସବୁଜର ମିଶ୍ରଣ ରଙ୍ଗରେ ସଜ୍ଜିତ । ଏହାର ଚିତ୍ରିତ ସ୍ତମ୍ଭ ସମସ୍ତ ସମକକ୍ଷ ଭାବରେ ହଲ୍ ମଧ୍ୟରେ ସ୍ଥାପିତ ହୋଇଥିଲା ଓ ହଲ୍‌ର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରୁଥିଲା ।

ଦରବାର ହଲ୍ ଭଳି ଅମ୍ବାବିଳାସ ମଧ୍ୟ ଅତି ସୌନ୍ଦର୍ଯ୍ୟମୟ ଥିଲା । ତେବେ ଏହାର ସୁନେଲି ସ୍ତମ୍ଭ ମାନଙ୍କରେ ଅଧିକ ସୁନା ବ୍ୟବହୃତ ହୋଇଥିବାରୁ ଏହା ଅତ୍ୟଧିକ ଚମତ୍କାର

ISSN NO.
2582-208X

ଦିଶୁଥିଲା । ଅମ୍ବାବିଳାସର ଛାତ ବିଭିନ୍ନ ରଙ୍ଗରେ ସୁସଜ୍ଜିତ ହୋଇ ଖଞ୍ଜା ହୋଇଥିବା କାଚରେ ନିର୍ମିତ ଥିଲା । ସେଥିରେ ଆଲୁଅ ପଡି ରଙ୍ଗୀନ କାଚର ସୁନ୍ଦର ପ୍ରତିଫଳନ ହେଉଥିଲା । ସେ ପ୍ରତିଫଳନ ଓ ରଙ୍ଗକୁ ଦେଖି ଆଦି ବଡ ଖୁସି ହେଉଥିଲା ଓ ସମସ୍ତଙ୍କୁ ଦେଖାଇ ବାରମ୍ବାର "ଲା-ଆଇ-ଟ୍' କହୁଥିଲା । ସେ ଖୁସିରେ ସମସ୍ତେ ସାମିଲ ହେଉଥିଲେ ଓ ସେଇଭଳି ଛୋଟ ଶିଶୁର ସ୍ୱରରେ "ଲା-ଆ-ଇ-ଟ୍' କହୁଥିଲେ ।

ଏମିତି ସୌନ୍ଦର୍ଯ୍ୟମୟ ରାଜପ୍ରାସାଦ ପରିଦର୍ଶନ କରିବାପରେ ଚାମୁଣ୍ଡେଇ ମନ୍ଦିରରେ ଧାଡିରେ ଠିଆହେବାର କ୍ଲାନ୍ତି ଅପସରି ଯାଇଥିଲା । ଆଉ ଗୋଟିଏ ମଜା କଥା ହେଲା, ରାଜପ୍ରାସାଦରେ ଏକ ପୋଟ୍ରେଟ୍ ଗ୍ୟାଲେରୀ ରହିଥିଲା, ଯେଉଁଥିରେ କି ପଞ୍ଚଦଶ ଶତାବ୍ଦୀରୁ ଏବେ ପର୍ଯ୍ୟନ୍ତ ସମସ୍ତ ରାଜା ଓ ରାଣୀଙ୍କର ଚିତ୍ର ସଂରକ୍ଷଣ କରି ରଖା ଯାଇଥିଲା । ସେଇ ଚିତ୍ର ମଧ୍ୟରୁ ଗୋଟିଏ ଚିତ୍ର ଦେଖି ସୋନି ଅଟକିଗଲା, "ମାମା ଦେଖତ, ଏ ଫଟୋରେ ଥିବା ନାରୀ ଜଣକ ଠିକ୍ ତମ ଭଳି ଦିଶୁଛନ୍ତି ।' ସିଏ ଏମିତି କହିବାରୁ ପ୍ରକାଶ ଓ ବ୍ରାୟାନ୍ ମଧ୍ୟ ସେ ଫଟୋଟିକୁ ନିବିଷ୍ଟ ମନ ହୋଇ ଦେଖିଲେ । ସେମାନେ କହିଲେ, "ସତରେ ତ' । ପ୍ରକାଶ ମନ୍ତବ୍ୟଦେଲେ, "ହୁଏତ ପୂର୍ବ ଜନ୍ମରେ ତୋ ମାମା ସେ ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲା ।' ସେଇଠି ସୋନି ତା' ସେଲ୍‌ଫୋନ୍‌ର କିଛି ଫଟୋ ଉଠେଇଲା ।

ରାଜପ୍ରାସାଦ ଦର୍ଶନ ସାରି ସେମାନେ ବାହାରକୁ ଆସିଲେ । ସମୟ ସେତେବେଳକୁ ଅପରାହ୍ନ ଚାରିଟା ହୋଇଯାଇଥିଲା । ପ୍ରକାଶ କହିଲେ, "ଏବେ ତେବେ ଚାଲ, ବୃନ୍ଦାବନ ଗାର୍ଡେନ୍ ଯିବା ।' ତନୁଜା ରାଜିହେଲାନି । ସିଏ ପ୍ରତିବାଦ କଲା, "ଆମେତ ରାଜପ୍ରସାଦର ଅନ୍ୟ ସବୁ ପଟ ବୁଲି ଦେଖିନାହାନ୍ତି । ସେସବୁ ନଦେଖି କେମିତି ଫେରିଯିବା ?'

ପ୍ରକାଶ ଉତ୍ତରରେ କଟାକ୍ଷ କରି କହିଲେ, "ତେବେ ତୁ ଏଠି ରହିଯା । ସବୁ ବୁଲିକରି ଦେଖେ । ଆମେ ଯାଉଛୁ ବୃନ୍ଦାବନ ଗାର୍ଡେନ୍ ଦେଖିକରି ଆସିବୁ, ଫେରିଲା ବେଳକୁ ତତେ ନେଇଯିବୁ ।'

ISSN NO.
2582-208X

ତାଙ୍କ କଥା ଉପରେ ଗୁରୁତ୍ୱ ନଦେଇ ସେମାନେ କିଛି ସମୟ ରାଜପ୍ରାସାଦର ବଗିଚା ବୁଲିକରି ଦେଖିଲେ । ଯଦିଓ ଟିକେ ଗରମ ହେଉଥାଏ, ତଥାପି ଭଲ ଲାଗୁଥାଏ ।

ଏମିତି ହିଁ ଜୀବନ, କେତେବେଳେ ଖରା ତ କେତେବେଳେ ଛାଇ । କେଉଁଠି ଖୁସିର ଅନୁଭବ ତ କେଉଁଠି ଯନ୍ତ୍ରଣାର ।

ବଗିଚାର ଫୁଲଗୁଡିକୁ ଦେଖିଲା ପରେ ଗରମ, ଝାଳ, ଚାଲିବାର କ୍ଳାନ୍ତି, ସବୁ ଅବସାଦ ଯେମିତି ଚାଲିଗଲା । ଇଚ୍ଛା ହେଲା, ସେଇ ବଗିଚାରେ ଆହୁରି କିଛି ସମୟ କେବଳ ଦେଖିଦେଖି ବିତେଇଦେବାକୁ । ତେବେ ଘଣ୍ଟାରେ ଯେତେବେଳେ ୪ଟା ପଇଁତାଳିଶି ହେଇଗଲା, ପ୍ରକାଶ ଅଥୟ ହେଲେ । "ଏବେ ଆମେ ଫେରିବା ।'

ସିଏ ଡ୍ରାଇଭର୍ ସହିତ ଯୋଗାଯୋଗ କଲେ । ସେମାନେ ଫାଟକର ବାହାରକୁ ଆସିବା ପରେ ସେଇଠି ଡ୍ରାଇଭର୍ ସହିତ ଭେଟ ହେଲା । ସେମାନେ ଗାଡି ପାଖକୁ ଆସିଲେ ଓ ଡ୍ରାଇଭର୍ ବୃନ୍ଦାବନ ଗାର୍ଡେନ୍ ଅଭିମୁଖେ ଗାଡି ଚଲେଇଲା ।

ସେମାନେ ବୃନ୍ଦାବନ ଗାର୍ଡେନ୍ର ପାଖାପାଖି ହେବାବେଳକୁ ଆକାଶରେ ମେଘ ଘୋଟି ଆସିଥିଲା । ସନ୍ଧ୍ୟାବେଳ ଭଳି ଅନୁଭୂତ ହେଲା । ତଥାପି ଆସିଛନ୍ତି ଯେତେବେଳେ, ଟିକେ ଦେଖିଦେଇ ଯିବା ଉଚିତ । ଫାଟକ ପାଖରେ ଗହଳି ଥିଲା । ତେବେ ସେମାନେ ପ୍ରାୟ ଦଶମିନିଟ୍ ଭିତରେ ଟିକେଟ୍ କାଟି ଭିତରକୁ ଯାଇପାରିଲେ । ଭିତରେ ପଶିବା ବେଳକୁ ସମସ୍ତଙ୍କର ବ୍ୟାଗ୍ ଜାଞ୍ଚ କରାଯାଉଥିଲା । ସେଠି ଥିବା ମହିଳା ଗାର୍ଡ ଜଣକ ପଚାରିଲେ, "ଏ ବ୍ୟାଗ୍ ଭିତରେ କ୍ୟାମେରା ରଖିଛ କି ?'

ତନୁଜା କହିଲା, "ହଁ । ହେଲେ ଯଦି ନିୟମ ନାହିଁ, ତେବେ ମୁଁ ଏ କ୍ୟାମେରାରେ ଫଟୋ ଉଠେଇବିନି ।'

ଗାର୍ଡ ଜଣେଇଲେ, "ତମେ ଫଟୋ ଉଠେଇପାରିବ । ତେବେ ୧୦୦ ଟଙ୍କା ଫିସ୍ ସେଥିପାଇଁ ଦେବାକୁ ପଡିବ ।'

ISSN NO.
2582-208X

ତନୁଜା ଶହେ ଟଙ୍କା ଦେଇ କ୍ୟାମେରା ନେବାକୁ ଅନୁମତି ପାଇଲା । ତେବେ ସେ ଗାର୍ଡ ଜଣକ ତାକୁ ରସିଦ୍ ଦେଲେନି କି ସମୟ ଅଭାବରୁ ସିଏ ମାଗିପାରିଲାନି ।

ସନ୍ଧ୍ୟା ଆଗତ ପ୍ରାୟ । ତାରି ଭିତରେ ଯେତେ ବୁଲିହେଲା ସେମାନେ ବୁଲିଲେ ଓ ଫଟୋ ଉଠେଇଲେ । ତେବେ ବୃନ୍ଦାବନ ଗାର୍ଡେନ୍‌ର ପ୍ରବେଶଦ୍ୱରର ବାମ ପାର୍ଶ୍ୱର ଶେଷ ଭାଗରେ କିଛି କାମ ଚାଲିଥିଲା । ସେଠି ଆଉ ବଗିଚା ନଥିଲା କି ଫୁଲ ନଥିଲା । କେବଳ ଇଟା, ପଥର, ଗୋଡି, ମାଟି । ତେବେ ଠିକ୍ ସାଢେ ୬ଟା ବେଳକୁ ବଗିଚା ସାରା ଆଲୋକିତ ହୋଇଉଠିଲା । ଏତେ ସୁନ୍ଦର ଦିଶିଲା ଯେ, ହୃଦୟ ପୂରିଉଠିଲା । କିନ୍ତୁ ସେସବୁ ସୌନ୍ଦର୍ଯ୍ୟକୁ ଅନୁଭବ କରିବାକୁ ଅଧିକ ସମୟ ନଥିଲା । ସେମାନଙ୍କୁ ସେଦିନ ବାଙ୍ଗାଲୋର ଫେରିବାକୁ ହେବ । ଦ୍ୱିତୀୟରେ କେଉଁଠି ଗୋଟିଏ ଖାଇବାକୁ ପଡିବ । ଆଦିକୁ ସେତେବେଳକୁ ବହୁତ ଜୋରରେ ଭୋକ ଲାଗିଲାଣି । ସିଏ ଖାଲି କାନ୍ଦୁଥାଏ । ତାକୁ ବୁଝେଇବାକୁ କିଛି ଖାଦ୍ୟ ଦେଲେ ସିଏ "ନା' କହି ଆହୁରି ରାଗୁଥାଏ । ତେଣୁ ସମସ୍ତେ ୭ଟା ବେଳକୁ ଗାର୍ଡେନ୍ ଛାଡି ଫେରିଆସିଲେ । କିଛିବାଟ ଆସିବା ପରେ ଗୋଟିଏ ରେଷ୍ଟୁରାଣ୍ଟ୍ ଦେଖି ଡ୍ରାଇଭର୍ କାର୍ ରଖିଲା । ସେଇଠି ସମସ୍ତେ ଖାଇବେ ବୋଲି ସ୍ଥିର କଲେ । ସମସ୍ତଙ୍କୁ ପାଇଖାନା ଯିବାର ବି ଥିଲା । ସେଇଠି ବସିସାରି କିଛି ଖାଦ୍ୟ ଅର୍ଡର୍ କଲେ । ରେଷ୍ଟୁରାଣ୍ଟଟି ବାହାରକୁ ସୁନ୍ଦର ଦିଶୁଥାଏ ସିନା, ହେଲେ ଭିତରେ ଏତେଟା ଉଚ୍ଚକୋଟୀର ଲାଗିଲାନି । ସେମାନେ ବସୁବସୁ ମଶା ସବୁ ଆସି ଜବରଦସ୍ତ କାମୁଡିବାରେ ଲାଗିଗଲେ । ମଶାମାନଙ୍କୁ ଘଉଡେଇବାକୁ ପଡୁଥାଏ । ଏମିତିରେ ପ୍ରଥମେ ଅର୍ଡର ଅନୁଯାୟୀ ଯେଉଁ ଖାଦ୍ୟ ଆସି ପହଞ୍ଚିଲା, ସେଇଟା କୋବି ମଞ୍ଚୁରିଆନ୍ । ଭାରି ରାଗ ଥାଏ । ହେଲେ ଆଦିକୁ ଏତେ ଭୋକ ଲାଗୁଥିଲା ଯେ, ସିଏ ସେଇଟା ଖାଇବାକୁ ଚାହିଁଲା । ତାକୁ ନ ଦେବାରୁ, ଜୋରରେ କାନ୍ଦିଲା । ଶେଷରେ ତା ପାଇଁ ଖାଲି ଭାତ ଓ ଦହି ଆଣି ଖୁଆଇବାକୁ ଚେଷ୍ଟାକଲେ ବି ସିଏ ଖାଇଲାନି । ତାର ସେ ମଞ୍ଚୁରିଆନ୍ ରେ ମନ ଲାଗିରହିଲା । ତାକୁ ଆଉ ଯାହା ଦେଲେ ବି ସିଏ ଖାଇବାକୁ ଚାହିଁଲାନି । ଏତେ ଛୋଟ ପିଲା, କିନ୍ତୁ ମଞ୍ଚୁରିଆନ୍‌କୁ ମନେ ରଖି ସିଏ ଯେଉଁ ଜିଦ୍ କଲା, ତାହା ନ ଦେଖିଲେ କିଏ ବିଶ୍ୱାସ

ISSN NO.
2582-208X

କରିପାରିବେନି । ସେ ସମୟଟା ବଡ କଠିନ ରହିଲା । ପିଲାଟିଏ ଅଥୟ ହୋଇ କାନ୍ଦିଲେ ସମସ୍ତଙ୍କ ମନ ଯାହା ରହିବା କଥା ।

ଆଦିର କାନ୍ଦ ପାଇଁ ସମସ୍ତେ ଭଲରେ ଖାଇ ପାରିଲେନି । ରାତି ବି ଅଧିକ ହେଉଥିଲା ଓ ସମସ୍ତେ ଫେରିବାକୁ ଚାହୁଁଥିଲେ । ତେଣୁ ବଳକା ଖାଦ୍ୟ ସବୁ ପ୍ୟାକ୍ କରି ସମସ୍ତେ ଫେରିବାକୁ ପ୍ରସ୍ତୁତ ହେଲେ । ଗାଡି ଚାଲିବାରୁ ଆଦି ଶୋଇପଡିଲା । ଅନ୍ୟମାନେ ବି କ୍ଳାନ୍ତି ପାଇଁ ଢୁଳେଇବାରେ ଲାଗିଲେ । ତଥାପି ଡ୍ରାଇଭର୍‌କୁ ଜାଗ୍ରତ ରଖେଇବା ପାଇଁ ପ୍ରକାଶ ଚେଇଁ ରହିଲେ ଓ ଡ୍ରାଇଭର୍ ସହିତ ବିଭିନ୍ ବିଷୟରେ କଥୋପକୋଥନ ଆରମ୍ଭ କରିଦେଲେ । ସେମାନେ ବାଙ୍ଗାଲୋର୍‌ରେ ପହଞ୍ଚିବା ବେଳକୁ ରାତି ସାଢେ ଏଗାରଟା ହୋଇଯାଇଥିଲା ।

ତା' ପରଦିନ ଭୁବନେଶ୍ୱର ଫେରିବାର ଥିଲା । ସକାଳେ ଉଠି ସବୁ ସଜଡାସଜଡି କରିବେ ଭାବି ସମସ୍ତେ ଶୋଇବାର ପ୍ରସ୍ତୁତି ଆରମ୍ଭକଲେ । ପ୍ରଶାନ୍ତ ଭୋର ୫ଟାରେ ଉଠିବା ପାଇଁ ଆଲାରାମ୍ ଦେଇଦେଲେ ।

ଶୋଇବା ପୂର୍ବରୁ ତନୁଜା କହିଲା, "ମତେ କୋଟିଏ ଟଙ୍କା ଦେଲେ ବି ମୁଁ ଆଉ ସେ ଭିଡ ଭିତରକୁ ଯିବିନି । ଖାଲିଟାରେ ଗତକାଲି ଦୁଇଘଣ୍ଟା ଓ ଆଜି ଦୁଇଘଣ୍ଟା ଆମେ ସେ ଭିଡରେ ଠିଆ ହୋଇ ହିଁ ନଷ୍ଟକଲେ ।'

ପ୍ରକାଶ ଉତ୍ତରରେ ହସିଦେଲେ । "ତୁ ତ ସବୁବେଳେ ସେମିତି କହୁ, ହେଲେ ପୁଣି ସେଇ କାମ କରୁ । ଆଜିକାଲି ଯୁଗରେ ତ ସବୁବେଳେ ଭିଡ । ଲୋକ ସଂଖ୍ୟା ଏତେ ପରିମାଣରେ ବୃଦ୍ଧି ପାଉଛି, ଭିଡ ହେବନି କେମିତି ? କେଉଁ ଭିଡଠାରୁ କେତେ ଦୂରେଇ ରହିବୁ । ଦେଖୁନୁ, ସବୁଆଡେ ଏବେ ପ୍ରଚାରର କେତେ ଭିଡ । ହ୍ୱାଟ୍‌ସ୍‌ଆପ୍‌ର ଭିଡ; ୟୁଟିଉବ୍ ରେ ଭିଡ; ଫେସ୍‌ବୁକ୍‌ର ଭିଡ; ଏମିତି କି ଇମେଲ୍ ରେ ବି ଭିଡ । ଯାହାଠୁ ଯାହା ଅନ୍‌ଲାଇନ୍ ରେ କିଣିଲ, ସିଏ ହଜାର ମେସେଜ୍ ପଠେଇଦେଉଛନ୍ତି । ଯାହାର ଯାହା ଇଛା ହେଲା, ଗାରେଇ ପକେଇ ହ୍ୱାଟ୍‌ସ୍‌ଆପ୍ ରେ, ଫେସ୍‌ବୁକ୍ ରେ ପ୍ରଚାରରେ ଲାଗିଛନ୍ତି । ଆଉ

ISSN NO.
2582-208X

ଭାରତରେ ସବୁ ଦେବାଦେବୀଙ୍କ ପାଖରେ ଏମିତିରେ ତ ସବୁବେଳେ ହିଁ ଭିଡ । ଆମ ପୁରୀ ଜଗନ୍ନାଥ ମନ୍ଦିର ଭିଡକୁ କଣ ଭୁଲିଗଲୁଣି ?'

"ଭୁଲିନି ।'

"ତାହେଲେ କଣ ଆଉ କେବେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ମନ୍ଦିର ଯିବୁନି ।'

"ସେକଥା ତ ମୁଁ କହିବିନି । ତେବେ ମୋ ମତରେ ଶାସନରେ ଥିବା ଅଧିକାରୀମାନେ ଏ ଭିଡର ବିକଳ୍ପ ଭାବିବା ଉଚିତ । ମାନେ ଧର, ଓଡିଶାରେ ଆଉ କେଉଁ ସ୍ଥାନରେ ଆଉ ଏକ ଜଗନ୍ନାଥ ମନ୍ଦିର ଗଢିବା ଉଚିତ, ଯାହାର ପରିସର ପୁରୀ ମନ୍ଦିରର ପରିସର ଠାରୁ ଅଧିକ ଗୁଣ ରହିବ ଓ ସେଠି ଅଧିକ ଭକ୍ତ ମାନଙ୍କ ଦର୍ଶନର ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା

ରହିବ । ସେମିତି ହେଲେ ସମସ୍ତଙ୍କ ଧାର୍ମିକ ଭାବନାର ସମ୍ମାନ ରହିବ ଓ ସମସ୍ତଙ୍କ ପାଇଁ ଠାକୁର ଦର୍ଶନ ସହଜ ରହିବ ।"

ପ୍ରକାଶ ପୁଣି ହସି କହିଲେ, "ତୁ ବୋଧହୁଏ ଭୁଲିଗଲୁଣି, କଷ୍ଟ କଲେ କୃଷ୍ଣ ମିଳେ । ତେଣୁ ଈଶ୍ୱର ଦର୍ଶନ ଯେତେ କଷ୍ଟକର ହେବ, ଫଳ ପ୍ରାପ୍ତି ସେତେ ସହଜ ହେବ । ବୁଝିଲୁ ତ ।'

"ଆମ ହିନ୍ଦୁ ଦର୍ଶନକୁ ବୁଝିବା ବଡ କଠିନ । ସମସ୍ତେ କହୁଥିବେ - ଈଶ୍ୱର ଆତ୍ମାରେ ଅଛନ୍ତି, ଈଶ୍ୱର ପବନରେ ଅଛନ୍ତି, ଫୁଲରେ ଅଛନ୍ତି, ମାଟିରେ ଅଛନ୍ତି, ଖୁଣ୍ଟରେ ଅଛନ୍ତି, ସିଏ ସର୍ବତ୍ର ବିଦ୍ୟମାନ । ତେବେ ସେ ସର୍ବ ସ୍ଥାନରେ ନ ଖୋଜି, ପୂଜା ନକରି ସମସ୍ତେ ମନ୍ଦିର ଯାଇ ଭିଡ କରିବାକୁ ପଛାନ୍ତି ନାହିଁ ।'

ଏମିତି ମନ୍ତବ୍ୟ ରଖି ତନୁଜା ଲାଇଟ୍ ଲିଭେଇ ଶୋଇପଡିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ହୃଦୟ ପ୍ରୀତି




ଆଶୁତୋଷ ମେହେର

ବୀଣା ତାରେତାରେ ସ୍ପରଶ ଶୃଙ୍ଗାର କାକଳି ସୁର ର ଧାର,
ହୃଦୟ କୋଣରେ ଅଜଣା ସ୍ପନ୍ଦନ ପ୍ରେମଭରା ସୁଧା ଗାର।
ସେ ବୀଣା ଝଙ୍କାର ଜୀବନରେ ଗୀତି ଫରଦ ଫରଦ ଲେଖା,
ଅଜଣା ଝରଣା ହୃଦ ଭେଦି ଫୁଟେ ପୁଲକ ପ୍ରଥମ ଦେଖା ।।
ଗାଇଆଳ ଟୋକା ବଇଁଶୀ ସ୍ୱନରେ ନୀରବତା ଭାଙ୍ଗୁଥାଏ,
ହୃଦୟ ତ କହେ କେହି ଜଣେ ଅଛି ଓଦା ମନେ ଛୁଇଁ ଯାଏ ।।
ଭାବନା ତରଙ୍ଗ ଜୀବନ ବେଳାରେ ହୃଦୟର ଅଣୁକୋଣେ,
ଆପେ ଗଢ଼ି ଠିଆ ସଂପର୍କ ମନ୍ଦିର ଜୀବନେ ସପନ ବୁଣେ ।।
ହୃଦୟ କୁରୁଳେ ସ୍ପନ୍ଦନରେ ଝୁମେ ଓଠରେ ପ୍ରୀତି ଫଗୁଣ,
ସଫଳ ବାଟୋଇ ସଂସାର ସାଗରେ ବଣିକ ବେପାରୀ ମନ ।
ସେ ମନ ସ୍ୱର୍ଗୀୟ ଭାବନାରେ ଭରା ସକଳ ପ୍ରେମର ଗୀତି,
ହୃଦୟ ତ ଢାଳେ ଅମୃତ ଭାବନା ସ୍ନେହ ଶ୍ରଦ୍ଧା ପ୍ରେମ ପ୍ରୀତି ।।
ଗୋଟାଏ ହୃଦୟ ବୁଝି ପାରେ ସିନା ଆନ ଏକ ହୃଦ ବ୍ୟଥା,
ଲୁହ ପାଇଁ ଲୁହ ହସ ପାଇଁ ହସ ଜୀବନ ଯମୁନା ଗାଥା ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ବଡକୁହା ରାଜା



ବିନୟ ମହାପାତ୍ର

ଦୀପଟିଏ ଜଳାଇ, ଭାବିଥିଲି,
ବତୀଘର ପରି ଆଶାର କିରଣ ଦେବ,
କିନ୍ତୁ ମୁଁ ନିର୍ବୋଧ ଥିଲି,
ଜାଣି ପାରିଲିନି,
ସେ ଦୀପ, ଆଶାର ଆଲୋକ ନଥିଲା,
ବରଂ ନିଆଁହୁଳା ପରି
କେତେ ଜୀବନ ଜଳାଇ ଦେଲା,
ବାକି ଯେତେ ବଞ୍ଚିଗଲେ
ନିଆଁ ହୁଳାର ଭୟ ଦେଖାଇ
ଜନତାଙ୍କୁ ଚୁପ୍ କରିଦେଲା ।
ମୋ ଆଶାର ଦିପାଳୀ
ନିରାଶାର ଦୀପ ହୋଇ ଜଳିଗଲା,
ଆଲୁଅ ତ ଜଳାଇ ଥିଲି
ଅନ୍ଧାରରେ ଆଲୋକ ପାଇବା ପାଇଁ
ହେଲେ, ନିଜ ଅଣ୍ଟିନିଆଁ
ଶେଷେ କୁଡିଆ ମୋ ଜାଳିଦେଲା ।
ଅନ୍ଧ ଗହଳରେ
ଅନ୍ଧହେବାର ଅଭିନୟ କରି

ISSN NO.
2582-208X

କେବେ ପଚାରି ପାରିଲିନି,
କଣ ସବୁ ବାହାରେ ହେଉଛି,
ରାଜ ସ୍ତୁତିଗାନ, ଗହଳ ଚହଳ
ପାଟିରେ ମୋ ତୁଣ୍ଡି ମାରି ଦେଇଛି ।
ସବୁ କିଛି ଦେଖି ଶୁଣି
ଆପଣାର ମୁହଁ ବନ୍ଦକଲି
ଯନ୍ତ୍ରଣାରେ କେବେ ଯଦି ପାଟି ଖୋଲିଦେଲି
ପାଳଚୁଣ୍ଟା ମନ୍ତ୍ରୀ, ବଡକୁହା ରାଜା ଦେଶେ
ଦେଶଦ୍ରୋହୀ ଆଖ୍ୟା ପାଇଗଲି ।
କାନଶୁଣା କଥା, ଆଖି ଦେଖିଲାନି
ଆଖିଦେଖା କଥା, କେବେ କାନ ଶୁଣିଲାନି
ବଜାରର ଗହଳ ଚହଳ ଭିତରେ
ଗରୀବର ଆର୍ତ୍ତ ଚିତ୍କାର ନିରବି ଯାଏ,
ଶୁଭେ କେବଳ,
ରାଜାଙ୍କର ଜୟ ଜୟକାର,
ଭାଇ ସହ ଭାଇକି ଲଢାଇ
କିଛି ଲୋକ ତାମସା ଦେଖିଲେ
ବାକି ତ୍ରସ୍ତ, ତଟସ୍ଥ ଜନତା
ନିରବ ଦର୍ଶକ ସାଜି
ଗାନ୍ଧୀଙ୍କର ତିନି ମାଙ୍କଡ ସାଜିଲେ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ନାରୀର ନୀରବତା



ଡଃ ମାଙ୍ଗଳିକା ମହାପାତ୍ର

ଆଖିର କଜଳ
ଆଖିକୁ କରେ ସଜଳ
ସେ କି ବୁଝେ ଲୁହର ବିବଶତାକୁ

ମଥାର ସିନ୍ଦୂର
ନାରୀକୁ କରେ ସୁନ୍ଦର
ସେ କି ବୁଝେ ଶୂନ୍ୟ ସୀମନ୍ତର ବ୍ୟଥାକୁ...

ଛାତିର ସ୍ପନ୍ଦନ
ମନକୁ କରେ  ଉଚ୍ଛନ୍ନ
ସେ କି ବୁଝେ ହୃଦୟର ଶୂନ୍ୟତା କୁ...

ହାତର କଙ୍କଣ
ନାରୀ ହାତେ ହୁଏ ରୁଣୁଝୁଣୁ
ସେ କି ବୁଝେ ଶୂନ୍ୟ ହାତର ଅସ୍ତିତ୍ୱକୁ...

ପାଦର ପାଉଁଜି
ଶବ୍ଦରେ ମୋହି ନିଏ ମନକୁ
ସେ କି ବୁଝେ ତା ବିନା ନିସ୍ତବ୍ଧ ବେଦନାକୁ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଅଙ୍ଗୁରି ଉବାଚ



ମଧୁମିତା ମିଶ୍ର

ସୋସିଆଲ ହେବାକୁ ହେଲେ...

"ଏତେ ଡେରି ହେଲାଣି...ହେଲେ ୟା'ର ଦେଖା ନାହିଁ। କାଲି କହିଥିଲି ଟିକେ ଅଛି ଜଲଦି ଆସିବୁ ବୋଲି...ହେଲେ..."

ମନକୁ ମନ ବିରକ୍ତ ହୋଇ ରୋଷେଇ ଘରକୁ ବାହାରିବା ବେଳକୁ ଆସି ପହଂଚିଗଲା ଅଙ୍ଗୁରି। ତାକୁ ଦେଖି ପୁରା ରିଲାକ୍ସ ହେଇ ଆସି ସୋଫାରେ ବସି ପେପରଟା ଓଲଟେଇବାକୁ ଆରମ୍ଭ କରିଛି କି ନାହିଁ ହାତରେ ଗରମା ଗରମ ଚା' ନେଇ ଅଙ୍ଗୁରି ମୋ ଆଗରେ ଆସି ଠିଆ ହେଇଗଲା।"

ଆଜି ଫେରେ କଣ ହେଲା ଉଁ..."ପେପର ଦେଖୁ ଦେଖୁ ହିଁ ପଚାରିଲି...

"ଚା' ପରା ଫୁଟୁ ନଥିଲା ମା...ଗ୍ୟାସ ଟାଙ୍କି ବଦଳ ହେଲା...ସେଇଥିପାଇଁ ଡେରି ହେଇଗଲା..." ପାନଖିଆ ଦାନ୍ତ ଦେଖେଇ କହୁଥିଲା ସିଏ।

"ଆରେ...ମୋ ପାଇଁ ଚା' କରୁଛୁ ଆଉ ନିଜେ କପଟିଏ ପିଇ ପାରୁନୁ ଯେ ସକାଳୁ ସେଇ ଚା' ଦୋକାନରେ ସମୟ ନଷ୍ଟ କରୁଛୁ ତୁ?" ଟିକେ ତାଗିଦ୍ କରି କହିଲି। ଚା' କପ୍ ଟିପୟ ଉପରେ ଥୋଇ ଦେଇ ତଳେ ବସିପଡ଼ି ସିଏ ଉତ୍ତରରେ କହିଲା...

ISSN NO.
2582-208X

"ଚା' ତ ଗୋଟିଏ ବାହାନା ମା'। ସତ କହିଲେ ଏଇଟା ହଉଛି ସୋସିଆଲ କାମ। ବୁଝିଲ ନା...!! ଆଜି ସିନା ତମ ପାଖରେ ମୁଁ ଚା' ପିଇଦେବି ହେଲେ କାଲି ...? ଆଜି ମୁଁ ଯଦି ମୋ ସାଙ୍ଗମାନଙ୍କ ସହିତ ସମୟ ଦେବିନି ଯେତେବେଳେ ଦରକାର ପଡ଼ିବ ମୋ ସହିତ କିଏ ରହିବ କୁହ ତ...!! ସମସ୍ତେ କାମ କରିବାକୁ ଗଲା ଆଗରୁ ଚା' ପିଇ ଗପସପ କରି ବାହାରିବା କଥାଟା ପୁରା ଥୟ। ଆଉ ସେଇଠି ଫାଇନାଲ ହୁଏ କିଏ ସେଦିନର ଚା' ପଇସା ଦେବ। ଯଦି ମୁଁ ଅନ୍ୟମାନଙ୍କର ପିଇବି ହେଲେ ସେମାନଙ୍କୁ ଦେବିନି ହେଲେ ସେମାନେ ଆଉ କଣ ମୋ ମୁହଁକୁ ଚାହିଁବେ? ଏଇ ସକାଳୁଆ ଚା' କପ୍ ପାଖରେ ଦିନସାରା ବିଷୟରେ ଆଲୋଚନା ହୁଏ ଯାହାକୁ ସାହାଯ୍ୟ ଦରକାର ଥାଏ ତାକୁ କିଏ କାମରେ ସାହାଯ୍ୟ କରିବ ସେଇଟା ବି ଫାଇନାଲ ହୁଏ...ବୁଝିଲ ନା...!! ତା ଛଡା ମା ଏଇ ଯେଉଁ ଚା' ଦଉଛି ଆମର କରୀମିଆ...ସିଏ ସକାଳୁ ଆମ ସମସ୍ତଙ୍କ ଚା ପିଛା ଦି ପର୍ସେଣ୍ଟ ଡିସ୍କାଉଣ୍ଟ ଦିଏ। ତାର ରୋଜଗାର ହୁଏ ଆଉ ଆମର ବି ଡିସ୍କାଉଣ୍ଟ ରେଟ୍ ରେ ଲାଭ ହେଇଯାଏ। ଏଇଟା ହିଁ ମୋର ସୋସିଆଲ କାମ। ଏମିତି ନକଲେ ମୋତେ ସମସ୍ତେ ଆଣ୍ଟି ସୋସିଆଲ କହିବେ ନା ନାହିଁ...? ସମସ୍ତଙ୍କ ସହିତ ମିଳିମିଶି ଚଳିବାକୁ ଆମେ ବାଧ୍ୟ ନା ନାଇଁ...? ଯିଏ ଯେତେ ରୋଜଗାର କରୁ କି ନକରୁ ସେଇଟା ବଡ କଥା ନୁହେଁ ହେଲେ ଆମର ଭାଇ ବିରାଦରି ବିନା ଆମେ ଚଳିବା ସମ୍ଭବ ନୁହେଁ ...ବୁଝିଲ ନା... ସେଇଥିପାଇଁ ତ ତମେ ଆଦରରେ ଯେତେ କହିଲେ ବି ମୁଁ କରମିଆ ପାଖରେ ହିଁ ଚା' ପିଇଦିଏ...ବୁଝିଲ ନା... ?"

ଅଙ୍କୁରିର ଯୁକ୍ତି ଶୁଣି ମୁଁ ଭାବୁଥିଲି... ସୋସିଆଲ ହେବାକୁ ଏମିତି କେତେ କଣ କରିବାକୁ ହୁଏ ସତରେ...!! ହଠାତ୍ ଅଙ୍କୁରି କହିଲା..."ଏ ଯାଃ...ମା ...ଚା' ଟା ଥଣ୍ଡା ହେଇଗଲା...ଆଉ କପେ ଆଣୁଛି ରୁହ..."

ଭୁବନେଶ୍ୱର

ISSN NO.
2582-208X

# ମେରୁଦଣ୍ଡ



ଇଂ. ସୁଶାନ୍ତ କିଶୋର ବଳ

ଆପାଦମସ୍ତକ ମଧ୍ୟସ୍ଥଳେ ଥାଏ
ଶକ୍ତ, ନୀର୍ଭରଯୋଗ୍ୟ ମେରୁଦଣ୍ଡ
ଶରୀର ବୋଝ ସେହି ବୋହିଥାଏ
ଉପାଦେୟତା ତାର ଖୁବହି ପ୍ରଚଣ୍ଡ !

ଗୋଲାକାର ଅସ୍ଥି ଏକ ଆର ଉପରକୁ
ଅଛୋଡେ, ବିଛୋଡେ ଯୋଡି ରହିଥାଏ
ଆଣିଥାଏ ଶରୀରେ ଭାରସାମ୍ୟତା .
ତାରି ଭରୋଷେ ଶକ୍ତିବାନ ଆମେ
ତହିଁରୁ ନୀର୍ଗତ ଯେତେ ଉଦ୍ଧାମତା .
ଉଠକ, ବୈଠକ, ଦଣ୍ଡବୈଠକ, ବ୍ୟାୟାମ
ଚଳନ, ଗମନ, ଦ୍ରୁତେ ଧାବମାନ
ଲମ୍ଫପ୍ରଦାନ, ଶୟନ, ଆସନ, ତରଣ
ସମ୍ମୁଖେ ଢଳନ, ଭାରବହନ, ଅବଗାହନ

ISSN NO.
2582-208X

ଆଦି ଯେତେପରକାର ଶାରିରୀକ କ୍ରୀୟା
ତାହାରି ଭରୋଷେ କରିଥାଉ ସମ୍ପାଦନ !

ଏତ ଗଲା ଶାରିରୀକ ମେରୁଦଣ୍ଡ !
ହେଲେ ଚାରିତ୍ରିକସ୍ଖଳନ ହୋଇଥାଏ ଯାର,
ନିଜନାରୀ ସାଥେ ନବିତେ ଯା'ସମୟ
ପରଦାରିକତାରେ ବିତଇଯା' ଜୀବନ
ଅନ୍ୟନାରୀ ପ୍ରତି ଯାର ଶକ୍ତ ଆକର୍ଷଣ
ପରକୀୟାପ୍ରିତୀରେ ପୂର୍ଣ ନୀମଗ୍ନ,
କି ନାମେ କରିବା ଅବିହିତ ତାକୁ...
ଚରିତ୍ରହୀନ, ଲମ୍ପଟ ଅବା ବିଟପଗଣ ?
ମୋତେ ପଚାରିଲେ ମୁଁ କହିବି ଯେ
ସେମାନେବି ଅଟନ୍ତି ମେରୁଦଣ୍ଡହୀନେ
ଚାରିତ୍ରୀକ ସ୍ଖଳନର ଘୃଣ୍ୟ ସନ୍ତାନ !
ମେରୁଦଣ୍ଡହୀନତା ତ ଶାରିରୀକ ପଂଗୁତା,
ଅଭିଶପ୍ତ ତାଂକେ ଦଣ୍ଡିତ ଜନ !
ହେଲେ ଏ ଚରିତ୍ରବିହୀନ ଦୃଷ୍ଟୁତେ ?
ନ୍ୟାୟଶାସ୍ତ୍ରେ କି ସେମାନେ ଖ୍ୟମାର୍ହ ?
ବ୍ୟସ୍ତବହୁଳ ରାଜରାସ୍ତେ ଫାଶୀଖୁଣ୍ଟେକି...
ନୁହଂନ୍ତି ସେମାନେ ପର୍ଯ୍ୟାପ୍ତେ ଦଣ୍ଡନୀୟ ?
ତୀଖ୍ଣ ଛୁରୀକାରେ ଖଣ୍ଡଖଣ୍ଡ କରି
ତାଂକ ଶରୀରକୁ ନେଇ ଫିଂଗିଦେବା,
ଭଖିବେ ରାଜରାସ୍ତାର ଯେତେ ବୁଭୁଖ୍ୟୁ ଶ୍ୱାନ.
ମିଟିଯିବ ଚିର ତାଂକ ନାମୋନୀଶୀନ .

ISSN NO.
2582-208X

ଶୁଦ୍ଧ ବାୟୁମଣ୍ଡଳେ ବିଚରିବେ ଜନେ·
ନଥିବେ କଳୁଷିତ ଘୃଣ୍ୟ ଚିନ୍ତନେ ·
ନାରୀଗଣଂକ ଅସ୍ମୀତା ଉଢେ ଫରଫରେ,
ନାରୀଶକ୍ତିର ହେବ ଗ୍ରାମସହରେ ସଶବ୍ଦେ
ବୈଜୟନ୍ତୀବାନାରେ ପବନେ ଚମନେ ହ୍ରଦହ୍ରାଦିନୀ ଗିରି,
ବୃଖ୍ୟଲତେ ଭୂରିଭୂରି ନାମସଂକୀର୍ତନେ କରତାଳି
ସାଥେ ଝାଂଜକଂସାଳେ ଗୁଣଗାନ !

କଟକ

ISSN NO.
2582-208X

# ତୁମେ ଗଲାପରେ



ସୁସ୍ମିତା ମହାପାତ୍ର

ତୁମେ ଆସିଥିଲ ବୋଲି ତ
ଆମେ ଆଜି ମୁଣ୍ଡ ଟେକି ବାଟ ଚାଲୁଛୁ,
ସ୍ୱାଭିମାନୀ ଓଡ଼ିଆ ବୋଲି ଗର୍ବ କରୁଛୁ,
ବିଶ୍ୱ ମାନଚିତ୍ରରେ
ନିଜ ଇଲାକାର ଏକ ନିର୍ଦ୍ଦିଷ୍ଟ
ସୀମାରେଖା ଆଙ୍କିଛୁ,
ରାଜ୍ୟ ଦଉଡ଼ରେ ବେଶ କେଇପାଦ
ଆଗକୁ ବଢ଼ି ପାରିଛୁ ।

ଗର୍ବ, ଅହଙ୍କାର, ଭେଦଭାବ ଭୁଲି
ମାଆ, ମାଟି ଆଉ ମଣିଷର ସେବାରେ
ମନ ବଳାଇଛୁ,
ସ୍ୱାର୍ଥ ବିନିମୟରେ ଜାତି ସ୍ୱାଭିମାନର
ସ୍ୱପ୍ନ ସଜାଉଛୁ ।

ତୁମେ ଆସିଥିଲ ବୋଲି ତ
ବିଖଣ୍ଡିତ ଉତ୍କଳ ପ୍ରଥମ ସ୍ୱତନ୍ତ୍ର ପ୍ରଦେଶର
ମାନ୍ୟତା ପାଇଥିଲା,
ଅପହୃତ ଅଞ୍ଚଳର ପୁନଃ ମିଶ୍ରଣରେ

ISSN NO.
2582-208X

ପୂର୍ଣ୍ଣାଙ୍ଗ ଉତ୍କଳ ଗଢ଼ି ଉଠିଥିଲା,
କିନ୍ତୁ ସେତେବେଳେ,
ତୁମେ ନଥିଲ ଦେଖିବାକୁ
ତା'ର ସମ୍ପୂର୍ଣ୍ଣ ଅବୟବ,
ନବ ଗଠିତ ଓଡ଼ିଶାର
ବିଭବ ଓ ବଇଭବ ।

କିନ୍ତୁ ତୁମେ ଗଲାପରେ,
ନିରବୀ ଯାଇଛି ଉତ୍କଳ ସନ୍ତାନ,
ଦୋହରୁନି ଜାତି ଇତିହାସ,
ସୁଷୁପ୍ତିରେ ଆଜି ଜନନୀର ଉକ୍ତି,
ଚାହାଳିର ଚାଟ କରୁନି ଗାଁ ରାସ୍ତା ମରାମତି,
କାଳିଆ ଘୋଡ଼ାରେ ଚଢ଼ି ତୁମ ସହ ଲଢ଼ିବାକୁ
ଆଉ ପ୍ରସ୍ତୁତ ନୁହେଁ ସେଦିନର ସେଇ
ଛୋଟିଆ ପିଲାଟି ।

ପୁଣିଥରେ ତୁମେ ଆସନ୍ତନି !
ଆସନ୍ତନି ପଥହୁଡ଼ା ପଥିକର
ପଥ ପ୍ରଦର୍ଶକ ସାଜି,
ସମ୍ମିଳନୀ ମାଧ୍ୟମରେ କୁଣ୍ଡଳିନୀ ତେଜି,
ପ୍ରାଣେ ପ୍ରାଣେ ଜାଳିବାକୁ
ଜାତି ଜାଗରଣ ଜ୍ୟୋତି,
ଭାଷା ସମୃଦ୍ଧିରେ ରଖି
ଅଭୀପ୍ସା ଓ ପ୍ରୀତି,
ଆସନ୍ତନି ପୁଣିଥରେ ତୁମେ !!

ରାଉରକେଲା, ମୋ. ନଂ - 9437503138,
E-mail : susmita6674@gmail.com

ISSN NO.
2582-208X

# ଅକ୍ଷୟ ପାତ୍ର



ରଘୁନାଥ ତ୍ରିପାଠୀ

ଅକ୍ଷୟ ପାତ୍ରଟେ ପାଇଲ କେଉଁଠୁ
କିଏ ଅବା ଦେଲା ଭେଟି
କୃଷ୍ଣ ଦେଇଥିଲେ ପାଞ୍ଚାଳୀଙ୍କ ହସ୍ତେ
ନ ମିଳେ ସେ ଏଠି ସେଠି
ସତ କୁହ ପ୍ରାଣ ସଖି
ସ୍ନେହ ପାତ୍ର ତୁମ ସଦା ଭରା ଦେଖି
ଚକିତ ହୁଏ ମୋ ଆଖି ॥

ବିତରଣ କର ପ୍ରୀତିର ସମ୍ଭାର
ସେ ଦିବ୍ୟ ପାତ୍ରକୁ ଖୋଲି
ଯେତେ ବାଣ୍ଟିଚାଲ ହୁଏ ପ୍ରତ୍ୟର୍ପିତ
ହୁଏ ନାହିଁ କେବେ ଖାଲି
ଖୋଲିକୁହ ପ୍ରାଣପ୍ରିୟା
କେଉଁ ଜନମେ କି କରମ କରିଛ
ହେବାପାଇଁ ପୂଜନୀୟା ॥

ISSN NO.
2582-208X


ମନ ଉପବନ ନନ୍ଦନକାନନେ
ଯେତେ ତୋଳେ ସେତେ ଫୁଟେ
ହେଲେ ମୋ ଜୀବନେ ଆଶାଠୁ ଅଧିକ
ମୋର ପାଣି ପାଶେ ଲୋଟେ
ଶୁଣ ମୋ ପ୍ରାଣ ପ୍ରେୟସୀ
ବଦାନ୍ୟତା ପଣେ ସରି କେ ତୁମର
ଭାବେ ମୁଁ ଦିବସ ନିଶି ॥

ତୁମ ଅନୁରାଗ କୁହୁକ ବିତାନ
ଯୋଗାଉଛି ସଦା ଛାୟା
ସଂସାର ନିଦାଘେ ଅଂଶୁମାଳୀ ତେଜ
ବିସ୍ତାରି ନ ପାରେ କାୟା
ଅନ୍ଧାରି ମୂଲକେ ମୋର
ତୁମ ଦିବ୍ୟ ଜ୍ୟୋତି ଅବା ବିଚ୍ଛୁରିତ
ହେଉଅଛି ବାରବାର ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଲଳିତ ନିବନ୍ଧ-
# ପାପ



ବଦ୍ରୀ ମହାନ୍ତ

କର୍ମ ବିନା ଜୀବନ ଧାରଣ ଅସମ୍ଭବ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚାରିପାଖରେ ଖଞ୍ଜା ହୋଇଥିବା ବ୍ୟବସ୍ଥା, ପରିବେଶ, ପରିବାର ଓ ସମାଜର ବିଭିନ୍ନ ଇଲାକା ଭିତର ଦେଇ ଯାତ୍ରା କଲାବେଳେ ଯେଉଁ ସବୁ କର୍ମ ସମୟ ଅନୁଯାୟୀ ସମ୍ପାଦନ କରିଥାଏ, ତାର କ୍ରିୟା ପ୍ରତିକ୍ରିୟା ବା ପରିଣାମକୁ ଆଦୌ ଦୃଷ୍ଟି ଦେଇ ପାରେନା । ନିଜ ଅଲକ୍ଷ୍ୟରେ କରି ଯାଉଥିବା କାମ ହେଉ ବା ଯୋଜନା ବଦ୍ଧ ଭାବେ ହେଉ, ଅନ୍ତିମ ରୂପ ଦେବା ସମୟରେ ତାର ପ୍ରତିଫଳ ବା ଆସନ୍ତାକାଲିର ସମୟକୁ ପ୍ରତକ୍ଷ କରିବା ସମ୍ଭବ ହୁଏ ନାହିଁ । ଭାବୁଥାଏ ଯାହା କରୁଛି, ଯେମିତି କରୁଛି ଓ ଯାହାପାଇଁ କରୁଛି ସେଥିରେ କୌଣସି ତ୍ରୁଟି ନାହିଁ, ତାହା ଠିକ୍ ଓ ସତ୍ୟ । ଏ ବିଶାଳ ସମାଜର କ୍ୟାନଭାସ ଉପରେ ଅଙ୍କିତ ତାର ପ୍ରତିଟି ଚିତ୍ର ସଫଳ ଓ ଗ୍ରହଣୀୟ ହୋଇପାରେ, ମାତ୍ର କାର୍ଯ୍ୟ ପଦ୍ଧତି ଅନୁସୃତ ଧାରା ସଦାସର୍ବଦା ଠିକ୍ ନଥାଇପାରେ । ଯାହା ଅଗ୍ରହଣୀୟ, ଅନୈତିକ ଏବଂ ଅସାଧୁ ପୃଷ୍ଠଭୂମି ଉପରେ ସମ୍ପନ୍ନ ହୁଏ, ସଫଳ ହେଉ ବା ବିଫଳ ହେଉ, ତାହା ହିଁ ପାପ । ଥରୁଟିଏ ଏହା ଅର୍ଜନ କଲେ ସହଜରେ ଏ ପାଖ ଛାଡ଼ି ଯାଏନାହିଁ, ବରଂ ଧୀରେ ଧୀରେ ଏହା ଅକ୍ଟୋପସ ପରି ବେଢ଼ି ଯାଏ ସମଗ୍ର ଶରୀରକୁ, ଅନେକ କ୍ଷେତ୍ରରେ ବହୁଗୁଣିତ ହୋଇ ଚାଲେ । ସହଜରେ ଏଥିରୁ ନିବୃତ୍ତି ମିଳେନା । ପ୍ରାୟଶ୍ଚିତ କରିବାର ସମ୍ଭାବ୍ୟ ଦିଗଟି ଦୃଶ୍ୟ ହେଉଥିଲେ ସୁଦ୍ଧା ତାକୁ ଧରାବତାରଣ କରାଯାଇ ପାରେନାହିଁ ।

ISSN NO.
2582-208X

ପ୍ରଶ୍ନ ହୁଏ ମଣିଷ କେଉଁ କାରଣରୁ ପାପ କରେ ଏବଂ କାହିଁକି ଅପରାଧ ପ୍ରବଣତା ତା ଭିତରେ ସଞ୍ଚାରିତ ହୋଇଥାଏ । ଅନୀତି, ଅସତ୍ୟ ଓ ଦୁଷ୍କର୍ମକୁ ଆଦରି ନେବା ନିମନ୍ତେ କାହିଁକି କୁଣ୍ଠାବୋଧ କରେନା । ବାଇ ମହାନ୍ତି ଙ୍କ ଦୃଷ୍ଟିରେ ଦାରିଦ୍ର୍ୟ, ଅଭାବବୋଧ, ଉଚ୍ଚାକାଂକ୍ଷା, ଅଥବା ଭୟମୁକ୍ତ ଜୀବନ ଜିଇବା ପାଇଁ ଅନୁରୂପ ସମୟ ସୁଯୋଗ ବା ସଳଖ ଉପାୟ ରାସ୍ତା ନ ମିଳିଲେ ନାନାଦି ଅପକର୍ମ ବଙ୍କାଟଙ୍କା ପଥ ତାକୁ ଦୃଶ୍ୟ ହୁଏ । ସେତେବେଳେ ନିଜର ଅପହଞ୍ଚ ଇଚ୍ଛା ଓ ଦୁରନ୍ତ ସ୍ୱପ୍ନମାନଙ୍କୁ ସାକାର କରିବା ନିମନ୍ତେ ଯେ କୌଣସି ପଥ ଅନୁସରଣ କରି କାର୍ଯ୍ୟ ସିଦ୍ଧି କରିଥାଏ । ନିଜ ଜ୍ଞାତସାର ଭିତରେ ହେଉ ବା ଅଜ୍ଞତାରେ ନକରିବା କାମ କରେ,ନଯିବା ସ୍ଥାନରେ ପାଦ ରଖେ, କୁଖ୍ୟାତ ଅପରାଧୀଙ୍କୁ ଆପଣାର କରି ନିଜ ଝୁଲାରେ ରଖେ ତଥା କଥିତ ସଫଳତା। ଥରୁଟିଏ ସେ ଦୁର୍ଗମ ଅପରାଧ ଅର୍ଗଳୀ ଭିତରେ ପଶିଗଲେ ସହଜରେ ସେ ବାହାରି ଆସିପାରେନା। ଧୀରେ ଧୀରେ ସ୍ୱାଭାବିକ ଢଙ୍ଗରେ ତାର କାର୍ଯ୍ୟଧାରା ବଢି ବଢ଼ି ଯାଏ ଏବଂ ସେ ବୁଡି ଯାଏ ଦୂଷିତପଙ୍କ ଭିତରେ । ସାଧାରଣ ସଳଖ ରାସ୍ତାକୁ ଆସିବା ପାଇଁ ପ୍ରଚୁର ଉଦ୍ୟମ କରୁଥିଲେ ସୁଦ୍ଧା ସବୁ ସମୟରେ ସବୁ ମଣିଷ ଛାଡି ପାରନ୍ତି ନାହିଁ ପଂକିଳ ପଥ । ଚାରିପାଖରୁ ବାନ୍ଧି ଦିଅନ୍ତି ଇଚ୍ଛା ଓ ଆପଣାର ଆବଶ୍ୟକତା। ଯେଉଁ ମାନେ ବନ୍ଧନ ଛିଣ୍ଡାଇ ନୂଆ ରାସ୍ତା ଓ ନୂଆ ଚିନ୍ତନ ଭିତରେ ଚାଲିବାର ପ୍ରୟାସ କରନ୍ତି, ଧୀରେ ଧୀରେ ସେମାନଙ୍କ ଭିତରେ ପ୍ରବେଶ କରେ ଦିବ୍ୟ ଅନୁଭବ ।

ବିଧାତାଙ୍କ ଅମୃତ ସର୍ଜନା ଭିତରେ ପ୍ରତିଟି ସୃଷ୍ଟିଙ୍କୁ ସେ ସ୍ୱାଧୀନତା ଦେଇଛନ୍ତି ନିଜ ଇଚ୍ଛାନୁଯାୟୀ ଗତିପଥ ଓ ଚଳଣି ସ୍ଥିର କରିବା ପାଇଁ ଏବଂ ସେଇ ଅନୁସାରେ ମଣିଷ ସୁଦ୍ଧା ନିଜ ଚଲାପଥ ବାଛି ନେଇଥାଏ । ମାତ୍ର ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କାମ କରିବା ଏବଂ ପ୍ରତିଟି କ୍ଷେତ୍ରରେ ଭଲମନ୍ଦ ବିଚାର ନକରିବା ଦ୍ୱାରା ହିଁ ଜନ୍ମନିଏ ପାପ । ଈଶ୍ୱରଙ୍କୁ ସର୍ବଶ୍ରେଷ୍ଠ ଓ ପରିମାପକ ରୂପେ ଗ୍ରହଣ ନକରିବା, ପ୍ରତି କର୍ମ ମଧ୍ୟରେ ବିଭୁ ସତ୍ତା ଉପଲବ୍ଧି ନକରିବା, ପ୍ରତିବଦ୍ଧତା ବିହୀନ କର୍ମ ଏବଂ ବଞ୍ଚିବାର ପ୍ରତିଟି ଧାରା ଉପଧାରାରେ ବିଚାର ଶୂନ୍ୟତା ହିଁ ପାପ । ଅନ୍ୟର ପ୍ରତିକ୍ରିୟା ମନ୍ତବ୍ୟ ବା ପରାମର୍ଶକୁ ଭ୍ରୁକ୍ଷେପ ନକରିବା

ISSN NO.
2582-208X

ଦ୍ୱାରା କର୍ମର ହିସାବ ନିକାଶ ସମ୍ଭବ ହୁଏନାହିଁ । ସମସ୍ୟାର ସମାଧାନ କରିବାକୁ ଯାଇ କୌଣସି ଅପକର୍ମକୁ ଯେ ପାପ ପର୍ଯ୍ୟାୟ ଭୁକ୍ତ କରାଯାଇ ପାରିବ ନାହିଁ ବୋଲି ବିଚାର କରିବା ସତ୍ୟ ନୁହେଁ ।

ପାପର ଓଜନ ଭୂମିଠାରୁ ମଧ୍ୟ ଭାରୀ । ଏ ବିଶାଳ ସଂସାରର ଏମିତି କୌଣସି ପଦାର୍ଥ ନାହିଁ ଯାହା ପାପର ଓଜନ ଓ ବ୍ୟାପକତାକୁ ଅତିକ୍ରମ କରିଯିବ । ପର୍ବତ ପ୍ରମାଣ ଓଜନକୁ କାନ୍ଧରେ ବୋହି ସାରା ଜୀବନ ଚାଲିବାର ଦୃଷ୍ଟାନ୍ତ କିଛି କମ ନାହିଁ ଆମ ସାମ୍ନାରେ । କେହି କେହି ମନେକରନ୍ତି ଆବଶ୍ୟକତା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ କୌଣସି ଅପକର୍ମ ଅନୀତି ଅନ୍ୟାୟକୁ ଅନାୟସରେ ଗ୍ରହଣ କରାଯାଇ ପାରେ । ମାତ୍ର ଏହା ଅସତ୍ୟ । ଦସ୍ୟୁ ରତ୍ନାକର ନିଜ ପରିବାର ପ୍ରତିପୋଷଣ ନିମନ୍ତେ ଚୋରୀ ହତ୍ୟା ଲୁଣ୍ଠନ ପରି ଉପାୟ ଅବଲମ୍ବନ କରି ପରମ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଦାବି କରୁଥିଲା ।

ଏହାଦ୍ୱାରା ଯେଉଁ ପାପ ସେ ଅର୍ଜନ କରୁଥିଲା, ତାର କଣ ଅଂଶୀଦାର ଥିଲେ ପରିବାରର ସବୁ ସଦସ୍ୟ ? ଯଦିଓ ସମସ୍ତ କର୍ମ ଅଭିପ୍ରେତ ଥିଲା କେବଳ ପରିବାର ପାଇଁ। ତାର ଚୈତନ୍ୟ ଉଦୟ ହେବା ମାତ୍ରେ ଘୋର ତପସ୍ୟା ତ୍ୟାଗ ଓ ତିତୀକ୍ଷା ବଳରେ ରୂପାନ୍ତରିତ ହୋଇଗଲା ବାଲ୍ମୀକି ରୂପେ । ମାତ୍ର ଏପରି ଚରିତ୍ର ଲକ୍ଷ ଲକ୍ଷ ମଣିଷ ମଧ୍ୟରୁ ବାରି ହୋଇ ପଡୁଥିବା ଏକ ମାତ୍ର ଚରିତ୍ର ରୂପେ ଆମକୁ କାଳ କାଳ ବ୍ୟାପି ଶିକ୍ଷା ଦେଉଛି । ପୁରାଣ ଓ ଇତିହାସରେ ସୁଦ୍ଧା ଏପରି ମଣିଷ କତିପୟ ପରିଦୃଷ୍ଟ ହୁଅନ୍ତି ।

ଅଜ୍ଞାତରେ ହେଉ ବା ଜ୍ଞାତସାରରେ ଅର୍ଜିତ ପାପର ପ୍ରାୟଶ୍ଚିତ ଓ ମୁକ୍ତି ପାଇଁ ଯେଉଁ ମଣିଷ ବ୍ୟାକୁଳ ହୋଇପଡେ, ତା ସାମ୍ନାରେ ଆପେ ଆପେ ଅନେକ ପଥ ଉନ୍ମୋଚିତ ହୋଇଯାଏ । ବିଧାତାଙ୍କର ଏହା ଏକ ଅପୂର୍ବ ଦାନ ।

କିନ୍ତୁ ପ୍ରକୃତ ପଥ ଓ ତାର ସତ୍ୟନିଷ୍ଠ ଅନୁସରଣ ସବୁ କ୍ଷେତ୍ରରେ ସମ୍ଭବ ହେଉ ନଥିବାରୁ ଦୁରନ୍ତ ହୋଇଉଠେ ପ୍ରାୟଶ୍ଚିତ । ସେଥିପାଇଁ ବାଇ ମହାନ୍ତି କହନ୍ତି, 'ଅଗଣନ ମିଥ୍ୟା, ଅପରାଧ, ଅପହରଣ ଓ ଅସୁମାରି କୁକର୍ମ ଜନିତ ପାପ ଯେମିତି ଧରିତ୍ରୀକୁ ଭାରାକ୍ରାନ୍ତ

ISSN NO.
2582-208X

କରିଛନ୍ତି ଏବଂ କରୁଛନ୍ତି, କିଏ ତାର ପ୍ରାୟଶ୍ଚିତ କରିବ? ସତ୍ୟ ଓ ପ୍ରତିବଦ୍ଧତାର ଅସୀମ ସ୍ରୋତଟିଏ କେମିତି, କେବେ ଓ କିଏ ବୁହାଇ ଦେବ ମଣିଷର ଅନ୍ତରାତ୍ମାରେ? ଦିବ୍ୟ ଜୀବନ ଓ ସ୍ୱର୍ଣ୍ଣାଭ ଆଲୋକ ରଶ୍ମିରେ ଧୌତ ପାପ ଆଉ ଧରିତ୍ରୀକୁ କଳୁଷିତ କରିବ ନାହିଁ। ସଭିଏଁ ପ୍ରତୀକ୍ଷାରତ ସେଇ ଅମୃତମୟ ମୁହୂର୍ତ୍ତକୁ।'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଅଦୃଶ୍ୟ ଉପାସ୍ୟଙ୍କ ପାଇଁ



ଶାନ୍ତଲତା ମିଶ୍ର

ଅପରାଧ ଜାଣିଗଲେ ସିନା, କରନ୍ତି କିଛି ପ୍ରତିକାର ।
ଅଭିଯୋଗ ମୋର ସବୁ, କରି ନିଅନ୍ତି ପ୍ରତ୍ୟାହାର ।୧ ।
ଜାଣେ ନୁହେଁ ସଂସାରର ମୋହ ମାୟାରୁ ମୁଁ କ୍ଷାନ୍ତ ।
ବଞ୍ଚିବା ପାଇଁ ଅହରହ କରି ଚାଲଇ ସଂଘର୍ଷ ।୨ ।
ଜାଣେ ଅଜଣାତେ ନିଶ୍ଚେ କରିଥିବି କିଛି ନିୟମ ଉଲଂଘନ ।
ଯାହାର ଫଳ ସ୍ୱରୁପ, ଦେଇଥିବା ଶାସ୍ତି ତୁମ, କରିଛି ଗ୍ରହଣ ।୩ ।
ତଥାପି ଏଯାଏ ବୁଝିନି ତୁମେ କାହିଁକି ଯେ କ୍ରୋଧିତ ।
ନିଜକୁ ପଚାରି ପ୍ରଶ୍ନ ହୁଏ ମନେ ମନେ ଲଜ୍ଜିତ ।୪ ।
ମନ ଊଣା କାହିଁ କର ମୋ ଠାରେ ମୁଁ ଜାଣେନା ।
କାହିଁକି ପାରୁନି ଖୁସି କରି ତୁମକୁ, ଉତ୍ତର ତ ପାଏନା ।୫ ।
ତୁମ ମୋ ଭିତରର ବୁଝାମଣା ଭାରି ଅଟଇ ଦୂଷଣ
କହି ଦିଅ କିପରି କରିବି ଏ ସମସ୍ୟାର ସମାଧାନ ।୬ ।
ଆଜି ଆସିଛି ତେଣୁ ଆଶାର ଆଲୋକ ନେଇ, କରିବନି ନିର୍ବାପଣ ।
ମୀମାଂସାର ବାଟ ଦେଖାଇବ କିଛି, ନକରିବ ପ୍ରତ୍ୟାଖ୍ୟାନ ।୭ ।
ମୋର ସ୍ରଷ୍ଟା, ମୋ ରକ୍ଷକ, ମୋର ଉପାସ୍ୟ ।
ଆତ୍ମସମର୍ପଣ କଲି ପାଦତଳେ କରି ମଥାନତ ।୮ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ବିଶ୍ୱ ଜଳ ଦିବସ ଉପଲକ୍ଷେ



ଦଣ୍ଡାସି ପ୍ରଧାନ

ସୁନ୍ଦର ପୃଥିବୀ ନିର୍ମଳ ଆକାଶ
ମୃଦୁ ମଧୁର ସୁଜଳା
ଋତୁଚର୍ଯ୍ୟା ଘେନି ବିବିଧ ବୈଭବେ
ମହକିତା ପୂର୍ଣ୍ଣ ଫଳା
ନଦୀ ନାଳ କୂଳ ବେଳା
ନିର୍ଝର ନାଦିନୀ ତୃଷ୍ଣା ନିବାରିଣି
ଶୁଦ୍ଧପ୍ରଦା ସୁନିର୍ମଳା ।।01

ସ୍ଥାବର ଜଙ୍ଗମ ଶ୍ରୀଯୁକ୍ତା ଶୋଭିତା
ସନ୍ତୋଳିତ ଯାର ଧାରା
ଦୂରଦ୍ରଷ୍ଟା ହୀନ ମଣିଷ ନିମିତ୍ତ
ଆଜି ଜଳ ବିହୁନେ ଧରା,
ଅତଳ ଭୂତଳ ସ୍ରୋତ -
ଗଭୀର ଖନନେ ଶୁଷ୍କ ବିଧୁରିତ
ହାହାକାର ଏ ଜଗତ ।।02

ସରିଲା ଜଙ୍ଗଲ ଜାନ୍ତବ ସମ୍ପଦ
କେତେ ଯେ ଦୁର୍ଲଭ ଜୀବ

ISSN NO.
2582-208X

ଦୁର୍ଦ୍ଦାନ୍ତ ମଣିଷ ତଥାପି ହେଜେନି
ବୁଝେନା ଅଭାବ ଭାବ ।
ସଂରକ୍ଷଣ ନାରା ରାବ
ଉଦ୍ଭିଦ ମଣ୍ଡରେ ତିଆରି କାଗଜ
ନିର୍ମାଣେ ପ୍ରଚାର ସ୍ତମ୍ଭ ।।03

କଳାହାଣ୍ଡି ମେଘ ରଚିତ ତାଣ୍ଡବ
ଗର୍ଜନ ଭୀମ ଭୈରବ
ବରଷା ବିହୁନେ ଉଡିଯାଏ ଛାଏଁ
ନ ଛୁଇଁ ଭୂଧର ନଭ ।
ସଂରକ୍ଷଣ କାହିଁ ହେବ ?
ଶୁଦ୍ଧ ସୁବିଚାର ହେଉ ଅନ୍ୱେଷଣ
ଜଗତ ତୃଷ୍ଣା ମେଣ୍ଟିବ । ।04

ବର୍ଷାହେଲେ ସିନା ଜଳ ସଂରକ୍ଷଣ
ଉଦ୍ଭିଦ ଉଦ୍ୟୋଗ ଯାହା
ସମୁଦ୍ର ଶଯ୍ୟାରେ ବରଷଇ ଜଳ
ମଣିଷ ବୁଝେନା ମାୟ୍
ବୃକ୍ଷ ଛେଦି ଖୋଜେ ଛାୟା
ମେଘ ଆକର୍ଷଣ ବିଶୁଦ୍ଧ ପବନ
ପରିତ୍ରାଣ ପୂର୍ଣ୍ଣ ସାହା ।।

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ। ଭ୍ରାମ୍ୟଭାଷ୍ୟ-8660194967

ISSN NO.
2582-208X

# ପୂର୍ଣ୍ଣଚ୍ଛେଦ



ଜୟଶ୍ରୀ ପଟ୍ଟନାୟକ

ଡୁଠ ପଥରରେ ପାଦ ଖସିଗଲା ପରି
ସେ ଖସି ଯାଉଥାଏ ହାତରୁ
ବାରମ୍ବାର ଧରି ରଖିବାକୁ ପ୍ରୟାସ କଲେ ବି
ଖସିଯାଏ ହାତ ମୁଠାରୁ
ସେ ଯେ ବୟସର ସିଢ଼ି ପାହାଚ
ଯେତେ ଚଢୁଥିବ ଉପରକୁ ସେତେ କମିବ ଆୟୁଷ ।

ସେଦିନ ଆଖିରେ ଆଖିଏ ସ୍ୱପ୍ନ ନେଇ
ଆସିଥିଲା ପିଲାଦିନ
ପ୍ରଜାପତିର ମନ ପରି ଥିଲା ଅସ୍ଥିର
ପାଠପଢା ଖେଳ କୁଦ ଭିତରେ ହଜିଗଲା ସେଦିନ ।

ଢେର ଖେଳ ଖେଳୁଥିଲା ଯୌବନର ଦିନ
ସ୍ୱପ୍ନରେ ଲଂଘୁଥିଲା ସମୁଦ୍ର
ହାତ ଟା ଖଣ୍ଡ ରେ ମାପୁଥିଲା ପାହାଡ଼
ଛାତିଏ ବିଶ୍ୱାସ ନେଇ ମନ ଉଡୁଥିଲା ଅନ୍ତରୀକ୍ଷ

ISSN NO.
2582-208X

ନିଶ୍ୱାସର ପବନରେ ରୋକୁଥିଲା ସମୟ
କଥା ବାଣ ରେ ତୋଳୁଥିଲା ଆକାଶେ ତାରା ଫୁଲ
ଫୁ କରି ଉଡାଉଥିଲା ପ୍ରେମ ଚିଠିର ଆବେଗ
ସ୍ୱପ୍ନ ସବୁକୁ ରଙ୍ଗୀନ ପ୍ରଚକ୍ଷୁ ରେ ଦେଖୁ ଦେଖୁ
ହାତ ମୁଠାରୁ ଖସି ଯାଇଛି ବୟସ ।

ଏବେ ପ୍ରଜାପତି ଧରିବାର ବେଳ ନାହିଁ କି
ରୋମାଂଚିତ ହେବାର ସମୟ
ଅତୀତ କୁ ଧରି ରଖିବାର କ୍ଷମତା ନାହିଁ କି
ଅଣ ଲେଉଟା ସମୟକୁ ବାହୁଡେଇ ହୁଏନି
ସକାଳ, ପୂର୍ବାହ୍ନ, ମଧ୍ୟାହ୍ନ, ସଞ୍ଜ
ସବୁ ପ୍ରହର ସହ ଭେଟ ହେଉ ହେଉ
ଜୀବନଟା ଟାଣି ହୋଇଯାଏ ପୂର୍ଣ୍ଣଚ୍ଛେଦ ଆଡକୁ
ପଛରେ ବତୀଖୁଣ୍ଟ ପରି ରହି ଯାଉଥାଏ
ଅଧୁରା ସ୍ୱପ୍ନ, ଅପହଞ୍ଚ ଦିଗ ଠିକ
ଅସ୍ତ ସୂର୍ଯ୍ୟ ବୁଡିବାର ବେଳ ପରି ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ଅଦିନ ମେଘ



ଡ଼ଃ ରଞ୍ଜିତ କୁମାର ସାହୁ

କଳା ମେଘ ଘଟେ ସୁନୀଳ ଆକାଶେ,
ତାହା ପଛରେ ହଜି ଯାଏ ରବି,
ବସନ୍ତର ଦିନେ ଆଙ୍କିଯାଏ ସତେ,
ଧରା ଦେହରେ ଶ୍ରାବଣର ଛବି ।

ପବନରେ ଝୁଲେ ହୋଇଣ ବିକଳ,
ପୁଷ୍ପଭରା ଲତା ସମ୍ଭାଳି ଭାର,
ଅଦିନ ମେଘର ପ୍ରଭାବ ଅଭେଦ୍ୟ,
ଖସେ ନଭରୁ ବାରିଦର ଧାର ।

ବନ ଉପବନ ଭିଜିଯାଏ କ୍ଷଣେ,
ସ୍ନିଗ୍ଧ ହୁଏ ପ୍ରତି କୁସୁମ ତନୁ,
ଭାବରେ ବିଭୋର ବିହଙ୍ଗର ସ୍ୱର ,
ପ୍ରକମ୍ପିତ ହୁଏ ହରିତ ବନୁ ।



ଲୁଚିଛି ଭ୍ରମର ହୋଇଣ ଆତୁର,
ପଡିଛି ମଳିନ କଣ୍ଠେ ସଙ୍ଗୀତ,

ତଥାପି ପୁଷ୍ପରେ ରଚଇ ବସନ୍ତ,
ବର୍ଷାରେ ଭିଜା ମିଳନର ଗୀତ ।

ଯୁକ୍ତରାଷ୍ଟ୍ର ଆମେରିକା

ମଇ-୨୦୨୪
www.vedantimagazine.com
ISSN NO.
2582-208X

# ଆଧୁନିକ ଓଡ଼ିଆ କବିତାରେ ପ୍ରତୀକର ପ୍ରୟୋଗ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

*" A symbol is a visible or audible sign or emblem of some thoughts, emotions or experiences interpretating what can be really grasped only by the mind and imagination by something which enters into the field of observation" - Dictionary of Philosophy*

ଯୁଗାଶ୍ରୟୀ ସଂଗୁପ୍ତ ଭାବନାର ପରିପ୍ରକାଶ ହେଉଛି ସାହିତ୍ୟ । ଜୀବନ ଓ ଜଗତର ପରିବର୍ତ୍ତନରେ ସାହିତ୍ୟ ହୁଏତ ନିରପେକ୍ଷ ରୁହେ, ମାତ୍ର ସୃଷ୍ଟିଶୀଳ ମୂଲ୍ୟବୋଧର ସାମ୍ୟାବ୍ୟ ପ୍ରଗତି ଓ ବିଦ୍ରୋହରୁ ନିଜକୁ ମୁକ୍ତ ରଖିପାରେ ନାହିଁ । ସାହିତ୍ୟ ହେଉଛି ଲାବଣ୍ୟମୟୀ ବହୁରୂପୀ । ରୂପ ଲାବଣ୍ୟର ଅନୁପମ ଶ୍ରୀ ରେ ସେ ହୋଇଥାଏ ଲାଳିତ୍ୟ। ଜଗତ ଓ ଜୀବନର ଯାହା କିଛି ସ୍ନିଗ୍ଧ ଓ ରୁଚିକର ତାହାକୁ ସୌନ୍ଦଯ୍ୟବୋଧରେ ରୂପ ଦେଇ ସାହିତ୍ୟ ହୁଏ ବିଭାବଶାଳୀ। ମାତ୍ର ବେଳେବେଳେ ଏହାର ଅଙ୍ଗ ଓ ଆତ୍ମାରେ ରୂପାନ୍ତର ଦେଖାଦିଏ। ଏହି ରୂପାନ୍ତର ସାହିତ୍ୟ ଆକାଶରେ ସୃଷ୍ଟି କରିଛି ନାନାଦି ମତବାଦର ବର୍ଣ୍ଣାଢ୍ୟ ଇନ୍ଦ୍ରଧନୁ। ସେଥି ମଧ୍ୟରୁ ପ୍ରତିକବାଦ ବା Symbolism ର ପ୍ରଭାବ ପାଶ୍ଚାତ୍ୟ ସାହିତ୍ୟ ଜଗତରେ ଅଖଣ୍ଡ ଓ ଅପ୍ରତିହତ ।

ଅର୍ଥଦ୍ୟୋତକ ଶବ୍ଦ ଦ୍ୱାରା ସକଳ ରୂପ ଓ ଅରୂପ ବ୍ୟକ୍ତ ହୁଏ । ତେଣୁ ଶବ୍ଦ ବା ଭାଷା ହେଉଛି ମଣିଷ ମନର ଭାବନା ଏବଂ କଳ୍ପନାର ପ୍ରତୀକ। ଶବ୍ଦ ହେଉଛି ଗୋଟିଏ ଗୋଟିଏ ବସ୍ତୁର ଚିହ୍ନ ସ୍ୱରୂପ । ଗୋଟିଏ ଗୋଟିଏ ଚିହ୍ନ ଯେତେବେଳେ ଗୋଟିଏ ଗୋଟିଏ ଭାବନାର ପ୍ରତିଧ୍ୱନିତ୍ୱ କରେ, ସେତେବେଳେ ତାହା ପ୍ରତୀକରେ ପରିଣତ ହୁଏ । ଚିହ୍ନ ରୂପେ

ISSN NO.
2582-208X

ବ୍ୟବହୃତ ଶବ୍ଦର ପ୍ରତିଶବ୍ଦ ଥାଏ । ମାତ୍ର; ପ୍ରତୀକର କୌଣସି ପ୍ରତିଶବ୍ଦ ନ ଥାଏ । ଗୋଟିଏ ଗୋଟିଏ ବସ୍ତୁ ପାଇଁ ଆମେ ଗୋଟିଏ ଗୋଟିଏ ଶବ୍ଦକୁ ଚିହ୍ନରେ ବ୍ୟବହାର କରୁ । ମଣିଷ ତା'ର ବ୍ୟବହାରଗତ ସୁବିଧା ପାଇଁ ଗୋଟିଏ ଗୋଟିଏ ଶବ୍ଦକୁ ଗୋଟିଏ ଗୋଟିଏ ବସ୍ତୁ ଉଦ୍ଦେଶ୍ୟରେ ପ୍ରୟୋଗ କରେ । ମନ ଓ କଳ୍ପନା ଦ୍ୱାରା ଚିନ୍ତା, ଭାବ, ଅନୁଭୂତି ସମୂହର ଏକ ବାସ୍ତବ ସଂକେତ/ଚିହ୍ନକୁ ପ୍ରତୀକ କୁହାଯାଏ ।

ପ୍ରତୀକ ଏକ ଚିହ୍ନ ବା ସଂକେତ। ପ୍ରତୀକବାଦ ନବଜାଗରଣର ଏକ ଅମୂଲ୍ୟ ସୃଷ୍ଟି ସମ୍ପଦ। ପ୍ରତୀକ ପାଶ୍ଚାତ୍ୟ ଜଗତରୁ ଉଦ୍ଭୂତ ଏକ କାବ୍ୟିକ ଆନ୍ଦୋଳନର ପ୍ରବୃତ୍ତି । ପ୍ରତୀକବାଦ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଆଲୋଡନ ସୃଷ୍ଟି କରିଥିଲା । ମଣିଷର ବସ୍ତୁ ଧାରାରୁ ପ୍ରତୀକର ସୃଷ୍ଟି ହୋଇଛି । ତେଣୁ ପ୍ରତୀକର ପୃଷ୍ଠଭୂମି ହେଉଛି ଚିତ୍ରାଚିତ୍ର । ଉପମା, ଚିତ୍ରକଳ୍ପ, ରୂପକ ଠାରୁ ପ୍ରତୀକ ଭିନ୍ନ ଅଟେ । ସାହିତ୍ୟ ରାଜ୍ୟରେ ଏକ ବିଶେଷ ପ୍ରକାର ଶୈଳୀକୁ ପ୍ରତୀକ କୁହାଯାଏ। ସଂସ୍କୃତରେ ପ୍ରତୀକ ସଂପର୍କରେ କୁହାଯାଇଛି "ପ୍ରତିଯତ୍ନେ ଅନେକ ଇତି ପ୍ରତୀକ" ଅର୍ଥାତ୍ ଯାହା ଦ୍ୱାରା ପ୍ରତୀତି ଜାତ ହୁଏ, ତାହା ହେଉଛି ପ୍ରତୀକ । ଏହାର ବ୍ୟୁତ୍ପତ୍ତିଗତ ଅର୍ଥ - ପ୍ରତି+ ଇ+ ଇକ= ପ୍ରତୀକ । ଇଂରାଜୀରେ ପ୍ରତୀକ 'Symbol' ଅର୍ଥରେ ବ୍ୟବହୃତ । ଓଡ଼ିଆରେ ପ୍ରତୀକ ଶବ୍ଦ ଚିହ୍ନ, ସଂକେତ, ପ୍ରତିରୂପ, ପ୍ରତିନିଧି, ପ୍ରତିମା, ମୂର୍ତ୍ତି, ନିଶାନ ଆଦି ଅର୍ଥରେ ବ୍ୟବହୃତ ।

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରତୀକ ବ୍ୟବହାରକୁ ନେଇ ଏକ ବିଧିବଦ୍ଧ କାବ୍ୟିକ ଆନ୍ଦୋଳନ ଫ୍ରାନ୍ସ ରେ ପ୍ରଥମେ ଆରମ୍ଭ ହୋଇଥିଲା । ପର୍ଣ୍ଣାସିଜିମ୍ କାବ୍ୟିକ ଆନ୍ଦୋଳନର ଅନୁସରଣରେ ପ୍ରତୀକବାଦର ସୃଷ୍ଟି । ପ୍ରତୀକବାଦୀ କବିତା ସାଧାରଣତଃ ଅପ୍ରତକ୍ଷ। ଏଥିରେ ବସ୍ତୁକୁ ସୂଚନା ମାଧ୍ୟମରେ ପ୍ରକାଶ କରାଯାଏ । ଫରାସୀ ସାହିତ୍ୟରେ ବଦଲେୟାର, ମାଲାର୍ମେ, ଭାର୍ଲେନ୍ , ରାମ୍ବୋ ପ୍ରଭୃତି ଥିଲେ ଏହି ପ୍ରତୀକବାଦୀ ସୃଷ୍ଟି ଆନ୍ଦୋଳନର କର୍ଣ୍ଣଧାର। ବିଂଶ ଶତାବ୍ଦୀର ଆଦ୍ୟ ଦଶକରୁ କ୍ରମେ ଏହି ଆନ୍ଦୋଳନ

ISSN NO.
2582-208X

ଇଂରାଜୀ ସାହିତ୍ୟରେ ପୃଷ୍ଠାକୁ ମଣ୍ଡନ କରି ସମଗ୍ର ଇଉରୋପ ଜଗତକୁ ପରିବ୍ୟାପ୍ତ ହେଲା।

ପ୍ରତୀକବାଦୀମାନେ ସାଧାରଣତଃ ରହସ୍ୟବାଦୀ ଅଟନ୍ତି । ଧାର୍ମିକ ବଳୟ ଓ romantic ଚେତନା ଉପରେ ଏମାନଙ୍କର ଗଭୀର ଆସ୍ଥା। ରହସ୍ୟ ଓ ସୌନ୍ଦର୍ଯ୍ୟ ସୃଷ୍ଟିରେ ପ୍ରତୀକବାଦ ସାହିତ୍ୟର ସାର୍ଥକତା । ଏହି କବିତା କିଛି ପରିମାଣରେ ଦୁର୍ବୋଧ୍ୟ। କବି ବାସ୍ତବ ଜଗତରୁ ଆରମ୍ଭ କରି ଆଧ୍ୟାତ୍ମିକ ଜଗତ ପର୍ଯ୍ୟନ୍ତ ବିଚରଣ କରି ପ୍ରତୀକ ସଂଗ୍ରହରେ ବ୍ୟାପୃତ ଥିବାରୁ, ସାଧାରଣତଃ ଭାବଗତ ପରିବର୍ତ୍ତନ ହୋଇଥାଏ । ମାନବ ଅବଚେତନ ମନର ରହସ୍ୟ ଉନ୍ମୋଚନ କରିବା ହେଉଛି ପ୍ରତୀକବାଦୀ ମାନଙ୍କର ଲକ୍ଷ୍ୟ ।

ପ୍ରତୀକବାଦୀ ସ୍ରଷ୍ଟାମାନଙ୍କର ଲକ୍ଷ୍ୟ ହେଲା ମଣିଷର ସଚେତନ ମନର ଅନ୍ୟ ଇନ୍ଦ୍ରିୟାଗ୍ରହୀ ବସ୍ତୁ ସହ ଅଚେତନ ମନର ସଂଚିତ ଅନୁଭୂତିର ମିଶ୍ରଣରେ ପାଠକ ମାନସରେ ଏଭଳି ଏକ ରହସ୍ୟର ପ୍ରହେଳିକା ସୃଷ୍ଟି କରିବା । ଯାହାର କିଛି ଅଂଶ ସ୍ୱଷ୍ଟ ଓ କିଛି ଅଂଶ ଅସ୍ୱଷ୍ଟ ରହି ସୌନ୍ଦର୍ଯ୍ୟ ଭାବ ପ୍ରକାଶ କରିବ । ଏହା ବ୍ୟତୀତ ପ୍ରତୀକର ଅନ୍ୟତମ ପ୍ରେରଣାର ଉତ୍ସ ଭାବେ ସଙ୍ଗୀତକୁ ଗ୍ରହଣ କରାଯାଏ । କବିତା ଓ ସଂଗୀତ ମଧ୍ୟରେ ସମନ୍ୱୟତା ଆଣିବା ପାଇଁ ପ୍ରତୀକବାଦୀ କବିମାନେ ତତ୍ପର ଥିଲେ । ପ୍ରତୀକବାଦୀ ମାନଙ୍କର ଚିନ୍ତାଧାରା ସମ୍ପୂର୍ଣ୍ଣ ବ୍ୟକ୍ତିକୈନ୍ଦ୍ରିକ ଥିଲା ।

ଭାରତୀୟ ସାହିତ୍ୟ ଯେପରି ପ୍ରତୀକର ଗନ୍ତାଘର, ସେପରି ଓଡ଼ିଆ ସାହିତ୍ୟରେ ମଧ୍ୟ ପ୍ରତୀକ ପ୍ରୟୋଗର ସ୍ୱତନ୍ତ୍ରତା ଓ ପ୍ରଚୁରତାକୁ ଲକ୍ଷ୍ୟ କରାଯାଏ। ଓଡ଼ିଆ ପ୍ରାଚୀନ କାବ୍ୟ କବିତା ଠାରୁ ଆରମ୍ଭ କରି ଆଧୁନିକ କବିତା ପର୍ଯ୍ୟନ୍ତ ସର୍ବତ୍ର କବିମାନଙ୍କର ପ୍ରତୀକ ପ୍ରୟୋଗର ଦକ୍ଷତା ଦେଖାଯାଏ । କାହ୍ନୁପା, ଲୁଇପା ଆଦି ଚୌରାଶୀ ସିଦ୍ଧଙ୍କର 'ଚର୍ଯ୍ୟାଗୀତିକା', ଜଗନ୍ନାଥ ଦାସଙ୍କ 'ଭାଗବତ' ଆଦି ପ୍ରାଚୀନ କବିଗଣଙ୍କ କବିତାରେ ପ୍ରତୀକର ବ୍ୟବହାର ଦେଖିବାକୁ ମିଳେ । ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ ଆତ୍ମାର

ISSN NO.
2582-208X

ପ୍ରତୀକ ରୂପେ ' ହଂସ' ଏବଂ ସଂସାରର ପ୍ରତୀକ ରୂପେ ' ଝାଡ ଜଙ୍ଗଲ' ବହୁ ସ୍ଥଳରେ ବ୍ୟବହୃତ ହୋଇଛି ।

ଏହି ପ୍ରତୀକ ବ୍ୟବହାରକୁ ସାହିତ୍ୟରେ ତିନି ଭାଗରେ ବିଭକ୍ତ କରାଯାଇଥାଏ । ଏଥିରୁ ପ୍ରଥାସିଦ୍ଧ ପ୍ରତୀକ ସଂଖ୍ୟା ଅଧିକ । ଆଧୁନିକ କବିତାରେ ବ୍ୟବହୃତ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା - ପୌରାଣିକ ଓ କିମ୍ବଦନ୍ତୀମୂଳକ ପ୍ରତୀକଗୁଡ଼ିକ ସାଧାରଣତଃ ବୋଧଗମ୍ୟ, ସହଜ, ସରଳ ଓ ସୁସ୍ପଷ୍ଟ । କିନ୍ତୁ ସାମାଜିକ ଓ ବ୍ୟକ୍ତିଗତମୂଳକ ପ୍ରତୀକଗୁଡ଼ିକର ଦୁର୍ବଧ୍ତା ଓ ଅସ୍ପଷ୍ଟତା ଅଧିକ ଦେଖାଯାଏ ।

କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ପୃଥିବୀର ସବୁ ସାହିତ୍ୟରେ ଧର୍ମ ଓ ଦର୍ଶର ରହସ୍ୟବାଦୀ ଚିନ୍ତାଧାରା ଭିତରେ ପ୍ରତୀକ ବ୍ୟବହାରର ଅୟମାରମ୍ଭ ହୋଇଛି ।

"ଉଁଚା ଉଁଚା ପାବତ ତହିଁ ବସଇ ଶବରୀବାଳୀ
ମୋ ରଙ୍ଗା ପିଛା ପରିହିଣ ଶବରୀ ଗୁଞ୍ଜରୀମାଳୀ ।" (ଚର୍ଯ୍ୟାଗୀତିକା)

ଏଠାରେ 'ଉଁଚ ପର୍ବତ', 'ଶବରୀ ବାଳୀ' ଯଥାକ୍ରମେ ନୈରାତ୍ମ ଦେବୀ ଅଧିଷ୍ଠାନ ରୂପେ ବ୍ୟବହୃତ ।

ଆଧ୍ୟାତ୍ମିକ ଓ ଧର୍ମୀୟ ପ୍ରତୀକ ବ୍ୟବହାରରେ ଷୋଡ଼ଶ ଶତାବ୍ଦୀର ପଞ୍ଚସଖାଗଣଙ୍କ ସାହିତ୍ୟରେ ଚରମ ବିକାଶ ଘଟିଥିବାର ଦେଖାଯାଏ ।

"ଧର୍ମ କଷଣ ଦେହ ସହେ
ଅରଣ୍ୟ ଅଜଗର ପ୍ରାୟେ ।" ( ଭାଗବତ )

'ଅଜଗର' ଏଠାରେ ସହିଷ୍ଣୁତା, ଅବିଚଳିତା ଓ ଆହାର ବିଷୟରେ ନିରାସକ୍ତିର ପ୍ରତୀକ ।

ISSN NO.
2582-208X

"ବୋହୂ ଚାଲି ନ ଜାଣଇ ଲୋ
ପାଦ ପଡୁଥାଏ ବଙ୍କା
ଯେଉଁ ଦିନ ବୋହୂ ସଳଖେ ଚାଲିବ
ଘରେ ପଡ଼ିଯିବ ଡକା ।" ( ନିର୍ଗୁଣ ମାହାତ୍ମ୍ୟ )

ଏଠାରେ 'ବୋହୂ' ନିଃଶ୍ୱାସ ପ୍ରଶ୍ୱାସର ପ୍ରତୀକ ରୂପେ ବ୍ୟବହୃତ ।

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଫରାସୀ ପ୍ରତୀକବାଦୀ ଆନ୍ଦୋଳନର ପ୍ରଭାବ ପରିଲକ୍ଷିତ ହୁଏ । ଉଭୟ ବଙ୍ଗଳା ଓ ଇଂରାଜୀ ସାହିତ୍ୟ ମାଧ୍ୟମରେ ଓଡ଼ିଆ ସାହିତ୍ୟରେ ଏହି ପ୍ରତୀକବାଦର ପ୍ରବେଶ ଘଟେ ।

ରାଧାମୋହନ ଗଡ଼ନାୟକଙ୍କ -

"ଆକାଶର ବିଜୁଳିଟି
ମୋର ପ୍ରେମର ପ୍ରତୀକ ।
କିମ୍ବା
ବସନ୍ତର କୋଇଲିଟି
ମୋର ପ୍ରେମର ପ୍ରତୀକ ।"

ଏଠାରେ ଆକାଶରେ ବିଦ୍ୟୁତ୍ ର ଜ୍ୟୋତି ବସନ୍ତ କୋକିଳର ମଧୁର କଣ୍ଠରୀତି, ପାହାନ୍ତା ପ୍ରହରର ଫୁକିଆ ତାରାର ଫିକାଳିଆ ଜ୍ୟୋତିରେ ପ୍ରେମର ରୂପ ଉଦଭାସିତ ହୋଇ ଉଠିଛି ।

ରମାକାନ୍ତ ରଥଙ୍କ -

"କିରୋସିନୀ, କିଛି ଧୂଆଁ, ବତୀ ଶିଖା ଏବଂ କିଛି କୀଟ
ଏ ସମସ୍ତ ଏକାକାର ଏ ଧାତବ ପରିବେଷ୍ଟନୀରେ ।" (ଲଣ୍ଠନ)

ISSN NO.
2582-208X

ଏଠାରେ ଲଣ୍ଠନକୁ ମାନବୀୟ ଅସ୍ତିତ୍ୱର ପ୍ରତୀକ ଭାବେ ଗ୍ରହଣ କରାଯାଇଛି ।

ସୀତାକାନ୍ତ ମହାପାତ୍ରଙ୍କ -

"ହୃଦୟରେ ଖାଲି ମୋର କଣ୍ଟା ବୁଦା ଧସା ବାଲି
ନାଗଫେଣୀ, ମରୁ ମାଟି ଟୋପେ ନାହିଁ ଜଳ।" (ଅଷ୍ଟପଦୀ)

ଏଠାରେ ଆଧୁନିକ ମଣିଷର ସନ୍ଦେହ, ହତାଶା, ଯନ୍ତ୍ରଣାବୋଧ ଓ ମୃତ୍ୟୁ କଳ୍ପନାର ଶୀତଳତା ହିଁ କଣ୍ଟାବୁଦା, ଧସା ବାଲି, ମରୁଭୂମି ସଦୃଶ ।

ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ପାନ୍ଥଶାଳା' କବିତାରେ ପାନ୍ଥଶାଳା ସାଧାରଣ ପଥକ୍ଳାନ୍ତ ପଥିକର ଆଶ୍ରୟସ୍ଥଳ ନନୁହେଁ ବରଂ ପୁନର୍ଜନ୍ମର ବିଶ୍ୱାସ କରୁଥିବା ମଣିଷର ବାସସ୍ଥଳର ପ୍ରତୀକ ରୂପେ ଗ୍ରହଣ କରାଯାଇଛି । ଏହା ବ୍ୟତୀତ ଆଧୁନିକ ଓଡ଼ିଆ କବିତାରେ ସଚ୍ଚି ରାଉତଙ୍କ 'ପ୍ରତିମା ନାୟକ', ଗୁରୁପ୍ରସାଦ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' ସମଗ୍ର କବିତାରେ ଆଧୁନିକ ଜୀବନର ମଳିନ ନାରିତ୍ୱର ପ୍ରତୀକ ଭାବେ ସମ୍ବେଦନା ସୃଷ୍ଟି କରେ ।

ପ୍ରତୀକ ଆଧୁନିକ କବିତାର ଆତ୍ମା ସହ ସମ୍ପୂର୍ଣ ସଂଶ୍ଳିଷ୍ଟ । ସମସାମୟିକ ଅଗଣିତ ଓଡ଼ିଆ କବିମାନଙ୍କ କବିତା ଗୁଚ୍ଛରେ ପ୍ରତୀକ ପ୍ରୟୋଗର ଅଜସ୍ର ଦୃଷ୍ଟାନ୍ତ ମିଳେ । ତେଣୁ ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ କାବ୍ୟ କବିତାର ପ୍ରତୀକମାନଙ୍କୁ ବିଶ୍ଳେଷଣ କଲେ ଜଣାଯାଏ ଯେ - ପ୍ରତୀକର ବିବର୍ତ୍ତନ ମଧ୍ୟରେ ପରିବର୍ତ୍ତନ ଜୀବନର ମୂଲ୍ୟବୋଧ, ସମାଜ ଚେତନାର ସ୍ୱରୂପ ପ୍ରକଟିତ ହୋଇଛି । ଆଧୁନିକ ଓଡ଼ିଆ ସାହିତ୍ୟରେ ସମୁଦ୍ର, ସୂର୍ଯ୍ୟ, ଲଣ୍ଠନ, ଗୋଲାପ, କଣ୍ଟା, ବନ୍ଧୁକ ଆଦିକୁ ପ୍ରତୀକ ଭାବେ ଗ୍ରହଣ କରି ଅନେକ କବି ରସୋର୍ତ୍ତୀର୍ଣ୍ଣ କବିତା ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଛନ୍ତି ।

ଅତିଥି ଅଧ୍ୟାପିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# କଳା ଏ ଜୀବନ




ଭାରତୀ ମୁଦୁଲି

ଜୀବ ଯାଉ ବୋଲି କହିକହି
ମଣିଷର ମୁହଁ ଆମ୍ବିଳା ପଡ଼ିଯାଏ
ଚାହେଁନି ସେ ମୃତ୍ୟୁ
ଅବହେଳା ବରଦାସ୍ତ ନକରିପାରି
ବାହାରି ଆସେ ତା' ମୁହଁରୁ
ଅଭିଶପ୍ତ ବାଣୀ ଯାହା କଳ୍ପନାମୟ
କଳା ଏ ଜୀବନରେ କେବେ ସାତରଙ୍ଗ ଭରି
ବଦଳେଇଦବ ଶ୍ୱେତମୟ ଜୀବନରେ
ବାହା ବାହା କରି ପିଠି ଥାପୁଡ଼େଇ
ଡାକି ନେବ ସାଙ୍ଗେ କେଉଁ ବେଶେ
ମାୟା ମୋହ ସଂସାରର କ୍ଷଣିକ ସୁଖ
କଳା ଏ ଜୀବନକୁ କରି ନ ପାରେ ସଂପୂର୍ଣ୍ଣ
ସେ ଯେ ରକ୍ତମାଂସଧାରି ପିଣ୍ଡଟାଏ ।
ସମୟର ଚକ୍ରରେ ଘୁରିବୁଲେ ଚତୁଃପାର୍ଶ୍ୱ
ନ ପାଇ ସୁଖ ଆଉ ମୋକ୍ଷ
ଅତୃପ୍ତ ହୋଇ ଭ୍ରମେ...

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସବୁ'ତ ହେଲାଣି ଉଭାନ୍



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

କୁଆଡ଼େ ଗଲା ସେ ରୁବୁଣା, ଘୋରଣା
କୁଆଡ଼େ ଗଲା ସେ ଢିଙ୍କି
କୁଆଡ଼େ ଗଲା ସେ କାଠ ଚୂଲୀ ହାଣ୍ଡି
କୁଆଡ଼େ ଗଲା ସେ କାଙ୍କି ।

କୁଆଡ଼େ ଗଲା ସେ ପୋଢ ଓ ବଳଦ
କରିବାକୁ ଚାଷ ଭୂଇଁ
ଟ୍ରାକଟର ଗୋଟି ଛିଡା ହୋଇଅଛି
ଜମି ଚଷିବାର ପାଇଁ ।

କୁଆଡ଼େ ଗଲା ସେଖୋଲା କୂଅ ପାଣି
କୁଆଡ଼େ ଗଲା ଶଗଡ଼
ସବୁ ବିଦ୍ୟାଳୟୁ ଉଠିଗଲା ଏବେ
ବେତର ଅକୁହା ମାଡ ।

ପିଲାଏ ଲେଖିବେ ଶିକ୍ଷକ ଡାଇରି
ତାକୁ ଦେଖି ନେବେ ନେତା
ସେମାନେ କହନ୍ତି ସବୁଠାରେ ବୁଲି
ଆମେ ହିଁ ତୁମ ବିଧାତା ।

ISSN NO.
2582-208X

ଶିକ୍ଷକ ବିଚାରା ମାଡ ମାରୁଥିଲା
ଆମ ଭବିଷ୍ୟତ ପାଇଁ
ଯେଉଁ ଦିନୁଁ ଏହି ମାଡ ଉଠିଗଲା
ରହିଲୁ ଭିଖାରୀ ହୋଇ ।

ଏବେ ମିଳୁଅଛି ହୋଟେଲରେ ସବୁ
ହାଣ୍ଡି ରନ୍ଧା ଖାଦ୍ୟ ମାନ
ଶତ ଶତ ଟଙ୍କା ଗଣି କିଣୁଅଛୁ
ତାହାର ରନ୍ଧା ଭୋଜନ ।

କୁଆଡ଼େ ଗଲା ସେ ବିଲୁଆର ରଡି
କୁଆଡ଼େ ଗଲା ସେ କୁଆ
ଦାଣ୍ଡ,ବାଡି ବୁଲି ନାଳ ଓ ନର୍ଦ୍ଦମା
ସଫା କରେ ଆମ ମାଆ ।

ସାହି ସାହି ସବୁ କଂକ୍ରିଟ୍ ହେଲାଣି
କେଉଁଠି ଲାଗୁନି କାଦ
ଚାରିଆଡେ ଦେଖ ରାଜନୀତି ପାଇଁ
ବଢୁଛି ସବୁ ବାଦବଦ ।

ସବୁ'ତ ହେଲାଣି ପୁରୁଣା ଏଇଠି
ଲୋକେ ହେଲେ ଅଳସୁଆ
ପିଲା ମୁଖେ ଆଉ ସ୍ତନ୍ୟ ଦେଉନାହିଁ
ଏବେ ସୁନ୍ଦରିଆ ମାଆ ।

***

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଅଗ୍ନୀ ଉତ୍ସବ



ପୁଷ୍ପାଞ୍ଜଳି ପଣ୍ଡା

ଖରା ଗରମ
ଜଳ କଷ୍ଟ ର
ଅସହ୍ୟ ତାତି ର ଅଗ୍ନୀଉତ୍ସବ।।
ଦିନ ଗଲାପରେ
ସହି ହୁଏନାହିଁ
ଅନିଦ୍ରା ରାତି ରେ
ଗରମ ବାମ୍ଫ
ପୋଡ଼ୁ ଥାଏ
ଜାଳୁ ଥାଏ ଧିଅ,
ବଦଳିଯାଏ ସବୁଜ ସବୁଜିମା ରୂପ।।

ରାତି ପାହାନ୍ତାରୁ
ମଣିଷ, ପଶୁ ପକ୍ଷୀ ଉଠିପଡି
ସାଙ୍ଗ ହୋଇ ବାହାରି ପଡ଼ନ୍ତି
କାମକୁ
ଯେଉଁଠି

ISSN NO.
2582-208X

କଅଁଳ କିରଣ
ଜନ୍ମରୁ ବୁଢା ହେଇଥାଏ l

ଶ୍ରମିକ ସହ ଭେଟାଭେଟି
ହେଲାପରେ
ନରମ ପଡୁଥାଏ ଖରାବେଳ
ଏମିତି ସବୁ ଋତୁ ରେ
କାଳେ କାଳେ
ସେ ଜାଣିଛି
ଛ ଘଣ୍ଟାର ମୂଲ କଣ ?
ନିଅଣ୍ଟ ତେଲ ଲୁଣ l
ସଂସାର ରେ l l
ଯେଉଁ ମାନେ ଆରାମ କରିବେ
ପଛରେ ପଡିଯିବେ l
ସଞ୍ଜ ନଇଁ ଆସୁଥିବ
ଖୋଲା ଆଖି ଦେଖୁଥିବା
ସମୟ ସାରଣୀ
ଦୁଃଖ ଆସହଣୀ l l
ସମୟ କୁ ଡରି
ବଞ୍ଚିବା କୁ ହେବ
ପୁଣି ଏକ ନୂଆ ସକାଳ ଅପେକ୍ଷା ରେ

କେନ୍ଦ୍ରାପଡ଼ା

ISSN NO.
2582-208X

# ହାତ ଓ ସମୟ



ଡ଼. ଆଲୋକ କୁମାର ରାୟ

ନାମ ନଥିବା, ଠିକଣା ଖୋଜୁଥିବା
ଓ ନିଜକୁ ନିଜେ ପଚାରୁଥିବା ଗୋଟେ ସମୟ
ହାତରୁ ଖସିଯାଇ ନିରୁଦ୍ଦିଷ୍ଟ ହେବା ଆଗରୁ
ଦଳେ ପାଳଧରା, ଖୋସାମଦିଆ
ବେଢ଼ିଗଲେ ହାତର ଚୌହଦୀ
ହେଲେ ହାତ ସେଠି ନଥିଲା
ଖାଲି ଯାହା ଆଙ୍ଗୁଳ କେତୋଟି ଛିଡ଼ିପଡ଼ି
ଝିଟିପିଟି ଲାଞ୍ଜ ପରି ଛଟପଟ ହେବା
ଅଳ୍ପ ରକ୍ତ ସେଥିରୁ ଝରି
ମାଟିରେ ଗୋଟେ ସ୍ମୃତିଚିହ୍ନ ଅଙ୍କାଥିବା
ଅଳ୍ପ କେତେ ଚାଟୁକାରଙ୍କୁ ପ୍ରତୀତ ହେଉଥିଲା
ମାତ୍ର ସମୟ ନଥିଲା

ଖୋଜାଗଲା ସମୟ,
ବିଜ୍ଞାପନ ମଧ୍ୟ ଦିଆଗଲା ଗଣମାଧ୍ୟମର
ନିଆଁଗିଳା ଭିତର ପୃଷ୍ଠାରେ

ISSN NO.
2582-208X

ଯେଉଁଠି ସମ୍ପାଦକ ଦାୟୀ ନୁହଁନ୍ତି ଲେଖାଥାଏ
ଯେଉଁଠି ଭାଗ୍ୟକୁ ଭବିଷ୍ୟତ ହାତରେ
ଟେକ ଦିଆଯାଇଥାଏ
ଯେଉଁଠି ଅକ୍ଷରମାନ ପରସ୍ପର ମଧ୍ୟରେ
ପ୍ରତିଯୋଗିତା କାଳେ କରନ୍ତି
ଯେଉଁଠି ପଇସା ରୋଗଗ୍ରସ୍ତ ବୋଲି ଜଣାଯାଏ

ହେଲେ ହାତ, ପାପୁଲି,
ବୁଢ଼ିଆଣି ଜାଲ ପରି ଛନ୍ଦାଛନ୍ଦି ରେଖା
ଗଲେ କୁଆଡ଼େ
ହାତର ଶିରା ପ୍ରଶିରା କେଉଁଠି ନା କେଉଁଠି
ରକ୍ତ ଗାଉଳ ଗାଉଥିବେ ଅବଶୋଷର
ସମୟ ଉପରେ ରାଗି
ରକ୍ତମୁଖା ପିନ୍ଧିଥିବ ନିଶ୍ଚୟ

ହାତ ଓ ସମୟ
ଏବେ ରାଜନୀତିର ହୃତପିଣ୍ଡ ଭିତରେ
ଘର ଖୋଜୁଛନ୍ତି ବୋଲି ଉଡ଼ା ଖବର
ପ୍ରସାରିତ କରୁଛନ୍ତି ସ୍ତାବକ ଓ ପ୍ରସ୍ତାବକ

ହାତ ପ୍ରସାରିତ ହେବା କଳା ଭୁଲିଛି
ସମୟ ଓଲଟିବା କୌଶଳ
ମନ ନପକାଇପାରି ବାରଦ୍ୱାର ଶୁଣ୍ଠୀପିଣ୍ଡା ହେବାର
କେହି କେହି ଟିକ୍କା ଟିପ୍ପଣୀ ଦିଅନ୍ତି

କଟକ, ମୋ:୯୪୩୭୦୬୮୦୦୩

ISSN NO.
2582-208X

# ଶ୍ରଦ୍ଧାଞ୍ଜଳି
## (ଭଜି ଭଜି ତୋ ନାମ ଚକାନୟନ)



ଦିଲ୍ଲୀପ ଶତପଥୀ

ସଙ୍ଗୀତ ଜଗତର ଭଜନ ରାଣୀ ଶାନ୍ତିଲତା ବାରିକ (ଛୋଟରାୟ) ମାତ୍ର 65 ବର୍ଷ ବୟସରେ ଏବେ ପରଲୋକରେ । ଜନ୍ମ ଅକ୍ଟୋବର ମାସ ଏକ ତାରିଖ 1960 ମସିହା, ପୁରୀ ଜିଲ୍ଲା ର ନିମାପଡା ଠାରେ । ପିଲାଦିନେ ବାପା ଶିଖେଇ ଦେଇଥିଲେ ଏ ଆମର ମହାପ୍ରଭୁ ଜଗନ୍ନାଥ ସୁବିଧା ଅସୁବିଧା ରେ ତାଙ୍କୁ ହିଁ ଡାକିବୁ, ସିଏ ଶୁଣିବେ ମନର କଥା । ବାପା, ମା ଉଭୟ ଜଗନ୍ନାଥ ବିଶ୍ୱସ୍ତ ଓ ସଂଗୀତରେ ରୁଚି ରଖୁଥିବା ମଣିଷ ଥିଲେ । ପିଲାଦିନେ ବାପା ଶିଖେଇ ଥିବା ଭଜନ "ଜଗବନ୍ଧୁ ତୁମେ ବଡ଼ କପଟୀ..." ଏହି ଗୀତଟି ଗାଉଥିଲେ ଶାନ୍ତି । ମାତ୍ର 6 ବର୍ଷ ବୟସ ରେ ବାପା ଝିଅ କୁ ନେଇ ଗୁରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଙ୍କ ପାଖକୁ ଯାଇଥିଲେ, ଶାନ୍ତି ଗୁରୁଙ୍କ ଆଗରେ ନିର୍ଭୟରେ ମହାପ୍ରଭୁ ଙ୍କ ଭଜନ ଗାନ କରିଥିଲେ, ହେଲେ ଗୁରୁ ସେତେବେଳେ ତାଙ୍କୁ ଗ୍ରହଣ କରି ନଥିଲେ କାରଣ ସେ ବହୁତ ଛୋଟ ଥିଲେ । ଶାନ୍ତିଲତା ବକ୍ସି ଜଗବନ୍ଧୁ ବାଳିକା ବିଦ୍ୟାଳୟ ରେ ନାମ ଲେଖାଇଲେ, ବାପା ସବୁ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ଅନୁରୋଧ କରିଥିଲେ, ଝିଅକୁ ଗୀତ ଗାଇବାକୁ ସୁଯୋଗ ଦେବା ପାଇଁ । ତାଙ୍କର ଥିଲା ସୁଲଳିତ କଣ୍ଠ, ଉଚ୍ଚ ସ୍ୱର ରେ ବିନା ମାଇକ ରେ ସେ ସୁନ୍ଦର ଗୀତ ଗାଉଥିଲେ । ବିଦ୍ୟାଳୟ ରେ ସମସ୍ତେ ତାଙ୍କୁ "କୋଇଲି" ନାମରେ ଡାକୁଥିଲେ । ଯେଉଁଠି ସୁଯୋଗ ମିଳୁଥିଲା ଶାନ୍ତି ହାତଛଡା କରୁନଥିଲେ । ଜଗନ୍ନାଥଙ୍କ ଭଜନ ଗାଇବାରେ ମାହିର ଥିଲେ ।

ISSN NO.
2582-208X

ମେଟ୍ରିକ ଉତୀର୍ଣ୍ଣ ହୋଇ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ରେ ସଂଗୀତ ଶିକ୍ଷା କଲେ । ଗୁରୁ ରୂପେ ବରଣ କଲେ ବାଳକୃଷ୍ଣ ଦାସ, ସିଂହାରୀ ଶ୍ୟାମସୁନ୍ଦର କର, ମାର୍କଣ୍ଡେୟ ମହାପାତ୍ର, ଗୋପାଳ ପଣ୍ଡା ଓ ଭିକାରି ବଳ । ଗୁରୁ ବାଳକୃଷ୍ଣ ଦାସ ଙ୍କର ଅତି ପ୍ରିୟ ଶିଷ୍ୟା ଥିଲେ ଶାନ୍ତି । ଗୁରୁ ଙ୍କ ନିର୍ଦ୍ଦେଶନା ରେ ପ୍ରଥମ ଗୀତ ରେକର୍ଡ କଲେ ଅଲ ଇଣ୍ଡିଆ ରେଡ଼ିଓ, କଟକ ରେ ଗୀତ ଥିଲା "ହେ ଚକାନୟନ ଅଗତି ର ଗତି ଦୀନ ଦୁଃଖ ନାଶନ..." ରଚନା ଥିଲା ନଗେନ୍ଦ୍ର ମହାପାତ୍ର ଙ୍କର । ଗୀତ କୁ ସେମିତି କିଛି ସଫଳତା ମିଳିଲା ନାହିଁ । ପ୍ରତିବର୍ଷ ଶାନ୍ତି ବାପାଙ୍କ ସହିତ ପୁରୀ ରଥଯାତ୍ରା ସମୟରେ ଏବଂ ଅନ୍ୟ ଭଜନ ସମାରୋହ ରେ ଯାଆନ୍ତି ଗୀତ ବୋଲିବା ପାଇଁ, ହେଲେ ପ୍ରାୟତଃ ସୁଯୋଗ ମିଳେନି । ସେ ବର୍ଷ ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ ରେ ରାତି ୩ ଟା ପରେ ଶାନ୍ତିଙ୍କ ପାଳି ପଡିଲା ଗାଇବା ପାଇଁ । ଶାନ୍ତିଲତା ମହାପ୍ରଭୁଙ୍କୁ ପ୍ରଣାମ କରି ସେହି ଗୀତ ଗାଇଲେ "ହେ ଚକାନୟନ....." । ବାସ, ତା ପରେ ଯାହାହେଲା ତାହା ଇତିହାସ । ସେଇ ଗୀତ ଯେପରି ପ୍ରଭୁ ଙ୍କ କାନରେ ପଡିଲା ସମସ୍ତେ ଗୁଣୁଗୁଣେଇଲେ ରେଡିଓ କୁ ଅନୁରୋଧ ଗଲା ବାରମ୍ବାର ଗୀତ ବାଜିଲା । ପ୍ରତି ଭଜନ ସମାରୋହ ରେ ଅନୁରୋଧ ଆସିଲା । ଶାନ୍ତିଲତା ବାରିକ ଙ୍କ ପରିଚୟ ସୃଷ୍ଟି ହେଇଗଲା ସେଇ ଗୋଟିଏ ଗୀତରୁ । 1974 ରେ କଲିକତା ଗଲେ ଶାନ୍ତି "ଚକାନୟନ" ଗୀତ ରେକର୍ଡିଙ୍ଗ ପାଇଁ ଗୁରୁ ବାଳକୃଷ୍ଣ ଦାସ ଙ୍କ ସହିତ । ଭି ବାଲସରା ଙ୍କ ଦ୍ୱାରା ରେକର୍ଡ ହୋଇ ରେକର୍ଡ ସଂଖ୍ୟା ରେ ରେକର୍ଡ ଓ ପରେ କ୍ୟାସେଟ ବିକ୍ରି ହେଇଥିଲା ।

ଶାନ୍ତିଙ୍କର ବିବାହ ହୋଇଥିଲା ପୁରୀ ଜିଲ୍ଲା ର ବ୍ରହ୍ମଗିରି ନିବାସୀ ବୈକୁଣ୍ଠ ଛୋଟରାୟଙ୍କ ସହିତ, ଶାଶୁ ଘରେ ସମସ୍ତେ ସଂଗୀତ ପ୍ରେମୀ । ସମସ୍ତଙ୍କ ସହଯୋଗ ରେ ସଂଗୀତ ଯାତ୍ରା ମାଡିଚାଲିଲା । ପ୍ରାୟ 2000 ଗୀତ ରେ କଣ୍ଠ ଦାନ କରିଛନ୍ତି ଶାନ୍ତିଲତା ବାରିକ । ମୋତେ ତାଙ୍କର ପ୍ରାୟ ଗୀତ ଭଲ ଲାଗେ, ଅଳ୍ପ କିଛି ଉଦ୍ଧାର କରୁଛି..

ଥକା ମନ ଚାଲ ଯିବା ଚକାନୟନ ଦେଖିବା...

ISSN NO.
2582-208X

ଭଜି ଭଜି ତୋ ନାମ ଚକାନୟନ....

ଜଗନ୍ନାଥ ତୁମେ ବଡ଼ ଛଳିଆ, ନୀଳାଚଳ.....

ବାଲିରେଣୁ ମହାବନ୍ଧ ସୁଜନହେ....

ଏମିତିକା ସାଆନ୍ତ......

ନନ୍ଦ ଗଉଡ଼ର ପୁଅ.....

ତୁ ମୋର ଗଳାରମାଳୀ.....

ମୋ ପ୍ରଭୁ ଜଗନ୍ନାଥ....

ଅନ୍ୟ ଗୀତ ମଧ୍ୟରେ "ମଲ୍ଲୀଫୁଲ ଗଜରାମାଳ... ମୋର ଅତି ପ୍ରିୟ ।

ଚାକିରୀ ଜୀବନ ଆରମ୍ଭ କଲେ ବି ଜେ ଇ ଏମ ସ୍କୁଲ ରୁ ସଂଗୀତ ଶିକ୍ଷୟତ୍ରୀ ଭାବେ ପରେ ସୁଭଦ୍ରା ମାତା ବାଳିକା ବିଦ୍ୟାଳୟ ରୁ ଅବସର ନେଇଥିଲେ । ଘରେ ଦୁଇ ପୁଅ ବୋହୁ । 2011 ରେ କ୍ୟାନ୍ସର ରେ ପୀଡିତ ହେଲେ ମଧ୍ୟ ମହାପ୍ରଭୁ ଙ୍କ ଆଶୀର୍ବାଦ ରୁ ରୋଗ ମୁକ୍ତ ହୋଇଥିଲେ । ନିଜେ "ସ୍ୱରତୀର୍ଥ" ନାମରେ ସଙ୍ଗୀତ ଶିକ୍ଷା ଅନୁଷ୍ଠାନ କରି ଅନେକ ଛାତ୍ର ଛାତ୍ରୀ ଙ୍କୁ ସଂଗୀତ ଶିକ୍ଷା ଦେଉ ଥିଲେ । ହେଲେ ବିଧି ର ବିଧାନ ବୋଧେ ଭିନ୍ନ ଥିଲା 2022 ରେ ପୁନଃ ରୋଗଗ୍ରସ୍ତ ହୋଇ 2024 ଏପ୍ରିଲ ପର୍ଯ୍ୟନ୍ତ ଲଢେଇ କରି ଶେଷରେ ପରାସ୍ତ ହେଲେ । ଦୀର୍ଘ 65 ବର୍ଷ ର ସଂଗୀତ ଯାତ୍ରା ର ପରିସମାପ୍ତି ଘଟିଲା । ମହାପ୍ରଭୁ ତାଙ୍କୁ ନିଜ ପାଖକୁ ନେଇଗଲେ ।

ଏହି ଅବସରରେ ଗୋଟିଏ କଥା ଉଲେଖ ନକଲେ ଭୁଲ ହବ, ଯାହା ଶାନ୍ତି ଙ୍କ ପିତା କହିଥିଲେ । ତାଙ୍କ ପିତା ସେତେବେଳେ ଆର୍ଥିକ ସ୍ୱଚ୍ଛଳ ନଥିଲେ ଘରୁ ଏକ ଟଙ୍କା ଧରି ଏକ ଶଗଡ଼ ରେ ଅନ୍ୟ ମାନଙ୍କ ସହ ପୁରୀ ଯାଇଥିଲେ କାମ ସନ୍ଧାନରେ । ପୁରୀରେ ପହଂଚି ଜଗନ୍ନାଥ ଦର୍ଶନ କରି ଧଣ୍ଡା ତୁଳସୀ ପାଇ ଥାଳି ରେ କିଛି ପଇସା ପକେଇବାକୁ ଇଛା କରି

ISSN NO.
2582-208X

ଦେଖନ୍ତେ ପକେଟ ରେ ଏକ ଟଙ୍କା ଅଛି । ଭାବିଲେ ଏଇଥିରୁ ଅଧା ଠାକୁରଙ୍କର ଅଧା ମୋର କାରଣ ପୁଣି ଗାଁ କୁ ଫେରିବାର ଅଛି, ଅବଢ଼ା ଖାଇବାର ଅଛି । ତେଣୁ ଏକ ଟଙ୍କା ଦେଇ ଅଧା ଥାଳି ରୁ ଆଣିବାର ପ୍ରୟାସ ରେ ଜଣେ ପଣ୍ଡା ଙ୍କ ଆକ୍ରୋଶ ର ଶିକାର ହେଲେ ବହୁତ ଗାଳି, ମାଡ଼ ଖାଇ କାନ୍ଦି କାନ୍ଦି ବଡ ଦେଉଳ ରୁ ଫେରିଲେ । ଜଗନ୍ନାଥ ଙ୍କୁ କହି ଆସିଲେ ମୋର ଅଧା ପଇସା ତୋ ଉପରେ ଉଧାର ରହିଲା ପ୍ରଭୁ । ତୁ ଜାଣିଛୁ କେଉଁ ବାଟେ ସୁଝିବୁ । ମରିବା ପୂର୍ବରୁ ପିତା ଶାନ୍ତିଲତା ଙ୍କୁ କହିଥିଲେ ମହାପ୍ରଭୁ ଗୋଟେ ଅଧା ଟଙ୍କା ନେଇ ତା ବଦଳରେ ଏତେ ସୁଝିବେ ମୁଁ ଭାବିନଥିଲି । ଆଉ ଲୋଡ଼ା ନାଇଁ ପ୍ରଭୁ କ୍ଷମା କରିଦିଅ । ତା ପରେ ପିତାଙ୍କର ପରଲୋକ ହୋଇଥିଲା । ଶାନ୍ତିଲତା ବାରିକ ତାଙ୍କ ପ୍ରାୟ ସାକ୍ଷାତକାର ରେ ଏ କଥା କୁହନ୍ତି ।

ଆଜି ପରଲୋକରେ ଶାନ୍ତି ହେଲେ ତାଙ୍କ ଗାଇଥିବା ପ୍ରତିଟି ଗୀତ ଏବେବି ଅମର । ଜଗନ୍ନାଥଙ୍କୁ ସମର୍ପିତ ଲୋକ କେବଳ ପ୍ରଭୁଙ୍କ ଗୀତ ଗାଇ ଗାଇ ବିଦାୟ ନେବା ବିରଳ । ସିନେମା ଆଲବମ ସବୁ ପରିତ୍ୟାଗ କରି ପ୍ରଭୁ ଭଜନ ରେ ଆତ୍ମତୃପ୍ତି ଲାଭ କରାଯାଇପାରେ ଶାନ୍ତିଲତା ତାର ଜ୍ୱଳନ୍ତ ଉଦାହରଣ । ଅମର ଆତ୍ମ ସଦଗତି ପ୍ରାପ୍ତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ଓଁ ଶାନ୍ତି

ପୋଷ୍ଟମାଷ୍ଟର, ଏ ଜି ପୋଷ୍ଟ ଅଫିସ
ଭୁବନେଶ୍ୱର 751001
9437175764

ISSN NO.
2582-208X

# ପଖାଳ



କାର୍ତ୍ତୀକେଶ୍ୱର ନାୟକ

ସଜ ପଖାଳ ମୁଁ
ଜଣାଶୁଣା ଆଜି
. ଓଡ଼ିଆ ଙ୍କ ପରିଚୟ..
ଶାଗ ଖରଡ଼ାକୁ
ଦେଶି ଆଳୁ ପୋଡା
. ବଡ଼ି ବାଇଗଣ ପ୍ରିୟ.

ବାସି ପଖାଳ ର
ବେଶି ଗୁଣ ଥାଏ
. ପୋଡା ଶୁଖୁଆ, ପାମ୍ପଡ
କଞ୍ଚାଲଙ୍କା ମିଶି
କାକୁଡି ପିଆଜ
. ପାଟିରେ ଆଚାର ଲାଳ

ଖରାଦିନେ ମନ
ଦହି ପଖାଳ ରେ
. ଭରତା, ଶାଗ, ଚଟଣି

ISSN NO.
2582-208X

ବଡ଼ି ଚୁରା, ଛଣା
ଆଳୁ ବାଇଗଣ
·    ମନକୁ ନିଏ ସେ ଟାଣି

ଛୁଙ୍କ ପଖାଳ ର
ମନଛୁଆଁ ମିଠା
·    ଛଣା ମାଛ କୁ ପାମ୍ପଡ
ପାକୁଆ ପାଟିରେ
ଜେଜେ ଖାଉଛନ୍ତି
·    ନାକରୁ ବହଇ ଝାଳ..

ମାଣ୍ଡିଆ ପଖାଳ
ଦେହେ ଦିଏ ବଳ
ନ ମିଶିଲେ ନାହିଁ କେହି
ଲେମ୍ବୁ ଲଙ୍କା ଉଲି
ଗ୍ରୀଷ୍ମ ଯାଏ ଭୁଲି
ପେଟ କୁ ଶାନ୍ତି ମିଳଇ..

ଶ୍ରୀବିହାର ବୌଦ୍ଧ
ମୋ: 7978128353

ISSN NO.
2582-208X

# ଶବ ଭିତରୁ ବି ମୋ ସ୍ୱର ଶୁଭିବ



ସୁଜିତ କୁମାର ମିଶ୍ର

ବଇଶାଖ ତାତି   ଅବା ଜାଡ ଶୀତ
  କରୁ ପଛେ ମୋତେ ଶବ,
ଶବ ଭିତରୁ ବି   ମୋ ସ୍ୱର ଶୁଭିବ
  ଯାହା ତୁମ ବଇଭବ ।

ସଜାଏ ତୁମକୁ   ଶରୀରକୁ ଭାଙ୍ଗି
  ତୁମେ ଭବ୍ୟ ସାଜସଜ୍ଜା,
ମରଣକୁ କିନ୍ତୁ   ବରୁଥାଏ କ୍ଷଣେ
  କାହିଁକି ଯେ କାରାସଜା ?

ଉଚ୍ଚ ଇମାରତ   କିର୍ତ୍ତୀ କୋଣାରକ
  ଏ ଦେହର ଅବଦାନ,
ଜଳିଛି ହେଲେବି   ଜଳାଇଛି ଦୀପ
  ଛାତି ତଳୁ ପ୍ରତିକ୍ଷଣ ।

ISSN NO.
2582-208X

ଶସ୍ତା ଶବଦରେ  କିଣନାହିଁ ମୋତେ
ମୁଁ କି ମାଛ, ଅଣ୍ଡା, ଶାଗ,
ମନ ଆକାଶରୁ  ଝରୁଥାଉ ତୁମ
ମୃଦୁ ନୀଳ ଅନୁରାଗ ।

କେଜାଣି କାହିଁକି  ମଇ ମାସ ଆସେ
ବରଷାକୁ ସାଥେ ନେଇ,
ବରଷାରେ କିନ୍ତୁ  କୁଣ୍ଡାଝଡା ଖାଲି
ମାଟି ଦେହ ଭିଜେ ନାହିଁ ।

କା ଶରୀର ଏଠି  ମେଦ ବହୁଳ ଯେ
କାହାର କଙ୍କାଳ ରୂପ,
ଶ୍ରମ ଶ୍ରମିକଙ୍କୁ  ପୂଜିବା ପାଇଁକି
ସମୟ ମହଙ୍ଗା ଧୂପ ।

ଆଖି କୋଣୁ କିଛି  ଅଶ୍ରୁ ଢ଼ାଳି ଦିଅ
କାନ୍ଦୁଥିବା ଆଖି କୋଣେ,
ଅଗଣାରୁ ଦୁଃଖ  ଶୁଖିବ ସହସା
ସରାଗର ଶିହରଣେ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

ISSN NO.
2582-208X

# ଶାମୁକା


ଛବି ରାଣୀ ପତି

ଆଲିଙ୍ଗନ ପ୍ରମତ୍ତ ଯେସନେ ସାଗର
ଉତ୍ତାଳ ତରଙ୍ଗ ମାଳା
ଆନମନା ହୋଇ ମାଡ଼ିଆସେ ନେଇ
ମଣି, ମୁକ୍ତା, ହୀରା, ଲୀଳା ।।

ସିକ୍ତ ବେଳାଭୂମି ଭିଜିଯାଏ ପ୍ରେମେ
ପାଇ ତା' ମିଠା ଚୁମ୍ବନ
ଗଳାରେ ପିନ୍ଧଇ ଅଳଙ୍କାର କେତେ
ସ୍ପନ୍ଦନେ ଉଠେ କମ୍ପନ ।।

ଶଙ୍ଖ, ସିପ ପରି ଅମୂଲ୍ୟ ପଦାର୍ଥ
ଭାସିଆସେ ଢେଉ ସାଥେ
ଉପୋଭୋଗର ଏ' ପ୍ରକୃତିର କୋଳ
କଳ୍ପନାରେ କବି ମାତେ ।।

ISSN NO.
2582-208X

ଶାମୁକା ରୁ ମୁକ୍ତା ଖୋଜିବୁଲେ କେହି
ଧରିବସେ କେହି ତୂଳୀ
ନିହାଣ ମୁନରେ ଶବ୍ଦସୌଧ ତୋଳେ
ଶିଳ୍ପୀ ଟି ଭଳିକି ଭଳି ।।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ତମେ ଥିଲ ବୋଲି



କୀର୍ତ୍ତନ ସାହୁ

ୟା ଭିତରେ ଆମେ
ଅନେକ ବାଟ ଗୃଲି ଆସି ଥିଲେ
ସବୁଜ ଘାସ କଅଁଳୁ ଥିଲା
ଚଢ଼େଇଙ୍କ କଚରି ମିଚରି
ସ୍ୱର ଗୁଞ୍ଜରୁ ଥିଲା
ଝିଙ୍କାରୀର ଝ୍ୱଂ ଝଂ ଧ୍ୱନରେ
ଆମେ କବିତା ଲେଖୁ ଥିଲେ
ସୁନ୍ଦର ଗୀତ ଗାଉଥିଲେ
ଗାଁ ଆକାଶର ଧୀର ମଳୟରେ
ଏକାଠି ସାମ୍ନା କରୁଥିଲେ
ନଦୀ ବଢ଼ିର ଘୋ ଘୋ ଗର୍ଜ୍ଜନକୁ
ଆମେ ବୁହାଉ ଥିଲେ
ଝରଣାର ମଧୁ ଝର
ଚଲ୍ ପଥ ଆମ
ଚନ୍ଦ୍ରିତ ହେଉଥିଲା
ଗଛର ସବୁଜିମାରେ
କୋଇଲିର ମଧୁର ଆବାହନରେ

ISSN NO.
2582-208X

ଦୁହେଁ ତ ଗୋଟିଏ ସ୍ୱପ୍ନ ଦେଖୁଥିଲେ
ଧୀର ନଦୀ ସୁଅର
କୋମଳ ମୂର୍ଚ୍ଛନାରେ
ଜହ୍ନ ରାତି ଆମକୁ
ବାଟ କଢ଼ଉ ଥିଲା
ଆମ୍ବ ବଉଳର ବାସ୍ନା
ଓଜାଡି ହୋଇ ପଡୁଥିଲା
ଫୁଲ ବଗିଚ୍ଚର ତୋରଣରେ
ବସନ୍ତ ସ୍ୱାଗତ କରୁଥିଲା
ଆମେ ଘର ତୋଳୁଥିଲେ
ସଂଜୁଆ ଜହ୍ନ ଫୁଲ ରାଗିଣୀରେ ... ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ନିଷ୍ପତି



ଅରୁଣ କୁମାର ମହାପାତ୍ର

ସକାଳୁ ଶେଯ ଛାଡ଼ି ନିତିଦିନିଆ ଅଭ୍ୟାସରେ ମୋବାଇଲ୍ ଖୋଲି ଦେଖିଲା ସ୍ୱାତୀ। ବାକି ନିଦଟା ସଂପୂର୍ଣ୍ଣ ଛାଡ଼ିଗଲା ଛନ୍ଦାର ଷ୍ଟାଟସ୍ ଫଟୋ ଦେଖି। ସତେକି ଭାଙ୍ଗ ଖାଇ ଥିବା ଲୋକକୁ ତେନ୍ତୁଳି ରସ। ଏତେ ବଡ ବଡ କଥା କହୁଥିବା ଛନ୍ଦା ଆଜି ଗୋଟିଏ ପୁଅ ଦେହରେ ବାଦୁଡ଼ି ପରି ଚାପି ହୋଇ ଫଟୋ ଉଠେଇ ଷ୍ଟାଟସ୍ ରେ ରଖିଛି। ତାହା ପୁଣି ରାତି ବାରଟା ପଚାଶରେ। ହଁ ଦିଲ୍ଲୀ ତ! ରାତି ଦିନ ହେବାରେ ସମୟ ଅଲଗା ଥିବ କାଳେ। ମୁଁହ ଦେଖିଲେ ଲାଗୁଛି ପୁଅଟା ପୂର୍ବ ଭାରତୀୟ। ହେଲେ ସଂସ୍କାର ଆଉ ରୀତି ପରମ୍ପରାର ଡିଣ୍ଡିମ ପିଟୁଥିବା ଝିଅଟା ଏତେ ଶୀଘ୍ର ସମ୍ଭ୍ରାନ୍ତ ହୋଇଗଲା କେମିତି? ଆଜି ପ୍ରଥମଥର ପାଇଁ ନିଜ ବାନ୍ଧବୀର ଷ୍ଟାଟସ୍ ଦେଖି କିଛି ପ୍ରତିକ୍ରିୟା କରିପାରୁ ନଥିଲା ସେ। ଆଇଆଇଟିରେ ଶେଷ ବର୍ଷର ଛାତ୍ରୀ ଛନ୍ଦା। ଭଲ ଚାକିରିଟିଏ ବି ପାଇ ଯାଇଛି। ତେବେ ଘରଲୋକଙ୍କୁ ପୂର୍ବ ଇଶାରା ବୋଧେ। ଫଟୋରେ ପଛପଟେ କାନ୍ଥରେ ସୁନ୍ଦରୀ ଅଭିନେତ୍ରୀଙ୍କ ହସ ହସ ଚେହେରା। ନିଜକୁ କେଉଁ ଗୋଟିଏ ସହ ମିଳେଇବା ପ୍ରୟାସ ଲାଗୁଛି। ଅଳସ ଭାଙ୍ଗି ଶେଯରୁ ଉଠିଲା ମିନି। ସେପଟୁ ବୋଉର ଡାକ ଶୁଭିଲାଣି।

"କଣ ସେ ମୋବାଇଲ୍ ରେ ପଶି ଯାଇଛୁ କି"

ISSN NO.
2582-208X

ସେ କେମିତି ଜାଣିବ କେତେ ଅକୁହା କଥା ଠିକଣା ଜାଗାରେ ପହଞ୍ଚାଇ ଦିଏ ଏହି ମୋବାଇଲ୍ । ଆଉ ଆଗଭଳି ଚିଠି ଲେଖି ଟୁକୁଡ଼ା କାଗଜକୁ ଲୁଚାଇ ପହଞ୍ଚାଇବାକୁ ପଡେ ଲକ୍ଷ୍ୟ ସ୍ଥଳରେ ଯେମିତି କଷ୍ଟମ ପୋଲିସକୁ ଚକମା ଦିଏ ଚୋରା ବେପାରୀ। ତା ପାଇଁ ଏକ ବ୍ୟବସ୍ଥାପିତ ମଧ୍ୟସ୍ଥି ବି ଦରକାର। ଠିକ୍ ସେ ନିତ୍ୟକର୍ମ କରିପାରୁ ନଥିବା ଏକ କୋମଳ ଚେହେରା ଚିଠି ବାହାକ ସାଜେ। ଅବଶ୍ୟ ଚକୋଲେଟ୍ ଭଳି କିଛି ତା ପାଇଁ ଦୁର୍ମୂଲ୍ୟ ବସ୍ତୁ ଯୋଗାଇବାକୁ ପଡେ। ଆଉ ସେହି ଚିଠି ବାହାକ ଜମି ଦଲାଲ ଭଳି ଖୁବ୍ ସନ୍ତର୍ପଣରେ ଉଭୟ ପକ୍ଷରୁ ଭଲ ଆଦାୟ କରେ ।

ଭାରି ପାଦରେ ନଳ ପାଖକୁ ଆସିଲା ମିନି। ଛନ୍ଦା ମାଆଙ୍କର ନିରୀହ ମୁହଁଟା ତା ଆଖିରେ ସ୍ପଷ୍ଟ ଦେଖାଗଲା ଆଉ ସତେକି ଶୁଭିଲା ମଉସାଙ୍କ ମୁହଁର ବେଦ ଉଚ୍ଚାରଣ। ଖୁବ୍ ସ୍ନେହରେ ବଢ଼େଇଥିବା ଗୋଟିଏ ମାତ୍ର ଝିଅର ଅବସ୍ଥା ଦେଖିବା ପରେ ସେମାନଙ୍କ ପ୍ରତିକ୍ରିୟା ଆଗରୁ ବାରି ପାରୁଥିଲା ।

ନିତ୍ୟକର୍ମ ସାରି ନିଜ କର୍ମକ୍ଷେତ୍ର ଅଭିମୁଖେ ମିନି। ସ୍କୁଲରେ ଆଜି ପରୀକ୍ଷା। ଏହା ଦ୍ୱାରା ପିଲାଙ୍କ ଭବିଷ୍ୟତ ନିର୍ଦ୍ଧାରିତ ହୁଏ। କିନ୍ତୁ ଆଜିଯାଏଁ ସେ ନିଜ ଭବିଷ୍ୟତ ନିର୍ଦ୍ଧାରିତ କରି ପାରି ନାହିଁ। ନିଜ ପରମ୍ପରା ଆଉ ସମ୍ପ୍ରଦାୟକୁ ଜାବୁଡ଼ି ଧରିଛି। ଗାଆଁରେ ରହୁଛି ଯେତେବେଳେ ଏସବୁର ପରିଧି ଭିତରୁ ମୁହଁଟା ବାହାରକୁ ଯାଇ ପାରୁନି।

କଣ ଗୁଡ଼ିଏ ଭାବି ଭାବି ସ୍କୁଲକୁ ବାହାରିବା ପୂର୍ବରୁ ଆସିଲା ଫୋନ। ଛନ୍ଦାର ଫୋନ୍। ଆସନ୍ତା ମାସ ବାର ତାରିଖରେ ଦିଲ୍ଲୀ ଆସିବାକୁ ପ୍ରସ୍ତୁତ ହେବା ପାଇଁ ତାଗିଦ୍। ସେଠି ବାହାଘର। ବାପା ବୋଉ ରାଜି ନାହାଁନ୍ତି। ବୋଧେ ଆସି ନ ପାରନ୍ତି। ତୁ କିନ୍ତୁ ଆସିବୁ ନିଶ୍ଚୟ। ମୋର ନିଜର ବୋଲି କିଏ ଅଛି ଏହା ସାବ୍ୟସ୍ତ କରିବାକୁ। ଠିକଣା ପଠେଇବି। ରହୁଛି। ଗୁଡ଼ାଏ କାମ ।

ଫୋନ୍ କାଟିଦେଲା।

ISSN NO.
2582-208X

ଆଗକୁ ଯିବାକୁ ବାହାରିବା ବେଳକୁ ଘର ସାମ୍ନାରେ ଛିଡା ହୋଇଥିଲେ ଛନ୍ଦାର ବାପା ଆଉ ବୋଉ। ପାଦ ଛୁଇଁ ପ୍ରଣାମ କରିବା ସମୟରେ ଥର ଥର କଣ୍ଠରେ ଶୁଭୁଥିଲା 'ଆୟୁଷ୍ମତୀ ଭବ' ।

କିଛି ନଜାଣିବା ପରି ଘର ଭିତରକୁ ଡାକିଲା ସ୍ୱାତୀ। ଖୁବ୍ ଉଦାସ ଦେଖା ଯାଉଥିବା ଚେହେରା ଦୁଇଟିର ଆଖି ଗୁଡ଼ିକ କିଛି କହିବା ପାଇଁ ତତ୍ପର ଥିଲା। ଡେରି ନ କରି ଏକାସ୍ୱରରେ ଉଭୟ କହି ଉଠିଲେ, "ନିଶ୍ଚୟ ଜାଣିଥିବୁ ଯେ ଛନ୍ଦାର ବାହାଘର ହେଉଛି। ଆମେ ବି ଖବର ପାଇଛୁ। ସେ ନିଶ୍ଚିତ ଯେ ଆମେ ଗ୍ରହଣ କରି ପାରିବୁ ନାହିଁ। କିନ୍ତୁ ଆମେ ତାହୁଁ ଯେଉଁ ହାତର ଆଙ୍ଗୁଳି ଧରି ଚାଲି ଶିଖାଇ ଥିଲୁ ସେ ହାତକୁ ...... "

ବାକ୍ୟଟି ସଂପୂର୍ଣ୍ଣ ହେବା ପୂର୍ବରୁ ଭୋ ଭୋ କାନ୍ଦି ଉଠିଲେ ।

ସ୍ୱାତୀ ସହ ତିନି ଜଣ ପ୍ରସ୍ତୁତ ହେଉଥିଲେ ଦିଲ୍ଲୀ ଯାତ୍ରା ପାଇଁ॥

E 23
ଗୌତମୀ ନଗର, ଅଶ୍ୱପୁରମ
ତେଲେଙ୍ଗାନା

ISSN NO.
2582-208X

# ହେ ଜଗନ୍ନାଥ

ରାଗ:- କଳହଂସ କେଦାର



ଅଜିତ କୁମାର ରାଉତ

ପ୍ରଭୁ ଜଗନ୍ନାଥ ହେ ମନକୁ କିଣୁ,
ଗତି ଟି ନାହିଁ ମୋର ତୁହିତ ଜାଣୁ !!
ରଖିଛି ଶକ୍ତି ହୃଦେ ଭକତି ଧରି,
ଛାଡିବୁ ନାହିଁ ପ୍ରଭୁ ମୋ ଚକ୍ରଧାରୀ !!
କୃଷ୍ଣ ରାମ ସ୍ୱରୂପ ହେ ଦାରୁବ୍ରହ୍ମ,
କହୁଛି ଲୀଳା ଖେଳା ତୁ ପରଂବ୍ରହ୍ମ !!
ଜନ୍ମ ଏ ମନୁଷ୍ୟର ଦେଇଛୁ ରାମ,
ଦେଇଛୁ ତାରେ କର୍ମ କର୍ତ୍ତବ୍ୟ ଧର୍ମ !!
କର୍ମ ଓ ଜ୍ଞାନ ପଥ ଦିଅ ଶ୍ରୀକୃଷ୍ଣ,
ଭରୁ ହେ ପ୍ରେମ ପ୍ରୀତି ଭକ୍ତି ଚନ୍ଦନ !!
ଠାକୁର ହେ, କାଳିଆ କୁହେ ଭକତ,
ତୁ ଚକାନୟନରେ ଦେଖୁ ଜଗତ !!
ପୂଜିବି କିବା ଦେଇ ତୁ ବିଶ୍ୱନାଥ,
କିଛିହିଁ ନାହିଁ ମୋର ହେ ଜଗନ୍ନାଥ !!
ଅର୍ପିତ ମୁଁ କରିଛି ମନ ପ୍ରାଣକୁ,
ଅଛି ଭରସା ମୋର ଜଗା ନାମକୁ !!
ମୂର୍ଖ ଆଉ ଅଜ୍ଞାନୀ ମୁହିଁ କାଳିଆ,
ରଚିତ ମୋ କବିତା କର ବଢିଆ !!

ସଭାପତି, ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୭୨୦୫୩୪୩୫୭୯

ISSN NO.
2582-208X

# ଶ୍ରମିକ ଶ୍ରମରେ



ଦୀନବନ୍ଧୁ ପୋଇ

ଶ୍ରମିକ ଶ୍ରମରେ ଆମ ଏ ଦେଶରେ
କେଉଁ କାମ ଅବା ନ ହୁଏ
ଯୁଆଡେ ଚାହିଁବ ତାକୁହିଁ ପାଇବ
ତା'ବିନା ଅଛି ଆଉ କିଏ ?
ସକାଳରୁ ସଞ୍ଜ ଯାହା ଯାହା ସଜ
ଲୋଡା ହୁଏ ଆମ ଜୀବନେ
ଶ୍ରମିକ ଗଢେଇ ଦେଇ ସେ ଯୋଗେଇ
ରହେ ଦୁଃଖେ ଘରେ ମଉନେ ।
ସିଏ ଅଛି ବୋଲି ଆମେ ଚାଲି ଚାଲି
ଯାଉ ଥାଉ ଭଲ ପଥରେ
ଦୂର ଜାଗା ଗଲେ ଯାଉ କେତେ ଭଲେ
ତା' ହାତ ଗଢା ଯାନରେ ।
ଘର ଆସବାପତ୍ର ଯେତେ ପିନ୍ଧା ବାସ
ସବୁ ଗଢ଼ା ତାହା ହାତରେ
ଡ଼ଉରାଠୁ ଧରି ମନ୍ଦିରର ଚୂଳ

ISSN NO.
2582-208X

କି ସୁନ୍ଦର ଗଢେ ସତରେ !
ଖାଇବା ପିଇବା ରହିବା ବୁଲିବା
ଯେତେ ସବୁ କ୍ରିୟା ରହିଛି
ତା' ପାଇଁ ସିନା ପ୍ରଗତି ପଥରେ
ସାରା ପୃଥିବୀଟା ଧାଉଁଛି ।
ହାତ ତା ନଥିଲେ ସଭିଏଁ ସତରେ
ଥାଆନ୍ତେ ଯେଉଁଠି ସେଇଠି
ଦେଲେ ସନମାନ ତାକୁ ଦେଶ ଜନ
ପହଞ୍ଚିବା ଦେଖ କେଉଁଠି !

ସିଂହସାହି, ତାଳଚେର ଟାଉନ, ଅନୁଗୋଳ
ଦୂରଭାଷ- ୬୩୭୦୩୫୭୫ ୭୭

ISSN NO.
2582-208X

# ଅଟଇ ମୁଁ ଯେ ଶିଶୁ ଶ୍ରମିକ



ଜୟନ୍ତ କୁମାର ମଲ୍ଲିକ୍

ଅଟଇ ମୁଁ ଯେ ଶିଶୁ ଶ୍ରମିକ
   ପର ଘରେ ତ ଖଟେ
ବେଳେବେଳେ ମୁଁ ଉପାସେ ଶୁଏ
   ନପାଇ ରୁଟି ପଟେ ।
ଲୁଗା ମୁଁ କାଚେ ବାସନ ମାଜେ
   ଘର ଓଳେଇ ଥାଏ
ଥାଳିରେ ଥିବା ଅଇଁଠା ଖାଦ୍ୟ
   ସୁଯୋଗ ଦେଖି ଖାଏ ।
ବାବୁଙ୍କ ଝିଅ ପୁଅର ମଳ
   ମୂତ୍ରକୁ ହାତେ ଧରି
ଘୃଣା ନକରି ଖୁସି ମନରେ
   ଦିଅଇ ସଫା କରି ।
ବାପା ବୋଉଙ୍କ ସ୍ନେହ ଆଦର
   ପାଇନାହିଁ ମୁଁ କେବେ
ଭାବି ନଥିଲି ଜନମ ଦେଇ
   ଏତେ କଷଣ ଦେବେ ।

ISSN NO.
2582-208X

ଫୁଲ ପରିକା କଅଁଳ ମନ
ଦୁଃଖେ ମଉଳି ଯାଏ
କରିଲେ ତୃଟି ଫାଟେ ମୋ ପିଠି
ମାଡ଼ ଗାଳି ମୁଁ ଖାଏ ।
କି ଦୋଷେ ମତେ ମିଳଇ ଶାସ୍ତି
ହେ ବିଜ୍ଞ ଜନେ କୁହ
ମଣିଷ ଭାବେ ଗଣା ହେବାକୁ
ମୁଁ କିବା ଯୋଗ୍ୟ ନୁହଁ ?

ଶୂରଡିହ,ନନ୍ଦିପୁର, ଦଶରଥପୁର,ଯାଜପୁର
ମୋ:~୯୪୩୭୮୬୫୭୨୭

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୩ )

ରାତିସାରା ମେଘ ତାର କରାମତି ଦେଖଉଥିଲା। ପ୍ରକୃତି ସମ୍ମୁଖରେ ମଣିଷ ଯେ କି ଏକ ଛାର ଜୀବ, ତାର ପ୍ରମାଣ ଦେଉଥିଲା। ଘଡ଼ଘଡ଼ି ଚଡ଼ଚଡ଼ିରେ ଦୁଲୁକୁଥିଲା ପୃଥିବୀ। ଲାଗୁଥିଲା ପ୍ରକୃତି ଯେମିତି ନିଜ ଫୁତ୍କାରରେ ଉଡେଇ ଦେବ ପୃଥିବୀଟାକୁ ଆଉ ତା ସହିତ ଧ୍ୱଂସ କରିଦେବ ମଣିଷ ତିଆରି କୃତ୍ରିମ ଦୁନିଆଟାକୁ। ଆମର କଲିଜା ଥରି ଯାଉଥାଏ। ଏମିତି ତାଣ୍ଡବଲୀଳା ଯେ ଆମେ ପୂର୍ବରୁ ଦେଖି ନଥିଲୁ ତା ନୁହେଁ, କିନ୍ତୁ ବିଦେଶ ଯାଗା, ଆପଣାର ଲୋକ ମାନଙ୍କଠାରୁ ଦୂରରେ। ମୁଁ ଆଉ ମୋ କୋଠରୀକୁ ଗଲି ନାହିଁ।

ପବନ ସହିତ ବର୍ଷା ଛିଟା ମାରି ବାରଣ୍ଡାରେ ପାଣି ଚାଲୁଥିଲା। ଆମେ ଥିବା କୋଠରୀରେ ଖପରା ଚାଳରୁ ଠାଏ ଠାଏ ପାଣି ଗଳୁଥିଲା। ସାମନା ଘରର ବାରଣ୍ଡାରୁ ଆଉ ବର୍ଷା ଆବାହନୀ ଗୀତ ଶୁଣା ଯାଉ ନଥିଲା ଦରୋଟି କଣ୍ଠରୁ। ବଡ଼ ମାନେ ଟାଣି ନେଇ ଯାଇଥିଲେ ଭିତରକୁ। ଜାଲଣା ଆଉ କବାଟ କଣାରୁ ଓ ଅନ୍ଦି ସନ୍ଧିରେ ଥିବା କଣା ମାନଙ୍କରୁ ସିର୍ ସିର୍ ପବନ ଆସି ଡିଭରି ଲିଭେଇ ଦେଉଥିଲା। ମାଉସୀ ନିଜ ସାଙ୍ଗରେ ଆଣିଥିବା

ISSN NO.
2582-208X

ଫିତା ଷ୍ଟୋଭ୍ ପବନର ଦୌରାତ୍ମ୍ୟ ଆଉ ଗଳୁଥିବା ପାଣି ଯୋଗୁଁ ଆଉ ଜଳିଲା ନାହିଁ। ମାଉସୀ ଆଉ କିଛି ରନ୍ଧାବଢ଼ା କରି ପାରିଲେ ନାହିଁ।

ଏମିତି ଭୟାନକ ତୋଫାନୀ ରାତିକୁ ଦେଖି ମାଉସୀ ଚିନ୍ତିତ ଓ ଭୟତ୍ରସ୍ତ ଦେଖା ଯାଉଥିଲେ। ଆମେ ଚାରିଜଣ କିଶୋର ତାଙ୍କୁ ଘେରି ବସିଥାଉ। ସେ ଦୁଇ ହାତ ପ୍ରସାରି ଧରିଥାନ୍ତି ଆମକୁ ଯାହାକୁ ଯେତେ ପାଇଲା। ମୋର ମନେ ପଡ଼ି ଯାଉଥାଏ ମାଆ କୁକୁଡ଼ା ଆଉ ତା ଡେଣା ତଳେ କୁକୁଡ଼ା ଚିଆଁ।

ମାତୃତ୍ୱ ସତରେ ଅବର୍ଣ୍ଣନୀୟ, ଅକଳ୍ପନୀୟ। କେହି ଜଣେ କହିଥିଲେ ଠାକୁର ତ ସବୁ ସ୍ଥାନରେ ରହି ପାରିବେ ନାହିଁ ତେଣୁ ସେ ମାଆକୁ ସୃଷ୍ଟି କଲେ। ସବୁ ଯୁକ୍ତାତ୍ମକ, ସବୁ ସକରାତ୍ମକ ଶକ୍ତି ମାନ ଦେଇ। ବାତ୍ସଲ୍ୟ, କରୁଣା, କ୍ଷମା, ମମତା, ତ୍ୟାଗ, ବଳିଦାନ ଇତ୍ୟାଦି।

ମାଆର କୋଳ ଭିତରେ ପଶିଗଲେ ଲାଗେ ଆଠୁ ନିର୍ଭୟ ଆଶ୍ରୟ ଆଉ ନାହିଁ। ତାର ବିଶାଳ ଛାତିଟା ଲାଗେ ଆକାଶ ପରି ବଡ଼, ପୃଥିବୀ ପରି ବିସ୍ତିର୍ଣ୍ଣ। ସେ ହେଇଥାଉ ମୋ ମାଆ କିମ୍ବା ହେଇଥାଉ ଜୀବନର ମାଆ ବା ହେଇଥାନ୍ତୁ ଅବନୀ ମାମୁଁଙ୍କ ସମୁଦୂଣୀ।

ମୋ ଘଡ଼ିଟା ହାତରେ ଥିଲା। ତାର ରେଡିଅମ୍ ଡାୟଲ୍ ଓ କଣ୍ଟା ସମୟର ସୂଚନା ଦେଉଥାଏ। ଦଶଟା ପନ୍ଦର। ଏତେ ସମୟ ହେଇ ଗଲାଣି ତେବେ।

ଛୁଆଗା ପରୀକ୍ଷାରୁ ଆସିକରି ଭୋକରେ ଅଛନ୍, କିଛି ଟିକେ ତୁଣ୍ଡରେ ଦେଇ ନାଇଁ। ଭାବି ମାଉସୀ ଗଲେ ବେଗ୍ ଅଣ୍ଡାଳିବାକୁ ଅନ୍ଧାରରେ କାନ୍ଥ ଧରି ଧରି।

ISSN NO.
2582-208X

- ଯାଃ, ସତିଆନାଶ୍ ହେଇଗଲା, ସବୁ ଭୁଜା ଚୁଡା ବତରି ଯାଇଛି ବର୍ଷା ପାଣିରେ। ଏହେ, କି ଖାଇବେ ଏମାନେ ? ଏଡେ ବଡ୍ ରାତି।

ଆମେ ଅନୁମାନରେ ଦେଖୁଥାଉ ମାଉସୀଙ୍କର ବିକଳିଆ ମୁହଁ, ଅପାରଗତାର ନିରାଶା। ରାଉଣ୍ଡି ପକଉଥାନ୍ତି ବେଗ୍ ବସ୍ତାନି। ମୋ ପାଖରୁ ବି ତ ସବୁ ସରି ଯାଇଥିଲା।

ଏକବେଗ୍ କିଏ ଆସି ଶିଙ୍କଳି ବାଡାଏ। ଅରବିନ୍ଦ ଅନ୍ଧାରରେ ଯାଇ କବାଟ ଖୋଲେ। ଠୋ ଠା ବାଡେଇ ହେଇଯାଏ କବାଟ୍ ନିର୍ଘାତିଆ ପବନରେ। ଲଣ୍ଠନଟିଏ ଧରି ଅବନୀ ମାମୁଁଙ୍କର ସମୁଦୁଣୀ। ପଛରେ ଆଉ ଗୋଟିଏ ଲଣ୍ଠନ ଧରି ତାଙ୍କର ଚାକର ପିଲା।

- ହେଁ ରେ, କି ଗା ଖାଇଲ ତୁମର୍ ମାନେ। ଲାଣ୍ଟିନ୍ ଗୁଟେଇ ମାଗି ନାଇଁ ପାରଲ ଯେ ଘୁପ୍ ଅନ୍ଧାରଟାରେ କରି ବସିଛ ? ଘରଗାରୁ ପାଣି ଗଳୁଛି କି ? ଓହୋ, ପୁରା ସରସରିଆ ହେଇ ଗଲାନି। ଚଲ ଚଲ, ସେଠେ ଭିତରେ ଶୁଇବ ଚଲ, ଶୁଖଲାରେ।

ମୁଁ ହାଁ କରି ଅନେଇଥାଏ ଆଗନ୍ତୁକା ନାରୀଟିକୁ। ନାରୀ ତୋର କେତେ ରୂପ ? ନାରୀ ନୁହେଁ ନାରାୟଣୀ। ଆସିଥିଲି ବେଳେ ଭେଟିଥିଲି ଯେଉଁ କଟୁଭାଷିଣୀ, ରାହାବାଳୀ, ନାରୀଟିକୁ ଇଏ ତ ତାର ସମ୍ପୂର୍ଣ୍ଣ ବିପରୀତ ରୂପ। ଦୟାମୟୀ, ମିଷ୍ଟଭାଷିଣୀ ମାଆ ଟିଏ।

ଆଃ, ସତରେ ନାରୀ ନଥିଲେ ସୃଷ୍ଟି କେମିତି ଏକ ମରୁଭୂମି ହେଇ ରହିଥାନ୍ତା ନା ? ନାରୀ ବିନା ସୃଷ୍ଟି ନିର୍ଜୀବ। ସୃଷ୍ଟି ଓ ନାରୀ ପରିପୂରକ। ନାରୀ ନଥିଲେ ସୃଷ୍ଟି ନାହିଁ, ସୃଷ୍ଟି ନଥିଲେ ନାରୀ ନାହିଁ।

ISSN NO.
2582-208X

ଆମେ ଭିତରକୁ ଗଲୁ। ପ୍ରଥମ ଥର ପାଇଁ ଶେଜ ସୁପାତିରେ ଶୋଇଲୁ ପେଟପୁରା ଖାଇ। ଗରମ୍ ଗରମ୍ ଲୁଚି, ସରୁ ସରୁ ପୋଟଳ ଭଜା ଓ ପାଏସ୍।

ମୁଁ ଲୁଚି କେବେ ଖାଇ ନଥିଲି । ପୁରି ଯଦିଓ ଅନେକଥର ହୋଷ୍ଟେଲ୍ ରେ ଖାଇଥିଲି । ମାଆ ମଧ୍ୟ ଜାଗର ଦିନ ପୁରି ଆଉ ଅନ୍ନପୂର୍ଣ୍ଣା ପତ୍ର (କାମିନିକା) ପକାଇ କ୍ଷୀରି କରୁଥିଲା। ମଇଦାର ବହୁଳ ଭାବରେ ପ୍ରଚଳନ ଏପର୍ଯ୍ୟନ୍ତ ଆମ ଗାଁରେ ହୋଇ ନଥିଲା। ଶ୍ରୀଧର ସାଆନ୍ତଙ୍କ ଘରେ ହୁଏତ ହେଉଥିବ।

ଅବନୀ ମାମୁଁଙ୍କର ସମୁଦୁଣୀ ବଙ୍ଗୀୟ ଓଡ଼ିଆ ଘରର ଝିଅ। ତେଣୁ ତାଙ୍କର ବେଶ ପରିପାଟି ଓ ଖାଦ୍ୟ ପାନୀୟରେ ବଙ୍ଗାଳି ଛିଟା ବାରି ହେଇ ଯାଉଥିଲା। ତାଙ୍କର ବିରାଟ ବାଡ଼ି ବାରଣ୍ଡାରେ ଦୁଇଟା ପମ୍ପଲାଇଟ୍ ଜଳୁଥିଲା। ଘର ପୁରା ଫର୍ଚ୍ଚା ଦେଖା ଯାଉଥିଲା। କାଠ ତିଆରି କପଡ଼ା ଦିଆ ଆରାମ ଚେୟରରେ ଝୁଲୁଥାନ୍ତି ଅବନୀ ମାମୁଁଙ୍କ ସମୁଦୀ, ବାହାର ହାବାଧୁନ୍ଦିରୁ ବେଖବର୍।

ବାଇ ଚଢେଇର କଅଣ ଯାଏ
ବାଆ କଲେ ବସା ଦୋହଲୁ ଥାଏ।

ବଙ୍ଗାଳି ମାଉସୀଙ୍କୁ କୃତଜ୍ଞତା ଜଣେଇ ଆମେ ଗୋଟିଏ ବଡ଼ ଗଦିବାଲା ପଟା ଖଟରେ ପଟା ପରି ପଡ଼ି ଗଲୁ। ବିଛଣା ଧରୁ ଧରୁ ନିଦ୍ରା ଦେବୀ ମାଆ ହେଇ କୋଳେଇ ନେଲେ।

ସକାଳୁ ମମତା ଆସି ପହଞ୍ଚିଲା।

-ଏଇ ମମ୍ ତା, ଠିକଣା କଁଠୁ ପାଇଲୁ ରେ ?

ISSN NO.
2582-208X

- ତୁଇ ପରା କହିଛୁ, ଇଚ୍ଛା ଥିଲେ ଉପାୟ ଆପଣେ ଆସେଇ ବୋଲିକରି। ଏତେ ସାହାଯ୍ୟ କରିଛୁ ତୁଇ, ଆଉ ତୋର୍ ସାଙ୍ଗ୍ ରେ ନାଇଁ ଦେଖା କରିକରି କେମତି ଯାଇତି ?

- ମମ୍ ତା, ଚଲ୍ ଗାଁ ବୁଲିକରି ଆସବା। ଏଇଠେ ଗୁଟେଇ ପୁଖରୀ ଅଛି । ପଙ୍କୁଆ ପୁଖରୀ। ଏତକି ପଦ୍ମ ଫୁଲ ତୁଇ ଦେଖି ନାଇଁ ଥିବୁ କେଣସିଠେ।

- ପଙ୍କୁଆ ପୁଖରୀ ନାମ୍ କିପେଇଁ ହେଲା ତେବେ ? ପଦ୍ମ ପୁଖରୀ ହେଇତା ନା ।

ଆମେ ଦୁଇଜଣ ଗଲୁ ପୋଖରୀ କୂଳକୁ। ଅରବିନ୍ଦ ଘରି ଶୋଇଥିଲେ। ହଁ ଶୋଇଥାନ୍ତୁ। ମାଉସୀ ବିଚାରୀ ମଧ୍ୟ ଥକି ଯାଇଥିବେ ।

ବାଟ ସାରା ବର୍ଷା ମାଡ଼ରେ ମୁରୁମ୍ ମାଟି ଧୋଇ ହେଇ ଯାଇ କେବଳ ନାଲିଆ, ହଳଦିଆ, ଧୁସରିଆ ଗୋଡ଼ିମାନ ସ୍ୱଷ୍ଟ ଦେଖା ଯାଉଥାଏ ଗଡ଼ି ଗଡ଼ି ଆସୁଥିବା ଝରଣା ପରି କାଚପରି ପାଣିଧାର ତଳୁ। ଛୋଟ ଛୋଟ ଛୁଆମାନେ ସେଥିରେ କାଗଜ ଡଙ୍ଗା ଭସେଇ ତାଳି ମାରୁଥାଆନ୍ତି। ଡଙ୍ଗା ସବୁ ବଡ଼ ଠାଣିରେ ଅଙ୍କାବଙ୍କା ପାଣି ଧାରରେ ହଲି ହଲି ଯାଉ ଯାଉ କିଛି ବାଟରେ ଓଲଟି ପଡ଼ନ୍ତି ।

ନାଳିଆରେ ପୁରା ସଫା ପାଣି। ନଇ ପୋଖରୀରୁ କିଛି ମାଛ ଭାସି ଆସୁଥାନ୍ତି ଯେ ଟିକେ ବଡ଼ ପିଲାମାନେ ଗାମୁଛାକୁ ଦୁଇ ପାଖରୁ ଧରି ପାଣିରୁ ମାଛ ଛାଣିବାକୁ ଚେଷ୍ଟା କରୁଥାନ୍ତି ।

ମମତା ଓ ମୁଁ ଚାଲିଥାଉ ଟିକେ ଛଡ଼ା ଛଡ଼ି ହେଇ। ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ, ରାତିସାରା ଏତେ ଝଡ଼ ତୋଫାନ ହେଲେ ଗଛ ପତ୍ର ସବୁ ଅକ୍ଷତ ହେଇ ଠିଆ ହେଇଥାନ୍ତି। ଗୋଟିଏ

ISSN NO.
2582-208X

ପତ୍ର କି ଭଙ୍ଗା ଡାଳ ଦେଖା ଯାଉ ନଥାଏ ବାଟରେ। ସୁନା ରଙ୍ଗର ତୁଳୀରେ ସତେକି ସୂର୍ଯ୍ୟ ମାହାପ୍ରୁ ରଙ୍ଗେଇ ଦେଇଛନ୍ତି ଗାଁଟାକୁ। ଯୁଆଡେ ଚାହିଁବ ସୁନେଲି ରଙ୍ଗର ଅପୂର୍ବ ଛଟା।

ପୋଖରୀ ପାହାଚ ରେ ଆମେ ଉପର ତଳ ହେଇ ବସିଲୁ। ପୋଖରୀର ତଟ ମାନଙ୍କରେ ଲାଲ୍ ଓ ଧବଳ ପଦ୍ମ ସବୁ ଭରି ଭାଙ୍ଗୁଥାଏ। ମୁଁ ନୀରବ, ସେ ବି ନୀରବ। ମୁଁ ଚଟକା ପଥରଟିଏ ଫିଙ୍ଗି ଦେଲି ପୋଖରୀ ଭିତରକୁ, ସେଟା ଚାରି ପାଞ୍ଚଥର ଛେଲକି ଛେଲକି, ଡେଇଁ ଡେଇଁ ଗଲା ଖଣ୍ଡେ ଦୂର ଯାଏ। ମୋର୍ ଦେଖାଦେଖି ସେ ବି ସେମିତି ପଥରଟିଏ ଫିଙ୍ଗିଲା ।

ଟୁପୁସ୍ !! ଥରକେ ବୁଡ଼ିଗଲା ସେଟା।

- ଏଇ ଅଭି, ଦେ ନା ଦୁଇଟା ପଦ୍ମ ଫୁଲ ଆଣିକରି ।

ମୁଁ ସାଙ୍ଗେ ସାଙ୍ଗେ ଡେଇଁ ପଡ଼ିଲି ପାଣି ଭିତରକୁ। ତିନି ଚାରିଟା ପଦ୍ମ ତୋଳିଛି କି ନାଇଁ, କଣଟାଏ ସଲସଲ ହେଲା ମୋ ପାଦତଳେ, ସାପଟାଏ କି ? କହୁଥିଲେ ଏଇ ପୋଖରୀରେ ସାପ ବି ଅଛନ୍ତି ବୋଲି,

ମାଆ ଗୋ .....

- ଏଇ ଅଭି, ଉଠ୍, ଆଜ୍ ଏତକି ଦେରି ଯେ ?

ଜୀବନ ଡାକୁଥିଲା ପାଦ ସଲସଲ କରି ।

ISSN NO.
2582-208X

ଓହୋ, କେଡ଼େ ମଧୁର ସ୍ୱପ୍ନଟା ଥିଲା ଅଥଚ କି ଭୟଙ୍କର!!

ହଁ, କୌଣସି ଜିନିଷ ଅଧିକ ମଧୁର ହେଇଗଲେ ପିତା ହେଇଯାଏ । କାହା ସହିତ ବେଶି ଭାବ ହେଲେ ମଧ୍ୟ ସମ୍ପର୍କ ଖରାପ ହୁଏ । ଅତି ପରିଚୟେ ଗୌରବ ନଷ୍ଟ। ଅତିରୁ ଇତି। କିନ୍ତୁ ମମତା ଏମିତି ମୋ ମନରେ ଧସେଇ ପଶିବା କେବେ ହେଲେ ବନ୍ଦ ହେଇ ନାହିଁ। ଏଇ ଯେମିତି ଆଜି, ଏତେ ଆରାମଦାୟକ ବିଛଣାରେ ଶୋଇଲି ଯେ ଦିନ ଆସି ଦିଘଡ଼ି ହେଲାଣି, ମମତାର ସ୍ୱପ୍ନରେ ମଶଗୁଲ୍ ହେଇ ନିଦ ଭାଙ୍ଗି ନାହିଁ । ଆଜି କଣ ମୋ କବ୍ରା ଆସି ନାହିଁ କି? ମୋତେ ତ କାହିଁ ଉଠେଇଲା ନାହିଁ ?

ନାଇଁ , କବ୍ରା ଭି ଆସିଥିବ । ଉଠ୍ ପୁଟୁର୍ ବୋବେଇ ଥିବ ମଧ୍ୟ। କିନ୍ତୁ ପୁଟୁର୍ ଯେ ନିବୁଜ ଗମ୍ଭିରୀ ଭିତରେ ତୁଳୀତଳ୍ପରେ ନିଦ୍ରାଭିଭୂତ ହେଇ ସ୍ୱପ୍ନରାଜ୍ୟରେ ବିଚରଣ କରୁଛି ସେ କେମିତି ଜାଣିବ ?

ମନଟା ଖରାପ ହେଇ ଯାଉଥିଲା । ଆଜି ଉଠ୍ ପୁଟୁର୍ ଶୁଣି ପାରି ନାହିଁ । ଛିଃ !

ସତରେ, ଆରାମ୍ ହରାମ୍ ହେ ।

ନାଃ, ନିଜକୁ ସଂଯମରେ ରଖିବା ନିହାତି ଆବଶ୍ୟକ। ବିଦ୍ୟାର୍ଥୀ ଜୀବନ କଠୋର ଅନୁଶାସନର ଜୀବନ। ମେଟ୍ରିକ ପରୀକ୍ଷା ସରିଲା ମାନେ ନୁହେଁ ଯେ ମୁଁ ଆତ୍ମ ସନ୍ତୁଷ୍ଟ ହେଇ ଯିବି । ଏଇ ତ ଆରମ୍ଭ ମାତ୍ର। ମୋତେ ବହୁତ ଆଗକୁ ଯିବାକୁ ଅଛି । ଏସବୁ ପାର୍ଥିବ ଓ ନଶ୍ୱର ବିଷୟ ପାଇଁ ମୋ ପାଖରେ ସମୟ କାହିଁ ?

ବିବେକା ମାଷ୍ଟର୍, କଳାକର ଜେଠା, ମୋ ମାଆ, ମୋ ବାପା ଏମାନଙ୍କୁ ତ କେବେ ହେଲେ ସୂର୍ଯ୍ୟୋଦୟ ପରେ ଉଠିବା ଦେଖି ନାହିଁ । ବ୍ରାହ୍ମ ମୁହୂର୍ତ୍ତର ସମୟ ସାଧନାର ସମୟ। ମୁଁ

ISSN NO.
2582-208X

ସେଇ ଦିନଠାରୁ ଆଜି ପର୍ଯ୍ୟନ୍ତ କବ୍ତା ବୋବେଇବା ସମୟରେ ଉଠିବା ଦିନେ ହେଲେ ବନ୍ଦ କରି ନାହିଁ। କବ୍ତା ଥାଉ କି ନଥାଉ ମୁଁ ଉଠେ ସେହି ଭୋର୍ ଚାରିଟାରେ।

ବର୍ଷା ତୋଫାନ ପାଇଁ ଛିନଛତ୍ର ହେଇ ଯାଇଥିଲା ରାସ୍ତା ଘାଟ । ଆଉ ଗାଁ ବୁଲିବା ହେଇ ପାରିଲା ନାହିଁ । ଆମର ଲୁଗାପଟା ଜିନିଷ ପତ୍ର ଓଦା ହେଇ ଯାଇଥିଲା । ତାକୁ ଧୋଇ ଶୁଖେଇ, ରାଉଣ୍ଡି ସାଉଁଟି ସଜ କରୁ କରୁ ଖରାବେଳ ହେଇଗଲା। ଘର ମାଲିକାଣୀ ମାଉସୀ ସହିତ ଭଲ ପରିଚୟ ହେଇ ଯାଇଥିଲା ଗୋଟିଏ ରାତିରେ।

ସତ କଥା, ବେଙ୍ଗ କହେ ବେଙ୍ଗୁଲୀ ଲୋ, ମହୀ କ୍ଷଣ କ୍ଷଣକେ ଆନ।

ଆମର ଖାଇବା ପିଇବା ବୁଝିଲେ ସେଇ ମାଉସୀ। ବଡ଼ ଭାରି ମନରେ ବୋଝେ ଭଲ ପାଇବା ଦେଇ ଓ ଗୋଟାଏ ସମ୍ପର୍କର ଠିକଣା ନେଇ ଜୀବନ, ମାଉସୀ ଘରି ବିଦାୟ ନେଲେ ମୋ ଠାରୁ ।

ସେ ରାତିଟା ଭଲ ଖୁସିରେ ବିତିଲା । କିନ୍ତୁ ମୁଁ ଗମ୍ଭିରୀ ଘରେ ଶୋଇଲି ନାହିଁ। ତାଙ୍କ ବାଡ଼ି ପିଣ୍ଡାରେ ଶୋଇଲି ତକ୍ତପୋଶ୍ ଉପରେ।

ଉଠ୍ ପୁଟୁର୍ .....
ଉଠ୍ ପୁଟୁର୍.....

କବ୍ତା ଡାକିଲା, ଗଣିଆ ଭାଇ ଆସିଲେ। ଏଠି ବି ଗୋଟେ ସମ୍ପର୍କ ଗଢ଼ି ମୁଁ ଘର ଫେରନ୍ତା ହେଲି ଗୁଡାଏ ମଧୁର, କଷାୟ ସ୍ମୃତି ବୁକୁରେ ଧରି।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମୋ ସାମ୍ରାଜ୍ୟ ର ସାମ୍ରାଜ୍ଞୀ



ନିରୂପମା ପଟେଲ

ବିବାହ ବନ୍ଧନରେ ବାନ୍ଧି ହୋଇ ଆମେ
ଗଢ଼ିବା ସୁନ୍ଦର ଜୀବନ
ଆଜୀବନ ପାଇଁ ମନର ମିଳନ
ଆହ୍ଲାଦିତ ହେଉ ଆମ ଜୀବନ
ଏଇତ ପବିତ୍ର ବନ୍ଧନ ।

ସସମ୍ମାନେ ମୁଁ ଯେ ସ୍ୱାଗତ କରୁଛି
ଏଇ ମୋ ସୁଖର ସାମ୍ରାଜ୍ୟେ
ଚିର ଦିନ ପାଇଁ ଅମୃତ ଢ଼ାଳିଣ
ଲିପ୍ତ ହେବା ଗୃହ କାର୍ଯ୍ୟେ ।

ମୁଁ ଅଟେ ସମ୍ରାଟ ତୁମେ ମୋ ସାମ୍ରାଜ୍ଞୀ
ଏଇ ଆମ ପରିଚୟ
ନମ୍ର ମଧୁର ଆତ୍ମୀୟ ଭାବନା
ହୃଦୟେ ରଖିବା ଧର୍ଯ୍ୟ ।

ସମାନତା ଭାବେ ସଭିଙ୍କୁ ଯେ ଆମ୍ଭେ
ଦେଉଥିବା ପ୍ରେମ ଢ଼ାଳି

ISSN NO.
2582-208X

ଜ୍ୟେଷ୍ଠ ଙ୍କୁ ସମ୍ମାନ କନିଷ୍ଠ ଙ୍କୁ ପ୍ରେମ
ଦେଉଥିବା ଆମେ ବୋଲି ।

ସର୍ବ ଶ୍ରେଷ୍ଠ ଏଇ ନିର୍ମାଣ ଶାଳା ଯେ
ଗୃହଟି ଅଟେ ଆମର
ପ୍ରୀତି କରୁଣା ଭକ୍ତି ସହିଷ୍ଣୁତା
ଏଠି ଝରେଇବା ନିରନ୍ତର ।

ସଦା ଚାରିଣି ହୁଅ ଗୋ ଧର୍ମିଣି
ଏଇ ମୋର ଆଶୀର୍ବାଦ
ସହ ଧର୍ମିଣୀ ର କର୍ତ୍ତବ୍ୟ ନିଭେଇ
କେବେ ନ ପାଅ ଗୋ ଅପବାଦ ।

ପରମାତ୍ମା ଙ୍କର ଆଶୀର୍ବାଦ ପାଇ
ଆଗକୁ ବଢିବା ନିତି
ସଂସାରର ହିତେ ନିଜକୁ ଯୋଚିବା
କେବେ ଛୁଇଁ ପାରିବନି ଭିତି ।

ଧନ ଦଉଲତ ଆଉକି ଲୋଡ଼ିବି
ସାଥେ ଅଛ ଯେବେ ତୁମେ
ମୋ ସାମ୍ରାଜ୍ୟ ର ସମ୍ରାଟ ମୁଁ ହେଲେ
ସାମ୍ରାଜ୍ଞୀ ଅଟ ଗୋ ତୁମେ ।

ମାଧିଆପାଲି, ବଲାଙ୍ଗୀର

ISSN NO.
2582-208X

# ବୋହୁ ଚାଲି ନ ଜାଣଇଲୋ ପାଦ ପଡୁଅଛି ବଙ୍କା



ସତ୍ୟନାରାୟଣ ପ୍ରସାଦ ନାୟକ

ଏଇ ଦୁନିଆଁରେ ମଣିଷ ଭଳିଆ
ନାହିଁ ଆଉ କେଉଁ ଜୀବ
ବିଦ୍ୟା ବୁଦ୍ଧି ବଳେ ସମଗ୍ର ବିଶ୍ୱରେ
ରଚଇ କେତେ ତାଣ୍ଡବ ।

ମଣିଷ ଜୀବନ ଅଢେଇ ଦିନିଆଁ
ଆସିଛି ହୋଇ କୁଣିଆଁ
କାଳ ପୁରିଗଲେ ଶରୀରକୁ ଛାଡି
ଆତ୍ମା ପକ୍ଷୀ ମାରେ ଡ଼ିଆଁ ।

ନାସା ରନ୍ଧ୍ରଦେଇ ଅଙ୍କା ବଙ୍କା ପଥେ
ହେଉଥାଏ ଶ୍ୱାସକ୍ରିୟା
ମରଣ ପର୍ଯ୍ୟନ୍ତ ଚାଲେ ଅବିରତ
ଏତ ବିଧାତାଙ୍କ ମାୟା ।

ISSN NO.
2582-208X

ସଳଖ ଗତିରେ ପବନ ଚାଲିଲେ
ଶ୍ବାସକ୍ରିୟା ହୁଏ ବନ୍ଦ
ଆତ୍ମା ରୂପୀ ବୋହୂ ଶରୀର ଛାଡିଲେ
ଶବ ଦେଖି ଲାଗେ କାନ୍ଦ ।

ରହସ୍ୟରେ ଘେରା ମଣିଷ ଜୀବନ
ଜାଣିବା ନୁହେଁ ସହଜ
ବିଭୁଙ୍କ ଚରଣେ ନିଜକୁ ସମର୍ପି
ତାଙ୍କ ଗୁଣାବଳି ହେଜ ।

ମିଛ ମାୟା ଭରା ଏଇତ ଦୁନିଆଁ
ହୁଅନି କେବେ ଛାନିଆଁ
ଭଲ କାମ କରି ପୁଣ୍ୟ ଅରଜିଲେ
ଯମକୁ ଡରିବ କିଆଁ !

ରଥ ରୋଡ, ଭୁବନେଶ୍ବର
Mob.-9437764014

ISSN NO.
2582-208X

# ଅସ୍ତରାଗର
# ନାୟକ



ପ୍ରିୟଦର୍ଶିନୀ ଓଝା

ନାୟକ! ହଁ ମୁଁ ନାୟକ,
ନା ମୁଁ ହେଲି ମାଆର ପୁତ୍ର
ନା ମୁଁ ପାଇଲି ମମତାର ସୁଖ।
ଜଗତେ କୁହନ୍ତି ମୁଁ କାଳେ ସୂର୍ଯ୍ୟ ସୁତ
ପୁଣି କାହିଁ ମୁଁ ଶୂଦ୍ର କୂଳେ ଜାତ।

ହୁଏତ ନିୟତିର କରୁଣ ଅଟ୍ଟହାସ ଅବା ବିଧାତାର ନିୟତି,
ସୂର୍ଯ୍ୟାଂଶ ହୋଇ ମଧ୍ୟ ହେଲି ମୁଁ ଅଛୁତ ।

ଜଗତ ବୋଲାଏ ଧନଞ୍ଜୟ ଶ୍ରେଷ୍ଠ,
ପର୍ଶୁରାମ ଶିଷ୍ୟ ହୋଇ ମଧ୍ୟ କାହିଁ ମୋର ଅସ୍ତିତ୍ୱ।
ସମାଜ ଆଗେ ହେଲି ଅଛୁତ,
ଧର୍ମରେ ଥାଇ ମଧ୍ୟ ଅଧର୍ମ ସଙ୍ଗେ ବାନ୍ଧିଲି ବନ୍ଧୁତ୍ୱ ।
ମାଆ କଲେ ଛଳନା, ନିୟତି ମଧ୍ୟ କଲା କଳନା।
ଏତିକିରେ ଶେଷ ନାହିଁ ମାଧବ ମଧ୍ୟ ଦେଲେ ପ୍ରତାରଣା।

ISSN NO.
2582-208X

ହୁଏ ଯଦି ସବ୍ୟସାଚୀ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର,
କାହିଁ ନେଲେ ସଚିପତି ଛଳେ କବଚ କୁଣ୍ଡଳ।

ସେଦିନ କାନ୍ଦିଲା ଧରଣୀ
କିପରି ସହିଲା ଛାତି
ଭାଇ ହାତେ ଭାଇକୁ ବଧ କରାଇ।

ନିୟତି ରହିଛି ସାକ୍ଷୀ ହୋଇଥାଏ ଯଦି କର୍ଣ୍ଣ ଭୀରୁ
ମାଧବଙ୍କ ଛଳନାରେ ଅକାଳେ କାହିଁ ଗଲା ସେ ମହୀ ତଳୁ ।

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସ୍ୱୀକାରକ୍ତି



ଶ୍ରୀକ୍ଷେତ୍ର ସୁନ୍ଦର

ତମର ମନେଥିବ
ତମେ ମତେ ଲୁଚି ଲୁଚି ଚାହିଁବା
ଆଉ ମୁଁ ତମ ସାମ୍ନାକୁ ଆସିଲେ ତରତର ହୋଇ
ଦେଖି ନଦେଖିଲା ପରି ହେବା
ଛୋଟ ଛୋଟ କଥାରେ ରାଣ ଦେବା
ଆଉ ମୁଁ ବି ନିର୍ବୋଧ ଶିଶୁ ଭଳି ତମର ସବୁ ସର୍ତ୍ତକୁ ମାନିନେବା
କେବେକେବେ ମୋ ନିରବତାକୁ ତମେ ମୋ ଅଭିମାନ ଭାବିବା
ଆଉ ତମର ସେ ଜକେଇ ଆସୁଥିବା ଲୁହ ଆଗରେ ମୁଁ ହାରିଯିବା
ତମ ଓଠର ଚେନାଏ ହସ ପାଇଁ
ମୋର ସେ ଅସଂଖ୍ୟ ପାଗଳାମି
ତମର ସେ ରାଗ ତମତମ ଲାଲ୍ ମୁହଁ
ଓ ମୋ ପାଇଁ ଥିବା ତମର ସେ ଅସଂଖ୍ୟ ତାଗିଦ
ତମର ମୋତେ "ତମେ" ସମ୍ବୋଧନ
ସବୁ ଗୋଟି ଗୋଟି କରି ମନେପଡେ

ISSN NO.
2582-208X

ତମେ ମନ୍ଦ ନଥିଲ ମ
କିନ୍ତୁ ମୋ ସରଳତାକୁ ଦୁର୍ବଳତା ଭାବିଦେଲ
ତମ ଦୁନିଆର ପେଷାଦାର ମଣିଷଙ୍କୁ ଖୁସି କରିବାକୁ ଯାଇ
ମୋ ମଥାରେ ବେନାମି ସମ୍ପର୍କର ମୋହର ମାରିଲ
ମୋର ତ ଜହ୍ନକୁ ଚିମୁଟିବାର ବି ସାହସ ଥିଲା
କିନ୍ତୁ ତମକୁ ଆପଣାର ଭାବିବା ଭୁଲ୍ ପାଇଁ ସେ ଦିନ ପ୍ରତିବାଦ କଲିନି

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ ବରଗଡ
ମୋ ୯୦୯୦୨୭୭୮୦୬

ISSN NO.
2582-208X

# ନାରୀ ସତରେ କଣ ଅବଳା



କାନନ ବାଳା ନାୟକ

"ନାରୀ ମାତା ଅସ୍ତି, ନାରୀ କନ୍ୟା ଅସ୍ତି, ନାରୀ ଭଗିନୀ ଅସ୍ତି, ନାରୀ ଅସ୍ୟ ସମାଜସ୍ୟ କୁଶଳ ବାସ୍ତୁ କାରା ଅସ୍ତି,ନାସ୍ତି ସ୍ତ୍ରୀ ସମା ତ୍ରାଣମ୍".

ନାରୀ ଶବ୍ଦ ଟି ନର+ସମ୍ବନ୍ଧାର୍ଥେ ଅ +ସ୍ତ୍ରୀ ଈ ରୁ ଆନୀତ.ନାରୀ ଏଇ ଦୁଇଟି ଅକ୍ଷରରେ ସମଗ୍ର ଦୁନିଆ ସମାହିତ।ନାରୀ ସୃଷ୍ଟି କରେ, ପାଳନ କରେ, ଧ୍ବଂସ ମଧ୍ୟ କରିପାରେ। ଲକ୍ଷ୍ମୀ, ପାର୍ବତୀ ଓ ସରସ୍ବତୀ ଙ୍କ ରୂପରେ ନାରୀ ଯେତିକି କୋମଳ ଓ କମୋନୀୟ, ଦୁର୍ଗା, କାଳୀ ଓ ଚଣ୍ଡୀ ରୂପରେ ସେ ସେତିକି ଉଗ୍ର ଓ ପ୍ରଚଣ୍ଡ। ନାରୀ କେବେ ଦୁର୍ବଳ ନ ଥିଲା, କେବେ ଦୁର୍ବଳ ହୋଇ ନାହିଁ କି ଦୁର୍ବଳ ହୋଇ ରହିବ ନାହିଁ।ନାରୀ ପ୍ରଚଣ୍ଡ ଧୈର୍ଯ୍ୟ ଓ ସହନଶୀଳତା ର ପ୍ରତୀକ। ଯେଉଁ ନାରୀ ତା ପରିବାର ଓ ସନ୍ତାନ ପାଇଁ ଜୀବନ ରେ ଆସୁଥିବା ଯେ କୌଣସି ଝଡ଼ ଝଞ୍ଜା କୁ ଅତିକ୍ରମ କରିଯାଏ, ସେ ପୁଣି ଦୁର୍ବଳ ହେଲା କେମିତି ? ଯିଏ ଦଶ ମାସ ଦଶ ଦିନ ଗୋଟେ ନୂତନ ଜୀବନ କୁ ଗର୍ଭରେ ଧାରଣ କରି ତାକୁ ଜୀବନ୍ୟାସ ଦେଇ ଥାଏ ଏବଂ ତାକୁ ତା ଛାତି ର ଅମୃତ ର ଧାରା ପିଆଇ ପାଳନ କରେ ସେ କେବେ ଅବଳା ହୋଇ ପାରେନା ? ଖାଲି ଶାରୀରିକ ଶକ୍ତି ରେ ଯିଏ ବଳବାନ ଏ ସମାଜ ତାକୁ ସବଳ ବୋଲି କୁହେ । ଏଇଟା ର ମଣିଷ ସମାଜର ନାରୀକୁ ଦେଖିବାର ଦୃଷ୍ଟିକୋଣ।

ISSN NO.
2582-208X

ଅଥର୍ବ ବେଦ'ର ଦ୍ୱାଦଶ କାଣ୍ଡ, ଦ୍ୱିତୀୟ ସୂକ୍ତ ଓ ଏକତ୍ରିଂଶ ମନ୍ତ୍ର ଏହାର ଏକ ଉଦାହରଣ। ଯେଉଁଠି କୁହାଯାଇଛି -

"ଇମା ନାରୀର ବିଧବାଃ ସୁପତ୍ନୀ ରାଞ୍ଜନେନ ସର୍ପଇଷଆ ସଂ ସ୍ପୃଶନ୍ତାମ୍
ଅନଶ୍ରବୋ ଅନମୀବାଃ ସୁରତ୍ନା ଆରୋହନ୍ତୁ ଜନୟୋ ଯୋନିମଗ୍ରେ "
(ଅର୍ଥବବେଦ, ୧୨-୨-୩୧)

ଏହି ମନ୍ତ୍ରର ବ୍ୟାଖ୍ୟାରେ ନାରୀର ଅନେକ ଭୂଷଣର କଥା କୁହାଯାଇଛି। ତାହାର ଗୋଟିଏ ଭୂଷଣ ହେଉଛି- ପତିସାନ୍ନିଧ୍ୟ, ଅର୍ଥାତ୍ ସେ 'ସୁପତ୍ନୀ'। ତାହାର ଅନ୍ୟ ଏକ ଭୂଷଣ ହେଉଛି- ସେ 'ଆଞ୍ଜନେୟା'; ଅର୍ଥାତ୍ ସେ ସମସ୍ତଙ୍କ ସହିତ ମନମେଳ ରଖି ଚଳିଥାଏ। ସେ 'ଅନଶ୍ରବା'; ଅର୍ଥାତ୍ ସେ କେତେବେଳେ ହେଲେ ଆଖିରୁ ଲୁହ ଝରାଏ ନାହିଁ। ସେ 'ଅନମୀବା'; ଅର୍ଥାତ୍ ସେ ସବୁବେଳେ ସୁସ୍ଥ ରହେ। ସେ 'ସୁମାତା' ଅର୍ଥାତ୍ ସନ୍ତାନସନ୍ତତିଙ୍କ ସହିତ ସେ ସଦା ସ୍ନେହଭାବ ରଖିଥାଏ। ଏହିସବୁ ଭୂଷଣର ଅଧିକାରିଣୀ ନାରୀକୁ ତେଣୁ 'ସୁରତ୍ନା' କୁହାଯାଏ।

ବୈଦିକ ଯୁଗରେ ମୁକ୍ତ ସମାଜ ରେ ନାରୀ ମାନଙ୍କୁ ସଦ୍ୟୋବୋଧି ଓ ବ୍ରହ୍ମବାଦିନୀ ର ଆଖ୍ୟା ଦିଆଯାଇଥିଲା। ସଦ୍ୟୋବଧି ନାରୀ ମାନେ ଗ୍ରାହସ୍ଥ୍ୟ ଧର୍ମ ପାଳନ କରୁଥିବା ବେଳେ ବ୍ରହ୍ମବାଦିନୀ ନାରୀ ମନେ ଅବିବାହିତ ରହି କାର୍ଯ୍ୟ ତଥା ଯଜ୍ଞ ହୋମାଦି କାର୍ଯ୍ୟ ସମ୍ପାଦନା କରୁଥିଲେ। ଏ କ୍ଷେତ୍ରରେ ଲୋପାମୁଦ୍ରା, ଗାର୍ଗୀ, ମୈତ୍ରେୟୀ ଓ ବିଶ୍ୱବାରା ଆଦି ବ୍ରହ୍ମବାଦିନୀ ନାରୀ ମାନେ ଆଗ୍ରଗଣ୍ୟ। ବିଧବା ମାନେ ପୁନଃ ବିବାହ, ନାରୀ ମାନଙ୍କୁ ଶସ୍ତ୍ର ବିଦ୍ୟା ଶିକ୍ଷା ଆଦି ଅନେକ କିଛି ସୁବିଧା ସୁଯୋଗ ଦେଇ ସେମାନର ମର୍ଯ୍ୟାଦା କୁ ବହୁ ଗୁଣିତ କରା ଯାଉଥିଲା।

ଯଜୁର୍ବେଦ ନାରୀର ମହାନ୍ ଗୁଣ ଓ କାର୍ଯ୍ୟ ମଧ୍ୟରୁ ଏହି ମନ୍ତ୍ରରେ ମୁଖ୍ୟ ୧୦ ଗୁଣ ବର୍ଣ୍ଣନା କରାଯାଇଛି।

ISSN NO.
2582-208X

"ଇଡେ ରନ୍ତେ ହବ୍ୟେ କାମ୍ୟେ ଚନ୍ଦ୍ରେ ଜ୍ୟୋତେ ଅଦିତେ ସରସ୍ୱତ ମହି ବିଶ୍ରୁତି । ଏ ତା ତେ ଅଘ୍ନେୟ ନାମାନି ଦେବେଭ୍ୟୋ ମା ସୁକୃତମ୍ ବ୍ରୁତାତ୍"

ଅର୍ଥାତ୍ ହେ "ନାରୀ ତୁମେ (ଇଡ଼େ) ସ୍ତୁତି ଯୋଗ୍ୟା, (ରନ୍ତେ) ରମଣୀୟା (ହବ୍ୟେ) ପରିବାରକୁ ସୁଖରେ ରଖିବାକୁ ନିଜ ସୁବିଧାକୁ ବଳି ଦେଇଥାଅ। ତୁମେ(କାମ୍ୟେ) କମନୀୟା। (ଚନ୍ଦ୍ରେ) ଚନ୍ଦ୍ରପରି ଆହ୍ଲାଦ ଦାୟିନୀ, (ଜ୍ୟୋତେ) ଜ୍ୟୋତିମୟୀ ଗୃହର ଆଲୋକ, (ଅଦିତେ) ଅବିନାଶିନୀ (ସରସ୍ୱତି) ବିଦୁଷୀ ଜ୍ଞାନୀ ବୁଦ୍ଧିମତୀ (ମହି) ପୃଥିବୀ ପରି ମହାନ୍ ଗୁଣ ଧାରିଣୀ, (ବିଶ୍ରୁତି) କୀର୍ତ୍ତିମୟୀ ତୁମର ପ୍ରତ୍ୟେକ ଚେଷ୍ଟା କୀର୍ତ୍ତିକରି । (ଅଘ୍ନ୍ୟା) ଜ୍ଞାତସାରରେ ହେଉଅଜ୍ଞାତସାରରେ ହେଉ ଦୋଷ କରି ସୁଦ୍ଧା ଦଣ୍ଡନୀୟା ନୁହଁ। ପ୍ରଭୁ ତୁମଠାରେ ବହୁ ବିଲକ୍ଷଣ ଶକ୍ତିପ୍ରଦାନ କରିଛନ୍ତି।"

ନାରୀ କୁ ନେଇ ସାହିତ୍ୟ ର ସମ୍ଭାର, ନାରୀ ବିନା ଶିଳ୍ପୀ ର ପ୍ରତ୍ୟେକ ଟି କଳା ଯେପରି ଅସମ୍ପୂର୍ଣ୍ଣ। ନାରୀ ବିଶୃଙ୍ଖଳିତ ହେଲେ ସଂସାରର ଭିତ୍ତି ପ୍ରସ୍ତର କମ୍ପି ଉଠେ। ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ନାରୀ ଶୁଦ୍ଧ ପୂତ ପବିତ୍ର ଅଟନ୍ତି। ଋକ ବେଦ କହେ "ଅହଂ କେତୁ ରହଂ ମୂର୍ଧାଽହମୁ ଗ୍ରାବିବାଚନୀ" ଅର୍ଥାତ୍ ନାରୀ ରାଷ୍ଟ୍ରର ପତାକା ସଦୃଶ । ନାରୀ ପରିବାରର ମସ୍ତକ, ନାରୀ ସଂସ୍କୃତିର ପ୍ରତୀକ।ତେଣୁ ଭାରତୀୟ ମନୀଷୀ ମାନେ ମାତୃ ଜାତିର ମହତ୍ୱକୁ ଉପଲବ୍ଧି କରି ଅନୁଭୂତି ରେ ଆଣି ସଫଳ ରୂପେ ମାତୃଜାତିର ଉପାସନା କରିଯାଇଛନ୍ତି ଓ ଉତ୍ତର ପୁରୁଷ ମାନଙ୍କୁ ମାତୃ ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ଉପଦେଶ ଦେଇ ଯାଇଛନ୍ତି ।

ତେବେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ବୈଦିକ ଯୁଗରେ ନାରୀମାନଙ୍କ ର ସ୍ଥାନ ଏତେ ଉଚ୍ଚ ରେ ଥିଲା ଓ ଭାରତୀୟ ମନୀଷୀ ତାଙ୍କୁ ଉପାସନା କରୁଥିଲେ ଓ ତାର ମର୍ଯ୍ୟାଦା ରକ୍ଷା କରିଥିଲେ, ତେବେ ସମାଜ ରେ ନାରୀ ଜାତି କୁ ଅବଳା ଭାବରେ ବିବେଚନା କରାଯିବା କେବେ ଠାରୁ ଆରମ୍ଭ ହେଲା?

ISSN NO.
2582-208X

ଇତିହାସକୁ ପର୍ଯ୍ୟାଲୋଚନା କଲେ ତଥ୍ୟ ମିଳେ ମଧ୍ୟ ଯୁଗୀୟ ଅବକ୍ଷୟ ମାଣ ପ୍ରବୃତ୍ତି ର ପ୍ରାଦୁର୍ଭାବ ରୁ ଆମ ଦେଶର ସାମାଜିକ ବିଧି ପ୍ରଣାଳୀ ରେ ପତନ ହେବା ଆରମ୍ଭ ହେଲା। ଏହି ସମୟରେ ମୁସଲମାନ ମାନେ ଭାରତରେ ପ୍ରବେଶ କରି ଶାସନ ଆରମ୍ଭ କରିଦେଲେ। ଦୁଇଟି ଧର୍ମୀୟ ସଂସ୍କୃତି ର ମିଳନ ହେଲା।ଏହାର ଫଳରେ ସ୍ତ୍ରୀ ଲୋକ ମାନଙ୍କର ପରଦା ପ୍ରଥା, କନ୍ୟା ଶିଶୁ ବଧ୍ୟ, ବାଲ୍ୟ ବିବାହ ଏପରି କି ସଦ୍ୟ ଜାତ ଶିଶୁ କନ୍ୟାର ବିବାହ, ପୁରୁଷଙ୍କର ବହୁ ବିବାହ ପ୍ରଥା, ଧର୍ଷଣ, ଜବରଦସ୍ତି ବିବାହ ଓ ବିବାହ ବିଚ୍ଛେଦ ପାଇଁ ଭୟ ପ୍ରଦର୍ଶନ ଇତ୍ୟାଦି ବହୁ ଅତ୍ୟାଚାର ଆରମ୍ଭ ହେବାକୁ ଲାଗିଲା। ଏ ସବୁ ଅତ୍ୟାଚାର ଯେ ଖାଲି ପୁରୁଷ ଲୋକ କରୁଥିଲେ ତାହା ନୁହେଁ ଏଥିରେ ନାରୀମାନଙ୍କର ମଧ୍ୟ ପ୍ରମୁଖ ଭୂମିକା ରହୁଥିଲା। ଯଦି ଜଣେ ସ୍ତ୍ରୀ ଲୋକ ଅନ୍ୟ ଜଣେ ସ୍ତ୍ରୀ ଲୋକ ର ଦୁଃଖ କୁ ବୁଝି ପାରୁ ନଥିଲା ତେବେ ସ୍ତ୍ରୀ ମାନେ କାହା ପାଖରେ ଗୁହାରି କରି ଥାଆନ୍ତେ। ସେମାନେ ଜାଣୁଥିଲେ ବୋହୂ ହୋଇ ଯଦି ଶାଶୁ ଙ୍କୁ ତାଙ୍କ ଘରର ଅନ୍ୟ ସଦସ୍ୟଙ୍କ ଅତ୍ୟାଚାର ବିଷୟରେ କହିବ ତେବେ ଶାଶୁ ଅତ୍ୟାଚାର ର ସମାଧାନ କରିବା ପରିବର୍ତ୍ତେ ବିଚାରି ବୋହୂକୁ ଦୋଷ ଦେଇ ଆହୁରି ଅଧିକ ନିର୍ଯାତନା ଦେବ। ତେଣୁ ଭୟରେ ସ୍ତ୍ରୀ ଲୋକ ମାନେ ସ୍ୱର ଉତ୍ତୋଳନ ନକରି ଚୁପ୍ ରହୁଥିଲେ।

ଏହା ପରେ ବ୍ରିଟିଶ ମାନେ ଦେଶରେ ଶାସନ କଲେ।ସେମାନେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ଆଣି ପାରିଲେ ନାହିଁ। ତଥାପି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର,ରାଜା ରାମମୋହନ ରାୟ ଇତ୍ୟାଦିଙ୍କ ଚେଷ୍ଟା ରେ ବିଧବା ବିବାହ ପ୍ରଚଳନ ହେଲା,ସତୀ ଦାହ ପ୍ରଥା ବନ୍ଦ ହେଲା, କନ୍ୟା ହତ୍ୟା ପାଇଁ କଠିନ ଶାସ୍ତି ହେଉଥିଲା।(ସେ ସମୟରେ ବିଜ୍ଞାନ ର ପ୍ରଗତି ହୋଇ ନଥିବାରୁ କନ୍ୟା ଭ୍ରୁଣ ହତ୍ୟା ହୋଇ ପାରୁ ନଥିଲା)·

୧୯୪୭ ଅଗଷ୍ଟ ୧୫ ତାରିଖ ଭାରତ ସ୍ୱାଧୀନ ହେଲା ହେଲେ ସ୍ୱାଧୀନ ଭାରତରେ ନାରୀର ସ୍ଥିତିରେ କିଛି ପରିବର୍ତ୍ତନ ହେଲାନାହିଁ। ବରଂ ବିଜ୍ଞାନର ଉନ୍ନତି ଯୋଗୁଁ କନ୍ୟାଟିଏ ମାତୃ ଗର୍ଭରେ ସଞ୍ଚାର ହେବା ପରେ ମାତୃ ଗର୍ଭରୁ ହିଁ କନ୍ୟା ଭ୍ରୁଣ ହତ୍ୟା ହେବାରେ ଲାଗିଲା ଓ

ISSN NO.
2582-208X

ଅଦ୍ୟାବଧି ତାହା ଚାଲୁ ରହିଛି। ସରକାର ଙ୍କ ର ଶକ୍ତ ନିୟମ ପ୍ରଣୟନ ସତ୍ୱେ ଲୁଚା ଛପା ଏବେ ବି କନ୍ୟାଭ୍ରୁଣ ହତ୍ୟା ଚାଲିଛି।

ଯୌତୁକ ନିର୍ଯ୍ୟାତନା ଆଉ ଏକ ସାମାଜିକ ବ୍ୟାଧି ଭାବରେ ଉଭା ହୋଇଛି। କେତେ ଯେ ସ୍ତ୍ରୀ ଯୌତୁକ ର ନିଆଁ ରେ ପୋଡ଼ି ହୋଇ ନିଜର ଜୀବନ ହରାଇଲେଣି ତାର କିଛି ହିସାବ ନାହିଁ। ଅତୀତରେ କନ୍ୟା ମାନେ ବିବାହ କଲେ ପୈତୃକ ସଂପତ୍ତି ରୁ ଭାଗ ପାଉ ନଥିଲେ । ତେଣୁ ବିବାହ ସମୟରେ ତାଙ୍କୁ ଟଙ୍କା, ସୁନା, ଗାଇ ଓ ଅନ୍ୟାନ୍ୟ ଜିନିଷ ଉପହାର ସ୍ୱରୂପ ଦିଆ ଯାଉଥିଲା। ତାହାକୁ ସ୍ତ୍ରୀ ଧନ ଓ କନ୍ୟା ସୁନା ବୋଲି କୁହାଯାଉଥିଲା। ମାତ୍ର ଧୀରେ ଧୀରେ ସେଇ ଶବ୍ଦଟି ଯୌତୁକ ରେ ପରିଣତ ହେଲା। ବର ପକ୍ଷ କନ୍ୟା ପକ୍ଷକୁ ଟଙ୍କା, ସୁନା ଓ ଅନ୍ୟାନ୍ୟ ଜିନିଷ ଦାବି କଲେ। ଦାବି ମୁତାବକ ଜିନିଷ ନ ମିଳିଲେ ସେମାନେ ନବ ବଧୂଟିକୁ ହତ୍ୟାକରିକୁ ମଧ୍ୟ ପଛାଉ ନାହାଁନ୍ତି। ଯେତେ କଡ଼ା ନିୟମ ହେଲେ ମଧ୍ୟ କେହି ସୁଧୁରୁ ନାହାଁନ୍ତି। ବରଂ ଏଇ ପ୍ରଥା ଆହୁରି ବଢି ବଢ଼ି ଚାଲିଛି।

ଯ୍ୟା ଛଡ଼ା ନାରୀ ଧର୍ଷଣ ଓ ଏକ ତରଫା ପ୍ରେମ ରେ ଝିଅ ମାନଙ୍କ ଉପରକୁ ଏସିଡ୍ ଫିଙ୍ଗିବା ଆଦି କୁକର୍ମ ଚାଲିଛି। ଅବଶ୍ୟ ସାମ୍ପ୍ରତିକ ପରିସ୍ଥିତିରେ ନାରୀର ମଧ୍ୟ ଉଚ୍ଚାରଣ, ଆଚରଣ, ଚାଲିଚଳନ, ଆଚାର ବ୍ୟବହାର, ବେଶଭୂଷାରେ ଅନେକ ପରିବର୍ତ୍ତନ ହୋଇଛି। ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ବର୍ତ୍ତମାନ ସମୟରେ ନାରୀ ମାନେ ସ୍ୱାବଲମ୍ବୀ ହେବା ସହ ପୁରୁଷର ସମକକ୍ଷ ହେଲେଣି।

ଆଜି ର ନାରୀ ଘର ବି ସମ୍ଭାଳି ପାରୁଛି ଚାକିରୀ, ବ୍ୟାପାର, ବଣିଜ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସମ୍ଭାଳି ପାରୁଛି। ଆଜିର ନାରୀ ଚୁଲି ରେ ନିଆଁ ବି ଲଗାଇ ପାରୁଛି, ଆକାଶରେ ଉଡାଜାହାଜ ମଧ୍ୟ ଉଡାଇ ପାରୁଛି। ଆଜି ର ନାରୀ ଗୃହିଣୀ ସାଜି ଘରବି ସମ୍ଭାଳି ପାରୁଛି ଓ ପ୍ରଧାନ ମନ୍ତ୍ରୀ ଓ ରାଷ୍ଟ୍ରପତି ସାଜି ଦେଶ ମଧ୍ୟ ଚଳାଇ ପାରୁଛି। ମାଆ ସାଜି ସନ୍ତାନର ଲାଳନ ପାଳନ ବି କରିପାରୁଛି, ସୈନିକ ସାଜି ମାତୃଭୂମି ର ରକ୍ଷା କରିବାପାଇଁ ବନ୍ଧୁକ

ISSN NO.
2582-208X

ଉଠାଇ ପ୍ରାଣ ବଳି ମଧ୍ୟ ଦେଇ ପାରୁଛି। ଆଜି ର ସମୟରେ ଏମିତି କିଛି କାମ ନାହିଁ ଯାହା ନାରୀ କରିପାରୁନି।

ନାରୀ ଆଦ୍ୟ ରୁ ସଶକ୍ତ ଥିଲା ଏବେ ମଧ୍ୟ ସଶକ୍ତ ଅଛି। ନା ସେ କେବେ ଅବଳା ଦୁର୍ବଳା ଥିଲା ନା ଏବେ ଅଛି ନାଁ ଭବିଷ୍ୟତରେ କେବେ ରହିବ। କିଛି ବିକୃତ ଚିନ୍ତା ବିଶିଷ୍ଟ ନାରୀ ଓ ପୁରୁଷ ର ବିକୃତ ଚିନ୍ତା ଧାରା ସବଳ ନାରୀ କୁ ଦୁର୍ବଳ କରି ଗଢି ତୋଳୁଛି। ଯେଉଁ ନାରୀ ମାନେ ନାରୀ କୁ ନିର୍ଯାତନା ଦେବାରେ ସହାୟକ ହେଉଛନ୍ତି ସେମାନେ ଯଦି ନିର୍ଯାତନା ଦେବା ରେ ସହାୟ ନହୋଇ ନାରୀ କୁ ସାହାଯ୍ୟ ସହଯୋଗ କରି ତାକୁ ତାକୁ ସଶକ୍ତ କରିବା ପାଇଁ ଚେଷ୍ଟା କରିବେ, ତେବେ ସମଗ୍ର ନାରୀ ଜାତି ସମାଜ ରେ ତାର ପ୍ରକୃତ ସ୍ଥାନ ପାଇ ପାରିବ ।

ଯୁଗ୍ମ କମିଶନର (ଅପିଲ୍),
ଦ୍ରବ୍ୟ ଓ ସେବାକର, ପୁରୀ
ମୋ: ୯୪୩୮୧୪୬୦୦

ISSN NO.
2582-208X

# ଈଶ୍ୱର



ନୀଳମଣି ଗୁନ୍ଧ

ଦେଖି ହୁଏନାହିଁ ମରୁତକୁ ସିନା
ଅଛି ସବୁଠାରେ ଭରି
ସର୍ବବିଦ୍ୟମାନ ଅଟନ୍ତି ଈଶ୍ୱର
ରହିଛନ୍ତି ସେହି ପରି।

ସିଏ ନିୟନ୍ତ୍ରକ ଯାହାଙ୍କ ଆଦେଶେ
ଏ ବିଶ୍ୱବ୍ରହ୍ମାଣ୍ଡ ଚାଲେ
ତାଙ୍କରି ମହିମା ବୁଝି ହୋଇଥାଏ
ଭକ୍ତି ଭାବେ ଚିନ୍ତା କଲେ ।

ସିଏରେ ସର୍ବଜ୍ଞ, ସର୍ବ ଶକ୍ତିମାନ
ଆଦିପୁରୁଷ ସେ ଜାଣୁ
ସିଏ ନ ଚାହିଁଲେ ପତ୍ର ହଲେନାହିଁ
ଏ କଥା ମନରେ ଆଣୁ ।

ସିଏ ପରମାତ୍ମା ସକଳ ଘଟରେ
ରହିଛନ୍ତି ଆତ୍ମା ରୂପେ

ISSN NO.
2582-208X

କିଏ କେତେ ନାମେ ତାଙ୍କୁ ଡାକୁଥାଏ
କିଏ କେତେ ଭାବେ ଜପେ ।

ଭାବକୁ ନିକଟ ଅଭାବକୁ ଦୂର
ସିଏ ଜଗତର ସ୍ରଷ୍ଟା
କରି କରାଉ ତ ଥାଆନ୍ତି ସବୁ ସେ
ହୋଇରେ ନିରବ ଦ୍ରଷ୍ଟା ।

ସିଏରେ ଇଶ୍ୱର ସେ ପରମେଶ୍ୱର
ତେଣୁ ପ୍ରଣିପାତ କରେ
ପ୍ରଭାତ ପ୍ରଦୋଷେ ସବୁ ଭୁଲିଯାଇ
ତାଙ୍କ ନାମ ମୁଖେ ଧରେ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୪୮୩୨୦୨୩୫୭

ISSN NO.
2582-208X

# ବେସୁର୍ ସଙ୍ଗୀତ



ବିଜୟ କୁମାର ସାହୁ

ଛଳଛଳ ତୁମ ରୂପ ଯୌବନର

ସୁଧାରସ ପିଇବାରେ

ପ୍ରତ୍ୟାଶୀ ମୁଁ ପ୍ରିୟା

ଆପୟିତ କର ମୋତେ

ପ୍ରୀତିକ୍ଷର ପ୍ରିୟା ମୋର

ପ୍ରେମାଳାପ ତୁମ

ପ୍ରେମଲୁବ୍ଧ କରିଦେଲା

ବାରମ୍ବାର ମୋତେ

ସେଥିପାଇଁ ତ .........

ମଲ୍ଲୀ ମାଳତୀ ଗୁନ୍ଥିଛି  ଗୋ ପ୍ରିୟା

ପ୍ରୀତି ଆଲିଙ୍ଗନେ ତୋଳିନିଅ ମୋତେ

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ

ମୋ – ୮୭୬୩୧୪୮୬୨୩

ISSN NO.
2582-208X

# ସ୍ୱର୍ଗ ହେବ ଧରାଧାମ



ଅଲେଖ ମେହେର

ମଧୁକୋଷ ଛାଡି ସରଘାପନ୍ତିଏ
ବିହାୟସେ ଗଲେ ଉଡି,
ଅନଳ ଦହନ ନୁହଇ ସହନ
ନର ପାଇବ କଉଡି ।
ନିଜ ଶ୍ରମାର୍ଜିତ ଅମୂଲ ସମ୍ପଦ
ଯିଏ କରିପାରେ ଦାନ,
ସେହି ସିନା ଅଟେ ମରଭୂବନରେ
ଅମର ନିତ୍ୟ ମହାନ।
ପର ପାଇଁ ସଦା ନମ୍ରରେ ପାଦପ
ବିତରଇ ଫୁଲ ଫଳ,
ନିଦାଘ ଗ୍ରୀଷମେ ଜନନୀର ସମ
ପ୍ରକାଶେ ଛାୟା ଶୀତଳ।
ନମ୍ରରେ ବଉଦ ବରଷଇ ପାଣି
ପ୍ରାଣୀ କୁକ୍ଷି ପାଳନାର୍ଥେ,
ସ୍ୱାର୍ଥ ନ୍ବେଷି ନର ଶୋଣିତ ବୁହାଏ
ଆନର ସଞ୍ଚୟ ଅର୍ଥେ ।

ISSN NO.
2582-208X

ଅଥକ ବାଟୋଇ ଇନ୍ଦୁ ଦିବାକର
ଜ୍ୟୋତି ଦେଇ ଦିବାରାତି,
ଚକୋର କମଳ ପ୍ରୀତି ଛଳଛଳ
ବିକ୍ଷଣରେ ଶାନ୍ତ ମତି ।
ଅନିଳ ମୋଦରେ ସର୍ବତ୍ର ବିରାଜେ
ଜୀବନ ଦେବତା ହୋଇ,
ସ୍ରୋତସ୍ୱିନୀ ଧାଏଁ ପ୍ରିୟର ମିଳନେ
ତୃଷା ଧୂଳିମଳି ଧୋଇ ।
ମହୀ ଗରିୟସୀ ସହି ଦୁଃଖରାଶି
ଦିଅଇ ଅନ୍ନ ପ୍ରଚୁର,
କୀଟଠାରୁ ଦ୍ରୁମ ଭୁଞ୍ଜନ୍ତି ସରବେ
ବସ୍ତ୍ରରୁ କରି ନି ଦୂର ।
ବନେ ବାସକରି ଶୟଳ ହିତରେ
ମୁନୀ କରନ୍ତି ସାଧନା,
ବିଜ୍ଞାନୀ ଜନଙ୍କୁ କକୁଭ ଦେଖାଇ
ବୃଜିନେ କରନ୍ତି ମନା ।
କରି ସ୍ୱାର୍ଥ ମେଧ ପ୍ରେମେକରି ସାଧ
ଇନ୍ଦ୍ରିୟେ ଦେଲେ ଲଗାମ,
ନିଜପର ବୋଧ ହୋଇଯିବ ବଧ
ସ୍ୱର୍ଗ ହେବ ଧରା ଧାମ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ସମ୍ପର୍କର ନୂତନ ସଂଜ୍ଞା



ପ୍ରଦୀପ୍ତ କୁମାର ମିଶ୍ର

ସମ୍ପର୍କର ସଂଜ୍ଞା ଯାହାଥିଲା ତାହାହିଁ ରହିଛି ରହିବ କିନ୍ତୁ ସମୟର ବିବର୍ତ୍ତନ ରେ ଏହାର ରୁପ ବିବର୍ତିତ ହୋଇଯାଇଛି। ସେଦିନ ଯୌଥ ପରିବାର ଥିଲା ପରସ୍ପର ମଧ୍ୟରେ ଥିଲା ବହୁତ ଅନ୍ତରଙ୍ଗତା। ସମସ୍ତ ଙ୍କ ମଧ୍ୟରେ ଥିଲା ଅତୁଟ ସ୍ନେହ ଓ ଶ୍ରଦ୍ଧା। କେହି କାହାର ନୁହେଁ ବୋଲି ଭାବୁନଥିଲେ, ପରବୋଲି ଚିନ୍ତନ ମନକୁ ଆସୁନଥିଲା କେବେ। କାଁ ଭାଁ ଏବେ ବଡ଼ପରିବାର ଥିବାବେଳେ ପ୍ରାୟ ପରିବାର ବହୁତ କମ। ସେହି ବଡ଼ପରିବାର ମଧ୍ୟରେ ସମ୍ପର୍କ ବି ଏତେ ଉନ୍ନତ୍ତ ନୁହେଁ। ସମ୍ପର୍କ ବହୁତ ବେଶି କିନ୍ତୁ ଆନ୍ତରିକତା ବହୁତ କମ,ଏପରିକି ବିଶ୍ୱାସ ମଧ୍ୟ ଏତେ ନାହିଁ। ସାମାଜିକ ଗଣମାଧ୍ୟମ ରେ ବନ୍ଧୁ ଅନେକ ତାହା କିନ୍ତୁ ରାତି ଆକାଶର ତାରା ଭଳି। ଯାହା ସକାଳ ହେଲେ ନଥାଏ। ସେହି ଅତୀତ ଦିନରେ ସମ୍ପର୍କ କେତେ ପରସ୍ପର ମଧ୍ୟରେ ଏକ ଦୃଢ଼ ବନ୍ଧ ଥିଲା ତାହା କଳନା ସାପେକ୍ଷ। ଭଲପାଇବା ବହୁତ ଥିଲା ପରସ୍ପର ମଧ୍ୟରେ। ପ୍ରତ୍ୟେକ ପ୍ରତ୍ୟେକଙ୍କ ଠିକ ଭାବରେ ଭଲ ବୁଝିଥିଲେ। ଉତ୍ତମ ବୁଝାମଣା ହିଁ ସମ୍ପର୍କର ଦୃଢ଼ ସେତୁ ତିଆରି କରିପାରିଥିଲା। ଏଥିପାଇଁ ବଡ ପରିବାର ଗାଁ ସାହି ରେ ସମ୍ପର୍କ ଉତ୍ତମ ରହିଥିଲା। ଜଣେ ଦୁଃଖରେ ପଡିଲେ ଅନ୍ୟମାନେ ସାହାରା ହେଉଥିଲେ। ପାରସ୍ପରିକ ସମ୍ପର୍କରେ ସମସ୍ତେ ବନ୍ଧା ହୋଇଥିଲା।

ISSN NO.
2582-208X

ଜୀବନରେ ବନ୍ଧୁଟିଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯଦି ଏଥିରେ ବହୁତ ବିଶ୍ୱାସ ଭରିଥାଏ। ବନ୍ଧୁର ପ୍ରେମ ପରସ୍ପର ପରିପୂରକ ହେବା ଆବଶ୍ୟକ। ବନ୍ଧୁଟିଏ ଅନ୍ୟ ପାଇଁ ହସେ ଦୁଃଖରେ ଛିଡାହୁଏ ହେଲେ ବନ୍ଧୁ ସମାନ ଦର୍ଶନ ବ୍ୟକ୍ତିମାନଙ୍କ ଠାରେ କେବଳ ସମ୍ଭବ । କିନ୍ତୁ ଭାବନା ସମାନ ଥାଇମଧ୍ୟ ସମ୍ପର୍କରେ ସ୍ୱାର୍ଥ ନିହିତ ରହିଲେ ଏହା ବିଶେଷ ଓ ବେଶି ଦିନ ତିଷ୍ଠିନଥାଏ। ଆଜିକାଲି ପ୍ରତ୍ୟେକ ସମ୍ପର୍କରେ ଏହାହିଁ ହେଉଛି ଯେଉଁଠି କେବଳ ନିଜର ଭାବନା ବହୁଳ ବ୍ୟବହୃତ ହେଉଛି। କଥାରେ କୁହାଯାଏ ଯାହାର ପଡୋଶୀ ଭଲ ତାର ଦୁଃଖ ନଥାଏ। ରାତି ହେଉ ଦିନହେଉ ଯଦି ବିଶ୍ୱାସ ଅଛି ତାହାହେଲେ ନିଜର ଯେତେ ସମସ୍ୟା ଦୁରୀଭୂତ ହୋଇଯାଏ। ଘରର ପାରସ୍ପରିକ ସମ୍ପର୍କ ମଧ୍ୟ ଅଧିକ ଜରୁରୀ ଏହା ବ୍ୟକ୍ତିଗତ ଭାବରେ ମନଉପରେ ଯଥେଷ୍ଟ ଭଲ ପ୍ରଭାବ ପକାଇଥାଏ ।

ତେବେ ସମୟର ଅଦ୍ଭୁତ ବିବର୍ତ୍ତନ ଦ୍ୱାରା ଏବେ ସମ୍ପର୍କ ମଧ୍ୟ ତାର ପରିବର୍ତ୍ତନ ହୋଇଛି। ପଡୋଶୀ ମାନଙ୍କ ସହ ସମ୍ପର୍କ ରହୁନି ଯଦି ରହୁଛି ବିଶ୍ୱାସର ନୁହେଁ। ଯାହା ଯେଉଁ ଆନନ୍ଦ ଦେବାକଥା ତାହାର କାଣିଚାଏବି ପାଆନ୍ତି ନାହିଁ। ଅବିଶ୍ୱାସ ର କଳାବାଦଲ ସବୁ ସମ୍ପର୍କ ଖରାପ କରୁଛି। ଆମେ ଯେତେ ପ୍ରଶସ୍ତ ହେଉଛନ୍ତି ବୋଲି ଭାବୁଛନ୍ତି ସେତେ ପ୍ରଶସ୍ତି ଆମକୁ ଆମର ନିଜମଧ୍ୟର ବିବେକ ଦେଉନାହିଁ। ସହଜରେ ଆମେ କାହାସହ ସହଜ ହେଉନାହାନ୍ତି। ବିକାର ମଧ୍ୟ ଏହାର ଅନ୍ୟତମ କାରଣ ଯାହାଦ୍ୱାରା ଆମେ ପ୍ରଭାବିତ। ମାନସିକ ବିକାର ଅଶିକ୍ଷା ଓ ଅଳସୁଆମୀ ରୁ ସୃଷ୍ଟି ହୋଇଥାଏ। ଏହା ଆମେ କିଛି ଗଣମାଧ୍ୟମ ରୁ ମଧ୍ୟ ଆମଦାନୀ କରୁଛନ୍ତି। ମନ୍ଦିର ବଢିଚାଲିଲେ ବି ଯେମିତି ଭକ୍ତି କମିଯାଏ ଠିକ ସେହିପରି ଯେତେ ଆମେ ବାଣୀ ଶୁଣନ୍ତି ସେତେ ବିଶ୍ୱାସ ହରାନ୍ତି ।

ସମ୍ପର୍କ ସବୁଠୁ ମୂଲ୍ୟବାନ କାରଣ ଏହାର ବିନା ଆମେ ନିସଙ୍ଗତା ପାଇବା। ନିସଙ୍ଗ ଜୀବନ ଆମପରି ସମାଜରେ ଥିବା ଲୋକମାନଙ୍କ ପାଇଁ ଏତେ ସହଜ ନୁହେଁ। କିନ୍ତୁ ଏବେ ଏହା ଆମପାଇଁ ନିଜର ହୋଇଗଲାଣି। ସମସ୍ତେ ନିଜର ଜୀବନ ଉପଭୋଗ କରିବା ଆଳରେ ଅନ୍ୟମାନଙ୍କୁ ନିସଙ୍ଗ ହେବାକୁ ବାଧ୍ୟ କରାଉଛନ୍ତି। ବିରାଟ ପରିବାର ଥିଲା ପୁଅଝିଅ ସମସ୍ତେ ଥିଲେ କିନ୍ତୁ ସମସ୍ତଙ୍କର ପରଲାଗିଲା ପରେ କେବଳ ସହରକୁ ଭଲପାଇଲେ ଯେ

ISSN NO.
2582-208X

ଗାଁରେ ଥିବା ବାପ ମାଆ ଦୂର ସମ୍ପର୍କୀୟ ବନ୍ଧୁଠାରୁ ଅଧିକ ଦୁରେଇ ଗଲେ । ଏହି ନିସଙ୍ଗତା ଏବେ ପ୍ରାୟ ପରିଲକ୍ଷିତ ହେଉଛି। ଆମେ ଯେତେ ଶିକ୍ଷିତ ଆମେ ସେତେ ପରସ୍ପରକୁ ବୁଝିବାକୁ ଅକ୍ଷମ। ନିଜର ଯୋଗ୍ୟତା କୁ ଉପଯୋଗ କର କିନ୍ତୁ ସମ୍ପର୍କକୁ ଭୁଲିଯାଅ ନାହିଁ ଏହା ଆମ୍ଭର ଜୀବନର ସଂଜ୍ଞା ହେବା ଆବଶ୍ୟକ। ସମ୍ପର୍କ ହିଁ ଆନନ୍ଦ ଦିଏ, ବନ୍ଧୁତା ହିଁ ସୁଖଦିଏ ପରସ୍ପର ପ୍ରେମ ର ଅର୍ଥହେଉଛି ଧରତ୍ରୀ। ତେଣୁ ସାମଜିକତାକୁ ଛାଡି କେବଳ ବ୍ୟକ୍ତିକୈନ୍ଦ୍ରିକ ହେଲେ ଆମେ ପାଶ୍ଚାତ୍ୟ ସଂସ୍କୃତି କୁ ଆପଣାଇ ନେଲେ। ନିସଙ୍ଗତା ସାଧାରଣତଃ ବୟସ୍କ ମାନଙ୍କ ସ୍ତରରେ ଦେଖାଯାଏ ବୋଲି ଆମର ଧାରଣା ଥିଲା। କାରଣ ଅବସର ପରେ ହେଉ ଅଥବା କାମ କରିବାର କ୍ଷମତା ହେଉ ଏସବୁରେ ଅନେକ ଲୋକ ଦୁରେଇ ଯାଇଥାନ୍ତି। କିନ୍ତୁ ବର୍ତ୍ତମାନ ଆମେ ଅନେକ ବନ୍ଧୁଙ୍କ ପରିସରରେ ରହିମଧ୍ୟ ସମ୍ପର୍କର ସମ୍ପ୍ରସାରଣ କରିପାରି ନାହାନ୍ତି। ସମସ୍ତେ ଚୁପ ଯେମିତି ପିଲାବେଳର ସାଙ୍ଗମାନେ ନିଜକାମରେ ବ୍ୟସ୍ତ କାହାକୁ ସମୟନାହିଁ।ସମୟ ବାହାର କରିବାକୁ କାହାର ମନସ୍ତତ୍ୱ ନାହିଁ ଏମିତି ଲାଗେ।କାର୍ଯ୍ୟାଳୟ ମଧ୍ୟରେ ସମସ୍ତେ ଚୁପଚାପ କେହି ମନଖୋଲି ହସିପାରନ୍ତିନି ଏମିତି ଏମିତି ସବୁକିଛି ହାତରୁ ଚାଲିଯାଇଥାଏ ।

ସମ୍ପର୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହାକୁ ଆମକୁ ମାନି ଚଳିବାକୁ ହେବ। ଏଠି କେବଳ ସମ୍ପର୍କ ବ୍ୟତୀତ ଅନ୍ୟକିଛିର ସତ୍ୟତା ନାହିଁ ଏହାର ପରିସରକୁ ବ୍ୟାପକ କଲେ ଆମେ ଓଠଖୋଲି ବେଶ ହସିପାରିବା। ପରିବର୍ତ୍ତିତ ସମୟ ସଂସ୍କରଣରେ କେବଳ ବନ୍ଧୁତା ଶ୍ରେଷ୍ଠ ଯାହା ମନକୁ ଯଥେଷ୍ଟ ଆନନ୍ଦ ଦେବ ଓ ଶାନ୍ତି ସୃଷ୍ଟିକରିବ। ନିସଙ୍ଗତା ରୁ ଆମେ ଦୁରେଇଯିବା।

ଅରେଇ, ଯାଜପୁର
9658614728

ISSN NO.
2582-208X

# କୃଷ୍ଣ ସ୍ୱୟଂ ଭଗବାନ



ସିନ୍ଧୁ ନନ୍ଦିନୀ

ସକଳଚରାଚର
ସତ୍ୟ ସନାତନ
କୃଷ୍ଣ ସ୍ୱୟଂ ଭଗବାନ

ଜଗତ ହିତ
କଲ୍ୟାଣ ପାଇଁ
ସର୍ବଦା ଥାନ୍ତି ଯତ୍ନବାନ

ବିଶ୍ୱାସେ ମିଳନ୍ତି
ହରି ସଭିଙ୍କୁ
ତର୍କରେ ବହୁ ଦୂର

ସକଳ ଦୁଃଖ
ଉଭେଇ ଯାଏ
ସେ ତ ବ୍ରହ୍ମାଣ୍ଡ ଠାକୁର

ଭାବର ଠାକୁର
ଭାବକୁ ବୁଝନ୍ତି
ନ ଖୋଜି କିଛି କାରଣ

ISSN NO.
2582-208X

ଯାହା ମାଗିବା
ସବୁ ପାଇବା
କରିଦିଏ ଏହା ପ୍ରମାଣ

ତୁମ ମହିମାର
କି ଗୁଣ ଗାଇବି
ଅନୁଭବର ତୁମେ ଠାକୁର

ସେଥିଲାଗି ପ୍ରଭୁ
ତୁମେ ଅଟ
କୋଟି ବ୍ରହ୍ମାଣ୍ଡ ଠାକୁର

ଜୟ ନାରାୟଣ
ଶ୍ରୀ ବାସୁଦେବ
ବିଞ୍ଚିଦିଅ ଆଶିଷ କରୁଣାର

ଜଗତ ପାଳକ
ହେ ଦୁଃଖ ନାଶନ
ମୋହମାୟା ଭରା ସଂସାର

ହେ ଇଚ୍ଛାମୟ
ସର୍ବ ଶକ୍ତିମାନ
ତୁମେ ଯେ ମୁକ୍ତିର ଭଣ୍ଡାର

ଦାମୋଦର ହେ
ଦୟା ର ସାଗର
ପ୍ରଭୁ ତୁମେ ବ୍ରଜ ସୁନ୍ଦର

ଭୁବନେଶ୍ୱର

ISSN NO.
2582-208X

# ସ୍ୱାର୍ଥପର



ଶୁଭଶ୍ରୀ ବେହେରା

ସବୁ ଶାମୁକାରୁ ମୋତି ମିଳେନାହିଁ
ସବୁ ଫୁଲେ ନାହିଁ ବାସ
ସବୁ ଋତୁ ନୁହେଁ ବସନ୍ତ ସମାନ
ସବୁ ନୁହେଁ ମଧୁ ମାସ
ସବୁ ବାଉଁଶରେ ଉଡେନା ପତାକା
ସବୁ ଓଠେ ନାହିଁ ହସ
ସବୁ ଜୀବନରେ ସୁଖ ଲେଖାନାହିଁ
ସବୁ ପ୍ରେମେ ନାହିଁ ବିଷ
ସବୁ ରାତି ନୁହେଁ ପୁନେଇ ସମାନ
ସବୁ ଫଳ ନୁହେଁ ମିଠା
ସବୁ ପୁଅ କେବେ ପ୍ରେମିକ ନୁହନ୍ତି
ସବୁବିନୁହନ୍ତିଦେବତା
ସବୁ ଏଠି ନୁହେଁ ସତ୍ୟ
ସବୁ ଏଠି ନୁହେଁ ମିଥ୍ୟା
ସବୁ ଏଠି ନୁହନ୍ତି ନିଜର
ଆଉ ସବୁ ନୁହଁନ୍ତି ପୁଣି ସ୍ୱାର୍ଥପର ॥

ସ୍ନାତକୋତ୍ତର ଅନ୍ତିମ ବର୍ଷ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ନୀରବତା



ସୁରନ୍ଦୀ ପ୍ରଧାନ

କାହିଁକି କେଜାଣି ଆଜି ଭଲ ଲାଗେ
ଏଇ ନୀରବତା ମୋତେ
ହଜି ଯାଇଛି ମୋ ଅନେକ ସପନ
ହସର ଫଗୁଆ ସାଥେ ।।

ମନର କଥାକୁ ନିରବରେ ମାପେ
ହଜିଲା ଅତୀତ ସ୍ମୃତି
ସେଇ ବାସ୍ନାୟିତ ସବୁଜ ସକାଳ
କେମିତି ହୋଇଲା ଇତି ।।

ହଜିଯାଇଛି କି ଅମୂଲ୍ୟ ମୁକୁତା
ସାଗର ର ଢେଉ ତଳେ
ହାତ ବଢ଼ାଇଲେ ପାଏ ନାହିଁ ଜମା
ହୃଦୟ ଟା ଯାହା ଜଳେ ।।

ISSN NO.
2582-208X

ନିଜକୁ ଢାଙ୍କିଛି ଗୋଟିଏ ପରସ୍ତ
ଲୁଚାଇ ମନର ବ୍ୟଥା
କାହା ନଜରରେ ନଅ ଆସୁ କେବେ
ଦରଦୀ ଅକୁହା କଥା ।।

ସରି ଯାଉ ମୋର ଏଇ ନୀରବତା
ଆୟୁଷ ର ଗାର ନେଇ
ଲିଭିଯାଉ ମୋର ଏ ଜୀବନ ଦୀପ
ଅତୀତ ପୃଷ୍ଠା କୁ ନେଇ ।।

କୁସୁପୁର, ଗୋପ, ପୁରୀ-752110
ସମ୍ପର୍କ 7008260516

ISSN NO.
2582-208X

# ଖରା



କୁଞ୍ଜ ବିହାରୀ ସାହୁ

ଛି...ଛି...ଛି..ତୁ ଗୋଟେ ନିଆଁଲଗା ବେଇମାନୀ ଖରା । ନା ଅଛି ଜାତି ନା ଅଛି ଗୋତ୍ର । ଲୋକଙ୍କ ଉପରେ ତାତି ଅଜାଡ଼ି ଦେଉଛୁ ଯେ କାହା ପ୍ରତି ତୋର ଦୟା-ମାୟା ନାହିଁ । କିଏ ମଲେ କିଏ ଗଲେ ତୋର ଯାଏ ଆସେ କେତେ ! କାହାକୁ ବାଟରେ ଚଲେଇ ଦଉନୁ କି ଥଣ୍ଡା ପାଣି ପିଆଇ ଦଉନୁ । ହାଲିଆ ମାରିବାକୁ ଜାଗା ଖଣ୍ଡେ ଦଉନୁ ।

ନେତି ମାଉସୀ ଉପରେ ତୋର ପ୍ରବଳ ରାଗ । ପିଲା ଦୁଇଟାକୁ ପିଣ୍ଡାରେ ଶୁଆଇ ବାସିକାମ ସାରିଲାବେଳକୁ ପିଲାଙ୍କ ଉପରେ ଅଜାଡ଼ି ହୋଇପଡୁଛି ଆପଣାଛାଏଁ। କେମିତି ଭଲରେ ଶୋଇବେ ପିଲା ଦୁଇଟା !

ପେଟପାଟଣା ପାଇଁ ନେତି ମାଉସୀ ଗୁମାସ୍ତା ଘରେ ପାଇଟି ସାରି ଫେରିଲାବାଟକୁ ଅଧବାଟରେ ଓଗାଳିଦେଉଛୁ । ତା ମୁଣ୍ଡ ଉପରେ ଲଥ୍ କରି ବସିଯାଉଛୁ ଯେ ଥକ୍କାମାରିବାକୁ ଗଛ ଛାଇ ଖୋଜୁଛି । ଶୋଷରେ ତା ତଣ୍ଟି ଶୁଖିଯାଉଛି । ବଡ କଷ୍ଟରେ ଘରକୁ ଫେରୁଛି ନେତି ମାଉସୀ ।

ସନା ମାଝି ବିଲକୁ ଯାଇ ହଳ କରୁଛି ଟାଇଁ ଟାଇଁ ଖରାରେ । ହାଲିଆ ହୋଇ ହିଡ ଉପରେ ବସିପଡୁଛି । ତାଳୁକୁ ଫଟେଇଦେଉଛୁ ଯେମିତି ! ଘୋଟଣା ଧରି ତା ଭାରିଯା ବିଲକୁ

ISSN NO.
2582-208X

ଗଲାବେଳକୁ  ବୁଲା କୁକୁର ଦୁଇଟା ଭୋକ ବିକଳରେ ଜିଭ ଲହ ଲହ କରୁଛନ୍ତି । ସନା ମାଝି ବାସିତୋରାଣି ପିଇବା ପୂର୍ବରୁ ବିଚରା ବୁଲାକୁକୁର ମୁହଁ ମାରିଦେଉଛନ୍ତି । ବୁଲା କୁକୁର କଅଣ ବା କରିଥାଆନ୍ତେ । ତୋ ଚେହେରା ଦେଖି ଡରିଯାଉଛନ୍ତି । ତା ପଛରେ ଗୋଡଉଥିବା ଛୁଆ ଚାରିଟା ଭୋକିଲା ଆଖିରେ ଚାହିଁ ରହୁଛନ୍ତି ।

ମଝିପିଣ୍ଡାରେ ବାସି ପଖାଳ କଂସାକୁ ଖୋଲିଦେଇ ଯେତେବେଳେ  ଝିନା ଶବର ବସିପଡୁଛି, କଂସା ଚାରିପଟରେ ମାଛି ଭଣଭଣ ହେଉଛି । ଆଚାର କି ଶାଗଭଜା ନେଇ ପଖାଳ ଖାଇବ  କେମିତି ?  ତଥାପି ବଡ କଷ୍ଟରେ ଖାଇପିଇ  ମସିଣାରେ ଗଡପଡ ହେଲାବେଳକୁ ଜଙ୍ଗଲିଆ ମଶା କାନ ପାଖରେ ଘିରିଘିରି ବୁଲୁଛନ୍ତି । କି  ଗୀତ ଗାଉଛନ୍ତି ସେମାନେ ବୁଝିହେଉନି । ତୁ ଏଡ଼େ ଅବିବେକୀ ଯେ ମାଛି କି ମଶାକୁ ଘଉଡ଼ାଇ ପାରୁନି ।

କହିଲୁ.. କହିଲୁ ଏ ଅଜାତିଆ ଖରା, ତୁ ଏଡେ ବେସରମ ଯେ ମୋ ଝିଅ ଉପରେ ବି ଆଖି ପକଉଛୁ । ସିଏ ଟିକେ ବାବୁଆଣୀଙ୍କର ଦେହଘଷା କରିବ ବୋଲି ଗଲାବେଳକୁ ବାଟ ମଝିରେ ଠିଆ ହୋଇରହୁଛୁ ।  ତା ଦେହରେ ନେସି ହେଇଯାଉଛୁ । କୋଉଠି ଛାଇ ଦେଖି ମୋ ଗେହ୍ଲୀ ଝିଅଟା ବସିଲାବେଳକୁ ଗାଁ ଏମିତି କେତେ ହଇରାଣ, ହରକତ କରୁଛୁ ଯେ !

ତୋର ଟିକେ ବି ଦରଦ ନାହିଁ ସ୍କୁଲ ପିଲାଙ୍କ ଉପରେ । ସକାଳୁଆ ସ୍କୁଲରୁ ଫେରୁ ଫେରୁ ସେମାନଙ୍କର ଆଖିରେ ପଶିଯାଉଛୁ । ମୁହଁଟାକୁ ପୋଡ଼ିଦେଲାପରି କରିଦେଉଛୁ । ଶୋଷରେ ପିଲାଏ ତହଳ ବିକଳ ହେଉଛନ୍ତି । କେତେ ଶୀଘ୍ର ଘରକୁ ଫେରିବେ ଭାବିଲାବେଳକୁ କେତେଜଣଙ୍କୁ ମୂର୍ଚ୍ଛା କରିଦେଉଛୁ । ଏ ଚଇତ୍ର ବୈଶାଖ ମାସରେ ତୋ ବହପ ବହୁତ । କାହାକୁ ଖାତର ନାହିଁ । ଏକା ଜିଦ୍ କାହାକୁ ଛାଡ଼ିବିନି । ସେଇଥିପାଇଁ କାଳବୈଶାଖୀ କରି ମଣିଷମନରେ ଭୟ ଛାଡ଼ିଦେଉଛୁ । ଦାଉ ସାଧୁଛୁ । ବଡ଼ବଡ଼ିଆ ସିନା କୋଠାଘରେ ମହାମସ୍ତିରେ ଦିନ କାଟୁଛନ୍ତି ହେଲେ ଗରିବଗୁରୁବା ଲୋକେ କେତେ ଦହଗଞ୍ଜ ହେଉଛନ୍ତି । କାହାର ଚାଳ ଛପର ଉଡ଼େଇଦେଉଛୁ ତ କାହାର ଚୁଲି ଭାଙ୍ଗିଦେଉଛୁ ।

ISSN NO.
2582-208X

ମୁଁ ଆଉ ସହିପାରୁନି ଲୋ ଖରା ତୋ ବହପକୁ । ଆଉ କେତେଦିନ ଏମିତି ଦହଗଞ୍ଜ କରୁଥିବୁ କହିଲୁ । ଯା...ପଳା ବେଗି ବେଗି । ମେଘକୁ ଡାକିଦେବୁ । ଦେହକୁ ଝାଡ଼ି ବରଷା ଝରେଇବ । ଟିକେ ଥଣ୍ଡା ଲାଗିବ । ମାଟି ଆଁ କରି ମେଘକୁ ଅନେଇଛି । ଗଛଲତା ଶୁଖି ଶୁଖି ମେଘକୁ ହାତଠାରି ଡାକୁଛନ୍ତି ।

ମୋ କଥା ଶୁଣି ଖରା ଫେଁ...ଫେଁ ହସିଲା । ଦେହକୁ ଫୁଲେଇ କହିଲା - ଗଛ କାଟିଲାବେଳେ, ରାସ୍ତାଘାଟ ତିଆରିଲାବେଳେ, କୋଠାଘର କଲାବେଳକୁ ମୋ କଥାକୁ ଆଡେଇଦେଲୁ । ତୁ ମଣିଷ ଗୋଟାଏ ସ୍ୱାର୍ଥପର । କାମ ସରିଗଲେ କିଏ କାହାକୁ ପଚାରେ। ତୁ ଦୁଃଖ ପାଇବୁନି ତ କିଏ ପାଇବ । ମୋ ମନ ହେଲେ ମୁଁ ଆପେ ଆପେ ଫେରିଯିବି ।

ଯା..ଏମିତି ଛଟପଟ ହେଉଥା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ହୃଦୟର କବିତା



କୁଞ୍ଜବିହାରୀ ରାଉତ

ମୁଁ ତୋ ଆଖିର କଜଳ ଧାର
ମୁଁ ତୋ ପାଦରେ ଅଳତା ଧାର
    ପଦ୍ମ ଫୁଟଇ ଚାଲିରେ ତୋର...

ତୋ ପାଇଁ ମୋର ଶତଶୃଙ୍ଗାର
ତୋ ବିନା ସାଥୀ ସବୁ ଅନ୍ଧାର
ତୁ ମୋ କବିତା ହୃଦ ଖାତାର
ନୀଳ ଉର୍ମିରେ ନାବିକ ତୋର
    ସ୍ୱପ୍ନ ବଣିକ ଭାବନା ମୋର...

ମନ ଖୋଜଇ ପରଶ ତୋର
କଇଁ ମୁଁ, ତୁ ମୋ ଚନ୍ଦ୍ରମା ମୋର
ମୁଁ ତୋ ଓଠର ହସର ଧାର
ମୁଁ ଡାଏରୀ ତୁ, କବିତା ମୋର
    ସମ୍ପର୍କ ଆମ ଅଛିଣ୍ଡା ଡୋର ....

ISSN NO.
2582-208X

ତୋ ପାଇଁ ମୋର ସାରା ସଂସାର
ମୁଁ କ୍ଷୀର ତୁ ମୋ, ଲବଣୀ ସର
ତୁ ଥିଲେ ସଖୀ, ସାଥିରେ ମୋର
ଦୁନିଆକୁ ମୋ, ନଥାଏ ଡର
ସପନ ହେବି ମୁଁ ଆଖିରେ ତୋର...

ତୋଳି ଆଣିବି ରକ୍ତ ମନ୍ଦାର
ଗଢ଼ିବା ଆମେ, ସୁନା ସଂସାର ....

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ମୁଁ ସେଲ୍ୟୁଲାର ଜେଲ୍ କହୁଛି...



ଝିଲିମିଲି ସାହୁ

ଇତିହାସର ସ୍ୱର୍ଣିମ ପୃଷ୍ଠାରେ
ଲିପିବଦ୍ଧ ମୁଁ କାଳକାଳ ପାଇଁ
ସାକ୍ଷାତ ମୂକ ସାକ୍ଷୀ ଟିଏ ହୋଇ
ଇଂରେଜଙ୍କ କ୍ରୁର ଅତ୍ୟାଚାରରେ ଅତିଷ୍ଠ
ଆଣ୍ଡାମାନ ଇତିହାସର କଳଙ୍କିତ କାହାଣୀ
ମୁଁ ଦେଖିଛି କୋକିଳର ମଧୁର କୂଜନ ସାଥେ
ସଂଗ୍ରାମୀ ମାନଙ୍କ ଯନ୍ତ୍ରଣା ଜର୍ଜରିତ ସ୍ଥୂଳ ଶରୀରେ
ପ୍ରଜ୍ୱଳିତ ହେଉଥିବା ଦେଶପ୍ରେମ ବହ୍ନି
ମାଟି ମା' ପାଇଁ ନିସ୍ୱ ହେବାର ଅଦମ୍ୟ ଶକ୍ତି
ମୁଁ ଦେଖିଛି ତୁମ ହୃଦୟ ବହ୍ନିକୁ ଶାନ୍ତ୍ୱନା ଦେବାକୁ
ଅନେକ ଥର ପ୍ରକୃତି ରାଣୀ କାନ୍ଦିଥିବାର ଦୃଶ୍ୟ
ପାଶୋରି ପାରିନି ଶହୀଦ ସମୂହଙ୍କ ଗରମ ରକ୍ତରେ
କୋଣ କୋଣେ ପ୍ରକମ୍ପିତ ହେଉଥିବା ଦେଶପ୍ରେମ ନାରା
ଭୋକିଲା ପେଟରେ  ଭାରତ ମାତା କି ଜୟ ଧ୍ୱନି
ଯାହାକୁ ଶୁଣି ମୋ ପାଷାଣ ଶରୀରୁ ଝରୁଥିଲା ରକ୍ତ
ଦେଶପ୍ରେମୀ ଙ୍କ ନିଃଶ୍ୱାସେ କମ୍ପୁଥିଲା ଏ ଶରୀର


www.vedantimagazine.com

ISSN NO.
2582-208X

ତିଳତିଳ ଜଳି ସମୁଦ୍ର ବାରି ପାଲଟିଲା କଳାପାଣି
ସମସ୍ତେ କୁହନ୍ତି ପାଷାଣର ନଥାଏ ହୃଦୟ
ହଁ, ମୁଁ ନିରବେ ଅସଂଖ୍ୟ ଝଡକୁ ସହିଥିବା ପଥର
ହେଲେ ମୋ ବୁକୁର ପ୍ରତିଟି ପଥରେ ଲେଖା
ବର୍ବର  ଇଂରେଜଙ୍କ ନିର୍ମମ ଅତ୍ୟାଚାରର ଗାଥା
ଏ ନିର୍ଜୀବ ଟା କ'ଣ ଅବା  କରିପାରିଥାନ୍ତା..!!!
କିନ୍ତୁ ଏବେ ମଧ୍ୟ ଶୁଙ୍ଘି ପାରିବ ମୋ ଶରୀରୁ
ଭୁରୁଭୁରୁ ହୋଇ ବାହାରୁଥିବା ଦେଶପ୍ରେମର ବାସ୍ନା
ମାଟି ମା' ପାଇଁ କିଛିବି କରିଯିବାର ଭୀଷ୍ମ ପ୍ରତିଜ୍ଞା
ଏହାହିଁ ମୋ ଜୀବନର ଅବ୍ୟକ୍ତ କଥା
ହେ ଶହିଦ, ଅତୁଲ୍ୟ ତୁମର ଦେଶଭକ୍ତି
ତୁମରି ଆଶ୍ଳେଷ ପାଇ  ଗର୍ବିତ ମୁଁ ଆଜି
ମୋ ଦେଶବାସୀ, ଥରେ ଆସ ଦେଖିବାକୁ, ଶୁଣିବାକୁ
ଏଇ ହତଭାଗା ମୂକ ସାକ୍ଷୀ ଅନୁରୋଧ ରଖୁଛି
ମୁଁ  ସେଲ୍ୟୁଲାର ଜେଲ୍ କହୁଛି.....!!!!!

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ବନ୍ଦେ
# ଉତ୍କଳ ଜନନୀ



ତପନ ଦୀକ୍ଷିତ (ବେଳାଭୂମି)

'ଗରବେ କହିବି ଓଡ଼ିଆ ପୁଅ ମୁଁ
ଓଡ଼ିଆ ମୋ ମାତୃ ଭାଷା
ଯାହାର ପବନ ପ୍ରତି ନିଶ୍ୱାସେ ମୋ
ପାଣି ଯା ଶୋଣିତେ ମିଶା''
(ବନ୍ଦେ ଉତ୍କଳ ଜନନୀ )'

ମଳୟରେ ଯା'ର ତୁଳସୀ ମହକ
ଭକତିର ଛୁଆଁ ଦିଏ
ଗାଈଆଳ ପିଲା ନିତି ସଞ୍ଜେ ଯହିଁ
ମୁରଲୀ ବଜାଇ ଯାଏ,
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ ଯହିଁ
ଅଇଁଠା ଅବଢା ଖାଇ
ପ୍ରେମ ବାଂଟୁଥାନ୍ତି ସଭିଏଁ ଯେଉଁଠି
ଆନନ୍ଦେ ବିଭୋର ହୋଇ,
ଯାହାର ଠାକୁର ଜଗତର ନାଥ
ସାଗର ଯା ମହୋଦଧି
କୁଳୁ କୁଳୁ ଛନ୍ଦେ ବହି ଚାଲିଥିବା

ISSN NO.
2582-208X

ସରିତ ଯା ମହାନଦୀ,
ଚଣ୍ଡାଶୋକ ଯହିଁ ଧର୍ମାଶୋକ ହୋଇ
ନୁଆଁଇଲେ ତାଙ୍କ ମଥା
ଭଗ୍ନ କୋଣାରକ ଗର୍ବେ କୁହେ ଯହିଁ
ଅମର କୀର୍ତ୍ତିର ଗାଥା,
ମାଟିରୁ ଯାହାର ମଧୁ ଗନ୍ଧ ଛୁଟେ
ସ୍ନେହ ବୋଳା ଯାର ଭାଷା
ସୁଜଳା ସୁଫଳା ଚାରୁ ଲାସ୍ୟମୟୀ
ସେଇ ମୋ ଦେଶ ଓଡିଶା ।।

ନାସିକେଶ୍ୱର,
କାକଟପୁର, ପୁରୀ(ଓଡିଶା)

ISSN NO.
2582-208X

# ବୋଉ ଖୁବ୍ ମିଛେଇ



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ବାଲିଖେଳ ସାରିବା ଦିନରୁ ବାପା ବୋଉ ଓ ପରିବାର ସଦସ୍ୟଙ୍କ ମୁଣ୍ଡରେ ପାହାଡ ପରି ଚିନ୍ତା । ଚଣ୍ଡୀ ଝିଅ ସ୍ୱାତୀକୁ କିପରି ହାତକୁ ଦିହାତ କରିବେ । ଯୌବନ ସ୍ୱାତୀ ଶରୀରରେ ଛାଇଯିବା ଦିନରୁ ବୋଉ ପ୍ରତ୍ୟେକଦିନ ଘଣ୍ଟେ ଦି ଘଣ୍ଟା ହାଣ୍ଡିଶାଳର କୋଚିଙ୍ଗ ସେଣ୍ଟରରେ କୋଚିଙ୍ଗ ଦିଏ ସ୍ୱାତୀକୁ ।

ଶାଶୂଘର ବଡଦେଉଳ ଠାରୁ ବଡ ପ୍ରତ୍ୟେକ ଝିଅ ପାଇଁ । ଶାଶୁ ଶ୍ୱଶୁର ବାପା ମାଙ୍କ ଠାରୁ ହଜାର ଗୁଣରେ ବଡ । ଶାଶୁ ଶ୍ୱାଶୁରଙ୍କୁ ବାପା-ମା ପରି ସମ୍ମାନ କରିବୁ ସେ ତତେ ଝିଅପରି ସ୍ନେହ ଶ୍ରଦ୍ଧା ଦେଇ ପରୀ କରି ରଖିବେ । ନଣନ୍ଦ ଦିଅରଙ୍କୁ ଭାଇଭଉଣୀ ପରି ସ୍ନେହ କରିବୁ ସେ ତୋତେ ସମ୍ମାନ ଦେବେ ଓ ଆଦର କରିବେ ।

ଦୀର୍ଘ ଦଶବର୍ଷ କାଳ ଶୁଣିଶୁଣି ଆସୁଥିବା ପୁରାଣର ଆଜି ଅନ୍ତ ଘଟିଛି । ସ୍ୱାତୀ ମଥାରେ ସିନ୍ଦୂର ହାତରେ ଶଙ୍ଖା ପିନ୍ଧି ସୌଭାଗ୍ୟବତୀ ସାଜିଛି କିନ୍ତୁ ଦୁର୍ଭାଗ୍ୟସହ ସଂଘର୍ଷ କରିଚାଲିଛି । ଏ ଦୁର୍ଭାଗ୍ୟକୁ ବାପା ବୋଉ କେବେ ଭେଟି ନାହାନ୍ତି । ଯଦିଓ କେବେ ଭେଟନ୍ତି ଖୁବ୍ ସହଜରେ କହିଦିଅନ୍ତି ତୋ ଭାଗ୍ୟରେ ଯାହାଥିଲା ତୋତେ ଭୋଗିବାକୁ ହେବ। ଏବେ ସ୍ୱାତୀ ଗୋଟିଏ କଥା ଭାବୁଛି ବାପା ବୋଉ କଣ ତାର ଭାଗ୍ୟ ଦିନେ ନଥିଲେ କି ?

ISSN NO.
2582-208X

ବୋଉ ପୁରାଣକୁ କାର୍ଯ୍ୟରେ ଲଗାଇବାର ସମୟ ଆଜି ଆସିଯାଇଛି । ସ୍ୱାତୀ ମନେମନେ ଭାବୁଛି ମୋ ବଡଦେଉଳର ଦେବତା ଓ ଦେବୀଙ୍କ ସେବାରେ କେବେବି ହେଳା କରିନି । କିନ୍ତୁ ପ୍ରତିବଦଳରେ ବାପା ଯୌତୁକରେ ଦେଇନଥିବା  ରାଣୀହାର ପାଇଁ ଶାଶୂ ସବୁଦିନ ପୁରୁଣ ପଢନ୍ତି ମୋ ବଂଶବୁନିଆଦିକୁ ଭିକାରୀର ପୁରସ୍କାର ଦେଇ ।

ବୋଉର କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଛି ଏତେ ସବୁ ପରେବି । ନଣନ୍ଦ ଦିଅରଙ୍କୁ ସାନଭାଇ ଭଉଣୀ ପରି ସ୍ନେହ ଶ୍ରଦ୍ଧାରେ କେବେବି ହେଳାକରିନି କିନ୍ତୁ ଏ ସ୍ନେହ ଶ୍ରଦ୍ଧା କେବଳ ମୋ ପରି ଛୋଟଲୋକ ଘରର ଝିଅମାନେ କରିପାରନ୍ତି । ବଡଲୋକି ଘରର ବୋହୂ ହେବା ଲାଳସାରେ ।

ୟା ଭିତରେ ଦୀର୍ଘ ପାଞ୍ଚବର୍ଷ ବିତିଗଲାଣି । ସବୁଠୁ ପରେବି ସ୍ୱାତୀ କେବେବି ବୋଉର ପୁରାଣକୁ ପ୍ରତ୍ୟାକ୍ଷାନ କରିପାରିନି । ଆଖିର ଲୁହକୁ ଓଠରେ ପିଇପିଇ କେବଳ ବୋଉ ପରି ମିଛ କହିବା ଶିଖିଯାଇଛି ।

ମୁକୁନ୍ଦ ପାତ୍ର ମହାବିଦ୍ୟାଳୟର,
ବଳରାମପୁର, ଯାଜପୁର,
୭୭୪୯୮୦୦୨୦୭

ISSN NO.
2582-208X

# ସାନ ସିନା ଦାନ ତା ମହାନ



ନଳନୀ ଦାଶ

ଗୁଣ୍ଡୁଚି ମୂଷାକୁ ଭାବନହିଁ ସାନ
ରାମାୟଣେ ତାର ସ୍ଥାନ
ଯୁଗଯୁଗ ଧରି ଲିପିବଦ୍ଧ ଅଛି
ଦାନ ତା ଅଟେ ମହାନ ।
ଛୋଟ ଗୁଣ୍ଡୁଚିଟି ପାଣିରେ ଗାଧୋଇ
ବାଲିରେ ଯାଏସେ ଗଡ଼ି
ସେତୁବନ୍ଧ କାମେ ଓଦା ଶରୀରରୁ
ବାଲି ଦେଇଥାଏ ଝାଡି ।
ମହତ କାମକୁ ଦେଖିଲେ ଶ୍ରୀରାମ
ପାଖକୁ ଆସିଲେ ତାର
ପିଠିକୁ ଆଉଁସି ଆଶିର୍ବାଦ ଦେଲେ
ପଡ଼ିଲା ତିନିଟି ଗାର ।
ଶ୍ରୀରାମଙ୍କ ଭକ୍ତ ହନୁମାନ ଦେଖି
ମନେ ମନେ ଈର୍ଷା କଲେ
ବାଟେ ଥକିଥିବା ଗୁଣ୍ଡୁଚି ମୂଷାକୁ
ନିଜ ପାଦେ ଦଳିଦେଲେ ।

ISSN NO.
2582-208X

ପ୍ରଭୁଙ୍କର ପାଦେ କରିଲା ମିନତୀ
ଗୁଣ୍ଡୁଚି ମୂଷାଟି ଯାଇ
ପ୍ରଭୁଙ୍କ ପରମ ଭକ୍ତ ହନୁମାନ
ଜାଣି ସେ ଆସିଲା ଧାଇଁ ।
ଶ୍ରୀରାମଙ୍କ ଭକ୍ତ ପାଦତଳେ ସ୍ଥାନ
କରିଥିଲି କେଉଁ ପୁଣ୍ୟ
ଲୋଡାନାହିଁ କିଛି ପ୍ରଭୁ, ଭକ୍ତପାଇ
ଜୀବନ ହୋଇଲା ଧନ୍ୟ ।
ଶୁଣରେ ପିଲାଏ ଗୁଣ୍ଡୁଚି ମୂଷାଟି
ପରି କର ଯଦି କାମ
ଜଗତେ ଉଡ଼ିବ ତୁମ ଯଶ ବାନା
ଯୁଗେ ଯୁଗେ ରହେ ନାମ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ISSN NO.
2582-208X

# ପଞ୍ଚୁଦୋଳ



ସୁନନ୍ଦା ମହାନ୍ତ

ଦୋଳ ପୂର୍ଣ୍ଣମୀର ପାଞ୍ଚ ଦିନ ପରେ
ଆସିବ ପଞ୍ଚୁଦୋଳ
ପଡିଆ ସାରା ଜମି ଶହେପରେ ଠାକୁର
ନଈ ବହେ କଳକଳ ଛଳଛଳ
ଯୋଉ ସ୍ଥାନ ସବୁ ପାଇଛି ପ୍ରସିଦ୍ଧି ବିମାନେ
ଆସିବେ ଠାକୁର ଦଳ ଝୁଲାଇ ଦୋଳ
ରୋଷଣୀ ହୋଇବ ବାଣ ଗରଜିବ ଫଗୁ
ଉଡ଼ିବ ସାତରଙ୍ଗୀ ଚଳଚଞ୍ଚଳ
ବିମାନେ ଆସିବେ ରାଧା ମାଧବ ହରି ଓ ହର
ପାଉନାହିଁ ଆଖି ହୁଏ ଢଳଢଳ
ଦୋକାନ ବଜାର ଗରାଖ ଗ୍ରାହକ ସଭିଏଁ
ଏକତ୍ର ମେଳ ଆସିଛି ପଞ୍ଚୁଦୋଳ
ନାଗା ନାଚ ହେବ ପାଟୁଆର ବାହାରିବ
ସମସ୍ତେ ହେଲେଣି ଠୁଳ
ଯାଆନା ଲୋ ଗୋରୀ ସୁନା ରୂପା ପିନ୍ଧି

ISSN NO.
2582-208X

ଭଲ ନାହିଁ ବେଳକାଳ
ମଣିଷଙ୍କ ହୋଲି ଦେଖି ଠାକୁର ଆସନ୍ତି ଝୁଲି
ଫଗୁର ଉଡ଼ିବ ଖେଳ
ପଞ୍ଚୁଦୋଳ ପରେ ଦଶଦୋଳ ପାଳି
ଠାକୁର ଫେରିଯିବେ ତତ୍କାଳ
ପୁଣି ବରଷେ ଅପେକ୍ଷା କରିଲେ ଦେଖିବ
ମେଳଣପଡିଆରେ ବିମାନ ବୋଲାଇ ଦୋଳ
ଝୁଲ ନିତାଇ ଝୁଲ ଗୋବିନ୍ଦ ଝୁଲ କହ୍ନେଇ
ବିଶ୍ୱାସ ନୈବେଦ୍ୟ ପରିମଳ
ମଣିଷ ଦେବତା ଏକାକାର ହୋଇ ପାଳନ୍ତି
ହୋଲି ପରବର କୌତୁହଳ ଖେଳ ॥

ସାକ୍ଷୀଗୋପାଳ
ପୁରୀ
9040977327

ISSN NO.
2582-208X

# ବୋଉ ପାଇଁ ଚିଠି



ଶୁଭେନ୍ଦୁ ଶେଖର ମିଶ୍ର

ବୋଉ, ତୋ ପାଦର ଧୂଳି ମଥାରେ ମାରି
ପୁଣ୍ୟ ଅର୍ଜିବି ଏଇ ସଂସାରେ ।
ଧନ୍ୟ ବୋଉ ମୋର ଆଶିଷ ତୋହର
ତୋରି ପାଇଁ ମୁଁ ଆଜି ଜୀବିତ ଏ ସଂସାରେ ।
ଅଭାବ ଅନାଟନକୁ ଭ୍ରୁକ୍ଷେପ ନକରି
ଟାଣି ଆଣିଲୁ ମୋତେ ମୃତ୍ୟୁମୁଖରୁ !
ମା ତୋତେ ଚିହ୍ନିବାକୁ ବି
କେତେଯେ ଜନ୍ମ ନବାକୁ ପଡିବ !
ପ୍ରଭୁହେ ତୁମ ପାଦତଳେ ଏତିକି ମାଗୁଣ
ଯଦିବା ଜନ୍ମ ନିଏ କେବେ;
ବୋଉ ତୁହିଁ ମୋତେ ଗର୍ଭରେ ଧାରଣ କରିବୁ
ଅବା ପୋଷିବୁ ଯଶୋଦା ମା ମୋର ।
ଯିଏ ଏକ ଅମୃତର କଳସ ପରି
ଭରି ରହିଥାଏ ସ୍ନେହ, ପ୍ରେମ ଆଉ ଶକ୍ତିର ଭଣ୍ଡାର ।

ISSN NO.
2582-208X

ଦୁନିଆର କୋଳାହଳ ମଧ୍ୟେ
ତୋ ମୁହଁରେ ଦିଶୁଥାଏ ନିରବ ଆତ୍ମବିଶ୍ୱାସ ।
ତୋ ଆଶୀର୍ବାଦେ ମାତ ସମସ୍ତ ସନ୍ତାନ ସୁପ୍ରତିଷ୍ଠିତ ।
**********
କିନ୍ତୁ ତୁ ନାହୁଁ ତ ଆଜି ଦେଖିବାକୁ ସେ ଦିନ
ପ୍ରଭୁ ତୁମ ନିକଟେ ରହିଲା ମୋ ଆପତ୍ତି
ଦୁଃଖ ଦେବାର ଯଦି ଥିଲା,
ସୁଖର ସମୟବି ଦେଇଥାନ୍ତ ତିଳେ ଜୀବନରେ ତାର,
ବୋଲାଉଛ ଯେବେ ଜଗତର ସାଆଁନ୍ତ ତୁମେ ।।

୩୪, ପରିବହନ ଆପାର୍ଟମେଣ୍ଟ
ବସୁନ୍ଧରା, ଗାଜିଆବାଦ(ୟୁପି)
ମୋ: 8744073056

ISSN NO.
2582-208X

# ପଶ୍ଚିମବଙ୍ଗରୁ ପ୍ରକାଶିତ ଓଡ଼ିଆ ପ୍ରବାସୀ ପତ୍ରିକା

ସରୋଜ କୁମାର ବିଷୋୟୀ

ଉପକ୍ରମଃ-ଭାରତରେ ସାମାଜିକ, ରାଜନୈତିକ, ଭୌଗଳିକ ଓ ଭାଷା ଦୃଷ୍ଟିରୁ କେତେକ ପ୍ରଦେଶର ସୃଷ୍ଟି ହୋଇଛି। ଭାରତର ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ଭାଷାର ବ୍ୟବହାର ପରିଲକ୍ଷିତ ହୁଏ। ଓଡିଶା ହେଉଛି ଭାରତର ଅନ୍ୟତମ ପ୍ରଦେଶ ଯାହାର ଭାଷା ହେଉଛି ଓଡ଼ିଆ। ୧୯୩୬ ଏପ୍ରିଲ ୧ ତାରିଖରେ ଭାଷାଭିତ୍ତିରେ ଓଡିଶା ପ୍ରଦେଶ ଗଠନ ହୋଇଥିଲା। ଯାହା ଥିଲା ଭାରତର ଭାଷାଦ୍ୱାରା ଗଠିତ ପ୍ରଥମ ରାଜ୍ୟ। ବିଭିନ୍ନ ସମୟରେ ଭାରତ ସରକାରଙ୍କ ସୀମା ନିର୍ଦ୍ଧାରଣ ନିୟମ ଦ୍ୱାରା କିଛି ଓଡ଼ିଆ ଭାଷା ଭାଷୀ ଓଡ଼ିଶାର ଭୌଗଳିକ ସୀମା ଖଣ୍ଡରେ ନ ରହି, ଅନ୍ୟ ଏକ ପ୍ରଦେଶର ସୀମଖଣ୍ଡରେ ରହିଲେ। ଓଡିଶା ପଡ଼ୋଶୀ ରାଜ୍ୟ ହେଉଛି ପଶ୍ଚିମବଙ୍ଗ। ଏହି ପ୍ରଦେଶର କୋଲକାତା, ହାଓ୍ୱଡ଼ା, ପଶ୍ଚିମ ମେଦିନିପୁର, ଦୁର୍ଗାପୁର, ଆସାନସୋଲ ଓ ଜଲପାଇଗୁଡି ପ୍ରଭୃତି ସ୍ଥାନରେ ଓଡ଼ିଆ ପ୍ରଭାସୀ ମାନେ ବସବାସ କରନ୍ତି। ଏହି ଅଧିବାସୀ ମାନେ ବିଭିନ୍ନ ସାହିତ୍ୟ ପରିଷଦ ବା ଅନୁଷ୍ଠାନ ତିଆରିକରି ଓଡ଼ିଆ ଭାଷା ସାହିତ୍ୟର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। କିଛି ଜଣ ନିଜର ବ୍ୟକ୍ତିଗତ ଉଦ୍ୟମରେ କିଛି ପତ୍ରପତ୍ରିକା ପ୍ରକାଶ କରୁଛନ୍ତି। ଏହି ପ୍ରବାସୀ ଓଡ଼ିଆ ମାନେ ଓଡିଶାରୁ ବିଛିନ୍ନ ଥିଲେ ମଧ୍ୟ ପତ୍ରିକା ଗୁଡିକ ପ୍ରକାଶ କରି ଆମ ଓଡ଼ିଆ ସାହିତ୍ୟର ବିକାଶପାଇଁ ଅହରହ ଉଦ୍ୟମ କରୁଛନ୍ତି।

ISSN NO.
2582-208X

ବିଷୟ ପ୍ରବେଶ:-

ସମାଜ, ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ପତ୍ରପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସାହିତ୍ୟିକଙ୍କ ସାହିତ୍ୟକୃତି ଗୁଡିକ ପତ୍ରିକାରେ ପ୍ରକାଶ ପାଇ ପାଠକ ନିକଟରେ ପହଞ୍ଚି ଥାଏ। ସାହିତ୍ୟିକ ଓ ତାଙ୍କ ଲେଖାକୁ ସଫଳ ଓ ଲୋକପ୍ରିୟ କରାଇବାରେ ପତ୍ରପତ୍ରିକା ମୁଖ୍ୟ ଭୂମିକା ନିଭାଏ। ପଶ୍ଚିମବଙ୍ଗରୁ ପ୍ରକାଶିତ ପତ୍ରପତ୍ରିକାକୁ ଦୁଇଟି ଦୃଷ୍ଟି କୋଣରୁ ଆଲୋଚନା କରାଯାଇ ପାରେ ଯଥା:-

କ)ପ୍ରକାଶିତ ହୋଇ ବନ୍ଦ ହୋଇଯାଇଥିବା ପତ୍ରପତ୍ରିକା।

ଖ)ବର୍ତ୍ତମାନ ସୁଦ୍ଧା ପ୍ରକାଶ ପାଉଥିବା ପତ୍ରପତ୍ରିକା।

କ)ପ୍ରକାଶିତ ହୋଇ ବନ୍ଦ ହୋଇଯାଇଥିବା ପତ୍ରପତ୍ରିକା:-

ପଶ୍ଚିମବଙ୍ଗରୁ ପ୍ରକାଶିତ କେତେକ ପତ୍ର ପତ୍ରିକା ପ୍ରକାଶିତ ହୋଇ ବିଭିନ୍ନ କାରଣରୁ ବନ୍ଦ ହୋଇ ଯାଇଛି। ସେଗୁଡିକ ମଧ୍ୟରେ ରହିଛି "ଆସନ୍ତାକାଲି", "ନବରବି", "ସମାବେଶ", "ମଲ୍ଲିକା", "ଲେଖା" ପ୍ରଭୃତି।

ଆସନ୍ତାକାଲି (୧୯୫୧):-

ଓଡିଶା ବାହାରୁ ପ୍ରକାଶିତ ଏକ ପ୍ରତିଷ୍ଠିତ ମାସିକ ସାହିତ୍ୟ ପତ୍ରିକା ହେଉଛି "ଆସନ୍ତାକାଲି" । ଏହି ପତ୍ରିକାଟି ୧୯୫୧ ମସିହାରେ ପ୍ରଥମେ କଲିକତାରୁ ଆତ୍ମପ୍ରକାଶ କରିଥିଲା। ଏହି ପତ୍ରିକାର ପରିଚାଳନାରେ ହୃଦାନନ୍ଦ ମଲ୍ଲିକ, ଶ୍ୟାମସୁନ୍ଦର ମହାପାତ୍ର, କସ୍ତୁରୀ ଚରଣ ଦାସ, କାଳୀ ଚରଣ ଦାସ ପ୍ରମୁଖ ବିଭିନ୍ନ ସମୟରେ ସମ୍ପୃକ୍ତ ଥିଲେ। ଏହି ପତ୍ରିକାରେ ବୌଦ୍ଧିକ ଭାବ ଚେତନାଗତ ଲେଖା ତୁଳନାରେ ସାଧାରଣ ପାଠକ ଉପଯୋଗୀ ଲେଖା ବହୁସଂଖ୍ୟାରେ ପ୍ରକାଶିତ ହେଉଥିଲା। ଗଳ୍ପ, ଧାରାବାହିକ ଉପନ୍ୟାସ ଓ ଫିଚର୍ ଧର୍ମୀ ଲେଖାଗୁଡିକ ବିଶେଷ ଭାବେ ଦେଖିବାକୁ ମିଳେ। "ମହିଳା ମହଲ" ଶିରୋନାମାରେ

ISSN NO.
2582-208X

ନାରୀ ମାନଙ୍କ ସମସ୍ୟା ସମ୍ବନ୍ଧୀୟ ଲେଖା ସ୍ଥାନଲାଭ କରିଥିଲା। "କିଶୋର ସଂସାର" ଶିରୋନାମାରେ ଥିବା ସ୍ୱତନ୍ତ୍ର ବିଭାଗରେ ଶିଶୁ ମାନଙ୍କୁ ବୁଝିଲା ଭଳି ଲେଖା ଠାରୁ ଆରମ୍ଭକରି ପ୍ରେରଣା ଦେବା ଭଳି ଗୋଲକ ଧନ୍ଦା ଏଥିରେ ପ୍ରକାଶିତ ହେଉଥିଲା। ଓଡ଼ିଶାର ସାଂସ୍କୃତିକ ଓ ସାହିତ୍ୟିକ ଉତ୍ସବ ମାନଙ୍କର ବିବରଣୀମୂଳକ ବିଷୟ ପ୍ରାୟ ପ୍ରତି ସଂଖ୍ୟାରେ ପ୍ରକାଶିତ ହେଉଥିଲା। "ଆସନ୍ତାକାଲି" ଓଡ଼ିଆ ସାହିତ୍ୟକୁ ଓଡିଶା ବାହାରେ ପହଞ୍ଚାଇବା ସହ କଲିକତାରେ ବସବାସ କରୁଥିବା ଓଡ଼ିଆ ମାନଙ୍କ ସାହିତ୍ୟିକ ତୃଷ୍ଣା ମେଣ୍ଟାଇବାରେ ଗୁରୁ ଭୂମିକା ତୁଲାଉଥିଲା।

ନବରବି (୧୯୭୦)

ପଶ୍ଚିମବଙ୍ଗରୁ ପ୍ରକାଶିତ ଅନ୍ୟଏକ ପତ୍ରିକା ହେଉଛି "ନବରବି" । ଏହି ପତ୍ରିକାଟି କଲିକତା ମହାନଗରୀରୁ ୧୯୭୦ ଜୁଲାଇ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଏହାର ସଂପାଦକ ସ୍ୱତ୍ୱାଧିକରୀ ଓ ପ୍ରକାଶକ ଥିଲେ ଶ୍ରୀ ରବୀନ୍ଦ୍ର କୁମାର ପରିଜା। ସାହିତ୍ୟ, ସଂସ୍କୃତି ଓ ସମକାଳୀନ ସମସ୍ୟାଗୁଡ଼ିକୁ ନେଇ ଏଥିରେ ପ୍ରକାଶିତ ଲେଖାଗୁଡ଼ିକ ବାସ୍ତବରେ ତତ୍ କାଳରେ ବହୁ ପ୍ରଶଂସିତ ହୋଇଥିଲା। ମାତ୍ର ୬ବର୍ଷ ପ୍ରକାଶପାଇ ଆକସ୍ମିକ ଭାବରେ ୧୯୭୬ ମସିହାରେ ପତ୍ରିକାଟି ବନ୍ଦ ହୋଇଗଲା। ଏହି ପତ୍ରିକାଟି ସ୍ୱଳ୍ପକାଳ ପ୍ରକାଶିତ ହୋଇଥିଲେ ସୁଦ୍ଧା ଏହା ଓଡ଼ିଆ ପାଠକ ମହଲରେ ଏକ ନୂତନ ରୁଚି ସୃଷ୍ଟି କରିଥିଲା। "ନବରବି" ପ୍ରଥମ ସଂଖ୍ୟାର ସଂପାଦକୀୟଟି ଅତିଆବେଗପୂର୍ଣ୍ଣ ଭାଷାରେ ଲେଖାଯାଇଥିଲା। ତାହାଥିଲା:- "ଶୋଣିତ ସଂପର୍କ ଯେପରି ପାରିବାରିକ ବନ୍ଧନକୁ ସୁଦୃଢ଼କରେ, ସାହିତ୍ୟର ସଂପର୍କ ସେହିପରି ଦୃଢ଼ତର କରେ ଗୋଟିଏ ଭାଷା, ଗୋଟିଏ ଜାତିର ମୈତ୍ରୀ ବନ୍ଧନ। ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ ଆମର ପ୍ରିୟ ସଂପଦ - ଆମେ ଓଡ଼ିଆ ଯିଏ ଯେଉଁଠି ଥାଉ ନା କାହିଁକି ? ଦୂର ପ୍ରବାସରୁ ଏହି ସାହିତ୍ୟ ପତ୍ରିକା "ନବରବି" ପ୍ରକାଶ କଲାବେଳେ ଏହି କଥା ଆମର ସ୍ମୃତିପଟରେ ସବୁବେଳେ ଜାଗ୍ରତ ରହିଛି। "ନବରବି" ର ଜନ୍ମ କ୍ଷେତ୍ର କଲିକତା ମହାନଗରୀ ହେଲେ ସୁଦ୍ଧା, ତାର କର୍ମଭୂମି ଓଡ଼ିଶାର ପ୍ରତ୍ୟେକ ପୁରପଲ୍ଲୀ, ପ୍ରତ୍ୟେକ ସାହିତ୍ୟରସିକର ଓଡ଼ିଆ ପାଠକର ମାନଭୂମି ।"

ISSN NO.
2582-208X

ସମାବେଶ (୧୯୫୫)

କଲିକତାରୁ ପ୍ରକାଶିତ ପତ୍ରିକା ଭାବରେ "ଆସନ୍ତାକାଲି" ପରେ "ସମାବେଶ" ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୫୦ ମସିହାରେ ଜଗଦୀଶ ପାଣିଙ୍କ ସଂପାଦନାରେ ପ୍ରଥମେ ପ୍ରକାଶ ପାଇଥିଲା। ୧୯୫୫ ମସିହାରୁ ୧୯୬୩ମସିହା ଯାଏଁ ଏହା ଏକ ନିୟମିତ ମାସିକ ପତ୍ରିକା ଭାବରେ ପ୍ରକାଶିତ ହେଉଥିଲା। ଏଥିରେ ଯେଉଁମାନେ ଲେଖୁଥିଲେ ସାହିତ୍ୟ କ୍ଷେତ୍ରରେ ସେମାନେ ପ୍ରାୟ ନୂଆ ଥିଲେ। ସେମାନେ ପରବର୍ତ୍ତୀ ସମୟରେ ପ୍ରତିଷ୍ଠିତ ଲେଖକ ହୋଇପାରିଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି- ରମାକାନ୍ତ ରଥ, ବିଭୂତି ପଟ୍ଟନାୟକ ଆଦି। ଏଥିରେ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, କବିତା, ଆଲୋଚନା ଆଦି ସାହିତ୍ୟରେ ସବୁବିଭାଗର ଲେଖା ରହୁଥିଲା। ସଂପାଦକ, କବିତା ବିଭାଗର ସଂପାଦନାପାଇଁ ରାଜେନ୍ଦ୍ରକିଶୋର ପଣ୍ଡା, ଗଳ୍ପ ବିଭାଗ ପାଇଁ ନୀଳମଣି ସାହୁ, ପ୍ରବନ୍ଧ ସଂପାଦନା ପାଇଁ ଚିନ୍ତାମଣି ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ। ୧୯୭୭ ମସିହାରେ ଏହା ମାସିକରୁ ତ୍ରୈମାସିକ ହୋଇଥିଲା। ୧୯୭୫ମସିହାରୁ ବିଶିଷ୍ଟ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ସମାବେଶର ମୁଖ୍ୟ ସଂପାଦକ ଦାୟିତ୍ୱ ତୁଲାଇଥିଲେ। ପରେ ହରିହର ମିଶ୍ର ଏହାର ସଂପାଦନା ଦାୟିତ୍ୱ ତୁଲାଇଥିଲେ। ମୂଳରୁ ଏହା ବ୍ୟବସାୟିକ ଭାବରେ ପରିଗଣିତ ହୋଇନଥିବାରୁ ଏହାକୁ ଚଳାଇ ରଖିବାପାଇଁ କେହି ଆଗେଇ ଆସିଲେ ନାହିଁ। ୧୯୯୪ ମସିହାରେ ଜଗଦୀଶ ପାଣିଙ୍କ ମୃତ୍ୟୁପରେ ଦୁଇ ତିନୋଟି ସଂଖ୍ୟା ପ୍ରକାଶିତ ହୋଇ ପତ୍ରିକାଟି ବାଦ ହୋଇଯାଇଥିଲା।

ଲେଖା (୨୦୦୧)

ପଶ୍ଚିମବଙ୍ଗର କଲିକତାରୁ ପ୍ରକାଶିତ ଅନ୍ୟଏକ ପ୍ରବାସୀ ପତ୍ରିକା ହେଉଛି "ଲେଖା"। ଏହା ହେଉଛି ଏକ ବାର୍ଷିକ ପତ୍ରିକା। ଏହାର ସଂପାଦକ ଥିଲେ ଜ୍ଞାନେଶ୍ୱର ମିଶ୍ର। ୨୦୦୧ରୁ ପ୍ରକାଶିତ ହେଉଥିବା ଏହି ପତ୍ରିକାଟି ୨୦୧୫ ମସିହାରେ ବନ୍ଦ ହୋଇଯାଇଥିଲା।

ISSN NO.
2582-208X

ବୟସ (Bayasa)

କଲିକତାରୁ ପ୍ରକାଶିତ ଅନ୍ୟଏକ ପ୍ରବାସୀ ପତ୍ରିକା ହେଉଛି ବୟସ। ୧୯୯୧ରୁ ପ୍ରକାଶିତ ହେଉଥିବା ଏହି ପତ୍ରିକା, ପାଞ୍ଚବର୍ଷ ପ୍ରକାଶିତ ହୋଇ ୧୯୯୫ରେ ବନ୍ଦ ହୋଇଯାଇଥିଲା। ଏହି ପତ୍ରିକାର ସମ୍ପାଦକ ଥିଲେ ନୀଳାମ୍ବର ପଣ୍ଡା।

ମଲ୍ଲିକା

କଲିକତାରୁ ପ୍ରକାଶିତ ଅନ୍ୟଏକ ବାର୍ଷିକ ପତ୍ରିକା ହେଉଛି ମଲ୍ଲିକା। ଏହାର କେବଳ ସାତଟି ସଂଖ୍ୟା ପ୍ରକାଶିତ ହୋଇ ବନ୍ଦ ହୋଯାଇଥିଲା। ଏହି ପତ୍ରିକାର ସମ୍ପାଦକ ଥିଲେ ସୁଶାନ୍ତ ପଣ୍ଡା।

(ଖ) ବର୍ତ୍ତମାନ ସୁଦ୍ଧା ପ୍ରକାଶିତ ହେଉଥିବା ପତ୍ରପତ୍ରିକା: (ଅନ୍ୟତ୍ର, ଅଭିଯାନ, ବିଶ୍ୱଭାରତୀ ଦୀପିକା, ପ୍ରତିବେଶୀ)

ଅନ୍ୟତ୍ର (୨୦୧୪):-

ଶାନ୍ତିନିକେତନରୁ ପ୍ରକାଶିତ ସ୍ୱପ୍ନଶୀଳ ସର୍ଜନପତ୍ର, ଏହି ପତ୍ରିକାର ଶୀର୍ଷକରୁ ହିଁ ଜଣାପଡୁଛି ଏହା ହେଉଛି ଏକ ପ୍ରବାସୀ ପତ୍ରିକା। ଏହି ପତ୍ରିକାଟି ୨୦୧୪ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଏହି ପତ୍ରିକାର ଅଧକ୍ଷ ଥିଲେ ଡ଼. ଶରତ କୁମାର ଜେନା। ସଂପାଦକର ଦାୟିତ୍ୱ ତୁଲାଇଥିଲେ ପ୍ରିୟରଂଜନ ପଟ୍ଟନାୟକ। ଏହା ହେଉଛି ଏକ ବାର୍ଷିକ ପତ୍ରିକା। ବର୍ତ୍ତମାନ ସୁଦ୍ଧା ଏଥିରେ ସାତଟି ସଂଖ୍ୟା ପ୍ରକାଶିତ ହୋଇଛି। ଏହି ପତ୍ରିକାରେ ସମାଲୋଚନା ସ୍ମରଣୀୟ ଗଳ୍ପ, କବିତା, ପୁସ୍ତକ ସମୀକ୍ଷା, ଅନ୍ତିମ ଆଳାପ ଆଦି ବିଷୟ ପ୍ରକାଶ ପାଇଥାଏ। ପ୍ରଥମ ବର୍ଷ ଜନ୍ମ ସଂଖ୍ୟାରେ "ଅନ୍ତିମ ଆଳାପ" ରେ ଅନ୍ୟତ୍ର ସଂପର୍କରେ କହିଥିବା ଉକ୍ତିକୁ ଏଠାରେ ଉଦ୍ଧାର କରାଯାଇପାରେ- ଓଡ଼ିଶା ବାହାରେ ରହିବି ବହୁ ଓଡ଼ିଆ ନିଜକୁ ସେଇ ଓଡ଼ିଆ ପ୍ରାଣର ମୁଗ୍ଧ ଜୀବନଧାରାରେ ରହି ସର୍ଜନ ମନସ୍କ ହୋଇଛନ୍ତି। ପତ୍ରିକା ପ୍ରକାଶନ କ୍ଷେତ୍ରରେ ମଧ୍ୟ ନିଜକୁ ସାମିଲ୍ କରିଛନ୍ତି।

ISSN NO.
2582-208X

ଶାନ୍ତିନିକେତନରୁ ପ୍ରକାଶ ପାଉଥିବା ଏମିତି ଏକ ସ୍ୱପ୍ନଶୀଳ ସର୍ଜନପତ୍ର "ଅନ୍ୟତ୍ର" ମଧ୍ୟ ସେଇ ବିକାଶ ଧାରାର ଅନ୍ୟତମ ଫଳଶ୍ରୁତି। ଓଡ଼ିଶା ବାହାରେ, ବିଦେଶରେ ରହୁଥିବା ଲୋକଙ୍କ ଆଶା, ଆକାଂକ୍ଷା, ସ୍ୱପ୍ନଶୀଳ ମନୋଭାବର ଅନ୍ତରଙ୍ଗ ସ୍ୱରକୁ ଏଥିରେ ଅଗ୍ରାଧିକାର ଦିଆଯିବାର ଅଭିଳାଷ ରହିଛି। ଏହି ଅଭିଳାଷ ଓଡ଼ିଶା ଓ ଓଡ଼ିଶା ବାହାରେ ରହୁଥିବା ଅଗଣିତ ସାହିତ୍ୟପ୍ରେମୀଙ୍କ ଦ୍ୱାରା ସାକାର ହୋଇପାରିବ। "ଅନ୍ୟତ୍ର" ରହି ଅନ୍ୟ ଅନେକଙ୍କ ସ୍ୱପ୍ନ ଓ ସର୍ଜନର କ୍ଷେତ୍ର ପ୍ରଲମ୍ବିତ ହେଉ। "ଅନ୍ୟତ୍ର" ର ବାର୍ଷିକ ଉତ୍ସବରେ କେବଳ ପୁସ୍ତକ ଉନ୍ମୋଚନ ହୁଏ, ବହୁଭାଷୀ କବିତା ପାଠଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟହୋଇଥାଏ।

## ଅଭିଯାନ (୧୯୯୭)

ପଶ୍ଚିମବଙ୍ଗର କଲିକତା ନଗରୀରୁ ପ୍ରକାଶିତ ଅନ୍ୟଏକ ଓଡ଼ିଆ ସାହିତ୍ୟ ପତ୍ରିକା ହେଉଛି "ଅଭିଯାନ" । ଏହି ପତ୍ରିକାଟି ୧୯୯୭ମସିହାରୁ ତ୍ରୈମାସିକ ଭାବେ ବର୍ତ୍ତମାନ ସୁଦ୍ଧା ପ୍ରକାଶିତ ହେଉଛି। ଏହାର ସଂପାଦକ ହେଉଛନ୍ତି ଶମ୍ଭୁନାଥ ଦାସ। ବର୍ତ୍ତମାନସୁଦ୍ଧା ଏହି ପତ୍ରିକାର ୮୦ରୁ ଊର୍ଦ୍ଧ ସଂଖ୍ୟା ପ୍ରକାଶିତ ହେଲାଣି। ଏହି ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ "ପ୍ରବାସୀ" ଉତ୍କଳୀୟ ମାନଙ୍କର ଗର୍ବଗୌରବ ଓ ସ୍ୱାଭିମାନର ପ୍ରତୀକ "ଅଭିଯାନ" ଲେଖାଥିବାର ଦେଖିବାକୁମିଳେ। ଏହି ପତ୍ରିକା ବିଭିନ୍ନ ସମୟରେ ଭଞ୍ଜ ବିଶେଷାଙ୍କ, ସାରଳା ବିଶେଷାଙ୍କ, ସ୍ୱାଭିମାନ ବିଶେଷାଙ୍କ, ସବୁଜଯୁଗୀୟ ବିଶେଷାଙ୍କ, ଧର୍ମଯୁଗୀୟ ପଞ୍ଚସଖା ବିଶେଷାଙ୍କ ଓ ପ୍ରବାସୀ ବିଶେଷାଙ୍କ ପ୍ରକାଶ କରିଛି।

## ବିଶ୍ୱଭାରତୀ ଦୀପିକା (୧୯୭୮)

ବିଶ୍ୱଭାରତୀ ଦୀପିକା ହେଉଛି ବିଶ୍ୱଭାରତୀ ଶାନ୍ତିନିକେତନ ଓଡ଼ିଆ ବିଭାଗର ମୁଖପତ୍ର(The Visva-Bharati Jornal of Oriya)। ଏହି ପତ୍ରିକାଟି ଓଡ଼ିଆ ବିଭାଗରୁ ୧୯୭୮ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଏହି ପତ୍ରିକାର ସମ୍ପାଦନା କାର୍ଯ୍ୟ ଗ୍ରହଣ କରନ୍ତି। ଏହି ପତ୍ରିକାଟିରେ ଓଡ଼ିଆ ସହିତ ଇଂରାଜୀ ପ୍ରବନ୍ଧ ମଧ୍ୟ

ISSN NO.
2582-208X

ପ୍ରକାଶିତ ହୋଇଥାଏ । ଲୋକ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ତୁଳନାତ୍ମକ ସାହିତ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକ ଏହି ପତ୍ରିକାରେ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟର ଏକ ନୂତନ ଦିଗକୁ ରାସ୍ତା ଦେଖାଇଛି । ଏଥିରେ ଉଚ୍ଚକୋଟୀର ଗବେଷଣାଧର୍ମୀ ପ୍ରବନ୍ଧ ଗୁଡ଼ିକ ପ୍ରକାଶିତ ହୁଏ ।

ପ୍ରତିବେଶୀ (୧୯୯୧)

ଉତ୍କଳର ଶିକ୍ଷା ସଂସଦ ଦ୍ୱାରା କଲିକତାରୁ ପ୍ରକାଶିତ ଅନ୍ୟଏକ ପ୍ରବାସୀ ପତ୍ରିକା ହେଉଛି "ପ୍ରତିବେଶୀ" ଏହି ପତ୍ରିକାଟି ୧୯୯୧ରେ ପ୍ରଥମେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏହି ପତ୍ରିକାର ସମ୍ପାଦକ ଅଛନ୍ତି ପିତାମ୍ବର ବାରିକ । ପ୍ରତିବେଶୀ ହେଉଛି ବର୍ତ୍ତମାନ ସୁଦ୍ଧା ପଶ୍ଚିମବଙ୍ଗରୁ ପ୍ରକାଶିତ ଏକମାତ୍ର ISBN ପତ୍ରିକା ।

ଶେଷକଥା :-

ପଶ୍ଚିବଙ୍ଗରୁ ବହୁ ପତ୍ରପତ୍ରିକା ପ୍ରକାଶ ଲାଭ କରି ଓଡ଼ିଆ ଭାଷା ସାହିତ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ ସୁଦ୍ଧା ଆର୍ଥିକ ସମସ୍ୟା ଓ ବିଭିନ୍ନ କାରଣରୁ ଏହି ପତ୍ରପତ୍ରିକା ଗୁଡ଼ିକ ବନ୍ଦ ହୋଇଯାଉଛି ବା ନିୟମିତଭାବେ ପ୍ରକାଶିତ ହୋଇପାରୁନାହିଁ । ଏହି ପତ୍ରିକା ଗୁଡ଼ିକର ବିକାଶ ପାଇଁ ଲୋକ ସମ୍ପର୍କରେ ସୂଚନା ବିଭାଗ ଓ ସାହିତ୍ୟ ଏକାଡେମୀ ତରଫରୁ କିଛିଆର୍ଥିକ ଅନୁଦାନ ଓ ସହଯୋଗ ଯୋଗାଇଦେଲେ ସେଗୁଡ଼ିକ ପୁନଃ ପ୍ରକାଶିତ ହୋଇପାରନ୍ତା । କେବଳ ଏହି ପତ୍ରିକାଗୁଡିକ ଓଡ଼ିଶାର ବାହାରେ ରହି ଓଡ଼ିଆ ସାହିତ୍ୟର ବିକାଶ କରୁଥିଲେ ତାହା ନୁହେଁ, ସରକାରୀ ଚାକିରୀ କରୁଥିବା କର୍ମଜୀବି ଓ ଶ୍ରମିକମାନଙ୍କର ମନୋରଞ୍ଜନର ମାଧ୍ୟମ ଥିଲା ।ରମାକାନ୍ତ ରଥ, ବିଭୂତି ପଟ୍ଟନାୟକ, ଅଖିଳ ମୋହନ ପଟ୍ଟନାୟକ ଓ କସ୍ତୁରୀ ଚରଣ ଦାସଙ୍କ ଭଳି ବହୁ ପ୍ରତିଷ୍ଠିତ ଓଡିଆ ଲେଖକଙ୍କ ଆଦ୍ୟ ପର୍ଯ୍ୟାୟ ଲେଖା ଗୁଡିକ ଏହି ପ୍ରବାସୀ ପତ୍ରିକା ଗୁଡିକରେ ପ୍ରକାଶିତ ହେଉଥିଲା ।ପରବର୍ତ୍ତୀ ସମୟରେ ଏହି ଲେଖକମାନେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ପଦମର୍ଯ୍ୟାଦା ଲାଭକରିଥିଲେ । "ସମାବେଶ" ଭଳି କେତେକ ପତ୍ରିକାର ସମ୍ପାଦକଙ୍କ

ISSN NO.
2582-208X

ମୃତ୍ୟୁପରେ ପତ୍ରିକାଗୁଡିକ ପ୍ରାୟତଃ ବନ୍ଦ ହୋଇ ଯାଇଥିଲା। ପତ୍ରିକାଗୁଡିକ ବନ୍ଦ ହେବାର ମୁଖ୍ୟ କାରଣ ଥିଲା:-ଆର୍ଥିକ ସମସ୍ୟା ଓ ବ୍ୟବସାୟିକ ସଫଳତା। ଆଲୋଚ୍ୟ ପତ୍ରିକା ବ୍ୟତୀତ ଆନେକ ଗୁଡିଏ ପତ୍ରିକା ପ୍ରବାସରେ ପ୍ରକାଶିତ ହେଉଥିଲେ ମଧ୍ୟ ସେଗୁଡ଼ିକକୁ ସଂଗ୍ରହ କରାଯାଇ ନାହିଁ କିମ୍ବା ମୋ ଦୃଷ୍ଟିଗୋଚରକୁ ଆସି ପାରିନାହିଁ। ସେଥିପାଇଁ ଏହି ବିଷୟଟି ଗବେଷଣାର ସାପେକ୍ଷ ରଖେ। ଏହି ପ୍ରବାସୀ ପତ୍ରିକାଗୁଡିକର ଉପଯୁକ୍ତ ସମ୍ପାଦନ, ସଂରକ୍ଷଣ ଓ ଡିଜିଟାଲାଜେସନ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ଅଟେ।

ପ୍ରାକ୍ ଗବେଷକ
ବିଶ୍ୱଭାରତୀ, ଶାନ୍ତି ନିକେତନ

ISSN NO.
2582-208X

# ପ୍ରକୃତି



ଦେବେନ୍ଦ୍ର ମିଶ୍ର

ପ୍ରକୃତିର ଦାସ ମର୍ତ୍ତ୍ୟ ରେ ନିବାସ
ନିତ୍ୟ ନିରନ୍ତର ପ୍ରାଣ
ରବୀଙ୍କର ତାପ ଜୀବନ ପ୍ରଦୀପ
ଅମୂଲ୍ୟ ଦିବ୍ୟ ଜୀବନ
ବିଶ୍ୱ କାରାଗାର ପ୍ରକୃତି ସମ୍ଭାର
ଜଳ ବାୟୁ ସମାହିତ
କେତେ ବେଳେ ଝଡ଼ ସୁନାମି ର ମୋଡ଼
ବନ୍ୟା ବାତ୍ୟା ସଂଘଟିତ
ବୃଷ୍ଟି ଜଳ ବିନ୍ଦୁ ବିଶ୍ୱ ପୂର୍ଣ୍ଣ ଇନ୍ଦୁ
ପ୍ରାଣ ପୁଲକ ଜୀବନ
ବିଶ୍ୱ ଜୀବନର ଅଖିଳ ପ୍ରାଣର
ଭରିଦିଏ ହୃଦେ ପ୍ରାଣ
ତୀକ୍ଷ୍ଣ ରବି କର ପ୍ରାଣର ତସ୍କର
ଜୀବଜଗତର ମିତ୍ର
ଜଳ ଚକ୍ର ସାଜି ବୃଷ୍ଟି ରୂପେ ମଜ୍ଜି
ଜୀବ ଜଗତର ସ୍ତୋତ୍ର

ISSN NO.
2582-208X

ମାନବ କୈନ୍ଦ୍ରିକ ପ୍ରକୃତି ର ଶୋକ
ବିଶ୍ୱର ରକ୍ଷା କବଚ
ନଜେ ନଜ ହସ୍ତେ  ପ୍ରକୃତି ର ପଥେ
ସାଜେ ଅଦିନ ପିଶାଚ
କଳ କାରଖାନା ଶିଳ୍ପ ର ଯୋଜନା
ନାଶ ହୁଏ ମହାଦ୍ରୁମ
ପରିବେଶ ନଷ୍ଟ  ବିଷାକ୍ତ ମରୁତ
ସକାଳେ ତରଲେ ହିମ
ପ୍ରକୃତି ସୁରକ୍ଷା ପରିବେଶ ରକ୍ଷା
ସଦା ସଂକଳ୍ପ ଚେତନା
ହୃଦୟ କବଚ ଯୁଗେ ଯୁଗେ ସଞ୍ଚ
ଦୂର ହୋଇବ ଯାତନା

ବୁଢ଼ୁପାଲି,ବୌଦ୍ଧ
ମୋ ନମ୍ବର: ୬୩୭୧୫୦୭୯୧୧

ISSN NO.
2582-208X

# ବିତାଇ ଦିଏ ମୋ ଦିନ



ବିନୋଦିନୀ ଦାଶ

ନାହିଁ ମୋ ପାଖରେ ଧନ, ଯଶ, ମାନ
ହେ ପ୍ରଭୁ ଦଗଦୀଶ୍ୱର
ତୁମକୁ ଆଶରା କରି ମୁଁ ଜୀଇଁଛି
ଦୁଃଖୀ ସଂସାରେ ମୋହର ।

ରଖିବାରୁ ଲୟ ତୁମ ଶ୍ରୀପୟରେ
ସତପଥେ ଥାଏ ଚାଲି
ଜୀବନ ଅମୃତ କରୁଥାଏ ପାନ
ନ୍ୟାୟ, ଧରମକୁ କୋଳ ।

ଲବେ ବି ବିଚ୍ୟୁତ ହୁଏନ ସେ ମାର୍ଗୁ
କେବେହେଲେ ଜୀବନରେ
ତୁମେ ଭରୁଥାଅ ଉତ୍ସାହ ପ୍ରେରଣା
ରହି ସଦା ମୋ ପାଖରେ ।

ରାତି ପରେ ଦିନ ଦିନ ପରେ ରାତି
ବୁଝେ ବି ଅଜ୍ଞାନ ମନ
ସେଥିପାଇଁ ହୋଇ ତୁମ ପଥାଶ୍ରୟୀ
ବିତାଇ ଦିଏ ମୋ ଦିନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଅମର ଶହୀଦ ଜୟୀ ରାଜଗୁରୁ



ଡ଼ ସୁନନ୍ଦା ମିଶ୍ର ପଣ୍ଡା

ଅଭୁଲ୍ ସେ
ଅତୀତର କଥା,
ସ୍ମୃତି ତଳୁ ଯାଇନ ହଜି
ବୀର ବିପ୍ଳବୀ ସେ ଜୟୀ ରାଜଗୁରୁ
ମନେ ପଡିଯାଏ ଆଜି । ୧

ଯନ୍ତ୍ରଣାର ଜଉ ଘରେ
ନିଜକୁ ଜାଳିଲେ
ଦେଶ ମାତୃକାର
ସେବାପାଇଁ
ଜୀବନ ହାରିଲେ । ୨

ଖୋର୍ଦ୍ଧା ରାଜାଙ୍କର ପରାମର୍ଶଦାତା
ଛାତି ଲୁହାପରି ଶକ୍ତ
ବ୍ରିଟିଶ ବଡ଼ାଇ ଭାଙ୍ଗିବା ପାଇଁ
ଢାଳିଦେଲ୍ ସେ ରକ୍ତ । ୩

ଅମର ଶହୀଦ ସେହି
ଜୟୀ ରାଜଗୁରୁ,

ISSN NO.
2582-208X

ଧନ୍ୟ ସେ ଶ୍ରୀକ୍ଷେତ୍ର ପୁରୀ
ଧନ୍ୟ ସେ ବୀର ହରେକୃଷ୍ଣପୁର
ବ୍ରାହ୍ମଣ ଶାସନ ପୁଣି,
ପିତା ଥିଲେ ଗୃନ୍ଦ ମହାପାତ୍ର,
ମାତା ହାର୍ମଣିଙ୍କର,
ଥିଲେ ଏକ ସୁଯୋଗ୍ୟ ସନ୍ତାନ । ୪

ମାତୃଭୂମି ପାଇଁ
ଗଢିଲେ ସେ ଐକ୍ୟ
ବିଦ୍ରୋହର ବହ୍ନି ଜାଳ,
ସାଜିଲେ ଗୃଣକ୍ୟ
ଫିରଙ୍ଗୀର ନାଲି ଆଖିକୁ
ଡିଲେସେ ନ ଡରି,
ଜୀବନ ଉତ୍ସର୍ଗ କଲେ
ନଜେ ବିବାହ ନକରି ।

ଫିରିଙ୍ଗି କୁ ଦେଇଥିଲେ ଯୁଦ୍ଧର ଆହ୍ୱାନ
ବଳ ପରାକ୍ରମ ସହ
ରଖିଲେ ନଜ ସ୍ୱାଭୀମାନ,
ବିଶ୍ୱାସଘାତକତାରେ ଇଂରେଜ ଫଉଜ
ତାଙ୍କୁ କରିଥିଲେ ଠାବ ।
ପାଖରେ ନଥିଲା ଅସ୍ତ୍ର ନଥିଲା ଗାଣ୍ଡିବ,
ଫ୍ଲେଚର ସାହେବଙ୍କ ଅନ୍ୟାୟ ଆଦେଶ ବଳେ
ଫାସି ଦିଆଗଲା ତାଙ୍କୁ

ISSN NO.
2582-208X

ଏକ ବଟବୃକ୍ଷ ଡାଳେ
କହନ୍ତି
ସେଦିନ ବିବୀରତ୍ୱ ର ଗାଥା ଗାଇ -
ନୀରବ ପାଇକ ସେନା ସହ
ସ୍ତବ୍ଧଥିଲା ମେଦିନପୁର
ସ୍ତବ୍ଧଥିଲା ଡିସେମ୍ବର
ସ୍ତବ୍ଧଥିଲା ଫାଶିଦିଆ ବରଗଛ ।

ନିର୍ମମ କୁରତାର ସାକ୍ଷୀହୋଇ
ବୀରପୁତ୍ର କାଳଜୟୀ ଜୟୀଙ୍କର
ବିନ୍ଦୁବିନ୍ଦୁ ଉଷ୍ଣ ଲୁହରେ
ଭିଜିଥିଲା ମାଟି ମା'ର ଶୁଷ୍କ ଛାତି ।

ଉତ୍କଳ ଦେଖିଛି ବାଘାଯତୀନ ,
ବକ୍ସି ଜଗବନ୍ଧୁ,
ବିର୍ସାମୁଣ୍ଡା, ମଧୁ ବାରିଷ୍ଟର
ଆମ ନମସ୍ୟ ଯେ ଗୋପବନ୍ଧୁ,
ଜୟୀ ରାଜଗୁରୁ ପ୍ରାତଃ ସ୍ମରଣୀୟ
ଉତ୍କଳର ବୀରପୁତ୍ର
ଉତ୍କଳ ମାଟିର ଜ୍ୟୋତିଷ୍କ ପ୍ରମାଣେ
ମାଟି ଓ ଜାତିର ଗର୍ବ ।

ଟରେଣ୍ଟୋ, କାନାଡ଼ା
Email: drsunanda.panda@gmail.com

ISSN NO.
2582-208X

# ବାରମାସୀ

# ନାୟିକା



ବ୍ରଜେଶ ଚନ୍ଦ୍ର ପ୍ରଧାନ

ସୁଗନ୍ଧ ପଛର
ଦୁର୍ଗନ୍ଧ ଆଳୟ
ଯତନେ ଖଞ୍ଜି ରଖିଥିଲୁ,,,
ସାଥୀଏ ନୋହିବେ
କାଳନ୍ତର କେହି
ମିଥ୍ୟା ପ୍ରତିଶ୍ରୁତି କଲୁ,,,,
ମହାମାନବର
ବାର୍ତ୍ତାକୁ କହିଲୁ
କୁଳ ବିଧ୍ୱଂସିନୀ ହୋଇ,,,
ରକ୍ତ ମଞ୍ଜରୀର
ସଞ୍ଜୁଆ ଘାତକ
ତୋଠାରୁ ଶିଖିବା ନାହିଁ,,,
ପ୍ରପଞ୍ଚ ଚର୍ମରେ
ପୀରତି କିରୀତି
ଆବରଣ ଗଲେ ହଟି,,,,
ମୁହଁ ଫେରାଇବେ
ସକଳ ସୋଦର
ତୁହି ଏକାଶତ ହଟି,,,,
ଗରଳ ଭକ୍ଷିକା

ISSN NO.
2582-208X

ପ୍ରଳୟ କାରିକା
ତୋଠାରୁ ବଡଯେ କାହିଁ,,,
ଶାଗ ସିଝା ରଙ୍ଗ
ରାବିଡି କହୁଛି
ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଏନାହିଁ,,
ଚଟିଆକି ଜଣେ
ଉଆସ ବାସନା
ମିଛରେ ବଖାଣେ ବାଣୀ,,,,
ମଧୁମାଛି ପ୍ରୀତି
ଖୋଜୁ ରାତିଦିନ
ଧିକ ତୋ ଠିକ ଚାହାଣି,,,
ବେସର ଚକଟା
କ୍ଷତେ ଦେଲେ ଲେପ
ଯେସନ ହୁଅଇ ରୀତି,,,
ତେମନ୍ତ ବାଣୀକୁ
ଫୁକାର ଶବଦେ
କରୁଥାଉ ସ୍ଥିତି ନିତି,,,,
ଏଛାର ମାୟାରେ
ବିମୋହିତ କାୟା
ମିଛ ମୋହ ଗନ୍ତାଘର ,,
କ୍ଷଣସ୍ଥାୟୀ ସବୁ
ପବନ ଉଡ଼ିଲେ
ସବୁ ହୋଇ ଯିବେ ପର,,

ଏମ୍ସ ନଗର, ଭୁବନେଶ୍ୱର

ISSN NO.
2582-208X

# ବୈକୁଣ୍ଠ ଧାମ



ସୁଧାଂଶୁ ଶେଖର ଦ୍ୱିବେଦୀ

ବୈକୁଣ୍ଠର ଶାବ୍ଦିକ ଅର୍ଥ ହେଉଛି ଯେଉଁଠାରେ କୁଣ୍ଠା ନାହିଁ।କୁଣ୍ଠା ମାନେ ନିଷ୍କ୍ରିୟତା, ଅକ୍ରମଣ୍ୟତା, ନିରାଶା, ଆଳସ୍ୟ ଏବଂ ଦରିଦ୍ରତା।

ବୈକୁଣ୍ଠ ଧାମ ଏଭଳି ଏକ ସ୍ଥାନ ଯେଉଁଠାରେ କର୍ମହୀନତା ନାହିଁ, ନିଷ୍କ୍ରିୟତା ନାହିଁ, ଏପରିକି କୌଣସି ନକାରାତ୍ମକତା ନାହିଁ। ଜନଶ୍ରୁତିରୁ ଶୁଣାଯାଏ ପୁଣ୍ୟକର୍ମ କରିଥିବା ଲୋକ ମୃତ୍ୟୁ ପରେ ସ୍ୱର୍ଗ ଲୋକ ଅର୍ଥାତ ବୈକୁଣ୍ଠ ଧାମକୁ ଯାଇଥାନ୍ତି। ହେଲେ ବେଦ ଏହା କହିନାହିଁ। ବେଦରେ ମନୁଷ୍ୟର ମୃତ୍ୟୁ ପରେ ଗତି ସମ୍ପର୍କରେ ଉଲ୍ଲେଖ ଅଛି ତଥା ମୋକ୍ଷ କିଭଳି ମିଳେ ସେ ବିଷୟରେ ଚର୍ଚ୍ଚା ହୋଇଛି।

ହିନ୍ଦୁ ଧର୍ମ ଅନୁସାରେ କୈଳାଶ ପର୍ବତରେ ମହାଦେବ, ବ୍ରହ୍ମଲୋକ ରେ ବ୍ରହ୍ମଦେବ ଏବଂ ବୈକୁଣ୍ଠ ଲୋକରେ ଭଗବାନ ବିଷ୍ଣୁ ନିବାସ କରିଥା'ନ୍ତି। କିନ୍ତୁ ବୈକୁଣ୍ଠ ଲୋକର ସ୍ଥିତି ତିନୋଟି ସ୍ଥାନରେ ଅଛି ବୋଲି ବର୍ଣ୍ଣନା କରାହୋଇଛି। ବୈକୁଣ୍ଠକୁ ବିଷ୍ଣୁଲୋକ ଏବଂ ବୈକୁଣ୍ଠ ସାଗର ମଧ୍ୟ କୁହାଯାଏ। ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ଲୀଳା ସମାପ୍ତ ପରେ ଏହାକୁ ଗୋଲକ କୁହାଯାଉଥିଲା। ଶ୍ରୀକୃଷ୍ଣ ଏବଂ ବିଷ୍ଣୁଙ୍କ ମଧ୍ୟରେ କୌଣସି ଅନ୍ତର ନଥିବାରୁ ତାଙ୍କ ନିବାସ ସ୍ଥାନକୁ ବୈକୁଣ୍ଠ କୁହାଯାଏ।

ISSN NO.
2582-208X

୧/- ପ୍ରଥମ ବୈକୁଣ୍ଠ ଧାମ:- ଭୂଲୋକରେ ବଦ୍ରିନାଥ, ଦ୍ୱାରିକାନାଥ ଏବଂ ପୁରୀ ଜଗନ୍ନାଥଙ୍କ ନିବାସ ସ୍ଥାନକୁ ମଧ୍ୟ ବୈକୁଣ୍ଠ ଧାମ କୁହା ଯାଏ। ଚାରୋଟି ଧାମ ମଧ୍ୟରୁ ବଦ୍ରିନାଥ ଧାମ ହିନ୍ଦୁ ମାନଙ୍କର ସର୍ବଶ୍ରେଷ୍ଠ ପାବନ ତୀର୍ଥ ରୂପେ ଖ୍ୟାତ। ନର ଏବଂ ନାରାୟଣ ପର୍ବତ ଶୃଙ୍ଖଳାରେ ଆବଦ୍ଧ ଓ ଅଳକାନନ୍ଦା ନଦୀର ବାମ ପାର୍ଶ୍ୱ ତଟରେ ନୀଳକଣ୍ଠ ପର୍ବତ ଶୃଙ୍ଖଳାର ପୃଷ୍ଠଭୂମିରେ ସ୍ଥିତ। ଭାରତର ଉତ୍ତର ଦିଗରେ ସ୍ଥିତ ଏହି ମନ୍ଦିରକୁ ଭଗବାନ ବିଷ୍ଣୁଙ୍କ ଦରବାର କୁହାଯାଏ। ବଦ୍ରିନାଥ ଧାମରେ ସନାତନ ଧର୍ମର ସର୍ବଶ୍ରେଷ୍ଠ ଆରାଧ୍ୟ ଦେବ ଶ୍ରୀ ବଦ୍ରିନାରାୟଣ ଭଗବାନଙ୍କର ୫ଟି ସ୍ୱରୂପକୁ ପୂଜା-ଅର୍ଚ୍ଚନା କରାହୁଏ। ବିଷ୍ଣୁଙ୍କର ଏହି ୫ଟି ସ୍ୱରୂପ "ପଞ୍ଚବଦ୍ରି" ନାମରେ ବିଦିତ। ସେହି ପଞ୍ଚବଦ୍ରି ହେଉଛନ୍ତି ଶ୍ରୀ ବିଶାଳ ବଦ୍ରି, ଶ୍ରୀ ଯୋଗ-ଧ୍ୟାନ ବଦ୍ରି, ଶ୍ରୀ ଭବିଷ୍ୟ ବଦ୍ରି, ଶ୍ରୀ ବୃଦ୍ଧ ବଦ୍ରି ଏବଂ ଶ୍ରୀ ଆଦି ବଦ୍ରି। ବଦ୍ରିନାଥ ବ୍ୟତୀତ ଦ୍ୱାରିକା ଏବଂ ପୁରୀକୁ ମଧ୍ୟ ବୈକୁଣ୍ଠ ଧାମ କୁହାଯାଏ। ସତ୍ୟଯୁଗରେ ବଦ୍ରିନାଥର ସ୍ଥାପନା ସ୍ୱୟଂ ନାରାୟଣ କରିଥିଲେ। ତ୍ରେତୟା ଯୁଗରେ ରାମେଶ୍ୱରମର ସ୍ଥାପନା ଭଗବାନ ଶ୍ରୀରାମ କରିଥିଲେ। ଦ୍ୱାପର ଯୁଗରେ ଦ୍ୱାରିକା ଧାମର ସ୍ଥାପନା ଯୋଗେଶ୍ୱର ଶ୍ରୀକୃଷ୍ଣ କରିଥିଲେ। କଳିଯୁଗରେ ସ୍ୱୟଂ ନାରାୟଣ କଳିର ଅବତାର ଜଗନ୍ନାଥ ରୂପେ ପୁରୀରେ ବିଦ୍ୟମାନ। ଧରିତ୍ରୀରେ ସ୍ଥିତ ଜଗନ୍ନାଥ ମନ୍ଦିର ବୈକୁଣ୍ଠ ଧାମ ରୂପେ ପୁରାଣରେ ଉଲ୍ଲେଖ ଅଛି।

୨/- ଦ୍ୱିତୀୟ ବୈକୁଣ୍ଠ ଧାମ:- ଦ୍ୱିତୀୟ ବୈକୁଣ୍ଠ ଧାମର ସ୍ଥିତି ଭୂ-ଲୋକ ବାହାରେ ଅଛି ବୋଲି ଶୁଣାଯାଏ। ଏହା ବ୍ରହ୍ମାଣ୍ଡରୁ ବିଚ୍ଛିନ୍ନ ଏବଂ ତିନିଲୋକର ସ୍ଥିତିଠାରୁ ଉପରେ ଅଛି। ଏହି ଧାମ ପ୍ରକୃତିଠାରୁ ତିନିଗୁଣ ବଡ଼। ତାହାକୁ ତଦାରଖ କରିବା ନିମନ୍ତେ ଭଗବାନ ବିଷ୍ଣୁଙ୍କର ୯୬ କୋଟି ପାର୍ଷଦ ପହରା ଦେଉଛନ୍ତି। ପ୍ରକୃତିରୁ ମୁକ୍ତି ପାଉଥିବା ପ୍ରତିଟି ଜୀବାତ୍ମା ଏହି ପରମ ଧାମରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସହାୟତାରେ ପ୍ରବିଷ୍ଟ ହୋଇଥା'ନ୍ତି। ଥରେ ଜୀବାତ୍ମା ପରମ ଧାମରେ ପହଞ୍ଚିଗଲେ ଆଉ ଫେରିଆସେ ନାହିଁ। ସେଠାରେ ଭଗବାନ ଶ୍ରୀବିଷ୍ଣୁ ୪ ଜଣ ପାଟରାଣୀ ଶ୍ରୀଦେବୀ, ଭୂଦେବୀ, ନୀଳା ଏବଂ ମହାଲକ୍ଷ୍ମୀଙ୍କ ସହିତ ନିବାସ କରନ୍ତି। ଉକ୍ତ ବୈକୁଣ୍ଠ ଧାମ ବିଷୟରେ ଶୁଣାଯାଏ ମୃତ୍ୟୁ

ISSN NO.
2582-208X

ପରେ ବିଷ୍ଣୁ ଭକ୍ତ ପୁଣ୍ୟାତ୍ମା ସେଠାରେ ପହଞ୍ଚନ୍ତି। ପୁରାଣ ଅଖ୍ୟାନ ଅନୁସାରେ ଏହି ପରମ ଧାମର ସ୍ଥିତି ବ୍ରହ୍ମାଣ୍ଡଠାରୁ ଅନେକ ଦୂରରେ ଅବସ୍ଥିତ। ଜୀବାତ୍ମା ଯେତେବେଳେ ଏହି ଧାମକୁ ଯାତ୍ରା କରେ ତାଙ୍କୁ ବିଦାୟ ଦେବାପାଇଁ ସମୟର ଦେବତା, ପ୍ରହର ଦେବତା, ଦିବସ ଦେବତା, ରାତ୍ରି ଦେବତା, ଦିନର ଦେବତା, ଗ୍ରହଙ୍କ ଦେବତା, ନକ୍ଷତ୍ରଙ୍କ ଦେବତା, ଋତୁର ଦେବତା, ଉତ୍ତରାୟଣର ଦେବତା, ଦକ୍ଷିଣାୟନର ଦେବତା ଏଭଳି ୩୩ କୋଟି ଦେବତା ପରମ ଧାମ ଯିବା ଲାଗି ମାର୍ଗ ପ୍ରଶସ୍ତ କରିଥା'ନ୍ତି I

୩/- ତୃତୀୟ ବୈକୁଣ୍ଠ ଧାମ:- ଭଗବାନ ଶ୍ରୀକୃଷ୍ଣ ଦ୍ୱାରିକା ବ୍ୟତୀତ ଆଉ ଏକ ନଗର ସ୍ଥାପନା କରିଥିଲେ। ଯାହାକୁ ବୈକୁଣ୍ଠ ଧାମ କୁହାଯାଏ। କେତେକ ଐତିହାସିକଙ୍କ ମତରେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଆରାବଳୀ ପର୍ବତ ଶୃଙ୍ଖଳାରେ ବୈକୁଣ୍ଠ ଧାମ ସ୍ଥାପନା କରିଥିଲେ। ସେଠାରେ ମନୁଷ୍ୟ ନୁହନ୍ତି କେବଳ ସାଧୁ ସନ୍ଥ ନିବାସ କରୁଥିଲେ। ଭାରତର ଭୂଶାସ୍ତ୍ର ଏବଂ ଭୌଗଳିକ ସଂରଚନା ରେ ଆରାବଳୀ ପର୍ବତ ବହୁ ପ୍ରାଚୀନ। ଏହିଠାରେ ଭଗବାନ ଶ୍ରୀକୃଷ୍ଣ ବୈକୁଣ୍ଠ ନଗରୀ ସ୍ଥାପନା କରିଥିଲେ ବୋଲି ପ୍ରମାଣ ମିଳେ I ପରମ ଧାମକୁ ଯିବାପରେ ଜୀବାତ୍ମା ସବୁଦିନ ପାଇଁ ଜୀବନ ଓ ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯାଏ। କିନ୍ତୁ ବୈକୁଣ୍ଠ ଧାମରେ ଜୀବାତ୍ମା କିଛି କାଳ ଲାଗି ଆନନ୍ଦ ଓ ସୁଖ ଭୋଗ କରିବାପରେ ପୁନଃ ମୃତ୍ୟୁ ଲୋକକୁ ଫେରି ଆସିବାକୁ ପଡିଥାଏ I

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ସନ୍ଧ୍ୟା



ଶୁଭେନ୍ଦୁ ମେହେର

ସନ୍ଧ୍ୟା ଗୋ ତୁମେ
ଫେରିଯାଅ ଦୂରେ
ତୁମକୁ କରୁଚି ମନା ।
ତୁମେ ଆସୁ ଆସୁ
ଆମ ଗାଈ ଗୋଠ
ଲାଗେ ଭାରି ଛିନା ଛିନା ।।

ଆମ ଗାଁ ଆକାଶେ
ଶୁଭୁନାହିଁ ଆଉ
କିଚିରି ମିଚିରି ଶବ୍ଦ ।
ତୁମେ ଆସିଲେ ତ
ଗାଁ ବିଲ ବଣେ
ଶୁଭେ ଝିଙ୍କାରୀର ଶବ୍ଦ ।।

ତୁମେ ଯେବେ ଆସ
ନଈ କୂଳ ଦେଇ

ISSN NO.
2582-208X

ସୂରୁଜ ଯାଆନ୍ତି ଲୁଚି ।
ତୁମେ ଆସୁ ଆସୁ
ଅନ୍ଧାର ଘୋଟଇ
ଜନଶୂନ୍ୟ ହୁଏ ବିଚୀ ।।

ତୁମେ ଆସୁ ଆସୁ
ଚାଷୀଭାଇ ଫେରେ
ଅବସ ଅଧିର ହୋଇ ।
ତୁମେ ଯେବେ ଆସ
ଆମ ନଇକୂଳେ
ନାଆ ବାନ୍ଧେ ନାଆସାଇଁ ।।

ତୁମେ ଯେବେ ଆସ
କୁଆଁରୀ ଜହ୍ନ
ଲାଜେ ଲାଜେ ଧିରେ ଆସେ ।
ତୁମ ରୂପ ଶୋଭା
ଅନୁପମ ଆଭା
ପ୍ରେମିକା ପ୍ରେମିକା ବାସେ ।।

ଯାଲ୍ଲେଏ, ସୁବର୍ଣ୍ଣପୁର

ISSN NO.
2582-208X

# ପ୍ରକୃତ ବନ୍ଧୁ ସେ ଆମର



ସୁଲତା ସାହୁ

ଦୁନିଆଁ ଭିତରେ ଯେତେ ବନ୍ଧୁଛନ୍ତି
ସବୁ ନୁହନ୍ତି ନିଜର
ପଡିଲେ ବିପଦ ଅସହ୍ୟ ଦୁଃଖ
ହୋଇଯିବେ ସିଏ ଅନ୍ତର
ପୁସ୍ତକ କୁ ଯିଏ ବନ୍ଧୁ କରିନିଏ
ଜୀବନ ଟା ହୁଏ ସୁନ୍ଦର
ପ୍ରକୃତ ବନ୍ଧୁ ସେ ଆମର ।

ବୁଝି ତାର ମାନ କର ସମ୍ମାନ
ପାର କରିଯିବ କଣ୍ଟା ପଥର
ଆସୁ ଯେତେ ଝଡ଼ କାଳ ବୈଶାଖୀ
ପଡୁ ପଛେ କୁଆ ପଥର
ଦବ ନାହିଁ କେବେ ହାରିଯିବା ପାଇଁ
ବିପଦେ କରିବନି ସେ ପର
ପ୍ରକୃତ ବନ୍ଧୁ ସେ ଆମ ॥

ଦେବ ନାହିଁ ଧୋକା କଲେ ତାକୁ ସଖା
ଟଳି ଯିବ ଘୋର ଅନ୍ଧାର
ସମୟ ପୂର୍ବରୁ ଯେ ବୁଝେ ତାର ମୂଲ୍ୟ
ସମାଜେ ପାଏ ସେ ଆଦର

ISSN NO.
2582-208X

ବିଜୟୀ ସେ ହୁଏ ଜୀବନ ଯୁଦ୍ଧରେ
ଲଭେ ଜ୍ଞାନ ଧନ ଅମୂଲ୍ୟ ସମ୍ପଦ
ଯଶ ରହେ ଯୁଗ ଯୁଗ ର
ପ୍ରକୃତ ବନ୍ଧୁ ସେ ଆମର ।

ଏକଲାପଣ କୁ ଦୂର କରେ ସିଏ
ନିରବ ସାଥିଟେ ଆମର
ଦୁଃଖ ବି କୁଆଡେ ଉଭେଇ ଯାଏ
ପଢୁ ଥିଲେ ପୃଷ୍ଠା ତାହାର
ସବୁ ସମସ୍ୟା ର ସମାଧାନ ଦିଏ
ଜ୍ଞାନ ବି ଦିଏ ସେ ଧନ ବି ଦିଏ
ଶିଖାଏ ଆଚାର ବେଭାର
ପ୍ରକୃତ ବନ୍ଧୁ ସେ ଆମ ॥

ପୁସ୍ତକ ଠୁ ବଳି ବନ୍ଧୁ କିଏ ଭାଇ··?
ବାଣ୍ଟି ଦିଏ ଜ୍ଞାନ ସବୁରି ପାଇଁ
ଅମୃତ ସମାନ ଅଟେ ତାର ବାଣୀ
ଟାଣି ନିଏ ମନ ଚୁମ୍ବକ ଭଳି
ଗଣ୍ଡ ମୂର୍ଖ ବି ହୁଏ ସୁ-ପଣ୍ଡିତ
ନିରନ୍ତର ତାକୁ କରେ ଯେ ମିତ
ମଧୁମୟ ହୁଏ ପ୍ରାଣ ତାହାର
ପ୍ରକୃତ ବନ୍ଧୁ ସେ ଆମର ॥

ଅତିଥି ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# ଅଦ୍ୱୈତ ବ୍ରହ୍ମ..



ନିରଞ୍ଜନ ମହାରଣା

ଅଦ୍ୱୈତ ସର୍ବବ୍ୟାପୀ ବ୍ରହ୍ମ ନିରାକାର,
ଅଦ୍ୱୈତ ସତ୍ୟଜ୍ୟୋତି ଅମୃତ ସାଗର ।।

ଅଦ୍ୱୈତ ହିତକାରୀ ଅଗତିର ଗତି,
ଅଦ୍ୱୈତ ପ୍ରାଣ ସ୍ୱାମୀ ସର୍ବଲୋକପତି ।।

ଅଦ୍ୱୈତ ଆଦିଶକ୍ତି ଅଖିଳ କାରଣ,
ଅଦ୍ୱୈତ ଶାନ୍ତିଦାତା ପତିତପାବନ ।।

ଅଦ୍ୱୈତ ପରମାତ୍ମା ବ୍ରହ୍ମାଣ୍ଡ ବିଧାତା,
ଅଦ୍ୱୈତ ପ୍ରଭୁ ଗୁରୁ ବନ୍ଧୁ ପିତାମାତା ।।

ଅଦ୍ୱୈତ ପରିତ୍ରାତା ପବିତ୍ର ମହାନ,
ଅଦ୍ୱୈତ ସର୍ବସାକ୍ଷୀ ମଙ୍ଗଳ ନିଦାନ ।।

ଅଦ୍ୱୈତ ବ୍ରହ୍ମହିଁ ଏକ ଚରମ ସତ୍ୟ,
ଅଦ୍ୱୈତ ସମତଃ ଆଦି ମଧ୍ୟମ ଅନ୍ତ ।।

ISSN NO.
2582-208X

ଅଦ୍ୱୈତ ନିରପେକ୍ଷ ଅସୀମିତ ନିତ୍ୟ,
ଅଦ୍ୱୈତ ଅନିର୍ବଚନୀୟ ନିତ୍ୟ ମୁକ୍ତ ।।

ଅଦ୍ୱୈତ ବ୍ରହ୍ମ ନିର୍ବିଶେଷ ପରମାତ୍ମା,
ଅଦ୍ୱୈତ ଶୁଦ୍ଧ ଚୈତନ୍ୟରୂପୀ ପୁଣ୍ୟାତ୍ମା ।।

ଅଦ୍ୱୈତ ସଗୁଣ ନିର୍ଗୁଣ ଉପାଧିମୁକ୍ତ,
ଅଦ୍ୱୈତ ସକ୍ରିୟ ନିଷ୍କ୍ରିୟ ଅଭିବ୍ୟକ୍ତ ।।

ଅଦ୍ୱୈତ ସ୍ୱୟମ ସତ୍ ଚିତ୍ ଆନନ୍ଦ,
ଅଦ୍ୱୈତ ବର୍ଣ୍ଣନା ନେତିନେତି ଭାବ ।।

ଅଦ୍ୱୈତ ବ୍ରହ୍ମହିଁ ଆତ୍ମା ଏକ ଅଭିନ୍ନ,
ଅଦ୍ୱୈତ ନିରାକାର ଅସୀମ ଅନନ୍ତ ।।

ଅଦ୍ୱୈତ ନିଖିଳ ବିଶ୍ୱର ସାକ୍ଷୀ ତତ୍ୱ,
ଅଦ୍ୱୈତ ନିତ୍ୟଶୁଦ୍ଧ ନିତ୍ୟବୁଦ୍ଧ ସତ୍ୱ ।।

ଅଦ୍ୱୈତ ଏକମାତ୍ର ଅନନ୍ତ ଅପାର,
ଅଦ୍ୱୈତ ସନାତନ ସ୍ୱୟମ୍ଭୁ ଈଶ୍ୱର ।।

ଅଧ୍ୟାପକ
ଅଳଯୋଡ଼ା,ମାହାଙ୍ଗା,କଟକ

ISSN NO.
2582-208X

# ତୁଳସୀ କ୍ଷେତ୍ର ଓ ଶ୍ରୀବଳଦେବଜୀଉ



ଶୁଭଶ୍ରୀ ମହାନ୍ତ

ଦେବପୂଜା ବିଧିରେ ମଣିଷ ମନର ଧର୍ମାତ୍ମିକ ଚେତନାର ଅଭିବୃଦ୍ଧି ନିମନ୍ତେ ମନ୍ଦିରର ପ୍ରତିଷ୍ଠା । କେନ୍ଦ୍ରାପଡ଼ାର ପ୍ରଶସ୍ତି ଓ ଖ୍ୟାତି ସିଦ୍ଧ ବଳଦେବଜୀଉଙ୍କ ନିମନ୍ତେ । ଏହାର ଅପର ନାମ ତୁଳସୀକ୍ଷେତ୍ର । ଶ୍ରୀକ୍ଷେତ୍ର ପରେ ତୁଳସୀକ୍ଷେତ୍ର, କେନ୍ଦ୍ରାପଡ଼ା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜ୍ୟେଷ୍ଠ ଭ୍ରାତା ଶ୍ରୀବଳଦେବଜୀଉଙ୍କ ପାଇଁ ଓଡିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିମଣ୍ଡଳରେ ପ୍ରସିଦ୍ଧି ଅର୍ଜନ କରିଛି। ପୁରାଣ ପ୍ରସିଦ୍ଧ ଦେବଭୂମି ଉତ୍କଳର ଶଙ୍ଖ, ଚକ୍ର, ଗଦା ଓ ପଦ୍ମକ୍ଷେତ୍ର ପରେ ପଞ୍ଚମକ୍ଷେତ୍ର ରୂପରେ ତୁଳସୀକ୍ଷେତ୍ର ଗୁପ୍ତ ବ୍ରହ୍ମକ୍ଷେତ୍ର ଭାବରେ ବିଖ୍ୟାତ । ପରମେଶ୍ୱର ସତ୍, ଚିତ୍, ଆନନ୍ଦଙ୍କ ତ୍ରିବିଧ ସ୍ୱରୂପ ହେଉଛନ୍ତି ବଳରାମ, ସୁଭଦ୍ରା ଓ ଜଗନ୍ନାଥ । ଶ୍ରୀମଦ୍ଭାଗବତମ୍ ଅନୁଯାୟୀ "ବ୍ରହ୍ମେତି ପରମାତ୍ମେତି ଭଗବାନିତ ଶବ୍ଦ୍ୟତେ" – ସେଥିପାଇଁ ଏହି ତ୍ରିମୂର୍ତ୍ତି ହେଉଛନ୍ତି ବ୍ରହ୍ମା ପୁଣି ଶ୍ରୀକ୍ଷେତ୍ରରେ ବିଗ୍ରହମାନେ ଦାରୁଦେବତା ବା ଦାରୁବିଗ୍ରହ ହୋଇଥିଲାବେଳେ ତୁଳସୀକ୍ଷେତ୍ରର ଅଧିପତି ଶ୍ରୀବଳଦେବ ହେଉଛନ୍ତି ମଣିବିଗ୍ରହ ବ୍ରହ୍ମ । ସେଥିପାଇଁ ତୁଳସୀକ୍ଷେତ୍ର "ବ୍ରହ୍ମକ୍ଷେତ୍ର" ଭାବରେ ସୁପ୍ରସିଦ୍ଧ ।

ISSN NO.
2582-208X

ଦ୍ୱାପରଯୁଗରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଥିବା ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳରାମ ହେଉଛନ୍ତି ତୁଳସୀକ୍ଷେତ୍ରର ମହାମହିମ ଆରାଧ୍ୟଦେବତା। ସେ ଶୁକ୍ଳଦେହୀ, ରେବତୀରମଣ, ପ୍ରଳମ୍ବାରୀ, କାମପାଳ, ହଳାୟୁଧ, କାଳରୁଦ୍ର, ଅଶିବନାଶକ, କନ୍ଦରାରି, ଶଙ୍କର୍ଷଣ ଓ ସର୍ବୋପରି ବାସୁଦେବ ଅଗ୍ରଜ ରାମ, ଶ୍ରୀ ଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ ରୂପେ ଶ୍ରୀକ୍ଷେତ୍ର ପ୍ରସିଦ୍ଧି ଅର୍ଜନ କରିଥିଲାବେଳେ ଶ୍ରୀବଳଦେବଙ୍କ ଲୀଳା ବିହାରର କ୍ଷେତ୍ର ହେଉଛି ତୁଳସୀକ୍ଷେତ୍ର ।

ବଳଦେବଜୀଉଙ୍କ ବିଶେଷ ସ୍ତୋତ୍ର ରହିଛି -

"ବୃନ୍ଦୟା କ୍ଷେତ୍ରମଧ୍ୟେ ଶତଦଳ କମଳେ ରତ୍ନ ସିଂହାସନସ୍ଥଂ
ନାନାଳଙ୍କାର ଭୂଷଂ ଶଶଧର ସଦୃଶଂ ବାସୁଦେବାଗ୍ରଜାତମ୍
ଭଦ୍ରାୟାଃ ଦକ୍ଷଭାଗେ ଫଣିବରଶୀରସଂ ଦେବଦେବେନ୍ଦ୍ରପୂଜ୍ୟମ
ବନ୍ଦେ ରୁଦ୍ରାଦି ଚଣ୍ଡିଗଣ ସୁପରିବୃତଂ ରାମମାଣିକ୍ୟ ମୂର୍ତ୍ତିମ୍"।

ତୁଳସୀକ୍ଷେତ୍ର ଓ କେନ୍ଦ୍ରାପଡ଼ାର ନାମକରଣ:

ଦ୍ୱାପର ଯୁଗରେ କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେଯୁଦ୍ଧ ଆରମ୍ଭ ହେବାରୁ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷ ସମର୍ଥନ କଲେ। କିନ୍ତୁ ବଳରାମ କାହାରି ପକ୍ଷ ସମର୍ଥନ ନକରି ତୀର୍ଥ ପର୍ଯ୍ୟଟନ କରି ବାହାରିଲେ । ବିଭିନ୍ନ ତୀର୍ଥ ପର୍ଯ୍ୟଟନ କରି ସେ ଉଡ୍ର ଦେଶରେ ପ୍ରବେଶ କଲେ ଏବଂ ବ୍ରାହ୍ମଣମାନଙ୍କ ଅନୁରୋଧକ୍ରମେ ଲଳିତଗିରିରେ ବାସ କରୁଥିବା ଅତ୍ୟାଚାରୀ କନ୍ଦରାସୁରକୁ ବଧ କରିଥିଲେ । କନ୍ଦରାର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଉତ୍ପାଟନ କରି ବଭିନ୍ନ ଦିଗକୁ ନିକ୍ଷେପ କରିଥିଲେ । ଦାନବର ଶିର ଦକ୍ଷିଣ ଦିଗରେ ପତିତ ହୋଇ ଅଦ୍ୟାପି ଅସୁରଶିର ବା ଅସୁରେଶ୍ୱର ନାମରେ ବିଦିତ । ଏହାର ଗଣ୍ଡି କେନ୍ଦ୍ରାପଡ଼ା ସହରକୁ ନିକ୍ଷେପ କରିଥିଲେ । ଯେଉଁସ୍ଥାନରେ ଏହାପତିତ ହୋଇଥିଲା,ତାହା ବର୍ତ୍ତମାନ ବଳଗଣ୍ଡି ନାମରେ ନାମିତ। କନ୍ଦରାସୁରର ଏକମାତ୍ର ଦୁହିତାର ନାମ ତୁଳସୀ । ଅସୁରକୁଳରେ ଜନ୍ମହୋଇ

ISSN NO.
2582-208X

ମଧ୍ୟ ଆସୁରୀୟ ପ୍ରବୃତ୍ତି ନଥିଲା । ପିତାଙ୍କ ମୃତ୍ୟୁପରେ ବଳରାମଙ୍କ ଶରଣାପନ୍ନ ହେବାରୁ ବଳରାମ ତାଙ୍କୁ ପ୍ରତିଶ୍ରୁତି ଦେଲେଯେ, ତାଙ୍କ ପିତାଙ୍କ ଗଣ୍ଡଦେଶ ପଡିଥିବା କେନ୍ଦ୍ରାପଡାରେ ବିବାହ କରି ଅବସ୍ଥାନ କରିବେ । ତୁଳସୀ ବୃକ୍ଷ ହୋଇ ରହିଲେ । ଶେଷରେ କଳିଯୁଗରେ ତୁଳସୀ ବଣରୁ ଏକ ବଳଭଦ୍ରଙ୍କ ମଣିବିଗ୍ରହ ପ୍ରାପ୍ତ ହେଲା । ତୁଳସୀଙ୍କୁ ବିବାହକରି ରହିବାରୁ ତୁଳସୀକ୍ଷେତ୍ର ନାମକରଣ ହେଲା ।

ସେହିପରି "କେନ୍ଦ୍ରାପଡ଼ା" ଶବ୍ଦର ଉତ୍ପତ୍ତି ପୌରାଣିକ ମତାନୁସାରେ "କନ୍ଦରାସୁର"ରୁ ଗୃହୀତ। ଜମ୍ବୁଦ୍ୱୀପର ଏହି ଅଂଶ ନୌବାଣିଜ୍ୟର ଗନ୍ତାଘର ଥିବାରୁ ଏବଂ ଏହି ସ୍ଥାନ କେନ୍ଦ୍ରରେ ଅବସ୍ଥିତ ଥିବାରୁ କେନ୍ଦ୍ରାପଡ଼ା ନାମ ବହନ କରିଛି । ନାଥଧର୍ମର ଗବେଷକବୃନ୍ଦ ଏହି ଅଞ୍ଚଳରେ ନାଥଯୋଗୀମାନେ ବାସ କରୁଥିବାରୁ ସେମାନଙ୍କ କେନ୍ଦରା ବାଦ୍ୟ ଯନ୍ତ୍ରରୁ କେନ୍ଦ୍ରାପଡ଼ା ଶବ୍ଦ ଉତ୍ପତ୍ତି ହୋଇଥିବା ମତପ୍ରଦାନ କରନ୍ତି। ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଆବିର୍ଭାବଯୋଗୁଁ କେନ୍ଦ୍ରାପଡ଼ା ଏକ ତୀର୍ଥକ୍ଷେତ୍ର। ପୁରାଣରେ ଏହା ଗୁପ୍ତକ୍ଷେତ୍ର ରୂପେ ବର୍ଣ୍ଣିତ। କନ୍ଦରାସୁରର ଉତ୍ପୀଡନରୁ ଏହା ତୁଳସୀକ୍ଷେତ୍ର, ଗୁପ୍ତକ୍ଷେତ୍ର ଓ କେନ୍ଦ୍ରାପଡ଼ା । କେନ୍ଦ୍ରାପଡା ମହାବିଦ୍ୟାଳୟର ମୁଖ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ଦାସ "ବଳୟ" ରେ ପ୍ରକାଶିତ "କେନ୍ଦ୍ରାପଡ଼ା ଏକ ଅଧ୍ୟୟନ" ପ୍ରବନ୍ଧରେ କେନ୍ଦ୍ରାପଡ଼ା କେନ୍ଦରା ଶବ୍ଦରୁ ଉତ୍ପତ୍ତି ହୋଇଛି ଦର୍ଶାଇ ଏ ଅଞ୍ଚଳକୁ ନାଥସମ୍ପ୍ରଦାୟର ପୀଠସ୍ଥଳ ରୂପେ ବର୍ଣ୍ଣନା କରିବା ସଙ୍ଗେସଙ୍ଗେ ଶ୍ରୀବଳଦେବଜୀଉ ନାଥ ସମ୍ପ୍ରଦାୟର ଦେବତା ଥିଲେ ବୋଲି ଦର୍ଶାଇ ଅଛନ୍ତି ।

ତୁଳସୀକ୍ଷେତ୍ରର ଐତିହାସିକତା:

ବର୍ତ୍ତମାନ ଯେଉଁଠାରେ ବଳଦେବଜୀଉଙ୍କ ମନ୍ଦିର ଅବସ୍ଥିତ ପୂର୍ବେ ସେଠାରେ ନଥିଲା । ସେତେବେଳେ ସେ ସ୍ଥାନ ଝାଡ ଜଙ୍ଗଲରେ ପୂର୍ଣ୍ଣ ଥିଲା । ସ୍ୱୟଂ ବଳରାମ ଇଚ୍ଛାକରି ଏ ସ୍ଥାନରେ ରହିବାକୁ ସ୍ୱପ୍ନାଦେଶ ଦେବାରୁ ଏହା "ଇଚ୍ଛାପୁର" ହୋଇଅଛି । ଐତିହାସିକ ବିବରଣୀ ଅନୁଯାୟୀ ବଳଦେବଜୀଉଙ୍କ ମନ୍ଦିର ପୂର୍ବେ ବର୍ତ୍ତମାନର ପୋଷ୍ଟଅଫିସ୍ ଏବଂ

ISSN NO.
2582-208X

ମସଜିଦ ନିକଟରେ ଥିଲା । ମସଜିଦ୍ କୁ ଲାଗି ମନ୍ଦିରର ଭଗ୍ନ ପ୍ରସ୍ତର ଏବେବି ଦେଖିବାକୁ ମିଳେ। ଏହା ମୋଗଲ ସାମ୍ରାଜ୍ୟର ପୂର୍ବବର୍ତ୍ତୀ ବିବରଣୀ।

ପ୍ରାୟ ୨୨୦୦ ବର୍ଷ ତଳେ "ମଣିଭଦ୍ର" ନାମକ ମହାରାଜା ବଳଭଦ୍ର ଶିଳା ପ୍ରକରଣ କରି ବଡ଼ଠାକୁରଙ୍କ ପୂଜାର୍ଚ୍ଚନା କରୁଥିଲେ। ଖ୍ରୀଷ୍ଟିୟ ୩ୟ ଶତାବ୍ଦୀରେ ନାଗବଂଶର ରାଜା ଶତ୍ରୁଭଞ୍ଜ ଲଳିତଗିରିଠାରେ ଶ୍ରୀବଳଦେବଙ୍କ ପୂଜା ସମ୍ପାଦନ କରିଥିଲେ। ୬ଷ୍ଠ ଶତାବ୍ଦୀରେ ଉତ୍ତର ତୋଷାଳୀର ମୁଦଗଲ ବଂଶୀୟ ରାଜା ଶମ୍ଭୁଯଶଙ୍କ ରାଷ୍ଟ୍ର ଦେବତା ଭାବରେ ପୂଜିତ ହେଉଥିଲେ ବଳଦେବ । ରକ୍ତବାହୁର ଆକ୍ରମଣ କିମ୍ବା ବିଧର୍ମୀମାନଙ୍କ ଉତ୍ପୀଡନ ଯୋଗୁଁ ସାନୁଜ ଶ୍ରୀ ଜଗନ୍ନାଥଙ୍କ ପରି ଶ୍ରୀବଳଦେବ ଲୁପ୍ତ ମଧୁସାଗର ଅବବାହିକାରେ କରିଥିଲେ ଆତ୍ମଗୋପନ । ଏହି ପାତାଳୀ ମଣିବିଗ୍ରହ ସ୍ୱପ୍ନାଦେଶ ଯୋଗୁଁ ସିଦ୍ଧେଶ୍ୱର ମହାପାତ୍ର ନାମଧେୟ ବ୍ରାହ୍ମଣ ତାହାଙ୍କୁ ଉଦ୍ଧାର ପୂର୍ବକ ପାଟବସ୍ତ୍ରାବୃତ କରି ସ୍ୱଗୃହରେ ଗୁପ୍ତଭାବରେ ରଖି ପୂଜାର୍ଚ୍ଚନା କରୁଥିଲେ। ସେଥିପାଇଁ ଏହି କ୍ଷେତ୍ରର ଅନ୍ୟନାମ ହେଉଛି ଗୁପ୍ତକ୍ଷେତ୍ର ।

ବଳଦେବଜୀଉ ମନ୍ଦିରର ବିଶେଷତ୍ୱ:

ବଳଦେବଜୀଉ ମନ୍ଦିର କେନ୍ଦ୍ରାପଡ଼ାବାସୀଙ୍କ ପ୍ରାଣକେନ୍ଦ୍ର । ବଳଭଦ୍ର ସମସ୍ତଙ୍କ ହୃଦକନ୍ଦରରେ ପୂଜିତ ଏବଂ ବିରାଜିତ । ଏହି ମନ୍ଦିର କେନ୍ଦ୍ରାପଡ଼ା ସହରର ୨ କି.ମି. ଦକ୍ଷିଣ ପଶ୍ଚିମକୁ ଇଛାପୁର ଗାଁର କେନ୍ଦ୍ରରେ ଅବସ୍ଥିତ । ଏହା ଅଷ୍ଟାଦଶ ଶତାବ୍ଦୀରେ ମରାଠ ଶାସନ କାଳରେ ତିଆରି ହୋଇଥିବାର ଅନୁମାନ କରାଯାଏ। ନାଗପୁରର ରଘୁଜୀଭୋସେଲ ନାମକ ମରାଠ ଶାସକ ଏହାକୁ ଗଢିଥିଲେ ବୋଲି କୁହାଯାଏ। ୨ଏକର ୬ ଡେସିମିଲ ପରିମିତ ସ୍ଥାନରେ ଅବସ୍ଥିତ ଏହି ମନ୍ଦିର ରହିଛି ଓ ଅନ୍ୟ ପାଖଟି ଉଦ୍ୟାନ । ଏହି ମନ୍ଦିରର ପାଚେରୀ ୧୪ ଫୁଟ ଉଚ୍ଚା।

ଏହି ମନ୍ଦିରର ପ୍ରଥମ ବେଢ଼ାରେ ୪ଟି ମନ୍ଦିର ଅଛି ।

ISSN NO.
2582-208X

୧-ବଡ଼ଦେଉଳ ବା ଶ୍ରୀମନ୍ଦିର
୨-ମଝିମନ୍ଦିର ବା ଭୋଗ ମଣ୍ଡପ
୩-ଜଗମୋହନ ବା ନାଟମଣ୍ଡପ
୪-ବାଟମନ୍ଦିର ବା ମୁଖଶାଳା

ଏହି କ୍ଷେତ୍ରରେ ରୀତିନୀତି ଓ ପଦ୍ଧତି ଏବଂ ପୂଜାର୍ଚ୍ଚନା ଅନ୍ୟ କ୍ଷେତ୍ରଠାରୁ ସଂପୂର୍ଣ୍ଣ ଭିନ୍ନ । ଏହା ସମ୍ପୃକ୍ତ ବୈଷ୍ଣବ କ୍ଷେତ୍ର । ଏଠାରେ ବଳଦେବ ପରମ ବୈଷ୍ଣବ ମାତ୍ର ଭୈରବ ନୁହଁନ୍ତି କିମ୍ବା ଏହା କ୍ଷେତ୍ରରେ କୌଣସି ତାନ୍ତ୍ରିକ ପୂଜାପଦ୍ଧତି ପ୍ରଚଳିତ ହୁଏନାହିଁ ।

ଶ୍ରୀବଳଦେବଜୀଉ ମୁଖ୍ୟ ବିଗ୍ରହ ହେଲେ ମଧ୍ୟ ସାନୁଜ ଶ୍ରୀଜଗନ୍ନାଥ ଭଗ୍ନୀ ସୁଭଦ୍ରା ଓ ଆୟୁଧ ସୁଦର୍ଶନଙ୍କ ସହିତ ରତ୍ନସିଂହାସନରେ ବିରାଜ ମାନ କରିଛନ୍ତି। ଚତୁର୍ଦ୍ଧାମୂର୍ତ୍ତୀ ଗୋଟିଏ ରଥରେ ଏକତ୍ର ଘୋଷଯାତ୍ରା କରନ୍ତି। ଶ୍ରୀବଳଦେବ ଦାରୁମୂର୍ତ୍ତୀ ନୁହଁନ୍ତି । ସେ ସ୍ୱୟଂ ମଣିବିଗ୍ରହ ।ଏଠାରେ ନବକଳେବର ହୁଏ ନାହିଁ। ରସାବଳି, ପୋଟଳିପିଠା ଠାକୁରଙ୍କ ପ୍ରସିଦ୍ଧଭୋଗ ଅଟେ ।

ଏହିପରି ଭାବରେ ଦେଖିଲେ, ଓଡ଼ିଶାର ଏହି ପ୍ରସିଦ୍ଧ ତୁଳସୀକ୍ଷେତ୍ର କନ୍ଦରାସୁର ଓ ତୁଳସୀଙ୍କ ଆଧ୍ୟାତ୍ମିକ ସଂଯୋଗ ସହିତ ଶ୍ରୀକୃଷ୍ଣ ଅଗ୍ରଜ ବଳରାମ-ବଳଦେବଙ୍କ ମହିମା ଯୋଗୁ ହିନ୍ଦୁ ଧର୍ମଧାରା ଓ ସଂସ୍କୃତିର ପବିତ୍ର ପୀଠ ଭାବରେ ଖ୍ୟାତି ଲାଭ କରିଛି। ଦଶବତାର ପରମ୍ପରାରେ ଯିଏ ରାମ, ସିଏ ବଳରାମ ଓ ସେ ମଧ୍ୟ ଶ୍ରୀକୃଷ୍ଣ ଜଗନ୍ନାଥ । ସର୍ବ ଧର୍ମ ସମନ୍ୱୟର ବାର୍ତ୍ତା ଏହି ଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ ବା ଧର୍ମପ୍ରାଣ ଓଡ଼ିଆର ଆଧ୍ୟାତ୍ମିକ ଚେତନାରେ ରହିଛି । ତେଣୁ, ତୁଳସୀକ୍ଷେତ୍ରର ଅଧିପତି ଶ୍ରୀବଳଦେବଜୀଉ ଶ୍ରୀଜଗନ୍ନାଥଙ୍କ ଅଗ୍ରଜ ଭାବରେ ସଦା ବନ୍ଦନୀୟ ହୋଇ ରହିଛନ୍ତି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

୧. ମହାନ୍ତି, ବ୍ରଜମୋହନ- ଓଡ଼ିଶାର ଦେବାଦେବୀ, ଓଡ଼ିଶା ବୁକଷ୍ଟୋର, କଟକ ।

୨. ଦାସ, ଡ. ବାସୁଦେବ- କେନ୍ଦ୍ରାପଡାର ରଥଯାତ୍ରା ।

୩. ଜେନା, ମନୋଜ କୁମାର- ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ, ଭିବ୍ ଗିଓର୍ ପ୍ରିଣ୍ଟର, ଭୁବନେଶ୍ୱର ।

ଗବେଷିକା
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର

ISSN NO.
2582-208X

# ଗଜପତି ପରିକ୍ରମା



ହର ପ୍ରସାଦ ସୁଆର

ଆମ ଜିଲ୍ଲା ଗଜପତି, କେତେ ବଖାଣିବି ମୁହିଁ
ଗଜପତି ରାଜାଙ୍କ ନାମାନୁସାରେ ନାମିତ ହୋଇଛି ସେହି ।
ଉତ୍କଳର ସବୁଠାରୁ ଉଚ୍ଚ ତିନି ଠାକୁର ଜଗନ୍ନାଥ, ବଳରାମ ଓ ସୁଭଦ୍ରା,
ବିଦ୍ୟମାନ ଆମ ପାରଳା ସହରର ଜଗନ୍ନାଥ ମନ୍ଦିରେ ।୧ ।
ସୌନ୍ଦର୍ଯ୍ୟରେ ଭରା ମନ୍ଦିରମାଳିନୀ ସହର ପାରଳାଖେମୁଣ୍ଡି,
ଶିଙ୍ଘରେ ତିଆରି ନାନା କାରୁକାର୍ଯ୍ୟ ପାଇଁ ରହିଛି ପ୍ରସିଦ୍ଧି ।
ଇଂଲଣ୍ଡର ବାକିଂହମ୍ ପ୍ୟାଲେସ୍ ଭଳି ସୁଦୃଶ୍ୟ ରାଜନଅର,
ନଅରରେ ପ୍ରବେଶିଲେ ସତେ ଯେପରି ବାରିହୁଏ ଆମେ ଇଂଲଣ୍ଡରେ ।୨ ।
ଲୋକଙ୍କ ନିଜନିଜ ପେଶାକୁ ନେଇ ଗୋଟିଏ ଗୋଟିଏ ସାହି,
ସତରେ, ଯାହା ଆଜି ଖାଲି ଓଡିଶା ନୁହଁ ଭାରତରେ ବିରଳ ।
ଉତ୍କଳ ପ୍ରଦେଶରେ ଗଠନର ମୂଳ କାଣ୍ଡାରୀ ତତ୍କାଳୀନ ରାଜା,
କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଆମ ମହାରାଜା ।୩ ।
ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ସ୍କୁଲ, କଲେଜ, ରେଳଲାଇନ୍ ସାଙ୍ଗକୁ
ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଭଳି ଅନେକ କୀର୍ତ୍ତି ଗଢିଯାଇଛନ୍ତି

ISSN NO.
2582-208X

ଗଜପତି ରାଜାଙ୍କ ଦ୍ୱାରା ନିର୍ମିତ ରାମାୟଣର ପ୍ରଧାନ ଚରିତ ଉପରେ
ଆଧାରିତ ରାମସାଗର, ସୀତାସାଗର ଏବଂ ଅଧୂନା ଅବଲୁପ୍ତ ଲକ୍ଷ୍ମଣସାଗର ।୪।
ଉତ୍କଳର କଳା ଓ ସ୍ଥାପତ୍ୟରେ ପାରଦର୍ଶୀ ସ୍ୱନାମଧନ୍ୟ ଓ ପ୍ରାତଃ
ସ୍ମରଣୀୟ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ, ପଞ୍ଚତନ୍ତ୍ର ଖ୍ୟାତ
ବିଷ୍ଣୁଶର୍ମାଙ୍କ ଜନ୍ମ ଏଇ ପାରଳା ମାଟି । ଅନ୍ୟତମ ଶ୍ରେଷ୍ଠ ବୌଦ୍ଧ
ପୀଠ ଚନ୍ଦ୍ରଗିରି ଯାହା ବୌଦ୍ଧସ୍ତୂପ, ବୌଦ୍ଧ କୀର୍ତ୍ତିରାଜିରେ ଭରପୁର ।୫।
ରାଜାଙ୍କ ଇଷ୍ଟଦେବୀ ବିରାଜମାନା ମା ମାଣିକେଶ୍ୱରୀ,
ଭ୍ରମଣ ତାଲିକାରୁ ଗଜପତିକୁ କେବେ ହେଁ ନଦେବ ପାସୋରି ।
ପିକନିକ୍ ନିମନ୍ତେ ସୌନ୍ଦର୍ଯ୍ୟରେ ଭରିରହିଥିବା ଉତକୃଷ୍ଟ ସ୍ଥାନ
ହେଲା, ବି ନ୍ ପ୍ୟାଲେସ୍ ଆଉ ଗଣ୍ଡାହାତୀ ।୬।
ମହେନ୍ଦ୍ରତନୟା ନଦୀ, ମହେନ୍ଦ୍ର ପର୍ବତ ଶୋଭାପାଏ ଅତି ନିକଟରେ
କାହିଁ କେଉଁ ଯୁଗରୁ ବିଦ୍ୟମାନ ପର୍ଯ୍ୟଟନ କ୍ଷେତ୍ର ଗଣ୍ଡାହାତୀ ଜଳପ୍ରପାତ ।
ତତ୍କାଳୀନ ସମୟରେ ଶବ୍ଦକୋଷର ରଚୟିତା ଗୋପୀନାଥ ନନ୍ଦ
ଅମର ହୋଇ ରହିଛନ୍ତି ରଘୁନାଥ ପରିଚ୍ଛା ଉପାଧି ପାଇ "କବିଚନ୍ଦ୍ର" ।୭।
ଓଡିଶାର ପ୍ରଥମ ନାଟକ "ଗୋପୀନାଥ ବଲ୍ଲଭ" ର ରଚୟିତା ରଘୁନାଥ ପରିଚ୍ଛା,
ତାଙ୍କରି ସ୍ମୃତିରେ କବିଚନ୍ଦ୍ର ସାହି ଓ ବିଶିଷ୍ଟ ନାଟ୍ୟକାର ଆପନ୍ନା ପରିଚ୍ଛା ।
ବିଶିଷ୍ଟ ପ୍ରାବନ୍ଧିକ, ନାଟ୍ୟକାର ଓ ଲେଖକ ରାଜଗୁରୁ
ଶ୍ୟାମସୁନ୍ଦର ଯୋଉଥି ପାଇଁ ଆଜି ପରଳାମାଟି ଗର୍ବିତ ।୮।
କରଣସାହି ପାରଳାଖେମୁଣ୍ଡିରେ ଜନ୍ମି ଓଡିଆ ସାହିତ୍ୟରେ ରଖିଛନ୍ତି ଅବଦାନ ।
ରୀତିଯୁଗୀୟ କବି କୃଷ୍ଣପ୍ରେମକୁ ନେଇଅଜସ୍ର କବିତା ଲେଖି,
ଭକ୍ତିରସର ଧାରାକୁ ପ୍ରବାହିତ କରି ଋଦ୍ଧିମନ୍ତକରିଛନ୍ତି ଓଡିଆ ସାହିତ୍ୟ,
ସେଥିପାଇଁ ଚିରନମସ୍ୟ କବି ଗୋପାଳକୃଷ୍ଣ ।୯।
"କ" ଠାରୁ "କ୍ଷ" ପର୍ଯ୍ୟନ୍ତ ଅକ୍ଷରକୁ ନେଇ ରଚିଯାଇଛନ୍ତି
କାବ୍ୟପୁସ୍ତକ "ପତିତପାବନ ଜଣାଣ" ଷାଠିଏ ଦଶକରେ

ISSN NO.
2582-208X

ଅମିତ୍ରାକ୍ଷର ଛନ୍ଦରେ ଲେଖିଯାଇଥିବା ପ୍ରଥମ ଓଡିଆ କବି ବୃନ୍ଦାବନ ସୁଆର
ଯାହାଙ୍କ ଅନ୍ୟାନ୍ୟ ସାତଟି କୃତି ମଧ୍ୟ ରହିଛି ।୧୦ ।
ଓଡିଆ ନାଟକର ଏକ୍ଟୁଡିଶାଳ ଆମ ଗଜପତି,
ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇଁ ରହିଅଛି ଖ୍ୟାତି ।
ଦକ୍ଷିଣ ଓଡିଶାର ଏହି ଗଜପତି ମାଟି ନିଜ କଳା ଓ ସଂସ୍କୃତି
ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଚିର ନମସ୍ୟ, ବନ୍ଦିତ ଓ ଗର୍ବିତ ।୧୧ ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ ଚଳଭାଷ:୭୫୦୧୭୫୨୪୨୮

ISSN NO.
2582-208X

# ଆପଣ କ'ଣ
# ପଢନ୍ତି ମୋ କବିତା



ବିଶ୍ୱନାଥ କର

ଆପଣ କ'ଣ ପଢନ୍ତି ମୋ କବିତା
କେମିତି ଲାଗେ
କେମିତି ଲାଗେ ମୁଁ କରୁଥିବା ଶବ୍ଦ ମାନଙ୍କ ପରୀକ୍ଷା ନିରୀକ୍ଷା
ମୋ କବିତା ର ପ୍ରତିଟି ଧାଡିରେ
କେମିତି ଲାଗେ
ମୁଁ ଆଙ୍କୁଥିବା ଜୀବନର ଚିତ୍ରଲିପି
ମୋ କବିତାର ପ୍ରତିଟି ଛନ୍ଦରେ ।

କେବେ ସୂର୍ଯ୍ୟମୁଖୀର ଆଖିରେ ଲେପିଥିବା ଅଜସ୍ର ତୃଷ୍ଣା
କେବେ ପକ୍ଷୀର ଉଡାଣରେ ପ୍ରେମର ସନ୍ଧିପତ୍ର
କ୍ଲାନ୍ତ କୋକିଳ ର କୁହୁରେ
ମୁଁ ଗାଉଥିବା ଜୀବନର ବ୍ୟଥା
କେମିତି ଲାଗେ ଆପଣଙ୍କୁ
ପ୍ରତିଟି ଶବ୍ଦର ପ୍ରତିଟି ଅକ୍ଷରରୁ ଝରି ପଡୁଥିବା
ଆପଣଙ୍କ ମନ ଗହନର କଥା
ନିଆଁଝୁଲ ରେ ଆପଣଙ୍କ ପ୍ରେମ ବିରହର କଥା

ISSN NO.
2582-208X

ମୁଁ ଯେବେ ଲେଖିଦିଏ ଛନ୍ଦ ତୋଳି କବିତା କବିତା ।

ମୁଁ ଦେଖିଛି ଆପଣଙ୍କୁ ମୋ ଭାବନାରେ
ଛପି ଛପି ପ୍ରଜାପତି ଧରୁଥିବା ବେଳେ
ମୁଁ ଦେଖିଛି ଆପଣଙ୍କୁ
ମୋନାଲିସାର ରହସ୍ୟମୟୀ ହସରେ ଭିଜୁଥିବା ବେଳେ
ମୁଁ ବି ଦେଖିଛି ଆପଣଙ୍କୁ
ନାଲି କୃଷ୍ଣଚୂଡ଼ା ଡହ ଡହ ତାତିରେ ଜଳୁଥିବା ବେଳେ
କବିତା ର ଛନ୍ଦ ଖୋଜିବା ବେଳେ ।

ମୋ କବିତା ରେ ଜହ୍ନର ହସ ପହଁରେ ପଦ୍ମ ପୋଖରୀରେ
ପ୍ରେମ ବି ଜୀବନର ନିଆଁଝୁଲ ସାଜି
ଧାରେ ଲାଭାର ସୁଅରେ କାଗଜ ଡଙ୍ଗା ରେ ଭାସେ
ଫଗୁଣ ବି ନିଆଁର ଧାସରେ ଲଜ୍ଜାତାରା ହୋଇ ଖସେ ।
ଗ୍ରହଣ ଲାଗେ ଜହ୍ନର ଆୟୁଷେ ।

କେବେ କେବେ ବର୍ଷା ଛିଟିକାରେ ଆପଣଙ୍କ ଓଦା ଓଦା ମନ
ପ୍ରେମର ଚିଠିରେ ରକ୍ତର ସ୍ୟାହିରେ ହୃଦୟ ସ୍ପନ୍ଦନ
ମୁଁ ଯେବେ ବିଛେଇ ଦିଏ ଶବ୍ଦର ଆଡମ୍ବରରେ
କେମିତି ଲାଗେ ଆପଣଙ୍କୁ
ଖୋଜିବା ବେଳେ ନିଜକୁ ମୋ କବିତା ଭିତରେ ।

ISSN NO.
2582-208X

ସତ କହିବେ ପାଠକେ
ପଢନ୍ତି କି ଆପଣ ମୋ କବିତା
ଆପଣଙ୍କ ତୂଳୀରେ ମୁଁ ଚିତ୍ରୁଛି ଆପଣଙ୍କ ସ୍ୱପ୍ନ
ଆପଣଙ୍କ ରଙ୍ଗ ରେ ମୁଁ ରଙ୍ଗଉଛି
ଆପଣଙ୍କ ସଞ୍ଜ ସକାଳ ରାତି ଓ ଅରାତି
ବର୍ଷା ବସନ୍ତ ବୈଶାଖର ଆକାଶ ଓ ମାଟି
ସତ କହିବେ  ପାଠକେ
ଆପଣ କ'ଣ ପଢନ୍ତି ମୋ କବିତା
ଆପଣଙ୍କ  ମନ ଗହନର ବିଶ୍ୱସ୍ତ ଗୀତିକା ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# କାଶତଣ୍ଡୀ ଫୁଲ ହସୁଛି



ଗୀତାଞ୍ଜଳି ମିଶ୍ର

ବର୍ଷା ଋତୁ ଯାଇ ଶରତ ଆସିଲା
କାଶତଣ୍ଡୀ ଫୁଟି ଉଠିଲା
ପାର୍ବଣ ଋତୁଟି ଆସିଗଲା ବୋଲି
ସଭିଙ୍କୁ ଜଣାଇ ଦେଲା ।

ରାସ୍ତା,ବିଲ ଭୂଇଁ ସୌନ୍ଦର୍ଯ୍ୟ ବଢାଏ
କାଶତଣ୍ଡୀ ମୁଣ୍ଡ ଟେକି
ବାଟୋଇ ମନ କୁ ବିମୋହିତ କରି
କହେ ରହିଛି ମୁ ଟାକି ।

ତୁମ ଚଲାପଥ ହେବ କୁସୁମିତ
ଦର୍ଶନ କରିଛ ମତେ
ମୋର ଶୁଭ୍ର ତନୁ ସଦା ଶାନ୍ତି ଦେବ
ଅନାଉ ଥିବୁ ତୁ ଯେତେ ।

ପବନ ବହିଲେ ଖିଲି ଖିଲି ହସେ
ବର୍ଷା ରେ ଯାଏ ଭିଜି

ISSN NO.
2582-208X

ତଥାପି  ମୋମନ ଖୋଜେ ବାଟୋଇ ଙ୍କୁ
ନ ଯିବେ ଯେମିତି ହଜି   ।

ଠାକୁର ମୁଣ୍ଡ ରେ ସ୍ଥାନ ନାହିଁ ବୋଲି
ଲାଗେ ମତେ ଭାରି ଦୁଃଖ
ତଥାପି କିଛି ମୋ କାମ ଅଛି ବୋଲି
ହସି ହସି ଖୋଜେ ସୁଖ   ।

ବାଟୋଇ ପାଇଁ ମୁଁ ହସୁଥିବି ସଦା
ପାଲଟି ଗୋଟିଏ ଚିହ୍ନ
ଫେରିଲା ବେଳକୁ ଯେମିତି ବାଟୋଇ
କହିବ ତୁଇ ରେ ଧନ୍ୟ   ।

କାଶତଣ୍ଡୀ ଫୁଲ ହସୁଛି ରେ ଦେଖ
ମନେ ତାର କେତେ ଆଶା
କହେ କାଶତଣ୍ଡୀ ଖୁସି ସର୍ବେ ବାଣ୍ଟ
ଜୀବ ର ନାହିଁ ଭରସା   ।

ବିନକା, ସୁବର୍ଣ୍ଣପୁର

ISSN NO.
2582-208X

# ଜୀବନ ଏକ ଅମଡ଼ା ବାଟ



ପ୍ରଶାନ୍ତ କୁମାର ଦାଶ

ଉଠାଣି ଗଡ଼ାଣି ଆବଡା ଖାବଡା
ଜୀବନର ଏଇ ବାଟ
ଅଛି ଏଠି ଦୁଃଖ ଲୁହ କୋହ ସୁଖ
ଚାଲିଚି କେତେଯେ ନାଟ ।।

ଏଇଠି ଫଗୁଣ ଫୁଟାଏତ ଫୁଲ
ଶୁଭେ କୋଇଲିର ଗୀତ
ବଉଳର ବାସ ମିଠା ମିଠା ହାସ
ପୁଲକିତ କରେ ଚିତ୍ତ ।।

ଜୀବନ ଖୋଜଇ ଏଠି ଜହ୍ନରାତି
ରଜନୀଗନ୍ଧାର ବାସ
ସହିବାକୁ ହୁଏ କେତେଯେ ଯାତନା
ସାଜିବାକୁ ହୁଏ ଘାସ ।।

ଜୀବନର ସବୁ ଅମଡ଼ାବାଟରେ
ଚାଲୁ ଚାଲୁ ଫୁଟେ କଣ୍ଟା

ISSN NO.
2582-208X

ସବୁ ବୋଝବୋହି ଚାଲିଲେ ହୁଅଇ
ଅବସ ଏ ପିଠି ଅଣ୍ଟା ।।

ଫୁଲପରି ସବୁ ଦୁଃଖ ଭୁଲି କଲେ
ଦୁଃଖୀ ମଣିଷର ହିତ
ହିଂସା ଭୁଲି ଦିନେ ମଣିଷ ହୁଅନ୍ତି
ସାଥୀ ସହଚର ମିତ ।।

ମିଠା ଜହ୍ନରାତି ଛିଟ ପ୍ରଜାପତି
ଦିଅନ୍ତି ହରଷ ବାଣ୍ଟି
ଜୀବନର ଏଇ ଅମଡ଼ାବାଟରେ
ଫଳତ ରହିଚି ଖାଣ୍ଟି ।।

ଜୀବନବାଟରେ ଚାଲୁ ଚାଲୁ ସରେ
ହାଟର ସଉଦା ଦିନେ
ସବୁ କାହାଣୀତ ଲେଖିହେଇଯାଏ
ଅଧାଗଢା ସ୍ମୃତିଚିହ୍ନେ ।।

ଜୀବନର ବାଟ ଦୁନିଆ ବୁକୁରେ
ଅଙ୍କା ବଙ୍କା ନଇଟିଏ
ଆଶା ଅଭିଳାଷ ସଞ୍ଚି ବଞ୍ଚିବାକୁ
ସମୟ ଇଶାରା ଦିଏ ।।

କୁଞ୍ଜର ସଙ୍ଗଲାଇ,ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଶତାବ୍ଦୀର ସବୁଠାରୁ ବଡ ବିପଦ ହେଉଛି 'ଜଳବାୟୁ ପରିବର୍ତ୍ତନ' (୧)



ଅସିତ ମହାନ୍ତ

ସମଗ୍ର ବିଶ୍ୱ ଅବଗତ ଯେ, ସାମାଜିକ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଲଦାଖରେ ୨୧ ଦିନ ଉପବାସରେ ଥିଲେ। ବାସ୍ତବରେ, ସେ ଲଦାଖର ପରିବେଶକୁ ବଞ୍ଚାଇବା ପାଇଁ ଏହି ସଂଗ୍ରାମ କରୁଛନ୍ତି, ବିଶେଷ କରି ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ । କିନ୍ତୁ ଦୁଃଖର ବିଷୟ ହେଉଛି ଲଦାଖର ଲୋକମାନଙ୍କ ବ୍ୟତୀତ ସେମାନେ ଭାରତର ସାଧାରଣ ଜନତାଙ୍କ ସହାୟତା ପାଉନାହାନ୍ତି। ଏହାର କାରଣ କ'ଣ ହୋଇପାରେ ? ଇଲେକ୍ଟ୍ରୋନିକ୍ ମିଡିଆ ମଧ୍ୟ ଏହି ବିଷୟକୁ ଗୁରୁତ୍ୱ ଦେଉନାହିଁ । ସାଧାରଣ ଜନତାଙ୍କୁ ଏହା ବିଷୟରେ ସେତେବେଳେ ଜଣାପଡିବ, ଯେତେବେଳେ ଟିଭି କାର୍ଯ୍ୟକ୍ରମରେ ଏହି ବିଷୟକୁ ସ୍ଥାନ ଦିଆଯିବ । ଏହା ହିଁ କାରଣ, ସାଧାରଣ ଜନତା ଏହି ମହତ୍ୱପୂର୍ଣ୍ଣ ବିଷୟରେ ଅବଗତ ନୁହଁନ୍ତି । ଦ୍ୱିତୀୟ ପ୍ରଶ୍ନ ହେଉଛି ସାଧାରଣ ଜନତାଙ୍କ ମଧ୍ୟରେ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଷୟରେ କୌଣସି ଧ୍ୟାନ ଧାରଣା ନାହିଁ । କାରଣ ଏ ବିଷୟରେ ଚର୍ଚ୍ଚା ଅତ୍ୟନ୍ତ କମ। ଯେପରି ନିର୍ବାଚନ ବିଷୟରେ ୨୪ ଘଣ୍ଟା ମାସ - ମିଡ଼ିଆ ରେ କାର୍ଯ୍ୟକ୍ରମ ହେଉଛି ଏବଂ ସାଧାରଣ ଜନତା ଏ ବିଷୟରେ ଅବଗତ ହେଉଛନ୍ତି । ଠିକ ସେହିପରି ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ କଣ, ଏହାର ପ୍ରଭାବ ସମ୍ପୂର୍ଣ୍ଣ ମାନବ ସମାଜ ଏବଂ ଜୀବ ଜଗତ ଉପରେ କଣ ରହିଛି, ଯଦି ଏ ବିଷୟରେ ଅନବରତ ଚର୍ଚ୍ଚା'ର ପରିବେଶ ସୃଷ୍ଟି କରାଯାଏ ତେବେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା । ଆହୁରି ଏକ

ISSN NO.
2582-208X

ଆଶ୍ଚର୍ଯ୍ୟ'ର ବିଷୟ ହେଉଛି ଯେ, ୨୧ ଦିନ ଉପବାସରେ ରହିବା ପରେ ମଧ୍ୟ ସରକାର ଏବିଷୟରେ ଚୁପ, ଯେପରି ଏବିଷୟରେ ସେ କିଛି ଜାଣିନାହାଁନ୍ତି!

ବାସ୍ତବରେ ମାନବ ସଭ୍ୟତା ଏବଂ ସମ୍ପୂର୍ଣ୍ଣ ଜୀବ ଜଗତ ଧ୍ୱଂଶ ଆଡକୁ ଗତି କରୁଛି । ମାନବ ପ୍ରକୃତି ଦତ୍ତ ପ୍ରତ୍ୟକ ବସ୍ତୁ ଉପରେ ତାର ଶୋଷଣ ଜାରି ରଖିଛି । ଏହାର ଫଳଫଳ ଆମ ସମ୍ମୁଖରେ ଦୃଷ୍ଟିଗୋଚର ହେଉଛି । ତେଣୁ ଆମକୁ ଅବଗତ ହେବାକୁ ପଡିବ ଯେ ପରିବେଶକୁ କିପରି ଦୋହନ କରାଯାଉଛି ଏବଂ ଜଳବାୟୁ ପରିବର୍ତ୍ତନ କଣ ଏବଂ ଏହାର ପ୍ରଭାବ କିପରି ମାନବ ତଥା ଜୀବ ଜଗତ ଉପରେ ପଡୁଛି । ବର୍ତ୍ତମାନ ସମଗ୍ର ବିଶ୍ୱରେ ୮୦୦ କୋଟି ଲୋକ ଅଛନ୍ତି । ସେଥିମଧ୍ୟରୁ ୩୦୦ କୋଟି ଲୋକ ଅଛନ୍ତି ଯେଉଁମାନେ ବର୍ତ୍ତମାନ ଉପଯୁକ୍ତ ଖାଦ୍ୟ ପାଆନ୍ତି ନାହିଁ । ସେଠାରେ ୨୪୦ କୋଟି ଲୋକ ଅଛନ୍ତି ଯେଉଁମାନେ ଖାଦ୍ୟ ପାଇବାରେ ସକ୍ଷମ ହେବେ, କିଛି ନିଶ୍ଚିତ ନୁହେଁ, ଯଦି ପାଇବେ ତେବେ ଠିକ ଅଛି, ଯଦି ନ ପାଆନ୍ତି ତେବେ ଠିକ ଅଛି । ପ୍ରାୟ ୮୦-୯୦ କୋଟି ଲୋକ ଅଛନ୍ତି ଯେଉଁମାନେ ମୁଖ୍ୟତଃ ଭୋକିଲା ଶୋଇଥାନ୍ତି । ସାଧାରଣ ଲୋକ ଏହା ଜାଣନ୍ତି କି? ଜଳବାୟୁ ପରିବର୍ତ୍ତନ ହେତୁ, ଗହମ, ଚାଉଳ, ମକା, ସୋରିଷ ଏବଂ ମିଲେଟ ଭଳି ପ୍ରମୁଖ ଫସଲର ଉତ୍ପାଦନ ୧୫ ରୁ ୨୫ % ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଯାହାର ପ୍ରଭାବ କମ କ୍ରୟ କ୍ଷମତା ଥିବା ଲୋକଙ୍କ ଉପରେ ପଡ଼ିବ । କାରଣ ଯେତେବେଳେ ଉତ୍ପାଦନ ହ୍ରାସ ହୁଏ, ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇବ । ତେବେ କିଏ କିଣିବାକୁ ସକ୍ଷମ ହେବେ ନାହିଁ? ନିଶ୍ଚିତ ଭାବେ ଗରିବ । ଧନୀ ଲୋକଙ୍କର କୌଣସି ଅସୁବିଧା ନାହିଁ । ଭୋକିଲା ଶୋଇଥିବା ୮୦ -୯୦ କୋଟି ଲୋକଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଭାରତରେ ଅଛନ୍ତି । ଏବଂ ଏହି ଲୋକମାନେ ଜାଣନ୍ତି ନାହିଁ ଜଳବାୟୁ ପରିବର୍ତ୍ତନ କ'ଣ ଏବଂ ଏହା କିପରି ସେମାନଙ୍କୁ ପ୍ରଭାବିତ କରୁଛି? ଜମିରେ ଫସଲ ଉତ୍ପାଦନ ବନ୍ଦ ହେବାକୁ ଯାଉଛି । ଯେଉଁମାନଙ୍କ ପାଇଁ ଫସଲ ଉତ୍ପାଦନ ବନ୍ଦ ହେବ ସେମାନଙ୍କ ପାଇଁ କୌଣସି ଅସୁବିଧା ନାହିଁ ହେବେ ସେମାନଙ୍କର ବହୁତ ଟଙ୍କା ଅଛି । ସେମାନେ ସେମାନଙ୍କର ଆୟର ମାତ୍ର ୧ କିମ୍ବା ୨% ଖାଇବାରେ ଖର୍ଚ୍ଚ କରନ୍ତି । ଯେତେବେଳେ ମୂଲ୍ୟ ବୃଦ୍ଧି ହେବ

ISSN NO.
2582-208X

ସେମାନେ ୩% ଖର୍ଚ୍ଚ କରିବେ । କିଏ ପ୍ରଭାବିତ ହେବ ? ଆମ ଦେଶରେ ଗରିବଙ୍କ ସଂଖ୍ୟା ୮୦ କୋଟି - ଯାହାଙ୍କୁ ସରକାର ପ୍ରତି ବ୍ୟକ୍ତିଙ୍କ ପାଇଁ ୫ କିଲୋଗ୍ରାମ ଚାଉଳ ବା ଗହମ ଦିଅନ୍ତି । ଆମ ଜନସଂଖ୍ୟାର ଦୁଇ ତୃତୀୟାଂଶ ସଠିକ୍ ଖାଇବାକୁ ଟଙ୍କା ନାହିଁ । ଜଳବାୟୁ ପରିବର୍ତ୍ତନର ଭାର ଏହି ୮୦ କୋଟି ଲୋକଙ୍କ ଉପରେ ପଡ଼ିବ । କିନ୍ତୁ ଏହି ଗରିବ ମାନଙ୍କ ହାତରେ କେତେଗୁଡ଼ିଏ ଖେଳନା ଧରାଇ ଦିଆଯାଇଛି । ସେମାନଙ୍କୁ ଧାର୍ମିକ କଳାବାଜି ଦିଆଯାଇଛି, ସେମାନେ ବର୍ତ୍ତମାନ ଅନ୍ୟ କିଛି ଦେଖିପାରିବେ ନାହିଁ । ଏହା କେହି ଅନୁଭବ କରୁନାହାନ୍ତି ଯେ ଏହି ଗରିବ ଲୋକଙ୍କ ପାଇଁ ଭବିଷ୍ୟତ କେତେ ଭୟଙ୍କର? ଏହି ଭୟଙ୍କର ପରିସ୍ଥିତି ପ୍ରକୃତରେ ସେହି ଲୋକମାନଙ୍କ ଦ୍ୱାରା ସୃଷ୍ଟି ହେଉଛି ଯେଉଁମାନଙ୍କ ପାଖରେ ପୂର୍ବରୁ ପର୍ଯ୍ୟାପ୍ତ ଅର୍ଥ ଅଛି ଏବଂ ସେମାନେ ଲଦାଖ ପରି ସ୍ଥାନଗୁଡିକୁ ଅଧିକ ଟଙ୍କା ଲୋଭରେ ବ୍ୟବହାର କରିବାକୁ ଚାହୁଁଛନ୍ତି । ଯେଉଁଥିରେ ସରକାର ସେମାନଙ୍କୁ ସମର୍ଥନ କରୁଛନ୍ତି । ଯେପରି ଛତିଶଗଡରେ 'ହସଦେବ' ଜଙ୍ଗଲ କଟାଯାଉଛି ? କାରଣ ଏହା ତଳେ ଖଣିଜ ପଦାର୍ଥ ଅଛି । ଲଦାଖରେ ଠିକ୍ ସେହିଭଳି ଘଟଣା, ପାହାଡ ତଳେ ଖଣିଜ ସମ୍ପଦରେ ପରିପୂର୍ଣ୍ଣ । ଲଦାଖକୁ ସ୍ୱାୟତ୍ତତା ନ ଦିଆଯିବାର ଏହା ହେଉଛି ଏକ କାରଣ । ଲଦାଖ ଲୋକମାନେ କୁହନ୍ତି ଏହା ଆମର ସ୍ଥାନ ଆମକୁ ଛାଡି ଦିଅନ୍ତୁ, ଏଠାରେ କଣ ହେବ ଆମେ ଦେଖିବୁ । କିନ୍ତୁ ଏକଥା କିଏ ଶୁଣିବ ? ସରକାର କର୍ପୋରେଟ ମାନଙ୍କ ଦ୍ୱାରା ଘେରି ହୋଇ ରହିଛନ୍ତି ଏବଂ ସେମାନେ ଏଥିପାଇଁ ସରକାଙ୍କୁ ପଇସା ଦେଉଛନ୍ତି । ଦେଖନ୍ତୁ, ଫସଲ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ହୁଏ । ଉଦାହରଣ ସ୍ୱରୂପ, ଯଦି ଛିଡା ହୋଇଥିବା ଫସଲ ଉପରେ ପାଣି ପଡେ ତେବେ କ'ଣ ହୁଏ ? ମଞ୍ଜି ବୁଣାଯିବା ଦିନରେ ଯଦି ବର୍ଷା ହୁଏ ତେବେ କଣ ହେବ ? ଅର୍ଥାତ୍ ଯେତେବେଳେ ସମଗ୍ର ଜଳବାୟୁ ଢାଞ୍ଚା ବ୍ୟାହତ ହୁଏ, ତେବେ କେଉଁ ଫସଲ ହେବ ? ଗତ ବର୍ଷ ୩୬୫ ଦିନ ମଧ୍ୟରୁ ୩୧୪ ଦିନ ଅତ୍ୟଧିକ ପାଣିପାଗ ଘଟଣା ଥିଲା । ଅତ୍ୟଧିକ ପାଣିପାଗର ଅର୍ଥ ହେଉଛି ତାପମାତ୍ରା ଏବଂ ବର୍ଷା । ଏଥିରେ ଝଡ -ତୋଫାନ ମଧ୍ୟ ଅଛି । ଏହି ଦୁଇଟି ମଧ୍ୟରେ କୌଣସି ସନ୍ତୁଳନ ନାହିଁ । ଏହା ହେଉଛି ଜଳବାୟୁ ପରିବର୍ତ୍ତନ । ଏହାର ଅର୍ଥ ଭୟଙ୍କର ବର୍ଷା କିମ୍ବା ଆଦୌ ବର୍ଷା ନାହିଁ - କିମ୍ବା ଭୟଙ୍କର ଗରମ । ଏଥିରେ କଣ ଫସଲ ହେବ ?

ISSN NO.
2582-208X

ସାଧାରଣ ଜନତା ନିର୍ବାଚନକୁ ନେଇ ଖୁଶି । ପୁରା ବିଶ୍ୱରେ ୬୦ ମିଲିଅନ ପିଲା ଯେଉଁମାନେ କୁପୋଷଣର ଶିକାର । ପୁରା ବିଶ୍ୱରେ ଭୋକରେ ରହୁଥିବା ଲୋକମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ଏହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ଏହାପରେ ପାଣି ବିଷୟରେ ଚିନ୍ତା କରିବା । ପୁରା ବିଶ୍ୱର ୧୦୦ ଟି ସହର ଅଛି, ଯେଉଁଠାରେ ଅତ୍ୟନ୍ତ ଜଳର ଅଭାବ ହେବ । ବର୍ତ୍ତମାନ ବାଙ୍ଗାଲୋର'ର ଜଳ ଅଭାବ ବିଷୟରେ ସମସ୍ତେ ଜାଣିଛନ୍ତି । ଏହି ୧୦୦ ଟି ସହର ମଧ୍ୟରେ ୩୦ ଟି ସହର ଭାରତରେ ଅଛି । ଏବଂ ଏହି ୩୦ ଟି ସହର ୨୦୫୦ ମସିହା ଭିତରେ ଅତ୍ୟନ୍ତ ଜଳାଭାବ'ର ଶିକାର ହେବ । ଆମେ କେବଳ ଭୋକରେ ମରିବା ନାହଁ, ଏହା ସହିତ ଶୋଷରେ ମଧ୍ୟ ମୃତ୍ୟୁ ବାରଣ କରିବା । ଏହି ପ୍ରଶ୍ନକୁ ନେଇ ଯଦି କେଉଁଠି ଆନ୍ଦୋଳନ ହେଉଛି, ଆମେ ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଯେଉଁମାନେ ଧନୀ, ସେମାନେ ପାଣି ବୋତଲ ୧୦୦୦ ଟଙ୍କା ଦେଇ ମଧ୍ୟ କିଣି ପାରିବେ, କିନ୍ତୁ ଗରିବ ଜନତା (ଯାହାର ସଂଖ୍ୟା ୮୦ କୋଟି) ସେମାନଙ୍କର କଣ ହେବ ? ଯେତେବେଳେ ଗ୍ଲେସିୟର ତରଳିଯାଏ, ଏହା ପ୍ରଥମେ ବିସ୍ତାର ହେବ ଏବଂ ତା'ପରେ ସଂପୂର୍ଣ୍ଣ ଶୁଖିଯିବ । ଯେଉଁ ଲଦାଖ ବିଷୟରେ କୁହାଯାଉଛି ତାହା ପ୍ରକୃତରେ ହିମାଳୟର ଏକ ଅଂଶ । ଭାରତର ଜନସଂଖ୍ୟାର ଅଧା ହିମାଳୟ ନଦୀ ଉପରେ ନିର୍ଭର କରେ (ସମଗ୍ର ଉତ୍ତର ଭାରତ) । ତେଣୁ ଯେଉଁ ବନ୍ୟା ଆସେ, ଏହା ପରେ କୌଣସି ନଦୀ ଦେଖାଯିବ ନାହିଁ । ଲଦାଖରେ ଗ୍ଲେସିୟର ତରଳିବା କାରଣରୁ ସେଠାରେ ଥିବା ହ୍ରଦ ଓ ପୋଖରୀଗୁଡ଼ିକ ବିପଦପୂର୍ଣ୍ଣ ସ୍ତରରେ ପରିପୂର୍ଣ୍ଣ ହେଲା । ଯେତେବେଳେ ସେମାନେ ଭରିଗଲେ, ସେମାନେ ଫାଟିଗଲେ ଏବଂ ଯେତେବେଳେ ସେମାନେ ଫାଟିଗଲେ, ସେମାନେ ନିମ୍ନରେ ଥିବା ସ୍ଥାନଗୁଡିକୁ ଜଳମଗ୍ନ କଲେ । ୨୦୧୪ ରେ ଲଦାଖ ଉପତ୍ୟକାରେ ଏପରି ଘଟଣା ଘଟିଥିଲା। ୱାଙ୍ଗଚୁକ୍ କହିଥିଲେ - ଜଳର ସାଇଫନିଙ୍ଗ କରିଦିଆଯାଉ, କିନ୍ତୁ ସରକାର ମାନିଲେ ନାହିଁ । ସରକାର ଏହା ଉପରେ ବ୍ଲାଷ୍ଟ କରିଦେଲେ, ଯାହାଫଳରେ ନିମ୍ନ ସ୍ଥାନରେ ସବୁକିଛି ଧ୍ୱଂଶ ହେଲା, ଫସଲ ନଷ୍ଟ ହେଲା, ନଦୀ ବନ୍ଧ ନଷ୍ଟ ହେଲା ଏବଂ ଜୀବନ ମଧ୍ୟ ଗଲା । ଯେତେବେଳେ ସିକ୍କିମ ରେ ଏପ୍ରକାର ଘଟଣା ଘଟିଥିଲା, ସେତେବେଳେ ସୋନମ ୱାଙ୍ଗଚୁକ ଙ୍କୁ ଡକା ଯାଇ କୁହାଯାଇଥିଲା ଯେ

ISSN NO.
2582-208X

ସାଇଫନିଙ୍ଗ କରିଦିଅନ୍ତୁ, ଯାହାଫଳରେ ଜଳସ୍ତର କିଛି ପରିମାଣରେ କାମ ହୋଇଯାଉ । ହିମାଳୟକୁ ହିମନଦୀ ମଧ୍ୟ କୁହାଯାଏ । ଏଥିରେ କେତେ ପରିମାଣରେ ବରଫ ରହିଛି ତାହାର କୌଣସି ସୀମା ନାହିଁ । ପୁରା ନଦୀରେ ଯେତିକି ପାଣି ଅଛି, ତାଠାରୁ ବହୁତ ଅଧିକ ପାଣି ଏହି ଗ୍ଲେସିଅର ରେ ଅଛି । ଯେତେବେଳେ ଏହା ତରଳିବ, କିଭଳି ଧ୍ୱଂସର ତାଣ୍ଡବ ଦେଖିବାକୁ ମିଳିବ ? ତୁଷାର ରଙ୍ଗ ଧଳା, ଯେତେବେଳେ ସୂର୍ଯ୍ୟକିରଣ ବରଫ ଉପରେ ପଡ଼େ, ବରଫ ଏହାକୁ ପୁନର୍ବାର ପ୍ରତିଫଳିତ କରେ । କିନ୍ତୁ ବରଫ ତରଳିଯିବା ସହିତ (ଯାହା ତରଳି ଯାଇଛି ), ବରଫ ତଳେ ଥିବା ମାଟି ଏବଂ ପଥରଗୁଡ଼ିକ ପ୍ରକାଶ ପାଇଥାଏ । ତଳେ ଥିବା ମାଟି ଏବଂ ପଥରଗୁଡ଼ିକ ସୂର୍ଯ୍ୟ କିରଣ ଗ୍ରହଣ କରେ । ଯେତେବେଳେ ସେମାନେ ଭିଜନ୍ତି, ସେମାନେ ଗରମ ହୁଅନ୍ତି, ବାକି ବରଫକୁ ଆହୁରି ତରଳାଇ ଦିଅନ୍ତି । ଏହିପରି ଭାବରେ ପର୍ବତ ସଂପୂର୍ଣ୍ଣ ରୂପେ ଉନ୍ମୁକ୍ତ ହୁଏ । ଏହି ପ୍ରକ୍ରିୟା ଜାରି ରହିଛି । ଏହି ନକାରାତ୍ମକ ଚକ୍ର ଜାରି ରହିଛି । ଯେତେବେଳେ ଏହି ବରଫ ତରଳିଯାଏ, ଜଳ ବାଷ୍ପରେ ପରିଣତ ହୁଏ । ଅର୍ଥାତ h2o, h2o ନିଜେ ଗୋଟିଏ ଗ୍ରୀନ ହାଉସ ଗ୍ୟାସ ଅଟେ । ଗ୍ରୀନ୍ ହାଉସ୍ ଗ୍ୟାସ୍ କେବଳ କାର୍ବନ ଡାଇଅକ୍ସାଇଡ୍ ନୁହେଁ । ଗ୍ରୀନ୍ ହାଉସ୍ ଗ୍ୟାସ୍ ମିଥେନ - n2o h2o, ଏଗୁଡ଼ିକ ସବୁଜ ଘର ଗ୍ୟାସ୍ । ପୂର୍ବରୁ ସମୁଦ୍ରରେ କାର୍ବନ ସିଙ୍କସ ବୁଡି ରହୁଥିଲା, ଏବେ ମଧ୍ୟ ଅଛି । ବର୍ତ୍ତମାନ କାର୍ବନ ସିଙ୍କ ବଦଳରେ କାର୍ବନ ନିର୍ଗତକାରୀ ସୃଷ୍ଟି ହୋଇଛି । କାରଣ ଜଳ କାର୍ବନ ଡାଇଅକ୍ସାଇଡ୍ ଶୋଷିଥାଏ । କିନ୍ତୁ ସେମାନଙ୍କର ତାପମାତ୍ରା ଏତେ ବୃଦ୍ଧି ପାଇଛି ଯେ ବର୍ତ୍ତମାନ ସେମାନେ ଅଙ୍ଗାରକାମ୍ଳ ନିର୍ଗତ କରିବାରେ ଲାଗିଛନ୍ତି । ଏହାର ଅର୍ଥ ମହାସାଗର'ର ଏସିଡିଫିକେସନ । ଯେତେବେଳେ ଏହି ଜଳ ଗ୍ଲେସିୟରରୁ ବାହାରି ସମୁଦ୍ରକୁ ଭେଟିଥାଏ । ଫଳସ୍ୱରୂପ ସମୁଦ୍ର ପତ୍ତନ ବୃଦ୍ଧି ପାଇବ । ତେବେ ଭାବନ୍ତୁ, ମୁମ୍ବାଇ ଭଳି ସହର ରକ୍ଷା ପାଇବ କି ?

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ମାୟା ସଂସାର



ଅନରୁଦ୍ଧ ରଣା

ଦୁନିଆଁ ଟି ଆଜି  ବିଚିତ୍ର ଲାଗୁଛି
ଲାଗେ ସତେ ନୂଆଁ ନୂଆଁ
ନୂଆଁ ରୂପ ପରା   ସଂସାର ପାଇଛି
ସଭିଙ୍କୁ କରେ କିମିଆ ।।

ଏ ମାୟା ସଂସାର  ଛଳନାର ଜାଲ
ମଣିଷକୁ କରେ ଗ୍ରାସ
ପାରେ ନାହିଁ ଚିହ୍ନି  ଆପଣା ରକତ
ମୁଣ୍ଡରେ ଭରିଛି ବିଷ।।

ପିତାମାତା ଭାଇ ଭଗିନୀଙ୍କ ସାଥେ
ବାଲ୍ୟ କାଳେ ଖୁସି ଥାଇ
ହସ ଖେଳେ ମାତି ଦିନ କାଟୁଥିଲେ
ସୁଖେ ଦୁଃଖେ ଭାଗି ହୋଇ।।

ISSN NO.
2582-208X

ଅନ୍ନ ମୁଠେ ପାଇଁ  ପିତାମାତା ଆଜି
ପୁଅ ପାଖେ ହାତ ପାତେ
ଭାଇଟି ତାହାର  ଭଗାରି ହୋଇଛି
ଭଉଣୀଟି ପର ସତେ ।।

ନିଜ ସ୍ୱାର୍ଥ ପାଇଁ   ମଣିଷଟି ଆଜି
ରକତକୁ ଚିହ୍ନେ ନାହିଁ
ଆଧୁନିକତାର  ଛାପ ମାରି ସିଏ
ମାୟାରେ ହେଉଛି ବାଇ।।

ବିପଦେ ଆପଦେ ଭାଇ ଏକା ସାହା
ବାକି ସର୍ବେ ସ୍ୱାର୍ଥବାଦୀ
ଆପଣା ରକ୍ତକୁ  ଭାବିବା ନି ପର
ହେବା ନାହିଁ ବସ୍ତୁବାଦୀ।।

ସର୍ଗୁଲ,ସୁବର୍ଣ୍ଣପୁର
ମୋ.- ୯୭୭୮୧୯୫୯୯୮

ISSN NO.
2582-208X

# ଝିଅଟେ ଅଲୋଡା ନୁହେଁ



ହରେକୃଷ୍ଣ ପଣ୍ଡା

ପୁଅଟିଏ ପାଇଁ ସମସ୍ତେ ଚାହାଁନ୍ତି
ଝିଅ ହେଲେ ନାକ ଟେକନ୍ତି,
ଝିଅ ଜନମ ତ ଚୁଲି ମୁଣ୍ଡକୁ ଯା
ଆଜି ବି ଥୋକାଏ ଭାବନ୍ତି ।
ଝିଅ ମାନଙ୍କର ଯଶ କୀର୍ତ୍ତି ମାନ
ଇତିହାସ ପରା କହୁଛି,
ପୁରାଣ କାଳର ସୀତା, ସାବିତ୍ରୀଙ୍କୁ
କେବେ କ'ଣ କେହି ଭୁଲିଛି ?
ମଦର ଟେରେସା, ଝାନ୍ସୀର ରାଣୀ
ଇନ୍ଦିରା ଅଥବା ଦୁର୍ଗାବତୀ,
ରମାଦେବୀ ଆଉ ମାଳତୀ ଦେବୀଙ୍କୁ
ଦେଶବାସୀ ଆଜି ଝୁରୁଛନ୍ତି ।
ଝିଅ ବି ଲଢୁଛି ଶତ୍ରୁ ସହିତ
ଆକାଶରେ ପୁଣି ଉଡୁଛି,
ଶାସନ ମୁଖିଆ ହୋଇ ବି ଝିଅଟେ
ଦେଶକୁ ଶାସନ କରୁଛି ।

ISSN NO.
2582-208X

ଅବଳା ଦୁର୍ବଳା ନୁହେଁ ଆଜି ନାରୀ
ଅଟେ ସେ ସମର୍ଥ ସବଳ,
ପୁଅ ଖାଲି ନୁହେଁ ଝିଅଟେ ଆଜି ବି
ପିତା ମାତାଙ୍କର ସମ୍ବଳ ।
ଚାରି ପାଞ୍ଚ ପୁଅ ମଣିଷ କରି କେ
ଜରା ଆଶ୍ରମରେ ରହୁଛି,
ଧନ ସମ୍ପତ୍ତିର ବଣ୍ଟୁଆରା ପାଇଁ
କେତେ ଯାତନା କେ ସହୁଛି ।
ପୁଅ ଯଦି ପୋଷି ପାରିବ ବାପକୁ
ତାହା ବି ପାରିବ ପୁଅ,
ପୁଅ ଝିଅ ଆଜି ସମାନ ସବୁଠିଁ
ଝିଅଟେ ଅଲୋଡା ନୁହଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ସୁପୁରୁଷ



ଅମୃତନାରାୟଣ ଶତପଥୀ

ବ୍ୟବହାର ମଧୁର, ଚରିତ୍ର ସୁନ୍ଦର ମନରେ ପବିତ୍ରତା ନହୁଏ ସ୍ଖଳନ,
ଏହିପରି ଗୁଣ ଥିବା ବ୍ୟକ୍ତିତ୍ୱଙ୍କୁ ସୁପୁରୁଷ ବୋଲି ହୁଏ ବଖାଣ।(୧)
ଚନ୍ଦ୍ରରେ ଯେସନ ଥାଏ ହେ କଳଙ୍କ ସଭିଙ୍କର ଦୋଷ ଦୁର୍ବଳତା କିଛି କିଛି,
କିନ୍ତୁ ମୂଢ଼ ସେହି ଦୁର୍ଗୁଣ ପରୀକ୍ଷଣ କରିଥାନ୍ତି ଛୁଞ୍ଚି ମାଛି।(୨)
ଦୁର୍ଗୁଣ ଭିତରୁ ସୁଗୁଣ ବାଛିବା ସୁପୁରୁଷର ଲକ୍ଷଣ,
ଜୀବନକୁ କରିଥାଏ କର୍ମ ଓ କର୍ତ୍ତବ୍ୟରେ ସମର୍ପଣ।(୩)
ସଂସାରରେ କାହିଁ ଏପରି ଚିଜ ନାହିଁ ଭରପୂର କେବଳ ନକରାତ୍ମକ,
ନକରାତ୍ମକତାରୁ ସକରାତ୍ମକତା ଖୋଜିବା ଲେଖା ଥାଏ ସୁପୁରୁଷ ଜାତକ।(୪)
ସୁପୁରୁଷର ବଳିଷ୍ଠ ଉଦାହରଣ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ,
ତାଙ୍କ ଚରିତ୍ରର କିଞ୍ଚିତ ଅନୁକରଣ କରେ ସାଧାରଣ କୁ ଅସାଧାରଣ।(୫)
ଅନ୍ୟ କେତେ ପୁଣି ମହାମନିଷୀ ଯେ ସୁପୁରୁଷ ଭାବେ ହୁଅନ୍ତି ଖ୍ୟାତ,
ଚେଷ୍ଟା କରିବା ଜୀବନରେ ତାଙ୍କ ଗୁଣକୁ ରଖିବା ସର୍ବେ କିଞ୍ଚିତ।(୬)
ପୁରୁଷତ୍ୱ ନଥାଏ ବଳ ପରାକ୍ରମେ ଅବା କରି କେଉଁ ରିପୁ ଦମନ,
ଆତ୍ମବତ୍ ପୁଣି ସଭିଙ୍କୁ ଦେଖିବା ପୂରଣ କରିବା ଆଧ୍ୟାତ୍ମିକ ସପନ।(୭)

ISSN NO.
2582-208X

ନାରୀଙ୍କୁ ଦେଖିବା ଜଗଦମ୍ବା ତୁଲ୍ୟ ପର ଧନ ଯେବେ ଗୋଡି ପଥର ସମ,
ତେବେ ବୁଝିଯିବା ସୁପୁରୁଷ ଯାତ୍ରାର ପକାଇଲେ ବନ୍ଧୁ ପ୍ରଥମ କଦମ।(୮)
ନିନ୍ଦା ପ୍ରଶଂସାରେ ଅବିଚଳିତ ରହିଥିବା ଯେତେବେଳେ,
ମୃତ୍ୟୁ ପରେ ବି ଖ୍ୟାତି ସର୍ବଦା ରହିଯିବ କାଳେକାଳେ।(୯)
ଏହିପରି କିଛି କିଛି ନୈତିକ ଚେତନା ମନରେ ଭରିବା ସଭିଏଁ ବନ୍ଧୁ,
ସୁପୁରୁଷ ଗୁଣ ମନ ହୃଦୟରେ ଭରିବା ପାଇଁ ସ୍ମରଣିବା ଜଗବନ୍ଧୁ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଭାବ



କୀର୍ତ୍ତି ଦେବୀ

ମାଟି ମାଆ କୋଳରେ ଯିଏ ଜନ୍ମଗ୍ରହଣ କରିଛି, ତା ପାଇଁ ଶାନ୍ତି ଏକ ଉପାଦାନ । ଏହି ଉପାଦାନକୁ ଗ୍ରହଣ କରି ସେ ନିଜ ତଥା ସାରା ବିଶ୍ୱର ମଙ୍ଗଳ ଚିନ୍ତା କରିଥାଏ । ଏଥିପାଇଁ ତାକୁ ଈଶ୍ୱରାନୁଭୂତିର ମାର୍ଗ ଖୋଜିବାକୁ ପଡିଥାଏ । ପୁରାଣଶାସ୍ତ୍ର ଅନୁସାରେ ଈଶ୍ୱର ଉପଲବ୍ଧ ହେଉଛି ଏକ ଅନୁଭୂତି । ଏ ଏନୁଭୂତି ଅତୀନ୍ଦ୍ରିୟ ଓ ଏକାନ୍ତ ନିଜସ୍ୱ ଅନୁଭରର ପ୍ରକ୍ରିୟା ବର୍ଣ୍ଣନାର ଉର୍ଦ୍ଧ୍ୱରେ । ପରମଆନନ୍ଦ, ପରମ ସୌନ୍ଦର୍ଯ୍ୟ ଓ ଶୁଦ୍ଧ ଅନ୍ତହୀନ ପୂର୍ଣ୍ଣତାର ଆହ୍ୱାନରେ ପ୍ରାଣରେ ଶ୍ରଦ୍ଧା ସୃଷ୍ଟି ହେଲେ ଅନୁଭବର ପରିସର ପ୍ରସ୍ତୁତ ହୁଏ । ଏ ଆହ୍ୱାନରେ ପ୍ରାଣରେ ଶ୍ରଦ୍ଧା ସୃଷ୍ଟି ହେଲେ ଅନୁଭବର ପରିସର ପ୍ରସ୍ତୁତ ହୁଏ । ଏ ଆହ୍ୱାନ ଅନବରତ ବିଚ୍ଛୁରିତ ହେଉଥାଏ । କିନ୍ତୁ ବ୍ୟକ୍ତିର ସାମର୍ଥ୍ୟ ବିକଶିତ ହୋଇ ନଥିଲେ ଏ ଆହ୍ୱାନ ବାରମ୍ବାର ପ୍ରତ୍ୟାଖ୍ୟାତ ହୁଏ । ପ୍ରତ୍ୟେକ ମନୁଷ୍ୟ ଭିତରେ ଆତ୍ମବିକାଶର ସାମର୍ଥ ରହିଛି । ଏହା ତିନୋଟି ପର୍ଯ୍ୟାୟର - ଶରୀର, ପ୍ରାଣ ଓ ମନ ।

ଏହି ତିନୋଟି ସ୍ତର ସ୍ଥିର, ସଂଯତ ଓ ଶୁଦ୍ଧ ହେଲେ ବ୍ୟକ୍ତି ବିକଶିତ ବ୍ୟକ୍ତିର ପ୍ରାଣରେ ଶ୍ରଦ୍ଧା ସୃଷ୍ଟି ହୋଇଥାଏ । ସତ୍ୟ ଦର୍ଶନ ନିମନ୍ତେ ସମ୍ମତି ଜ୍ଞାପନ ହିଁ ପରୁପୂର୍ଣ୍ଣ ଶ୍ରଦ୍ଧା । ବୁଦ୍ଧିର ବିଶ୍ୱାସ ଓ ଉପଲବ୍ଧି ନିମନ୍ତେ ମନର ବାସନା ହେଉଛି ଶ୍ରଦ୍ଧାର ବାହ୍ୟ ଉତ୍ସ ।


www.vedantimagazine.com

ISSN NO.
2582-208X

ମହତ ଜୀବନ ପ୍ରତିଷ୍ଠାର ଭୂମିକା ଓ ହୃଦୟରେ ସମ ପ୍ରତିଷ୍ଠା ହେଲେ ଚରିତ୍ରରେ ପ୍ରତିଫଳିତ ହୋଇ ଶୃଙ୍ଖଳିତ ପରିବାର ସୃଷ୍ଟି ହେବ । ଶୃଙ୍ଖଳିତ ପରିବାରର ସମନ୍ୱୟରେ ସୁସଂରଚିତ ରାଷ୍ଟ୍ର ପ୍ରତିଷ୍ଠା ହେଲେ ବିଶ୍ୱଶାନ୍ତି ସମ୍ଭବ । ତେଣୁ ବିଶ୍ୱରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପିଲାଠାରୁ ବୟସ୍କ ସମସ୍ତେ ନିଜ ନିଜ ଚରିତ୍ର ଗଠନରେ ସଂଯତ ହେଲେ, ବିଶ୍ୱଶାନ୍ତି ଲାଭ କରିବାକୁ କେତେ ସମୟ ଲାଇବ ? ଆମ ପରିବେଶ, ପୃଥିବୀ, ମାନବ ସମ୍ବଳ ତଥା ପ୍ରକୃତିକୁ ଭଲଭାବରେ ରଖିପାରିଲେ, ଆଗାମୀ ଦିନରେ ଏହି ଶାନ୍ତି ସୁଦୃଢ ହୋଇ ରହିଥିବ ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ISSN NO.
2582-208X

# କେଉଁ ଲେଖନୀରେ
# ସୃଷ୍ଟି



ରଶ୍ମିତା ନାୟକ

କେଉଁ ଦେବତାର କ୍ଷଣିକ ଆଶିଷ
ପାଇ ମୁଁ ସୃଷ୍ଟି ହୋଇଲି
ଯାଜ୍ଜ୍ୱଲ୍ୟ ନହୋଇ  ସୃଷ୍ଟି ନିମନ୍ତେ ମୁଁ
ଅହଂକାରୀ ବୋଲଇଲି ॥

ମୋତେ ସୃଷ୍ଟି କରି ମୋଦେହେ ଖଞ୍ଜିଲ
କ୍ଷୁଦ୍ର ଆଲୋକର ଶିଖା
ସୃଷ୍ଟି ମଙ୍ଗଳାର୍ଥେ ହୋଇ ପାରୁନାହିଁ
ମୁହିଁ ଆଲୋକବାର୍ତ୍ତିକା ॥

ଏଷଣା ମୋହର ତମସ୍ୱିନୀ କାଳେ
ମୁହିଁ ହେବି ବିବସ୍ୱାନ
ସୃଷ୍ଟି କରନ୍ତି ମୋ ଦେହର ରଶ୍ମିରେ
ଗଢ଼ନ୍ତି ନୂଆ ସୋପନ ॥

ଦୂରେ କେତେ ଦୂରେ ଅଛତୁମେ ଭାନୁ
ନିତ୍ୟ ରଶ୍ମି ଢାଳି ଦିଅ
ପାଖରେ ଥାଇ ମୁଁ ସମାଜ ମଙ୍ଗଳେ
କାହିଁକି ନ ଆସେ କୁହ   ??

ISSN NO.
2582-208X

ପକ୍ଷେ ଜ୍ୟୋସ୍ନା ଦେଇ ପକ୍ଷେ ଲୁଚିଲୁଚି
ପୂର୍ଣ୍ଣ, ଶୂନ୍ୟ, ହୁଅ ଶଶୀ
ତୁମ ଆବିର୍ଭାବ ଭୂମଣ୍ଡଳେ ଦେଖେ
ନିଜ ପାଖେ ଯାଏ ରୁଷି ॥

ତୁମ ପରିକେବେ ଥରୁଟେ ହୁଅନ୍ତି
ପୂର୍ଣ୍ଣିମାର ପୂର୍ଣ୍ଣଗାତ୍ର
ମୋପାଇଁ ଆନନ୍ଦ ବିଭୋର ସଂସାର
ଦେଖନ୍ତା ମୋ ବେନିନେତ୍ର ॥

ମୁହିଁ ଖଦ୍ୟୋତିକା କ୍ଷୁଦ୍ର ଜୀବଟିଏ
ଅନ୍ତରେ ଆସୁଛି ଖେଦ
କ୍ଷୀଣ ଆଲୋକ ମୋ ଦୂରେଇ ପାରେନି
ଅମା ଅନ୍ଧକାର ସ୍ୱାଦ ॥

ଚିତ୍ରଭାନୁ ପ୍ରାୟ ସମୁଜ୍ଜ୍ୱଳ ସମ
ସ୍ୱୟଂ ଅହଂଗୁଣ ନେଇ
ଅନଳ ପରଶେ ଅନ୍ତ ହୋଇଯାଏ
ଅହଂକାରେ ଗ୍ରାସି ହୋଇ ॥

ସ୍ରଷ୍ଟାଙ୍କର ସୃଷ୍ଟି ଅମୂଲ୍ୟ ପ୍ରାଣୀ ହେ
ସମ୍ପୂର୍ଣ୍ଣ ମାନବ ଜାତି
ଅହଂକାର ତେଜି ଆନ ହୀତ ଲାଗି
ହୁଅନ୍ତୁ ଅମୂଲ୍ୟ ମୋତି ॥

ଜଗତସିଂହପୁର
ଯୋଗାଯୋଗ -7894265611

ISSN NO.
2582-208X

# ବୃକ୍ଷ



ସରସ୍ୱତୀ ମିଶ୍ର

ବୁଲି ବୁଲି ଦେଖିଅଛି
ସଂସାରର କେତେ କେତେ ସୃଷ୍ଟି
ଚଉଦିଗେ ପୃଥ୍ୱୀ ମଧ୍ୟେ
ବିଚିତ୍ର ଓ ଅନବଦ୍ୟ କୃତି ॥
ତୋହପରି ଦୃଢମନା
ଦେଖିନାହିଁ କେଉଁଠାରେ ବୃକ୍ଷ
ନିର୍ବିକାରେ ହୋଇଥାଉ ଠିଆ
ସବୁ ସହି ପାତି ତୋ ମସ୍ତକ ॥
ଆସିଥାଏ ନିଦାରୁଣ ବଇଶାଖ
ଆସିଥାଏ ଝାଞ୍ଜି ଓ ବତାଶ
ଅର୍ଦ୍ଧମରା କରେ ତନୁ
କରିଥାଏ ପତ୍ର, ଫୁଲ, ଶୁଷ୍କ ॥
ଆସେ ପୁଣି ବର୍ଷା ଋତୁ,
ଅସରନ୍ତି ବରଷାରେ ଧାରା
ଆର୍ଦ୍ର କରେ ମନ ପ୍ରାଣ

ISSN NO.
2582-208X

ଓଦା କରେ ଅବୟବ ସାରା ।
ଆସଇ ଶୀତ ଶରତ
ଆସେ ପୁଣି ହେମନ୍ତ ବସନ୍ତ
ପତ୍ର ପାଚି ଝଡିଯାଏ
ଶ୍ୟାମଳିଆ ହୁଅଇ ବିକୃତ ॥
ତଥାପି ତୁ କି ନିଶ୍ଚଳ ଦୃଢ
ହୋଇଥାଉ ଦୃଢମନେ ଠିଆ
ନୀରବେ ହସି ନୂତନ
ପତ୍ରଟିର କରୁ ତୁ ପ୍ରତୀକ୍ଷା ॥
ଘନ ଶ୍ୟାମଳ ତୋ ତନୁ,
ସବୁଜିମା ଭରା ଅବୟବ
ସୁଶୀତଳ ଛାୟା ଦେଉ ସର୍ବେ,
କେତେ କେତେ ପକ୍ଷୀଙ୍କର ବାସ ॥
କି ଗୀତ କି ରାଗିଣୀ ଗାଉ
ଅବା ଶିକ୍ଷା ଦେଉ ତୁହି ବୃକ୍ଷ
ହୁଅ ସର୍ବେ ଦୃଢମନା,
ଦୃଢ ହେଲେ ହିଁ ଟଳେ ବିପଦ ॥

ଫୋନ୍ ନଂ : ୮୮୯୫୫୫୮୯୭୬

ISSN NO.
2582-208X

# ପଦ୍ମଜ ପାଳଙ୍କ ଦୁର୍ଗ ପତନର ବେଳ ଉପନ୍ୟାସର ଚରିତ୍ର ଚିତ୍ରଣ



ମୋନାଲିସା ପାଣିଗ୍ରାହୀ

ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଜଣେ ସ୍ମରଣୀୟ ସ୍ରଷ୍ଟା ଭାବରେ ଡକ୍ଟର ପଦ୍ମଜ ପାଳ ପ୍ରତିଭାତ ହୁଅନ୍ତି। ଉପନ୍ୟାସ ସାହିତ୍ୟକୁ ନୂତନତା ପ୍ରଦାନରେ ତାଙ୍କ ଭୂମିକା ଅନବଦ୍ୟ।ଓଡ଼ିଆ ଉପନ୍ୟାସ ସାହିତ୍ୟ ଧାରାରେ ମଣିଷର ଉତ୍ତରଣକୁ ଲେଖୁଥିବା ଜଣେ ସଫଳ ସ୍ରଷ୍ଟା ଭାବରେ ସୁପରିଚିତ। ତାଙ୍କ କୃତିରେ ଜୀବନର ଚିତ୍ର ନୁହେଁ, ଜୀବନ ସମ୍ପର୍କିତ ସ୍ରଷ୍ଟାର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ। ଲେଖକର ଅନୁଭବ ଯଦି ହୁଏ ସାହିତ୍ୟର ଯଥାର୍ଥ ଉପଜୀବ୍ୟ ତେବେ ସାହିତ୍ୟର ମର୍ମାନୁଶୀଳନ ପାଇଁ ସେହି ଜୀବନର ଅନୁଶୀଳନ ଅପରିହାର୍ଯ୍ୟ । ତେଣୁ କୃତିର ଆଲୋଚନା କରିବା ପୂର୍ବରୁ ତାଙ୍କ ଜୀବନୀ ଓ ସାହିତ୍ୟର ପରିଧି ସଂକ୍ରାନ୍ତରେ ଆଲୋଚନା କରିବା ବିଧେୟ।

ପଦ୍ମଜ ପାଳ ୧୯୪୬ ମସିହା ନଭେମ୍ବର ମାସ ୪ ତାରିଖରେ ଜଗତସିଂହପୁର ଜିଲ୍ଲାର କୁସୀଙ୍ଗା, କାଦୁଅ ପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ କୁସିଙ୍ଗା ଉ.ପ୍ରା ବିଦ୍ୟାଳୟରୁ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରି, ରେଭେନ୍ସା ମହାବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରିଥିଲେ।ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆସଥେଟିକ ଏକ୍ସପରିଏନ୍ସ ସନ୍ଦର୍ଭରେ ପି.ଏଚ୍.ଡ଼ି ମଧ୍ୟ ଲାଭ କରିଛନ୍ତି । ଔପନ୍ୟାସିକଙ୍କ ଲେଖନୀ ଜୀବନ କଲେଜରେ ଯୁକ୍ତ ଦୁଇ ସମାପ୍ତ କରି ସ୍ନାତକ ପଢିବା ସମୟରେ ଆରମ୍ଭ ହୋଇଥିଲା । ତାଙ୍କର ପ୍ରଥମ ଗଳ୍ପ "ଆକାଶ କ୍ରନ୍ଦନ" ପ୍ରକାଶ ପାଇଥିଲା ୧୯୬୬ ମସିହାରେ

ISSN NO.
2582-208X

ରେଭେନ୍ସାଭିୟାନରେ ଶେଷରେ ରଣପୁର କଲେଜ, ରଣପୁରରେ ଅଧ୍ୟାପନା କାର୍ଯ୍ୟକରି ନଭେମ୍ବର ୨୦୦୬ ରେ ଅବସର ଗ୍ରହଣ କଲେ ।

"ସାହିତ୍ୟ ଧନ୍ଦା ହେଉଛି ଧର୍ମତଃ ଭଲପାଇବାର ଧନ୍ଦା। ଭଲ ପାଇନପାରିଲେ ସୃଷ୍ଟି ହୁଏ ନାହିଁ । ସଂସାରରେ ସୃଷ୍ଟିରୁପେ ଅଭିବ୍ୟକ୍ତି କରିବାକୁ ଯାଇ ଭଗବାନଙ୍କୁ ମଧ୍ୟ ଦିନେ ଭଲପାଇବାକୁ ପଡ଼ିଥିଲା, ଆପଣା ସ୍ରଷ୍ଟାପଣ ଭାଜନ ହେବାକୁ ପଡ଼ିଥିଲା । ସାହିତ୍ୟ ରଚନା କରିବାକୁ ହେଲେ ଭଲ ପାଇବାକୁ ହୁଏ । ତେଣୁ ଭଲପାଇବା ହେଉଛି ସକଳ ସମର୍ପଣର ସର୍ବମୂଳ ପ୍ରେରଣା। ସାହିତ୍ୟ ମଧ୍ୟ ଗୋଟିଏ ପ୍ରକାର ସମର୍ପଣ ଆପଣାକୁ ଗୋଟେ ସୁଦ୍ଧା ଦେଇ ଦେବାର ଗୋଟିଏ ପ୍ରକାର ବଣିଜ। ତେଣୁ ସାହିତ୍ୟ ପଛରେ ବଞ୍ଚିବାକୁ ହେଲେ ଭଲପାଇବାକୁ ହୁଏ।" ପଦ୍ମଜ ପାଳ ମୁକ୍ତ ଜୀବନର ଜଣେ ସଫଳ ରୂପକାର । ସାଧାରଣତଃ ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗରେ ଲେଖନୀ ଚାଳନା କରୁଥିଲେ ହେଁ ଔପନ୍ୟାସିକ ଭାବରେ ସେ ବେଶ୍ ପରିଚିତ। କଥାବସ୍ତୁ, ଦୃଷ୍ଟିଭଙ୍ଗୀ ଓ ରଚନାଶୈଳୀ ଦୃଷ୍ଟିରୁ ତାଙ୍କ ଉପନ୍ୟାସ ଗୁଡ଼ିକ ସ୍ୱତନ୍ତ୍ର ଧରଣର। ତାଙ୍କ ଉପନ୍ୟାସ ଗୁଡ଼ିକରେ ସମାଜର ଓ ଜୀବନର ବାସ୍ତବ ଚିତ୍ର ନିଖୁଣ ଭାବରେ ଚିତ୍ରିତ ହେବା ସହ ସମାଜର ବିଭିନ୍ନ ସମସ୍ୟା ଯନ୍ତ୍ରଣାବୋଧ, ଚିନ୍ତାଚେତନା, ମାନସିକ ପ୍ରତିକ୍ରିୟା ଆଦିକୁ ଗଭୀର ଭାବେ ଅଧ୍ୟୟନ କରି ପରିବେଷଣ କରିଛନ୍ତି।

ଦୀର୍ଘଦିନର ସାହିତ୍ୟ ସାଧନା ପରିମାଣ ସ୍ୱରୂପ ଓଡ଼ିଆ କଥାସାହିତ୍ୟକୁ ସେ ଭେଟି ଦେଇଛନ୍ତି ଅନେକ ସାରସ୍ୱତ କୃତି। ବାରଖଣ୍ଡ ଗଳ୍ପ ସଂକଳନ ଓ ଷୋହଳ ଖଣ୍ଡ ଉପନ୍ୟାସର । ସେ ଗୁଡ଼ିକ ହେଲା –

ଉପନ୍ୟାସ –

ଦୁର୍ଗ ପତନର ବେଳ, ଆମ ସମୟର ଦୁଃଖ, ଯିବୁକି ଥିବୁ, ପାପପରି ନିଜର, ଗଣ୍ଡଭୈରବ, ଓୟେ ପୁଅ ମା, ପଣ୍ଡୁ ରଙ୍ଗୀ ନିବାସ, ଆକ୍ରାନ୍ତ ୩/୪, ମାମୁଁ ଘର ଚଉରି,

ISSN NO.
2582-208X

ଛାଇଲେଉଟାଣି, ଅପଦେବତା, ଜରା ନିବାସ, ଗାନ୍ଧୀ ଛକରୁ ଟିକିଏ ଆଗକୁ, ଯାତ୍ରା ଡ଼ଟ୍ କମ୍, ମୁହୂର୍ତ୍ତେ ମାତ୍ର, ମୁଖ ଗହ୍ୱର, ପ୍ରତିସ୍ପର୍ଦ୍ଧା, ହାଏ ମୁନି କେମିତି ଅଛ!।

ଔପନ୍ୟାସିକ ପାଳ ଓଡ଼ିଆ ଉପନ୍ୟାସ ରଚନାରେ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି। ଜଣେ ଲବ୍ଧପ୍ରତିଷ୍ଠା ଗାଳ୍ପିକ ଓ ଔପନ୍ୟାସିକ ପଦ୍ମଜ ପାଳ। ଓଡ଼ିଆ ସାହିତ୍ୟର ଗର୍ବ ଓ ଗୌରବ ପଦ୍ମଜ ପାଳ କିନ୍ତୁ ବିଶେଷ ଭାବରେ ସେ ଆଲୋଚିତ ହୋଇ ନାହାନ୍ତି ଓଡ଼ିଆ ସାହିତ୍ୟରେ । ଦୀର୍ଘ ପଚାଶ ବର୍ଷର ସାହିତ୍ୟ ସାଧନା ତାଙ୍କର ଉତ୍ତର ବୟସରେ ବି ସେ ଲେଖନୀ ଚାଳନାକୁ ଅବ୍ୟାହତ ରଖିଛନ୍ତି। ସେ ହେଉଛନ୍ତି ଜଣେ ସ୍ୱାଭିମାନୀ ଔପନ୍ୟାସିକ । ସ୍ୱାଧୀନ ଭାରତ ବର୍ଷର ଶାସନ ବ୍ୟବସ୍ଥା ପଲ୍ଲୀ ବହୁଳ ଭାରତରେ କୃଷିର ବିପର୍ଯ୍ୟୟ, ତତ୍କାଳୀନ ସମାଜରେ ଦେଖାଯାଉଥିବା ଅନୀତି, ଅନାଚାରର ଚିତ୍ର ସେ ତାଙ୍କ ସଫଳ ଓ ସର୍ବ ପ୍ରଥମ ଉପନ୍ୟାସ 'ଦୁର୍ଗ ପତନର ବେଳ' ରେ ପ୍ରକାଶ କରିଛନ୍ତି। ଏହା ହେଉଛି ଏକ କୃଷିଭିତ୍ତିକ ସମାଜ ବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ଶାସନ ପଦ୍ଧତି ଉପରେ ଆଧାରିତ ଉପନ୍ୟାସ । ଦୁର୍ନୀତି, ଅପାରଗତା ସହ ନେତାମାନଙ୍କର ଅର୍ଥ ଲାଳସା, ପ୍ରେମଶକ୍ତ ମନ ଓ ଜାତିଭେଦ ଏବଂ ତାର ଅନ୍ତର୍ଦ୍ୱନ୍ଦ ସମାଜକୁ ଉତ୍ତେଜନାପ୍ରବଣ କରି ରଖିଛନ୍ତି।ଏହି ଉପନ୍ୟାସ ମାଧ୍ୟମରେ ଶ୍ରୀ ପାଳ ପ୍ରକାଶ କରିଛନ୍ତି ଯେ ସମାଜରେ କିପରି ଭାବରେ ଚାଷୀ ଓ ମୁଲିଆ ମାନଙ୍କୁ ଶୋଷଣ କରାଯାଉଛି ତାହା ଏହି ଉପନ୍ୟାସରେ ବର୍ଣ୍ଣନା କରାଯାଇଛି।

ଚରିତ୍ର ଚିତ୍ରଣ

ଉପନ୍ୟାସ "ଦୁର୍ଗ ପତନର ବେଳ" ପ୍ରକାଶ ପାଇଛି ୧୯୮୮ ମସିହାରେ, ଓଡ଼ିଆ ଉପନ୍ୟାସର ଉତ୍ତର ଅଶୀର ଜଣେ ବହୁ ଚର୍ଚ୍ଚିତ ଔପନ୍ୟାସିକ ପଦ୍ମଜ ପାଳ ଓ ତାଙ୍କର "ଦୁର୍ଗ ପତନର ବେଳ"। ଏହି ଉପନ୍ୟାସରେ ଗ୍ରାମ୍ୟ ଜୀବନର ବର୍ଣ୍ଣନା କରାଯାଇଛି। ଏହା ଏକ କୃଷିଭିତ୍ତିକ ଗ୍ରାମ୍ୟ ଧର୍ମୀ ଉପନ୍ୟାସ ।ଏ ଥିରେ ନାରୀ - ପୁରୁଷ, ମୁଖ୍ୟ - ଗୌଣ, ବୃଦ୍ଧ ଠାରୁ ଶିଶୁ ପର୍ଯ୍ୟନ୍ତ ଶହେରୁ ଉର୍ଦ୍ଧ୍ୱ ଚରିତ୍ର ସ୍ଥାନ ପାଇଛନ୍ତି। ତାହା ଉପନ୍ୟାସର କେତେକ ସ୍ଥାନରେ ସଫଳତା ଓ ଅନ୍ୟ କେତେକ ସ୍ଥାନରେ ବିଫଳତା ଦେଖିବାକୁ

ISSN NO.
2582-208X

ମିଳିଥାଏ। ସେହି ଭଳି ଚରିତ୍ର ହେଉଛି ଔପନ୍ୟାସିକଙ୍କ ମାନସ ସନ୍ତାନ । ଚରିତ୍ର ମାଧ୍ୟମରେ ଉପନ୍ୟାସଟି ଗତିଶୀଳ ହୋଇଥାଏ। ଗୋଟିଏ ଗୋଟିଏ ଚରିତ୍ରର ନିଖୁଣ ଭୂମିକା ହିଁ ଉପନ୍ୟାସକୁ ଓ ସେହି ଚରିତ୍ରକୁ ଜୀବନ୍ତ କରିଥାଏ। ସେହି ଭଳି ଏକ ଚରିତ୍ର ହେଇଛି 'ସତ୍ୟ' ।

ସତ୍ୟ-

ସତ୍ୟ ହେଉଛି ଉପନ୍ୟାସର ନାୟକ।ସତ୍ୟ ନାଗୁ ସ୍ୱାଇଁର ପୁତ୍ର । ସେ ପୁଣି ଶିକ୍ଷିତ, ସମ୍ବେଦନଶୀଳ, ପରୋପକାରୀ, ଚାଷକୁ ସେ ବୃତ୍ତି ଭାବରେ ଗ୍ରହଣ କରିଛି । ସତ୍ୟ ଚାଷକୁ ଭଲପାଏ ସେ ଚାକିରୀ ବିରୋଧୀ ଥିଲା । ଅଜୟ ଓ ସତ୍ୟ ସ୍ୱାଇଁ କଥୋପକଥନରୁ ଜଣାପଡେ। ସତ୍ୟର ପ୍ରତ୍ୟାଖ୍ୟାନ ଶୁଣି ଅଜୟ ସତ୍ୟକୁ ଚାଷୀଙ୍କ ଦୁର୍ଦ୍ଦଶା ବିଷୟରେ କହିଛନ୍ତି। ସତ୍ୟ କହିଛି ମୁଁ "ସବୁ ଜାଣେ! ସେଥିପାଇଁ ମୁଁ ଚାଷୀ ମାନଙ୍କ ଦୁର୍ଦ୍ଦଶା ଦୂର କରିବାକୁ ଚାହେଁ ବୋଲି କହିଛି।ଏହା ମୋର ଜୀବନର ବ୍ରତ, ଧର୍ମ ଓ କର୍ମ । ଅଜୟ ସ୍ୱାଇଁ ହସି ଉଠିଲା। କହିଲା ଭଲ-ଭଲ-ବହୁତ ଭଲ। ସତ୍ୟ ଥିଲା ନିର୍ଭୀକ, ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧି ପ୍ରଥମ ପର୍ଯ୍ୟାୟରେ । ସତ୍ୟ ଥିଲା ଚୁପ୍ ଚାପ୍, ନିଃସଙ୍ଗ, ପିତାଙ୍କ ମୃତ୍ୟୁରେ ସେ ଭାଙ୍ଗି ପଡିଛି । ସେ ଥିଲା ପରମ୍ପରା ବିରୋଧୀ । ସତ୍ୟର ସ୍ୱଭାବ ଥିଲା ଧୈର୍ଯ୍ୟଶୀଳ, ଶାନ୍ତ। ସେ ବ୍ୟକ୍ତିର ଦୁଃଖ ସମସ୍ୟାର ମୂଳ କାରଣ ଅନୁଧ୍ୟାନ କରିବାକୁ ଚାହେଁ, ତାର ନିରାକରଣ । ସେ ଯୌତୁକପ୍ରଥା ବିରୋଧୀ । ମିନତି ସତ୍ୟକୁ ପ୍ରଶଂସା କରିଛି । ସତ୍ୟ ଶିଶୁଭଳି ସରଳ ନିଃସ୍ୱାର୍ଥ ପର । ସେ ବ୍ୟକ୍ତିଗତ ସୁଖ, ସ୍ୱାର୍ଥକୁ ବଳି ଦେଇ ସମୂହ ସ୍ୱାର୍ଥପର ପାଇଁ ନିଜ ଜୀବନ ଦେବାକୁ ଚାହେଁ। ସଂଗ୍ରାମୀ ଜୀବନକୁ ପସନ୍ଦ କରେ, ଗୃହସ୍ଥ ଧର୍ମକୁ ବିରୋଧୀ କରେ। ସତ୍ୟ ଚାହେଁ ଚାଷୀ ମାନଙ୍କୁ ସମ୍ମାନ ଦିଆଯାଉ, ତେଣୁ ସେ ଶିକ୍ଷିତ ହୋଇ ସମସ୍ତଙ୍କୁ ଶିକ୍ଷିତ କରିବାକୁ ଚାହିଁଛି ଓ ସମସ୍ତଙ୍କ ଅଧିକାର ପାଇଁ ଲଢେଇ କରିଛି।

ISSN NO.
2582-208X

ନାଗୁ ସ୍ୱାଇଁ -

ନାଗୁ ସ୍ୱାଇଁ ହେଉଛନ୍ତି ସତ୍ୟର ବାପା। ବୃତ୍ତିରେ ନାଗୁ ସ୍ୱାଇଁ ଜଣେ ଚାଷୀ ସେ ସ୍ୱାଇଁ ପଡ଼ାର ବାସିନ୍ଦା ଥିଲା। ସେ ସ୍ୱାଇଁ ପଡ଼ାର ଅହଙ୍କାରରେ ନିଜକୁ ସାମିଲ କରିପାରିନଥିଲା । ସମସ୍ତ ବିରୋଧି ପକ୍ଷକୁ ଏକ ଚକ୍ଷୁରେ ଦେଖୁଥିଲା । ନାଗୁ ସ୍ୱାଇଁ ସମସ୍ତଙ୍କ ଭଲ ମନ୍ଦ ରେ ଠିଆ ହେଉଥିଲା । ଅଚ୍ଛିଣ୍ଡାନ୍ୟାୟରେ ମଧ୍ୟମ ପନ୍ଥିୟ ବାଟ ଦେଖାଇ ଦେଉଥିଲା ସମସ୍ତଙ୍କୁ ଓ ସଚେତନ ମଧ୍ୟ କରାଉଥିଲା । ନାଗୁ ସ୍ୱାଇଁ ଜଣେ ଆଦର୍ଶ ମଣିଷ ଥିଲା । ତାଙ୍କର ସାରା ଜୀବନ ତାଙ୍କ ଚାଷ ଜମିରେ ଖଟି ଖଟି ସରି ଯାଇଛି। ଶେଷ ରେ ସେ ନିଜ ପାଇଁ ଔଷଧ ଟିକିଏ ନ ପାଇ ମୃତ୍ୟୁ ବରଣ କରିଛି ।

ଆଦିକନ୍ଦ ସ୍ୱାଇଁ -

ସେତେବେଳର ଗାଁ ଟାଉଟର ଥିଲା ଆଦିକନ୍ଦ ସ୍ୱାଇଁ। ଗାଁ ର ସମସ୍ତେ ତାକୁ ଡରୁଥିଲେ ସେ ଦାଣ୍ଡରେ ବସିଲେ ଲୋକେ ଡରରେ ସେହି ରାସ୍ତା ଦେଇ ଯିବ ଆସିବା ବନ୍ଦ କରି ଦେଉଥିଲେ। ଆଦିକନ୍ଦ ସ୍ୱାଇଁ ଥିଲେ ଅହଙ୍କାରୀ, କୁଟିଳ, ନିଷ୍ଠୁର ପଣୀଆର ଲୋକ । "ଗୋଟିଏ ଘାଟରେ ବାଘବକ୍ରିକୁ ପାଣି ପିଆଉଥିଲେ" । ସେ ଗାଁଟାକୁ ନିଜ ଇସାରାରେ ନଚାଉଥିଲେ । ସେ ଯାହାକୁ ଯାହା କହୁଥିଲେ ସେ ତାହା କରୁଥିଲେ ତାଙ୍କରି କଥାକୁ କେହି ଅମାନ୍ୟ କରୁନଥିଲେ। ଆଦିକନ୍ଦ ସ୍ୱାଇଁ ଥିଲେ ଗାଁର ମାମଲ୍ ତାରକା ।

ଅଜୟ ସ୍ୱାଇଁ -

ଉପନ୍ୟାସର ଖଳନାୟକ ଭାବରେ ଅଜୟ ସ୍ୱାଇଁ ପରିଚିତ। ଆଦିକନ୍ଦ ସ୍ୱାଇଁର ସୁଯୋଗ୍ୟ ସନ୍ତାନ। ପିତାଙ୍କ ପରେ ସେ ଥିଲେ ଗାଁ ର ଟାଉଟର ଓ ମାମଲ୍ ତାରକାର। ଗାଁର ସରପଞ୍ଚ ଥିଲେ ଅଜୟ ସ୍ୱାଇଁ। ସେ ସତ୍ୟର ଓ ତାର ସାଙ୍ଗ ମାନଙ୍କର ଆନ୍ଦୋଳନକୁ ବିଫଳ କରିବାକୁ ଚେଷ୍ଟା କରିଛି । ବଡ଼ ବଡ଼ ଚାଷୀ ମାନଙ୍କୁ ପ୍ରଭାବିତ କରିଛି ଓ ଛୋଟ ଚାଷୀ ଓ ମୂଲିଆ ଙ୍କୁ ସେମାନଙ୍କ ଜମିରେ ଭାଗ ନ କରେଇ ଦେବାର ଧମକ ଦେଇଛି। ସାଙ୍ଗରେ

ISSN NO.
2582-208X

ଗୁଣ୍ଡା ନେଇ ସତ୍ୟର ଆନ୍ଦୋଳନକୁ ବିଫଳ କରିବାରେ ପ୍ରଚେଷ୍ଟା କରିଛନ୍ତି ଓ ସତ୍ୟକୁ ନିଜ ପକ୍ଷରେ କରିବା ପାଇଁ ତାକୁ ଚାକିରି ପ୍ରଲୋଭନ ଦେଖାଇଛନ୍ତି ।

କୌଣସି ଶକ୍ତିଶାଳୀ ଖଳନାୟକ ଚରିତ୍ର ମଧ୍ୟ ଏଥିରେ ନାହିଁ । ତିନୋଟି ଗୌଣ ଚରିତ୍ରର ଭୂମିକାରେ ପୁରୁଷ ଚରିତ୍ର ପାଠକର ଦୃଷ୍ଟି ଆକର୍ଷଣ କରନ୍ତି। ସେମାନେ ହେଲେ - ହରିଜନ ବାବାଜୀ ଭୋଇ, ଉଦ ଜେନା ଓ ମହନ୍ତ ମହାରାଜ । ଏମାନେ ଗତିଶୀଳ ଚରିତ୍ର।

ମିନତି -

ମିନତି ହେଉଛି ଉପନ୍ୟାସର ନାୟିକା । ସେ ସତ୍ୟକୁ ମନେ ମନେ ଭଲ ପାଏ ଓ ସତ୍ୟ ମଧ୍ୟ ତା ପ୍ରତି ଟିକିଏ ଆକର୍ଷିତ ହୁଏ କିନ୍ତୁ କୁହେ ନାହିଁ । ମିନତି ଗାଁ ସ୍କୁଲରେ ପାଠ ପଢାଏ। ସେ ସତ୍ୟ କୁ ତାର ଆନ୍ଦୋଳନ ରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛି। ସତ୍ୟ ପ୍ରତି ତା ମନରେ ଭଲପାଇବା ଓ ସମ୍ମାନ ରହିଛି । ସତ୍ୟର ନିଚ୍ଛକ ବ୍ୟବହାର, ସମ୍ବେଦନଶୀଳ ଭାବ ତାକୁ ଆକର୍ଷିତ କରିଛି ମିନତି ମଧ୍ୟ ଆନ୍ଦୋଳନରେ ଭାଗ ନେଇଛି।

ଅଞ୍ଜଳୀ -

ଅଜୟ ସ୍ୱାଇଁର ପତ୍ନୀ ହେଉଛନ୍ତି ଅଞ୍ଜଳୀ ସେ ଜଣେ ଗୃହିଣୀ । ସେ ପାଠପଢ଼ିଛନ୍ତି କିନ୍ତୁ ତାପରେ ମଧ୍ୟ ତାଙ୍କ ଅସୁସ୍ଥ ପୁଅକୁ ଡାକ୍ତରଙ୍କ ପାଖକୁ ନେଇ ଯାଇପାରନ୍ତି ନାହିଁ। ଘରେ ସ୍ୱାମୀଙ୍କ ସହିତ ଯୁକ୍ତିତର୍କ କରିଥାନ୍ତି। ଘରର ମାଇପ ମାନେ ପଦାକୁ ଗୋଡ଼ କାଢିଲେ ତାଙ୍କ ବଂଶ ପରିବାରର ସମ୍ମାନ ଯିବ । ଅଞ୍ଜଳିର ଏପ୍ରକାର ମନୋବୃତ୍ତିକୁ ସତ୍ୟ ଅର୍ଥହୀନ ପରମ୍ପରା ବୋଲି ଅଭିହିତ କରିଛି। ଯାହା ମଧ୍ୟବିତ୍ତ ପରିବାରର ନାରୀ ମାନଙ୍କ ପଦରେ ବେଡି ଛନ୍ଦିଲା ପରି ପଡିଛି ମୁଁ ତାକୁ ଘୃଣା କରେ। ଏହା ଘର ପରିବାର ଓ ରାଷ୍ଟ୍ରର ଉନ୍ନତିର ପରିପନ୍ଥି । ଏହି କୁସଂସ୍କାରକୁ ଭାଙ୍ଗି ନାରୀ ତାର ମର୍ଯ୍ୟାଦା ନେଇ ପରିବାରର କୀର୍ତ୍ତି ଭାବରେ ସେ ତାର ସନ୍ତାନର ପରିବାରର ମଙ୍ଗଳ ପାଇଁ ବାହାରକୁ ଗୋଡ଼ କଢ଼ିବେ।

ISSN NO.
2582-208X

ସତ୍ୟ ବୋଉ -

ସତ୍ୟର ବୋଉ ସରଳ ନିଷ୍କପଟ, ସ୍ନେହୀ, ପରମ୍ପରାନୁଗମିନୀ। ସଦ୍ୟ ବୈଧବ୍ୟ ଲାଭ କରିଥିବାରୁ ଶ୍ରୀହୀନା। ସେ ସ୍ୱର୍ଗତ ନାଗୁ ସ୍ୱାଇଁଙ୍କ ଧର୍ମପତ୍ନୀ ଥିଲେ । ପାରମ୍ପରିକ ଭାବେ ନାଗୁ ସ୍ୱାଇଁର ଶୁଦ୍ଧିକ୍ରିୟା ନ ହେବାରୁ ତାଙ୍କର ମନ ମର୍ମାହତ ହୋଇଛି । ତେଣୁ ଗ୍ରାମବାସୀଙ୍କ ଦ୍ୱାରା ସେ ଲାଞ୍ଛିତ ହୋଇଛନ୍ତି । ତାଙ୍କ ଭିତରେ ଅଛି ସରଳ ମା ସବୁ ମାଙ୍କପରି ତାଙ୍କ ମନରେ ମଧ୍ୟ ଅଛି ଗୋଟିଏ ଇଚ୍ଛା ଯେ ସେ ତାଙ୍କ ପୁଅକୁ ବାହା କରେଇବେ ଓ ବୋହୂ ଆଣିବେ। ସତ୍ୟ ବୋଉକୁ ଶାନ୍ତନା ଦେବାପାଇଁ ତା କଥାରେ ସ୍ୱୀକୃତି ଦେଇଛି - "କହିଲୁ ତୋ ଛଡ଼ା ଆଉ କିଏ ଅଛି ? ସତ୍ୟର ଏଇ ପଦିଏ କଥାରେ ବୋଉ ସବୁ ରାଗ ଅଭିମାନ ଭୁଲି ଯାଆନ୍ତି।"

ଏହି ଉପନ୍ୟାସକୁ ଆଗେଇ ନେବା ପାଇଁ ଅନେକ ଗୌଣ ଚରିତ୍ର ମଧ୍ୟ ଏଥିରେ ସ୍ଥାନିତ ହୋଇଛି। ନାରୀ ଚରିତ୍ର ଭାବରେ ଯେଉଁ ମାନେ ଅଛନ୍ତି ସେମାନେ ହେଲେ - କିର୍ତ୍ତିମୟୀ, ଜୟଲକ୍ଷ୍ମୀ, ଇଲ ଧୋବଣୀ, ଚମ୍ପା, କେଉଟୁଣି, ନାତୁଣୀ, ଶଶୀ, ସୁକାନ୍ତି, କୁମ୍ଭୀଅପା, ସହଦେବ ପୁହାଣର ଝିଅ କୁନି, ଅନିତା, ଉର୍ମି, ଶଶୀ ବୋଉର ଖୁଡି, ହରିଜନର ସ୍ତ୍ରୀ ନୀରା ବୋଉ, ବାବାଜୀ ଭୋଇର ସ୍ତ୍ରୀ ପୁଣୀ ଓ ଝିଅ କୁନି, ହର ବୋଉ, ସୁର ବୋଉ, ଉଦ ଜେନା ସ୍ତ୍ରୀ ବାସନ୍ତୀ।

କେତୋଟି ପୁରୁଷ ଚରିତ୍ର ମଧ୍ୟରେ ସ୍ଥାନିତ ଯଥା- ବିଜୟ, ଅଜୟ, ରତୀ, ସୋମେଶ, କୈଳାଶ, ଧଡ଼ିଆ ବେହେରା, ରାଜୁ ଦାଦା, ଉଦ୍ଧବ ପରିଡ଼ା, ଶୁକା ନାୟକ, ଭାଗିରଥି ମଉସା, ପହଲା ସାହୁ, ନିରା ରାଉତ, ବିମ୍ବାଧର ଓ ଝା ନିତ୍ୟାନନ୍ଦ ମଲ୍ଲ, ରତନା ସାହୁ, କଳ୍ପତରୁ ସ୍ୱାଇଁ, ଗୁଣ ଦାଦା, ଶମ୍ଭୁ ଅଜା, ଧଡ଼ି, ଭାଇ ସନାତନ ଦେହୁରୀ, କାର୍ତ୍ତିକ ସାହୁ, ସୁରିଆ, ବାବାଜୀ ଭୋଇ, ନାଶି ଲେଙ୍କା, ନୀଳାମ୍ବର, ଘନଶ୍ୟାମ ଇତ୍ୟାଦି।

ISSN NO.
2582-208X

ବାସ୍ତବରେ ଦେଖିବାକୁ ଗଲେ ଏହା ଏକ ସାମାଜିକ ବିଷୟବସ୍ତୁ ଉପରେ ପ୍ରଦର୍ଶିତ ହୋଇଥିଲେ ମଧ୍ୟ ଏହାର ଚରିତ୍ର ଚିତ୍ରଣ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହି ଚରିତ୍ର ମାଧ୍ୟମରେ ଏହି ସାମାଜିକ ଉପନ୍ୟାସଟିକୁ ଔପନ୍ୟାସିକ ପଦ୍ମଜ ପାଳ ବେଶ୍ ଆକର୍ଷିତ କରିଛନ୍ତି ଏବଂ ସମ୍ପୂର୍ଣ୍ଣ କରିଛନ୍ତି ।

ନନ୍ଦପଡା, ସମ୍ବଲପୁର

ISSN NO.
2582-208X

# ଆରେ ଆ ମୋର କାଳିଆ ସୁନା



ସନ୍ତୋଷ କୁମାର ବେହେରା

ଆରେ ଆ ମୋର କାଳିଆ ସୁନା ରେ
ଭାଇ ଭଉଣୀଙ୍କୁ ଧରି
ରଥରେ ବସିଲେ ସୁନ୍ଦର ଦିଶିବ
ଚତୁର୍ଦ୍ଧା ମୂରତୀ ଧରି (୧)

ଦରଶନ ପାଇଁ କୋଟି କୋଟି ଲୋକ
ଆସିଛନ୍ତି ରୁଣ୍ଡ ହୋଇ
ଦର୍ଶନ କରିଲେ ମୁକତି ଲଭିବେ
ତୁମରି ଆଶିଷ ପାଇ (୨)

ଆରେ ଆ ମୋର କାଳିଆ ସୁନା ରେ
ଚଢି ନନ୍ଦିଘୋଷ ରଥ
ଶଙ୍ଖ ଘଣ୍ଟ ନାଦେ କମ୍ପି ଉଠୁଅଛି
ଟାକି ଅଛନ୍ତି ଭକତ (୩)

ଭକତର ବନ୍ଧୁ, ତୁହି ଦୀନବନ୍ଧୁ
ତୁହି ଜଗତର ନାଥ

ISSN NO.
2582-208X

ଆସୁଛନ୍ତି ଏବେ କୋଟି କୋଟି ଭକ୍ତ
ଟାଣିବାକୁ ତୋର ରଥ (୪)

ଆରେ ଆ ମୋର କାଳିଆ ସୁନା ରେ
କରୁଛି ତୋତେ ବିନତୀ
ଦରଶନ ଦେଇ ଭକତ ମାନଙ୍କ
ଫେଡିବୁ ସବୁ ଦୁର୍ଗତି (୫)

କପସିଲ୍, ତୁଷୁର୍, ବଲ୍ଙ୍ଗିର
ଫୋନ:ନ:-୭୭୩୫୬୧୫୧୦୭

ISSN NO.
2582-208X

# ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ



ବାସନ୍ତୀ ଲତା ଜେନା

ପୂଣ୍ୟ ଉତ୍କଳର ଜନମ ମୋହର
ଓଡ଼ିଆ ମୋ ପରିଚୟ
ଓଡ଼ିଆ ହୋଇ ମୁଁ ସଂସ୍କୃତି ପାଳୁଛି
ମାତୃଭାଷା ମୋର ପ୍ରିୟ ।୧।
ଜାତି ପରିଚୟ ଭାଷାର ଅସ୍ତିତ୍ୱ
ଭାଷା ମୋର ଭବିଷ୍ୟତ
ଭାଷାକୁ ଛାଡିଲେ ସ୍ୱାଭିମାନ ଯାଏ
ଭାଷା ନୁହେଁ ବିକଶିତ ।୨।
ମାତୃଭାଷା ଆମ ମାଆ ମୁଖ ଭାଷା
ମନ ଭାବ ବିକଶିତ
ଓଡ଼ିଆ ଭାଷାର ସମୃଦ୍ଧ କରିବା
ଗାଇବା ଓଡ଼ିଆ ଗୀତ ।୩।
ମୋ ଭାଷା ଓଡ଼ିଆ କେତେ ଯେ ବଢିଆ
ଓଡ଼ିଆ ଭାଷାର ଜୟ

ISSN NO.
2582-208X

ମୋ ଦେଶ ସଂସ୍କୃତି  କଳା ସ୍ଥାପତ୍ୟର
    ପରମ୍ପରା ହୁଏ ପ୍ରିୟ  ।୪।
ଐତିହ୍ୟ ସାହିତ୍ୟ  ଭାସ୍କର୍ଯ୍ୟ ଓଡିଶା
    ମଧୁର ଓଡ଼ିଆ ଭାଷା
ମୋ ଜାତି ମହାନ  ମୋ ଦେଶ ମହାନ
    ମନେ ଭରେ ନୂଆ ଆଶା  ।୫।
ମା' ମୁଖ ଭାଷା   ମିଠା ମଧୁ ଭାଷା
    ସ୍ନେହ ମମତା ବନ୍ଧନ
ମାତୃଭାଷା ଆମ  ପ୍ରାଣର ସ୍ପନ୍ଦନ
    ଓଡ଼ିଆ ପାଏ ସମ୍ମାନ  ।୬।
ଆମେରେ ଓଡ଼ିଆ  ଭାଷା ତ ବଢିଆ
    ସ୍ୱାଭିମାନ ଉତ୍କଳର
ଓଡ଼ିଆ କହିବା ଓଡ଼ିଆ ପଢିବା
    ଲେଖିବା ଓଡ଼ିଆ ଗିର  ।୭।
ଉତ୍କଳ ସଂସ୍କୃତି  ଜଗନ୍ନାଥ ପ୍ରୀତି
    ଲେଖା ଗୀତାଭାଗବତ
ମାତୃଭୂମି ମାତୃଭାଷାର ମମତା
    ମନ ପ୍ରାଣ କରେ ତୃପ୍ତ  ।୮।
ଯେତେ ଭାଷା ଅଛି  ସେ ସବୁ ଶିଖିବା
    ଆଜିର ଯୁଗକୁ ନେଇ
ଓଡ଼ିଆ ଭାଷାକୁ  ଶ୍ରେଷ୍ଠ କରାଇବା
    କେବେ ଭୁଲି ଯିବା ନାହିଁ  ।୯।

ISSN NO.
2582-208X

ଶାସ୍ତ୍ରୀୟ ମାନ୍ୟତା ପାଇ ଅଛି ଭାଷା
ଷଷ୍ଠ ସ୍ଥାନ ଅଧିକାର
ଓଡିଶୀ ସଂଗୀତ ଗୋଟି ପୁଅ ନୃତ୍ୟ
ପରିଚୟ ଓଡ଼ିଶାର ।୧୦।
ମଧୁବାବୁ ସଙ୍ଗେ ଫକୀର ମୋହନ
ଥିଲେ ରାଧାନାଥ ରାୟ
ସୁପ୍ତ ଭାଷାଟିକୁ ଉଜ୍ଜୀବିତ କଲେ
ବିଶ୍ୱେ ହେଲା ପରିଚୟ ।୧୧।
ଗୁମ୍ଫା ମନ୍ଦିରରେ ଲେଖା ଶିଳା ଲିପି
ଓଡ଼ିଆ ଭାଷା ଅକ୍ଷର
ବହୁ ପୁରାତନ ପାଲି ଲିପି ଭାଷା
ଓଡ଼ିଆ କରେ ଆଦର ।୧୨।
ଓଡ଼ିଆ ଭାଷାଟି ସରଳ ଅଟଇ
ମଧୁରତା ମିଠା ସ୍ୱର
ଗର୍ବରେ କହିବା ଆମେରେ ଓଡ଼ିଆ
ଜଗନ୍ନାଥ ସଂସ୍କୃତିର ।୧୩।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ନୀପ ତରୁ ମୂଳଆ



ଡ. ଅଭିମନ୍ୟୁ କାନୁନଗୋ

ମନ୍ଦ ମନ୍ଦ ବହେ ଦେଖ ମଳୟ ପବନ ।
ହାନୀ ଲାଭ ଜଗତର ଜାଣେ ଜନାର୍ଦ୍ଦନ ।
ବିଲୋକନ କର ତାର ପଙ୍କଜ ଚରଣ ।
ନାହିଁ ତାହାର ସମାନ ଦେବ ତ୍ରିଭୁବନ ।
ଯମୁନା କୂଳିଆ ସେହି କଦମ୍ବ ମାଳୀନ ।
କର ମନ ଧ୍ୟାନ ଶ୍ରୀହରି କଞ୍ଜ ଚରଣ ।
ପ୍ରଭୁ ସେ କୋଟି ବିଶ୍ୱର କୃଷ୍ଣ ନନ୍ଦନାନ ।
କୃପଣ ନୋହି କରଇ ଚୌବର୍ଗ ପ୍ରଦାନ ।
ତୀର୍ଥ ସକଳ ଯାହାର ଥାଇ ଶ୍ରୀଚରଣ ।
ପାବନ ନାମ ସ୍ମରଣେ ଦୂରିତ ଦହନ।
ରୀଦ୍ଧି ସିଦ୍ଧି ଦାତା ହରି ସେ କଳା ବାମନ ।
ଜାମୁଡ଼ାଲିଆ ସେ ଜଗାକାଳିଆ ଶ୍ରୀକୃଷ୍ଣ ।
ତରକ କୁ ଦୂର ସେହି କମଳ ନୟନ ।
ସାଶ୍ୱତ ଶାନ୍ତି ଦାୟକ ମଦନ ମୋହନ।

ISSN NO.
2582-208X

ହିରଣ୍ୟ ଗର୍ଭ ସମ୍ଭୂତ ଯଶୋଦା ନନ୍ଦନ ।
ତ୍ୟନୁସର ସଦା ସୁଧି ତା ରଙ୍ଗା ଚରଣ ।
ସର୍ବ ଜୀବ ଆତ୍ମା ହରି କାଳୀୟ ଦଳନ ।
ମିତ ଭଜ ଜଗନ୍ନାଥ ଜଗତ କାରଣ ।
ଲୟ କର ବାଇମନ ଗରୁଡ଼ ଆସନ ।।
ନୀପତରୁ ମୂଳିଆ କୃଷ୍ଣ ବଂଶୀ ବଦନ ।।

ଆକାଶବାଣୀ ପୁରୀ
ମୋବାଇଲ ନମ୍ବର ୮୮୯୫୪୫୦୧୧୭

ISSN NO.
2582-208X

# ଶୃଙ୍ଖଳିତ ଜୀବନର ରହସ୍ୟ



ମୀର୍ ପୂରବୀ ପାଣିଗ୍ରାହୀ

ସେତେବେଳର କଥା। ଗ୍ରାମ ମାନଙ୍କରେ ଗୁରୁକୁଳ ଆଶ୍ରମମାନ ପ୍ରତିଷ୍ଠା କରି ଶିକ୍ଷାଦାନ ଅର୍ଥେ ଶିକ୍ଷକ ମାନଙ୍କୁ ନିଯୁକ୍ତ କରୁଥିଲେ । ସେଠାରେ ଅର୍ଥଶାସ୍ତ୍ର, ଦର୍ଶନ ଶାସ୍ତ୍ର, ପୌରାଣିକ ତଥା ବୈଦିକ, ସାଂସ୍କୃତିକ, ସମର ବିଦ୍ୟା ପ୍ରଭୃତି ଶିକ୍ଷା ଦିଆଯାଉଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବର୍ଗର ଶିଷ୍ୟମାନେ ସେଠାରେ ଅଧ୍ୟୟନ କରୁଥିଲେ ।

ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ ପଡୁଥାଏ । ଯାହାକି ଏବେଭଳି କାଗଜ କଲମରେ ପରୀକ୍ଷା ନ ହୋଇ ଗୁରୁଙ୍କ ନିର୍ଦ୍ଦେଶରେ ଆଶ୍ରମର କିଛି କାର୍ଯ୍ୟ କରିବାକୁ ପଡୁଥାଏ । ଗୋଟିଏ ଦିନ ତିନିଜଣ ଶିଶୁଙ୍କର ନାମ ଲେଖାଇବା ନିମନ୍ତେ ତାଙ୍କ ପିତାମାତା ମାନେ ଆଶ୍ରମକୁ ଆସିଥାନ୍ତି ।

ପ୍ରଥମ ଶିଶୁଜଣକର ପିତାମାତା ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିଲେ । ଯଦିଓ ନିଜ ସନ୍ତାନର ତିଳେମାତ୍ର ଦୁଃଖକ୍ଲେଶ ସହ୍ୟ କରିପାରୁନଥିଲେ ତଥାପି ବ୍ୟସ୍ତତା ହେତୁ ଚାକର ମାନଙ୍କ ପାଖରେ ରଖିଦେଇ କର୍ମକ୍ଷେତ୍ରକୁ ଯାଉଥିଲେ । ଅଭାବ କ'ଣ ପିଲାଟି କେବେ ଅନୁଭବ କରିନାହିଁ । ଏହିପରି ଭାବରେ ଦଶବର୍ଷ ଅତିକ୍ରାନ୍ତ କରିସାରିଥାଏ ।

ଦ୍ୱିତୀୟ ଶିଶୁଟି ମଧ୍ୟବିତ୍ତ ପରିବାରରୁ ଆସିଥାଏ । ପିତାମାତାଙ୍କର ଚଳଣି ପାଇଁ ଯଦିଓ ବିଶେଷ କିଛି ଅସୁବିଧା ହେଉନଥାଏ ତଥାପି ଅଭାବ ଅନାଟନ କଣ ସିଏ ଶିଖିଥାଏ । ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ ନ କରିବା, ଗୁରୁଜନଙ୍କୁ ସମ୍ମାନ ଦେବା, ସମସ୍ତ ଜୀବଙ୍କ

ISSN NO.
2582-208X

ପ୍ରତି ଦୟାଭାବ, ସଂସ୍କୃତି ପରମ୍ପରା ଇତ୍ୟାଦି ବିଷୟରେ ପିତାମାତାଙ୍କ ଠାରୁ ସମ୍ୟକ୍ ଧାରଣା ପାଇସାରିଥାଏ ।

ତୃତୀୟ ଶିଶୁଟିର ପିତାମାତା ଗରିବ । ଶିଶୁଟି ଛୋଟଛୋଟ କାମରେ ନିଜ ବାପାମାଆଙ୍କୁ ସାହାଯ୍ୟ କରେ । କାହାକୁ କଟୁକଥା କହିବା, କାହାକୁ ଅସମ୍ମାନ କରିବା ଏସବୁରୁ ଦୂରେଇ ରୁହେ । ଯଦିଓ ପିତାମାତା ଗରିବ ତଥାପି ପୁତ୍ରକୁ ନୈତିକ ଶିକ୍ଷା ଦେବାରେ ଅବହେଳା କରିନଥିଲେ । ବହୁତ ଅସୁବିଧା ଥିବା ସତ୍ତ୍ୱେ ପିଲାଟିର ବିଦ୍ୟା ଅଧ୍ୟୟନରେ ଥିବା ଇଚ୍ଛା ଶକ୍ତି ଦେଖି ଗୁରୁକୁଳ ଆଶ୍ରମରେ ପଢାଇବା ପାଇଁ ମନସ୍ଥ କଲେ ।

ପରୀକ୍ଷା ନିଆଯିବାର ପୂର୍ବଦିନ ସାୟଂ ସମୟରେ ସମସ୍ତ ଶିକ୍ଷାର୍ଥୀ ମାନଙ୍କୁ ପରୀକ୍ଷା ଦେବାର ବିଧି ବିଷୟରେ ଗୁରୁମାନେ ଅବଗତ କରାଇଦେଲେ । ଗୁରୁଙ୍କ ଆଦେଶ ଥିଲା ଯେ, ଭୋର୍ ରୁ ଉଠି ମୁଖ ପ୍ରକ୍ଷାଳନ କରି ଠାକୁରପୂଜା ପାଇଁ ଫୁଲ ତୋଳିବ, ତାପରେ ବଗିଚାରେ ଥିବା ଫୁଲଗଛ ଗୁଡିକରେ ପାଣି ସେଚନ କରିବ, ତତ୍ ପରେ ଆଶ୍ରମରେ ପଡିଥିବା ଅଳିଆ ଆବର୍ଜନା କୁ ଝାଡୁମାରି ସଫା କରିବାକୁ ହେବ । ପରିଶେଷରେ ସ୍ନାନ କରି ଗୁରୁମାନଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବ । କିନ୍ତୁ, ଏସବୁ କାମ ସୂର୍ଯୋଦୟ ପୂର୍ବରୁ ହେବା ଉଚିତ । ନଚେତ୍ ପରୀକ୍ଷାରେ ବିଫଳ ହେବ ।

ସେତେବେଳେ ଫାଲ୍ଗୁନ ମାସ ଚାଲିଥାଏ । ସକାଳୁଆ ଶୀତ ହେଉଥାଏ । ତଥାପି ନିର୍ଦ୍ଧାରିତ ଦିନ ତୃତୀୟ ଶିଶୁ ଯିଏକି ଗରିବ ପରିବାରରୁ ଆସିଥାଏ ବଡ଼ି ଭୋର୍ ରୁ ଉଠି ନିର୍ଦ୍ଦେଶାନୁସାରେ ସମସ୍ତକାର୍ଯ୍ୟ ଶିଘ୍ର ସମାପନ କଲା । ଏସବୁ କାମରେ ତାକୁ ତିଳେମାତ୍ର ବାଧା ଉପୁଜିଲା ନାହିଁ । କାରଣ ପ୍ରତିଦିନ ସିଏ ଭୋର୍ ରୁ ଉଠି ଘରକାମରେ ବାପାମାଆଙ୍କୁ ସାହାଯ୍ୟ କରେ । ମାଆଙ୍କ ସହ ମିଶି ଫୁଲତୋଳିବା କାମ ସେ ଆଗରୁ ଶିଖି ଯାଇଥିଲା କାରଣ ପେଟପାଟଣା ପାଇଁ ତାଙ୍କ ମାଆ ଫୁଲମାଳ ତିଆରି କରି ମନ୍ଦିର ପାଖରେ ବିକ୍ରିକରି ଦୁଇ ପଇସା ରୋଜଗାର କରନ୍ତି । ସକାଳୁ ଉଠି ଗାଧୋଇବା ପାଇଁ ମଧ୍ୟ କିଛି ଅସୁବିଧା ନ ଥିଲା ଯେହେତୁ ପ୍ରତ୍ୟହ ମାଆ ସହ ଗାଧୋଇ ସାରି ମନ୍ଦିର ଅଗଣାରେ ଫୁଲବିକ୍ରି କରନ୍ତି ଓ ଶେଷରେ ଦେବୀ ଦର୍ଶନ କରି ଘରକୁ ଫେରନ୍ତି । ଫୁଲବଗିଚାରେ ପାଣିଦେବା କାମ ମଧ୍ୟ ସିଏ ଆଗରୁ କରିଛି ଯେହେତୁ ବାପା ଅନ୍ୟଜଣକର ବାଡିବଗିଚା କାମ କରନ୍ତି ଓ ବେଳେବେଳେ ସେ ମଧ୍ୟ ବାପାଙ୍କ ସହ ଯାଏ । ପରିଶେଷର ଦିଆଯାଇଥିବା ସମସ୍ତ କାର୍ଯ୍ୟ

ISSN NO.
2582-208X

ସୂଚାରୁରୂପେ ସମ୍ପାଦନ କଲା ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ହିଁ ସମାପ୍ତ କରିବାରେ ସକ୍ଷମ ହେଲା ।

ଦ୍ୱିତୀୟ ଶିଶୁ ଯିଏକି ମଧ୍ୟବିତ୍ତ ପରିବାରରେ ବଢ଼ିଛି, ପ୍ରଥମ ପିଲାର ଠିକ୍ ପରେପରେ ଶଯ୍ୟାତ୍ୟାଗ କଲା । ନିଜ ପାଇଁ ଦିଆଯାଇଥିବା କାମ ଆରମ୍ଭ କରିବାକୁ ଚେଷ୍ଟା କଲା । ଫୁଲ ତୋଳିବା, ଝାଡୁ କରିବା, ଫୁଲଗଛରେ ପାଣିଦେବା ଏସବୁ କାମ  ସେ ଦେଖିଛି ହେଲେ ନିଜେ ଅଳ୍ପ କିଛି କାମ ଶିଖିଛି । ଯଦିଓ ତା' ପାଇଁ ଦିଆଯାଇଥିବା  କାମ ନୂଆ ନ ଥିଲା ତଥାପି ଅଭ୍ୟାସର ଅଭାବ ହେତୁ କାମରେ ବିଳମ୍ବ ଘଟିଲା ଓ ସୂର୍ଯ୍ୟୋଦୟ ପରେ ଗାଧୋଇସାରି ଗୁରୁଙ୍କୁ ପ୍ରଣାମ କଲା ।

ତୃତୀୟ ଶିଶୁ ଯାହାର ଧନୀ ପରିବାରରେ ପ୍ରତିପାଳନ ହୋଇଛି ସେ କେବେ ଭୋର୍ ସକାଳୁ ଉଠିବାର ଅଭ୍ୟାସ ନାହିଁ । ତଥାପି ଯଥାସମ୍ଭବ ଶଯ୍ୟାତେଜି ମୁଖ ପ୍ରକ୍ଷାଳନ ପାଇଁ ଗଲା । ଶୀତଦିନ ଯୋଗୁଁ ଜଳ ବହୁତ ଥଣ୍ଡା ଥାଏ । ତେଣୁ ମୁଖ ନ ଧୋଇ ପୁଣି ଶଯ୍ୟାକୁ ଫେରି ଆସିଲା ।

ଏବେ ପରୀକ୍ଷା ଫଳ ଶୁଣାଣିର ସମୟ ଆସିଯାଇଥାଏ । ସମସ୍ତ ଅଭିଭାବକ ଓ ଶିଷ୍ୟ ମାନଙ୍କୁ ଡକାଇ ସମସ୍ତଙ୍କ ଆଗରେ ଫଳାଫଳ ପ୍ରକାଶ କଲେ । ପ୍ରଥମ ଶିଶୁ ପରୀକ୍ଷାରେ ପୂର୍ଣ୍ଣ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ପରିସ୍ଥିତି, ପରିବାର ଓ ପରିବେଶରୁ ବହୁତ କିଛି ଶିକ୍ଷା ଗ୍ରହଣ କରିସାରିଛନ୍ତି । ତାଙ୍କ ଭିତରେ ତତ୍ପରତା ଅଛି ତେଣୁ ପ୍ରଥମ ଶିଶୁକୁ ମୁଁ ଶିଷ୍ୟ ଭାବରେ ଗ୍ରହଣ କରି ଆଶ୍ରମର ଏକ ସଦସ୍ୟ କଲି ।

ତା ପରେ ଗୁରୁ ଦ୍ୱିତୀୟ ପିଲାଟିର ଫଳାଫଳ ପ୍ରକାଶ କଲେ । ସେ ମଧ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ପ୍ରତ୍ୟକ୍ଷରେ ନ ହେଲେ ନାହିଁ ପରୋକ୍ଷ ଭାବରେ ସମାଜ, ସଂସ୍କୃତି ଓ ପରିବେଶରୁ ବହୁତ କିଛି ଶିଖିବା ଆକାଂକ୍ଷା ଅଛି ତାଙ୍କ ଭିତରେ । ଯାହା ଅନ୍ତରରେ ଅଭିଳାଷା ଅଛି ସେ ଶିକ୍ଷା ଗ୍ରହଣ କରିବାର ଯୋଗ୍ୟ । ଏଣୁ ଦ୍ୱିତୀୟ ଶିଶୁକୁ ମଧ୍ୟ ଶିଷ୍ୟ ଭାବରେ ଗ୍ରହଣ କରୁଛି ।

ଏବେ ଶେଷ ଜଣକର ଫଳାଫଳ କଥା । ଜଗତରେ ଜାତ କୌଣସି ଜୀବ ଜନ୍ମରୁ ହିଁ କିଛି ଶିକ୍ଷା ନେଇ ଆସିନଥାଏ । ବରଂ ଶିଖିବାର ଶକ୍ତି ତା ଭିତରେ ଥାଏ । ସେହି ଶିଖିବାର

ISSN NO.
2582-208X

ଶକ୍ତିକୁ ଯିଏ ଉଜ୍ଜୀବିତ କରିଛି ସିଏ ହିଁ ବିରାଟ ସଫଳତା ହାସଲ କରିପାରିଛି । ଦୁଃଖର ବିଷୟ ଯେ ତୃତୀୟ ଶିଶୁଜଣକ ପ୍ରଚେଷ୍ଟା କରିବା ପରିବର୍ତ୍ତେ ପ୍ରଥମରୁ ହିଁ ବିଫଳତାକୁ ସ୍ୱୀକାର କରିନେଲେ । ତେଣୁ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି ।

ଗୁରୁ ପୁଣି ତୃତୀୟ ଶିଶୁଟିର ଅଭିଭାବକଙ୍କୁ କହିଲେ, ଆପଣମାନେ ପିଲାଟିକୁ ପିଞ୍ଜରାରେ ଥିବା ଶାରୀଟିଏ ଭଳି ବନ୍ଦ କୋଠରୀର ରଖିଛନ୍ତି । ଯେତେ ଚାକଚକ୍ୟ ଯତ୍ନ ସହକାରେ ବଢେଇଛନ୍ତି ତାହା ଦିନେ ପିଲାଟିର ଜୀବନ ଅତିବାହିତରେ ବାଧା ସୃଷ୍ଟି କରିବ ବରଂ ଆପଣ ପିଲାଟିକୁ ସମାଜର ସମସ୍ତବର୍ଗ ସହ ମିଶିବାକୁ ଦିଅନ୍ତୁ । ସମାଜ ହିଁ ଶିକ୍ଷାର ଗନ୍ତାଘର ।

କୋମନା, ନୂଆପଡା

ISSN NO.
2582-208X

# ଓଡ଼ିଆର ପଖାଳ



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ମାଟିରେ ଯାହାର ଉତ୍କର୍ଷତା
ସଂସ୍କୃତି ଯାହାର ମହାନତା
ଭାଷା ଯାହାର ପବିତ୍ରତା
ସେହି ତ ଓଡ଼ିଆ
ବିଶ୍ୱ ବନ୍ଦନୀୟ ଓଡ଼ିଆ!!
ତାର ସଞ୍ଜ ସକାଳର ବଉଳ ବାସ୍ନା,
ଗାଆଁ ହାଟର ଚତକତା,
ପୁଣି ପକ୍ଷୀ କଳରବର ଚହକତା
ତା ସଂଗେ ଆଣେ ମାଦକତା
ଖରା ଦିନର ଭୂରୁଭୂରୁ ବାସ୍ନା।।
ମନେପଡେ  ବାଲ୍ୟ କାଳ
ଜେଜେମା ହାତର କଂସା ପଖାଳ
ବଡ଼ି ଚୁରା ସାଙ୍ଗେ ଶାଗଭଜା
ତା ସଂଗେ ପୁଣି କଷି ଆମ୍ବର
ଖଟାଳିଆ ଚଟଣୀ ର ମଜା।।

ISSN NO.
2582-208X

ଆଜି ପରିଦିନ ପୁଣ୍ୟ ଅଟଇ
କିଏ ବା କହିବା ସ୍ୱର୍ଗ ସୁଖ ନାହିଁ ?
ପଖାଳ କଂସାର ମଜା ଯେତେ ଅଛି
ଯିଏ ସାଙ୍ଗ ମେଳେ ଥାଇ ଖାଇଛି
ସେ ଅବା ଭୁଲିବ କି ପୁରୁଣା ଛବି!!!
ସଗର୍ବେ କହିବା ଆମେ ଓଡ଼ିଆ
ପଖାଳ ଆମର ନିଜସ୍ୱ ଖାଇବା
ଯେଉଁଠି ରହିବା ପରିଚୟ ଦେବା
ଓଡ଼ିଆର ଖାଦ୍ୟ ଖାଇବ ଆସ
ବୁଲିପଡ଼ି କେବେ କେହି ନ କହିବ
ଆମେ ଅନଭିଜ୍ଞ, ଅନାମଧେୟ ॥

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ଏକାନ୍ତ ସତ୍ୟ



ଡକ୍ଟର ଜ୍ୟୋସ୍ନାରାଣୀ କର

ତୁମେ ଚାହିଁଥାଅ ମୋତେ,
ମୁଁ କିନ୍ତୁ ତୁମକୁ ଉପେକ୍ଷା କରି
କରୁଥାଏ ଦୈନନ୍ଦିନ କାର୍ଯ୍ୟ ।
ଖାଉଥାଏ, ଖେଳୁଥାଏ, ବୁଲୁଥାଏ
କିନ୍ତୁ ତୁମ ଚାହିଁବାର ଶେଷ ନଥାଏ ।।
ଯଦିଓ ମୁଁ ଜାଣେ ଶେଷରେ ତୁମଠାରେ ଲୀନ ହୋଇଯିବି ।
ତୁମ ଚାହାଣି ସମସ୍ତଙ୍କ ପାଇଁ ସତ୍ୟ
ମାତ୍ର ଅସ୍ୱୀକାର କରି ରହିହୁଏ, ଭୁଲିହୁଏ ତୁମକୁ ।
କିନ୍ତୁ ଭୁଲନାହିଁ ତୁମେ କାହାକୁ
ଉପଯୁକ୍ତ ସମୟ ହେଲେ ଡ଼ାକିନିଅ ତୁମ ପାଖକୁ ।
କେହି ଜଣେ ତୁମ ଅଭିନୟ କରିପାରେ
ମାତ୍ର ତୁମର ବାସ୍ତବିକ ଅସ୍ତିତ୍ୱ ଅତ୍ୟନ୍ତ ମର୍ମଦାୟକ ।

ISSN NO.
2582-208X

ଦୁଃଖିନୀଟିଏ ସର୍ବଦା ଲୋଡୁଥାଏ ତୁମର ଶୀତଳ ଆଲିଙ୍ଗନ,

ତୁମେ କି କୋଳେଇ ନିଅ ତାକୁ ?

ତୁମେ କାହାର ଦାସ ନୁହଁ,

ସମସ୍ତେ ତୁମର କର୍ତ୍ତୃତ୍ୱର ଅଧୀନ

ଏହା ହିଁ ସତ୍ୟ

ଏକାନ୍ତ ସତ୍ୟ ।।

ସହକାରୀ ପ୍ରାଧ୍ୟାପିକା,
ଓଡ଼ିଆ ବିଭାଗ
ମଡେଲ ଡିଗ୍ରୀ କଲେଜ, ନୟାଗଡ଼

ISSN NO.
2582-208X

# ନିର୍ମାଲ୍ୟ



ପ୍ରସନ୍ନ କୁମାର ମେହେର

ଜଗତର ନାଥ ଆହେ ଜଗନ୍ନାଥ
ନୀଳାଚଳେ ବିଜେକରି
ତୁମେ ପରଂବ୍ରହ୍ମ ତୁମେ ଦାରୁବ୍ରହ୍ମ
ପତିତପାବନ ହରି ।।

ତୁମ୍ଭ ପାଇଁ ଲାଗେ ଛପନ ପ୍ରକାର
ଅମୃତ ମଣୋହି ଭୋଗ
ମହାପରସାଦ  ସର୍ବେ ଅଭିହିତ
ଅଲୌକିକ ମହାଭୋଗ।।

ଶ୍ରୀମନ୍ଦିରେ ନିତ୍ୟ ଆନନ୍ଦବଜାରେ
ଅନ୍ନ ପରସାଦ ମିଳେ
ଭକତ ପ୍ରବରେ ଅଭଡ଼ା ପାଇ କି
ମୁଣ୍ଡେ ପ୍ରକ୍ଷାଳନ୍ତି ଭଲେ ।।

ମହାପରସାଦ ଶୁଖିଗଲା ପରେ
ବୋଲାଯାଏ ନିରିମାଲ୍ୟ
ଭକତେ ଉଲ୍ଲାସେ ଲଭିଥାନ୍ତି ତାହା
ହରଷ ମନେ କୈବଲ୍ୟ ।।

ISSN NO.
2582-208X

ସେହି ନିରିମାଲ୍ୟ ନାଲି କପଡ଼ାର
ମୁଣିରେ ତିଆରି ହୋଇ
ବଡ଼ଦେଉଳର ଦକ୍ଷିଣ ଦୁଆରେ
ବିକିରି ସଦା ହୁଅଇ ।।

ନିର୍ମାଲ୍ୟ କଣିକା ଆଣିଦିଏ ଏକା
ଭକତିର ଅନୁରକ୍ତି
ଆତ୍ମବିଭୋରରେ ଭକତ ପ୍ରବରେ
ଲଭିଥାନ୍ତି ଆତ୍ମ ତୃପ୍ତି ।।

ଜୀବ ଥିବା ଯାଏ ମିଳୁ ଥାଉ ସଦା
ନିର୍ମାଲ୍ୟ କଣିକା ମୋତେ
ପିଣ୍ଡ ରୁ ପରାଣ ଚାଲି ଗଲେ ପଛେ
ଭୁଲିବି ନାହିଁ ମୁଁ ତୋତେ ।।

ସରଗଦୁଆରେ ଛଅ ଖଣ୍ଡ କାଠେ
ଦାହ ହେବ ମୋର ଦେହ
ତୋହର ଶ୍ରୀମୁଖ ଦେଖି ଯିବି ମୁହିଁ
ଇହଧାମୁ ଛାଡି ମୋହ ।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନିତା ପଣ୍ଡା

## ପରିବାର ରଜ୍ଜୁ

(୮)

ମାଳତୀର ଆଜିକାଲିକା ବ୍ୟବହାରରେ ହତବମ୍ବ ହୋଇଯାଉଥିଲା ମଧୁସୂଦନ । ଦେଖିବାକୁ ଗଲେ ଗୋଟାଏ ଆଡୁ ଭଲ ହେଲା । କଲେଜ ଜୀବନ ତାକୁ ସମାଜ ଆଗରେ ଅଣ୍ଟା ସଳଖି ଛିଡ଼ା ହେବା ଶିଖାଇ ଦେଲା । ଯେଉଁ ମାଳତୀ ଦିନେ ତା ସହି ପାର୍ଟି ଯିବା ପାଇଁ ସଂକୋଚ ପ୍ରକାଶ କରୁଥିଲା ସିଏ ଏବେ ପାର୍ଟି ଯିବା ପାଇଁ ନିଜକୁ ଦୁଇଦିନ ପୂର୍ବରୁ ତିଆରି କରୁଛି ।

ରୀତୁ ସତ କହୁଥିଲା ପ୍ରିୟ କୋଟିକରେ ଗୋଟିଏ ମଣିଷ । ତା ପାଇଁ ଜୀବନ ଦେଇ ଦେବାକୁ ସେ ପ୍ରସ୍ତୁତ । ଏମିତି ଏକ ସ୍ନେହୀ ମଣିଷ । ଭଗବାନ କାହିଁକି ଏତେଦିନ ଧରି ତା ସହ ମାଳତୀର ପରିଚୟ କରାଉନଥିଲେ । ଏଇଦିନ କେଇଟାରେ ଦୁଃଖ କ'ଣ ଭୁଲିଗଲାଣି ମାଳତୀ । ସତେ ଯେମିତି ଦିନ ରାତି ସେ ଖିଲିଖିଲି ହେଉଛି । ପାଞ୍ଚଟାରେ କଲେଜ ଗେଟ୍ ବନ୍ଦ ହୋଇଯାଏ । ଚାରିଟା ପୂର୍ବରୁ ପ୍ରିୟ ତା'ର ଅପେକ୍ଷା କରି ଗେଟ୍ ପାଖରେ ଅପେକ୍ଷା କରିଥାନ୍ତି । ବେଳେବେଳେ କହି ପକାନ୍ତି, କଳା ଛାତ୍ରମାନଙ୍କର କ'ଣ ପାଞ୍ଚଟା ଯାଏ କ୍ଲାସ ଥାଏ । ଏଇ କେତେଦିନ ହେବ ଅଭ୍ୟାସରେ ପଡ଼ିଗଲାଣି । ଚାରିଟା ପୂର୍ବରୁ ମାଳତୀ ବାହାରକୁ ଆସି ଯାଇଥାଏ । ପ୍ରାୟ ପ୍ରତ୍ୟେକ ଦିନ ମାଳତୀକୁ ଦୂରର କୌଣସି ଏକ ଇଂରାଜୀ ସ୍କୁଲ ଭିତରକୁ ପ୍ରିୟ ନେଇଯାଇଥାନ୍ତି । ସ୍କୁଲ ଗେଟ୍ ପାଖର ଗାର୍ଡ ପ୍ରିୟବ୍ରତଙ୍କୁ

ISSN NO.
2582-208X

ଦେଖି ସଲାମ ପକାଇ ଗେଟ୍ ଖୋଲିଦିଏ । କେତେଥର ତାଙ୍କୁ ପ୍ରଶ୍ନ କରିଥିଲା ମାଳତୀ । ଗାର୍ଡ କେମିତି ତୁମକୁ ସଲାମ ପକାଉଛି ପ୍ରିୟ । ସେ କ'ଣ ତୁମକୁ ଜାଣିଛି ।

ଡାକ୍ତର ପରା ଈଶ୍ୱରଙ୍କର ଦ୍ୱିତୀୟ ରୂପ । ସେମାନଙ୍କୁ କିଏ ନ ଜାଣେ ମଲ୍ଲୀ (ମାଳତୀକୁ ପ୍ରିୟ ଅତି ଶ୍ରଦ୍ଧାରେ ମଲ୍ଲୀ ଡାକିଥାନ୍ତି । କହନ୍ତି ଏ ମାଳତୀ ଫୁଲର ବାସ୍ନା କ୍ଷଣ ସ୍ଥାୟୀ, ତୁମେ ତ ଆମର ଚିର ବାସ୍ନାଧାରୀ ଫୁଲଟିଏ । ତେଣୁ ମୋ ପାଇଁ ତୁମେ ମାଳତୀ ନୁହଁ, ମଲ୍ଲୀ ) ।

ପ୍ରିୟବ୍ରତଙ୍କ ସହ ଗଳ୍ପରେ ମଜ୍ଜି କେମିତି ଘଣ୍ଟାଟିଏ ଗଡ଼ିଯାଏ ମାଳତୀକୁ ଜଣା ପଡ଼େନା । ଆଉ ଘଡ଼ିଏ ଏକାଠି ବିତାଇବା ପାଇଁ ଅନୁରୋଧ କରେ । ହେଲେ ସେ କହିଥାନ୍ତି, "ଆମେ ଯେତେ ଭଲ ହେଲେ କ'ଣ ହେବ । ଆଜିକାଲି ଦୁନିଆର ଆଖି ମାନ ସନ୍ଦେହୀ । ସେମାନଙ୍କର ସନ୍ଦେହୀ ଆଖିକୁ ବନ୍ଦ କରିବା ପାଇଁ ଆମକୁ ଖୁବ୍ ଶୀଘ୍ର ଏକ ହେବାକୁ ପଡ଼ିବ। ସେଥିପାଇଁ ଯଥା ଶୀଘ୍ର ମାଳତୀକୁ ମଧୁ ଠାରୁ ଭିନ୍ନ ହେବାକୁ ପଡ଼ିବ । ମୋ ବନ୍ଧୁ ଏ ସ୍କୁଲର ପ୍ରିନ୍ସିପାଲ । ପାଞ୍ଚଟା ପରେ କେବେ ବି ସରପ୍ରାଇଜ୍ ଭିଜିଟ୍ ପାଇଁ ଆସି ଯାଇପାରେ ।

'ଆଲୋ ସଖୀ, ଆପଣା ମହତ ଆପେ ରଖି । ମାଳତୀ କଥାର ମର୍ମ ଭଲ ଭାବେ ବୁଝିଲେ ମଧ୍ୟ ଅଭିମାନ ଭରା ସ୍ୱରରେ କହିଥାଏ, "ତୁମେ ତୁମ ମଲ୍ଲୀକୁ ଭଲ ପାଅନା ପ୍ରିୟ । ତା' ହୋଇଥିଲେ କୋଉ ପ୍ରେମିକ ପ୍ରେମିକାର ପ୍ରେମକୁ ଅଧାରାସ୍ତାରେ ଛାଡ଼ି ଦେଇ ଚାଲି ଯାଆନ୍ତା। ତୁମେ ତ କହୁଥିଲ ତୁମ ପାଖରେ ବହୁତ ବଡ଼ ଗୋଟାଏ ବଙ୍ଗଳା ଅଛି । ଚାଲୁନ ସେଇଠି ବସି ଘଣ୍ଟା ଘଣ୍ଟା ଗପ କରିବା । ମୋ ପାଇଁ କିଛି ଅସୁବିଧା ନାହିଁ । ମୋ ସ୍ୱାମୀ ସାତଟା ପୂର୍ବରୁ ଘରକୁ ଆସି ନଥାନ୍ତି । ଯଦି ବା ଆସିଯିବେ ତେବେ ତାଙ୍କର ପ୍ରେୟସୀ ତ ତାଙ୍କ ବାଟ ଦେଖୁଥିବ । ମୋ ଉପସ୍ଥିତି ଅନୁପସ୍ଥିତି ତାଙ୍କ ମନରେ କାହିଁକି ବା ଆସର ପକାଇବ ।

ISSN NO.
2582-208X

ସତରେ ମୁଁ ତୁମ ପାଇଁ ଦୁଃଖିତ ମଲ୍ଲୀ । ରୀତୁ ମତେ ସବୁ କହିଛି । ପ୍ରେମିକାର ପ୍ରେମ ନୁହେଁ, ଅଳ୍ପ କେତେଦିନରେ ମୁଁ ମୋର ମଲ୍ଲୀକୁ ଆଉ ବଣ ମଲ୍ଲୀ କରି ରଖିବାକୁ ଦେବିନି । ପତ୍ନୀର ପ୍ରାପ୍ୟ ଦେବି । ଗଦ୍‌ଗଦ୍ ହୋଇ ପ୍ରିୟ ବ୍ରତକୁ ଜାବୁଡ଼ି ଧରେ ମାଳତୀ । ପ୍ରିୟବ୍ରତର ଅଜସ୍ର ଚୁମ୍ବନ ତା'ର ଗଣ୍ଡ ସ୍ପର୍ଶ କରିଥାଏ । ଆନନ୍ଦରେ ଅଧୀର ହୋଇ ଉଠେ ମାଳତୀ । ମନେ ମନେ ରୀତୁକୁ ବହୁ ଧନ୍ୟବାଦ ଅର୍ପଣ କରେ । ଜୀବନ ଜୀଇବା ପାଇଁ କି ସୁନ୍ଦର ସାଥିଟିଏ ସତରେ ବାଛି ଦେଇଛି । ସାରା ଜୀବନ ତୋ'ର ଏ ଉପକାର ଭୁଲି ପାରିବନି ରୀତୁ ।

ସେ ଦିନ କ'ଣ ଗୋଟାଏ ଘଟଣାକୁ ନେଇ ସେଇ ସବୁଦିନିଆ ଗଳ୍ପ ସ୍ଥଳୀ ସ୍କୁଲଟି ଦୁଇଟା ସମୟରେ ବନ୍ଦ ହୋଇଥିଲା । ପୁରାପୁରି ସ୍କୁଲ ବିଲଡିଂଟି ଖାଲି । ମାଳତୀକୁ ନେଇ ପ୍ରିୟବ୍ରତ ଯଥା ଶୀଘ୍ର ପହଞ୍ଚି ଷ୍ଟାଫ୍ ରୁମ୍‌ରେ ବସିଥିଲେ । ଉତ୍ତମ ଅମରର କ୍ଲାସ୍‌ଟିଚର । ମଧୁସୂଦନ ବାବୁଙ୍କ ଅନୁରୋଧରେ ସେ ନିଜେ ତାକୁ ନେଇ ତାଙ୍କ ଘରେ ଛାଡ଼ି ଦେବା ପାଇଁ ପ୍ରୟାସ କରୁଥିଲେ । ହଠାତ୍ ତାଙ୍କର ମନେ ପଡ଼ିଲା ନିଜର ଚଷମା ଖଣ୍ଡକ ସେ ଷ୍ଟାଫ ରୁମ୍‌ରେ ଛାଡ଼ି ଆସିଛନ୍ତି । ଅମରକୁ ଦଉଡ଼ାଇଲେ । ଅବିଳମ୍ବେ ଧାଇଁ ଯାଇଥିଲା ସେ । ମାତ୍ର ଖୁବ ଶୀଘ୍ର ଧଇଁ ସଇଁ ହୋଇ ଷ୍ଟାଫ୍ ରୁମ୍ ଆଡୁ ଦୌଡ଼ି ଦୌଡ଼ି ଆସି ସାର୍‌ଙ୍କୁ କୁଣ୍ଢାଇ ପକାଇଥିଲା । କ'ଣ ହେଲା ଅମର! ମୋ ଚଷମା କାହିଁ ।

ସାର୍ କାକୀ ମା'....

କାକୀ ମା' କ'ଣ କିରେ ? ଟିକିଏ ଥୟ ଧରି ସଫା ସଫା କହ । ନେ, ପାଣି ବୋତଲ, ଢ଼ୋକେ ପିଇଦେ । ।

ସାର୍ ମୂର୍ଚ୍ଛା...

ISSN NO.
2582-208X

ମୂର୍ଚ୍ଛା । କିଏ ମୂର୍ଚ୍ଛା ହେଲା !

କାକୀ ମା' – କହି ସାର୍‌ଙ୍କ ହାତ ଧରି ଟାଣି ଟାଣି କମନ୍ ରୁମ୍ ଆଡ଼କୁ ନେଇଗଲା ଅମର। ଚିତ୍କାର କରି ଉଠିଲେ ଉତ୍ତମ । ସ୍କୁଲ ବିଲଡିଂରେ ଏ ସବୁ କି ନାଟ ଲଗେଇଛନ୍ତି ପ୍ରିୟବାବୁ। ସ୍କୁଲ ହତା ଭିତରଟା ପ୍ରେମ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ପ୍ରେମ କରିବାକୁ ଇଚ୍ଛା ତ ଯାଅ ନିଜ ଘରକୁ । ତୁମ ସ୍ତ୍ରୀ ତୁମର ରାସ୍ତା ଦେଖୁଥିବ । ଅଭଦ୍ର, ଅଶିକ୍ଷିତ, ପର ଝିଅ ବୋହୁଙ୍କୁ ଏକା ଦେଖି... ଆରେ.... ଚାଲ ତୁମୁକୁ ଏଇ ବର୍ତ୍ତମାନ ପ୍ରିନ୍ସିପାଲଙ୍କ ଘରକୁ ନେଇ ଯିବି । ଏମିତି କୁଚରିତ୍ର ଶିକ୍ଷକମାନଙ୍କ ପାଇଁ ଆମ ସ୍କୁଲ ଉଦ୍ଦିଷ୍ଟ ନୁହେଁ । ପୁଣି ମାଳତୀ ଆଡ଼କୁ ଲକ୍ଷ୍ୟ କରି କହିଲେ, ଛୁଟି ହୋଇ ବହୁ ସମୟ ହୋଇଗଲାଣି । ତୁମ ପିଲା ଅନ୍ୟ କାହା ସଙ୍ଗେ ଚାଲି ଯିବଣି । ତୁମେ ମଧ୍ୟ ନିଜ ଘରକୁ ଚାଲିଯାଅ । ଏ ବଦମାସ ମାନଙ୍କୁ ମୁଁ ଦେଖୁଛି ।

ଛଟ୍ କରି ମାଳତୀର ହାତ ଟାକୁ ଧରି ପକାଇ କହିଲା ଅମର କାକାବାବୁ ଆଜି ତମୁକୁ ମତେ ଘରୁକୁ ନବାକୁ ପଠେଇଥିଲେ କାକୀ ମା' । ତୁମ ଧିଅ କିମିତି ଲାଗୁଛି । ଆସ ଥିଇରି ଥିଇରି ମୋ ହାତ ଧର ।

ପ୍ରିୟବ୍ରତଙ୍କ ହାତଟାକୁ ଜୋର୍‌ରେ ଝିଙ୍କି ଝିଙ୍କି ଗେଟ୍ ବାହାରକୁ ନେଇଗଲେ ଉତ୍ତମ ବାବୁ । ବାହାଦୂର, ମନେ ରଖ, ଇଏ ଯେମିତି ଆଉ ହତା ଭିତରକୁ ନ ପଶନ୍ତି । ପୁଣି ଅମରର ହାତ ଧରି ଯାଇ ନିଜ ଲାମ୍ବ୍ରେଟା ସ୍କୁଟରରେ ଛିଡ଼ା କରାଇଲେ । ତୁଣ୍ଡ ବାଇଦ ସହସ୍ର କୋଶ। ଖବରଟା ଖୁବ୍ ଶୀଘ୍ର ବ୍ୟାପୀ ଯାଇଥିଲା । ସ୍କୁଲ ହତା ଭିତରେ ଛାତ୍ର ଅଭିଭାବିକା ଉପରେ ଚଢ଼ାଉ .... ନିଜକୁ ନିରପରାଧି କରାଇବା ପାଇଁ ମାଳତୀ ଯେ ତାହା ସହ ଅମର ବିଷୟରେ କିଛି ଆଲୋଚନା କରିବାକୁ ଆସିଥିଲା ସେ କଥା ଗ୍ରାହ୍ୟ ଯୋଗ୍ୟ ହୋଇ ନଥିଲା। ମାଳତୀ ନିର୍ଦ୍ଦୋଷ ଏବଂ ପ୍ରିୟବ୍ରତର ଅପରାଧକୁ ନେଇ ତା'କୁ ସ୍କୁଲରୁ ବହିଷ୍କାର କରାଯାଇଥିଲା ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ବ୍ୟାଧି



ଅପରାଜିତା ମହାରଣା

ଚିରା କନ୍ଥାକୁ ଫଟା ରେଜେଇ
ତେଲିଆ ଚିକିଟା ମାଣ୍ଡି
ନଥିଲା ଚିକିଟା
ନଥିଲା ତେଲିଆ
ଥିଲା ଧୋବ ଫରଫର ଅରଖ ନୂଆ
ଚାରିଶହ ଦିନ ପାଞ୍ଚଘଣ୍ଟା ପଡ଼ି ହୋଇ ଗଲାଣି ପୁରୁଣା

ମୂତ୍ରାଶୟ ନଳୀ ଯାଇଛି ଲମ୍ବି
ଲେଞ୍ଚେରା ଲୋତକ ଆଖି
କଙ୍କାଳ କାମୁଡ଼ି ଧରିଛି ଚମ
ଆଜି ଖାଦ୍ୟ ନ ହୟେ ହଜମ
ଚମଡ଼େ ଶିଁ ହେଇଛି ଛୁଞ୍ଚି
ତଥାପି ଆଶା ଅଛି ଯାଆନ୍ତିକି ବଞ୍ଚି
ହେଲାଣି ସମୟ ଆଗମନ ଆତ୍ମୀୟ ସ୍ୱଜନର
ମୋତେ ବେଢ଼ି ବସନ୍ତି ବନ୍ଧୁ ପରିଜନର
ଅର୍ଦ୍ଧ ନଗ୍ନ ଭାବେ ପଡ଼ିଥାଇ ମୁଁ ଉପରକୁ କରି ଆଁ

ISSN NO.
2582-208X

ଦୁଇପଟେ ବହିଯାଇ ଲୁହ ପଶିଯାଏ କାନେ
କାନ କରେ ଶବ୍ଦ ଭାଁ ଭାଁ

ଆଉ ବା କେତେଦିନ.......?
ପାଣି ଛପା ଉଚ୍ଚା ବେରଙ୍ଗ କାନ୍ଥକୁ
ଘୋ ଘୋ କର୍ଣ୍ଣ ଫଟା ଅନବରତ ଘୁରା ଆଡ଼ଯଷ୍ଟ ଫ୍ୟାନ
ଜଙ୍କ ଲଗା ଲୁହା ଖଟିଆକୁ ଧଳା ଚାଦର
ଦେଖି ଦେଖି ହେଲା ଆଜି ତେର ମାସ
ରଙ୍ଗ ବେରଙ୍ଗ ବଟିକାକୁ
କଷା ପିତୁଳିଆ ବୋତଲ ଔଷଧ
ଖାଇ ଖାଇ ହଜିଗଲା ଆଜି ପାଟିର ସ୍ୱାଦ
କେତେଦିନ ଗଲେ ଘରେ
ଏକାଠି ବସି ଆମ୍ଭେ ଦେଖିବୁ ଟିଭି
କେବେ ମୁଁ ଯିବି
କେବେ ମୁଁ ଯିବି !

ବେଡ୍ ନମ୍ବର ନାଇନ୍
ଥପ୍ ଥପ୍ ଠୋପା ସାଲାଇନ୍
ସ୍ଥିରତା ନିଶବ୍ଦ ନାଦ ଶୁଣି ଡରାଏ ଆୟୁଷ
ଔଷଧ କୁ ଭାବେ ଏକା ପିୟୁଷ
ଏହି ତେର ମାସେ ପିୟୁଷ ପିଇଛି କମ୍
ଛାତିର କୋହ ସହ ଆଖିର ଲୁହ ବରଂ ବେଶି ପିଇଛି
ତଥାପି ଇଚ୍ଛା ଆଉ ଟିକେ ବଞ୍ଚିବାକୁ
ନ ନିଅନ୍ତା କି ଯମ ଏ ଜୀବନକୁ

ISSN NO.
2582-208X

ଶୀରରେ ଶିରରେ ଚିନ୍ତା
ବ୍ୟାଧି ଭଲ ହେଇଯାଆନ୍ତା
ଅଣଚାଶ ବୟସ ହେବାକୁ ମାସ ରହିଲା ଦୁଇ
ଇଚ୍ଛା ଥିଲା ଟିକେ ବଡ଼ ଝିଅର ବିବାହ ଦେଖନ୍ତି ମୁଇଁ

ପାନପିକ ବଦଳରେ ବେଡ୍ ପ୍ୟାନ୍
ଅଚଳ ଅଳନ୍ଧୁ ସରକାରୀ ଫ୍ୟାନ୍
ସରକାରୀ ହାସ୍ ପାତାଳ ନୂଆ ଠିକଣା ମୋର
ଲାଗଇ ମୋତେ ଆୟୁଷର ଆଜି ଶେଷ ଅବଧି
ଜରା ଠାରୁ ବେଶି ବାଧେ ଏହି ବ୍ୟାଧି
ଯେବେ ବୟସ ଦିଏ ଅନ୍ତିମ ସନ୍ତ୍ୱନା
ପ୍ରବେଶ ଯେବେଠୁଁ ବ୍ୟାଧିବସ୍ଥା.....

ଅତିଥି ଅଧ୍ୟାପିକା,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ହିସାବି ମଣିଷ



ଜୟ କୁମାର ମିଶ୍ର

ହିସାବି ମଣିଷ, ହିସାବରେ ବଶ
ହିସାବ ତାପାଇଁ ମୂଳ,
ପ୍ରତିଟି କଥାରେ, ହିସାବ ସେ କରେ
ପରିହିତ ସ୍ୱାର୍ଥ ଖୋଳ ॥
ହେଉଟି ପ୍ରମୁଖ, ହେଉ ଦୁଃଖ, ସୁଖ
ବିପଦ, ଆପଦ ବେଳ,
ସବୁଠି ହିସାବ, କାର୍ପଣ୍ୟର ଭାବ
ହିସାବଟି ମନ ମୂଳ ॥
ପ୍ରତିଟି କଥାରେ, ମନଘର ଧରେ
ଗଣତି, ଗଣନା କଥା,
ଅଡୁଆ ସୂତାର, ଓଠଟିର ଗାର
ନଥାଏ ନିସ୍ତାର ରାସ୍ତା ॥
ଖାଇବା, ପିଇବା, ଘର ଚଳାଇବା
ରୋଗ, ବଇରାଗ କାଳେ,

ହିସାବି ମଣିଷ, ହିସାବରେ ତୋଷ
ଟଣାଟଣି ହୋଇ ଚଳେ ॥
ପିଲା ପାଠପଢ଼ା, ଭବିଷ୍ୟତ ଗଢ଼ା
ହିସାବଟି କାଳ ଖାଏ,
ଗୁଣନ ହରଣ, ମିଶାଣ ଫେଡାଣ
ଲାଭ, କ୍ଷତି କହିଯାଏ ॥
ପେଟକୁ ଖାଏନା, ଖୁଆଇ ଦିଏନା
କିଣିବାକୁ କେତେ ବାଛେ,
ସଦା ଜଗିରୁହେ, ଅଙ୍କ କସୁଥାଏ
ଯିଏ ଯାହା ହେଉ ପଛେ ॥
ସୁଧପାଇଁ ଧନ, ଲୋଭ ଆଶା ମନ
ସିନ୍ଦୁକରୁ କାଢ଼ିଦିଏ,
ମୂଳ କଳନ୍ତର, ହିସାବ ପତର
ସ୍ୱଚ୍ଛ ନିରିମଳ ଥାଏ ॥

ISSN NO.
2582-208X

ଦେଖି ଜମାଖାତା, ପୁଲକିତ ପନ୍ଥା
ଦିଗରୁ ଦିଗନ୍ତ ବ୍ୟାପେ,
ସୁଖର ସପନ ଛୁଅଇ ଗଗନ
ପିନ୍ଧି ଚିରାଫଟା ରୂପେ ॥
ଲୁଚିଛପି ଧୀରେ, ପର ଅଗୋଚରେ
ମଧ୍ୟସ୍ତିଙ୍କ କଥା ଶୁଣି,
ବାନ୍ଧେ କୋଣ, ବାଡେ, କାନ୍ଦି ରଡି ଛାଡେ
କୃତ୍ରିମ ଅଭାବ ବାଣୀ ॥
ସୁବିଧା ସୁଯୋଗ, ପାଇଁ ଧାଏଁ ଆଗ
କେତେ ଯେ ଛଳନା କରେ,
ରାଣ ପରମାଣ, ଆଉ କେତେ କଣ
ଇଜ୍ଜତ ମହତ ସାରେ ॥
ଅଭାବୀରେ ସାର, ଦୁଃଖେ ଜରିଜର
ଅତି ଦୟନୀୟ ସ୍ଥିତି,
ପରିହାସ କଥା, ସହିଯାଏ ମଥା
ଜାଣି ସେ ବଧିର ଅତି ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଶୈଶବ ସ୍ୱର

ଅଜୟ କୁମାର ନନ୍ଦୀ

ଖୋଜି ବୁଲେ ଧୂଳିଘର ମାଟିରେ
ଭୁଲିଯାଇଥିବା ଶେଷ ଶୈଶବର ପଟ୍ଟଚିତ୍ର ।
ଧାର ଶ୍ରାବଣ ଧାରେ ଧାରେ ଭସାଏ ମୁଁ କାଗଜି ଡ଼ଙ୍ଗା
କାଳେ ପହଂଚିବ ସାଗର ଶେଷରେ ।

ବର୍ତ୍ତମାନ ଶୈଶବ ମୁହେଁ ଦେଖେ ମୁଁ
ନଈ ବାଲିରେ ଜଳ କ୍ରୀଡା ସହ ବାଲୁକା ଖେଳ,
ତା ସହ ସକାଳ ସଂଜେ ଖେଳୁଥିଲି
ଶଙ୍ଖବାଟି, କାଚବାଟି ଖେଳ
ଅବା ଖେଳେ ବାଡ଼ି ଡିଆଁ ଖେଳ ।
କିଏ ହାରେ ତ କିଏ ଜିତେ
ଆଜି କୁଆଡେ ଗଲେ ସେ ବିଜେତା ଦଳ ।
ଅନ୍ଧାରରେ ଖୋଜି ବୁଲୁଥିଲି ପୋଲିସ ହୋଇ ଚୋରକୁ,
ଆଜି ଖୋଯେ ସେହି ଅବସ୍ଥାକୁ ।

ବିଲଡିଂର ଝିକମିକ ଆଲୋକରେ
ଆଖି ହୁଏ ବିବ୍ରତ ।
ଆଖିକୁ ଆବଶ୍ୟକ ଅନ୍ଧାର... କେବଳ ଅନ୍ଧାର ।

ISSN NO.
2582-208X

ସହରରେ ସ୍ୱଚ୍ଛତା ଅଛି
କିନ୍ତୁ ମାନବ ମନ ଅସ୍ୱଚ୍ଛ ।
କିପାଇଁ ଆସିଲି ଏ ଗତିଶୀଳ ଜଗତକୁ
ଚିହ୍ନା ନାହାନ୍ତି,
ପଚାରେ ଅବା କିଏ ।
ବିକଳ ଆଖିରେ ଖୋଜିବୁଲେ
ମୋ ପରିଚିତଙ୍କୁ ।
ପାଏନାହିଁ,
ପ୍ରତିଦିନ ଭଳି ନିରାଶ ଏକଲା ହୋଇ ଫେରେ
ବସା କୁ ।

◇◇◇

ଯାଜପୁର

ISSN NO.
2582-208X

# ଚ଼ିଲିକା



ବିଶ୍ୱବିଜୟୀ ଦାଶ

ମରାଳ ମାଳିନୀ ନୀଳାମ୍ବୁ ଚ଼ିଲିକା, ଆମ ରାଜ୍ୟ ତଥା ଦେଶ ପାଇଁ ପ୍ରକୃତିର ଏକ ସୁନ୍ଦର ଦାନ। ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ପ୍ରାୟ ୧୧୦୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳ ଉପରେ ବ୍ୟାପିଥିବା ଏସିଆ ମହାଦେଶର ସର୍ବବୃହତ ଲବଣାକ୍ତ ଜଳଯୁକ୍ତ ହ୍ରଦ। ଏହି ହ୍ରଦ ରେ ମିଶିଛି ୫୨ ଟି ଛୋଟ ନଦୀ। ଚ଼ିଲିକା ର ଆରାଧ୍ୟ ଦେବୀ ମା' କାଳିଜାଈ। ପ୍ରାୟ ସବୁଦିନେ ଚ଼ିଲିକା  କୁ ବହୁ ପର୍ଯ୍ୟଟକ ମାନେ ଅସି ମା' କାଳିଜାଈଙ୍କ ଦର୍ଶନ, ନଳବଣରେ ଚ଼ଢ଼େଇ ମାନଙ୍କ ଭିଡ଼, ବୋଟ୍ ର ଗତି ସହ ସିଆର କାଟୁଥିବା ଚ଼ିଲିକାର ଅଥଳ ଜଳରାଶି, ଚ଼ିଲିକା କୁ ଘେରି ରହିଥିବା ନୀଳ ପାହାଡ଼, ବଡ଼କୁଦ ଓ ସାନକୁଦ ଭଳି ଦ୍ୱୀପ, ଚଢ଼େଇହଗାର ସଫେଦ ପଥର ଏସବୁ ଦେଖି ମୁଗ୍ଧ ହୁଅନ୍ତି। ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟ କୁ ଉପଭୋଗ କରନ୍ତି ପର୍ଯ୍ୟଟକ ମାନେ। ଚ଼ିଲିକା ଭାରତ ଉପମହାଦେଶରେ ପରିବ୍ରାଜୀ ପକ୍ଷୀମାନଙ୍କର ଏକ ବୃହତ୍ତମ ଓ ଉତ୍ତମ "ଶୀତ ଭୂମି"। ଚିଲିକାରେ ଶୀତୁଆ ସକାଳ ଓ ବିଦେଶୀ ପକ୍ଷୀଙ୍କ ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ହଜାର ହଜାର ପକ୍ଷୀଙ୍କ ଆଗମନରେ ନଳବଣ ପକ୍ଷୀ ଅଭୟାରଣ୍ୟ ପୂରିଉଠେ। କାସ୍ପିଆନ୍  ସାଗର, ବୈକାଲ ହ୍ରଦ, ମଙ୍ଗୋଲିଆର କିରଗିଜ, କେନ୍ଦ୍ର ଓ ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳ, ଲଦାଖ ତଥା ହିମାଳୟ ଆଦି ଅଞ୍ଚଳରୁ ପକ୍ଷୀ ମାନେ ଆସିଥାନ୍ତି। ଏଠାରେ ପ୍ରଚୁର ପରିମାଣରେ ଖାଦ୍ୟ ତଥା ପ୍ରଜନନ ପାଇଁ ଅନୁକୂଳ ପରିବେଶ ଉପଲବ୍ଧ ହେବା ଯୋଗୁଁ ହିଁ ଏଇ ବିଦେଶାଗତ ପକ୍ଷୀ ମାନେ ଚିଲିକାକୁ ନିଜର ଶୀତକାଳୀନ ବାସସ୍ଥାନ ଭାବେ

ISSN NO.
2582-208X

ବାଛିଥାନ୍ତି। ଚିଲିକା ହ୍ରଦ ସ୍ଥିତ ଲୀଳାକ୍ଷେତ୍ର କାଙ୍କଣଶିଖରୀ ଠାରେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ମନ୍ଦିର ଅବସ୍ଥିତ। ଦେଖଣାହାରୀ ତଥା ପର୍ଯ୍ୟଟକଙ୍କ ପାଇଁ ଚିଲିକାର ମୁଖ୍ୟ ଆକର୍ଷଣ ହେଉଛି ଏହାର ଜୈବବିଭିନ୍ନତା । ଉଦ୍ଭିଦ ଓ ପ୍ରାଣୀମାନଙ୍କ ଅପୂର୍ବ ସମାବେଶ ହେତୁ ଏହା ପୃଥିବୀର ଏକ ଅନନ୍ୟ, ଅନୁପମ ଓ ଅନବଦ୍ୟ ଜୈବବିଭିନ୍ନତା ହଟ ସ୍ପଟ ଭାବରେ ଗୃହୀତ, ଆଲୋଚିତ ଓ ପରିଗଣିତ। ଏରାୱାଡ଼ି ଡଲଫିନ୍ (ଇରାବତୀ ଡଲଫିନ୍ ବା ଶିଶୁମାର) ଓ ବିଶାଳ ପକ୍ଷୀ ଅଭୟାରଣ୍ୟ ନଳବଣ ଯୋଗୁଁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଓ ମାନ ପାଇଥିବା ନୀଳାମ୍ବୁ ଚିଲିକା ବେଶ ବିଦିତି ଓ ବିଖ୍ୟାତ। ସାତପଡ଼ା "ଡଲଫିନ୍ ଗଡ଼" ଭାବରେ ସୁବିଦିତ। ଚିଲିକାରେ ଅବସ୍ଥିତ ମୁଖ୍ୟ ଦ୍ୱୀପ ଗୁଡ଼ିକ ହେଉଛି ନଳବଣ, କାଳିଜାଇ, ସୋମୋଲୋ, ହନିମୁନ୍, ବ୍ରେକ୍ ଫାଷ୍ଟ, ବିକନ୍, ଦୁମକୁଡ଼ି, ପାରିକୁଦ, ମାଲୁଦ, ବରୁଣକୁଦ ଓ ପକ୍ଷୀ ଦ୍ୱୀପ। ପ୍ରତ୍ୟେକ ବର୍ଷ ଡିସେମ୍ବର ଓ ଜାନୁୟାରୀ ମାସରେ ଶିପକୁଦା, ଗମ୍ଭାରୀ, ମିର୍ଜାପୁର, ବାସୁଦେବପୁର, ସାତପଡ଼ା, ବାଲୁଗାଁ ଓ କୃଷ୍ଣପ୍ରସାଦ ଗଡ଼ ଜେଟି ନିକଟରେ ପର୍ଯ୍ୟଟଙ୍କ ଭିଡ଼ ହିଁ ଚିଲିକାର ଗୁରୁତ୍ୱ ଓ ଗାରିମାର ସୂଚନା ଦିଏ। ଚିଲିକା ର ବିଭିନ୍ନ ପ୍ରକାରର ମତ୍ସ୍ୟ, ଚିଙ୍ଗୁଡ଼ି ଓ କଙ୍କଡ଼ା ବିଖ୍ୟାତ। ଚିଲିକା ହେଉଛି ଉତ୍କଳ ମାତାର ଅପରୂପ ସୌନ୍ଦର୍ଯ୍ୟ ।

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୭୩୭୦୨୦୮୪୨୮

ISSN NO.
2582-208X

# ଜୀବନ ଯାତ୍ରା



ପ୍ରତିଭା ଦାସ

ତୁମେ ଦେଖାଇ ଥିବା ବାଟ ଟି
କଠିନ ନହେଲେ ମଧ୍ୟ
ଲଳିତ ନୁହେଁ
ତଥାପି ସେଇ ବାଟରେ ପାଦ
ରଖି ଚାଲିବାକୁ
ଯତ୍ନ କରୁଛି,
ହେଲେ, ବେଳେ ବେଳେ ଉଦାସିଆ ଭାବ ଟିଏ
ମନକୁ ଅସାନ୍ତ କରି ଯାଉଛି।

ପ୍ରାପ୍ତି ଅ-ପ୍ରାପ୍ତି ମଝିରେ ଜୀବନ ଆରମ୍ଭ, ପୁଣି ଶେଷ
ତହିଁରେ ଥାଏ ସୁଖ ଦୁଃଖର ଆନନ୍ଦ
ଏତେ କିଛି ବୁଝିବା ପରେ ବି
କାହିଁକି ଅସ୍ଥିର ଥାଏ ମନ ?
କେଉଁ ଅପୂର୍ଣ୍ଣ ଆକାଂକ୍ଷାର ପଛରେ ଧାଏଁ ଏ ଜୀବନ?

ISSN NO.
2582-208X

ତୁମେ କହିଥିଲୋ ନା  ଆଶା ନିରାଶ ଭିତରେ ହିଁ
ଜୀବନର ପ୍ରାପ୍ତି ଲୁଚି ରହିଥାଏ ।
ତାକୁ ଉପଲବ୍ଧି କରିପାରିଲେ
ଜୀବନ ଯାତ୍ରା ସହଜ ହୁଏ
ଏହାର ମାନେ, ମଣିଷ ଜନ୍ମ ସାର୍ଥକ ହୁଏ ।

ହେଲେ, ବେଳେ ବେଳେ ମୁଁ ହାରି ଯାଉଛି
ମାୟା ସଂସାରର ବନ୍ଧନରେ ପଡ଼ି
ମରିଚିକା ପଛରେ ଧାଇଁ ବୁଲୁଛି
କ୍ଷତ-ବିକ୍ଷତ କଳିଜା ଟି ହାତ ମୁଠାରେ ଧରି
କେହି ତାହା ବୁଝି ପାରନ୍ତି ନାହିଁ...

ସମସ୍ତଙ୍କର ଦୁଃଖ ସୁଖରେ
ସାମିଲ ହୋଇ ଖୁସି ବାଣ୍ଟିଛି
କାହାର ଦୁଃଖର କାରଣ
କେବେ ହୋଇ ନାହିଁ
ହେଲେ ଆଜି ଯାଏଁ ମୋ ଦୁଃଖରେ ସାମିଲ ହେଲା ଭଳି
ବିଶ୍ୱାସି ବନ୍ଧୁ ଟିଏ ପାଇଁ ନାହିଁ ।।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଗୋଲାପି ସଞ୍ଜରେ



ନରଞ୍ଜନ ସାହୁ

ଗୋଲାପି ସଞ୍ଜରେ ଗୋଲାପ ସହିତ
ଭେଟ ହୋଇଥିଲା ଥରେ
ଏତେ ଆକର୍ଷଣ ଭରି ରହିଥିଲା
ସେ ସ୍ମୃତି ଅଦ୍ୟାପି ଝରେ ।

କାହିଁକି କେଜାଣି ମନ ଆନମନା
ତାକୁ ଭାବିଦିଏ ଯେବେ
ଯେତେ ମୁଁ ଗୋଲାପ ଦେଖିଛି ସେଭଳି
ଗୋଲାପ ଦେଖୁନି କେବେ
ତାକୁ ଭାବିଦେଲେ ଅନେକ ସପନ
ମନରେ ମୋହରି ଭରେ ।

ମନ ଅଗଣାରେ ଅନେକ ଗୋଲାପ
ଫୁଟି ମଉଳନ୍ତି କେତେ
ଏହି ଦୁନିଆରେ ଫୁଟନ୍ତା ଗୋଲାପ
ମିଳିବ ଯାହାକୁ ଯେତେ

ISSN NO.
2582-208X

ମନ ଚାହେଁ ସେହି ଗୋଲାପକୁ ଆଣି
ସାଇତି ରଖନ୍ତି ଘରେ ।

ସ୍ମୃତିର ଗୋଲାପ ପାଖୁଡ଼ା ମେଲିଲେ
ସେ ଗୋଲାପ ମୋତେ ଦିଶେ
ସେହି ଗୋଲାପର ମନ ମୁଁ ବୁଝିନି
ମୋ ମନ ତା ସାଥେ ମିଶେ
ସଜଡ଼ା ମନଟା ଅସଜଡ଼ା ହୋଇ
ଭାରି ପାଗଳାମି କରେ ।

ନିହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ରୋଷ ଓ ରସର ରାଜଧାନୀ: ରୋସ୍ ଦ୍ୱୀପ

ପ୍ରିୟବ୍ରତ ପାତ୍ର

ପୃଥିବୀରେ ଏମିତି ରାଜଧାନୀଟିଏ କେଉଁଠି ନଥିବ, ଯାହାକି ଅର୍ଦ୍ଧ ଶତାବ୍ଦୀ ତଳେ ଚଳଚଞ୍ଚଳ ଥିବ, ଅଥଚ ବର୍ତ୍ତମାନ ଜନମାନବ ହୀନ ନିଷ୍ପ୍ରଭ, ନୀରବ ଭୂଖଣ୍ଡରେ ପରିଣତ ହୋଇଥିବ। ଇତିହାସ କହେ ପୋମ୍ପେ ନଗରୀ ଏମିତି ଥିଲା, ଯାହାକି ଅଚାନକ ଅଗ୍ନି ଉଦଗୀରଣ ଜନିତ ପାଉଁଶ ଓ ଲାଭାରେ ପୋତି ହୋଇଗଲା। ମହେଞ୍ଜୋଦାର ହରପ୍ପାରେ କାହିଁ କେତେ ଯୁଗ ତଳର ସଭ୍ୟତା ନିଷ୍ପ୍ରାଣ ହୋଇ ପଡିବା ଦେଖିବାକୁ ମିଳିଥାଏ। କିନ୍ତୁ ଏସବୁ ଖୁବ୍ ପ୍ରାଚୀନ । "ରୋସ୍" ଦ୍ୱୀପର ଇତିହାସ ହେଉଛି ମାତ୍ର ଶହେ ବର୍ଷର। ଏକଦା ପ୍ରାଚ୍ୟର "ପ୍ୟାରିସ୍" ବୋଲି ଅନେକ ସମ୍ବାଦପତ୍ରରେ ପ୍ରକାଶ ପାଉଥିବା ଏହି "ରୋସ୍" ଦ୍ୱୀପ ସଭ୍ୟତାର ବୁଦ୍ ବୁଦିରେ ଏକଦା ଥିଲା ସମଗ୍ର ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ। ପୋର୍ଟବ୍ଲେୟାର ଠାରୁ ସମୁଦ୍ର ପଥରେ ୩ କି.ମି. ଦୂରରେ ଥିବା ଏହି ରାଜଧାନୀ ଥିଲା ଇଂରେଜମାନଙ୍କର। ଇଂରେଜ ସୈନ୍ୟ, ସେନାପତି ମାନେ ନିଜ ନିଜ ପରିବାରଙ୍କୁ ଧରି ଏହି ସମୁଦ୍ରଘେରା ଅତ୍ୟନ୍ତ ନିରାପଦ ଦ୍ୱୀପଟିରେ ରାସମୟ କୁନି ଇଂଲଣ୍ଡର ପରିକଳ୍ପନା କରିଥିଲେ। ଏହି ଶାସକମାନଙ୍କର ଅଭାଗା ଶାସିତମାନେ ହେଲେ ବିଭିନ୍ନ କାରଣରୁ ଭାରତର ମୂଳଭୂଖଣ୍ଡରୁ ନିର୍ବାସିତ ଭାରତୀୟମାନେ। ଏହି ବନ୍ଦୀମାନେ ରହୁଥିଲେ ନିକଟସ୍ଥ ଅନ୍ୟ ଏକ ଦ୍ୱୀପ "ଭାଇପର"ରେ। ତେଣୁ ସଂକ୍ଷେପରେ କହିବାକୁ ଗଲେ ଭାଇପର୍ ଥିଲା ବନ୍ଦୀମାନଙ୍କ ନିଷିଦ୍ଧ ପୃଥିବୀ ଓ ରୋସ୍ ଥିଲା ସେମାନଙ୍କ ପ୍ରଭୁମାନଙ୍କ ରାଜଧାନୀ। ଚବିଶି ଘଣ୍ଟିଆ ରାସରେ ବିରକ୍ତ ପ୍ରଭୁମାନେ କେବେ କେବେ ଅବଚେତନ ମନର ରୋଷ ଓ ଆଦିମ ବର୍ବରତାକୁ ଅଜାଡି ପକାଉଥିଲେ, ଅସହାୟ ବନ୍ଦୀଙ୍କ ଉପରେ। ପ୍ରଥମ ଅବସ୍ଥାରେ ସମଗ୍ର ଭାଇପର୍ ଦ୍ୱୀପ ଥିଲା ଏକ ବିକଟ

ISSN NO.
2582-208X

ସମୁଦ୍ରଘେରା ଉନ୍ମୁକ୍ତ ଜେଲ୍ ପ୍ରାଙ୍ଗଣ ଯାହାର ଇଟାକାନ୍ଥର ବାଡ ନଥିଲା କି ଘର ନଥିଲା । ସମୟର ଅବଲୀଳା କ୍ରମେ ସେଠାରେ ତିଆରି ହେଲା କାନ୍ଥବାଡର ଜେଲ୍, ଫାସିଘର ଓ ତାହା କ୍ରମେ ନିଅଣ୍ଟ ହେବାରୁ ତାହାର ପରିବର୍ଦ୍ଧିତ ରୂପ ନେଲା ମୂଳଦ୍ୱୀପ ପୋର୍ଟବ୍ଲେୟାର ସହରରେ । ନିକଟସ୍ଥ ଅନ୍ୟ ଏକ ଦ୍ୱୀପ ମାଉଣ୍ଟ ହାରିଏଟ୍ ରେ ରହିଲେ ଅପେକ୍ଷାକୃତ ସାଧୁ ବ୍ୟବହାର ଯୋଗୁଁ "A" ସାର୍ଟିଫିକେଟ୍ ପାଇଥିବା ପୁରୁଣା ତଥା ତେଜହୀନ କଏଦୀମାନେ । ଏହି ରାଜଧାନୀରେ ହିଁ କଳ୍ପନା କରାଯାଇଥିଲା ଅନ୍ଧକାରର ଅକଟୋପସ୍ ଭଳି ଦଣ୍ଡାୟଆନ ସେଲୁଲାର ଜେଲ୍ ର ନକ୍ସା ଓ ଆବଶ୍ୟକତା । ଭାରତ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସହ ଯୋଡି ହୋଇଥିବା ସେଲୁଲାର ହେଉଛି ରୋସ୍ ରେ ଏକତ୍ରିତ ଇଂରେଜ ପ୍ରଭୁମାନଙ୍କର କ୍ରୋଧ ଓ ଷଡଯନ୍ତ୍ରର, ନିଷ୍ଠୁରତା ଓ ବର୍ବରତାର ପୁଞ୍ଜିଭୂତ ରୂପ । ସେଲୁଲାର ଆଖପାଖକୁ ତିଆରି ହୋଇଥିଲା ଆହୁରି ଡଜନେ ସରିକି ଛୋଟବଡ ଜେଲ୍ ଓ କଷଣ ଶିବିର - ଯାହାକି ସତେ ଅବା ରୋଷ୍ ରୁ ଜୀବନ୍ୟାସ ପାଇ ଲମ୍ଫ ଦେଇଥିବା ବିଷାକ୍ତ ଅଷ୍ଟପଦୀ ବୁଢିଆଣୀ ପରି ପୋର୍ଟବ୍ଲେୟାରରେ ଜୀବନ୍ତ ଲୋକଙ୍କୁ ଶ୍ୱାସରୁଦ୍ଧ କରୁଥିଲା । ଏକଦା ଏଠାରେ ନେତାଜୀ ସୁଭାଷ ଜାପାନୀ ସେନାଧ୍ୟକ୍ଷ ସହ ମିଶି ଇଂରେଜଙ୍କୁ ମୂଳପୋଛ କରିବାର ସ୍ୱପ୍ନ ଦେଖିଥିଲେ, ଏପରିକି ସ୍ୱାଧୀନତାର ବହୁ ପୂର୍ବରୁ ତ୍ରିରଙ୍ଗା ପତାକା ମଧ୍ୟ ଉଡେଇ ପାରିଥିଲେ । ତମାମ ଇତିହାସର ସ୍ମୃତି ବିଜଡିତ ରୋସ୍ ଦ୍ୱୀପ ମୂଳତଃ ଆଣ୍ଡାମାନ ପର୍ଯ୍ୟଟନର ବିରଳ ଆବେଗ ଧର୍ମୀ ବିଭାଗର ଅନ୍ତର୍ଭୁକ୍ତ । ଇତିହାସ ଜାଣିଲେ, ବିଗତ ଦିନ ସବୁ ସହ ଏକାତ୍ମ ହୋଇପାରିଲେ, ଏହି ଦ୍ୱୀପରେ ବହୁତ କିଛି ଦେଖି ହୁଏ, ବହୁତ କିଛି ଶୁଣି ହୁଏ, ଏପରିକି ତୁଚ୍ଛା ସମୁଦ୍ର ହାୱାରେ ମଧ୍ୟ ଅନେକ ରୋଷ ଓ ରାସକୁ ଅନୁଭବ କରିହୁଏ ।

ଭାରତର ଲୋକପ୍ରିୟ "ହନୁମାନ" ନାମଟି ମାଳୟରେ ପହଞ୍ଚିଲା ବେଳକୁ "ହଣ୍ଡୁମାନ" ହୋଇସାରିଥିଲା ଓ ତାହାରି ନାମାନୁସାରେ ବଙ୍ଗୋପସାଗରରେ ଅବସ୍ଥିତ ଦ୍ୱୀପପୁଞ୍ଜଟି ଧୀରେ ଧୀରେ "ଆଣ୍ଡାମାନ୍" ନାମରେ ନାମିତ ହୋଇଗଲା । ମାଳୟରେ ପ୍ରଚଳିତ ରାମାୟଣରେ ହନୁମାନ କୁଆଡେ ସୀତାଙ୍କୁ ଖୋଜି ଖୋଜି ପ୍ରଥମେ ଏହି ଦ୍ୱୀପରେ

ISSN NO.
2582-208X

ପହଞ୍ଚିଥିଲେ ଓ ନିରାଶ ହୋଇ ଫେରି ଯାଇଥିଲେ। ନିକୋବର୍ ର ଅର୍ଥ ନଥାଏ ବସ୍ତ୍ର ଯାହାର। ଉଲଗ୍ନ ହୋଇ ରହୁଥିବା ଅଧିବାସୀଙ୍କୁ ନେଇ ନିକୋବର ର ନାମକରଣ। ପାଖାପାଖି ୫୭୨ ଦ୍ୱୀପକୁ ନେଇ, ୮୨୪୯ ବର୍ଗ କିଲୋମିଟର ଦ୍ୱୀପସମୂହ ପାଖାପାଖି ୭୮୦ କି.ମି. ଧରି ଉତ୍ତରରୁ ଦକ୍ଷିଣ ଦିଗକୁ ଲମ୍ବିଯାଇଥିବା ଆଣ୍ଡାମାନ୍-ନିକୋବର ବଙ୍ଗୋପସାଗର ମଧ୍ୟସ୍ଥ ଦ୍ୱୀପମାଳା। କେବଳ ଆଣ୍ଡାମାନର ଦୈର୍ଘ୍ୟ ୨୧୯ ମାଇଲ୍ ଓ ସର୍ବାଧିକ ପ୍ରସ୍ଥ ୩୨ ମାଇଲ୍। ଆଣ୍ଡାମାନ ପୁଣି ଉପରୁ ତଳ ଯାଏ ତିନି ଭାଗରେ ବିଭକ୍ତ ଯାଥା ଉତ୍ତର ଆଣ୍ଡାମାନ୍, ମଧ୍ୟ ଆଣ୍ଡାମାନ୍ ଓ ଦକ୍ଷିଣ ଆଣ୍ଡାମାନ୍। ପୋର୍ଟବ୍ଲେୟାର, ରୋଷ୍, ଭାଇପର, ମାଉଣ୍ଟ ହେରିଏଟ୍ ଏସବୁ ଦକ୍ଷୀଣ ଆଣ୍ଡାମାନ ର ଅଂଶ ବିଶେଷ। ଭାରତର ଦୁଃସାହାସୀ ନାବିକମାନେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଏପରିକି ଦକ୍ଷୀଣ ଆମେରିକା ପର୍ଯ୍ୟନ୍ତ ମାଡି ଯାଇଥିଲେ ସୁଦ୍ଧା ଆଖି ଆଗରେ ଥିବା ଆଣ୍ଡାମାନଙ୍କୁ ଛାଡି ଯାଇଥିବାର କାରଣ ଏବେବି ରହସ୍ୟାବୃତ୍ତ। ଆଣ୍ଡାମାନର ନିଘଞ୍ଚ ବର୍ଷା ବନ, ମଶା ତଥା ଭୟଙ୍କର ନରଖାଦକ ଆଦିମ ମାନବଙ୍କ ଉପସ୍ଥିତି ଓ ଜନଜାତିଙ୍କ ବିଷାକ୍ତ ଶରବୃଷ୍ଟି କେବେ ହେଲେ ନବ ଆଗନ୍ତୁକଙ୍କୁ ଏଠାରେ ପାଦ ଥାପିବାର ସୁଯୋଗ ଦେଇ ନଥିଲେ। ଷୋଡଶ ଓ ସପ୍ତଦଶ ଶତାବ୍ଦୀରେ ଶକ୍ତିଶାଳୀ ମରାଠାମାନେ ସୁଦୂର ମହାରାଷ୍ଟ୍ରରୁ ଆସି ଏସବୁକୁ ନିଜର ବୋଲି ଦାବୀ କରିଥିଲେ, ନିଜ ନିଜର ବିଜୟ ପତାକା ଉଡାଇଥିଲେ। ଅବଶ୍ୟ ବିରୋଧ କରିବାକୁ ସେଠାରେ ଜଣେ ହେଲେ ନଥିଲେ, ଏପରିକି ସେମାନଙ୍କ ପଳାୟନ ପରେ ବିଜୟ ଧ୍ୱଜାକୁ ଭୂଲୁଣ୍ଠିତ କରିବାକୁ ସମୁଦ୍ର ପବନ ଛଡା ଆଉ କେହି ନଥିଲେ। ହଁ, କଦବା କେବେ ବଣୁଆ ପକ୍ଷୀଟିଏ ଧ୍ୱଜା ଦଣ୍ଡ ଉପରେ ବସି ଇତିହାସର ଅଜଣା ଅଦେଖା ଦୃଷ୍ୟଟିଏ ସୃଷ୍ଟି କରିଥିବ। ତା ପରେ ଆସିଲେ ଇଂରେଜମାନେ। ୧୭୯୬ ମସିହାରେ ବଡଲାଟ୍ କର୍ଣ୍ଣୱାଲିସ୍ ଙ୍କ ନିର୍ଦ୍ଦେଶ କ୍ରମେ ଆର୍ଜିବେଲ୍ ବ୍ଲେୟାର ନାମରେ ଇଂରେଜ ନୌ ସେନାପତି ଏହି ଦ୍ୱୀପକୁ ଆସିଥିଲେ, ତାଙ୍କର ପ୍ରିୟ "ଭାଇପର୍" ନାମକ ଜାହାଜରେ। ଉଦ୍ଦେଶ୍ୟ ଥିଲା ଏହି ଦ୍ୱୀପରେ କିଛି ଅମୂଲ୍ୟ ଚିଜ, ଜଙ୍ଗଲୀ ଦ୍ରବ୍ୟ ଓ ରହସ୍ୟକୁ ଉନ୍ମୋଚନ କରିବା। ଶୁଣାଯାଏ ସେତେବେଳକୁ ଅନେକ ସମୁଦ୍ର ନାବିକଙ୍କ ଭ୍ରମଣ କାହାଣୀରେ ଏପରି ଏକ ବର୍ଣ୍ଣନା ଥିଲା ଯେ ଆଣ୍ଡାମାନର ନିଘଞ୍ଚ ବର୍ଷାବନ ଭିତରେ ରହିଛି, ଏପରି ଏକ ଝରଣା ଯାହାର ଜଳ

ISSN NO.
2582-208X

ଚିର ଯୌବନ ସାଙ୍ଗକୁ ତାରୁଣ୍ୟର ଉତ୍ସ । ଏଭଳି ଏକ ରହସ୍ୟମୟ ଝରଣାର ସନ୍ଧାନରେ ଅତ୍ୟୁତ୍ସାହି ସେନାପତି ଶେଷରେ ଏକ ବିଭ୍ରାନ୍ତିକର, ବିରକ୍ତିକର ଟିକା-ଟିପ୍ପଣୀ ଦେଇ ଆଣ୍ଡାମାନ ପରିତ୍ୟାଗ କଇଥିଲେ । ୧୮ ମାର୍ଚ୍ଚ ୧୮୫୮ ରେ JP Walker ନାମକ ଆଉଜଣେ ସେନାପତି ଆଣ୍ଡାମାନକୁ ଅନ୍ୟ ଏକ ରୂପ ଦେବାକୁ ଚାହିଁଲେ । ବ୍ଲେୟାରଙ୍କ ନାମରେ ପୋର୍ଟ ବ୍ଲେୟାର ଓ ତାଙ୍କ ଜାହାଜର ନାମରେ ଭାଇପର୍ ଦ୍ୱୀପ ନାମିତ ହେଲା । ସେମିତି ଏକ ଇଂରେଜ ଅଫିସର୍ ଦାନିଏଲ୍ ରୋସ୍ ଙ୍କ ନାମରେ ରୋସ୍ ଦ୍ୱୀପ ନାମିତ ହେଲା । JP Walker ଙ୍କ ସମୟରେ ଛତନ ଦ୍ୱୀପ ଥିଲା ମୁଖ୍ୟ ରାଜଧାନୀ । ନିରାପତ୍ତା, ସୌନ୍ଦର୍ଯ୍ୟ, ବୃହତ୍ତର ପରିସର ତଥା ମଧୁର ଜଳର ଉପଲବ୍ଧି ଦୃଷ୍ଟିରୁ JP Walker ଛତନରୁ ରୋସ୍ କୁ ରାଜଧାନୀ ଉଠାଇ ନେଲେ । ଏହାହିଁ ଥିଲା ଏହି ଐତିହାସିକ ଦ୍ୱୀପ ରାଜଧାନୀ ପ୍ରତିଷ୍ଠା ର ସଂକ୍ଷିପ୍ତ ଇତିହାସ ।

ଦୈନିକ ପୋର୍ଟବ୍ଲେୟାର ର ଫୋନେକସ ଜେଟିରୁ ଫେରି ବା ଯାତ୍ରୀବାହୀ ଜାହାଜ ସବୁ ପର୍ଯ୍ୟଟକଙ୍କୁ ନେଇ ରୋସ୍ ଓ ଭାଇପର୍ ଅଭିମୂଖେ ବାହାରି ଥାଏ । ସାଙ୍ଗରେ ଥାନ୍ତି ଉଚ୍ଚ ପ୍ରଶିକ୍ଷିତ ଗାଇଡ୍ ଯେଉଁମାନେ ମୁଖ୍ୟ ଭାଷା ବ୍ୟତିତ ଅନ୍ୟାନ୍ୟ ଭାଷାରେ ଊଣା ଅଧିକେ ପାରଙ୍ଗମ । ସବୁଠୁ ସୁଖକର ହେଉଛି ସେମାନଙ୍କ ତତଲିନ ଅଭିବ୍ୟକ୍ତି, ଯାହାକି ପାଦରେ ଚାଲି ଚାଲି ବୁଲିବା ବେଳେ ଅଭିନୟ ଓ ନାଟକୀୟ ଅଭିବ୍ୟକ୍ତିରେ ଫୁଟୁ ଉଠୁଥାଏ । ଜନମାନବ ହୀନ ରୋସ୍ ଦୂରରୁ ଏକ ବିଚିତ୍ର ହିଲ୍ଲୋଳିତ, କଲ୍ଲୋଳିତ ନୀରବ ନିଥର ପ୍ରେତନଗରୀ ପରି ଦିଶୁଥାଏ । ପବନରେ ମଥା ହଲାଇ ଠିଆ ହୋଇଥିବା ଶତ ସହସ୍ର ନଡିଆ ଗଛ ସବୁ ଅଦୃଶ୍ୟ ତଥା କ୍ରୀଡାରତ ପ୍ରେତାତ୍ମା ମାନଙ୍କ ଚାରଣ ଭୂମି ପରି ଦିଶୁଥାଏ । ଭାରତୀୟ ନୌବିଭାଗର INS ଜରୱା ଏଠାରେ ଏକ ଷ୍ଟେସନ୍ ସ୍ଥାପନ କରିଛି । ଜରୱା ହେଉଛନ୍ତି ଆଣ୍ଡାମାନର ଦୁର୍ଦ୍ଧର୍ଷ ଓ ହିଂସ୍ର ଆଦିମ ଜନଜାତି, ସମ୍ଭବତଃ ପୃଥିବୀର ପ୍ରାଚୀନତମ ଜନଜାତି । କୌଣସି ଗୁପ୍ତ କାରଣରୁ ନୌସେନା ଏଠାରେ ଜନବସତି, ଦୋକାନବାଡିକୁ ଅନୁମତି ଦେଇନାହିଁ । ଜାହାଜ ଲାଗୁଥିବା ଜେଟି ପାଖରେ ରହିଛି ଜାପାନୀମାନଙ୍କ ବଙ୍କର, ଯେଉଁଠି ଏକଦା ଜାପାନ ସେନା ଛକି ବସୁଥିଲେ ଓ ଦୂର

ISSN NO.
2582-208X

ଦିଗବଳୟରେ ଶତ୍ରୁ ଦେଶର ଜାହାଜଟିଏ ବିନ୍ଦୁ ପ୍ରାୟ ଦିଶୁ ଦିଶୁ ଗୋଳାମାଡ କରି ଧ୍ୱଂସ କରି ଦେଉଥିଲେ । ୧୯୪୨ ରୁ ୧୯୪୫ ତିନିବର୍ଷ ରାଜତ୍ୱ ଭିତରେ ଜାପାନୀମାନେ କେବଳ କିଛି ବଙ୍କର କରିଥିଲେ, ଯାହାକି ସମୁଦ୍ର ତଳେ ସୁଡଙ୍ଗ ରାସ୍ତାରେ ନିକଟସ୍ଥ ଅନ୍ୟାନ୍ୟ ଦ୍ୱୀପ ସହ ସଂଯୋଜିତ ହୋଇ ରହିଥିଲା । ସାରା ବିଶ୍ୱକୁ ଜୟ କରିବାର ଦୁର୍ବାର ସ୍ୱପ୍ନ ଦେଖୁଥିବା ଏହି "ଉଦୟ ସୂର୍ଯ୍ୟ" ର ସେନାନୀ ସମଗ୍ର ଦକ୍ଷିଣ ଏସିଆକୁ ଏଠାରେ ରହି ଶାସନ କରିବାର ଯୋଜନା କରିଥିଲେ । ଯାହା ଯେଉଁଠୁ ଲୁଟି ଆଣୁଥିଲେ ଏହି ବଙ୍କର ସବୁରେ ଲୁଚେଇ ରଖୁଥିଲେ, ସୁନା ଅଳଙ୍କାର ସବୁକୁ ତରଳେଇ ଇଟା ଆକୃତିର କରି ଏଠାରେ ରଖୁଥିଲେ, ଗୁଳିଗୋଳା ରକେଟ୍, ବୋମା, ରାସାୟନିକ ଅସ୍ତ୍ରଶସ୍ତ୍ର ଠାରୁ ଆରମ୍ଭ କରି ଯୁଦ୍ଧର ସମସ୍ତ ନକ୍ସା, ଟେଲିଗ୍ରାଫ୍ ଅଫିସ୍, ଗୁପ୍ତ ନିର୍ଦ୍ଦେଶ ଓ ଚୁକ୍ତି ପତ୍ର ସବୁ ଏହି ବଙ୍କର୍ ଭିତରେ ସଯତ୍ନେ ସାଇତା ହୋଇ ରହୁଥିଲା । ୧୯୪୫ ରେ ଜାପାନ ପରାଭୁତ ଲଭିବା ପରେ ସେସବୁରୁ ବହୁତ କିଛି ଧ୍ୱଂସ କରି ଦିଆଗଲା, କିଛି ସେମାନେ ନେଇଗଲେ, କିନ୍ତୁ ସୁଡଙ୍ଗ ସବୁ ବିଷାକ୍ତ ମନୋକ୍ସାଇଡ୍ ଗ୍ୟାସରେ ଭରିଦେଲେ, ରାସ୍ତା ସାରା ଡିନାମାଇଟ୍ ବିଛାଇ ଦେଲେ । ସେ କାଳରେ ସମୁଦ୍ର ତଳେ ସୁଡଙ୍ଗ ନିର୍ମାଣ କୌଶଳ ଏତେ ନିଖୁଣ ଥିଲା ଯେ ଆଜି ମଧ୍ୟ ଭାରତୀୟ ଇଞ୍ଜିନିୟରମାନେ ତାର ରହସ୍ୟ ଭେଦ କରିବାକୁ ଅକ୍ଷମ । ସବୁ ବଙ୍କର ଆଜି ନୌସେନା ଦ୍ୱାରା ଅବରୁଦ୍ଧ । ଶୁଣାଯାଏ ଭାରତର ଆଣବିକ ବୋମା ସବୁ, ଜରୁରୀକାଳୀନ ବେତାର ସରବରାହ କେନ୍ଦ୍ର ସବୁ ତା ଭିତରେ ରହିଛି, ଯେ କୌଣସି ଅକସ୍ମାତ ଯୁଦ୍ଧକୁ ସାମନା କରିବା ପାଇଁ ସଦା ପ୍ରସ୍ତୁତ । ରୋସ୍ ଦ୍ୱୀପରେ ରହିଛି ସେ କାଳର କୋଠାବାଡି, ବଜାର ଚର୍ଚ୍ଚର ଭଗ୍ନାବଶେଷ । ରହିଛି ପୁଣି ଏକ ବିସ୍ତୀର୍ଣ୍ଣ କବର ଭୂମି ଯେଉଁଠି ବୁଲୁଥାନ୍ତି କିଛି ମୃଗ ଦଳ ଓ ମୟୁର । ସେଇ କବର ଭୂମି ତଳେ କେତେ କେତେ ଦୋଷୀ ନିର୍ଦ୍ଦୋଷୀ ଭାରତୀୟଙ୍କ କଙ୍କାଳ ଲୁଚି ରହିଛି ତାର ହିସାବ ନାହିଁ । ପୁଣି ଅନ୍ୟ ଏକ ବାଉଁଶକୁମ୍ଭ ପରିବେଷ୍ଟିତ ଜାଗାରେ କିଛି "କ୍ରସ୍" ଚିହ୍ନ ସୂଚାଇ ଦିଏ ଅନ୍ୟ ଦଳେ ସମ୍ଭ୍ରାନ୍ତ ଶ୍ରେଣୀୟ ଇଂରେଜଙ୍କ କବରସ୍ଥଳ । ସେହି ଇଂରେଜମାନେ ବାର୍ଦ୍ଧକ୍ୟରେ ମରି ନଥିଲେ କି ଯୁଦ୍ଧ ବା ଆକ୍ରମଣରେ ଶହୀଦ୍ ହୋଇ ନଥିଲେ, ବରଂ ମଶାଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ବା କଦବା କେବେ ସର୍ପ ଦଂଶନରେ ମୃତ୍ୟୁ ଲଭିଥିଲେ । ଏହି ଦ୍ୱୀପରେ ରହିଛି ଏକ ମ୍ୟୁଜିୟମ

ISSN NO.
2582-208X

ଯେଉଁଠି ରହିଛି ସେ କାଳର ଅନେକ ଦୁଷପ୍ରାପ୍ୟ କଳାଧଳା ଫଟୋ, କିଛି ଚିଠିପତ୍ର, ଜାପାନୀଙ୍କ ଖଣ୍ଡ, ଯୁଦ୍ଧର ଘନଘଟା ଭିତରେ ଇଂରେଜଙ୍କ ଆତ୍ମ ସମର୍ପଣର ରାଜିନାମା, ସୁବାଷ ବୋଷଙ୍କ ଜାପାନୀ କମାଣ୍ଡରଙ୍କ ସହ ଚା-ପାନ ର ଦୃଶ୍ୟ। ଦୂର ଇଂଲଣ୍ଡରେ ରହୁଥିବା ପ୍ରେୟସୀ ପାଖକୁ ଲେଖାଯାଇଥିବା ପ୍ରେମପତ୍ର, ମା ମାନଙ୍କର ସାହାସୀ ପୁଅମାନଙ୍କୁ ଚିଠିପତ୍ର ସବୁ କିଛି ପଠନଯୋଗ୍ୟ ରହିଛି। ଇଂଲଣ୍ଡ ଲାଇବ୍ରେରୀ ଓ ସଂଗ୍ରହାଳୟରୁ ବହୁମୂଲ୍ୟରେ ଏସବୁ ଭାରତ ସରକାର ଖରିଦ କରିଛନ୍ତି। କିଛି ଫୋଟର ଥିବ ଦଣ୍ଡାୟମାନ ଧାଡିଧାଡି ଉଲଗ୍ନ ଜନଜାତିଙ୍କ ପାଖରେ ସଦର୍ପେ ଠିଆ ହୋଇଥିବା ବସ୍ତ୍ରାବୃତ ଇଂରେଜ ପ୍ରଭୁଟି ଲାଗନ୍ତି ଯେମିତି ସିଂହମାନଙ୍କୁ ପୋଷା ମନେଇଥିବା ରିଙ୍ଗ୍ ମାଷ୍ଟର। ଉଲଗ୍ନ ମଣିଷର ହାତ ଧରି ପୁଲକିତ ତନୁପାତଳି ଇଂରେଜ ତନୟାର ଛବି ଏକ ଉତ୍କଟ ରୁଚିକୁ ପ୍ରଦର୍ଶନ କରୁଥାଏ। ବହୁ ସ୍ମୃତି ଓ ବିସ୍ମୃତି ବିଜଡିତ ଏହି ରୋସ୍ ଦ୍ୱୀପର ବର୍ତ୍ତମାନ ବୋଲି କିଛି ନାହିଁ, ଯାହା ଅଛି ଏକ ଜୀବନ୍ତ ଅତୀତ। ଆଜି ନା ଅଛି ସେ ପ୍ରଭୁତ୍ୱ, ନା ଅଛି ସେଇ ଦାସତ୍ୱ, ନା ଫେରି ଆସିଛନ୍ତି ସେଇ ନିଶ୍ଚିହ୍ନ ଜନଜାତି। ତଥାପି ଏଠାରୁ ବିଦାୟ ନେଲା ବେଳକୁ ବାରମ୍ବାର ପଛକୁ ଫେରି ଅତୀତକୁ ଦେଖିବାକୁ ଇଚ୍ଛା ହୁଏ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଜୀବନ
# (କ-ଅନୁପ୍ରାସ)



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ରାଗ-ଶଙ୍କରା ଭରଣ (୧୪+୧୪+୮+୧୪)

କିପାଇଁ ଏତେ  ଗର୍ବ  ରେ ଉଦ୍ଧତ ମାନବ
କପୋଳେ ଯା ଲେଖିଛି  ଜନ୍ମ କାଳେ ଦଇବ;
କାଳର କରାଳ ବଳେ,
କର୍ମ ଫଳ ତୋହର  ଭୋଗହେବ ସଂସାରେ ।।

କେତେଯେ ପ୍ରତିପତ୍ତି  ଭୋଗକରି ସଂପତ୍ତି
କେବା ଅର୍ଜିତ ବିତ୍ତ  ନେଇଛି କହ ଏଠି;
କାହିଁ ? ତାର ପଟାନ୍ତର,
କିଛି କେହି ଦେବେନି  ଯିବୁ ଶୂତ୍ୟ ହସ୍ତର ।।

କଂକାଳ ଅସ୍ଥି ଖଞ୍ଜା  ରକ୍ତ ମାଂସ ଶରୀର
କେତେ ସଜାଉ ତାକୁ  କରି ଫାନ୍ଦି ଫିକର;
କି ହୋଇବ ଶେଷେ ତୋର,
କାନ୍ଧେ ଶ୍ମଶାନେ ନେଇ  ଜଳାଇବେ ନିକର ।।

ISSN NO.
2582-208X

କରୁ ଅୟସ କେତେ   ତୁଚ୍ଛା ଧନ ଗରବେ
କୁତ୍ସିତ ଗନ୍ଧ ଭରା   ଦେହତୋ ମର୍ତ୍ତ୍ୟ ଲୋକେ;
କାହିଁକି ତେବେ ଏ ଗର୍ବ,
କାଳ ଛାଡିବ ନାହିଁ   ଗର୍ବ ହେଇବ ଖର୍ବ ।।

କିବୋଲିବେ ଜଗତେ   ଜୀବନରେ ତୁ ଯେବେ
କରି ଅନେକ ପାପ   ବଞ୍ଚିବୁ ମତ ଗର୍ବେ;
କିଅବା ଯଶ ସଂସାରେ,
କିବା ହେବ ଆଦୃତ   ପୂଣ୍ୟ ଯେ ଧରା ତଳେ ।।

କଳଙ୍କ ବହି ଶୀରେ   କିଲାଭ ଏ ସଂସାରେ
କଳା କଳଙ୍କ ବୋଳା   ମୁଖକୁ କାଆଗରେ;
କେମିତି କହିବୁ କଥା,
ଅପମାନରେ ଲାଜେ   ନଇଁଯିବ ତୋ ମଥା ।।

କଳ୍ପ କଳ୍ପ ଯୁଗର   ସର୍ଜନା ଏ ସଂସାର
କେ ତମ୍ବାମୁଣ୍ଡ ବାନ୍ଧି   ହୋଇଅଛି ଅମର;
କରନା ଏତେ ବଡେଇ,
କାଳ ଛାଡିବ ନାହିଁ   ନେବ ବସିଛି ଚାହିଁ ।।

କହୁ ମୋ'ଘର ଦ୍ଵାର   ପୁତ୍ର କନ୍ୟା ସଂସାର
କୁଳ ବଧୂ ଘରର   ବିବାହି ନାରୀ ତୋର;

ISSN NO.
2582-208X

କେତେ ବନ୍ଧୁ ସହୋଦର
କେହି ନୁହେଁ କାହାର  ମିଛ ମାୟା ସଂସାର ।।

କରିବେ ଶୁଦ୍ଧ ଶ୍ରାଦ୍ଧ  ହେବୁ ଅମୁକ ପ୍ରେତ
କର ଚିନ୍ତନ ବାରେ  ଏହି ପରା ଜଗତ;
କିଆଁ ଏତେ ତେବେ ଗର୍ବ,
କମଳା କାନ୍ତ ପଦ  ଭଜ ତୁରେ ମାନବ ।।

କଞ୍ଜ ଚରଣ ତଳେ  ମନ ଲାଗାଅ ବାରେ
କରୁଣା ଶାନ୍ତି ଜଳ  ବରଷିବ ଧରାରେ;
କାଳକାଳକୁ ତୋ ଯଶ,
କେତନ ଉଡୁଥିବ (ଗାଇ) ଅନାହତ ସଙ୍ଗୀତ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ନିଖୋଜ ସ୍ୱର



ଡ. ଜ୍ଞାନେଶ୍ୱର ମିଶ୍ର

"ଚା ପିଇଲଣି, ନିଜେ ତିଆରି କରି ପିଇଲ
ବଜାରରୁ କି ପରିବା ଆଣିଲ, କି ତରକାରୀ କରିବ ଭାବିଲ
ଥଣ୍ଡା ଧରିଥିଲା, ଡାକ୍ତର କହିବା ଔଷଧ ଖାଇବ
ଗାଧୁଆ ପାଧୁଆ ଦେହ ପ୍ରତି ନଜର ରଖିବ
ଠାକୁର ପୂଜା, ସଂନ୍ଧ୍ୟା ଧୂପଦୀପ ଦେବା ଭୁଲିବନି
ବାହାରେ ବୁଲାବୁଲି ବେଶି କରିବନି
ଘରବାଲା, କ୍ଷୀରବାଲା, ଫୁଲବାଲା
ପେପର ବାଲାଙ୍କ ପଇସା ଦେଇଦେବ
ବାକୀ ରଖିବନି
ମୋ ଡାଇବେଟିସ୍ କଥା ଡାକ୍ତର ନନାଙ୍କ ଠୁଁ ବୁଝିବି
ବୋଉକୁ ଦେଖାକରି ଗାଁରୁ ଖାଣ୍ଟି ଗୁଆ ଘିଅ ନେବି
ମୁଁ ପହଞ୍ଚିବାକୁ ଆଉ ଆଠ ଦଶ ଦିନ ତ ଲାଗିବ
ଏହି କେତେଦିନ କଷ୍ଟ କରି ଚଳିବାକୁ ହେବ
ସହି ପାରୁନି ମୁଁ କଷ୍ଟ, ଏଇ କେତେ ଦିନ ପାରୁନି ମୁଁ ଗଣି

ISSN NO.
2582-208X

ମୋବାଇଲ, ବ୍ୟାଟେରୀ, ସିମ୍ ଚାର୍ଯ ସବୁ ଠିକ୍ ଅଛି
ସେ ସ୍ୱର ଆଉ ପାରୁନି ମୁଁ ଶୁଣି
ଥରୁଟିଏ ବି ଆଉ କେବେ ଶୁଣାଯିବ ନାହିଁ
ସେ କଥା ବୁଝି ମୁଁ ପାରିଛି
ଭାବନାରେ ସଢ଼ି ସଢ଼ି ମୋବାଇଲ ମୁହଁ ଚାହିଁ
ସମସ୍ତଙ୍କୁ ଲୁଚି ଲୁଚି, ନିଜ ଆଖି ଲୁହ
ନିଜେ ଆଜି ବି ପୋଛୁଛି ॥

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଜ୍ଞାନ ପ୍ରଦୀପ



ଦେବାର୍ଚ୍ଚନ ମେହେର

ହେ ଅଗ୍ରପୂଜ୍ୟ ଶ୍ରୀଗଣେଶ,
କୃପା କରି ପ୍ରଭୁ ଦିଅ ଆଶିଷ।।

ତୁମ ପଦ୍ମେ କୋଟି ପ୍ରଣତି,
ଦିଅ ହେ ସାହସ ଶକତି।।

ଆହେ ପାର୍ବତୀ ନନ୍ଦନ,
ବିଦ୍ୟା, ବୁଦ୍ଧି କର ପ୍ରଦାନ।।

ଜ୍ଞାନର ପ୍ରଦୀପ ଜାଳି,
ଆଶୀର୍ବାଦ ଦିଅ ଢାଳି।।

ପ୍ରଭୁ କରୁଛି ମୁଁ ବିନତି,
ଦୟା କରି ଦିଅ ସୁଖ, ଶାନ୍ତି।।

ଜୟ ମାଆ ଗୋ ସରସ୍ୱତୀ,
କର ଯୋଡ଼ି କରେ ପ୍ରଣତି।।

ISSN NO.
2582-208X



ମହାମୂର୍ଖ କାଳିଦାସ,
ପାଇ ତୁମ ଆଶିଷ।।
ଲେଖି ଗ୍ରନ୍ଥାବଳୀ ହେଲେ ପଣ୍ଡିତ,
ଜଗତେ ହେଉଛି ବିଖ୍ୟାତ।।

ଜ୍ଞାନର ପ୍ରଦୀପ ଦେଲ ଜଳେଇ,
କାଳିଦାସ ମହା ପଣ୍ଡିତ ବୋଲାଏ।।

ରାଜା ପାଏ ନିଜ ରାଜ୍ୟ ସମ୍ମାନ,
ଜ୍ଞାନୀ ପାଏ ଦେଶ ବିଦେଶେ ମାନ ସମ୍ମାନ।।

ଆଜିର ସମାଜେ ଦେଖିବାକୁ ମିଳେ,
କେତେ ଦୁର୍ନୀତି, ଅତ୍ୟାଚାର ର ଖେଳ।।

କାହାରିକୁ କେହି ଖାତିରି ନାହିଁ,
"ଜର୍ ଜାର୍ ମୂଲକ୍ ତାର" ତହିଁ।।

ମୋହ ମାୟା ଲୋଭ କରିଛି ଗ୍ରାସ,
ପରକୀୟା ପ୍ରୀତିରେ ହୁଅନ୍ତି ବସ।।

ହେ ବିନାୟକ ସଭିଙ୍କ ବିଘ୍ନ ହର,
ତୁମ ନାମ ଧରିବା ମାତ୍ରେ ଦୂର କର।।

ଗ୍ରାମ - ବାପୁଜୀନଗର,
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ଗୋଦାବରୀଶ ମିଶ୍ରଙ୍କ ନାଟ୍ୟ ଜଗତ



ଲିକୁ ବେହେରା

ଗୋଦାବରୀଶ ମିଶ୍ର (୧୮୮୬-୧୯୫୬) ଓଡ଼ିଆ ସାହିତ୍ୟ ଜଗତରେ ଜଣେ କବି, କଥାକାର ଭାବରେ ପରିଚିତ ହେଲେ ହେଁ, 'ପୁରୁଷୋତ୍ତମ ଦେବ'(୧୯୧୭) ଓ 'ମୁକୁନ୍ଦଦେବ'(୧୯୨୦) ନାମକ ଦୁଇ ଖଣ୍ଡ ନାଟକର ସ୍ରଷ୍ଟା। ପ୍ରାଚୀନ ଉତ୍କଳର ଗୌରବମୟ ଇତିହାସରୁ ଦୁଇଟି ଜାତୀୟ ବୀର ଚରିତ୍ର (ପୁରୁଷୋତ୍ତମ ଦେବ ଓ ମୁକୁନ୍ଦଦେବ)ଙ୍କୁ ନେଇ ନାଟ୍ୟକାର ନାଟକ ଲେଖି, ସେମାନଙ୍କ ନାମାନୁସାରେ ନାଟକର ନାମକରଣ କରିଛନ୍ତି । ଏହି ଦ୍ୱୟ ନାଟକରେ ଗୋଦାବରୀଶ କେବଳ ଜାତୀୟତାର ପ୍ରସାର କରିନାହାନ୍ତି, ତାସହ ତତ୍କାଳୀନ ରାଜନୈତିକ ଚିତ୍ର ମଧ୍ୟ ଦେଇଛନ୍ତି । ଐତିହାସିକ ଜାତୀୟ ବୀର ଚରିତ୍ରଙ୍କ ମାଧ୍ୟମରେ ନାଟ୍ୟକାର ଜନତାଙ୍କ ମଧ୍ୟରେ ଦେଶପ୍ରେମ, ଜାତିପ୍ରୀତିକୁ ଉଜ୍ଜୀବିତ କରିଛନ୍ତି । ଗୋଦାବରୀଶଙ୍କ ନାଟ୍ୟ ଜଗତକୁ ଲକ୍ଷ୍ୟ କଲେ, ତାଙ୍କ ନାଟକରେ ଥିବା ନାଟ୍ୟକଳାଗତ ସ୍ୱକୀୟ ବୈଶିଷ୍ଟ୍ୟ ଜଣାପଡ଼େ।

ନାଟ୍ୟକାର ଗୋଦାବରୀଶଙ୍କ ପ୍ରଥମ ନାଟକ 'ପୁରୁଷୋତ୍ତମ ଦେବ' ୧୯୧୭ ମସିହାରେ ରଚିତ । ଏହି ନାଟକ ଲେଖା ସମ୍ପର୍କରେ ଗୋଦାବରୀଶ ତାଙ୍କ ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'ରେ ଉଲ୍ଲେଖ କରିଛନ୍ତି- "ମୁଁ କଲିକତାରେ 'ପୁରୁଷୋତ୍ତମ ଦେବ' ନାଟକ ଲେଖିଥିଲି । ମୋର ଧାରଣା ଜନ୍ମିଥିଲା ଯେ, ସାହିତ୍ୟ ଲେଖା

ISSN NO.
2582-208X

ମୁଁ ଉତ୍କଳ ସାହିତ୍ୟର ସମ୍ପାଦକ ବିଶ୍ୱନାଥ କରଙ୍କ ଠାରୁ ଶିଖିଥିଲି । ସେଥିପାଇଁ ମୋର ପ୍ରଥମ ସାହିତ୍ୟ ଲେଖା ନାଟକ ଖଣ୍ଡି 'କର' ମହାଶୟଙ୍କୁ ଉତ୍ସର୍ଗ କରିବାକୁ ବସିଲି"। ୧(ଗୋଦାବରୀଶ ଗ୍ରନ୍ଥାବଳୀ, ୧ମ, ପୃ- ୧୦୨) ଏହି 'ପୁରୁଷୋତ୍ତମ ଦେବ' ନାଟକଟି ଗୋଦାବରୀଶଙ୍କ ତରୁଣ ବୟସର ଲେଖା । ଏଥିରେ ପୁରୁଷୋତ୍ତମ ଦେବଙ୍କ ପାରିବାରିକ କନ୍ଦଳ, କପିଳେନ୍ଦ୍ରଙ୍କ ମୃତ୍ୟୁ ପରେ ସିଂହାସନ ପାଇଁ ରାଜପୁତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, କାଞ୍ଚି ଅଭିଯାନ ପ୍ରଭୃତି ବିଷୟ ରହିଛି । ଗୋଦାବରୀଶଙ୍କ ଅନ୍ୟ ଏକ ନାଟକ 'ମୁକୁନ୍ଦଦେବ'(୧୯୨୦)ରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଘଟଣା ବହୁଳ ଜୀବନକୁ ସ୍ଥାନିତ କରିଛନ୍ତି।ଏଥିରେ ମୁକୁନ୍ଦଦେବଙ୍କ ବୀରତ୍ୱ ଗାଥା ସହ ଓଡ଼ିଆ ଜାତିର ବୀରତ୍ୱ, ଜାତିପ୍ରୀତି ଏବଂ ଉଦାରପଣ ଦେଖିବାକୁ ମିଳେ ।

'ପୁରୁଷୋତ୍ତମ ଦେବ' ପାଞ୍ଚ ଅଙ୍କ ବିଶିଷ୍ଟ ଏକ ଐତିହାସିକ ନାଟକ । ଏହି ନାଟକର ବିଷୟବସ୍ତୁକୁ ଲକ୍ଷ୍ୟ କଲେ ଦେଖାଯାଏ, ଆରମ୍ଭରେ ପୁରୁଷୋତ୍ତମ ଦେବଙ୍କ କୃଷ୍ଣା ନଦୀକୂଳ ଶିବିର କଥା ରହିଛି । ବିକ୍ରମଦେବ ଅନ୍ୟାନ୍ୟ ଭାଇମାନଙ୍କ ସହ ଆକ୍ରମଣ ଘଟଣା, କପିଳେନ୍ଦ୍ରଙ୍କ ବିଶାଳ ରାଜ୍ୟର ଅଖଣ୍ଡତାକୁ ଅକ୍ଷୟ ରଖିବା ପାଇଁ ପୁରୁଷୋତ୍ତମଙ୍କ ସଂଗ୍ରାମର ଚିତ୍ର । କାଞ୍ଚି ରାଜା କଳବରେଶ୍ୱର ବିପୁଳ ସୈନ୍ୟବାହିନୀ ସହ କୃଷ୍ଣାନଦୀ କୂଳରେ ରହି ନିଜ ରାଜ୍ୟର ସୀମାକୁ ଜଗିଚନ୍ତି । କାଞ୍ଚି ରାଜାଙ୍କ ସହ ତାଙ୍କ ଝିଅ ପଦ୍ମାବତୀ ଓ ପୁଅ ସୁମନ୍ତ ଆସିଛନ୍ତି । ପଦ୍ମାବତୀ ଓ ତାଙ୍କ ସଖୀ କନକ ଯୁଦ୍ଧରେ ଆହତ ବ୍ୟକ୍ତିଙ୍କୁ ସେବା କରିବା ଚିତ୍ର ରହିଛି । ଆହତ ପୁରୁଷୋତ୍ତମଙ୍କୁ ଜଳପାନ ସମୟରେ ପଦ୍ମାବତୀ ଓ ପୁରୁଷୋତ୍ତମ ଦେବଙ୍କ ମଧ୍ୟରେ ପ୍ରେମ ଗଢ଼ିଉଠିଛି । ଭାତୃ କନ୍ଦଳରେ ଶେଷରେ ପୁରୁଷୋତ୍ତମ ବିଜୟ ହୋଇଛନ୍ତି । ନାଟକରେ ପୁରୁଷୋତ୍ତମ ଓ ପଦ୍ମାବତୀ ଏବଂ ସୁମନ୍ତ ଓ ବାସନ୍ତୀ ମଧ୍ୟରେ ପ୍ରେମଭାବ ଉଜ୍ଜୀବିତ ହୋଇଛି । କାଞ୍ଚି ଅଭିଯାନ, ଓଡ଼ିଆ ଜାତିର ମାନରକ୍ଷା ପୁରୁଷୋତ୍ତମ କରିଛନ୍ତି । ନାଟକର ଶେଷ ପର୍ଯ୍ୟାୟରେ ରହିଛି ସୁମନ୍ତର ଚିତାରେ

ISSN NO.
2582-208X

ବାସନ୍ତୀର ଝାସ, ପୁରୁଷୋତ୍ତମଙ୍କ କାଞ୍ଚିଜୟ, ପଦ୍ମାବତୀଙ୍କୁ ବିବାହ ଘଟଣା, ବିକ୍ରମ ଦେବ ଓ ରାମଚନ୍ଦ୍ର ଦେବ ଆଦି ଭାଇ ମାନଙ୍କର ହୃଦୟ ପରିବର୍ତ୍ତନର ଦୃଶ୍ୟ । ନାଟକର ଆରମ୍ଭରୁ ଶେଷ ଯାଏଁ ଯୁଦ୍ଧର ବିଭୀଷିକା ନାଟକକୁ ଆଚ୍ଛନ୍ନ କରି ରଖିଛି ।

ସେହିପରି 'ମୁକୁନ୍ଦଦେବ' ନାଟକରେ ବିଷୟବସ୍ତୁ ମଧ୍ୟରେ ରହିଛି ଗଜପତି ମୁକୁନ୍ଦ ଦେବଙ୍କ ସିଂହାସନ ଆରୋହଣ ଜନିତ ସଂଘର୍ଷ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଘଟଣାବଳୀ, ତା ସହ କଳାପାହାଡ଼ର ଅତ୍ୟାଚାରର ଚିତ୍ର। ପାତ୍ରମନ୍ତ୍ରୀଙ୍କ ଅନୁରୋଧକ୍ରମେ ସେନାପତି ମୁକୁନ୍ଦଙ୍କ ସିଂହାସନ ଆରୋହଣ, ମୁକୁନ୍ଦ ଦେବଙ୍କ ମୁସଲମାନ ଆକବର ଶାହାଙ୍କୁ ସାହାର୍ଯ୍ୟ ପ୍ରଦାନ, ମୁକୁନ୍ଦ ଦେବଙ୍କୁ ସାହାର୍ଯ୍ୟ ପାଇଁ କଳା ପାହାଡ଼ର ପ୍ରସ୍ତାବ, ମାତ୍ର ମୁକୁନ୍ଦ ଦେବ ତାହାକୁ ବାରଣ କରିବା ଘଟଣା ରହିଛି। ଯୁଦ୍ଧ ଶେଷରେ ସୁଲେମାନ ପରାସ୍ତ ଓ କଳା ପାହାଡ଼ର ବନ୍ଦୀ ଚିତ୍ର। ମୁକୁନ୍ଦଦେବ କଳାପାହାଡକୁ ବନ୍ଦୀ ମୁକ୍ତ କରିବା ଦୃଶ୍ୟ ଫଳରେ ଶତ୍ରୁ ମୁଖରେ ଓଡ଼ିଆ ଜାତିର ପ୍ରଶଂସା ଫୁଟି ଉଠିଛି। ରାମଚନ୍ଦ୍ର ଭଞ୍ଜଙ୍କ ଶତ୍ରୁତା ଆଚରଣ, ଓଡ଼ିଶାର ରାଜପୁରୁଷମାନଙ୍କୁ ହତ୍ୟା କରିବା ଘଟଣା, ଶିଖି-ମନାଇଙ୍କୁ ଛଦ୍ମ ବେଶରେ ମୁକୁନ୍ଦ ଦେବଙ୍କୁ ମାରିବା ପାଇଁ ନିଯୁକ୍ତି କଥା ରହିଛି। ଶେଷରେ ରାମଚନ୍ଦ୍ର ଭଞ୍ଜଙ୍କ ହୀନ ଚକ୍ରାନ୍ତରେ ମୁକୁନ୍ଦଦେବଙ୍କ ମୃତ୍ୟୁ ଘଟିଛି। ରାମଚନ୍ଦ୍ର ରାଜା ହେଲେ ମଧ୍ୟ ଆନ୍ତଃ ଶାନ୍ତି ରକ୍ଷା କରିପାରିନାହାନ୍ତି । ଶେଷରେ କଳା ପାହାଡ଼ର ହାତରେ ବନ୍ଦୀ ହୋଇଛନ୍ତି । ପାଞ୍ଚ ଅଙ୍କ ବିଶିଷ୍ଟ ଏହି 'ମୁକୁନ୍ଦଦେବ' ନାଟକରେ ଗଜପତି ମୁକୁନ୍ଦ ଦେବଙ୍କ ଶତ୍ରୁ ପ୍ରତି ଉଦାରପଣ ଓ ଓଡ଼ିଆ ଜାତିର ବୀରତ୍ୱ ଗାଥା ଚମତ୍କାର ଭାବେ ଦେଖିବାକୁ ମିଳେ ।

ଚରିତ୍ର ହେଉଛି ନାଟକର ପ୍ରଧାନ ଅଙ୍ଗ । ଏହି ଚରିତ୍ର ମାଧ୍ୟମରେ ନାଟକ ଗତି କରେ। ଚରିତ୍ର ଦୃଷ୍ଟିରୁ ଆଲୋଚନା କଲେ ଉଭୟ ନାଟକ ଦ୍ୱୟରେ ରାଜା, ରାଜପୁତ୍ର, ମନ୍ତ୍ରୀ, ସେନାପତି, ପ୍ରହରୀ, ସୈନିକ, ରାଣୀ, ରାଜକନ୍ୟା, ନର୍ତ୍ତକୀଙ୍କୁ ଦେଖିବାକୁ ମିଳେ । 'ମୁକୁନ୍ଦ ଦେବ' ଅପେକ୍ଷା 'ପୁରୁଷୋତ୍ତମ ଦେବ' ନାଟକରେ ନାରୀ ଚରିତ୍ର ସଂଖ୍ୟା ଅଧିକ।

ISSN NO.
2582-208X

'ମୁକୁନ୍ଦ ଦେବ' ନାଟକରେ ଖଳ ଚରିତ୍ର ରୂପେ ରାମଚନ୍ଦ୍ର ଭଞ୍ଜ ଚିତ୍ରିତ ହୋଇଥିଲେ ମଧ୍ୟ ଖଳ ରୂପେ କଳାପାହାଡ଼ ରାମଚନ୍ଦ୍ରଙ୍କୁ ବଳିଯାଇଛି। ଉଭୟ ନାଟକ ଦ୍ୱୟର କଳେବର ତୁଳନାରେ ଚରିତ୍ର ମାନଙ୍କର ସଂଖ୍ୟା ଯଥେଷ୍ଟ ରହିଛି । ନାଟ୍ୟକାର ଅଯଥା ଚରିତ୍ର ପ୍ରୟୋଗକୁ ପ୍ରଶ୍ରୟ ଦେଇନାହାନ୍ତି ।

ସଂଳାପ ମାଧ୍ୟମରେ ନାଟକ କଥା କହେ । ଏହି କଥା କହିବା କାର୍ଯ୍ୟ ଚରିତ୍ର ମାନଙ୍କ ଦ୍ୱାରା ସମ୍ପାଦିତ ହୁଏ । 'ପୁରୁଷୋତ୍ତମ ଦେବ' ନାଟକର ସଂଳାପ ବୀରତ୍ୱବ୍ୟଞ୍ଜକ ଗଦ୍ୟ ସଂଳାପ ଅଟେ। ନାଟକର କେତେକ ସ୍ଥାନରେ କ୍ଷୁଦ୍ର ସଂକ୍ଷିପ୍ତ ସଂଳାପ ଦେଖିବାକୁ ମିଳେ ତ, ପୁଣି କେଉଁଠି ଦୀର୍ଘ ସଂଳାପ ଦେଖିବାକୁ ମିଳେ । ନାଟକର କେତେକ ସ୍ଥାନରେ ପାତ୍ରୋପଯୋଗୀ ସଂଳାପ ରହିଛି । ରାଜା ପୁରୁଷୋତ୍ତମ, ପଦ୍ମାବତୀ, ସେନାପତି ଆଦି ଚରିତ୍ରଙ୍କ ମୁଖରେ ଦିଆଯାଇଥିବା କେତେଗୁଡ଼ିଏ ଦୀର୍ଘ ସଂଳାପ ଦର୍ଶକ ପକ୍ଷରେ ବିରକ୍ତିକର ଅଟେ । 'ପୁରୁଷୋତ୍ତମ ଦେବ' ନାଟକର ସଂଳାପ ଠାରୁ ମୁକୁନ୍ଦ ଦେବ' ନାଟକର ସଂଳାପ ସ୍ୱଭାବିକ, ମାର୍ଜିତ ଓ କ୍ଷୁଦ୍ର ଅଟେ । ସ୍ୱଗତୋକ୍ତି ସଂଳାପରେ 'ପୁରୁଷୋତ୍ତମ ଦେବ' ନାଟକକୁ 'ମୁକୁନ୍ଦଦେବ' ନାଟକ ବଳି ଯାଇଛି । ଏହି ଦ୍ୱୟ ନାଟକର ସଂଳାପରେ ଯେଉଁ କେତୋଟି ତ୍ରୁଟି ପରିଲକ୍ଷିତ ହୁଏ, ତାହା ଓଡ଼ିଆ ନାଟକର ଆଦ୍ୟ ପର୍ଯ୍ୟାୟରେ ରଚିତ ହୋଇଥିବାରୁ ଗ୍ରହଣୀୟ ଅଟେ ।

'ପୁରୁଷୋତ୍ତମ ଦେବ' ନାଟକରେ ସର୍ବମୋଟ ଏଗାରଟି ସଙ୍ଗୀତ ଥିବା ବେଳେ 'ମୁକୁନ୍ଦ ଦେବ' ନାଟକରେ ସର୍ବମୋଟ ଦଶଗୋଟି ଗୀତ ସ୍ଥାନ ପାଇଛି । ଏହି ଗୀତ ଗୁଡ଼ିକ ସୁନ୍ଦର ଭାବ ପ୍ରକାଶରେ ସମର୍ଥ ମଧ୍ୟ ହୋଇଛି।ଯେପରି 'ମୁକୁନ୍ଦ ଦେବ' ନାଟକରେ ଚରିତ୍ର ଓଡ଼ିଶାର ନାଗରିକ ଗୋପାଳ ଗାଇଛି- ହରି ହେ ଭବେ ଯାଉଛି ଦିନ/ ଆଶ୍ରା ଏକ ଅଭୟ ସେ ତବ ଚରଣ / ସଂପଦେ ବିପଦେ ପ୍ରହୁ ସାହାଟି ହେ ମହାବାହୁ / କରମେ ବିରାମେ

ISSN NO.
2582-208X

ସଦା ତୁମ୍ଭେ ଧିଆନ / ରଖୁଛ ସୁଜନେ ପାଳି, ଦୁଷ୍ଟ ଦୈତ୍ୟ ଜନେ ମାରି, / ଆପଦେ ବିପଦେ ତାର ସାରା ଭୁବନ ।"(୨) (ମୁକୁନ୍ଦ ଦେବ, ପୃଷ୍ଠା- ୨୬) ଗୋଦାବରୀଶ ଜଣେ କବି ହୋଇଥିବାରୁ ତାଙ୍କ ନାଟକରେ ପ୍ରୟୋଗ ହୋଇଥିବା ଗୀତର ଶବ୍ଦ ସଂଯୋଜନା, ସଙ୍ଗୀତର ମୂର୍ଚ୍ଛନା, ଭାବଧାରା ଉଚ୍ଚକୋଟୀର ଅଟେ ।

ଏତତ୍ ବ୍ୟତୀତ ଉଭୟ ନାଟକରେ ବାହ୍ୟ ଦ୍ୱନ୍ଦ୍ୱ ଓ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ରହିଛି । 'ପୁରୁଷୋତ୍ତମ ଦେବ' ରେ ରାଜା ପୁରୁଷୋତ୍ତମ ଦେବଙ୍କ ମାନସିକ ଦ୍ୱନ୍ଦ୍ୱ ତାଙ୍କ ଦୀର୍ଘ ସ୍ୱଗତୋକ୍ତି ସଂଳାପରୁ ବାରିହୋଇପଡ଼େ । ସେହିପରି 'ମୁକୁନ୍ଦ ଦେବ' ନାଟକରେ ମୁକୁନ୍ଦ ଦେବଙ୍କ ସିଂହାସନ ଲାଗି ବାହ୍ୟ ସଂଘର୍ଷର ଚିତ୍ର ସହ ରାଜ ସିଂହାସନ ପାଇଁ ରାମଚନ୍ଦ୍ର ଭଞ୍ଜଙ୍କର ମାନସିକ ଦ୍ୱନ୍ଦ୍ୱ ପ୍ରଭାବ ବିସ୍ତାରି ଅଟେ ।

ନାଟ୍ୟକାର ଗୋଦାବରୀଶ ଉତ୍କଳୀୟ ଇତିହାସ କଙ୍କାଳରୁ ଯେଉଁ ବୀର ଦ୍ୱୟ ଚରିତ୍ରକୁ ଗ୍ରହଣ କରିଛନ୍ତି, ସେଥିରେ ନିଜର କଳ୍ପନା ପାଟବତାକୁ ମିଶାଇ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦ ଦେବ' ନାଟକ ରଚନା କରିଛନ୍ତି । ଆଲୋଚକ ମାନଙ୍କର ମତକୁ ଭୂକ୍ଷେପ ନ କରି ଗୋଦାବରୀଶ ନିଜସ୍ୱ କଳ୍ପନା ଶକ୍ତି ବଳରେ ଏହି ଦ୍ୱୟ ନାଟକରେ କିଛି ନୂତନତା ଖଞ୍ଜିବାର ପ୍ରୟାସ କରିଛନ୍ତି । ନାଟ୍ୟକାର ତାଙ୍କ ଦୁଇଟି ଯାକ ନାଟକରେ ସିଂହାସନ ପାଇଁ ଚାଲିଥିବା ପ୍ରତିଦ୍ୱନ୍ଦିତାର ଚିତ୍ର ପ୍ରଦାନ ସହ ନାୟକଙ୍କ ଜୀବନ ସଂଘର୍ଷର କଥା ଦେଇଛନ୍ତି। ପରିଶେଷରେ ଏତିକି କୁହାଯାଇପାରେ ଯେ, ନାଟ୍ୟକାର ଗୋଦାବରୀଶଙ୍କ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦ ଦେବ' ଉଭୟ ନାଟକରେ ଯେଉଁ କିଛି ତ୍ରୁଟି ରହିଛି, ତାହା ଆଧୁନିକ ଓଡ଼ିଆ ନାଟକର ପ୍ରାରମ୍ଭିକ ପର୍ଯ୍ୟାୟରେ ରଚିତ ହୋଇଥିବାରୁ ତାହା ସାର୍ଥକ ନାଟକ ରୂପେ ଗ୍ରହଣୀୟ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ-

୧. ଗୋଦାବରୀଶ ଗ୍ରନ୍ଥାବଳୀ (୧ମ ଖଣ୍ଡ), (ସଂ)ରଘୁନାଥ ମିଶ୍ର, କଟକ, କଟକ ଷ୍ଟୁଡେଣ୍ଟସ ଷ୍ଟୋର, ୨ ସଂ, ୧୯୬୮

୨. ଚଇନି, ରତ୍ନାକର; ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ, କଟକ, ବୁକ୍ସ ଏଣ୍ଡ ବୁକ୍ସ, ୨ୟ ସଂ, ୧୯୯୪

୩. ଦାସ, ହେମନ୍ତ କୁମାର; ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଭୁବନେଶ୍ୱର, ପୁସ୍ତକ ଭବନ, ୨୦୧୨

୪. ମିଶ୍ର, ଗୋଦାବରୀଶ; ପୁରୁଷୋତ୍ତମ ଦେବ, କଟକ, କଟକ ଷ୍ଟୁଡେଣ୍ଟସ ଷ୍ଟୋର, ୧ ମ ସଂ, ୧୯୭୧

୫. ମିଶ୍ର, ଗୋଦାବରୀଶ; ମୁକୁନ୍ଦ ଦେବ, କଟକ, ନିଉ ଷ୍ଟୁଡେଣ୍ଟସ ଷ୍ଟୋର, ୧୯୬୭

ପଧାନସାହି, ଭୁବନେଶ୍ୱର

ISSN NO.
2582-208X

# ଆସିବ ସତେ କି ପ୍ରିୟା

ପରେଶ ଚନ୍ଦ୍ର ପଟ୍ଟନାୟକ



ନୀଳ ସାଗରରେ ଲହଡି ମାରିଲେ
ଶାମୁକାଟାଏ ମୁଁ ହେବି
ଆକାଶ ବକ୍ଷରେ ଲୁଚି ଗଲେ ତୁମେ
ଯାଇ ସାଉଁଟି ଆଣିବି
ନଟବରଙ୍କର ମୁରଲୀ ବାଜିଲେ
ତାଙ୍କ ସ୍ୱରରେ ନାଚିବି
କଳା ମେଘ କେବେ ଢାଙ୍କି ପକାଇଲେ
ବାହୁନି ମୁଁ ତ କାନ୍ଦିବି
ମୁହଁ କୁ ଖୋଜିବି ମୋ ମୁଁହ ପାଶେ
ଆଇନା ଦୂରେଇ ଦେଇ
ଉଦାସ ଆଖିରେ ମେଁଚେ ଲୁହ ରଖି
ଦେଖିବି ପ୍ରିୟାଙ୍କୁ ମୁହିଁ
ଆସିବ କି ନାହିଁ ତାଙ୍କୁ ଜଣା ଅଛି
ତାଙ୍କ ବାଟକୁ ରହିଛି ଚାହିଁ
ମୁଁ ମୃତ ଶାମୁକାଟେ ହୋଇ
ପ୍ରିୟାଙ୍କ ବାଟକୁ ଚାହିଁ ॥

(())

ISSN NO.
2582-208X

# ଶ୍ରୀରାମ ନବମୀ



ସେବାକାନ୍ତ ନନ୍ଦ

ପୁରୁବକାଳରେ ଇକ୍ଷାକୁ ବଂଶରେ
ସଗର ନାମରେ ଜଣେ ରାଜା ଥିଲେ
କୋଶଳ ରାଜ୍ୟର ରାଜଧାନୀ
ଅଯୋଧ୍ୟା ନଗରେ ତାଙ୍କ ଘର
ଅଯୋଧ୍ୟା ରାଜା ହେଲେ ଦଶରଥ
ତାଙ୍କ ଯଶ କୀର୍ତ୍ତି ଅଟେ ବିଖ୍ୟାତ
ପୁତ୍ର ପାଇଁ ଅଶ୍ୱମେଧ ଯଜ୍ଞ ଆରମ୍ଭିଲେ
ସୁମନ୍ତ ଓ ବଶିଷ୍ଠ ଏଥିରେ ସମ୍ମତି ଦେଲେ
ଶୁଭ ଲଗ୍ନ ଶୁଭ ମୁହୂର୍ତ୍ତରେ
ବସନ୍ତ କାଳ ଉପଗତ
ସରଜୁ ନଦୀକୂଳେ ଯଜ୍ଞ ପ୍ରସ୍ତୁତ କଲେ
ରାଜା ମହାରାଜା ସଭିଙ୍କୁ ନିମନ୍ତ୍ରଣ ଦେଲେ
ଦେଶ ବିଦେଶରୁ ରାଜା ପ୍ରଜାଏ
ସଭିଏଁ ଉପସ୍ଥିତି ହେଲେ
ଋଷ୍ୟଶୃଙ୍ଗଙ୍କୁ ଡାକଣ ଯଜ୍ଞ ପୁରୋହିତେ ବରିଲେ

ISSN NO.
2582-208X

ମୁନି ଋଷି ସାଧୁ ଭକ୍ତ ଗଣରେ
ଯଜ୍ଞସ୍ଥାନ ହେଲା ପୂରଣ
ଶଙ୍ଖ ହୁଳହୁଳି ଶବଦେ କମ୍ପେ ତିନି ଭୁବନ
ବିଧି ବିଧାନରେ ଯଜ୍ଞ ଆରମ୍ଭ କଲେ
ଦେବା ଦେବୀ ସଭିଏଁ ସନ୍ତୁଷ୍ଟ ହେଲେ
ମହା ବୀର୍ଯ୍ୟଶାଳୀ ବିରାଟ କୃଷ୍ଣବର୍ଣ୍ଣ ପୁରୁଷ
ହୋମାଗ୍ନିରୁ ହୋଇଲେ ଦୃଶ୍ୟ
ସୂର୍ଯ୍ୟାଗ୍ନି ପରି ଥିଲେ ତେୟୀୟାନ ଦଶରଥଙ୍କୁ କହିଲେ ବହନ
ପ୍ରଜାପିତା ବ୍ରହ୍ମା ଆଦେଶେ ଆସିଛି ମୁହିଁ
ଚାରୁଅନ୍ନ ରାଣୀମାନଙ୍କୁ ଦେବାପାଇଁ
ଏହା ଶୁଣି ଦଶରଥ ଆନନ୍ଦିତ ହେଲେ
ରାଣୀମାନଙ୍କୁ ଯଜ୍ଞ ସ୍ଥାନକୁ ଡାକିଲେ
ରାଣୀମାନେ ଚାରୁ ଅନ୍ନ ଭକ୍ଷଣ କଲେ
ଗର୍ଭ ଧାରଣ କରି ପୁତ୍ରବତୀ ହୋଇଲେ
ଚୈତ୍ର ଶୁକ୍ଳ ନବମୀ ତିଥିରେ ପ୍ରଭୁ ରାମ ହେଲେ ଜନମ
ସେଦିନୁ ରାମ ନବମୀ ସମାରୋହରେ ହେଲା ପାଳନ
ମୁହିଁ ହୀନ ଅଧମ କରେ ଜଣାନ
ଦୋଷ ନଧରିବ ମୋର ହେ ସୁଜ୍ଞଜନ

ବନ୍ଧପାଲି, ଉପରଝର
ବଲାଙ୍ଗୀର

ISSN NO.
2582-208X

# ହୋଲି

ସ୍ୱାଗତିକା ନାଏକ

ସମସ୍ତେ ରଂଗିତ ହୋଲିର
ରଂଗରେ....
ମୁଁ ତ ପ୍ଲାବିତ ତୁମ ନାମର
ରଂଗରେ.....
ଧୋଇଦେଲେ ଛାଡିଯିବ
ଏ ରଂଗ ହୋଲିର....
ଛାଡିବନି ମୋ ଦେହୁଁ
ଏ ରଂଗ ହେଉଛି
ଆମ ପ୍ରେମ ବନ୍ଧନର ॥

ବୌଦ୍ଧ

ISSN NO.
2582-208X

# ସ୍ମୃତିର ଅନ୍ୱେଷଣରେ



ଅଶୋକ କୁମାର ପଧାନ

ଆଜିର ବର୍ଷା ଯେତେବେଳେ
ତୁନ ତୁନ ହୋଇ ଛୁଇଁ ଯାଉଥିଲା ମୋର ଅଙ୍ଗକୁ
ମନେ ପଡୁଥିଲା
ଆମରି ମିଳନର ପ୍ରଥମ ତିଥି
କପରି ନଜର ଆମ୍ଭାକୁ ବୁଣି ଦେଇଥିଲ ମୋରି କୋଳେ
ନା ଥିଲା ସେଦିନ ମେଘ
ନା ଭୀଷଣ ମେଘର ଦୁନ୍ଦୁଭି ସ୍ୱର
ତଥାପି,
ଆମରି ଶରୀରରେ ଖେଳଯାଉଥିଲା
ଭିନ୍ନ ଧାରଣର ଏକ ବିଜୁଳି
ପ୍ରତିଟି ସ୍ନାୟୁ ଜାଗ୍ରତ ହୋଇଯାଉଥିଲେ
ମନେ ହେଉଥିଲା,
ଲଙ୍ଘି ଯାଉଛୁ ବ୍ରହ୍ମାଣ୍ଡ ପୁଷ୍ପକ ବିମାନରେ
ନିଶ୍ୱାସ ଯେତିକି ଲମ୍ବା ହେଉଥିଲା
ଲାଗୁଥିଲା, ଆମେ ଯେମିତି ଗ୍ରହ ପରେ ଗ୍ରହ ଆବିଷ୍କାର କରିଚାଲିଛୁ
ଖୋଜିବାରେ ଲାଗିଛୁ ଗୋଟାଏ ନବ ସଂସାର
କ'ଣ କି କପରି ଜଣା ନାହିଁ

ISSN NO.
2582-208X

କେବଳ ସମର୍ପି ଦେଇଛୁ ନିଜ ନିଜ ଆତ୍ମା ଗୋଟିଏ ଫରୁଆ ଭିତରେ ।
ନା ଭୁଲି ହେବ ସେ ତିଥି
କେତେ ଥର ଘଣ୍ଟାକୁ ଅନାଇଥିଲି
ମନେମନେ କେତେ ପ୍ରାର୍ଥନା ନକରିଛି
ଆଜିର ରଜନୀ ଆହୁରି ଲମ୍ବିଯାଉ ବୋଲି
ହେଲେ,
ଘଟି ଯାଉଥିଲା ଠିକ ଅଲଗା
ତୁମରି ସ୍ପର୍ଶରେ ସମୟର ଗତି ଯେ
କଣା ମାଠିଆରେ ପାଣି ପରି ଧାରଧାର ହୋଇ ନଗିଡି ଯାଉଥିଲା
ପ୍ରତୀକ୍ଷଣେ  ସୃଷ୍ଟି କରିଦେଉଥିଲା ଭୟ
ମୋ ତନୁକୁ ତୁମରି ତନୁରୁ ଅଲଗା କରିବାର
ମନେଅଛି ,
ଆହୁରି ଜାବୁଡି ଧରୁଥିଲି
ଜାଣିଥିଲି ଏଇଟା ଆମରି ଶେଷନୁହଁ, ଥିଲା ଆରମ୍ଭ
ଗୋଟାଏ ବିମାନରେ ବସି ସୌରଜଗତ ବୁଲିବାର
ଜୀବନର ନବ ସ୍ୱପ୍ନ ସାକାର ଗୋଟାଇବାର ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ପୃଥ୍ୱୀ ଓ ଆକାଶ

ଦେବଦତ୍ତ ଜେନା

ମୁଁ ଗୋଲ୍..
କାରଣ ମୁଁ ସୀମିତ,
ଆଉ ନିୟନ୍ତ୍ରିତ,
ଯେଉଁଠୁ ଆରମ୍ଭ, ସେଉଠୁଁ ଶେଷ,
ତୁମେ କାହିଁକି ଅନିୟନ୍ତ୍ରିତ ଜାଣ ଆକାଶ..?
କାରଣ, ତୁମେ ଅସୀମିତ,
ପରିବ୍ୟାପ୍ତ, ବିଶାଳ,
ହେଲେ, ଅଜସ୍ର ବକ୍ର..!
ଏ ମାଟିକୁ ଛୁଇଁ ଯିବାର ମୋହରେ
ତୁମେ ଅର୍ଦ୍ଧ ନିମୀଳିତ,
ଅସୀମିତ ବକ୍ଷରେ ତୁମର
ସହସ୍ର ବଜ୍ରର ନିନାଦ,
ମୁଁ ଆହତ..!!
କିନ୍ତୁ, ନୀରବଛିନ୍ନ,
ତଥାପି..
ମୁଁ ଖୁବ୍ଧ କି ନିରୁଦ୍ଧିଷ୍ଟ ନୁହେଁ,
ବିଧି ନିର୍ଦ୍ଧିଷ୍ଟ, ପରିସୀମ,
ମାତ୍ର ଅନାହତ,
ଶୁଣ..!

ISSN NO.
2582-208X

ତୁମେ ଶୂନ୍ୟ,
ଏ ସସୀମରେ ସିଦ୍ଧି ନ ଥାଏ,
ଥାଏ, ଅସୀମରେ,
ସତ୍ତାରେ ପ୍ରାପ୍ତି ନୁହେଁ,
ଥାଏ ତୃପ୍ତିରେ,
ସତ୍ତାରେ କେବଳ ମୋହ,
ଆଉ ମୋହରେ..
ବିଲୁପ୍ତି..
ପରିସମାପ୍ତି..!

ଉପ ଅଧୀକ୍ଷକ,
ଡାକ ବିଭାଗ,
ଭୁବନେଶ୍ୱର, ଖୋର୍ଦ୍ଧା

ISSN NO.
2582-208X

# ଆସନ୍ତୁ ଜାଣିବା ସଫଳ ଜୀବନର ୫ଟି ସୂତ୍ର ବିଷୟରେ



ନରେନ୍ଦ୍ର ପ୍ରସାଦ ବେହେରା

ଶୌଚ:- ମିଥ୍ୟା ଭାଷଣ, ଚୁଗୁଲି, ରୁକ୍ଷ ବଚନ, ମନ୍ଦ ଉଦ୍ଦେଶ୍ୟ, ଈର୍ଷା, ଦ୍ୱେଷ, ଛଳ, ଛନ୍ଦକପଟ ଓ ମନ୍ଦ ପ୍ରକୃତିକୁ ପରିତ୍ୟାଗ କରି ସଦା ଶୁଦ୍ଧି ହେବାକୁ ଶୌଚ କୁହାଯାଏ ।

ସନ୍ତୋଷ:- ନିଜର ପୁରୁଷାର୍ଥ, ନିଜର ବାହୁବଳ ଏବଂ ଉତ୍ତମ କର୍ମ ଦ୍ୱାରା ଉପାର୍ଜନ କରିଥିବା ଧନ-ସମ୍ପତ୍ତିକୁ ନେଇ ପ୍ରସନ୍ନ ରହିବାକୁ ସନ୍ତୋଷ କୁହାଯାଏ ।

ତପ:- ଯେତେ କଷ୍ଟ ଆସୁ ପଛେ ନିଜର ଧର୍ମ, କର୍ତ୍ତବ୍ୟ ଓ କର୍ମ ଉପରେ ବିଚଳିତ ନହୋଇ ବା ଆଳସ୍ୟ ଦ୍ୱାରା ବିତୃଷ୍ଣା ହୋଇ ସେଥିରୁ ବିରତ ହେବାକୁ ତପ କୁହାଯାଏ ।

ସ୍ୱାଧ୍ୟାୟ:- ମୋର ଉଦ୍ଦେଶ୍ୟ କ'ଣ ? ମୁଁ କ'ଣ କରିବା ଉଚିତ୍, କ'ଣ କରିବା ଅନୁଚିତ୍, ମୁଁ କିଏ, ମୁଁ କେଉଁଥି ପାଇଁ ସଂସାରକୁ ଆସିଛି ସେ ସମସ୍ତକୁ ଭଲ ଭାବରେ ବିବେଚନା କରି ତ୍ରୁଟି ବିଷୟରେ ଜାଣି ତାକୁ ଦୂର କରିବାକୁ ସ୍ୱାଧ୍ୟାୟ କୁହାଯାଏ ।

ଈଶ୍ୱର ପ୍ରଣିଧାନ:- ହୃଦୟରେ, ମନରେ, ଚୈତନ୍ୟରେ ପରମାତ୍ମାଙ୍କୁ ସ୍ଥାପନ କରିବା, ନିଜକୁ ତାଙ୍କ ପାଦପଦ୍ମରେ ସମର୍ପଣ କରି ଦେବା, ପ୍ରତ୍ୟେକ ଲୋମ କୂପରେ ତାଙ୍କର

ISSN NO.
2582-208X

ବ୍ୟାପକତାକୁ ଅନୁଭବ କରିବା, ପ୍ରତିମୁହୂର୍ତ୍ତରେ ଯାହାବି କର ତାହାକୁ ଇଶ୍ୱରଙ୍କୁ ସମର୍ପଣ କରିବା । ଭକ୍ତି, ନିଷ୍ଠା, ଏକାଗ୍ରତା ଏବଂ ବିଶ୍ୱାସକୁ ଦୃଢ଼ କରିବାକୁ ହିଁ ଇଶ୍ୱର ପ୍ରଣିଧାନ କୁହାଯାଏ ।

ସଂଯମ ଜରୁରୀ

ମହାଭାରତ ଲେଖିବା ପାଇଁ ବ୍ୟାସଦେବଙ୍କୁ ଜଣେ ସମର୍ଥ ଲେଖକଙ୍କ ଆବଶ୍ୟକତା ରହିଥିଲା । ଏଥିପାଇଁ ସେ ଶ୍ରୀଗଣେଷଙ୍କୁ ଅନୁରୋଧ କଲେ । ଲେଖନ କାର୍ଯ୍ୟ ଆରମ୍ଭ ହୋଇଗଲା । ବ୍ୟାସଦେବ କହିଚାଲିଲେ ଏବଂ ଶ୍ରୀଗଣେଶ ସମାନ ଦ୍ରୁତ ଗତିରେ ମହାଭାରତ ଲେଖି ଚାଲିଲେ । ମହାଭାରତ ଗ୍ରନ୍ଥ ରଚନା ପୂରଣ ହେଲା । ବ୍ୟାସଦେବ ଗଣେଶଙ୍କୁ ପ୍ରସନ୍ନତା ପୂର୍ବକ କହିଲେ, ମୁଁ ଆପଣଙ୍କ ଦ୍ୱାରା ୨୪ ଲକ୍ଷ ଶବ୍ଦ ଲେଖାଇଲି । ହେଲେ ଏହା ଭିତରେ ଆପଣ ଥରେ ହେଲେ କିଛି କହିଲେ ନାହିଁ, ଚୁପଚାପ୍ ଲେଖି ଚାଲିଲେ । ଏହାଶୁଣି ଶ୍ରୀଗଣେଶ ଉତ୍ତର ଦେଲେ ଯେ ବଡ଼ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ଶକ୍ତିର ଆବଶ୍ୟକତା ରହିଛି । ଶକ୍ତିର ଆଧାର ହେଉଛି ସଂଯମ । ସଂଯମ ହିଁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ଯଦି ମୁଁ ନିଜ ବାଣୀ ଉପରେ ସଂଯମ ରଖି ନଥାନ୍ତି ତା' ହେଲେ ଏହି ଗ୍ରନ୍ଥ କିଭଳି ରଚନା ହୋଇଥାଆନ୍ତା ।

ଆଳନ୍ଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ନିସଙ୍ଗତା ଭାବନାର କ୍ଷଣିକ ଦଂଶନ



ବିରଞ୍ଚି ନାରାୟଣ ମିଶ୍ର

କେତେ ବନ୍ଧୁ ଥିଲେ ଜୀବନେ ମୋହର
ହିସାବ ମୁଁ ରଖିନାହିଁ,
ଲୋଡ଼ିଲା ବେଳକୁ ଜଣଙ୍କୁ ଦେଖୁନି
ସବୁ ବନ୍ଧୁ ଗଲେ କାହିଁ ?
ସଦର ଦରଜା ଖୋଲି କି ଚାହିଁଛି
ମୋ ବନ୍ଧୁ ଆସିବା ପାଇଁ,
ଆଖି ପାଣି ମରେ ଆଖିରେ ମୋହର
ଜଣେ ବି ଆସନ୍ତି ନାହିଁ !
ଅନ୍ଧାର ପାରୁନି ସିନ୍ଦୁରା ଫଟେଇ
ଗଡ଼େଇ ଚାଲିଛି କଣ୍ଟେ
ଦୂରେଇ ରଖିଚି ଅଚିହ୍ନା ସମୟ
ଅଡୁଆ ପଡ଼ିକି ବାଟେ ।

ନୀରବତା ଖୋଳେ ଆଗୁଆ କବର
ମୋ ଶବର ସୁରକ୍ଷା ଲାଗି
ସନ୍ଦେହ ଆଖିରେ ନିଜକୁ ଦେଖୁଚି
ନିଜେ ମୁଁ ନିଜକୁ ଜଗି ।
ଆଶାକୁ ନମାରି ଆଶଙ୍କା ବଢୁଛି
ଆଗକୁ ଆଗକୁ ଖାଲି
ବିଶ୍ୱାସ ଲାଗୁଚି ଦରିଆ ସେପାରି
ରାତିକର ସାଥୀ ବୋଲି ।

ଭୁବନେଶ୍ୱର
9439011063

ISSN NO.
2582-208X

# ପ୍ରେମ



ଦୀପକ କୁମାର ନାୟକ

ପ୍ରେମ ନୁହେଁ ମାନସିକ ଭାବନା
ପ୍ରେମ ଆଶ୍ରିତ ସେନେହ ସାଗର ।
ମାନବିକତାର ପରିଭାଷା ପ୍ରେମ
ଜୀବନ ଯୁଦ୍ଧର ଅନ୍ଧାର କୋଠିରେ
ଆଶାର ଉଜଳ ଦୀପ୍ତି ।
ପ୍ରେମ ଆପଣାପଣର
ନିଘୋଡ଼ ନିଶା ।
ପ୍ରେମ ସଦା ଚୁମ୍ବକୀୟ ଆକର୍ଷଣ
ଯିବାର  ବିଶ୍ୱାସ ଭରଷା ।
ପ୍ରେମ କାକର ଟୋପର ମୁଠାଏ ମୁକ୍ତା
ପାହାଡ଼ି ମନର ସବୁଜିମା ।
ବସନ୍ତ ଆଗମନେ
ପ୍ରେମ ହୁଏ ନବଯୌବନ ପ୍ରାପ୍ତି ।

ପ୍ରେମ ନୁହେଁ ଶାରିରୀକ ଆକର୍ଷଣ
ପ୍ରେମ ଏକ ଆବଶ୍ୟକତା ।
ପ୍ରେମ ଚିର ବସନ୍ତ ଉତ୍ସ
ମାନବ ମନେ ପ୍ରାୟ ଢଳ ଢଳ ।

କୁସ୍ତିରା, ଧର୍ମଶାଳା, ଯାଜପୁର

ISSN NO.
2582-208X

# ଶିବ ପଂଚାକ୍ଷରି ସ୍ତୋତ୍ରମ୍



ଅଭିଳାଷ ବାରିକ୍

ଓଂ ନମଃ ଶିବାୟ ଶିବାୟ ନମଃ ଓଂ ।
ଓଂ ନମଃ ଶିବାୟ ଶିବାୟ ନମଃ ଓଂ ।

ନାଗେଂଦ୍ରହାରାୟ ତ୍ରିଲୋଚନାୟ ଭସ୍ମାଂଗରାଗାୟ ମହେଶ୍ୱରାୟ ।
ନିତ୍ୟାୟ ଶୁଦ୍ଧାୟ ଦିଗଂବରାୟ ତସ୍ମୈ "ନ" କାରାୟ ନମଃ ଶିବାୟ ॥

ମଂଦାକିନୀ ସଲିଲ ଚଂଦନ ଚର୍ଚିତାୟ ନଂଦୀଶ୍ୱର ପ୍ରମଥନାଥ ମହେଶ୍ୱରାୟ ।
ମଂଦାର ମୁଖ୍ୟ ବହୁପୁଷ୍ପ ସୁପୂଜିତାୟ ତସ୍ମୈ "ମ" କାରାୟ ନମଃ ଶିବାୟ ॥

ଶିବାୟ ଗୌରୀ ବଦନାବ୍ଜ ବୃଂଦ ସୂର୍ଯ୍ୟାୟ ଦକ୍ଷାଧ୍ୱର ନାଶକାୟ ।
ଶ୍ରୀ ନୀଲକଂଠାୟ ବୃଷଭଧ୍ୱଜାୟ ତସ୍ମୈ "ଶି" କାରାୟ ନମଃ ଶିବାୟ ॥

ବଶିଷ୍ଠ କୁଂଭୋଦ୍ଭବ ଗୌତମାର୍ଯ୍ୟ ମୁନୀଂଦ୍ର ଦେବାର୍ଚିତ ଶେଖରାୟ ।
ଚଂଦ୍ରାର୍କ ବୈଶ୍ୱାନର ଲୋଚନାୟ ତସ୍ମୈ "ବ" କାରାୟ ନମଃ ଶିବାୟ ॥

ISSN NO.
2582-208X

ଯକ୍ଷ ସ୍ୱରୂପାୟ ଜଟାଧରାୟ ପିନାକ ହସ୍ତାୟ ସନାତନାୟ ।
ଦିବ୍ୟାୟ ଦେବାୟ ଦିଗଂବରାୟ ତସ୍ମୈ "ୟ" କାରାୟ ନମଃ ଶିବାୟ ॥

ପଂଚାକ୍ଷରମିଦଂ ପୁଣ୍ୟ ୟଃ ପଠେଚ୍ଛିବ ସନ୍ନିଧୌ ।
ଶିବଲୋକମବାପ୍ନୋତି ଶିବେନ ସହ ମୋଦତେ ॥

. ଓମ ନମଃ ଶିବାୟ

ସଂଗ୍ରାହକ: ଅଭିଲାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍,
କେନ୍ଦ୍ରାପଡ଼ା

ISSN NO.
2582-208X

# କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବୀଣାପାଣି ମହାନ୍ତିଙ୍କ- "ପାଟଦେଇ ଗଳ୍ପ ସଂକଳନ – ଭାଷା, ଶୈଳୀ ଓ ଚରିତ୍ର ଚିତ୍ରଣ"



ସାହିଲ କୁମାର ନାୟକ

ଉପକ୍ରମ  କ୍ଷୁଦ୍ରଗଳ୍ପ ଆଧୁନିକ ଗଦ୍ୟ ସାହିତ୍ୟର ଏକ ଜନପ୍ରିୟ ଶିଳ୍ପକଳା । ଆଧୁନିକ କାଳର ଏକ ଶିଳ୍ପ ସମ୍ମତ ସାହିତ୍ୟିକ ରୂପ । ଏହା ଏକ ଅର୍ବାଚୀନ ସୃଷ୍ଟି, ଏଇମାତ୍ର ଊନବିଂଶ ଶତାବ୍ଦୀରେ ଏହାର ଉତ୍ପତ୍ତି । କିନ୍ତୁ ଲୋକପ୍ରିୟତା ଦୃଷ୍ଟିରୁ ଏହା ଆଧୁନିକ ସାହିତ୍ୟର ଅନ୍ୟାନ୍ୟ ବିଭାବ ଠାରୁ ଯଥେଷ୍ଟ ଉପରେ I କାରଣ ଆଜିର ଜଟିଳ ତଥା ଜଞ୍ଜାଳମୟ ସାମାଜିକ ଜୀବନରେ ମଣିଷ ଅବସର ପାଏ ନାହିଁ, ଦୀର୍ଘ ରଚନା ପାଠ କରିବା ପାଇଁ I ଅଳ୍ପ ସମୟ ଆନନ୍ଦ ଲାଭ କରିବା ନିମନ୍ତେ ସେ କ୍ଷୁଦ୍ର କଳେବର ବିଶିଷ୍ଟ ସାହିତ୍ୟିକ କୃତି ଆବଶ୍ୟକ କରେ ଏବଂ ଏହି ଉଦ୍ଦେଶ୍ୟ ତାର ସଫଳ ହୁଏ, ଯେତେବେଳେ ସେ କ୍ଷୁଦ୍ର ଗଳ୍ପଟିଏ ପାଇଥାଏ । କାରଣ କବିତାର ଗୀତିମୟତା, ନାଟକର ନାଟକୀୟତା, ଉପନ୍ୟାସର କାହାଣୀ ଧର୍ମିତା ଓ ପ୍ରବନ୍ଧର ମନ୍ନୟତା ପରି କ୍ଷୁଦ୍ରଗଳ୍ପର କ୍ଷୁଦ୍ର ଗଣ୍ଡି ମଧ୍ୟରେ ପାଠକ ସନ୍ଧାନ କରିପାରେ, ମଣିଷର ସୁଖ-ଦୁଃଖ, ହସ-କାନ୍ଦ, ଉତ୍ ଥାନ- ପତନ ଇତ୍ୟାଦିର ସଫଳ ରୂପାୟନ ।

ଗଳ୍ପ କଥନ ମଣିଷର ସହଜାତ ପ୍ରବୃତ୍ତି । ମଣିଷର ଜୀବନ ଗଳ୍ପର ଅନନ୍ତ ଭଣ୍ଡାର I ସଭ୍ୟତାର ବିକାଶ ସହିତ ଗଳ୍ପର ହୋଇଛି ଉନ୍ମେଷ ଓ ଉତ୍ତରଣ I ଗଳ୍ପ ମଣିଷ ଜୀବନର ବାଣୀ-ଭାଷ୍ୟ । ହୃଦୟର ବ୍ୟଥା ଓ ମନର କଥାକୁ ସେ ବାଢି ବସେ ଅନ୍ୟ ନିକଟରେ ।

ISSN NO.
2582-208X

କେଉଁଠି ସେ କହିବା ଭଙ୍ଗୀରେ ଭରିଦିଏ ଉତ୍କଣ୍ଠା ଆଉ ଅନ୍ତହୀନ ଜିଜ୍ଞାସା । କେଉଁଠି ଗଳ୍ପ ହୋଇଥାଏ - ବେଦନା ବିଧୂର ଜୀବନର କଳାତ୍ମକ ବାଣୀ ରୂପ !

## ବୀଣାପାଣି ମହାନ୍ତି ଙ୍କ ସାହିତ୍ୟ କୃତି ର ପରିଚୟ

ଓଡ଼ିଆ ସାହିତ୍ୟରେ ବୀଣାପାଣି ମହାନ୍ତି ଏକ ବଳିଷ୍ଠ ପ୍ରତିଭା । ୧୯୩୬ ମସିହା ନଭେମ୍ବର ୧୧ ତାରିଖରେ କଟକ ଜିଲ୍ଲାର ଚାନ୍ଦୋଳ ଗ୍ରାମରେ ତାଙ୍କ ଜନ୍ମ । ପିତାଙ୍କ ନାମ ଚତୁର୍ଭୁଜ ମହାନ୍ତି ଓ ମାତାଙ୍କ ନାମ ଥିଲା କୁମୁଦିନୀ ମହାନ୍ତି I ଭାଇ ଭଉଣୀ ପାଞ୍ଚଜଣ । 1947 ମସିହାରେ ସେ ରେଭେନ୍ସା କଲେଜରୁ ଅର୍ଥନୀତିରେ ଏମ.ଏ. ଶିକ୍ଷା ସହିତ ଲେଖାଲେଖି ଆରମ୍ଭ କରିଦେଇଥିଲେ । ଏହି ଲେଖାଗୁଡିକ ବିଭିନ୍ନ ପତ୍ରପତ୍ରିକା ମାନଙ୍କରେ ପ୍ରକାଶ ପାଇଲା I ପ୍ରଥମେ ସେ କବିତା ଲେଖିବା ଆରମ୍ଭ କରିଥିଲେ । ତାଙ୍କର ଲେଖାଲେଖି ସମ୍ପର୍କରେ "ସୁଚରିତା"ରେ ପ୍ରକାଶିତ ପାଇଥିଲା, ଯାହାକୁ ଡ.ମନ୍ମଥ କୁମାର ପ୍ରଧାନ ପ୍ରକାଶ କରିଛନ୍ତି -"ପ୍ରାୟ ବାରବର୍ଷ ବୟସରେରେ ମୁ ଲେଖାଲେଖି ଆରମ୍ଭ କରିଛି; ସେତେବେଳେ ମୁଁ ଷଷ୍ଠ - ସପ୍ତମ ଶ୍ରେଣୀ ରେ ପଢୁଥାଏ । ଲୁଚେଇ ଲୁଚେଇ କବିତା ଲେଖେ । ମୋ ଭାଇ ମାନେ ଚିଡ଼ାନ୍ତି । ମୁଁ ଗାଆଁ ରେ ରହି ପଢୁଥାଏ । ଥରେ ଆମେ ସ୍ଥିରକଲୁ ହାତଲେଖା ପତ୍ରିକା ଟିଏ କରିବୁ I ମୁଁ ସମସ୍ତଙ୍କ ନାମରେ ଲେଖିବି, ପତ୍ରିକା ସବୁ ପଚାଶ ପଇସା ରେ ବିକ୍ରି ହେବ । ଦିନେ କମିଟି ନିଜ ଘରକୁ ଡାକିଲି । ସେଥିରେ ମେମ୍ବର ହେଲେ, ଆଠଜଣ ।

ହାତଲେଖା ପତ୍ରିକା ର ନାମ ଥିଲା -"ଆଲୋକ"I ତାଙ୍କର ପ୍ରଥମ କବିତା "ଚନ୍ଦ୍ରାହତ" ପ୍ରଜାତନ୍ତ୍ର ରେ ପ୍ରକାଶିତ ହେଇଥିଲା । କ୍ରମେ ସେ ବହୁତ କବିତା ରଚନା କଲେ ଓ 1947 ମସିହା ରେ ପ୍ରଜାତନ୍ତ୍ର ତରଫରୁ ସେ ପୁରସ୍କୃତ ହେଲେ । ଏହି ସମୟ ରେ ତାଙ୍କର ପ୍ରଥମ ଗଳ୍ପ "ଗୋଟିଏ ରାତ୍ରିର କାହାଣୀ" ପ୍ରଜାତନ୍ତ୍ର ରେ ପ୍ରକାଶିତ ହେଲା । ଏହା ପରେ ସେ ଗଳ୍ପ ଲେଖିବା ଅନବରତ ଭାବେ ଆରମ୍ଭ କରିଦେଲେ I ତାପରେ ତାଙ୍କର କବି ମାନସ, ଗଳ୍ପ ମାନସରେ ପରିଣତ ହେଇଗଲା । ସେବେଠାରୁ ଗଳ୍ପ ଲେଖି ଚାଲିଛନ୍ତି Iଗଳ୍ପ କାହିଁକି; ସେ ଉପନ୍ୟାସ, କବିତା, ଏକାଙ୍କିକା, ଓଅନୁବାଦ କ୍ଷେତ୍ରରେ ମଧ୍ୟ ଦକ୍ଷତା ଦେଖାଇଛନ୍ତି I

ISSN NO.
2582-208X

ତାଙ୍କର ସୃଷ୍ଟି ସମ୍ଭାର ନିମ୍ନରେ ପ୍ରଦାନ କରାଗଲା ।

ଗଳ୍ପ ସଂକଳନ

1. ନବତରଙ୍ଗ
2. ପାନ୍ଥଶାଳା ଓ ରକ୍ତ କବରୀ
3. କସ୍ତୁରୀମୃଗ ଓ ସବୁଜ ଅରଣ୍ୟ
4. ତଟିନୀ ର ତୃଷ୍ଣା
5. ସାୟାହ୍ନର ସ୍ୱର
6. ଅନ୍ଧକାରର ଛାଇ
7. କାଳନ୍ତାର
8. ଆରୋହଣ
9. ମଧ୍ୱାନ୍ତର
10. ବସ୍ତ୍ରହରଣ
11. ଇଷ୍ଟରଭ୍ୟୁ
12. ଅନ୍ୟ ଅରଣ୍ୟ
13. ଖେଳଣା
14. ଦୃଶ୍ୟାନ୍ତର
15. ଚରିତ୍ର ହସୁଚି 1
6. ପାଟଦେଇ
17. ବହ୍ନି ବଳୟ
18. ଜନ୍ମାନ୍ତର
19. ଶକୁନି ର ଛକା
20. ଏକାକୀ ପରାଶର
21. ଖେଳ ଚାଲିଛି
22. ପାଚେରୀ ସେପଟେ ନଇ

ଉପନ୍ୟାସ

1. ସୀତାର ଶୋଣିତ
2. କୁନ୍ତୀ - କୁନ୍ତଳା - ଶକୁନ୍ତଳା

କବିତା ସଂକଳନ : "ଆସିବାର ବେଳ"

ଅନୁବାଦ : ପ୍ରେମଚାନ୍ଦ

ସମ୍ମାନ

1.- "କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ"(ଗଳ୍ପ ସଂକଳନ) - 1970 - ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

ISSN NO.
2582-208X

୨.-"ପାଟଦେଇ"(ଗଳ୍ପ ସଂକଳନ) - ୧୨୨୦ - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

## ବୀଣାପାଣି ମହାନ୍ତି ଙ୍କ ପାଟଦେଇ ଗଳ୍ପ ର ସାର ଭାଗ

"ପାଟଦେଇ" ଗଳ୍ପ ସଂକଳନରେ ବାରଟି ଗଳ୍ପ ସ୍ଥାନ ପାଇଛି । ସେଗୁଡିକ ହେଲା -: ୧ ଚିତ୍ରିତ ଅନ୍ଧାର, ୨ ସାହସୀ, ୩ ପ୍ରହେଳିକା, ୪ ଅଲିଖତପୃଷ୍ଠା, ୫ ମାଗଣା ଖଟିଆ, ୬ କାକଟସ, ୭ ବାପା, ୮ ଅମାନୁଷିକତା, ୯ ବୋହୂବୋହୂକା, ୧୦ ସିଦ୍ଧାର୍ଥ, ୧୧ ଗପ ହେଲେ ବି ସତ!!, ୧୨ ପାଟଦେଇ । ଏହି ପାଟଦେଇ ଗଳ୍ପର କାହାଣୀ ନିମ୍ନରେ ଦିଆଗଲା ।

ପାଟଦେଇ-ଗଳ୍ପ ସଂକଳନରେ "ପାଟଦେଇ" ଗଳ୍ପ ଟି ଶ୍ରେଷ୍ଠ ଗଳ୍ପ । ତେଣୁ ଗଳ୍ପ ସଂକଳନର ନାମକରଣ "ପାଟଦେଇ" କରାଯାଇଛି । ଏହି ଗଳ୍ପରେ ପୁରୁଷ କିପରି ନାରୀକୁ ନେଇ ନିଜ କାମନାକୁ ଚରିତ୍ରାର୍ଥ କରୁଛି। ଆମ ସମାଜର ନିୟମ ଆଗରେ କିପରି ନାରୀ ପ୍ରଶ୍ନବାଚୀ ହୋଇ ଛିଡା ହୋଇଛି, ତାହା ଏହାର ବିଷୟବସ୍ତୁ। ଜଗୁ ବେହାରାର ଝିଅ ପାଟଦେଇ, ବିବାହ କରିଥିଲେ ମଧ୍ୟ ଶାଶୂ ଘରେ ମାସେ ରହିପାରିନାହିଁ, ବାପା ଘରେ ରହିଛି । ଜଗୁ ବେହେରାକୁ ମଧ୍ୟ କେବେପାଟକୁ କିଛି ପଚାରିବା ଆଗରୁ ତାର ଲୁହରେ ଭରିଯାଉଥିବା ଆଖିଟା ଦେଖାଯାଏ ।ଜଗୁ ତାର କାମରେ ଚାଲିଯାଏ । ଦୋଳପୂର୍ଣ୍ଣିମା ରାତିରେ ଯାତରା ଦେଖିବାକୁ ଯାଇଛି ପାଟ। ସେଠାରେ ସେ ରମୁ, ବୀରା, ମାଗୁଣି, ନରିଆ ଦ୍ୱାରା ଅପହୃତ ହୋଇଛି ଓ ଏମାନଙ୍କ ଦ୍ୱାରା ଗଣଧର୍ଷଣ ର ଶିକାର ହୋଇଛି । ଲାଜରେ ଗାଁ କୁ ଫେରି ପାରିନାହିଁ। ପୁରୁଷ ମାନଙ୍କ କାମନା ଚରିତାର୍ଥର ଶିକାର ହୋଇ ଅବୈଧ ମାତୃତ୍ୱକୁ ପାଇଛି। ମାତୃତ୍ୱ ପାଇବା ପରେ ସେ ଆତ୍ମହତ୍ୟା କରିନାହିଁ, ଶିଶୁଟିକୁ ଜନ୍ମ ଦେଇଛି । ଶିଶୁଟିକୁ ଧରି ବାପା ଡିହକୁ ଫେରି ଆସିଛି। ସେତେବେଳେ ସେ ସମସ୍ତଙ୍କ ସହିତ ମୁକାବିଲା କରିଛି । ସମସ୍ତଙ୍କର ଗୋଟିଏ ପ୍ରଶ୍ନ ଏ ପିଲା କାହାର? ପାଟଦେଇ ଦୃଢତାର ସହ ଉତ୍ତର ଦେଇଛି "ଏ ଛୁଆର ବାପ କିଏ ପଚରୁଛ ?

ISSN NO.
2582-208X

ରମୁ, ବିରା, ଗୋପୀ, ମାଗୁଣି, ନରିଆ ସମସ୍ତେ ଛିଡା ହୋଇଛନ୍ତି କେମିତି କହିବି ଛୁଆ କାହାର ବୋଲି ?ଦୋଳ ପୁନେଇ ମେଲଣ ଭିତରୁ ରମୁ ମୋ ମୁହଁରେ ଗାମୁଛା ଦେଇ ଟେକିନେଇଗଲା । ମଶାଣି ହୁଡ଼ା ତଳକୁ ସେହି ବୁଦା ମୂଳରେ ମତେ ସମସ୍ତେ ଘେରିଯାଇ ମୋ ଦେହରୁ କଞ୍ଚା ମାଉଁସ ଛଡେଇ ଗବ ଗବ କରି ଖାଇଗଲେ। କେମିତି କହିବି ଏ ଛୁଆ କାହାର ?'' ପାଟଦେଇ ଉତ୍ତର ଶୁଣି ଜମା ହୋଇଥିବା ସମସ୍ତ ଲୋକ କୁଆଡେ ପଳେଇଗଲେ। କେହି ଜଣେ ମଧ୍ୟ ସେମାନଙ୍କୁ ପ୍ରଶ୍ନ ପଚରିଲେନାହିଁ, ପାଟଦେଇ ଗଳ୍ପରେ ପାଟ ଜୀବନରେ ଯାହା ଘଟିଛି ତାହା ଆମ ସମାଜରେ ପ୍ରତିଦିନ ଘଟୁଛି।ଯାହାର ପ୍ରତିବାଦ କେହି କରିପାରୁନାହାନ୍ତି । ପାଟ ହେଉଛି ନାରୀ ମାନଙ୍କ ନେତୃତ୍ୱ ନେଉଥିବା ଚରିତ୍ରଟିଏ ।

## ପାଟଦେଇ ଗଳ୍ପ ସଂକଳନର ଭାଷା ଓ ଶୈଳୀ

୧.ଭାଷା

ମନର ଭାବକୁ ପ୍ରକାଶ କରିବାର ମାଧ୍ୟମ ହେଉଛି ଭାଷା । ଗଳ୍ପରେ ଭାଷାର କଳାଗତ ମୂଲ୍ୟ ସୃଷ୍ଟି ହୋଇଥାଏ । ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଭାବକୁ ଭାଷା ହିଁ ସୃଷ୍ଟି କରାଇଥାଏ । କ୍ଷୁଦ୍ରଗଳ୍ପ ହେଉଛି ଶବ୍ଦ ବିନ୍ୟାସର ଏକ ଚିତ୍ର ଶାଳା । ପ୍ରତୀକାତ୍ମକ ଭାଷା ର ପ୍ରୟୋଗ କ୍ଷୁଦ୍ରଗଳ୍ପରେ ହୋଇଥାଏ । "ପ୍ରତ୍ୟେକ ଲେଖକର ଭାଷା ଓ ପ୍ରକାଶଭଙ୍ଗୀସ୍ୱତନ୍ତ୍ର । ସମସ୍ତେ ତ ଓଡ଼ିଆରେ ଲେଖୁଛନ୍ତି, କିନ୍ତୁ କେଉଁ ଲେଖକର ଭାଷା ଉପରେ ସଂସ୍କୃତ ଭାଷାରପ୍ରଭାବ ପଡିଛି, ପୁଣି କାହା ଉପରେ ଇଂରାଜୀ ଭାଷାର, ପୁଣି କିଏଜାଣି ଜାଣି ନିପଟ ଆଞ୍ଚଳିକ ଗ୍ରାମ୍ୟ ଭାଷରେ ନିଜ ଭାବ କୁ ପ୍ରକାଶ କରିବାକୁ ଚେଷ୍ଟା କରନ୍ତି।"

ଗଳ୍ପିକା ବୀଣାପାଣି ମହାନ୍ତିଙ୍କ ଙ୍କ କ୍ଷୁଦ୍ରଗଳ୍ପର ଭାଷା ପ୍ରାଥମିକ ସ୍ତରରେ ରୋମାଣ୍ଟିକ ହେଲେ ମଧ୍ୟ ପରବର୍ତ୍ତୀ ରଚନାରେ ବାସ୍ତବଧର୍ମୀ ଓ ଯୁକ୍ତି ରସାଣିତ ହୋଇଛି। ଗାଳ୍ପିକା ଙ୍କ ଭାଷା ଓ ଶୈଳୀ ସମ୍ପର୍କରେ ଡ.ସୁରେନ୍ଦ୍ର କୁମାର ମହାରଣା କହନ୍ତି "ସରଳ ଭାଷା ଓ ଶୈଳୀ ରେ ରଚିତ ତାଙ୍କ ଗଳ୍ପ ଗୁଡିକରେ ପାରମ୍ପରିକ ପ୍ରୀତି ର ପରିଚୟ ସହଜଲବ୍ଧ ଗଳ୍ପିକାଙ୍କ ଭାଷା ସହଜ ଓ ସରଳ । ଲୌକିକ, ଗ୍ରାମୀଣ କଥିତ ଭାଷାରେ ପ୍ରକାଶ କରିବାରେ ସେ ସିଦ୍ଧହସ୍ତ।

ISSN NO.
2582-208X

କେବଳ ବାହ୍ୟ ଘଟଣା ନୁହଁ ଅନ୍ତରର ଅନୁଭୂତିକୁ ପ୍ରକାଶ କରିବାରେ ତାଙ୍କ ଭାଷାର ସାମର୍ଥ୍ୟ ରହିଛି । ତାଙ୍କ ଭାଷା ପ୍ରୟୋଗର ଏକ ଦୃଷ୍ଟାନ୍ତ-"ଅଣ୍ଟାନଇ ପଡ଼ିଛି, ହାଡୁଆଗାଲ, କୋରଡିଆ ଆଖି ଦେଖି କୁଳୁକୁଳୁ ଝରୁଥିବା ପାଣିଚିଆ ଲୁହ ଦେଖି ଚୈତନର ଚେତା ବୁଡ଼ାଇ ଦିଏ ।"

ଅନେକ ଗଳ୍ପରେ ଗ୍ରାମୀଣ ଭାଷାର ପ୍ରୟୋଗ କରିଛନ୍ତି । ଯେଉଁ ଭାଷାରେ ଆମ ଓଡ଼ିଶାର ମଫସଲ ଗାଁ ମାନଙ୍କରେ ଲୋକମାନେ ପ୍ରତିଦିନ କଥା ହୋଇଥାନ୍ତି। କେତକ ସ୍ଥଳରେ ସେ କବିତାର ଭାଷା ମଧ୍ୟ ପ୍ରୟୋଗ କରିଥିବା ଦେଖିବାକୁ ମିଳେ । ତାଙ୍କ ଭାଷା ଗୁଡ଼ିକ ଅତ୍ୟନ୍ତ ସହଜ। ଭାବପ୍ରବଣତାର ବର୍ଣ୍ଣନା ମଧ୍ୟ ସେଥିରେ ଦେଖାଯାଏ । ସତେ ଯେପରି କବିତା ଅନ୍ତଃରିଣ ପ୍ରବାହ ମଧ୍ୟରେ ପ୍ରକାଶ କରିଛି। ତାର ଏକ ନମୁନା ନିଆଯାଇପାରେ "ଅଚାନକ ଚାରିଆଡ଼େ ମାଡ଼ି ମାଡ଼ି ପଡ଼ୁଛି।ଦେହ ଶିର୍ ଶିର୍ କରୁଛି । ସଂଜବେଳାର ସେଇ ଅଧା ଦେଖା ସ୍ୱପ୍ନ.... ପୁଣି ଆଖି ଆଗରେ ଭାସି ଉଠିଲା । ସେଇଠୁ କ'ଣ ହେଲା? କ'ଣ ହେଲାଟି ....? ଦୂରୁ ଦୂରୁ କରି ଭଲରେ କାନ୍ଦୁଥିବା ବୋହୁଟି ଅଧିକରୁ କାନ୍ଦୁରେ ନେଶି ହେଇଗଲା । ଇନ୍ଦୁମତିଙ୍କ ଆଖି ଆଗରେ ପାଉଁଶ ତଳରୁ ନିଆଁ ଚମକି ଉଠିଲା ଭଳି ଅତଳ ସ୍ମୃତିରୁ ମୁଣ୍ଡ ଟୁଙ୍ଗାରି ଉଠିଲା ଛବି ଗୁଡ଼ିକ" ।

ତାଙ୍କର ବାସ୍ତବଧର୍ମୀ ବର୍ଣ୍ଣନା ଯେକୌଣସି ପାଠକକୁ ଆକୃଷ୍ଟ କରେ । ମାନସିକ ଦ୍ୱନ୍ଦ, ଜୀବନ ଯନ୍ତ୍ରଣାର ଆସହାୟତା ଏକ ଚିତ୍ରଭାଷା ମାଧ୍ୟମରେ ଏପରି ଭାବରେ ପ୍ରକାଶ କରିଥାନ୍ତି, ଯେ ପାଠକକୁ ଲାଗେ ସତେ ଯେପରି ଚରିତ୍ର ଗୁଡ଼ିକ ଅତି ଆପଣାର। ଦେଖାଯାଉ ଜୀବନ ଯନ୍ତ୍ରଣାରେ ଅତିଷ୍ଠ "ଅମାନୁଷିକ" ଗଳ୍ପରେ ନିଶିକାନ୍ତ ତା ସ୍ତ୍ରୀକୁ ମାଗିଥିବା ଉପହାର କୁ, ସେ କହିଛି "ମତେ ଭଲ ଲାଗୁନାହିଁ, ମୋର ଆଉ ବଞ୍ଚିବାକୁ ଇଛନାହିଁ। ଜାଣ ମାଧୁରୀ ମୁ ଏତେ ଅସହାୟ ଯେ, ସାମାନ୍ୟ ବିଷ ଟିକେ କିଣି ଆଣି ପାରିବିନି। ତମେ ଅନ୍ତତଃ ମୋତେ ସେତିକି ଦେଇ ଏ ସମସ୍ତ କଷ୍ଟରୁ ତ୍ରାହି କରି ଦିଅନ୍ତିନି ! ସେତିକି ଯଦି ମୋତେ ଜନ୍ମ ଦିନରେ ଉପହାରଦେଇପାରନ୍ତ ମାଧୁରୀ......"

ISSN NO.
2582-208X

ତାଙ୍କ ରଚନାରେ ଦେଶଜ(ଲୋକ ପ୍ରଚଳିତ ଗ୍ରାମ୍ୟ), ଇଂରାଜୀ, ହିନ୍ଦୀ ଶବ୍ଦାବଳୀମାନ ପ୍ରୟୋଗ କରାଯାଇଥିବାର ଦେଖିବାକୁ ମିଳେ ।

ଗ୍ରାମ୍ୟ ଶବ୍ଦାବଳୀ

ମାଇପ, ଭେଣ୍ଡା, ଟୋକା, ଶଳା, ହାବୁକ୍, ଛତରଖାଇ, ହାରମଜାଦା, ଦହ, ମୂରୁଖ, ଗୁଲେଇବା, ଜିଇଁ, ଖେଙ୍କାରି, ନିଧଡକ, ଅଭିଗୁଣିଆ, ଧସାଡ, ଭଣ୍ଡି,ଝିଲାମରିବା, ଧାଁଧପଡ଼ା, ପାଣିଚିଆ, କାଇଲା, ପାତାଳ, ହୁଡୁକା, ଅଘରୀ, ଦୋଚରୁଣୀ, ଦଇବ, ଅପଯଶିଆ ମଇ, ମର୍ଦ୍ଦୁ, ମାଇକିନା, ଛତରା, ମହତା, ସେର, ଜଳ, ଦୀମାକ, ମର୍କଦଶା, ରାଣ୍ଡ, ନୋକ, ମୂତ, ନିଘା କରିବା ଇତ୍ୟାଦି ।

ହିନ୍ଦୀ/ ଉର୍ଦ୍ଦୁ ଶବ୍ଦ

ଅୱାଜ, ତାକତ, ଖାତିର, କୈଫିୟତ,

ଇଂରାଜୀ ଶବ୍ଦ

ସିରିଅସ, ଡିଭିଜନ, ପ୍ଲାସ୍ୱରଭେଜ, ଡିଷ୍ଟର୍ବ, ସେଣ୍ଟିମେଣ୍ଟାଲ, ଟ୍ରେ, ଡ୍ରଇଂରୁମ, ଗେଟ୍, ଲାଇଟ୍, ପେନାଲିଟି, ବାଥରୁମ୍, ରାସ୍କେଲ, ହ୍ୟାଲୋ ଡାର୍ଲିଙ୍ଗ, କରିଡ଼ର ପ୍ରଭୃତି ପ୍ରୟୋଗ କରିଛନ୍ତି ।

ପ୍ରବାଦ ଓ ପ୍ରବଚନ

1. କପାଳ ଲିଖନ କେ କରିବ ଆନ ।
2. ଭୀମ ବଳ କେବଳ କୁନ୍ତୀ ଜାଣେ ।
3. ମୋ ମନ ମୋର ନିଜ ଗୁରୁ ।

ISSN NO.
2582-208X

୨.ଶୈଳୀ

କହିବାର ଭଙ୍ଗୀ ହିଁ ଶୈଳୀ।ଶୈଳୀ ଲେଖକର ସମ୍ପୂର୍ଣ ବ୍ୟକ୍ତିଗତ । ଶୈଳୀ ମଧ୍ୟରୁ ସାହିତ୍ୟିକର ସାମଗ୍ରିକ ରୂପକୁ ଚିହ୍ନି ହୁଏ । ଭାଷା ପ୍ରୟୋଗ ହିଁ କ୍ଷୁଦ୍ରଗଳ୍ପ ର ମୁଖ୍ୟଶୈଳୀ । ବିଷୟ ଉପସ୍ଥାପନାର କୌଶଳ, ଶବ୍ଦ ବର୍ଣ୍ଣନା, ଚୁମ୍ବକୀୟ ଭାଷା ଓ ଏକମୁଖି ରସପ୍ରାଣତା କ୍ଷୁଦ୍ରଗଳ୍ପର ସାର୍ଥକ ଶୈଳୀ, ଯାହାକି କ୍ଷୁଦ୍ରଗଳ୍ପକୁ ମର୍ଯ୍ୟାଦା ପ୍ରଦାନ କରିଥାଏ ।ଉପସ୍ଥାପନାର କୌଶଳ ହିଁ ଶୈଳୀ । ଏଥିରେ ଗାଳ୍ପିକାଙ୍କ ବୈଶିଷ୍ଟ ପ୍ରତିପାଦିତ, ତେଣୁ ପ୍ରତ୍ୟେକ ସ୍ରଷ୍ଟା ଙ୍କ ସ୍ୱତନ୍ତ୍ରତା ଥାଏ ।

ବୀଣାପାଣି ମହାନ୍ତିଙ୍କ ସାରସ୍ୱତସାଧନାର ସମୟ ବେଳକୁ ଓଡ଼ିଆ ସାହିତ୍ୟରେ ଅନେକ ପ୍ରସିଦ୍ଧ ଗଳ୍ପସ୍ରଷ୍ଟା ଥିଲେ । ସେ ନିଜେ ପ୍ରକାଶ କରିଛନ୍ତି ଯେ "ମୋ ଅଗ୍ରଜ ଗୋପୀନାଥ ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ମହାପାତ୍ର ନୀଳମଣି ସାହୁ, ଅନନ୍ତ ପଟ୍ଟନାୟକ, କିଶୋରୀ ଚରଣ ଦାସ ପ୍ରମୁଖଙ୍କ ପ୍ରେରଣାକୁ କେବେବି ଭୁଲିପାରିବିନି।'' ଓଡ଼ିଆ ସାହିତ୍ୟ ତାଙ୍କୁ ଏକ ସ୍ୱତନ୍ତ୍ର ପ୍ରତିଷ୍ଠା ପ୍ରଦାନ କରିଛି। ଶୈଳୀ ଦୃଷ୍ଟିରୁ ତାଙ୍କ ସୃଷ୍ଟି ର ସ୍ୱାତନ୍ତ୍ରତା ପରିଲକ୍ଷିତ ହୁଏ । ତାଙ୍କ ରଚନାରେ ସେ ବର୍ଣ୍ଣନାତ୍ମକ ଶୈଳୀକୁ ଅନୁସରଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଗଳ୍ପର ଚେତନା ରୋମାଣ୍ଟିକ ଥିଲାବେଳେ ପରବର୍ତ୍ତୀ ସମୟରେତାଙ୍କ ଗଳ୍ପ ଗୁଡ଼ିକରେ ସାମାଜିକତାଓ ବାସ୍ତବତାର ଚିତ୍ର ସ୍ଥାନ ପାଇଛି । ନାମ କରଣ ଦୃଷ୍ଟିରୁ ତାଙ୍କ ଗଳ୍ପ ଗୁଡିକ ଯଥାର୍ଥ ଅଟେ । ସେଥିମଧ୍ୟରୁ ଅନେକ ଗଳ୍ପ ପ୍ରତୀକଧର୍ମୀ ଓ ଭାବାତ୍ମକ ଅଟେ । କେତେକ ଗଳ୍ପର ନାମକରଣ ବିଷୟବସ୍ତୁ ଦୃଷ୍ଟିରୁ ନାମିତ କରିଛନ୍ତି । ଯେପରିକି "ପାଟଦେଇ", ସାମାଜିକ ଦାୟିତ୍ୱବୋଧ ତାଙ୍କ ଲେଖନୀରେ ସ୍ଥାନ ପାଇଛି। ଗଳ୍ପ ସଂକଳନରେ ଗାଳ୍ପିକା ସହଜ ଓ ସରଳବାକ୍ୟ ବ୍ୟବହାର କରିଛନ୍ତି ।ବାକ୍ୟଗୁଡ଼ିକ ଛୋଟଛୋଟ ଓ ବ୍ୟବହାର କରାଯାଇଥିବା ଶବ୍ଦ ଗୁଡ଼ିକ ଲୋକମୁଖ ର ଭାଷା ଅଟେ। କିଞ୍ଚିତ ଗଳ୍ପ ଗୁଡ଼ିକରେ କୃତ୍ରିମତା ଦେଖିବାକୁ ମିଳେ। ଯାହାଦ୍ୱାରା ପାଠକ ବାନ୍ଧି ହୋଇ ରହିଥାଏ ।

ISSN NO.
2582-208X

କାହାଣୀ ନିର୍ବାଚନ କରିବା ତାଙ୍କର ଅନ୍ୟ ଏକ ବୈଶିଷ୍ଟ୍ୟ । ତାଙ୍କ କାହାଣୀ ସାଧାରଣ ଗ୍ରାମ୍ୟ ଜୀବନଠାରୁ ଆରମ୍ଭ କରି ସହରୀ ଜଞ୍ଜାଳମୟ ଜୀବନ ପର୍ଯ୍ୟନ୍ତ ବ୍ୟପିଯାଇଛି । ସେମିତି ଗ୍ରାମ୍ୟ ଜୀବନର ଦୃଶ୍ୟ ଦେଖିପାରିବା "ମାଗଣା ଖଟିଆ" ଗଳ୍ପରେ ଓ ସହରୀ ଜୀବନର ଦୃଶ୍ୟ "କାକଟସ" ଓ "ପ୍ରହେଳିକା" ଗଳ୍ପରେ । କଥାବସ୍ତୁର ଗତିକୁ ପ୍ରବାହ କୁହାଯାଏ । ପ୍ରବାହ ଏକ ଶୈଳୀ । ଏଥିରେ ଘଟଣାର ବିକାଶ ଲାଗି ଅବକାଶ ମିଳେ । ଗାଳ୍ପିକାଙ୍କ "ପାଟଦେଇ" ଗଳ୍ପସଂକଳନରେ ପ୍ରତ୍ୟେକ ଗଳ୍ପରେ କାହାଣୀ ପ୍ରବାହ ଶୈଳୀ ରହିଛି । ଶୀର୍ଷକ ଦୃଷ୍ଟିରୁ ପାଟଦେଇର ଗଳ୍ପ ସଂକଳନରେ ପ୍ରତ୍ୟେକ ଗଳ୍ପର ଶୀର୍ଷ ବେଶ୍ ମାର୍ମିକ ହୋଇଛି ଓପରିସମାପ୍ତି ରହିଛି । ସେ ଚରିତ୍ର ଗୁଡ଼ିକ ସମାଜ ର ପ୍ରତ୍ୟେକ ସ୍ତମ୍ଭରୁ ବାଛିଛନ୍ତି। "ପାଟଦେଇ" ଗଳ୍ପ ସଙ୍କଳନରେ "ପାଟଦେଇ'"ଗଳ୍ପଟିରେ କ୍ଷୁଦ୍ର ଗଳ୍ପରେ ସମସ୍ତ ପ୍ରକାରର ଉପାଦାନ ରହିଛି ।ଶୈଳୀ ଦୃଷ୍ଟି ରୁ ଦେଖିଲେ ବୀଣାପାଣି ମହାନ୍ତିଙ୍କ ଗଳ୍ପ ସଙ୍କଳନଟି ଏକ ସାର୍ଥକ କ୍ଷୁଦ୍ରଗଳ୍ପ ର ସଂକଳନ ବୋଲି କହିପାରିବା ।

ଚରିତ୍ର ଚିତ୍ରଣ

ଗଳ୍ପ ରେ କାହାଣୀ ଭାଗ ଓ କଥାବସ୍ତୁ ତ୍ୱରାନିତ କରିବା ପାଇଁ ଚରିତ୍ରର ଆବଶ୍ୟକତା ରହିଛି । ଗଳ୍ପ କେଉଁଠି ଘଟଣାଶ୍ରୟୀ ହୋଇଥିବା ବେଳେ କୋଉଠି ଚରିତ୍ର ପ୍ରଧାନ ମଧ୍ୟ ହୋଇଥାଏ । ଉଭୟ କ୍ଷେତ୍ରରେ ଚରିତ୍ର ର ଆବଶ୍ୟକତା ରହିଛି। ଗଳ୍ପଗୁଡା ଗୋଟିଏ ଦୁଇଟି ଚରିତ୍ର ମାଧ୍ୟମରେ ପ୍ରକାଶ ପାଇଥାଏ। ସୀମିତ ଚରିତ୍ର ମଧ୍ୟରେ କ୍ଷୁଦ୍ରଗଳ୍ପ ଆବଦ୍ଧ। ଏ ଚରିତ୍ର ଗୁଡ଼ିକ ବିଭିନ୍ନ ଧରଣର ହୋଇଥାନ୍ତି । ଯେପରିକି ଆର୍ଥିକ ଦୃଷ୍ଟିରୁ, ସ୍ରମ୍ଭାନ୍ତ ଚରିତ୍ର, ମଧ୍ୟବିତ୍ତ ଚରିତ୍ର, ନିମ୍ନଶ୍ରେଣୀ ଚରିତ୍ର, ବୟସ ଭିତିକ ଦିଗରୁ କିଶୋର-କିଶୋରୀ, ଯୁବକ-ଯୁବତୀ, ପୌଢ- ପୌଢ଼ା ଇତ୍ୟାଦି। ଏହି ଚରିତ୍ର ଗୁଡ଼ିକ ଶିକ୍ଷା ଭିତ୍ତିକ, ଜାତି ଭିଭିକ, ବୃତ୍ତି ଭିତ୍ତିକ ଭେଦରେ ଭିନ୍ନ ହୋଇଥାନ୍ତି। ଗାଳ୍ପିକା ବୀଣାପାଣି ମହାନ୍ତିଙ୍କ ପାଟଦେଇ ସଂକଳନରେ ସାଧାରଣତଃ ଏହି ସବୁ ଚରିତ୍ର ଦେଖିବାକୁ ମିଳେ । ଏଥିରେ ମୁଖ୍ୟ ଚରିତ୍ର ଗୁଡ଼ିକ ହେଲେ ରୂପା, ସୁପ୍ରୀତି, ଯାହ୍ନବି, ଇନ୍ଦୁମତି, ପାଟଦେଇ, ସୁଜାତା ଓ

ISSN NO.
2582-208X

ପୁରୁଷ ଚରିତ୍ର ମଧ୍ୟରେ ଟିପୁ, ଚୈତନ, ଗଣେଶ ,ପ୍ରିୟବ୍ରତ, ନିଶିକାନ୍ତ, ଅରବିନ୍ଦ ଦିଗମ୍ବର, ରବୀନ୍ଦ୍ର, ସୋମିତ୍ର ଇତ୍ୟାଦି I ମୁଖ୍ୟ ଚରିତ୍ର ମାନଙ୍କୁ ସ୍ୱଷ୍ଟ ଭାବରେ ପ୍ରକାଶ କରିବା ପାଇଁ ମଧ୍ୟ କେତେକ ଗୌଣ ଚରିତ୍ରକୁ ଗାଳ୍ପିକା ଏଥିରେ ପ୍ରକାଶ କରିଛନ୍ତି Iଗଳ୍ପ ଗୁଡ଼ିକରେ ପ୍ରାୟ ନାରୀଚରିତ୍ରକୁ ପ୍ରାଧାନ୍ୟ ଦିଆଯାଇଛି । ସ୍ରଷ୍ଟା ନିଜର ଆଦର୍ଶବୋଧ ପ୍ରକାଶ କରିଛନ୍ତି ଏହି ଗଳ୍ପର ଚରିତ୍ର ମାଧ୍ୟମରେ I ନାରୀ ଓ ପୁରୁଷ ଉଭୟଙ୍କୁ ନେଇ ସମାଜ ଗଠିତ । ସମାଜର ସମସ୍ୟା ଗଳ୍ପ ମାଧ୍ୟମରେ ପ୍ରକାଶ କରିବା ପାଇଁ ନାରୀ ଚରିତ୍ର ସହ ପୁରୁଷ ଚରିତ୍ରର ମଧ୍ୟ ଆବଶ୍ୟକତା ରହିଛି । ଗାଳ୍ପିକା ମହାନ୍ତିଙ୍କ ଚରିତ୍ର ନିର୍ବାଚନ କରିବା ପରସ୍ପର ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଲମ୍ବି ଆସିଛି।

"ପାଟଦେଇ"ର ପ୍ରତ୍ୟେକ ଗଳ୍ପରେ ଦେଖିବାକୁ ପାଇବା କେଉଠି ନାରୀ ଟିଏ ପୁରୁଷସମାଜ ଦ୍ୱାରା ନିର୍ଯ୍ୟାତିତ ହୋଇଛି ତ କେଉଁଠି ନାରୀ ପେଟ ପୋଷିବାକୁ ଯାଇ ଦେହଜୀବୀରେ ପରିଣତ ହୋଇଯାଇଛି। "ଚିତ୍ରିତ ଅନ୍ଧାର"ରେ ଆମେ ଦେଖିବାକୁ ପାଇବା ରମା, ଉମା ଅଭାବରେରେ ପଡ଼ି ଖାଇବାକୁ ନ ପାଇ ରୂପଜୀବୀ ରେ ପରିଣତ ହୋଇଛନ୍ତି । ଏହି ଗଳ୍ପରେ ପୁଣି ଦେଖୁବା ଯେ ମାତୃ ରୂପୀ ନାରୀ କିପରି ନିଜ ଝିଅ ମାନଙ୍କୁ ରୂପଜୀବୀ ହେବା କଥା ସହି ନପାରି ନିଜେ ସୃଷ୍ଟି କରିଥିବା ସୃଷ୍ଟିକୁ ନିଜ ହାତରେ ବିଷ ଦେଇ ମାରିଦେଇଛି I

ପୁରୁଷ ପାଇଁ ନାରୀ ମାନଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇଛି ସ୍ୱାମୀ ମାନଙ୍କ ଦ୍ୱାରା ନାରୀ ଚରିତ୍ର ଗୁଡ଼ିକ ଲାଞ୍ଛିତା ଓ ଅପମାନିତ ହେବ ସହ ନିଜର ସ୍ୱାଧୀନତା ହରାଇ ବସିଛନ୍ତି I ନାରୀର ସର୍ବସଂହା ରୁପଟି "ପ୍ରହେଳିକା" ଗଳ୍ପରେ ଦେଖିବାକୁ ପାଇବା।ସୁଜାତା ଚରିତ୍ରଟି ତାର ସ୍ୱାମୀ ସୌମିତ୍ର ର ସମସ୍ତ ପ୍ରକାରର ଖାମଖିଆଲି ଢ଼ଙ୍ଗ କୁ ନିଜର ଭାଗ୍ୟ ବୋଲି ଗ୍ରହଣ କରିନେଇଛି I ପ୍ରେମ କରି ବିବାହ କରିଥିବାରୁ ଅନ୍ୟ ମାନଙ୍କ ସହାନୁଭୂତିରୁ ଅନେକ ଦୂରରେ ରହିଛି ସୁଜାତା I ସୁଜାତାର ସ୍ୱାମୀ ଅନ୍ୟ ନାରୀ ମାନଙ୍କ ସହିତ ସମୟ କଟେଇଥିଲେ ମଧ୍ୟ ସେ କୌଣସି ପ୍ରତିବାଦ କରିନାହିଁ ।ସୌମିତ୍ର ସ୍ୱାମୀ ହେବାର ଅଧିକାର ଜାହିର କରି ସୁଜାତାର ମାତୃତ୍ୱକୁ ବଳି ଦେଇଛି I ସୁଜାତାର ଗର୍ଭସ୍ତ ଶିଶୁକୁ ନଷ୍ଟ

ISSN NO.
2582-208X

କରିଦେଇ ନିଜର ଗୁରୁତ୍ୱ ପ୍ରତିପାଦନ କରିବା ପାଇଁ ଯାଇ କହିଛି – "କିଛିଟା ପାଇବାକୁ ହେଲେ କିଛିଟା ତ୍ୟାଗ କରିବା ପାଇଁ ହୁଏ । ପୃଥିବୀଟା ଏତେ ସହଜ ସରଳ ନିଷ୍କପଟ ନୁହେଁ, ତେଣୁ ସାବଧାନରେ ଚଳିବାକୁ ହେବ।"

"ପାଟଦେଇ" ଗଳ୍ପ ସଂକଳନରେ ଭୋଗସର୍ବସ୍ୱ ଦେହବାଦୀ ନାରୀ ଚରିତ୍ର ଦେଖିବାକୁ ପାଇବା । "କାକଟସ୍" ଗଳ୍ପର ସୁପ୍ରିତୀ ଏହି ଶ୍ରେଣୀର ନାରୀ ଚରିତ୍ର ଟିଏ । ସୁପ୍ରିତୀ ବିବାହିତ ହେଲେ ମଧ୍ୟ ପ୍ରିୟବ୍ରତସହ ଯୌନ ସମ୍ପର୍କ ରଖିଛି । "ମାଗଣା ଖାଟିଆ"ରେ ଗ୍ରାମ୍ୟ ଜୀବନର ଚିତ୍ର ନୁଖୁରୀ ଓ ଗଣେଶ ଚରିତ୍ର ମାଧ୍ୟମରେ ଦେଖିବାକୁ ପାଇବା । ଏହି ଚରିତ୍ର ଦୁଇଟି ସରଳ ବିଶ୍ୱାସୀ । ଚିକିତ୍ସା ପାଇଁ ଆସିଛନ୍ତି ସହରକୁ କିନ୍ତୁ ସହର ଫନ୍ଦିରେ ଭୟଭୀତ ହୋଇ ନିଜ ଗାଁକୁ ଫେରିଯାଇଛନ୍ତି । "ଅଲିଖତ ପୃଷ୍ଠା" ଗଳ୍ପରେ ଜାହ୍ନବୀ ଚରିତ୍ରର କୌଣସି ଦୋଷ ନଥାଇ । ନିଜ ଶାଶୁ ଓ ଦାଦାଶଶୁ ଶଶୁର ଦ୍ୱାରା କଲିକତାରେ ବିକ୍ରି ହେବା ନେଇ ସ୍ଥିର ହୋଇଛି । "ବୋହୁ ବୋହୁକା" ଗଳ୍ପରେ ମଧ୍ୟ ଇନ୍ଦୁମତୀ ଏକ ତ୍ୟାଗର ମୂର୍ତ୍ତି ତଥା  ସର୍ବସଂହା ଚରିତ୍ର ରୂପେ ଗାଳ୍ପିକା ଚିତ୍ରଣ କରି କରିଛନ୍ତି।

ପ୍ରଚଳିତ ସମାଜରେ ନାରୀର ସ୍ଥାନ ଅତି ନଗଣ୍ୟ ରୂପେ ପରିଗଣିତ। ନିଜର ସ୍ଥିତି ବଜାୟ ରଖିବାକୁ ଯାଇ ବହୁ ସଂଘର୍ଷ କରିବାକୁ ପଡିଛି! ପୁରୁଷ ମାନଙ୍କ ଦ୍ୱାରା ନାରୀ ଧର୍ଷିତା ହୋଇଥିଲେ ମଧ୍ୟ ପୁରୁଷ ମାନଙ୍କୁ କୌଣସି ପ୍ରଶ୍ନ ପଚରା ନଯାଇ ନାରୀଟିକୁ ସଦାସର୍ବଦା ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥାଏ । ସେ ନିନ୍ଦା ଅପବାଦରେ ବୁଡ଼ିଯାଏ । "ପାଟଦେଇ" ଗଳ୍ପରେ ପାଟଦେଇ ଗଣଧର୍ଷିତା ହୋଇଛି । ରମ୍ଭୁ, ବିରା, ଗୋପୀ, ମାଗୁଣି,ନରିଆକୁ କେହି ଜଣେ ଦୋଷ ଦେଇ ନାହାନ୍ତି । ପାଟଦେଇଙ୍କୁ କଳଙ୍କିତ ଦୁଃଚରିତ୍ରର ଆଖ୍ୟା ଦେଇଛନ୍ତି । ପୁରୁଷ ପ୍ରଧାନ ସମାଜ ରେ ପୁରୁଷ ପାଇଁ କୌଣସି ନିୟମନାହିଁ । ସତେ ଯେପରି ସବୁ ନିୟମ ନାରୀ ନାରୀ ପାଇଁ ଲାଗୁହୋଇଛି । ପାଟଦେଇ ଗଳ୍ପରେ  ନାରୀମାନଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକୁ କଥାବସ୍ତୁ ରୂପେ ଆଧାରିତ ହୋଇଥିବାରୁ ଏଗୁଡ଼ିକନାରୀ ଚରିତ୍ର ପ୍ରାଧାନ୍ୟ ଲାଭକରିଛି । ନାରୀ ଚରିତ୍ର  ଗୁଡ଼ିକ ତ୍ୟାଗର ମୂର୍ତିମନ୍ତ ବିଗ୍ରହ ରୂପେ ଚିତ୍ରିତ ହୋଇଛନ୍ତି ।

ISSN NO.
2582-208X

"ପ୍ରହେଳିକା" ଗଳ୍ପରେ ସୁଜାତା ଚରିତ୍ର ମା ଓ ମତୃତ୍ୱର ପ୍ରତୀକ ରୂପେ ଚିତ୍ରିତ, ଦାମ୍ପତ୍ୟ ପ୍ରେମ ପାଇଁ ଆଗ୍ରହୀ । ନାରୀ ଚରିତ୍ର ଗୁଡ଼ିକ ଛାଡ଼ି ପାଟଦେଇରେ କେତେକ ପୁରୁଷ ଚରିତ୍ର ମଧ୍ୟ ପାଇବା । ପୁରୁଷ ଚରିତ୍ର ମଧ୍ୟରୁ କେତେକ ମୁଖ୍ୟ ଚରିତ୍ର କେତେକ ଗୌଣ ଚରିତ୍ର ଭାବରେ ଗଳ୍ପ ଗୁଡ଼ିକରେ ସ୍ଥାନ ପାଇଛି । ଗାଳ୍ପିକା ପୁରୁଷ ଚରିତ୍ର ମାନଙ୍କୁ ସମ୍ଭୋଗୀ, କମାତୁର ପୁରୁଷ, ବେକାରୀ ଯୁବକ, ଚାକିରି ଜୀବି ପୁରୁଷ ଓ ତ୍ୟାଗୀ ପୁରୁଷ ରୂପେ ଚରିତ୍ର ଭାବେରେ ଚିତ୍ରିତ କରିଛନ୍ତି ।

"ସାହସୀ" ଗଳ୍ପରେ ଟିପୁ ଚରିତ୍ରକୁ ଦେଖିବା- ପରୀକ୍ଷାରେ ତୃତୀୟ ଶ୍ରେଣୀରେ ପାସ୍ କରିଥିବାରୁ ବାପାଙ୍କର ରାଗ ଓ ଗାଳି ସହିବାକୁ ପଡ଼ିଛି । କିନ୍ତୁ କେହି ଟିପୁ କୁ ବୁଝିବାକୁ ଚେଷ୍ଟା କରିନାହାନ୍ତି । ଆଜିର ଅଭିଭାବକ ମାନେ ପିଲା ମାନଙ୍କ ପାଖରୁ ଅଧିକ ଆଶା ରଖୁଛନ୍ତି ଓ ସେ ଆଶା ପୂରଣ ନହେଲେ ପିଲାମାନଙ୍କ କଥା କେହି ବୁଝିବାକୁ ଚେଷ୍ଟା କରନ୍ତିନି ।ସୁବାସ ଚରିତ୍ର ମଧ୍ୟ ଏପରି ଏକ ଚରିତ୍ର । ବାପାଙ୍କର ସବୁ କଥାରେ ପ୍ରତିବାଦରେ ବିବ୍ରତ ହୋଇପଡ଼ିଛି। ସୁବାସ ପ୍ରଥମେ ଚିଡ଼ିଥିଲେ ମଧ୍ୟ ବାପାଙ୍କର ଅନୁପସ୍ଥିତିରେ ବୁଝିପରିଚି ଯେ ସେ ରାଗ ଭିତରେ ସ୍ନେହଶ୍ରଦ୍ଧା ଥିଲା ।

"ସିଦ୍ଧାର୍ଥ" ଗଳ୍ପରେ ଅରବିନ୍ଦ ଏକ ବେକାରୀ ଯୁବକ। ଗଳ୍ପଟିରେ ଗାଳ୍ପିକା ଅରବିନ୍ଦର ମାନସିକ ଅବସ୍ଥା ଓ ଆର୍ଥିକ ଅନାଟନର ଚିତ୍ର ପ୍ରଦାନ କରିଛନ୍ତି । "ଗପ ଗପ ହେଲେ ବି ସତ" ଗଳ୍ପରେ ମଧ୍ୟ ଆମ ସମାଜରେ କିପରି ରାଜନୀତି ନାମରେ ଦୁର୍ନୀତି ଚାଲିଛି ତାହା ଦର୍ଶାଇବାକୁ ଯାଇ ଗାଳ୍ପିକା ସମାଜ ଓ ରାଜନୀତି କୁ ନେଇ ଏହି ପ୍ରକାର ବସ୍ତୁବଧର୍ମୀ ଗଳ୍ପ ସୃଷ୍ଟି କରିଛନ୍ତି।

ସେ ଗଳ୍ପ ଗୁଡ଼ିକରେ ସାଧାରଣତଃ ନିମ୍ନ ମଧ୍ୟବିତ୍ତ ଶ୍ରେଣୀଓ କେତେକ ସହରୀ ଶିକ୍ଷିତ ଚରିତ୍ରର ସୃଷ୍ଟି କରିଛନ୍ତି । ପାଟଦେଇ ଗଳ୍ପ ସଂକଳନ ରେ ଚରିତ୍ର ଗୁଡ଼ିକ ଅତି ସରଳ ।ଏହି ଚରିତ୍ର ମାଧ୍ୟମରେ ଗାଳ୍ପିକା ସମାଜର ସମସ୍ୟାକୁ ଉପସ୍ଥାପନା କରିଛନ୍ତି ଓ ଚରିତ୍ର ସୃଷ୍ଟି କରିବାରେ ଗାଳ୍ପିକା ବୀଣାପାଣି ମହାନ୍ତି ନିଜର ପରାକାଷ୍ଠା ପ୍ରଦିପାଦନ କରିଛନ୍ତି ।

ISSN NO.
2582-208X

ଉପସଂହାର

ବୀଣାପାଣି ମହାନ୍ତି ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ ଅନୁବାଦିକା ତଥା ଅଧ୍ୟାପିକା ଭାବରେ ପ୍ରତିଷ୍ଠିତ । ଓଡ଼ିଆ ସାହିତ୍ୟରେ ତାଙ୍କରସୃଷ୍ଟି ଚିରନ୍ତନ ହୋଇରହିବ । "ପାଟଦେଇ" ସଙ୍କଳନରେ ସ୍ଥାନ ପାଇଥିବା ଗଳ୍ପଗୁଡିକ ଗୋଟିଏ ଗୋଟିଏ ସଫଳ ଗଳ୍ପ I ଏହି ଗଳ୍ପରେ ନାରୀମାନଙ୍କ ସମସ୍ୟାଗୁଡ଼ିକ ପ୍ରତିଫଳିତ ହୋଇଛି I "ସିଦ୍ଧାର୍ଥ" ଗଳ୍ପରେ ବେକାରୀ ଯୁବକର ସମସ୍ୟା ମାନ ନିଆଯାଇଛି। କେତେକ ଗଳ୍ପରେ ପାରିବାରିକ ସମସ୍ୟାମାନ ନିଆଯାଇଛି। ସାମାଜିକ ବାସ୍ତବତା,ମନନଶୀଳବର୍ଣ୍ଣନା, ସାମାଜିକ ଜୀବନର ବେଦନାବୋଧ, ଅସହାୟତା, ଯୌନଚେତନା, ବିପର୍ଯ୍ୟସ୍ତ ଦାମ୍ପତ୍ୟପ୍ରେମର ଜୀବନଚିତ୍ର ମଧ୍ୟ ଗଳ୍ପଗୁଡିକରେ ସ୍ଥାନପାଇଛି I ପ୍ରତ୍ୟକ ଗଳ୍ପରେ ଚରିତ୍ର ଗୁଡ଼ିକ ଜୀବନ୍ତ ପରି ଦେଖିବାକୁ ମିଳେ I କହାଣୀ ଆରମ୍ଭ ଓ ଶେଷ ପରିସମାପ୍ତି ସହଜ ସରଳ ପରିବେଶରୁ ଆରମ୍ଭ ହୋଇ ଉତ୍କଣ୍ଠାପୂର୍ଣ୍ଣ ପରିସ୍ଥିତି ରେ ସମାପ୍ତ ହୋଇଛି। ସେ ଅନେକ ଗଳ୍ପର ନାମକରଣ ବିଷୟବସ୍ତୁ ଦୃଷ୍ଟିରୁ ନାମିତ କରିଛନ୍ତି ।

ଏହି ଗଳ୍ପସଙ୍କଳନରେ ଗଳ୍ପିକାଙ୍କ ସାମାଜିକ ଦାୟିତ୍ୱବୋଧ ଲେଖନୀରେ ସ୍ଥାନ ପାଇଛି । "ପାଟଦେଇ" ଗଳ୍ପ ସଙ୍କଳନଟି କାହାଣୀ, ଚରିତ୍ର, ଭାଷା ଓ ଶୈଳୀ ନାମକରଣ ଦୃଷ୍ଟିରୁ ଦେଖିଲେ ଏକ ସାର୍ଥକ ଗଳ୍ପ ସଂକଳନ । ଏହା ଏକ କାଳଜୟୀ ସୃଷ୍ଟି । ତାଙ୍କ ପ୍ରତିଭାରେ ଏହା ଏକ ଅନନ୍ୟ ଅସାଧାରଣ କୃତି I ତାଙ୍କର ସୃଷ୍ଟି ସମ୍ପଦ ପରବର୍ତ୍ତୀ ନବସ୍ରଷ୍ଟା ମାନଙ୍କ ପାଇଁ ତଥା ଓଡିଆ ସାହିତ୍ୟ ର ଗଳ୍ପ ବିଭାଗ ପାଇଁ ଏକ ଗୌରବ ର ସ୍ତମ୍ଭ ହୋଇରହିବ ଏଥିରେ ସନ୍ଦେହ ନାହି। ନାରୀ ଲେଖିକା ଭାବରେ ଓଡ଼ିଆ ସାହିତ୍ୟରେ ବୀଣାପାଣି ମହାନ୍ତି ଜଣେ ପ୍ରତିଷ୍ଠିତ ପ୍ରତିଭା ଓ ସେ ନିଜ ପ୍ରତିଭା ବଳରେ ଓଡିଆ ସାହିତ୍ୟର ଇତିହାସରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଯାଇଛନ୍ତିI

ISSN NO.
2582-208X

ସହାୟକ ଗ୍ରନ୍ଥ ସୂଚୀ

୧.ଓଡ଼ିଆ ସାହିତ୍ୟର ଇତିହାସ-ଡକ୍ଟର ସୁରେନ୍ଦ୍ର ମହାରଣା, ପ୍ରକାଶକ-ଫ୍ରେଣ୍ଡସ ପବ୍ଲିଶର।

୨. ଗଳ୍ପ ଓ ଗାଳ୍ପିକା - ପ୍ରଥମ ଭାଗ - ଡ. ନିତ୍ୟାନନ୍ଦ ଶତପଥୀ ।

୩. ପାଟଦେଇ – ବୀଣାପାଣି ମହାନ୍ତି, ପ୍ରକାଶକ – ବିଦ୍ୟାପୁରୀ, କଟକ ।

୪. ବୀଣାପାଣି ମହାନ୍ତିଙ୍କ ସୃଷ୍ଟି ମାନସ - ଡ. ମନ୍ମଥ କୁମାର ପ୍ରଧାନ, ପ୍ରକାଶକ - ଅଗ୍ରଦୂତ, ବାଙ୍କା ବଜାର,କଟକ ।

୫ . ସାହିତ୍ୟର ତାଳପତ୍ର – ଡ଼. ସୁରେନ୍ଦ୍ର କୁମାର ମହାରଣା ।

ଅତିଥି ଅଧ୍ୟାପକ (ଓଡିଆ ଭାଷା ଓ ସାହିତ୍ୟ ବିଭାଗ)
ଢେଙ୍କାନାଳ, ଓଡ଼ିଶା (୮୮୯୫୩୪୯୪୫୭)

www.vedantimagazine.com
ISSN NO.
2582-208X

# ବ୍ରହ୍ମହତ୍ୟା

ବିନୟାନନ୍ଦ ବସ୍ତ୍ରସ୍ୟ

ଦଧିଚିଙ୍କ ଅସ୍ଥି ବଜ୍ର କରି ଇନ୍ଦ୍ର
ବୃତ୍ରାସୁର ବଧ କଲେ,
ସେଥିପାଇଁ ଦେବରାଜ ବ୍ରହ୍ମହତ୍ୟା
ଦୋଷ ମୁଣ୍ଡେ ମୁଣ୍ଡାଇଲେ ।

ବ୍ରହ୍ମହତ୍ୟା ଦୋଷ ବିମୁକ୍ତି ନିମନ୍ତେ
ଅଶ୍ୱମେଧ ଯାଗ କଲେ,
ଦେବଗଣ ମଧ୍ୟେ ଶଙ୍କା ଉପୁଜିଲା
କେଉଁଠି ରଖିବେ ଭଲେ ।

ବ୍ରହ୍ମାଙ୍କ ନିର୍ଦ୍ଦେଶେ ଚାରିଭାଗ ହେଲା
ବ୍ରହ୍ମହତ୍ୟା ତତକ୍ଷଣ,
ଜୀବ କୂଳେ ରହି କଳଙ୍କିତ କରି
କରୁଅଛି ହୀନିମାନ ।

ବ୍ରହ୍ମହତ୍ୟା କେଉଁଠାରେ ତୁ ରହିବୁ
ପଚାରିଲେ ପ୍ରଜାପତି,
ବ୍ରହ୍ମହତ୍ୟା କହେ ଏ ଚାରୋଟି ସ୍ଥାନେ
ରଖ ମୋତେ ମହାମତି ।

ISSN NO.
2582-208X

ପ୍ରଥମ ସ୍ଥାନ ମୋ ବର୍ଷା ଜଳେ ରହି
ନଦୀ ଗର୍ଭେ ଚାରିମାସ,
ପୂର୍ଣ୍ଣଗର୍ଭା କରି ବୁଡ଼ାଇବି ସ୍ଥଳ
କରିବି ପୃଥିବୀ ନାଶ।

ଦ୍ୱିତୀୟ ଭାଗ ମୋ ହୋଇବ କୁହୁଡି
ଜୀବ ଦୃଷ୍ଟି ହେବ ବାଧା,
ଫଳ ବଉଳକୁ ଜାଳିବି ଜଗତେ
ନ ପାଇବେ କେହି ସତ୍ତା।

ତୃତୀୟେ ରହିବି ରମଣୀ ଭଗରେ
ତିନିଦିନ ଯାଏଁ ମୁହିଁ,
କାମ ପ୍ରୀତି ଜ୍ୱାଳା ସଂହାର କରିବି
ଅସ୍ପୃଶ୍ୟ କରିବି ଯାଇଁ।

ଚତୁର୍ଥ ଅଂଶ ମୋ ଅବସ୍ଥାନ ଯାଇ
ହତ୍ୟା ନିକଟେ କରିବ,
ମିଥ୍ୟା ଅପବାଦ ନିର୍ଦ୍ଦୋଷ ବ୍ରାହ୍ମଣ
ଅନ୍ୟ ଜୀବେ ଯେ ମାରିବ।

ରହିଛି ସେଦିନୁଁ ବ୍ରହ୍ମହତ୍ୟା ଆଜି
ଜାଣି ନାହୁଁ ଯେଣୁ କରି,
ଆଚରଣ ମଧ୍ୟେ ଭରିଚୁ ସଭିଏଁ
ବ୍ରହ୍ମହତ୍ୟାକୁ ଆଦରି।

ISSN NO.
2582-208X

୧-{"ଏକୋନାଂଶେନ ବତ୍ସ୍ୟାମି ପୂର୍ଣ୍ଣୋଦାସୁ ନଦୀଷୁ ବୈ
ଚତୁରୋବାର୍ଷିକାନ୍ନାସାନ୍ଦର୍ପଘ୍ନୀ କାମଚାରିଣୀ }

୨-{ଭୂମ୍ୟାମହଂ ସର୍ବକାଳମେକେନାଂଶେନ ସର୍ବଦା ।
ବସିଷ୍ୟାମି ନ ସନ୍ଦେହଃ ସତ୍ୟେନୈତଦ୍ ବ୍ରବିମୀ ବଃ ।।}

୩-{ଯୋଽୟମଂଶତୃତୀୟ ମେ ସ୍ତ୍ରୀଷୁ ଯୌବନଶାଳିଷୁ ।
ତ୍ରିରାତ୍ରଂ ଦର୍ପପୂର୍ଣ୍ଣାସୁ ବସିଷ୍ୟେ ଦର୍ପଘାତିନୀ ।।}

୪-{ହନ୍ତାରୋ ବ୍ରାହ୍ମଣାନ୍ୟେତୁ ମୃଷାପୂର୍ବମଦୂଷକାନ୍ ।
ତାଂଶ୍ଚତୁର୍ଥେନ ଭାଗେନ ସଂଶ୍ରୟିଷ୍ୟେ ସୁରର୍ଷଭାଃ ।।}

(ବାଲ୍ମିକୀ ରାମାୟଣ ଉ.କାଣ୍ଡ)

ବର୍ତ୍ତମାନ ବ୍ରହ୍ମହତ୍ୟା ଦୋଷ ବିଦ୍ୟମାନ ଏହା ନିଃସନ୍ଦେହ।
[ସଂଗୃହୀତ]

ନଆଲ, ଖୋର୍ଦ୍ଧା

ISSN NO.
2582-208X

# ବନ୍ଧୁତା ଆଉ ତମେ



ବର୍ଷାରାଣୀ ମହାମଲ୍ଲୀକ

ଖୁସିରେ ବି ତମେ ଦୁଃଖରେ ବି ତମେ
ଆପତ୍ତିରେ ତମେ ବିପତ୍ତିରେ ତମେ
ତୃପ୍ତି ରେ ବି ତମେ ପ୍ରାପ୍ତିରେ ବି ତମେ
ବନ୍ଧୁ ପରି ବନ୍ଧୁ ଟିଏ ତମେ ଖାଲି ତମେ
ଫିଦିନ ଥାଅ ତମେ ମୋ ସହ
ପ୍ରତିଟି ଦୁର୍ଘଟଣା ଘଟଣା
ଯନ୍ତ୍ରଣା ଯାତନା ସହ
ମୁଁ ବି ଜାବୁଡ଼ି ରଖିଥାଏ ତମକୁ ।

ଯେବେ ନ ଥାନ୍ତି କିହେ ଯେବେ ଆସନ୍ତି ବି ସର୍ବେ
କିଛି ଉପହାର ନେଇ ଅବା ତିରସ୍କାର କରି
ତେବେ ବି ତମେ ଆସ
ସମସ୍ତେ ଆସନ୍ତି ସମସ୍ତେ ଯାଆନ୍ତି
ହେଲେ ତମେ ଯାଅନା
ପରିସରରେ ମୋର ଅଧିକାର ଜମେଇ ବସ ।

ISSN NO.
2582-208X

ତମେ ଛାଡ଼ି ପାରନା ମତେ
ମୋ ଭିତରେ ତମେ କର ଅବସ୍ଥାନ,
ତମେ ବହିଆସ ପୁଣି
ଦିଅ କେତେ ସମବେଦନା।

ତମେ ନିଜ ଠୁଁ ବି ନିଜର
ଆସିଥାଅ କୋହରେ ଜଳୁଥାଏ ଯେବେ ଏ ଅନ୍ତର,
ଧୋଇ ନିଅ ମୋ ଆଖିରୁ
ଉଠିଥିବା ଦୁଃଖର ସମୁଦ୍ର ।

ଜିଲ୍ଲା :ବରଗଡ଼

ISSN NO.
2582-208X

# ସାହେବୀ ଢାଞ୍ଚା



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ଭାରତ ଭୂମିରେ
ବହୁ ଦିନ ଧରି
ଆନ୍ଦୋଳନ ହୋଇଥିଲା
ବହୁ ଘାତ ଆଉ
ପ୍ରତିଘାତ ପରେ
ବିଦେଶୀଙ୍କୁ ହଟାଗଲା ।

ଇଂଲଣ୍ଡ ଦେଶରେ
ଗୋଅଲ ଟେବୁଲ
ବଇଠକ ବସିଥିଲା
ମହାତ୍ମା ଗାନ୍ଧୀଂକୁ
ଯୋଗ ଦେବା ପାଇଁ
ନିମନ୍ତ୍ରଣ ଆସିଥିଲା ।

ଆଣ୍ଠୁ ଉପରକୁ
ଧୋତି ଖଣ୍ଡେ ପିନ୍ଧି
ଦେହ ଘୋଡି ହୋଇ ଥିଲେ
ପାଦ ଦୁଇଟାରେ
ଚପଲ ହଳିଏ
ପିନ୍ଧି ସିଏ ଯାଇଥିଲେ ।

ପଞ୍ଚମ ଜର୍ଜ
ରାଜା ସେତେବଳେ
ପ୍ରାସାଦ ବଂକିମହାମ
ଅନୁମତି ସିଏ
ଜମା ଦେଲେ ନାହିଁ
ଦେଖାଇଲେ ନିଜ ଦମ୍ ।

ISSN NO.
2582-208X

ଚର୍ଚ୍ଚିଲ କହିଲେ
ଲଂଗଳା ଫକୀର
ଉଆସକୁ ଯିବା ମନା
ପରେ ଡାକି ଥିଲେ
ଉଆସ ମଧ୍ୟକୁ
ଗାନ୍ଧୀ ଥିଲେ ବୋଲି  ସିନା।

ପାଦେ ଥିଲା ତାଂକ
ଚମଡା ଚପଲ
ଦେହେ ଗଳା ବନ୍ଧା କୁର୍ତ୍ତା
ପ୍ରବେଶ ତାହାଂକୁ
କରାଇ ଦେଲେନି
ମନ ହୋଇଗଲା ପିତା।

ଆମ ଓଡିଶାରେ
ସେହି ହାକିମାଡି
ଏବେ ବି ଚାଲିଛି ବଂଧୁ
ଶ୍ୟାମ ସୁନ୍ଦର ଯେ
କେଡେ  ସ୍ତମ୍ଭକାର
ପ୍ରବଚନ ତାଂକ ମଧୁ।

ଆମ ଦେଶ ଛାଡି
ବିଦେଶୀ ଗଲେଣି
ଛାଡି ଦେଇଗଲେ ଢାଂଚା
ହାକିମ ତାଂକର
ପୂର୍ଣ୍ଣ କରୁଛନ୍ତି
ତାଂକ ନିଜ ମନବାଞ୍ଛା।

ନିମନ୍ତ୍ରଣ ପାଇ
ଯାଇଥିଲେ ସିଏ
ହାକିମଙ୍କ କ୍ଲଅବକୁ
ପ୍ରବେଶ ପଥରେ
ବାଧା ସୃଷ୍ଟି ହେଲା
ବାଧ୍ୟ ହେଲେ ଫେରିବାକୁ।

ସୁଟେଡ ବୁଟେଡ
କୋଟେଡ ଟାଏଡ
ହେବକୁ ପଡିବ ତହିଁ
ପ୍ରତିହତ ପାଇଁ
ଜିଦଖୋର ଗାନ୍ଧିଜୀ
ହୋଇ ପାରିବେନି କେହି।

ISSN NO.
2582-208X

ବଂକିମହାମ୍ ପରି
ବଡ କ୍ଲବ୍ ଇଏ
ପ୍ରାସାଦ ନ ହେଉ ନାଆଁ
ବଡ ବଡ ହସ୍ତୀ
ଯା' ଆସ କରନ୍ତି
ସାଧାରଣ ପାଇଁ ନାଆଁ।

ଫେରି ଆସି ଶ୍ୟାମ
ଲେଖିଲେ ପ୍ରବନ୍ଧ
ସମାଜ ଛାପିଲା ତାକୁ
ଯେଉଁ ସ୍ୱାଧୀନତା
ମିଳିଛି ଆମକୁ
ଲାଜ ଲାଗେ କହିବାକୁ ।

ମୋ:9937462507

ISSN NO.
2582-208X

# ତମେ



ଯଜ୍ଞଦତ୍ତ ସାମନ୍ତରାୟ

ତମ ପ୍ରେମ ଆଖି
ହସ ହସ ମୁହଁ
ମନକୁ ମୋହର ମୋହିଛି ,
ସେଥିପାଇଁ ପରା
ମନେମନେ ସତେ
ତମକୁ ମୁଁ ଭଲ ପାଉଛି ।

ତମେ ମନ ଦିଅ
ମୁଁ ତମକୁ ଦେବି
ମନ ଦିଆନିଆ ହେବା ,
ତମେ ମୋ ପ୍ରେମିକା
ମୁଁ ତମ ପ୍ରେମିକ
ସଦା ଦୁହେଁ ରହିଥିବା ।

ମୁଁ ଜାଣେ ତମକୁ
ମନ ଦେଇଅଛ
କହିପାରୁ ନାହଁ ଖୋଲି ,

ISSN NO.
2582-208X

ଖୋଲି କହିଦେଲେ
କାଳେ କେ ଜାଣିବ
ପ୍ରେମ କରୁଅଛ ବୋଲି  ।

ମନ ସହ ମନ
ମିଶାଇ ଦେବାଟା
କେବେ ନୁହେଁ ନୀଚ କଥା,
ସେପଥର ସବୁ
ବାଧା ଓ ବନ୍ଧନ
ସମାଜର ବାତୁଳତା  ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ବିଶ୍ୱ ବ୍ରହ୍ମାଣ୍ଡରେ ମଣିଷର ପରିଚୟ



ଡକ୍ଟର କମଳାକାନ୍ତ ଜେନା

ଅନେକ ସମୟରେ ଆମକୁ ନିଜର ପରିଚୟ ଦେବାକୁ ପଡେ । ଆମକୁ କେହି ଆମର ପରିଚୟ ମାଗିଲେ, ପ୍ରଥମେ ଆମେ ନିଜର ନାମ କହୁ ଓ ତା'ପରେ ଠିକଣା ଦେଉ । ଆମର ଠିକଣାରେ ଥାଏ ଆମର ନାମ, ଗ୍ରାମ, ପୋଷ୍ଟ ଅଫିସ ଓ ଜିଲ୍ଲା । ଆମେ କାହାରିକୁ ଚିଠି ଲେଖିଲେ ଯଦି ଆମ ରାଜ୍ୟ ଭିତରେ ଚିଠିଟି ପଠାଇବାର ଥାଏ, ତେବେ ଠିକଣାରେ ଲେଖାଥାଏ ନାଆଁ, ଗାଆଁ, ପୋଷ୍ଟ ଅଫିସ ଓ ଜିଲ୍ଲା । ରାଜ୍ୟ ବାହାରକୁ ଚିଠି ପଠେଇଲେ ଠିକଣାରେ ଜିଲ୍ଲା ପରେ ରାଜ୍ୟର ନାମ ଲେଖାଯାଏ । ସେହିପରି ଦେଶ ବାହାରକୁ ଚିଠି ପଠେଇଲେ ଠିକଣାରେ ରାଜ୍ୟ ପରେ ଦେଶର ନାମ ଲେଖାଯାଏ । ଏଇଟା ହେଉଛି ପୃଥିବୀ ଗ୍ରହ ଭିତରେ ଆମର ପରିଚୟ । ହଁ, ପୃଥିବୀ ହେଉଛି ଆମ ସୌରଜଗତର ଗୋଟିଏ ଗ୍ରହ । ଆମ ସୌରଜଗତରେ ପୃଥିବୀ ପରି ଆହୁରି ୭ଟି ଗ୍ରହ ଅଛନ୍ତି । ଯଦି କେବେ ଆମ ସୌରଜଗତ ଭିତରେ ପୃଥିବୀ ବାହାରେ କୌଣସି ଗ୍ରହରେ ମଣିଷ ଥିବାର ପ୍ରମାଣ ମିଳେ, ସେମାନଙ୍କ ସହିତ ଯୋଗାଯୋଗ କରିବାର ସୁଯୋଗ ଆସେ, ତେବେ ଆମ ଠିକଣାରେ ଟିକିଏ ପରିବର୍ତ୍ତନ ହେବ । ଠିକଣାରେ ଦେଶର ନାମ ପରେ ଗ୍ରହର ନାମ ଲେଖିବାକୁ ହେବ । ଆମ ଠିକଣାରେ ଗ୍ରହର ନାମ ରହିବ - ପୃଥିବୀ । ଗ୍ରାହକ ଠିକଣାରେ ତାଙ୍କ ଗ୍ରହର ନାମ ରହିବ ।

ଆମର ମହାକାଶ ଗବେଷଣା ଯଦି ଜାରିରହେ, ତେବେ ଠିକଣା ସେତିକିରେ ଶେଷ ହେବ ନାହିଁ । ଆମର ଅସଲ ଠିକଣା ଓ ପରିଚୟ ଜାଣିବା ପାଇଁ ଆମେ ପ୍ରଥମେ ଆକାଶକୁ

ISSN NO.
2582-208X

ଚାହିଁବା ଦରକାର । ଆକାଶରେ ଆମେ ଦେଖୁ ଦିନରେ କେବଳ ଗୋଟିଏ ସୂର୍ଯ୍ୟ, ଏବଂ ରାତିରେ ତାରାଗଣ ଓ ଚନ୍ଦ୍ର । ସତ କହିଲେ, ଆମର ସୂର୍ଯ୍ୟ ମଧ୍ୟ ଗୋଟିଏ ତାରା ବା ନକ୍ଷତ୍ର । ଅନ୍ୟ ତାରାମାନଙ୍କ ତୁଳନାରେ ସୂର୍ଯ୍ୟ ଆମର ଅତି ନିକଟରେ ଥିବାରୁ ତାହା ଆମକୁ ଆଲୋକ ଓ ଉତ୍ତାପ ଦେଇପାରୁଛି । କିନ୍ତୁ ତାରାଗୁଡିକ ଅନେକ ଦୂରରେ ଥିବାରୁ ତାଙ୍କର ଉତ୍ତାପ ଆମେ ଅନୁଭବ କରିପାରୁ ନାହେଁ । କିନ୍ତୁ ସେମାନଙ୍କ ପାଖରୁ ଅଲୋକ ଆସି ଆମ ପାଖରେ ପହଂଚିପାରୁଛି ବୋଲି ଆମେ ତାଙ୍କୁ ଦେଖିପାରୁ । ଆଶ୍ଚର୍ଯ୍ୟର କଥା, ଆମ ସୂର୍ଯ୍ୟ ତୁଳନାରେ ରାତିରେ ଦିଶୁଥିବା ତାରାଗୁଡ଼ିକ ଅନେକ ବଡ । ଅନେକ ତାରାର ଆକାର ସୂର୍ଯ୍ୟର ଆକାର ତୁଳନାରେ ୪୦୦ ଗୁଣରୁ ମଧ୍ୟ ବଡ଼ ହେବ । କିନ୍ତୁ ବହୁତ ଦୂରରେ ଅଛନ୍ତି ବୋଲି ଛୋଟ ଦିଶନ୍ତି ।

ରାତିରେ ବସି ଧୈର୍ଯ୍ୟର ସହିତ ତାରାଗୁଡ଼ିକୁ ଗଣିଲେ ସେମାନଙ୍କ ସଂଖ୍ୟା ପ୍ରାୟ ୪,୦୦୦ ହେବ । ତଥାପି ସମୁଦାୟ ତାରା ସଂଖ୍ୟା ସେତିକି ନୁହଁ । ପୃଥିବୀର ଆକୃତି କମଳାଲେମ୍ବୁ ପରି । ଆମ ପୃଥିବୀ ଗ୍ରହକୁ ଚାରିପାଖରୁ ତାରାଗୁଡିକ ଘେରି ରହିଛନ୍ତି । ପୃଥିବୀର ଗୋଟିଏ ପାର୍ଶ୍ୱରୁ ଆମେ ତାରାମାନଙ୍କୁ ଦେଖୁ । ଅନ୍ୟ ପାର୍ଶ୍ୱରୁ ଦେଖିଲେ ଆହୁରି ତାରା ପାଇବୁ । ଉଭୟ ପାର୍ଶ୍ୱରୁ ଗଣାଯାଇଥିବା ତାରାମାନଙ୍କୁ ମିଶେଇଲେ ୧୦,୦୦୦ (ଦଶ ହଜାର) ହେବ । ଏଇ ସଂଖ୍ୟା ମଧ୍ୟ ଅତି ନ୍ୟୁନ । କାହିଁକି ନା, ଖାଲି ଆଖିରେ ଆମେ ଅତି ଦୂରରେ ରହିଥିବା ନକ୍ଷତ୍ରମାନଙ୍କୁ ଦେଖି ପାରୁନାହି । ଯଦି ନକ୍ଷତ୍ରମାନଙ୍କୁ ଦେଖିବା ପାଇଁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଏ, ତେବେ ତାରା ସଂଖ୍ୟା ପ୍ରାୟ ଶହେଗୁଣ ହେବ, ଅର୍ଥାତ୍ ୧୦,୦୦,୦୦୦ (ଦଶ ଲକ୍ଷ) ହେବ । ତଥାପି, ନକ୍ଷତ୍ରମାନଙ୍କର ପ୍ରକୃତ ସଂଖ୍ୟାଠାରୁ ଆମେ ଅନେକ ପଛରେ । ପ୍ରକୃତ କଥା ହେଲା ଆମେ ଏକ ସଂଗରେ ସବୁ ତାରାକୁ ଦେଖିବା ଅସମ୍ଭବ । ନକ୍ଷତ୍ରମାନଙ୍କୁ ନେଇ ବିଶ୍ୱବ୍ରହ୍ମାଣ୍ଡ ଗଠିତ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଭିତରେ ପୃଥିବୀ ଏକ ଧୂଳିକଣା ପରି । ଯେମିତି ଘନ ଅରଣ୍ୟ ଭିତରେ ଛିଡ଼ା ହୋଇ ଅରଣ୍ୟରେ ଥିବା ସବୁ ଗଛକୁ ଦେଖିହୁଏ ନାହିଁ କି ଗଣିହୁଏ ନାହିଁ, ଠିକ୍ ସେମିତି ଧୂଳିକଣା ସଦୃଶ ପୃଥିବୀ ଉପରେ ଛିଡ଼ାହୋଇ ସମଗ୍ର ବିଶ୍ୱକୁ ଦେଖିବା ସମ୍ଭବ ନୁହେଁ ।

ISSN NO.
2582-208X

ଆମର ପୃଥିବୀଗ୍ରହ ଶୂନ୍ୟରେ ଭାସମାନ ଅବସ୍ଥାରେ ରହି ସୂର୍ଯ୍ୟ ଚାରିପଟେ ବୁଲୁଛି । ସୂର୍ଯ୍ୟକୁ ଅନ୍ୟ ଯେଉଁମାନେ ପ୍ରଦକ୍ଷିଣ କରନ୍ତି ସେମାନେ ହେଲେ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ୍ ଓ ନେପଚୁନ୍ ଆଦି ଗ୍ରହ, ଗ୍ରହମାନଙ୍କର ଉପଗ୍ରହ, ବାମନଗ୍ରହ, ଗ୍ରହାଣୁପୁଞ୍ଜ, ଧୂମକେତୁ ଏବଂ ଆହୁରି ଅନେକ ମହାଜାଗତିକ ଧୂଳିକଣା । ଏମାନଙ୍କୁ ନେଇ ଗଠିତ ଆମ ସୌରଜଗତ (ସୋଲାର୍ ସିଷ୍ଟମ୍) । ବିଶ୍ୱବ୍ରହ୍ମାଣ୍ଡରେ ଆମ ସୌରଜଗତ ପରି ଲକ୍ଷ ଲକ୍ଷ ସୌରଜଗତ ରହିଛି । ପ୍ରତ୍ୟେକ ସୌରଜଗତ ମଝିରେ ସୂର୍ଯ୍ୟ ପରି ବିଶାଳ ତାରାଟିଏ ରହିଥାଏ ଏବଂ ସେହି ତାରା ଚାରିପଟେ କେତେକ ମହାକାଶୀୟ ପିଣ୍ଡ ମାଧ୍ୟାକର୍ଷଣ ବଳ ଦ୍ୱାରା ଟାଣି ହୋଇ ବୁଲୁଥାଆନ୍ତି । ଶବ୍ଦ ସିନା ଏକ ସେକେଣ୍ଡ ଭିତରେ ୩୪୦ ମିଟର ବାଟ ଯାଇପାରେ, କିନ୍ତୁ ଆଲୋକ ଏକ ସେକେଣ୍ଡ ସମୟ ଭିତରେ ୩ ଲକ୍ଷ କିଲୋମିଟର ଯାଇପାରେ । ସୂର୍ଯ୍ୟ ପାଖରୁ ଆଲୋକ (କିରଣ) ଆସି ତୃତୀୟ ଗ୍ରହ ପୃଥିବୀ ପାଖରେ ପହଂଚିବା ପାଇଁ ଲାଗେ ୮ ମିନିଟ୍ ୧୯ ସେକେଣ୍ଡ । କିନ୍ତୁ ୮ମ ଗ୍ରହ ନେପଚୁନ୍ ପାଖରେ ପହଂଚିବା ପାଇଁ ୪ ଘଂଟାରୁ ଅଧିକ ସମୟ ଲାଗେ । ନେପଚୁନ୍ ପରେ ଆମର ସୌରଜଗତରେ ଆହୁରି ଅଗଣିତ ପିଣ୍ଡ ରହିଛନ୍ତି । ତେଣୁ ଆମର ସୌରଜଗତ କେତେ ବଡ଼, ଏଇଥିରୁ ଅନୁମାନ କରାଯାଇପାରେ ।

ଆମ ପୃଥିବୀର ଆକାର ସହିତ ତୁଳନା କଲେ, ସୌରଜଗତର ଆକାର ଆହୁରି ବିଶାଳ । କିନ୍ତୁ, ଆମର ବିଶାଳ ସୌରଜଗତ ଯାହାର ଏକ କ୍ଷୁଦ୍ରାତି କ୍ଷୁଦ୍ର ଅଂଶ, ସିଏ ହେଉଛି ଛାୟାପଥ "ଆକାଶଗଂଗା' । ଆମେ ଦେଖୁଥିବା ସମସ୍ତ ତାରା ସେଇ ଛାୟାପଥରେ ଅବସ୍ଥିତ। ୪ ପରେ ୧୧ଟି ଶୂନ ଦେଲେ ଯେତିକି ହେବ, ଆମ ଆକାଶଗଙ୍ଗା ଛାୟାପଥରେ ଅତି କମରେ ସେତିକି ସଂଖ୍ୟକ ତାରା ଅଛନ୍ତି । ରାତିରେ ତାରାଗୁଡିକ ପରସ୍ପର ଭିଡ଼ି ଭିଡ଼ି ରହିଥିବା ପରି ମନେ ହେଉଥିଲେ ବି ସେମାନଙ୍କ ଭିତରେ କୋଟି କୋଟି କିଲୋମିଟର ବ୍ୟବଧାନ ରହିଛି । ତେଣୁ ଗୋଟିଏ ଛାୟାପଥର ଆକାର କେତେ ବିରାଟ, ତାହା ଏଇ କଥାରୁ ଅନୁମାନ କରାଯାଇପାରେ । ଆମ "ଆକାଶଗଂଗା' ଛାୟାପଥର ଗୋଟିଏ ପଟରୁ ବାହାରି ଅନ୍ୟ ମୁଣ୍ଡରେ ପହଂଚିବା ପାଇଁ ଆଲୋକକୁ ୧,୦୦,୦୦୦ ବର୍ଷ ଲାଗିଯାଏ ।

ISSN NO.
2582-208X

ଆମ ପାଇଁ, ଆମ ଗ୍ରହ ପାଇଁ କିମ୍ବା ଆମ ସୌରଜଗତ ପାଇଁ ଛାୟାପଥ "ଆକାଶଗଙ୍ଗା' ବିଶାଳ ହୋଇପାରେ । କିନ୍ତୁ ଏଇ ବିଶାଳ ଛାୟାପଥ "ଆକାଶଗଙ୍ଗା" ବିଶ୍ୱବ୍ରହ୍ମାଣ୍ଡ ତୁଳନାରେ ଅତି କ୍ଷୁଦ୍ର । ବିଶ୍ୱବ୍ରହ୍ମାଣ୍ଡର ଏକ ନିହାତି ଛୋଟିଆ ଅଂଚଳରେ "ଆକାଶଗଂଗା' ରହିଛି । ସତକଥା ହେଉଛି, "ଆକାଶଗଂଗା' ପରି ଓ ତା' ଠାରୁ ବଡ଼ ବଡ଼ ଛାୟାପଥକୁ ନେଇ ବିଶ୍ୱବ୍ରହ୍ମାଣ୍ଡ ତିଆରି ହୋଇଛି । ୧୨୫ ପରେ ୯ଟି ଶୂନ ଲେଖିଲେ ଯାହା ହେବ, ବିଶ୍ୱବ୍ରହ୍ମାଣ୍ଡରେ ଅତି କମରେ ସେତିକି ସଂଖ୍ୟକ ଛାୟାପଥ ଅଛି । ତେଣୁ ହିସାବ କଲେ, ୭ ପରେ ୨୨ ଗୋଟି ଶୂନ ଲେଖିଲେ ଯାହା ହେବ, ବିଶ୍ୱବ୍ରହ୍ମାଣ୍ଡରେ ଅତି କମ୍ ରେ ସେତିକି ସଂଖ୍ୟକ ତାରା ବା ନକ୍ଷତ୍ର ରହିଛନ୍ତି । ଆମ ରାଜଧାନୀ ଏକ୍ସପ୍ରେସ୍ ଘଂଟାକୁ ସିନା ୧୩୦ କିଲୋମିଟର ଯାଏ, କିନ୍ତୁ ଏକ ସେକେଣ୍ଡରେ ଯାଏ ମାତ୍ର ୩୬ ମିଟର । ସେହିପରି ଉଡ଼ାଜାହାଜ ଏକ ସେକେଣ୍ଡରେ ଯାଏ ମାତ୍ର ୨୪୦ ମିଟର ଓ ଆମ ରକେଟ୍ ଏକ ସେକେଣ୍ଡରେ ଯାଏ ମାତ୍ର ୪୦୦୦ ମିଟର ବା ୪ କିଲୋମିଟର । ଏମାନଙ୍କର ବେଗକୁ ଦେଖିଲେ ଆଲୋକ ଢେର୍ ଚଂଚଳିଆ । କିନ୍ତୁ ଏକ ସେକେଣ୍ଡ ସମୟ ଭିତରେ ୩ ଲକ୍ଷ କିଲୋମିଟର ଯାଇପାରୁଥିବା ଦ୍ରୁତଗାମୀ ଆଲୋକକୁ ଗୋଟିଏ ନକ୍ଷତ୍ରରୁ ବାହାରି ଆଉ ଗୋଟିଏ ନକ୍ଷତ୍ରରେ ପହଂଚିବା ଲାଗି ୪-୫ ବର୍ଷ ଲାଗିଯାଏ । ସେତିକି ସେତିକି ବ୍ୟବଧାନରେ ଏତେ ଗୁଡିଏ ନକ୍ଷତ୍ର ଜେଉଁ ବିଶ୍ୱବ୍ରହ୍ମାଣ୍ଡରେ ରହିଛନ୍ତି, ସେହି ବିଶ୍ୱବ୍ରହ୍ମାଣ୍ଡର ଆକାର କେତେ ବିଶାଳ ହୋଇ ନଥିବ । ସେହି ବିଶ୍ୱବ୍ରହ୍ମାଣ୍ଡ ସହିତ ତୁଳନା କଲେ ଆମ ପୃଥିବୀର ଆକାର ଏକ ଧୂଳି ସଦୃଶ । ପୃଥିବୀର ଆକାର ସହିତ ମଣିଷର ଶରୀରକୁ ତୁଳନା କଲେ, ଧୂଳିକଣାକୁ ବି ମଣିଷ ସରି ହେବ ନାହିଁ । ମଣିଷ ନିଜକୁ ଯେତେ ବୁଦ୍ଧିମାନ ଓ ଚତୁର ବୋଲି ଦାବି କଲେ ବି ବିଶ୍ୱବ୍ରହ୍ମାଣ୍ଡରେ ସେ ଗୋଟିଏ ବିନ୍ଦୁ ଭଳି, ଯାହାର ଦୈର୍ଘ୍ୟ-ପ୍ରସ୍ଥ-ଉଚ୍ଚତା ନାହିଁ, କେବଳ ଅବସ୍ଥିତି ରହିଛି ।

ଓ.ଇ.ଏସ୍.-୧, ବିଜ୍ଞାନ ବିଶେଷଜ୍ଞ
(ଓଡ଼ିଶା ବିଜ୍ଞାନ ଏକାଡେମୀ), ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ,
ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ,
ଭଦ୍ରକ/ଫୋନ୍-୯୪୩୯୫୦୧୭୫୧

ISSN NO.
2582-208X

# ଜଳଥିଲ ହୋଇ ତୁମେ ଦୀପର ସଳତା



ରାଜକଶୋର ସ୍ୱାଇଁ

ସବୁଦିନ ରହିବେନି ଏହି ଦୁନିଆଁରେ
ଆମେ ସବୁ ବନ୍ଧା ପ୍ରକୃତିର ନିୟମରେ
ମାତ୍ର ତୁମେ ବ୍ୟତିକ୍ରମ ହେ ଉତ୍କଳମଣୀ
ଯେଣୁ ରଚିଗଲ ବହୁ ଅଭୁଲା କାହାଣୀ ।୧ ।

ବୁଲିବୁଲି କରୁଥିଲ ଦୁଃଖୀଜନ ସେବା
ତୁମ ହାବଭାବ କରୁଥିଲା ତାଙ୍କୁ କାବା
ଅତି ସାଧାରଣ ଥିଲା ତୁମ ବେଶଭୂଷା
ସେବା ଯୋଗେ ତାଙ୍କ ମନେ ବାନ୍ଧିଥିଲ ବସା ।୨ ।

ବୁଝିଥିଲ ଓଡିଆଙ୍କ ଅନ୍ତରର ବ୍ୟଥା
ମାତୃଭୂମି ପ୍ରତି ଥିଲା ଅକୁଣ୍ଠ ମମତା
ଆଲୋକିତ ଲାଗି ଆମ ଜୀବନର ଯାତ୍ରା
ଜଳିଥିଲ ହୋଇ ତୁମେ ଦୀପର ସଳିତା ।୩ ।

ସମାଜସେବାକୁ କରିଥିଲ ମୁଖ୍ୟ ନିଶା
ଜନଜୀବନକୁ ଦେଖାଇଲ ନୂଆ ଦିଶା ।
ଜୀବନ ସାରା କରିଲ ଏ ବ୍ରତ ପାଳନ
ପାଲଟିଲ ଓଡିଆଙ୍କ ହୃଦୟ ସ୍ପନ୍ଦନ ।୪ ।

ISSN NO.
2582-208X

ଏକଇ ମୁଦ୍ରାର ଦୁଇ ପାର୍ଶ୍ୱର ସମାନ
ସେବା ଆଉ ତ୍ୟାଗ ବଳେ ତୁମେ ମହୀୟାନ ।
ଯେତେଦିନ ଥିବ ରହି ଏ ଓଡିଆ ଜାତି
ମନେ ରଖିଥିବ ତୁମ ନିଷ୍ଠା ସେବା ପ୍ରତି ।୫ ।

ଛାପୁଥିଲ ଓଡିଆରେ ଖବର କାଗଜ
ବାଛିକରି ରଖିଥିଲ ନାଆଁ ତା ସମାଜ,
ନିଆରା ଭାବେ ଖବର କରି ପ୍ରକାଶନ
ସବୁରି ମନ ମୋହୁଛି ତୁମ ଅନୁଷ୍ଠାନ ।୬ ।

ବଣମଲ୍ଲୀରୁ ଆକାଶ ମଲ୍ଲୀ ପାଲଟିଲ
ରାଇଜକୁ ବାସନାରେ ମହକାଇ ଦେଲ
ଦିନ ଯାଏ ଚିହ୍ନ ରହେ ହେ ମହାପୁରୁଷ
ସବୁଦିନ ପାଇଁ ତୁମେ ଏ ଜାତି ନମସ୍ୟ ।୭ ।

ଅଭାବରେ ଦୁଃଖୀରଙ୍କି ହେଉଛନ୍ତି ପେଷି
ହସ ଫୁଟାଇବା ତାଙ୍କ ମୁହେଁ ଆମେ ମିଶି
ସୁଖ ତେଜି ନିଜ ସ୍ୱାର୍ଥ ଯିବା ଯଦି ଭୁଲି
ହେବ ତୁମ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଆମ ଓଡ଼ିଆ

# ପଖାଳ



କାଳପ୍ରସାଦ ମହାପାତ୍ର

## ବିଶ୍ୱ ପଖାଳ ଦିବସ ଉପଲକ୍ଷରେ

ପଖାଳ ଦିବସେ ମନେ ପଡୁଛି କି
ପଖାଳ କଂସାର କଥା
ପଖାଳ ଆମର ନିଉତି ପରଷା
ନଖାଇଲେ ଘୁରେ ମଥା ।

ପଖାଳ ଖାଇକି ଗଢ଼ିଲା କୋଣାର୍କ
ବାରଶ'  ବଢ଼େଇ ଭାଇ
କଳିଙ୍ଗ ଯୁଦ୍ଧରେ ନୁଆଁଇ ନି ମୁଣ୍ଡ
ପଖାଳ ଭାତକୁ ଖାଇ ।

ବିଦେଶକୁ ଯାଇ ବେପାର ବଣିଜେ
ଆଣିଲେ କେତେ ଦରବେ
ସାଧବେ ଆଣିଲେ ଧନ ଦୌଲତ
ପଖାଳ ଖାଇ ସରବେ ।

ISSN NO.
2582-208X

ପ୍ରଭୁ ଜଗନ୍ନାଥ ପଖାଳେ ଆନନ୍ଦ
ଦହିପଖାଳରେ ମନ
ବିଶ୍ୱ ଦରବାରେ ପଖାଳ କଂସାଟି
ଓଡ଼ିଆର ଅମୂଲ୍ୟ ଧନ ।

ପଖାଳ ସାଙ୍ଗକୁ ଶାଗ ବଡ଼ିଚୁରା
ପିଆଜ ରସୁଣ ଖୋଜା
ଅଜାଆଇଙ୍କର ପଖାଳ ଖିଆଟି
ଦେଖିବାକୁ ଲାଗେ ମଜା ।

ଗୋପବନ୍ଧୁ, ହରିହର ମଧୁବାବୁ
ହରେକୃଷ୍ଣ ମହତାବ
ବିର୍ସାମୁଣ୍ଡା ଆଉ ଲକ୍ଷ୍ମଣ ନାୟକ
ପଖାଳରେ ତାଙ୍କ ଭାବ ।

ପଖାଳକୁ ଖାଇ ଓଡ଼ିଆ କୃଷକ
ରକତକୁ ପାଣିକରି
ଫଳାଏ କ୍ଷେତରେ ସୁନାର ଫସଲ
ଧାନ ଓ ମାଣ୍ଡିଆ ବିରି ।

ଓଡ଼ିଆ ଆମରି ବହୁତ ବଢିଆ
ପଖାଳ କଂସାଟେ ଖାଇ
ବିଶ୍ୱ ପଖାଳକୁ ଆମର ଆଦର
ପଖାଳ ଦିବସ କହି ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# କହି ପାରିଲିନି କେବେ



ସୁଧୀର ମେହେର

କଥାଟିଏ କହିବି କହିବି ବୋଲି
କହି ପାରିଲିନି କେବେ ।।

ବେଶ୍ ଥର ଭାବିଛି,
ଏଥରକ ଭେଟ ହେଲେ
ସବୁକିଛି କହିଦେବି-ଛାତି ତଳର
ମାନ, ଅଭିମାନ....
ଅଧରାତିର ସାଇତା ସପନ,
ହେଲେ, କେବେ କହି ପାରିଛି କି !
ତମେ ଆସିଛ,ଝଡ ପରି ଲେଉଟି ଯାଇଛ
ମୁଗ୍ଧ ପ୍ରେମିକାଟେ ଭଳି
ଚାହିଁ ରହିଥାଏ କେବଳ ତମ ଯିବା ବାଟକୁ ।।

ବେଶ୍ ସମୟ ପରେ ଜାଣେ-
ତମେ ଫେରି ଯାଇଛ,
ଘରସାରା ବିଛେଇ ହୋଇ ପଡିଛି
ତମ ଦେହର ସୁଗନ୍ଧ,
ଆଖି ମୋର ତନ୍ଦ୍ରାୟିତ....

ISSN NO.
2582-208X

ଛାତି ତଳ  ଭାରି ଭାରି....
ଭିତରେ ଭିତରେ ପୋଡି ହେଇ
ଯାଉଥାଏ ଗୋଟେ ସୁଶୋଭିତ  ପଦ୍ମବଣ  ।।

ଆହାଃ.....
ପୁଣି କେବେ ଦେଖା ହେବ ଯେ!

କହିବି କହିବି ହୋଇ
କହି ପାରିଲିନି କେବେ-ମୁଁ ତମକୁ
କେତେ ଭଲ ପାଏଁ ।।

ଚର୍ଚ୍ଚିଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ବିକ୍ଷିପ୍ତ ଏ ପ୍ରତିଧ୍ୱନି



ଲିଜା ପଣ୍ଡା

ଛବି ର ସୋନ୍ଦର୍ଯ୍ୟେ ବିମୁଗ୍ଧ ପ୍ରେୟସୀ
ସାଜେ ଅନଭିଜ୍ଞ ପ୍ରତିକ୍ଷଣ ।
ସଂସାର ବୁକୁରେ ଉଡିବୁଲେ ପୁଣି
ପକ୍ଷୀ ସାଜି ପ୍ରତିକ୍ଷଣ ।।

ନିୟନ୍ତ୍ରଣାଧୀନ ନହୋଇ ସେ ମଣେ
ବିବେକ ବାର୍ତ୍ତା କୁ ହେୟ ।
ଚଗଲୀ ମନର ଚଞ୍ଚଳ ପଣ କୁ
ଦିଏ ଅଗ୍ରଗାମୀ ଶ୍ରେୟ ।।

ଉଦିପ୍ତ ଆଶା କୁ କରେ ଉଜ୍ଜୀବିତ
ନାନା ପ୍ରୟାସ ର ଅନ୍ତେ ।
ନବଚେତନା ର ମଧୁର ପ୍ରେମର
ସ୍ୱାଦ ପରଖିବା ନିମନ୍ତେ ।।

ISSN NO.
2582-208X

ନବଦିଗନ୍ତ ରେ ମନ ର କୁମାର
ମିଳିଯାଏ ପୁଣି ତାକୁ ।
ପାଖେ ରହେ କେବେ ଉଡିଯାଏ ପୁଣି
ଧରା ଦିଏ ନାହିଁ ତାକୁ ।।

ମନର କ୍ଷୋଭ କୁ ମନରେ ମାରି ସେ
ପ୍ରତିକ୍ଷଣ କାନ୍ଦୁଥାଏ ।
କେବେ ପାଲଟିବ ସପନ ତା ସତ
ଚିରକାଳ ଭାବୁଥାଏ ।।

ଅସହ୍ୟ ବେଦନା ବକ୍ଷ ରେ ସାଇତି
ସାଜେ ବଡ ସ୍ୱାଭିମାନୀ ।
ବିରହ ଦଗ୍ଧ ରେ ପ୍ରଜ୍ୱୋଳିତ ହୋଇ
ପାଲଟେ ସେ ଅଭିମାନୀ ।।

ନାନା ଯନ୍ତ୍ରଣା କୁ ପାସୋରି ସେ ପୁଣି
କରେ ପ୍ରେମିକ ପଥକୁ ପ୍ରତୀକ୍ଷା ।
ବିଶ୍ୱାସ ର ବହ୍ନି ହୃଦୟେ ସଂଚାରୀ
ନିତ୍ୟ କରିଥାଏ ଅପେକ୍ଷା ।।

କାମନା ହିଲ୍ଲୋଳେ ବଶବର୍ତ୍ତୀ ସାଜି
ରହେ ସଦା ଏକାକିନୀ ।

ISSN NO.
2582-208X

ପ୍ରେମର ତୃଷ୍ଣାରେ ଚାତକ ସେ ସାଜେ
ହୁଏ ପୂତ ତପସ୍ୱିନୀ ।।

ଆକାଂକ୍ଷା ପୃଷ୍ଠା କୁ ନିତ୍ୟ ଲେଉଟାଏ
ଜାଗୃତି ର ଏକାକିନୀ ।
ପ୍ରାପ୍ତି ର କାମନା ଶୁଣିପାରେ ନାହିଁ
ବିକ୍ଷିପ୍ତ ଏ ପ୍ରତିଧ୍ୱନି ।।

ତଗ୍ଣ୍ଣୋ, କେନ୍ଦ୍ରାପଡ଼ା - ୭୫୪୨୫୧
ଫୋନ୍ ନମ୍ବର - ୭୬୦୭୯୭୭୨୪୬
ଇମେଲ୍ - pandaliza1234@gmail.com

ISSN NO.
2582-208X

# ଗରିବ ଲୋକ



ସିଦ୍ଧେଶ୍ୱର ତ୍ରିପାଠୀ

ସାହୁ ବାବୁ ଚାକିରୀ ଖଣ୍ଡେ କରିଥିଲେ । ଏବେ ପେନସନ ପାଉଛନ୍ତି ଚାକିରୀ କାଳ ଭିତରେ ବହୁ କଷ୍ଟରେ ପାଞ୍ଚଟି ଝିଅକୁ ବାହା କରି ଦେଇଛନ୍ତି । ପୁଅକୁ ଚାହିଁ ଚାହିଁ ପାଞ୍ଚଟି ଝିଅ ହେଇଗଲେ । ପୁଅ ତାଙ୍କ ଭାଗ୍ୟରେ ନାହିଁ ଏମିତି କହି ହୁଅନ୍ତି ସାହୁ ବାବୁ । ଛୋଟିଆ ଚାକିରୀ ସାତ ପ୍ରାଣୀ କୁଟୁମ୍ବ ଚଳେଇଲେ । ପିଲାଏ ସବୁ ଦଶମ ଯାଏ ପଢ଼ିଲେ। ତେଲ ଲୁଣ ଦେହ ମୁଣ୍ଡ ବନ୍ଧୁ ବାନ୍ଧବ ବାହା ବ୍ରତ ସବୁ ସେଇ ଗୋଟିଏ ରୋଜଗାର ରେ ଚାଲେ । ସବୁ ଝିଅଙ୍କ ଦୁଆର ବାହା ଯଉତୁକ ତାପରକୁ ପୁନିଅଁ ପରବ ନାତି ନାତୁଣୀଙ୍କ ଏକୋଇଶିଆ ଆଉ କୋଉଠୁ ବଳିବ ।

ଟିଣ ଛପର ଘର ଦିବଖରା ଅଛି ଆଉ ଅଧାବାଡିରେ ପାଇଖାନା ଟାଏ। ଏବେ ବୁଢ଼ାବୁଢ଼ୀ ଏଇ ବୟସରେ ହାଣ୍ଡି ଚୁଲି ଧରି ଚଳିବା ଭାରି କଷ୍ଟ ହେଉଛି । ଏବେ କିଛିଦିନ ହେଲା ସାହୁ ବାବୁଙ୍କର କଣ ପେଟ କାଟୁଛି ବହୁତ କଷ୍ଟ ତା' ସାଙ୍ଗକୁ ବାନ୍ତି ମୁଣ୍ଡ ବିନ୍ଧା ଧିରେ ଧିରେ ରୋଗ ସଂଖ୍ୟା ବଢି ଚାଲିଛି ତା ପଛକୁ ତାପଛ ।

ଏ ଡାକ୍ତରଖାନାରୁ ସେ ଡାକ୍ତର ଖାନା ବୁଲି ବୁଲି କେତେ ପରୀକ୍ଷା ନିରୀକ୍ଷା କଲାରୁ ଜଣା ପଡିଲା କ'ଣ ଗୋଟେ ବଡ଼ ରୋଗ ହେଇଛି । ଅପରେସନ ହବ ବହୁତ ଟଙ୍କା ଦରକାର ।

ISSN NO.
2582-208X

ଯାହା ଦଶ ତିରିଶ ହଜାର ଥିଲା ସିଏତ ରୋଗୀର ପରୀକ୍ଷା ନିରୀକ୍ଷାରେ ସରିଗଲା । ପାଞ୍ଚ ପାଞ୍ଚଟା ଜୋଇଁ ସବୁ ଶଶୁରଙ୍କୁ ଦେଖି ଆସିଲେ ସେଉ କମଳା ଦେଇ ତାଙ୍କ କାମ ସାରିଦେଲେ ।

ନାଇଁ ବୋଲି ସାନ ଝିଅଟି ଆସି ଚାରିଦିନ ହେଲା ବାପାର ସେବା କରୁଛି । ନହେଲେ ବୁଢ଼ୀତ ନଇଁ ନଇଁ କି ସବୁ କାମ କରୁଥିଲେ । ଡାକତର କହିଲେଣି ଅପରେସନ ହବ ଦୁଇଲକ୍ଷ ଟଙ୍କା ଦରକାର । ଏଇ ମାସ ଆରମ୍ଭରେ ଦଶ ହଜାର ପେନସନ ତାହା ପୁଣି ପଥୀ ଔଷଧ କୁ ନିଅଣ୍ଟ । ଜମି ବାଡ଼ି ସୁନା ଗହଣା ଏଇ ଝିଅ ମାନଙ୍କ ବାହାଘର ପାଇଁ ସବୁତ ଗଲା ।

ବୁଢ଼ୀର ମନେ ପଡିଗଲା ପଧାନ ଘର ବୋହୁ କଥା ତାଙ୍କ ଟିକି ପୁଅକୁ କ'ଣ ଗୋଟେ ବଡ଼ ରୋଗ ହୋଇଥିଲା ଯେ ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ ହେଲା । ହଁ ସିଏ ପରା କହୁଥିଲେ ସବୁ ମାଗଣାରେ ହେଇଗଲା । ବୁଢ଼ୀ ଡାକ୍ତର କତିକି ଦଉଡି ଗଲା ଡାକ୍ତର ବାବୁ ବୁଢ଼ାଟା କୁ ଟିକେ ଭଲ କରିଦିଅ । ସରକାରତ ପଇସା ଦେବେ । ଡାକ୍ତର ବାବୁ ଆଉଜଣେ କର୍ମଚାରୀ ଙ୍କ ସହ କଥା ହେବାକୁ ଇଶାରା ଦେଇ ତାଙ୍କ କାମରେ ଚାଲିଗଲେ । ମାଉସୀ କାର୍ଡ ଦିଅ ତୁମ ପାଖେ ରାଜ୍ୟ ସରକାରଙ୍କ ଅମୁକ କାର୍ଡ ଅଛି କେନ୍ଦ୍ର ସରକାରଙ୍କ ସମୁକ କାର୍ଡ ଅଛି, ବୁଢ଼ୀ ଅବାକ ନାଇଁରେ ବାପା ଆମ ପାଖେରେ ସେ କାର୍ଡ କିଛି ନାହିଁ । ତାହେଲେ ଅପରେସନ କେମିତି ହବ । ସରକାର ଖାଲି ଗରୀବ ଲୋକଙ୍କୁ ଏଇ ମାଗଣା ସୁବିଧା ଦିଅନ୍ତି ।

ତୁ ଭଲ କହୁଛୁ ପୁଅ ପଧାନ ଘର ଦିତାଲା କୋଠା ଜମି ବାଡ଼ି ଗାଡି ମଟର ତିନି ତିନିଟା ଦୋକାନ ଥାଇ ସିଏ ଗରିବ ଲୋକ ହୋଇ ପାରିଲେ, ତାଙ୍କ ନାତିକୁ ସରକାର ପାଞ୍ଚଲକ୍ଷ ଟଙ୍କା ଦେଇ ଭଲ କଲେ । ମୋ ସ୍ୱାମୀ ଦଶ ହଜାର ପେନସନ ପାଉଛନ୍ତି ବୋଲି ସେ ଧନୀ

ISSN NO.
2582-208X

ହେଇଗଲେ । ବୁଢ଼ୀ କେତେ କାକୁଡି ମିନତୀ ହେଲା ହେଲେ କେହି ତା'କଥା ଶୁଣିଲେନି । ଦୁଇଲକ୍ଷ ଟଙ୍କା ଆଣିଲେ ବୁଢ଼ାଙ୍କ ଅପରେସନ ହବ । ଝିଅ ଜୋଇଁ ବୁଢ଼ାଟାପାଇଁ କାଇଁକିବା ଏତେଟଙ୍କା ଦେବେ । କୋଉ ଶଶୁରଙ୍କର ବାଉନ ବାଟି ପଡିଛି ଯେ ଆମ ଭାଗ ପଡିବ ।

ସାହୁ ବାବୁ ସେଇ ଡାକ୍ତରଖାନା ଖଟିଆରେ ପଡ଼ିଥାନ୍ତି । ବୁଢ଼ୀଲୋକଟା ନିଜେ ଚାଲିବାକୁ ଅସମର୍ଥ । ସାନ ଝିଅଟି ପାଖରେ ଅଛି ବୋଲି । ଏଇ କଥାଟା କେମିତି କେଜାଣି ଗଣମାଧ୍ୟମ ହାତରେ ପଡିଗଲା । ସେଇ ଗୋଟିଏ ଖବରକୁ ଅନେକ ସଂସ୍ଥା ଭିନ୍ନ ଭିନ୍ନ ଢଙ୍ଗରେ ପରିବେଷଣ କଲେ କାଳେ ତାଙ୍କ ମାଲିକଙ୍କୁ କଷ୍ଟ ହବ ତାଙ୍କୁ ଟିକେଟ ଖଣ୍ଡିକ ମିଳିବାରେ ବାଧା ଉପୁଯିବ ସିଏବି ଗୋଟେ ଦଳରେ ବିଧାୟକ ଅଛନ୍ତି ନାଁ । କିଛି ସହୃଦୟ ବ୍ୟକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ କିଛି ସାହାଯ୍ୟ କଲେ ହେଲେ ସିଏ ସମୁଦ୍ରକୁ ଶଙ୍ଖେ ଭଳି ।

ଗାଁ ଛକରେ ଚା ପିଉ ପିଉ ଦିଚାରିଜଣ କଥା ହେଉଥିଲେ ସାହୁ ବାବୁ ଚାଲିଗଲେ । ଦିଲକ୍ଷ କୋଉଠୁ ଆସିବ ଯେ ସେ ଅପରେସନ ହୋଇଥାନ୍ତେ । ହଁ କେନ୍ଦ୍ର ରାଜ୍ୟ ସରକାର ତ ବାହା ବାହା ସାଉଁଟିବାରେ ବ୍ୟସ୍ତ ଆଗକୁ ଇଲେକ୍ସନ ଆସୁଛି । ମାଗଣା ଚାଉଳ ଛତା ଜୋତା ପକ୍କା ଘର କେତେ ଯୋଜନା । ଧନିଏତ ବଞ୍ଚିଯିବେ ଗରୀବ ଚଳିଯିବ ଆଉ ମଧ୍ୟବିତ୍ତ, ମଲା ଚାଉଳ କିଲୋ ଆସି ଚାଳିଶି ଛୁଇଁଲାଣି ।

ମକରା ଆସି ଡାକ ପକେଇଲା ସାହୁବାବୁଙ୍କ ମୃତ ଶରୀର ଗାଁ କୁ ଆସିଲାଣି ଆସ ସମସ୍ତେ ଯୋଗାଡ଼ ଯନ୍ତ୍ର କରିବା । ଆମେ ନଗଲେ ତାଙ୍କ କାମକୁ କିଏ ଆଉ ଆସିବରେ ସିଏପା ଗରିବ ଲୋକ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ବସନ୍ତରେ
# ମୋ ପ୍ରିୟା



ଅନାଦି ଚରଣ ବେହେରା

ଆସିଛି ବସନ୍ତ କେତେଯେ
ଅପୂର୍ବ ଫୁଲର ପସରା ନେଇ,
ମୋ ପ୍ରିୟା ସଜବାଜ ହେବକ ସତେ
ସୁଗନ୍ଧ ବାସନା ପାଇ ।
ଆହା କେଡେ ମନୋହର !
ପାଇଛି ସୁଖର ସରଗ ଶୋଭା,
ଭୁଲି ଯିବି ଶତ ଦୁଃଖ ଅତୀତର
ଦେଖି ଦୃଶ୍ୟ ମନଲୋଭା ।
ଫୁଲ ଶେଯେ ଶୋଇ ଗୋଲାପ ଫୁଲର
ଗଭାରେ ସାଜିବ ମଲ୍ଲୀ,
ହସ ମୁହଁ ଦେଖି ଲାଜେଇବ ଜହ୍ନ
ମୋ ପ୍ରିୟା ହସ ଖିଲି ଖିଲି ।
ବସନ୍ତ ସମୀର ପାଛୋଟି ଆଣିବ
ସାଥୀ ତା ରଜନୀ ଗନ୍ଧା
ମହ ମହ ବାସ ରାତି କ ଦିବସ
ବେଣୀ କଆ ଫୁଲ ବନ୍ଧା ।

ISSN NO.
2582-208X

ସାଜିବ ମୋ ପ୍ରିୟା ବସନ୍ତ ଆସିଛି
ପ୍ରେମର ପ୍ରବ ନେଇ,
ହେବ ଅବସାନ ଅପେକ୍ଷାର ଦିନ
ସାଥୀ ମୃଦୁ ସ୍ୱର୍ଶ ପାଇ ।
ଶୁଷ୍କ କାଷ୍ଠ ପାଇ ମଳୟ ପବନ,
ପ୍ରିୟା ସ୍ୱର୍ଷେ ମୁହିଁ ହେବି କ ଚନ୍ଦନ
ମୃତ୍ୟୁ ଶରୀରେ କ ଆସିବ ଜୀବନ ?
ମତୁଆଲ୍ ପ୍ରଶ୍ନ ହୁଏ ଆନମନ
ସତ ହେବ ଦିନେ ମୋର ଦିବା ସପନ
ହେବ ଆତ୍ମହର୍ ମୋର ମନ ପ୍ରାଣ
ପାଇ ପ୍ରିୟା ପ୍ରେମ ଅମୂଲ୍ୟ ରତନ
ସୁଖର ସମ୍ଭାର ମୋ ନୂଆ ଜୀବନ ?

ପ୍ରଧାନ ଶିକ୍ଷକ,
ଜୁର୍‌ମୁଂଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୮୦୪

ISSN NO.
2582-208X

ବେଦାନ୍ତି

# ଉତ୍କଳ ଦିବସ



ସ୍ୱାଗତିକା ସାହୁ

ଉତ୍କଳ ପ୍ରଦେଶ ସବୁଠୁ ସରସ
ଗିରି ବନ ଝରଣାରେ
ଶାଳପର୍ଣ୍ଣି ଜୁଡ଼ା ପଳାସରେ ଭରା
ଶାନ୍ତ ମିଳେ ପବନରେ ।।

ସୁନ୍ଦର ରଇଜ ଗାଏତ ଗୀତିକା
ଭାସିଆସେ ବୃଷ ବିଲୁ
ହଳ କରି ଚଷା ଲମ୍ବେଇଛି ସୁର
ଶକ୍ତ ମିଳେ ଏ ଫସଲୁ ।।

ଓଡ଼ିଶାର ମାଟି ସୁନାର ବିଭୁତି
ପାଣି ତାହାର ଜୀବନ
ସୁଲୁ ସୁଲୁବାଆ କରେ ଅମାନଆ
ରଖେ ପୁଲକତ ମନ ।।

ସଂସ୍କୃତି ଆମର ଭରି ନରିମାଖି
କଳାର ଆଦର ଭରି
ଦେଶ ବିଦେଶରେ ନାମ ରହିଅଛି
ଓଡିଶୀ ପ୍ରଶଂସା ଭୁରି ।।

ISSN NO.
2582-208X

ଆମ ମିଠା ଭାଷା  ଭରଷାର ଆଶା
ଜଗତ ଜନଙ୍କ ପ୍ରିୟ
ଭାଷାର ସୁରକ୍ଷା ଆମରିତ ଦୀକ୍ଷା
ରଖି ତାକୁ ନିର୍ଭୟ  ।।

ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶାର ଯଶ
ରଖିଛନ୍ତି ଯେଉଁମାନେ
ହେ ମହାପୁରୁଷ ତୁମରି ଆଶିଷ
ରହିଥାଉ ସାର୍ବଜନେ  ।।

ଏପ୍ରିଲ ପହିଲି ମନରେ ଆସିଲି
ଉତ୍କଳ ଦିବସ କଥା
ପଡିଗଲେ ମନେ ଲୁହ ଆସିଯାଏ
ଶୁଣି ଅତୀତ ବାରତା  ।।

କେତେ ଚେଷ୍ଟା ପୁଣି ତ୍ୟାଗର ଜୀବନ
ଖାଲି ଏଇ ଭାଷା ପାଇଁ
ସ୍ୱତନ୍ତ୍ର ଭାବରେ ମାନ୍ୟତା ପାଇବ
ଲଢ଼ି ରଖିଦେଲେ ସାଇଁ  ।।

ସେଇ ତ୍ୟାଗପୂତ ଜୀବନ ଜଞ୍ଜିର
ଫଳପ୍ରଦ ଆଜି ହୋଇ
ସ୍ୱତନ୍ତ୍ରତା ଭାଷା ସ୍ୱତନ୍ତ୍ର ସ୍ୱାଧୀନ
ନିର୍ଭିକ ଜୀବନ ନେଇ  ।।

ISSN NO.
2582-208X

ଗର୍ବ କରେ ଆଜି ମୁହିଁ ଓଡ଼ିଆଣୀ
ଓଡିଆ ମୋ ମାତୃଭାଷା
ଓଡିଶା ମୋହର ମାତୃ ସହୋଦର
ତାପାଇଁ ମନରେ ତୃଷା ।।

ଏ ତୁଚ୍ଛ ଜୀବନ ତାହାରି ସେବାରେ
ସତେ ଅବା ଗଳିଯାଉ
ତା କୋଳରେ ଜନ୍ମ ମରିବି ସେଇଠି
ମୋ ପାଇଁ ସେତିକ ହେଉ ।।

ଜୟଗାନ କରେ ଆଜିର ଦିନରେ
ମାତୃଭାଷା ପାଇଁ ମୁହିଁ
କରମ କରିବି ସମାଜେ ଲଢ଼ିବି
ଖାଲି ମାଆ ମାଟି ପାଇଁ ।।

ଅଧ୍ୟାପିକା
କନ୍ଧମାଳ

ISSN NO.
2582-208X

# ରାଧିକେ



ଦେବାଶିଷ ମୁଦୁଲି

ହେ ରାଧିକେ !!
ମୁଁ ତୁମ ରୂପର ପୂଜାରୀ,
ତୁମ ଗୁଣର ଜପକାରୀ
ତୁମକୁ ଭଲପାଏ,
ବାହା ହୋଇ ସେଇ ରୂପ ଗୁଣକୁ
ଅସମ୍ମାନତ କରିବାକୁ ଚାହେଁନା
ତୁମେ ତ ମୋ ପାଇଁ ଦେବୀ
ତୁମକୁ ପାଇବାକୁ ଚାହେଁନ
ବାସ୍ କେବଳ ମୋ ଆଖି ସାମ୍ନାରେ
ମୋ ହୃଦୟର ଦେବୀ ହୋଇ ରହିଥାଅ
ଏତିକ ଚାହେଁ

ହେ ରାଧିକେ ..!!
ଜାଣିଥିବ, ତୁମର ଯେତେ ସବୁ ପ୍ରତିଛବି ଥିଲା
ସବୁ ଫେରେଇ ଦେଇଛି ତୁମକୁ
ଦେବୀ ତ ହୃଦୟରେ ନା
ପ୍ରତିଛବିରୁ କଣ ମିଳବ !!

*   *   *

ISSN NO.
2582-208X

ହେ ରାଧିକେ.!!
ମୁଁ ମୃତ
ମୃତ ହେଲେବି ତୁମ ପାଖକୁ ଆସିବି ନିଶ୍ଚୟ,
ତୁମର ଅବଚେତନ ମନରେ
ତୁମ ପାଖରେ ରହିଥିବି ସଦା
ତୁମର ଅଙ୍ଗସଙ୍ଗ ହୋଇ।

ହେ ରାଧିକେ !!
ଜାଣିଛି, ତୁମେ ବାଧା ଦେବନି ମୋତେ
ହୃଦୟରେ ହୃଦୟ ଲାଗି ରହିଥିଲା ବେଳେ
ଏଇ ଅତୃପ୍ତ ଆତ୍ମାକୁ ଦୂରେଇ ଦେବନି ତୁମେ...

ହେ ରାଧିକେ !!
ଆମେ ସାମାଜିକ ଭାବେ ଏକ ହୋଇପାରିନେ ସତ
ହେଲେ, ବିତାଇଛେ ଅନେକ ରାତି
ତୁମ ଛାତିରେ ମୁଣ୍ଡ ରଖି ଶୋଇଛି ଅନେକ ନିଶି
ଜାଣିଛି ...
ସେତେବେଳେ ବାଧା ଦେଇନଥିଲ,
ଏବେ ମଧ୍ୟ ଦେବନାହିଁ
ତୁମେ ତ ତୁମେ ନୁହେଁ
ଆମେ.....
ହେ ରାଧିକେ ...!!

ସ୍ନାତକୋତ୍ତରଓଡିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ
7894104499

ISSN NO.
2582-208X

# ଅଘରିଆ ଆଧୁନିକ ସାହିତ୍ୟ ସଂପର୍କରେ



ସନ୍ତୋଷ କୁମାର ରାଉତ

ଯାହା ସମାଜର ହିତ ସାଧନ କରେ ତାହା ସାହିତ୍ୟ। ଏହା ଚିରସ୍ରୋତା ନଦୀ ପରି ପ୍ରବାହିତ। ଝରଣା ଯେପରି ତାର କଳକଳ ନାଦରେ ସମଗ୍ର ପରିବେଶକୁ ଚଳଚଞ୍ଚଳ କରି ମୁଖରିତ କରି ଦେଇଥାଏ ଠିକ୍ ସେହିପରି ସାହିତ୍ୟ ମଧ୍ୟ ସମାଜର ପରିବର୍ତ୍ତନ ଓ ବିକାଶ କାର୍ଯ୍ୟର ଏକ ପ୍ରମୁଖ ମାଧ୍ୟମ। ସମାଜ ସହିତ ସାହିତ୍ୟର ଘନିଷ୍ଠ ସଂପର୍କ ରହିଛି। ସାହିତ୍ୟ ମାନକ ଭାଷା, ଆଞ୍ଚଳିକ ଭାଷା କିମ୍ବା କୌଣସି ଉପଭାଷାରେ ରଚିତ ହେଲେ ମଧ୍ୟ ଏହାର କୌଣସି ବାଛବିଚାର ନାହିଁ। ସର୍ବଦା ଏହା ସର୍ବ ମଙ୍ଗଳକାରୀ ଓ ସର୍ବ ହିତକାରୀ। ତେଣୁ ସମଗ୍ର ବିଶ୍ୱରେ ଏକ ସମୃଦ୍ଧ ସାହିତ୍ୟ ପରମ୍ପରା ରହିଛି। ଖାଲି ସେତିକି ନୁହେଁ ଏଠି ବସବାସ କରୁଥିବା ବିଭିନ୍ନ ଜାତି ବା ଭାଷାକୁ ନେଇ ପ୍ରାଚୀନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାହିତ୍ୟର ଧାରା ବଢ଼ିବାରେ ଲାଗିଛି। ଏଣୁ ଏହି ପରିପ୍ରେକ୍ଷୀରେ ଆମେ ଅଘରିଆ ସାହିତ୍ୟର ଧାରା ଉପରେ ମଧ୍ୟ ଆଲୋଚନା କରିପାରିବା। ବିଶେଷ କରି ଅଘରିଆ ଆଧୁନିକ ସାହିତ୍ୟ ଉପରେ ଏହି ଆଲୋଚନାଟି ପର୍ଯ୍ୟବେସିତ ।

ଅଘରିଆ ଆଧୁନିକ ସାହିତ୍ୟ ପ୍ରସଙ୍ଗକୁ ଉପସ୍ଥାପନା କରିବା ଅବସରରେ ଆଲୋଚନାକୁ ଦୁଇଟି ଦୃଷ୍ଟିକୋଣରୁ ଆଲୋଚନା କରାଯାଇପାରେ। ପ୍ରଥମଟି ଅଘରିଆ ଭାଷାରେ ରଚିତ ହୋଇଥିବା ଆଧୁନିକ ସାହିତ୍ୟ ଓ ଅନ୍ୟଟି ଅଘରିଆ ଲେଖକ ମାନଙ୍କ ଦ୍ୱାରା ଓଡ଼ିଆ ଭାଷାରେ ରଚିତ ହୋଇଥିବା ଆଧୁନିକ ସାହିତ୍ୟ। ଉଭୟ ପ୍ରସଙ୍ଗର ଗୁରୁତ୍ୱ ରହିଛି ।

ISSN NO.
2582-208X

ଅଘରିଆ ମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ନୁହଁନ୍ତି। ଉତ୍କଳରେ ଏମାନଙ୍କ ଇତିହାସ ସେତେଟା ପ୍ରାଚୀନ ନୁହେଁ। ଏମାନେ ଦିଲ୍ଲୀ ତଥା ଆଗ୍ରା ଅଞ୍ଚଳରେ ବସବାସ କରୁଥିଲେ। ଯେତେବେଳେ ଦିଲ୍ଲୀରେ ସୁଲତାନୀ ଶାସନ ଚାଲୁଥିଲା ସେତେବେଳେ ସେମାନଙ୍କୁ ଅନେକ ଅତ୍ୟାଚାର କରାଯିବା ଫଳରେ ସେମାନେ ସେଠାରୁ ଚାଲିଆସି ଉତ୍କଳର ଗଜପତି ମହାରାଜାଙ୍କ ଆଦେଶ କ୍ରମେ ଏଠି ସ୍ଥାୟୀ ଭାବରେ ବସବାସ କଲେ। ଆଗ୍ରା ଅଞ୍ଚଳରେ ପ୍ରଚଳିତ ହିନ୍ଦୀ ଭାଷା କହୁଥିବା ଏହି ଜାତିର ଲୋକମାନେ ଯେହେତୁ ଛତିଶଗଡ଼ ମଧ୍ୟପ୍ରଦେଶ ଦେଇ ଉତ୍କଳ ଆଗମନ କରିଥିଲେ ସେତେବେଳେ ତାଙ୍କ ଭାଷା ସହିତ ଛତିଶଗଡ଼ି ଓଡ଼ିଆ ଓ କୋଶଳି ଆଦି ଭାଷାର ମିଶ୍ରଣ ହେଲା ଫଳରେ ଏକ ନୂତନ ଭାଷା ସୃଷ୍ଟି ହେଲା ଯାହାକୁ ଲରିଆ ଭାଷା କୁହାଯାଏ। ଏହି ଭାଷା ହେଉଛି ଅଘରିଆ ମାନଙ୍କ କଥିତ ଭାଷା।ଏହି ଭାଷାରେ ଅନେକ ସାହିତ୍ୟ ମଧ୍ୟ ସୃଷ୍ଟି ହୋଇଛି ।

ଲରିଆ ବା ଅଘରିଆ ଭାଷାରେ ଯେଉଁମାନେ ସାହିତ୍ୟ ରଚନା କରି ଏହି ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଲେ ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ନାଏକ। ଯିଏକି ଏହି ଭାଷାରେ ଗୀତା, ଦ୍ରୌପଦୀ ସ୍ୱୟମ୍ବର, କେଲିକଦମ୍ବ ଭଳି ଅନେକ କାଳଜୟୀ କୃତି ରଚନା କରି ଗୋଟିଏ ସମୟରେ ଏକ ଚହଳ ପକାଇଥିଲେ। ଏଠି ତାଙ୍କ କେଲିକଦମ୍ବ କାବ୍ୟର ଏକ ପଦକୁ ଉଦାହରଣ ଭାବରେ ନେଇ ପାରିବା-

କରିନ୍ ଦିନେ କଲାକାହ୍ନୁ ହଟହଟାଟେ
କୁପଡେ ଯଶୋଦା ବାନ୍ଧିନ କଏସକେ ଖୁଟେଁ ।
କଲବଲ୍ୟକାରୀ କୃଷ୍ଣକେ ଇ ବେଭାର
କରି ହିଁ ପତିତ ଜନେ ଶାଏପନୁ ଉଦ୍ଧାର ।
କହଥେଁ ଯଶୋଦା ଦେଖା ଦେଖା ତୋର ମୁହୁଁ
କରଥେଁ ନଟିଆ କାହ୍ନୁ ଉ ହୁଁ ହୁଁ ଉହୁଁ ।

ISSN NO.
2582-208X

ଏଥିରେ କୃଷ୍ଣଙ୍କ ଗୋପଲୀଳା ବର୍ଣ୍ଣନା କରାଯାଇଛି ।

ଅଘରିଆ ଭାଷାରେ ଆହୁରି ସାହିତ୍ୟ ମଧ୍ୟ ରଚିତ ହୋଇ ପ୍ରକାଶିତ ହୋଇଛି ଯାହା କୌଣସି ଗୁଣରେ କମ୍ ନୁହେଁ ।

ଅଘରିଆ ଭାଷାରେ କାବ୍ୟ ରଚନା କରିଥିବା ଲେଖକ ମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ସ୍ୱର୍ଗତ ଗୁରୁଦେବ ପଟେଲ। ଶ୍ରୀଯୁକ୍ତ ପଟେଲ ଓଡ଼ିଆ ଭାଷାରେ ଅନେକ ନାଟକ ଲେଖିଯାଇଥିଲେ ମଧ୍ୟ ଅଘରିଆ ଭାଷାରେ ରଚିତ ତାଙ୍କ କାବ୍ୟ ରାମ ବନବାସ ଯାହା ଅପ୍ରକାଶିତ ଏହା ଏକ ମାଇଲଖୁଣ୍ଟ ସଦୃଶ। କବିଙ୍କ ଭାଷାରେ -

ରାମଚନ୍ଦର୍‌ରେ ତଏଁ ବନଲା ନି ଯା
ବନଲା ନି ଯା
ରାମଚନ୍ଦର୍‌ରେ ।
ତଏଁ ଯଦି ବନଲା ଯା ବେ
ମଲା ବେଟା କାହାଲା ଦେବେ
ମଲା ତଏଁ କେଁ ପାସେର୍ ଦେବେ
ରାମଚନ୍ଦର୍‌ରେ
ତଏଁ ବନଲା ନି ଯା ବନଲା ନି ଯା
ରାମଚନ୍ଦର୍‌ରେ ।

ଏଥିରେ ଗୋଟିଏ ମାତୃ ହୃଦୟରେ ସୃଷ୍ଟି ହୋଇଥିବା ବ୍ୟଥା ଓ ବେଦନାର ଚିତ୍ରକୁ କବି ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି। ପୁଣି କବି ଅବସର ବିନୋଦନ ନିମିତ୍ତ ସେ ରଚନା କରିଥିବା ଯାତ୍ରା ଦେଖା କବିତା ଅତି ଉଚ୍ଚକୋଟୀର କବିତା ଭାବେ ଦେଖାଯାଇଥାଏ। କବିଙ୍କ ଭାଷାରେ -

ISSN NO.
2582-208X

ମାଏଗୋ ମୋର ଲାଲ କରିଆ ବାହାର କରାଦେ
ଯାତ୍ରା ଦେଖି ଯାହାଁ ତଏଁ ଜଲଦି କଲା ଦେ
ମାଏଗୋ ମୋର ଲାଲ କରିଆ ବାହେର କରାଦେ
ସାଙ୍ଗର ପିଲା ଭାଗଯାଥେନ ଡାକ ଦେ ଦେ
ମାଏଗୋ ମୋର ଲାଲ କରିଆ ବାହେର କରାଦେ
ଖଜା ଘିନହଁ ମିଠେଇ ଘିନହଁ ଟଙ୍କା ଗୁଟେ ଦେ
ତୋର ବହଲା ପଠା ଦେବୋ ଗଲେ କିଏ କିଏ
ମାଏଗୋ ମୋର ଲାଲ କରିଆ ବାହେର କରାଦେ ।

ଏମାନଙ୍କ ବ୍ୟତୀତ ଅନେକ ସାହିତ୍ୟିକ ଅଛନ୍ତି ଯେଉଁମାନେ ଅଘରିଆ ଭାଷାରେ ସାହିତ୍ୟ ରଚନା କରୁଛନ୍ତି। ଅବଶ୍ୟ ତାଙ୍କ ଲିଖିତ ସାହିତ୍ୟ ଗୁଡ଼ିକ ପୁସ୍ତକ ହିସାବରେ ପ୍ରକାଶ ନହେଲେ ମଧ୍ୟ ଅନେକ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଅଘରିଆ ଭାଷାରେ ରଚିତ ସାହିତ୍ୟକୁ ସମୃଦ୍ଧ କରିବାରେ ବିଶେଷ ସହାୟକ ହୋଇପାରିଛି। ବିଶେଷ କରି ଅଘରିଆ ଜ୍ୟୋତିରେ ପବିତ୍ର କୁମାର ପଟେଲଙ୍କ ପ୍ରକାଶିତ କବିତା କିଛି ନାଇଁ ମାଗଁନ ଆମେ, ସୁରେନ୍ଦ୍ର କୁମାର ପଟେଲଙ୍କ କବିତା ଦଏବ କରିହି ବିଚାର, ଉଡଥେ ହାମର ବାନା (ଆଗ୍ରିଆଶ୍ରୀରେ ପ୍ରକାଶିତ) ଭକ୍ତ ନାଏକଙ୍କ ଚପକୋଲଠୋ, ସାରଥୀ ପଟେଲଙ୍କ ରଖବୋ ଜାତିର ନାଆଁ, ମହେନ୍ଦ୍ର ପଟେଲଙ୍କ ଆସ ଖୁଜ୍‌ବୋ, ମଲା ଦରମରା ନାଇଁ କରବେ, ଇତ୍ୟାଦି ଅଘରିଆ ଭାଷାରେ ରଚିତ ସାହିତ୍ୟକୁ ଏକ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଥାଏ। ଏମାନଙ୍କ ବ୍ୟତୀତ ଆହୁରି ସାହିତ୍ୟିକ ମଧ୍ୟ ଅଘରିଆ ଭାଷାରେ ଲେଖାଲେଖି କରୁଛନ୍ତି ।

ଅଘରିଆ ଜାତିର ଲେଖକ ମାନେ କେବଳ ଅଘରିଆ ଭାଷାରେ ନୁହେଁ, ଓଡ଼ିଆ ଭାଷାରେ ମଧ୍ୟ ସାହିତ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଯେଉଁ ସାହିତ୍ୟିକ ମାନେ ସାହିତ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ସେମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ହେଲେ ଦିବ୍ୟସିଂହ ନାଏକ ଯିଏକି ବଲାଙ୍ଗୀରର ଆଦ୍ୟ ନାଟ୍ୟକାର । ୧୯୨୭-୨୮ ମସିହାରେ ତାଙ୍କ ଦୁଇଟି ନାଟକ ସଂଯୁକ୍ତା ଓ ଦାତାକର୍ଣ୍ଣ ରଚିତ

ISSN NO.
2582-208X

ହୋଇ ବଲାଙ୍ଗୀରରେ ମଞ୍ଚସ୍ଥ ହୋଇଥିଲା ତାଙ୍କର ସ୍ୱଳ୍ପ ଜୀବନ କାଳ ଭିତରେ ସେ ଆଠଟି ନାଟକ ରଚନା କରିଥିଲେ। ସଂଯୁକ୍ତା ନାଟକଟି ସମ୍ବଲପୁର ବିଶ୍ୱବିଦ୍ୟାଳୟର ବି ଏ ଶ୍ରେଣୀର ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇଥିଲା ।

ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରି ନିଜେ ସଫଳ ହେବା ସହିତ ନିଜ ପାଇଁ ଅନେକ ଯଶ, କୀର୍ତ୍ତି ଓ ସମ୍ମାନ ଆଣିଥିବା ସ୍ରଷ୍ଟା ହେଉଛନ୍ତି ବରେଣ୍ୟ କବି ବିନୋଦ ଚନ୍ଦ୍ର ନାୟକ (ଜାତିରେ ଅଘରିଆ) ଯାହାଙ୍କ ରଚିତ ଅନେକ କବିତା ଗୁଡ଼ିକ କଲେଜ ଓ ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ାରେ ସ୍ଥାନିତ ହୋଇଛି। ତାଙ୍କ ରଚିତ କବିତା ଗ୍ରନ୍ଥ ଗୁଡ଼ିକ ହେଲା ହୈମନ୍ତି, ନୀଳଚନ୍ଦ୍ରର ଉପତ୍ୟକା, ସରୀସୃପ, ଚନ୍ଦ୍ର ଓ ତାରା, ପୋହଳା ଦୀପର କଥା, ଉଲ୍ଲଙ୍ଗରୁଦ୍ର ପ୍ରଭୃତି କାଳଜୟୀ ଗ୍ରନ୍ଥ । ସେ ନିଜ ସରୀସୃପ ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି ।

ଅନ୍ୟ ସାହିତ୍ୟିକ ମାନଙ୍କ ଭିତରେ ଶ୍ରୀ କ୍ଷେତ୍ରବର ନାଏକ ଅନ୍ୟତମ। ତାଙ୍କ ପ୍ରକାଶିତ କାବ୍ୟ ଗୁଡ଼ିକ ହେଲା ଅନୁତାପ, ରହସ୍ୟ ସନ୍ଧାନ, ଆତ୍ମବଳୀ, ଆରତି, କାଳଚକ୍ର, ଆହ୍ୱାନ, ଗ୍ରାମସ୍ମୃତି। ଏହି ସମୟରେ ଶ୍ରୀ କ୍ଷେତ୍ରବର ନାଏକ ସମସାମୟିକ ଶ୍ରୀ ଚୂଡ଼ାମଣି ନାଏକ ପ୍ରାୟ ୪ଖଣ୍ଡ ନାଟକ ରଚନା କରିଯାଇଛନ୍ତି। ତାଙ୍କ ରଚିତ ପୌରାଣିକ ନାଟକ କୀର୍ତ୍ତିବୀର୍ଯ୍ୟ ଏକ ଚହଳ ସୃଷ୍ଟି କରିଥିବା ନାଟକ। ପୁଣି ଏମାନଙ୍କ ସମସାମୟିକ ସାହିତ୍ୟ ଲେଖୁଥିବା ଲେଖକ ମାନଙ୍କ ଭିତରେ ସ୍ୱର୍ଗତ ଦୁର୍ଗାପ୍ରସାଦ ସାଏ ଅନ୍ୟତମ। ତାଙ୍କ ରଚିତ ଗୀତିନାଟ୍ୟ ଉଷାବତୀ ହରଣ ଆଜିବି ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ଚହଳ ସୃଷ୍ଟି କରିଛି ।

ପରବର୍ତ୍ତୀ ସମୟରେ ସାହିତ୍ୟ ରଚନା କରିଥିବା ରୋହିତ କୁମାର ପଟେଲ ଅନେକ ଗଳ୍ପ ଓ ଉପନ୍ୟାସ ରଚନା କରିଯାଇଛନ୍ତି। ସେଗୁଡ଼ିକ ହେଲା ଉପନ୍ୟାସ -ନୁଆଁବାବୁ, କାଚଧାର କାଟେ, ମନପକ୍ଷୀ, ଝାଟିମାଟି ଟାଙ୍କର। କ୍ଷୁଦ୍ରଗଳ୍ପ -ଷଣ୍ଢ ଲଢେଇ, ଶୂନ୍ୟ ଛାଉଣୀର ଅତୀତ, ଲିଖୁ, ଗଳ୍ପ ସମଗ୍ର । ତାଙ୍କ ଆତ୍ମଜୀବନୀର ନାମ ହେଲା ତଳକୁ ଆସୁଥିବା ଲୋକଟିଏ ।

ISSN NO.
2582-208X

ଏମାନଙ୍କ ବ୍ୟତୀତ ଅନେକ ସାହିତ୍ୟିକ ଅଛନ୍ତି ଯେଉଁମାନେ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ସେମାନେ ହେଲେ -ଯାଦବାନନ୍ଦ ପଟେଲଙ୍କ, ଡକ୍ଟର ଉଜାଗର ପଟେଲ, ଜଗଦୀଶ ପଟେଲ, ଜ୍ୟୋସ୍ନାମୟୀ ନାଏକ, ଲୋକନାଥ ପାଣ୍ଡେ, ଶେଷଦେବ ପଟେଲ, ସ୍ୱର୍ଗତ ରମେଶ ପ୍ରସାଦ ପଟେଲ, ସ୍ୱର୍ଗତ ଅଲେଖ ପ୍ରସାଦ ସାଏ, ଜଗବନ୍ଧୁ ପଟେଲଙ୍କ ଚହଳ ପକାଇଥିବା କାବ୍ୟ ପ୍ରେମସିନ୍ଧୁ, ପୀତାମ୍ବର ନାଏକ, ଦିଗାମ୍ବର ନାଏକ, ଷଡାନନ ରାଉତ, ଡଃ ଲୋକେଶ୍ୱର ସାଏ, ଭକ୍ତଚରଣ ନାଏକ, ଦାଶରଥି ପଟେଲ ପ୍ରମୁଖ ଅନ୍ୟତମ ।

ଅଘରିଆ ସ୍ରଷ୍ଟା ମାନଙ୍କ ଦ୍ୱାରା କେବଳ କାବ୍ୟ କବିତା, ନାଟକ, ଉପନ୍ୟାସ ଆଦି ରଚିତ ହେଉଛି ତାହା ନୁହେଁ। ଏମାନଙ୍କ ଦ୍ୱାରା ଓଡ଼ିଆ ସମାଲୋଚନା ସାହିତ୍ୟ ମଧ୍ୟ ଅନେକାଂଶରେ ସମୃଦ୍ଧ ହୋଇଛି। ଯେଉଁ ସ୍ରଷ୍ଟା ମାନେ ନିଜ ଲେଖନି ମାଧ୍ୟମରେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ବଳିଷ୍ଠ କରିବା ସହିତ ନିଜ ପାଇଁ ଅନେକ ସମ୍ମାନ ଆଣି ପାରିଛନ୍ତି ସେମାନେ ହେଲେ ବାଲୁଙ୍କେଶ୍ୱର ପାଣ୍ଡେ, ବିଶ୍ୱମ୍ବର ପଟେଲ, ଭଗବାନ ପଟେଲ, ସୁରେଖା ନାଏକ, ଭବାନୀ ଶଙ୍କର ପଟେଲ, ରାମଚନ୍ଦ୍ର ପଟେଲ, ବିଷ୍ଣୁପ୍ରିୟା ନାଏକ, ସନ୍ତୋଷ କୁମାର ରାଉତ ଅନ୍ୟତମ।

ଶ୍ରୀଯୁକ୍ତ ବାଲୁଙ୍କେଶ୍ୱର ପାଣ୍ଡେଙ୍କ ଆଗ୍ରିଆ ବଂଶ ବିବରଣ ପ୍ରକାଶିତ। ରାମଚନ୍ଦ୍ର ପଟେଲଙ୍କ ଅଘରିଆ ସମାଜର ସାମାଜିକ ଓ ସାଂସ୍କୃତିକ ପରମ୍ପରା ପୁସ୍ତକ ଆକାରରେ ପ୍ରକାଶିତ। ବିଷ୍ଣୁପ୍ରିୟା ନାଏକ ଅଘରିଆ ଭାଷା ଉପରେ ଗବେଷଣା କରି ଡକ୍ଟରେଟ ଡିଗ୍ରୀ ହାସଲ କରି ସାରିଥିବା ବେଳେ ଶ୍ରୀ ସନ୍ତୋଷ କୁମାର ରାଉତ ଗବେଷଣା କାର୍ଯ୍ୟ ଜାରି ରଖିଛନ୍ତି ।

ଯେହେତୁ ଅଘରିଆ ମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବସବାସ କରୁଛନ୍ତି ତେଣୁ ଅଘରିଆ ଭାଷାରେ ଲିଖିତ ସାହିତ୍ୟର ପରିସର ସେତେଟା ବ୍ୟାପକ ନୁହେଁ। କିନ୍ତୁ ଓଡ଼ିଆ ଆଧୁନିକ ସାହିତ୍ୟିକୁ ଅଘରିଆ ଜାତିର ଅବଦାନ କିଛି କମ୍ ନୁହେଁ ଏହା ପରିମାଣ ଦୃଷ୍ଟିରୁ ଓ ଗୁଣାତ୍ମକ ଦୃଷ୍ଟିରୁ ସୁଦୃଢ। ଓ ଅଧିକାଂଶ ଓଡ଼ିଆରେ ଲିଖିତ ସାହିତ୍ୟରେ ମଧ୍ୟ ଅଘରିଆ ଶବ୍ଦର ପ୍ରୟୋଗ ହେବା ଦେଖାଯାଏ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ

(୧) ଅଘରିଆ ଜ୍ୟୋତି ପ୍ରଥମ ସଂଖ୍ୟା ୨୦୦୪ରୁ ଏକବିଂଶ ସଂଖ୍ୟା ୨୦୨୩

(୨) ସ୍ମୃତି ବିବିଧା- ସ୍ୱର୍ଣ୍ଣ ଜୟନ୍ତୀ ଆଗ୍ରିଆ ମହାସଭା, ରାଉରକେଲା -୨୦୧୧

(୩) କେଲିକଦମ୍ବ - ଗୋକୁଳ ଚନ୍ଦ୍ର ନାଏକ

(୪) ସ୍ୱର୍ଗତ ଗୁରୁଦେବ ପଟେଲଙ୍କ ପାଣ୍ଡୁଲିପି

ଗବେଷକ
ରତାଖଣ୍ଡି, ତେଣ୍ଡାପଦର
ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର
୯୪୩୮୭୭୦୯୬୩

ISSN NO.
2582-208X

# ସଖୀ



ପ୍ରଜ୍ଞା ପ୍ରତିଭା ନାଥ

ଅବୋଧ ଶିଶୁଟି ପରି ହୃଦୟ ତା'ର
ହେଲେ ବୋଧ ଅଛି ତାକୁ
ସଭିଙ୍କୁ ନିଜର କରିବାର କୌଶଳ ।
କାହିଁ କେତେ ଦୂର ବିଚରଣ କରେ, ତା'ର ବିଚାର
ଅତଳ ଜଳଧି ନା ବିଶାଳ ଗଗନ, ତା' ପରିଚୟ ।
କିଛି ଅକୁହା କଥା ମନରେ ରଖି
ଆକୁଳ ହୋଇ କେତେ ଯେ,
ଲୁହ ଝରାଏ ସଖୀ ।
ପୁଲକିତ ହୁଏ କଅଁଳ ହସ, ତା ମୁଖେ ପୁଣି
ଆଉ ମନେ ଭାରି ଦିଏ
ଅନେକ ପ୍ରଶ୍ନର ଝରି ।।

ସ୍ନାତକୋତ୍ତର ଅନ୍ତିମ ବର୍ଷ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ରୂପବତୀ ଛବି



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଆଙ୍କିଛି ସ୍ୱପନେ ବାଛି ମୁଁ ଜତନେ
ତୁମ ରୂପବତୀ ଛବି
ପ୍ରତି ଅଙ୍ଗେ ତୁମ  ଇନ୍ଦ୍ରଧନୁ ସମ
ରଙ୍ଗକୁ ଦେଇଛି ଭାବି।
ଚାନ୍ଦ ଠୁ ଆଣିଲି ଉଧାରେ ଚାନ୍ଦିନୀ
ମୁଖ ସଜାଇବା ପାଇଁ
କଳା ମେଘ ଠାରୁ କୃଷ୍ଣ ରଙ୍ଗ ଆଣି
କବରୀରେ ଦେଲି ଥୋଇ ।
ପଳାଶ ରଙ୍ଗ ରେ ଓଠ ସଜାଇଲି
ମଥାଟା ଲାଗିଲା ଖାଲି
ଉଦିତ ଅରୁଣ ଲାଲିମାରୁ ଧାରେ
ମଥା ର ଟିକିଲି କଲି ।
ପାରିଜାତ ଆଣି ଖୋଷଣି ଖୋସିଲି
ତୁମ ପସନ୍ଦକୁ ଜାଣି
ତଥାପି କାହିଁକି ଖାଲି ଲାଗୁଥିଲା
ପାରିଲିନି ଜମା ଜାଣି ।

ISSN NO.
2582-208X


ନଭ ରୁ ଚୋରାଇ ନୟନରେ ରେ ଦେଲି
ଘନ ନୀଳ କେଇ ଟୋପା
ଶରୀର ଆଙ୍କିଲି କନକ ରଙ୍ଗରେ
ଦେଖାଗଲ ଅପରୁପା ।।
ପ୍ରାକୃତି କୁ ମାଗି ଆଣିଲି ସବୁଜ
ସାଥେ ରଙ୍ଗ କୁସୁମର
ପିନ୍ଧାଇ ଦେଖିଲି ଲାଜେ ଜଳିଗଲେ
ଅପସରା ସରଗର ।।

ଚକାପଦା, ୯୧୭୮୪୭୫୪୩୭

ISSN NO.
2582-208X

# ନୀରବତା



ପୂଜାରାଣୀ ବେହେରା

ଆଜିକାହିଁ ଭଲଲାଗେ ନୀରବତା
ଆଖି ବନ୍ଦକରି ମାପିବାକୁ ତୁମ ସରଳତା ।
କେମିତି କେଜାଣି
ତୁମେ ମତେ ଭାବୁଛ କେଉଁ
ଅମୂଲ୍ୟ ମୁକୁତା ।
ହେଲେ ମୁଁ,
ଯାତନାର ଜଉଘର
ଜଳି ଜଳି କ୍ଷୀଣପ୍ରାୟ
କେଉଁ ଏକ ଅବନ୍ତର
କେଉଁ ଏକ ଅବନ୍ତରା ଇଲାକାର
ଲାଜକୁଳୀ ଲତା ।
ଆଜିକାହିଁ ଭଲଲାଗେ ନୀରବତା
ଢାଙ୍କିଛି ମୁଁ ନିଜକୁ ଗୋଟିଏ ପରସ୍ତ।
ଯେମିତି କାହା ନଜରରେ ଆସିବନି
ମୋ ଦରଦୀ ମନର ବ୍ୟଥା।
କ'ଣ ଭାବୁଛ ?

ISSN NO.
2582-208X

ଏ କେମିତି କଥା
ହଁସ୍ପୃହା ମୋର ଜିତିବାକୁ
ଜୀବନ୍ତଯନ୍ତ୍ରଣା
ନ ଅଟକି ଅବିରତ ଅହର୍ନିଶ
ଚାଲିବା ଯଦି ଜୀବନର ଧର୍ମ
ମୁଁ ହି ସେହି ମର୍ମେ ବନ୍ଧା
ଏକ କଳ୍ପନା ସରିତା
ଆଜି କାଲି ଭଲ ଲାଗେ ନୀରବତା ।

ସ୍ନାତ୍ତକୋତ୍ତର ପ୍ରଥମବର୍ଷ
ରେଭେନ୍ସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସହନଶୀଳତାର ଫଳ......



ସୀତାକାନ୍ତ ଡୁମୁଜଆଁ

ଭାବୁ ଭାବୁ ହଠାତ୍ ମୁଣ୍ଡେ ପାଞ୍ଚି ଯାଏ ଖଣ୍ଡେ ବୁଦ୍ଧି। ଏଇ ଅବସ୍ଥା ଆଉ କେତେ ଦିନ ରହିବ ଯେ ? ଆମେ କ'ଣ ଏମିତି ସବୁଦିନ ଏଇ ଭଙ୍ଗା କୁଡିଆ ଘରେ ଜୀବନ ଜୀଇବୁ ? ନାଇଁ ନାଇଁ ମତେ କିଛି କରିବାକୁ ହେବ, ହେଲେ ମୁଁ ଯାହା ଭାବୁଛି ତାହା କ'ଣ ସମ୍ଭବ ହେବ ? ଘରେ ତ ଚାରି ଜଣ। ପରିବାର ଟି ଛୋଟ। ହେଲେ ଗରିବ। ତା ହେଲେ ......? ନାଇଁ ନାଇଁ ଯେମିତି ହେଲେ କରିବାକୁ ହେବ।

ଏମିତି ଭାବୁଭାବୁ ରାତି ୧୨ ବାଜି ୩୦ ମିନିଟ୍ ହେଇଗଲାଣି। ସମୟ ଜଣା ପଡୁନି। ଖଣ୍ଡେ ତେଲ ଚିକିଟା ତକିଆ ଉପରେ ଓଜନିଆ ମୁଣ୍ଡ, ତାଳପତ୍ରରେ ତିଆରି ଖଣ୍ଡେ ମସିଣା ଉପରେ ନିଶ୍ୱାସ ପ୍ରଶ୍ୱାସ ଆସୁଥିବା ଖଣ୍ଡେ ଦେହ ଆଉ ଦେହ ଉପରେ ରହିଛି ଖଣ୍ଡେ ଖଣ୍ଡେ ମଇଲା କିଟ୍ କିଟ୍ ସାର୍ଟ ପ୍ୟାଂଟ। ମୁଣ୍ଡ ଉପରକୁ ଅନେଇ ଦେଲେ ଆଖିକୁ ଆସୁଛି ଚନ୍ଦ୍ର ତାରା ମାନଙ୍କର କେତେ କଥା କେତେ ବର୍ତ୍ତା ।

ଏମିତି ଭାବୁ ଭାବୁ ଢେର ବେଳ ଗଲା ଉତ୍ତାରେ କେତେବେଳେ ଆଖିକୁ ନିଦ ଆସି ଲାଖିଗଲାଣି। ଆଖି ଖୋଲିଲା ମାତ୍ରକେ ସୂର୍ଯ୍ୟ କେତେବେଳୁ ଉଇଁଗଲେଣୀ ତାହା ମୋତେ ଜଣା ନାହିଁ। ପ୍ରତିଦିନ ତାଙ୍କ ଠାରୁ ଆଗେ ଉଠେ ହେଲେ ଆଜି ସେ ମୋ ଠୁ ଆଗେ। ବୋଧେ ରାତିରେ ବେଶୀ ଡେରି ହୋଇଗଲା।

ISSN NO.
2582-208X

ହଠାତ୍ ଜଲଖିଆ କରିବା ବେଳେ ମନେ ପଡିଗଲା କାଲି ରାତି କଥାଗୁଡାକ। ଏଥି ଭିତରେ ପିଲାଟି ଦଶମ ପାସ୍ କରିସାରିଥିଲା ପଇସାପତ୍ର ଅଭାବ ଯୋଗୁଁ  ପଢିବା ଇଛା କୁ ମାରି ଦେଇଥିଲା। କିନ୍ତୁ ହଠାତ୍ ତାହା ପୁଣି ଆଜି ଜୀଇଁ ଉଠିଲା ଏଇ ଭଙ୍ଗା ଦଦରା ମନରେ। ବାପା ବୋଉ ସହିତ କଥା ପଡିଲା ରାତି ଢେର  ବେଳ ଯାଏଁ । ନିଷ୍ପତ୍ତି ନିଆଗଲା ବାବୁ ସହରକୁ ଯାଇ ପାଠ ପଢ଼ିବ। ନିଷ୍ପତ୍ତି ତ ନିଆ ଗଲା ସତକଥା ହେଲେ ତା ରହିବା ଖାଇବା ଖର୍ଚ୍ଚ କେମିତି ଚଳିବ। ଗାଁ ଯେଉଁ ଜମି ଖଣ୍ଡେ ଅଛି ତାହା ଖାଇବାରେ ନିଅଣ୍ଟ, ପୁଅକୁ ପାଠ କେମିତି ପଢେଇ ହେବ।  ଏଇ ବିଷୟକୁ ନେଇ ପୁଣି ଢେର୍ ବେଳ ଯାଏଁ ଆଲୋଚନା ଜାରି ରହିଲା ଏବଂ ଶେଷରେ ନିଷ୍ପତ୍ତି ହେଲା ଯେ ବାପା  ଅନ୍ୟ କେଉଁ ସହରରେ ଥିବା କାରଖାନାରେ କାମକରି ଟଙ୍କା ରୋଜଗାର କରିବେ ଏବଂ ସେଇ ପଇସାରେ ପୁଅ ପାଠ ପଢ଼ିବ । ଏଇ ଦୁଇ ଘଡ଼ି ଆଲୋଚନା ଥିଲା ଜୀବନ ପରିବର୍ତ୍ତନୀୟ ସମୟ। ଏଥି ମଧ୍ୟରେ ବାପା ବୋଉ ଶୋଇବାକୁ ଗଲେ। ଏଥି ଭିତରେ ଗୋଟେ ମାସ ବିତିଗଲାଣି .....।

ଦିନେ ଶୋଇଥିବା ବେଳେ ହଠାତ୍ କାନେ ପଡ଼େ ପୋଡଶୀ ଘରେ ଥିବା କେତୋଟି କୁକୁଡ଼ାର କକେଁରେ କଁ ଡାକ । ନିଦ ଭାଙ୍ଗି ଗଲା । ଆଖି ଆଗରେ ଥିବା କାନ୍ଥ ଘଣ୍ଟାକୁ ଦେଖେ ତ ସମୟ ପ୍ରାୟ ଚାରିଟା ପନ୍ଦର। ବୋଧ ହୁଏ ବ୍ରାହ୍ମଣପଡା ପ୍ରାୟ ଲୋକ ନିଦରୁ ଉଠି ଯିବେଣି। ପନ୍ଦର ମିନିଟ୍ ପରେ ଗାଁ ମଝିରେ ଥିବା ଜଗନ୍ନାଥ ମନ୍ଦିରରେ ଲାଗିଥିବା ମାଇକ୍ ପ୍ରାତଃ ଭଜନ ଆରମ୍ଭ ହୋଇଗଲା। ଆଖିକୁ ଆଉ ନିଦ ଆସିଲା ନାହିଁ ଖାଲି ତୁଚ୍ଛାଟାରେ ଶୋଇବା ବାହାନା କରି ଆଖି ବୁଜି କଡ଼ ଲେଉଟାଉଥାଏ। କେତେବେଳ ଗଲା ଉତ୍ତାରୁ ବାପା ଶଯ୍ୟା ତ୍ୟାଗୀ।  ପୋଖରୀ ଆଡ଼କୁ ଚାଲିଗଲେ କେତେ ଜଣ । ତାଂକ ପଛେ ପଛେ ମୁଁ ବି ଯାଉଥାଏ ହେଲେ ଟିକେ ଦୁରେ ଥାଏ ତେଣୁ ଠିକସେ କେହି ଚିହ୍ନି ହେଉନଥିଲେ କି ତାଂକ ନିଦୁଆ କଥାଗୁଡାକ ଠିକ୍ ଭାବରେ ବୁଝି ହେଉନଥାଏ କେବଳ ଯେଉଁମାନେ ସାଙ୍ଗେ ଯାଉଥିଲେ ସେମାନେ ସ୍ପଷ୍ଟ ବୁଝୁଥିବେ ମୋ ଅନୁମାନ । ପୋଖରୀ ତୁଠରୁ ଫେରିବା ପରେ ମାଆ କେତେ ଖଣ୍ଡ ଚକୁଳି ତିଆରିରେ ବ୍ୟସ୍ତ ଥାଏ,ଏଇ ସମୟରେ ମୁଁ ଝଟ୍ ପଟ୍ ମୋ ସାମାନଗୁଡା ପେକିଙ୍ଗ୍ କରିବାରେ ଲାଗିଗଲି। ବାପା ଆସିବା ପରେ ଦୁହେଁ ମିଶି ସକାଳ

ISSN NO.
2582-208X


ଜଳଖିଆ କରିଦେଲୁ। କିଛି ସମୟପରେ ଦୁହେଁ ବାହାରିଗଲୁ ସହର ଅଭିମୁଖେ ପାଖରେ ଥିବା ଜାତୀୟ ରାଜପଥକୁ। ଏତିକି ବେଳେ ମାଆର କଉଠୁ ତରତର ହେଇ ପାଞ୍ଚଶହ ଟଙ୍କା ମୋ ହାତମୁଠାରେ ଦେଇ କିଛି କହିବା ଆରମ୍ଭ କରି ଦେଇଥିଲେ। ମୋ ତରବର ଯୋଗୁଁ ଠିକ୍ ସେ ବୁଝି ପାରିଲି ନାହିଁ।

ସମୟ ପ୍ରାୟ ସାଢ଼େ ଆଠଟା। ଆମେ ପହଞ୍ଚିବା ପୂର୍ବରୁ ଗୋଟେ ବସ୍ ଚାଲି ଗଲାଣି ତଳ ପଟେ। ଆଉ ପନ୍ଦର ମିନିଟ୍ ଯିବାପରେ ଆଉ ଗୋଟେ ବସ୍ ଆସିବାର ଅଛି। ବସ୍ ଷ୍ଟାଣ୍ଡ ଚାରି ପାର୍ଶ୍ୱ ପ୍ରଥମେ ଶୂନଶାନ୍ ଜଣାପଡୁଥିଲା କିନ୍ତୁ କିଛି ସମୟ ପରେ ଆସ୍ତେ ଆସ୍ତେ ଲୋକଙ୍କ ଭିଡ଼ ଜମି ଗଲାଣି। କିଏ କେଉଁଆଡେ ଯିବେ ଜଣା ନାହିଁ। ଛୋଟ ଛୋଟ ଛୁଆଗୁଡାକ ରାସ୍ତାରେ ଆସୁଥିବା ବଡ଼ ବଡ଼ ଗାଡ଼ିକୁ ଦେଖି ବହୁ ଖୁସି ଥିବା ଜଣା ପଡୁଛନ୍ତି ତ ଆଉ କେହି କେହି ନିଜ ନିଜ ସାମାନପତ୍ର ସଜାଡିବାରେ ବ୍ୟସ୍ତ ଅଛନ୍ତି। ଏତିକି ବେଳେ ହଠାତ୍ ଆସି ପହଁଚି ଯାଏ ବସ୍ ହର୍ଣ୍ଣ ବଜାଇ ବଜାଇ ଉପର ପଟୁ ତଳ ପଟକୁ ସହର ଅଭିମୁଖେ। ଆନନ୍ଦ ଜଣା ଯାଉଥିବା ଜଣେ ବ୍ୟକ୍ତି ହାତ ମାରିବା ଯୋଗୁଁ ବସ୍ ଟି ଛିଡା ହେଲା । ପ୍ରାୟ ୧୧.୪୦ରେ ବସ୍ ପହଞ୍ଚେ ସହରକୁ। ସହରର ଚାରି କଡେ ଗାଡ଼ି ମଟର ପେ ପାଁ ଅବାଜ୍ କାନ ପଟେଇ ଦେଉଥାଏ। ଠିକ୍ ଅଧା ଘଣ୍ଟା ପରେ ପିଲାଟି ର ଜଣେ ସାଙ୍ଗ ଆସିଛି ଏବଂ ଦୁଇ ଜଣ ରହୁଥିବା ସ୍ଥାନକୁ ଯାଇଛନ୍ତି।

ଗୋଟିଏ ଦିନ ରହିବା ପରେ ଆର ଦିନ ସକାଳେ କଲେଜ ଆଡ଼ମିଶନ । ଉଭୟ ଶୀଘ୍ର ଶୀଘ୍ର ସଜ ହେଲେ କିଛି ଜଳଖିଆ ସାରି। ପିଲାଟି ସାଙ୍ଗ ସବୁ ଡକ୍ୟୁମେଣ୍ଟ ଠିକ୍ ଅଛି ତ ? ହଁ ଠିକ୍ ଅଛି। ବାହାରିଗଲେ କଲେଜ ଅଭିମୁଖେ। ଖରା ଦିନଟା । ସହର ଖରା ଦିନ କହିଲେ ନ ସରେ । ସକାଳ ନ ପାଉଣୁ ଖରା ମୁଣ୍ଡ ଉପରେ। ଠିକ୍ ସମୟରେ ପହଞ୍ଚି ଗଲେ। ଏପଟେ ସାର୍ଟ ପ୍ୟାଂଟ ଝାଳରେ ଅଧାଅଧି ଭିଜି ଯାଇଥିଲା। ପିଲାଟି ସବୁ ଡକ୍ୟୁମେଣ୍ଟ ଧରି ହଲ ଭିତରକୁ ଗଲା। ହଲ୍ ଟି ପ୍ରାୟ ଭିଡ଼ ନଥିଲା କିନ୍ତୁ ଅଧା ଘଣ୍ଟା ଯିବାପରେ ଭିଡ ଜମିବାରେ ଲାଗିଲା। କିଏ କେଉଁଠୁ ଆସିଛନ୍ତି, କ'ଣ ପଢ଼ିବେ କିଛି ହେଲେ ଜଣା ପଡୁନଥିଲା କି କିଏ କାହାରି ସହ ପରିଚିତ ନଥିଲେ। ଯେ ଯାହା ବାଟେ। ପିଲାଟି

ISSN NO.
2582-208X

ଆଡ଼ମିଶନ ସାରି ଠିକ୍ ପ୍ରାୟ ୧ ଟାରେ ବାହାରେ। ସାଙ୍ଗ ଟି ସେଠି ଅପେକ୍ଷାରତ ପ୍ରଥମେ ଯେଉଁଠି ଆସି ସାଇକେଲ ଷାଣ୍ଟ କରିଥିଲେ। ପୁଣି ଦୁହେଁ ରହୁଥିବା ଘରକୁ ଫେରି ଆସିଥିଲେ।

ଦୀର୍ଘ ପାଞ୍ଚ ସାତ ଦିନପରେ କ୍ଲାସ ଆରମ୍ଭ ହେବ । ଏଇ ଭିତରେ କଲେଜ ୟୁନିଫର୍ମ ରେଡି କରି ସାରିଥାଏ। ଅପେକ୍ଷା ର ସେଇ ଦିନ ଆସି ଯାଇଛି କାଲିଠୁ କଲେଜ ଯିବାକୁ ହେବ। ତରତର ହେଇ ବାହାରି ଯାଇଛି କଲେଜ। କ୍ଲାସ ଟାଇମ୍ ସକାଳ ୭ ଟାରୁ ଆରମ୍ଭ। ପ୍ରଥମ ଦିନ ଟିକିଏ ଅଲଗା ଲାଗୁଥାଏ। ତଥାପି ସାହସ ବାନ୍ଧୁଥାଏ କିଛି ଗୋଟେ କରିବି। ଏମିତି ଯିବା ଆସିବା ଚାଲୁଥାଏ। ଏଇ ଭିତରେ ସରିଗଲାଣି ଗୋଟେ ବର୍ଷ ଜଣା ପଡୁନି। ଦ୍ୱିତୀୟ ବର୍ଷକୁ ପଦାର୍ପଣ।

ଏଇ ସମୟ ଭିତରେ  ଚାଲି ଯାଏ ଗୋଟେ ରଙ୍ଗୀନ ଦୁନିଆଁକୁ। ଏମିତି ଏକ ବ୍ୟକ୍ତି ସହ ପରିଚିତ ହୁଏ କିଛି ମାସ ପାଇଁ । ତା ସହ ବହୁ ମିଳାମିଶା କଥା ବର୍ତ୍ତା ଚାଲୁଥାଏ। ଏମିତି ଦିନେ  ଦୁହେଁ ଫେରୁଥିବା ବେଳେ ହଠାତ୍ କ'ଣ ହେଲା କେଜାଣି ଅଟକି ଗଲା। କିଛି ବାଟ ଆଗେଇ ଗଲି। ଲେଉଟି ଦେଖେ ତ ଆସୁ ନାହିଁ। ସାଇକେଲ ବୁଲାଇ ତା ପାଖକୁ ଗଲା ମାତ୍ରକେ ସେ ମତେ ଗୋଟାଏ ଛୋଟ ଚାରିଖୁଟିଆ ଖଣ୍ଡେ କାଗଜ ହାତେ ଦେଇ କହେ ଏଠି ନୁହେଁ ଘରେ ଯାଇ ପଢ। ପିଲାଟି କିଛି ଜାଣି ପାରିଲା ନାହିଁ। ଦୁହେଁ ଚାଲିଗଲେ ନିଜ ନିଜ ଘର ଅଭିମୁଖେ। କିଛି ସମୟପରେ। ଖାଇ ସାରି ସେ କାଗଜ ଖୋଲି ଦେଖେ ତ କିଛି ଲେଖା ହେଇଛି ସ୍ୱଷ୍ଟ ଅକ୍ଷରେ। କେତେ ଧାଡ଼ି ପଢିଲା ପରେ ଆଉ ପଢିପାରିଲା ନାହିଁ। ପୁଣି ଯେମିତି ମୁଡାମୁଡି ହେଇଥିଲା ସେମିତି ପୁଣି  ରଖିଦେଲା ବ୍ୟାଗ୍ ଭିତରେ। ଏପଟେ ଅଦିନିଆ ଝଡ଼ ଆସିଲା ପରି ଛାତି ଭିତରେ ବାଜି ଯାଉଥାଏ ବିଜୁଳି ଗୁଡାକ। ଭାଙ୍ଗି ପଡୁଥାଏ ହୃଦୟର କୋଣ ଅନୁକୋଣରେ ଥିବା ପାହାଡ ପର୍ବତ। ନୀଳ ଢେଉ ସବୁ ତୀବ୍ରଗତି ମାଡ଼ି ଆସୁଥାଏ ହୃଦ ସମୁଦ୍ରେ ଏବଂ ସବୁଦିନ ଠାରୁ ଆଜି ବହୁ ବେଗରେ ହାର୍ଟବିଟ୍ ଟା ବଢିଯାଉଥାଏ। ଏସବୁକୁ ମେଣ୍ଟେଇବା ପାଇଁ ଶୋଇବାକୁ ଚେଷ୍ଟା କଲା ହେଲେ ? ତାହା ହେଲା ନାହିଁ। ଆହୁରି ଆହୁରି ଅକ୍ଷର ସ୍ୱଷ୍ଟ ଦେଖାଗଲା। ତଥାପି ଆଖିରେ

ISSN NO.
2582-208X

ବୁଜି ଥାଏ। କେତେ ବେଳେ ଶୋଇ ଗଲା ଜଣା ପଡ଼ିଲା ନାହିଁ। ଉଠିଲା ବେଳକୁ ସମୟ ୫. ୩୦ । ସନ୍ଧ୍ୟା ସମୟ ଆସିଯାଇଛି। ରୁମ୍ ର ପ୍ରାୟ ପିଲା କୋଚିଙ୍ଗ୍ ଗଲେଣି। ଫେରିବେ ଆଠ ଟାରେ .....।

ରାତି ଶେଷ। ସକାଳ ଆଠଟା ହେଲାଣି ପିଲାଟି କୁ ଜଣା ନାହିଁ। ତରତର ହେଇ ଉଠି ନିତ୍ୟକର୍ମ ମାରିଦେଇଛି। ବାହାରି ପଡିଛି କଲେଜ। ହଠାତ୍ ଦେଖା ହୁଏ ତା ସହ । ତାକୁ ଦେଖି ଗୋଟେ ଛୋଟ ସ୍ମାଇଲ ମାରି ଚାଲିଗଲା। ଏପଟେ କାଲି କଥା ମୋର ମୋଟେ ମନେ ନାହିଁ। କିଛି ସମୟ ଯିବାପରେ ହଠାତ୍ ମନେ ପଡ଼େ। କେହି ନଥିବା ସତ୍ତ୍ୱେ ବି ଟିକିଏ ଲାଜେଇ ଯାଏ । କ୍ଲାସ୍ ରୁମ୍ ଯିବାପରେ ଦୁଇ ଜଣ ଝିଅ ପିଲାଟିକୁ ଦେଖି ହସିଦେଲେ । ଯାହା ଆଗରୁ କେବେ ହୋଇ ନାହିଁ। ଏମିତି ତିନୋଟି କ୍ଲାସ୍ ସରିବା ପରେ ବାହାରି ଆସିଛି ପିଲାଟି। ତା ପଛେ ପଛେ ସେ ବି ଚାଲି ଆସିଲେ। ଆଗକୁ ଆସି ଛିଡ଼ା ହେଇ ହସି ହସି କହିଲେ ଚାଲ ଯିବା। ଏପଟେ ମୁଁ ଆଉ ମୁଁ ନୁହେଁ। ହାତ ମାରି ଚାଲ ଯିବା। ମୁଁ ହଁ ଯିବା ସାଇକେଲ ଆଣେ। ଏମିତି ଯିବା ଆସିବା, କଥାବାର୍ତ୍ତା ମିଳାମିଶାରେ ବହୁ ଦିନ ବିତି ଗଲାଣି ତିଳେ ମାତ୍ର ଜଣା ପଡୁନି। ଏପଟେ ଯୁକ୍ତ ଦୁଇ ପରୀକ୍ଷା ଆଖି ଆଗରେ।

ଦୀର୍ଘ ଦୁଇମାସ ବ୍ୟବଧାନ। କଲେଜ ଯିବା ବନ୍ଦ। କେହି କାହାର ଭେଟ ନାହିଁ। ଏମିତି କି ପିଲାଟି ସହ ସେହି ଜଣଙ୍କର । ଏବେ ଯେ ଯା ରୁମ୍ ରେ ପଢ଼ାପଢ଼ିରେ ବ୍ୟସ୍ତ। ପରୀକ୍ଷା ପାଇଁ ସମସ୍ତେ ବ୍ୟସ୍ତ। ଏପଟେ ଏକ ଅଦିନିଆ ଝଡ଼ ଆସି ପହଁଚେ ପିଲାଟି ପାଖକୁ। ଖବର ମିଳେ ତାଙ୍କ ଜଣେ ସାଙ୍ଗ ପାଖରୁ। ଟେଷ୍ଟ ପରୀକ୍ଷା ସରିବାପରେ ସେ ଗାଁକୁ ଯାଇଥିଲେ। ଗାଁ ର ଏକ ବିବାହ ଘର ଯାଇଥିଲେ। ସେଠାରେ ତାଂକ ଜଣେ ସଂପର୍କୀୟ ହେବେ ତାକୁ ତାଂକ ପୁଅ ସହ ପରିଚିତ କରେଇଦେଇଛନ୍ତି। ଯାହା ଦ୍ୱାରା ଉଭୟ କିଛି ସମୟ କଥାବାର୍ତ୍ତା ଚାଲିଛି। ଶେଷ ଦୁହେଁ ଦୁହିଁଙ୍କ ମନ କିଣି ହେଇଛନ୍ତି। ଏଇ ଘଡିସନ୍ଧି ମୂହୁର୍ତ୍ତରେ ମୋ କଥା ତାଂକର ଆଉ ମନେ ନାହିଁ। ତାଂକ ସାଙ୍ଗ କହିବା ଅନୁଯାୟୀ ପିଲାଟି ମୋ ଠାରୁ ସୁନ୍ଦର, ଟଂକା ପଇସା ଅଭାବ ନାହିଁ, ପାଖେ ଅଛି ଖଣ୍ଡେ ବଡ ଗାଡ଼ି, ହେଲେ ମୋ ପାଖେ ତ ଏସବୁ କିଛି ନାହିଁ। ଆମେ ଗରିବ, ଧନ ସଂପତ୍ତି ନାହିଁ, ଗାଡ଼ି ନାହିଁ ଖଣ୍ଡେ ସରଳ ହୃଦୟ ଅଛି।

ISSN NO.
2582-208X

ଏସବୁ ଶୁଣିଲା ପରେ ଆଉ ସମ୍ଭାଳି ହେଲାନି। ହିଟର ସୁଇଚ୍ ଦେଲେ ଯେମିତି ହିଟର୍ ଆସ୍ତେ ଆସ୍ତେ ଗରମ୍ ହୋଇ ଶେଷ ଏକ ସୂର୍ଯ୍ୟ ଭଳି ଦେଖାଯାଏ ଠିକ୍ ସେମିତି ପିଲାଟିର ଦେହ ସେମିତି ହୋଇ ଉଠିଲା।

ଆଖି ଆଗରେ ଥାଏ ପରୀକ୍ଷା। କାହାରିକୁ କିଛି କହିଲା ନାହିଁ। ସେଠୁ ଫେରି ଆସିଲା । ମଧ୍ୟାହ୍ନରେ ବୋଧେ କିଛି ଖାଇ ନାହିଁ। ମୁହଁ ତଳେ ପୋତି ଶୋଇ ଗଲା। ପ୍ରାୟ ସନ୍ଧ୍ୟା ସାତଟା ବେଳେ ଉଠିଛି ଏବଂ ସେହି ସମୟରୁ ନିଷ୍ପତ୍ତି ନେଇଛି ଯୁକ୍ତ ଦୁଇ ପରୀକ୍ଷାରେ ତାଂକ ଠାରୁ ବେଶି ନମ୍ବର ରଖିବ ଏବଂ ତାଂକଠୁ ଆଗେ ଚାକିରି କରି ଦେଖେଇବ । ଏମିତି ପଢୁ ପଢୁ ପରୀକ୍ଷା ଆସି ଯାଇଛି। ଏବଂ ଇଂରାଜୀ ପରୀକ୍ଷାକୁ ଛାଡି ସମସ୍ତ ପରୀକ୍ଷା ଭଲ ହୋଇଛି। ପରୀକ୍ଷା ସରିବାପରେ ପିଲାଟି ଗାଁକୁ ଚାଲି ଯାଇଛି।

ଦୀର୍ଘ ଦେଢ଼ମାସ ବ୍ୟବଧାନପରେ ପରୀକ୍ଷାର ଫଳ ଆସିଯାଏ। ଏହି ସମୟରେ ପିଲାଟି ତା ମାମୁଁ ଘରକୁ ଯାଇଥାଏ। ହଠାତ୍ ଯେଉଁଦିନ ଫଳ ଆସେ ସେଦିନ ଗାଁର ଜଣେ ଭାଇ ପରୀକ୍ଷା ଫଳ କହନ୍ତି। ପରୀକ୍ଷାର ଫଳଥାଏ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ। ଏହା ଶୁଣିବା ପରେ ପିଲାଟି କିଛି ସମୟ ଆନନ୍ଦରେ ମାତିଗଲା ଏବଂ ପରେ ଏଥିରୁ ବାହାରି ଆସିଲା କାରଣ ହଠାତ୍ ମନକୁ ଆସିଲା ଯାହା ପାଇଁ ଏଇ ରିଜଲ୍ଟ ହେଲା ତାଂକର କେମିତି ହେଲା । ବହୁ ଖୋଜାଖୋଜି କଲା ପରେ ଜଣାଗଲା ତାଂକର ଦ୍ୱିତୀୟ ଶ୍ରେଣୀରେ ପାସ୍। ଟିକିଏ ନିଜ ଭିତରେ ନିଜକୁ ଚାହିଁ ମୁରୁକି ହସିଦେଇ ତାକୁ ଧନ୍ୟବାଦ ଜଣେଇଛି।

ଅନ୍ତର୍ଲା ଦେଓଗାଁ ବଲାଙ୍ଗୀର

ମଇ-୨୦୨୪
www.vedantimagazine.com
ISSN NO.
2582-208X

# ରାମ ରସାୟନ

ରାଗ-ଆଷାଢ଼ ଶୁକ୍ଳ



ସୁହଂସ ଭୋଇ

ରାମ ନାମ ଏକା ଜଗତେ ସତ
ଧନ ଦାରା ସୁତ ସବୁ ଅସତ
ଭରିଛି ତହିଁରେ ରସ ଅମୃତ
ଅମୂଲ୍ୟ ଅପୂର୍ବ ଦୁର୍ଲ୍ଲଭ ସେତ
ରାମ ରସାୟନ
ସେବନ କଲେ ହେବ ପରିତ୍ରାଣ

ରତ୍ନାକର ଖଣ୍ଡ ବୃତ୍ତି କୁକର୍ମ
ମୁଖେ ନ ସ୍ଫୁରଇ ଶବଦ ରାମ
ତସ୍କର ଦୁର୍ଜନ ଶଠ ଅଜ୍ଞାନ
ମରା ମରା ଜପି କରିଲା ଧ୍ୟାନ
ରାମ ରସାୟନ
ପାନ କରି ଲଭିଲା ଦିବ୍ୟଜ୍ଞାନ

ବଖାଣି ନଖୁଣ ରାମ ଚରିତ
ବାଲମିକୀ ନାମେ ହେଲେ ବିଦିତ
ଗ୍ରନ୍ଥ ରାମାୟଣ ସଂଦର୍ଭ ସାତ
ବୁଝି ବୁଝାଇଲେ ଶାସ୍ତ୍ର ମହତ

ISSN NO.
2582-208X

ରାମ ରସାୟନ
ଦାନ କଲେ ଜନେ ସେ ତପୋବନ

ରାମ କ୍ଷୀର ପାନ କରି ଶବରୀ
ଗତିମୁକ୍ତ ପାଇ ଗଲା ସେ ତରି
ରାମ ନାମ ମୁଖେ ଧରି ପାବନ
ବୋଲାଇଲେ ବୃଷ ବିକ୍ରମ ପୁଣି
ରାମ ରସାୟନ
ପାନକର ମୂଢ଼ ମିଳବ ପୁଣ୍ୟ

ପହଣ୍ଡି , ବରଗଡ଼

ISSN NO.
2582-208X

# କାମନାର ଅବସାଦ



ଦେବସ୍ମିତା ମହାନ୍ତ

ପଶ୍ଚିମ ଆକାଶରେ ସୂର୍ଯ୍ୟ ଧୀରେ ଧୀରେ
ଢ଼ଳଯିବା ବେଳେ ମୁହଁରେ ଥାଏ
ବିଷାଦ ଓ ଅବସାଦର ଦାଗ
ବିଦାୟ କଣ ଅବସାଦ ନୁହେଁ କ ?
ସାରା ଦିନ ଜଳ ଜଳ ନଜର ସମସ୍ତ ଶକ୍ତ ସମାପ୍ତ କରି
ଏହା ତ ଜୀବନର ସତ୍ୟ ଜଳ ଜଳ ସରିଯିବା
ଆଉ ସରିଯିବା ପରେ ?
କେଉଁ ଅତଳ ଗର୍ଭରେ ବିଲୀନ ହୋଇ ଯିବା
ବାସ୍ତବତାର ମୁଠାଏ ପାଉଁଶ ଛଡ଼ା ପାଖରେ ଆଉ କଛି ନଥିବ
ସବୁ ଏଠାକାର ଅନଳରେ ପୋଡ଼ି ଯାଇଥିବ
ହଁ,ଏ ଠି ସବୁ ଜଳଯାଏ, ଜଳନ୍ତ ମଧ ସୂର୍ଯ୍ୟ
କେବେ କାମନା ନଆଁରେ ପୁଣି କେବେ ବାସ୍ତବତାର ନଆଁରେ
ଅଂଶୁମାନଙ୍କ ଅଂଶ ମଧ ରହେନା
ଖାଲି ଯାହା ରହିଯାଏ ଅବସୋସର କୟଦଂଶ
ଏଠି ଆକାଶରେ ସୂର୍ଯ୍ୟ ଜଳେ ଆଉ ଧାରାରେ ମୁଁ
ତଥାପି ଆଶା ଥାଏ କାଳେ କଏ ଅର୍ଦ୍ଧଦଗ୍ଧ ଶରୀରକୁ ସାଉଁଟି ନେବ

ISSN NO.
2582-208X

ଧେତ୍, ଜଳଯାଇଥିବା ଶରୀରରେ ଆଉ କଣ ଥିବ ଯେ ?
ଖାଲି ଅବସାଦର ଥୋଲ୍ ଥୋଲ୍ ମାଂସ ଖସୁଥିବ
ଜଳ ଜଳ ସେ ବି କହୁଥିବ କଛି ଇଚ୍ଛା ମୋ ରହିଗଲା ବାକ....
ସେମାନେ ରହିଲେ ଏଠି ସାକ୍ଷୀ
ଦିନେ ମୁଁ ବି ଜଳଥିଲି ଏ ସଭ୍ୟତାର ଗ୍ରକଚକ୍ୟରେ
ଆଜି ଅଧା ପୋଡ଼ା ହୋଇ ଶୋଇଛି ମୁଁ ବସୁନ୍ଧରାର ଛାତିରେ......

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭ୍ରାମ୍ୟଭାଷ - ୮୯୧୭୬୮୧୬୪୭

ISSN NO.
2582-208X

# ବର୍ଷାର ଟୋପା

ବର୍ଷାରାଣୀ ଲୁହ

ବର୍ଷାର ଟୋପାରେ ଆଜି ଏ ସକାଳ
ଯେମିତି ଲାଗୁଛି ନଆର୍ ଏ ସଂସାର ।
ବର୍ଷାରେ ଟୋପାରେ ଏ ଗୋଧୂଳି ଲଗନ
ହୋଇପଡିଛି ଯେମିତି ସ୍ୱଚ୍ଛ ସବୁଜ ବର୍ଣ୍ଣ ।
ଏ ସବୁ ଦେଖି ମନେପଡେ ସେହି ଅତୀତ
ଯେଉଁ ଅତୀତରେ ବାପା ତୁମେ ଥିଲ ଆମ ସହିତ ।
କେତେ ଯେ ଅକୁହା କାହାଣୀ କହି
ଆମ ସଭିଙ୍କୁ ଦେଉଥିଲ ଭୁଲାଇ ।
ସେହି କାହାଣୀଟି ଥିଲା ଯେ ପ୍ରକୃତ
କିନ୍ତୁ, ଆଜି ମୁଁ ଜାଣୁଛି ତାହା ଯେ ସତ ।
ସତରେ ଥିଲା ପୁଣି ବହୁତ ସଂଘର୍ଷ
କିନ୍ତୁ ମୁଁ ଭାବୁଛି ତାହା ମୋ ପ୍ରତି ହେବ କି ଆକର୍ଷ ।

ISSN NO.
2582-208X



# ଇନ୍ଦିରା ଏକାଦଶୀ



ଡ. ଅର୍ଜୁନ ଚରଣ ବାରିକ୍

ଆଶ୍ୱିନ ମାସ କୃଷ୍ଣପକ୍ଷରେ 'ଇନ୍ଦିରା' ନାମକ ଏକାଦଶୀ ପଡେ । ଏହି ବ୍ରତର ପ୍ରଭାବରେ ବଡ଼ ବଡ଼ ପାପ ନଷ୍ଟ ହୋଇଯାଏ । ସତ୍ୟଯୁଗରେ ଇନ୍ଦ୍ରସେନ ନାମକ ଜଣେ ରାଜା ମାହିଷ୍ମତିପୁରୀକୁ ଶାସନ କରୁଥିଲେ । ସେ ଅତ୍ୟନ୍ତ ଧର୍ମପରାୟଣ ହୋଇଥିବାରୁ ତାଙ୍କର ଖ୍ୟାତି ଚତୁର୍ଦ୍ଦିଗକୁ ବ୍ୟାପିଥିଲା । ରାଜା ଇନ୍ଦ୍ରସେନ ଭଗବାନ ବିଷ୍ଣୁଙ୍କ ଭକ୍ତିରେ ତଲ୍ଲୀନ ରହି ଗୋବିନ୍ଦଙ୍କର ମୋକ୍ଷଦାୟକ ନାମ ଜପ କରି ସମୟ ଅତିବାହିତ କରୁଥିଲେ । ଦିନେ ରାଜା ରାଜ ଦରବାରରେ ବସିଥିବା ସମୟରେ ଦେବର୍ଷି ନାରଦ ସେଠାରେ ପହଞ୍ଚିଲେ । ତାଙ୍କୁ ଆସିବାର ଦେଖି କରଯୋଡ଼ି ଠିଆହେଲେ ଓ ବିଧିପୂର୍ବକ ପୂଜାକରି ଆସନରେ ବସାଇଲେ । ଆସିବାର କାରଣ ଜିଜ୍ଞାସା କଲେ । ନାରଦ କହିଲେ - ଶୁଣ ରାଜନ୍ । ମୁଁ ଯମଲୋକକୁ ଯାଇଥିଲି ଓ ସେଠାରେ ତୁମ ପିତାଙ୍କୁ ଦେଖିଲି । ସେ ବ୍ରତଭଙ୍ଗ ଦୋଷରୁ ନର୍କଯନ୍ତ୍ରଣା ଭୋଗକରୁଛନ୍ତି । ସେ ମୋହାତରେ ସନ୍ଦେଶ ପଠାଇ କହିଛନ୍ତି, ମୋତେ ଇନ୍ଦିରା ଏକାଦଶୀ ବ୍ରତ ପୁଣ୍ୟ ଦେଇ ସ୍ୱର୍ଗକୁ ପଠାଅ ।

ଆଶ୍ୱିନ ମାସ କୃଷ୍ଣପକ୍ଷର ଦଶମୀ ଦିନ ପ୍ରାତଃକାଳରେ ସ୍ନାନ କରିବା ସହିତ ମଧ୍ୟାହ୍ନରେ ପୁଣି ଅବଗାହନ କରି ଭୋଜନ କରିବା ଉଚିତ୍ । ରାତିରେ ଭୂମିରେ ଶୟନ କରିବା ନିୟମ ରହିଛି । ଏକାଦଶୀ ଦିନ ସ୍ନାନ ଶୌଚ ହୋଇ "ଅଦ୍ୟ ସ୍ଥିତ୍ୱା ନିରାହାରାଃ ସର୍ବଭୋଗ ବିବର୍ଜିତଃ । ଶ୍ୱୋ ଭୋକ୍ଷେ ପୁଣ୍ଡରୀକାକ୍ଷ ଶରଣଂ ମେ ଭବାଚ୍ୟୁତ ।।" ମନ୍ତ୍ର ପାଠ କରି ଉପବାସର ନିୟମ ପାଳନ କରିବା ଜରୁରୀ । ଏହିପରି ନିୟମ ଅନୁସରଣ କରି ମଧ୍ୟାହ୍ନ

ISSN NO.
2582-208X

କାଳରେ ପିତରଙ୍କ ପ୍ରସନ୍ନତା ନିମନ୍ତେ ଶାଳଗ୍ରାମ-ଶିଳା ସମ୍ମୁଖରେ ବିଧିପୂର୍ବକ ଶ୍ରାଦ୍ଧ ଦେବା ସହିତ ଦକ୍ଷିଣାଦ୍ୱାରା ବ୍ରାହ୍ମଣଙ୍କୁ ସତ୍କାର କରି ତାଙ୍କୁ ଭୋଜନ ଦେବା ଉଚିତ୍ । ପିତୃପୁରୁଷଙ୍କୁ ଦିଆଯାଇଥିବା ଅନ୍ନପିଣ୍ଡକୁ ଶୁଙ୍ଘି ଗାଇକୁ ଖୁଆଇ ଦିଆଯାଏ । ପୁଣି ଧୂପ ଓ ଗନ୍ଧଦ୍ୱାରା ଭଗବାନ ହୃଷିକେଶଙ୍କ ପୂଜା କରି ରାତିରେ ତାଙ୍କ ପାଖରେ ଉଜାଗର ରହିବ । ସକାଳ ହେଲେ ଦ୍ୱାଦଶୀ ଦିନ ପୁଣି ଭକ୍ତିପୂର୍ବକ ଶ୍ରୀହରିଙ୍କର ପୂଜା କରିବ । ଏହା ପରେ ବ୍ରାହ୍ମଣଙ୍କୁ ଭୋଜନ କରାଇ ଭାଇ-ବନ୍ଧୁ ନାତି ଓ ପୁତ୍ରମାନଙ୍କ ସହିତ ସ୍ୱୟଂ ମୌନପୂର୍ବକ ଭୋଜନ କର ।

ରାଜା ଇନ୍ଦ୍ରସେନ ନାରଦଙ୍କ କହିବା ଅନୁସାରେ ବ୍ରତ ପାଳନ କଲେ । ବ୍ରତ ପୂର୍ଣ୍ଣ ହେବା ପରେ ଆକାଶରୁ ପୁଷ୍ପ ବୃଷ୍ଟି ହେଲା । ଇନ୍ଦ୍ରସେନଙ୍କ ପିତା ଗରୁଡ଼ରେ ବସି ବିଷ୍ଣୁଧାମକୁ ଚାଲିଗଲେ ଓ ଇନ୍ଦ୍ରସେନ ମଧ୍ୟ ନିଷ୍କଣ୍ଟକ ରାଜ୍ୟ ଭୋଗ କରି ନିଜର ପୁତ୍ରକୁ ରାଜ ସିଂହାସନରେ ବସାଇ ସ୍ୱର୍ଗକୁ ଚାଲିଗଲେ ।ଏହାକୁ ପଠନ ଓ ଶ୍ରବଣ କରି ମନୁଷ୍ୟ ସବୁ ପାପରୁ ମୁକ୍ତ ହୋଇଯାଏ ।

ସଂଗ୍ରାହକ: ଡ. ଅର୍ଜୁନ ଚରଣ ବାରିକ୍
ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ହୋଲିରେ ଆସିଛି ରଙ୍ଗର ପସର୍



ଦୀନବନ୍ଧୁ ବେଜ

ହୋଲିରେ ଆସିଛି ରଙ୍ଗର ପସରା
ଝୁମେ ଆଜି ଗାଁ ଦାଣ୍ଡ,
ଗୁଲାବ ଆସିଛି ମଧୁରିଆ ହୋଇ
ହାତେ ଧରି ମିଠା ଭାଣ୍ଡ ।
ବାଟଗୀତ ସାଥେ ଫଗୁଣର ନାଚ
ବିମୋହିତ ହୁଏ ଲୋକ,
ପ୍ରାଣର ଠାକୁର ଦାଣ୍ଡେ ଛନ୍ତି ଉଭା
ମନେ ନାହିଁ ଦୁଃଖ ଶୋକ ।
ସମ୍ମୋହନ କରେ ଆମ୍ବର ବଉଳ
ସମୀରଣ ମୃଦୁ ମନ୍ଦ,
ପିଠାପଣା ବାସ ଘରେ ଚହଟୁଛି
ନାଚ୍‌ଗୀତ ନାନା ଛାନ୍ଦ।
ଖୋଳ ମୃଦଙ୍ଗର ଅଗଣା କମ୍ପୁଛି
ଝାଞ୍ଜ କହେ ରାଧା ରାଧା,
ବୈଷ୍ଣବ ଧର୍ମୀ ବିମୋହିତ ହୋଇ
କୃଷ୍ଣଙ୍କୁ କରନ୍ତି ଶ୍ରଦ୍ଧା ।

ISSN NO.
2582-208X

ଆଦ୍ୟ ଓଁକାରରୁ ପ୍ରଭୂ ଗୋପୀନାଥ
ଧରାବତରଣ କରି,
ଭକତ ଦୁଆର ଯାଉଛନ୍ତି ବୁଲି
ଖାଉଛନ୍ତି ଖିରି ପୁରି ।
ବିମାନ କାନ୍ଧୁଆ ବୋହି ନେଉଛନ୍ତି
ତୁଣ୍ଡେ ହରିବୋଲ ଡାକ,
ହଲି ଦୋହଲିକି ମୁରାରୀ ଯାଆନ୍ତି
ଦର୍ଶନେ ଭକତ ମୋକ୍ଷ ।
ରଙ୍ଗ ଅବିରର ପରବ ଆସିଛି
ଫଗୁଣ ଆଣିଛି ଡ଼ାକି,
ନାଚ ସାଙ୍ଗ ସାଥି ବିବାଦକୁ ଭୂଲି
ଛାତିକୁ ମିଶାଇ ଛାତି ।

ସଂପାଦକ
ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ
ମାଲକାନଗିରି, ଓଡ଼ିଶା

ISSN NO.
2582-208X

# ହୋଲି



ପ୍ରଶାନ୍ତ କୁମାର ନାଥ

ରଙ୍ଗର ପରବ ହୋଲି ଆଣିଅଛି
ମନରେ ଆନନ୍ଦ ଭରି
ସାତ ରଙ୍ଗ ମାଖି ଦେଇଛି ଫଗୁଣ
ରଙ୍ଗ ପିଚକାରୀ ଧରି ।

ଆମ୍ରବନେ ପିକ ଦେଲାଣି ତ ଡ଼ାକ
ସୁମଧୁର କୁହୁ ତାନେ
ପ୍ରେମେ ମତୁଆଲା ମଧୁମଖି ଦେଖ
ଭ୍ରମୁଛନ୍ତି ଫୁଲ ବନେ ।

ରାସ ରଙ୍ଗ ପରା ପସରା ମେଲିଛି
ଆସିଅଛି ବୋଲି ହୋଲି ।
ଛିଟ ପ୍ରଜାପତି ଚମକି ଯାଉଛି
ଫୁଲରୁ ଫୁଲକୁ ଖାଲି ।

ଗ୍ରାମର ପ୍ରାଙ୍ଗଣ ଦିଶୁଛି ରଙ୍ଗିଲା
ରଙ୍ଗର ଅବିର ନାଲି

ISSN NO.
2582-208X

ଋତୁ ରାଜ ଆସି  ଦେଉଅଛି ହସି
ପ୍ରୀତିର ପାଖୁଡା ଖୋଲି ।

ଚୋରା ଚଇତାଳି ନେଉଛି ଚୋରାଇ
ସଭିଙ୍କର ମନ ଚୋରୀ
ହୋଲି ପରା ଆମ ମନର ଆନନ୍ଦ
ପ୍ରୀତି ରଙ୍ଗ ଫୁଲଝରି ।

ରଙ୍ଗ ଅବିରରେ ମାନିଥାନ୍ତି ସର୍ବେ
ନିଜକୁ ହଜେଇ ଦେଇ
ଭୁଲି ଯାଇଥାନ୍ତି ମାନ ଅଭିମାନ
ଏକାକାର ସେଯେ ହୋଇ ।।

ହୋଲି ସିନା ଆଣେ ହୃଦୟରୁ ଭରି
ରଙ୍ଗ ଅବିରକୁ ବୋଳି
ହୋଲିକୁ ନଭାବ କେବେ ଏ ଫଗୁଣେ
ସାମାନ୍ୟ ସେ ରଙ୍ଗ କାଳି ।।

(କୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ସ୍ୱଭାବ କବି ଗଙ୍ଗାଧର ମେହେର



ଅମରନାଥ ବାରିକ

ଅଗଷ୍ଟ ନଅ'ରେ ସେବତୀ ମା' କୋଳେ ଜନମ ହୋଇ
ଅମର ଲଭିଲେ ସାହିତ୍ୟକୁ ନିଜ ଜୀବନ ଦେଇ ।
ପଢ଼ିଥିଲେ ସିନା ପଞ୍ଚମ ଯାଏଁ ସେ ନଥିଲେ ଦ୍ୱନ୍ଦି
ଜାଣିଥିଲେ ଭାଷା ବଙ୍ଗଳା ସଂସ୍କୃତ ଇଂରାଜୀ ହିନ୍ଦୀ ।

ରହୁଥିଲେ ଗର୍ବ ଅହଙ୍କାର ଠାରୁ ବହୁ ଦୂରରେ
ଲେଖୁଥିଲେ କାବ୍ୟ କାଷ୍ଠ କୋଇଲାର ମୁଣ୍ଡା କଳାରେ ।
କବିତା କଲ୍ଲୋଳ ଅଯୋଧ୍ୟାର ଦୃଶ୍ୟ ଅପୂର୍ଣ୍ଣ କାବ୍ୟ
ପ୍ରଣୟ ବଲ୍ଲରୀ କୀଚକବଧ ଓ ପଦ୍ମିନୀ ଅର୍ଘ୍ୟ ।

ଲେଖନୀ ଚଳାଇ ସୁରକ୍ଷା କବଚ ଭାଷାକୁ ଦେଲେ
ସେଲାଗି ସମାଜେ ପ୍ରକୃତି କବିର ଉପାଧି ନେଲେ ।
ପ୍ରକୃତି ରାଣୀର ସୌନ୍ଦର୍ଯ୍ୟ ସୁଷମା ରଚନା କରି
ମାତୃଭାଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ।

ISSN NO.
2582-208X

କିଞ୍ଚିତେ ବଖାଣି କବିଙ୍କ କାହାଣୀ ଅମରନାଥ
ମାଗେ ଭାଷାଜ୍ଞାନ ଦାନକର ମୋତେ ବାଙ୍ମୟ ପଥ ।
ଶହେତମ ପୁଣ୍ୟ ତିଥି ସମାରୋହ ଅବସରରେ
ଘେନ ଶ୍ରଦ୍ଧାଞ୍ଜଳି ବାଢୁଛି ମେହେର ଭକତି ଭରେ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ମାଆ ବିରଜା



ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ପବିତ୍ର ଭାରତ ରେ ମନ୍ଦିର ମାଳିନୀ ଓଡିଶା ସ୍ଥାନ ବିଶେଷ ଗୌରବ ଅର୍ଜନ କରିଚି। ଓଡିଶା ରେ ବିଭିନ୍ନ ତୀର୍ଥ ଓ ମନ୍ଦିର ରହିଅଛି। ତାହା ମଧ୍ୟରେ ବିରଜା କ୍ଷେତ୍ର ଅନ୍ୟତମ। ବିରଜା କ୍ଷେତ୍ର ବହୁ ସମ୍ମାନ ର ଅଧିକାରିଣୀ ହୋଇ ଅଛି। ଯାଜପୁର ଜିଲ୍ଲା ରେ ମାଆ ବିରଜା କ୍ଷେତ୍ର ଙ୍କ ପିଠ ସ୍ଥାନ ଅବସ୍ଥିତ। ଓଡିଶା ରେ ଚାରି ଗୋଟି ତୀର୍ଥ ସ୍ଥାନ ରହିଛି। ସେଗୁଡିକ ହେଲା ବିଷ୍ଣୁ କ୍ଷେତ୍ର ପୁରୀ, କୋଣାର୍କ ସୂର୍ଯ୍ୟ କ୍ଷେତ୍ର, ଶିବ କ୍ଷେତ୍ର ଭୁବନେଶ୍ୱର, ଗଦା କ୍ଷେତ୍ର (ଦେବୀ କ୍ଷେତ୍ର) ଭାବରେ ବିରଜା କ୍ଷେତ୍ର କୁହାଯାଏ ଦେବୀ ସତୀଙ୍କର ପବିତ୍ର ମୃତ୍ୟୁ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କୁ ଧାରଣ କରି ଭାରତରେ ଯେଉଁ ବାଉନ କୋଟି ତୀର୍ଥ ସ୍ଥାନ ଅଛି, ସେଥିରୁ ଏହି କ୍ଷେତ୍ର ଅନ୍ୟତମ। କାରଣ ଏହି ସ୍ଥାନ ରେ ସତୀ ଙ୍କର ନାଭି ପତିତ ହୋଇଥିଲା। ଏହା ନାଭିଗୟା ତିର୍ଥ ଭାବରେ ପରିଚିତ। ପୂରଣ ଓ ଇତିହାସ ରେ ପ୍ରସିଦ୍ଧ ବୈତରଣୀ ନଦୀ କୂଳରେ ଦେବୀ ଠାରୁ ନାରିକେଳ ବୃକ୍ଷ ଶୋଭିତ ଏକ ଶାନ୍ତସୁନ୍ଦର ପରିବେଶ ମଧ୍ୟରେ ଦେବୀ ମା ବିରଜା ଙ୍କ ମନ୍ଦିର ଦଣ୍ଡାୟମାନ। ବହୁତ ପୁରାତନ କାଳରୁ ବିରଜା ଯାଜପୁର ରେ ପ୍ରତିଷ୍ଠା ଓ ପୂଜିତା ହୋଇ ଆସୁଥିଲେ ମଧ୍ୟ ଦେବୀ ଙ୍କର ପ୍ରକୃତ ପ୍ରତିଷ୍ଠା କାଳ ଅବ୍ୟଧିତ ସ୍ଥିରକୃତ ହୋଇ ନାହିଁ। ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ ଲିଖିତ ହୋଇଥିଲା ବୋଲି ବିଶ୍ୱାସ କରିଯାଇଥିବା ମହାଭାରତ ରେ ବୈତରଣୀ ତଟ ବାସିନୀ ବେବୀ ବିରଜା ଙ୍କ ଏହି ପବିତ୍ର କ୍ଷେତ୍ର ସଂପର୍କ ରେ ବର୍ଣ୍ଣନା କରାଯାଇଛି। ବୈତରଣୀ ନଦୀ

ISSN NO.
2582-208X

କୂଳ ରେ ପୂର୍ଣ୍ଣିମା ଚନ୍ଦ୍ର ପରି ବିରାଜିତା ଦେବୀ ମାଆ ବିରଜା ଅବସ୍ଥିତ। ସର୍ବ ପାପ ଧୋଇ ହୋଇଯାଏ ଏହି ତୀର୍ଥ କ୍ଷେତ୍ରକୁ ପଦାର୍ପଣ କଲେ ଏହି ଜୀବନରେ ନିଜର ବଂଶ ଧନ୍ୟ କରିବା ଭକ୍ତମାନେ ଗୌଦାନ ର ପୁନଃ ଫଳ ଲାଭ କରିଥାନ୍ତି। ପୁନଶ୍ଚ କଳିଙ୍ଗ ଦେଶରେ ପ୍ରଭାହିତ ବୈତରଣୀ ନଦୀ ର ପବିତ୍ର ନିକଟ ଦେଶରେ ଦେବତା ମାନଙ୍କର ସହଯୋଗ ରେ ଧମଦେବ ଯଜ୍ଞ ଅନୁଷ୍ଠିତ କରୁଥିଲେ। ଏହି ସ୍ଥାନ ଏପରି ପବିତ୍ର ଯେ ଏହାକୁ ମୁଖ୍ୟ ଲୋକ ଦ୍ଵାରା ସ୍ଵରୂପ ଗଣ୍ୟ କରାଯାଉଅଛି । ଏବଂ ଏହି ଯଜ୍ଞ ରୁ ଅଖିଳ ଜଗତର ଅଭୟ ଦାତ୍ରୀ, କରୁଣାମୟୀ, ଜଗଦାତ୍ରୀ, ଶୂଳ ଧାରିଣୀ ଦେବୀ ମାଆ ବିରଜା ପ୍ରକଟିତ ହୋଇଥିଲେ। ବିରଜା କ୍ଷେତ୍ର ର ପ୍ରାଚୀନ ନାମ ଯାଜନଗର ଥିଲା ନଗର ଓ ପୁର ଅସମର୍ଥ ବୋଧକ ଶବ୍ଦ ହୋଇଥିବାରୁ ସମୟ କ୍ରମେ ଯାଜନଗ୍ର, ଯଯାତି ନଗର ରୁ ଯାଜପୁର ରେ ରୂପାନ୍ତରିତ ହୋଇଅଛି। ଦେବୀ ଙ୍କର ମୁଖ୍ୟ ଉଚ୍ଚତା ପ୍ରାୟ ସତୁରି ହାତ ହେବ। ମୁଖ୍ୟ ମନ୍ଦିର ସମୁଖରେ ପ୍ରାୟ ଚଳିଶି ହାତ ଉଚ୍ଚତା ମା ଙ୍କ ସିଂହ ଦ୍ଵାର ରେ ଏକ ମୁଖଶାଳ ଛଡା ମନ୍ଦିର ଦେବତା ମଧ୍ୟରେ ଇଶାନେସ୍ଵର, ବୈଦ୍ୟନାଥ, ନାଭି ଗୟା, ଓ ମହାବୀର ଙ୍କର ସ୍ଵତନ୍ତ୍ର ମନ୍ଦିର ମାନ ରହି ଅଛି। ମା ଙ୍କ ପାର୍ଶ୍ଵ ଦେବତା ରୂପେ ରୁଧିରେସ୍ଵର, ଗଣେଶ ଏକ ପାଦ, କାଳ ଭୈରବ, କାର୍ତ୍ତିକେସ୍ଵର ମନ୍ଦିର ମାନ ରହିଅଛି। ନାଭିଗୟା ମନ୍ଦିର ରେ ପିଣ୍ଡ ଦାନ କୂପ ରହିଅଛି ।

ଅକ୍ଷୟ ତୃତୀୟା ମହାଳୟା ଏବଂ ପିତୃ ପକ୍ଷ ରେ ଓଡ଼ିଶାରେ ତଥା ଓଡିଶା ବାହାରୁ ଲକ୍ଷ ଲକ୍ଷ ଧର୍ମ ପ୍ରାଣ ବ୍ୟକ୍ତି ସେମାନେ ସ୍ଵର୍ଗତ ପିତୃ ପୁରୁଷ ଙ୍କ ଉଦେଶ୍ୟ ରେ ନାଭିଗୟା ପିଣ୍ଡ ଦାନ କରିଥାନ୍ତି। ପ୍ରାଚିରୀ ଟି ଏକଶତ ବର୍ଷ ତଳେ ସ୍ଵର୍ଗତ ଭିକାରି ଦାସ ନାମକ ଏକ ଦରିଦ୍ର ସନ୍ୟାସୀ ଙ୍କ ଦ୍ଵାରା ଭିକ୍ଷାଲବ୍ଧି ଧନ ରେ ନିମିତ ହୋଇଥିଲା। ବିରଜା ଦେବୀ ଙ୍କର ପ୍ରାତ୍ୟହିତ ପୂଜା ଆରାଧନା ଭୁବନେଶ୍ଵରୀ ମନ୍ତ୍ରରେ କରାଯାଇ ଜନ୍ମାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଦେବୀଙ୍କୁ ବନ ଦୁର୍ଗା ମନ୍ତ୍ର ରେ ଏବଂ ଦେବୀ ଙ୍କର ସ୍ଵର୍ଣ୍ଣକ୍ଷେତ୍ର ତ୍ରିବେଣୀ ଅମାବାସ୍ୟା ଦିନ ସାବିତ୍ରୀ ମନ୍ତ୍ର ରେ ପୂଜା ଆରାଧନା କରାଯାଏ। ଦୁର୍ଗା ପୂଜା ପାଞ୍ଚମୀ ଠାରୁ

ISSN NO.
2582-208X

ନବମୀ ପର୍ଯ୍ୟନ୍ତ ଦେବୀ ଙ୍କର ଚଳନ୍ତି ପ୍ରତିମା ଙ୍କୁ ଏକ ସୁବିଶାଳ ରଥରେ ବସାଇ ମନ୍ଦିର ବେଢା ଚାରି କଡ଼ ପରିକ୍ରମା କରାଯାଏ। ନବମୀ ଦିନ ରାତିରେ ଚଳନ୍ତି ପ୍ରତିମା କୁ ଏକ ଶୋଭା ଯାତ୍ରା ରେ ମନ୍ଦିର ନିକଟସ୍ଥ ଲାଖ ବିନ୍ଧା ପଡିଆକୁ ନିଆଯାଏ। ଏବଂ ଦେବୀ ଙ୍କର ଦ୍ୱାର ସେଠାରେ ଅସ୍ତ୍ର ଚାଳନା ଲାଖ ବିନ୍ଧା କରାଯାଏ । ରାଜପଦ ଲୋପ ପାଇଥିଲେ ସୁଦ୍ଧା ଲାଖ ବିନ୍ଧ ଗିରି ଏବେବି ସେଠାର ଉତ୍ସବ ଆଉ ମାଆ ଙ୍କର ପୂଜା ବିଧି ରେ ଅନୁଷ୍ଠିତ ହେଉଅଛି। ଓଡିଶା ରେ ସବୁଠାରୁ ସୁନ୍ଦର ଜିଲ୍ଲା ରେ ଯାଜପୁର ବିରଜା କ୍ଷେତ୍ର ଆଗୁଆ ରହିଅଛି। ଓଡିଶା ରେ ଏକ ମାତ୍ର କ୍ଷେତ୍ର ଯେଉଁଠାରେ ଦେବୀ ବିରଜା ଙ୍କ ଉପସ୍ଥିତି ସହ ବନ ଦୁର୍ଗା ଆଉ ବହୁ ଦେବା, ଦେବୀ ଅଛନ୍ତି। ଏଠାରେ ଶହେ ଆଠ ଶିବ ଲିଙ୍ଗ ଅଛନ୍ତି। ଏକ ଶତ ଆଠ ରୁଦ୍ର ସପ୍ତ ମାତୃକା ରହିଛି। ଦେବୀ ବିରଜା କ୍ଷେତ୍ର ର ମହିମା ଅପାର ତୁଳନା ନାହିଁ। ଆଉରି ବହୁତ କିଛି ଅଛି ବିରଜା କ୍ଷେତ୍ର ରେ ତାହା ଲେଖିଲେ ଦିନ ସରି ରାତିହେବ ହେଲେତାର ଗୁଣ ଗାନ କହିଲେ କି ଲେଖିଲେ ସରିବନି। ଆଉ ସେଇ କ୍ଷେତ୍ର ରେ ଜନ୍ମ ନେଇକି ନିଜକୁ ଧନ୍ୟ ମନେ କରିବା ଗର୍ବ ରେ ଓ ଭକ୍ତି ରେ କହିବା "ଜୟ ମାଆ ବିରଜା ""

ବନ୍ଧମୁଣ୍ଡା
ଯାଜପୁର

ISSN NO.
2582-208X

# ରାଜନୀତି ସମାଚାର



ଚତରଂଜନ ବେହେରା

ଆଶାୟୀ ପ୍ରାର୍ଥୀ ବୁଲୁଥିଲେ ଗାଁ
ଧରି ନିଜ କର୍ମୀ ମାନଙ୍କୁ......
ଯାତ୍ରା ପରବରେ ପ୍ରେଜେଣ୍ଟ ପକେଇ
ଭେଟୁଥିଲେ ଯାଇ ଲୋକଙ୍କୁ......!
କିଛି କିଛି ଚାନ୍ଦା ଦେଇ......
ନିଜ ପାର୍ଟି ର ଗୁଣଗରୀମା ସବୁ
ଲୋକଙ୍କୁ ଦିଅନ୍ତି କହି.......!!
ନିଉଜ ଆସିଲା ମେଣ୍ଟ ହବ ବୋଲି
ଆଶାୟୀ ଙ୍କ ଭାରି ଚିନ୍ତା.......
କାହାକୁ ମିଳିବ ପାର୍ଟିର ମୁକୁଟ
ଭାବି ଘୁରୁଥିଲା ମଥା......!
ମନେ ମନେ ଭାବୁଥିଲେ.....
ଏମେଲେ ପାଇଁ କି ଯାହା ଖର୍ଚ୍ଚଥିଲା
ଭାସି ଗଲା କି ସବୁ ପାଣିରେ......!!
ଗାଁ ଲୋକ ମାନେ ପାର୍ଟି କବଳରେ
ଯାଉ ନାହାନ୍ତି କା ପିଣ୍ଡାକୁ......
କେତେ ପ୍ରେମିକଙ୍କ ବ୍ରେକ୍ ଅପ୍ ହେଲାଣି
ଧରି ରାଜନୀତି କଥାକୁ.......!
ବିବାହ ବି ଭାଙ୍ଗି ଯାଉଛି......

ISSN NO.
2582-208X

ପଞ୍ଚମ ପିଲା ଷଷ୍ଠ ଶ୍ରେଣୀ ଝିଅକୁ
ଜିନ୍ଦାବାଦ ବୋଲି କମେଣ୍ଟ କରୁଛି.......!!
ଭାଗବତ ଟୁଙ୍ଗି ରେ ଭାଗବତ ବଦଳେ
ହଉଛି ରାଜନୀତି ଚର୍ଚ୍ଚା......
ନାମ ସଙ୍କୀର୍ତ୍ତନ ଶୁଣା ଯାଉନାହିଁ
ବନ୍ଦ କରୁଛନ୍ତି ଝର୍କା......!
ମୁଁ ଯାଇ ଶୁଣିଲା ବେଳକୁ......
ଶଙ୍ଖ ହାତ ପଦ୍ମ ଟଣା ଓଟରା ଚାଲିଛି
ଥୋଇ ଦେଇ ମୃଦଙ୍ଗ, ଗିନି କୁ.......!!
ସ୍ୱାମୀ ଯେତେବେଳେ ନିଉଜ ଦେଖିବି ଭାବି
ଟିଭି ଘରକୁ ଆସୁଛି.......
ଛୁଆ ସେତେବେଳେ ରିମୋର୍ଟ ଛଡେଇ
କାର୍ଟୁନ୍ ଲଗେଇ ଦେଉଛି......!
ସ୍ତ୍ରୀକୁ ଯେତେବେଳେ କହୁଛି......
ରୋଷେଇ ଘରୁ ଜୋର୍ ରେ ଧାଇଁ ଆସି
ସିରିଏଲ୍ ଲଗେଇ ଦେଉଛି.......!!
ଏମିତି ଚାଲିଛି ଗାଁ ରାଜନୀତି
ଦେଖିଲେ ଆନନ୍ଦ ଲାଗୁଛି.......
ସ୍ୱାମୀ ମାନେ ଏଇଠି ରୋଷେଇ କରନ୍ତି
ସ୍ତ୍ରୀ ମିଟିଂ ବୋଲି ଧାଉଁଛି.....!
ଦେଖିବା କଣ ହଉଛି.......
ଭୋଟ ପାଇ କିଏ ଏମେଲେ ଏମପି ହୋଇ
ଏମାନଙ୍କ ଦୁଃଖ ବୁଝୁଛି......!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ହୋଲି ପର୍ବ



ପୂର୍ଣ୍ଣଚନ୍ଦ୍ର ରଣା

ଝାପସା ଏ ଦୁନିଆଟା
ସବୁଆଡେ ଖାଲି ଧୂଆଁ ଧୂଆଁ
ସାତ ରଙ୍ଗର ସମ୍ଭାର ନେଇ
ଆସିଛି ରଙ୍ଗର ପରବ "ହୋଲି"
ଗଢିବାକୁ ଗୋଟେ ମଧୁର ସମ୍ପର୍କ
ଆଉ ଦେବାକୁ
ସଭିଙ୍କ ଓଠରେ ମନ ଭରା ହସ
ଯେମିତି ରଙ୍ଗ ଖେଳ
ରାଧା ସଙ୍ଗେ କୃଷ୍ଣ
ସେମିତି ସଖୀ ସଙ୍ଗେ ସଖା
ଖୁବ୍ ମନଭରି ଖେଳେ ସଖୀ
ସେ ପବିତ୍ର ସପ୍ତ ରଙ୍ଗ ସହ
ଗାଲେ ମାଖିଦିଏ
ନାନା ଜାତିର ରଙ୍ଗ
ସଖା ହୁଏ ଯେ ପ୍ରେମରେ ବିଭୋର
ପୁଣି ସଖୀ ପାଇଥାଏ ସଖା ଠାରୁ

ISSN NO.
2582-208X

ଟିକେ ପ୍ରେମ ପରଶ

ସଖୀ ହୁଏ ଆନମନା

ଲାଜରେ ସେ ଝାଉଁଳି ପଡେ

ସରମି ଲତା ପରି

ସଖାର ବିଗ୍ରହ ଉପରେ

ଆଉ ଓଠରେ ଫୁଟୁଥାଏ

ମୁରୁକି ମୁରୁକି ହସ

ଆବାଳ ବୃଦ୍ଧ ଯାଏଁ

ସଭିଏଁ ବିଭୋର ଏ ପରବରେ

ଟିକେ ପାଇବାକୁ ଖୁସି

ସଙ୍ଗେ ପୁଣି ପ୍ରେମ ପରଶ ।

ହାଟସିଂହାପୁର, ଯାଜପୁର

ମଇ-୨୦୨୪
www.vedantimagazine.com
ISSN NO.
2582-208X

# ଶ୍ରୀ ରାମ ପଞ୍ଚ ରତ୍ନ ସ୍ତୋତ୍ରମ୍



ଅଧ୍ୟାପିକା ରୋଜାଲିନ୍ ବାରିକ୍

କଂଜାତପତ୍ରାୟତ ଲୋଚନାୟ କର୍ଣାବତଂସୋଜ୍ଜ୍ୱଲ କୁଂଡଲାୟ
କାରୁଣ୍ୟପାତ୍ରାୟ ସୁବଂଶଜାୟ ନମୋସ୍ତୁ ରାମାୟସଲକ୍ଷ୍ମଣାୟ ॥ 1 ॥

ବିଦ୍ୟୁନ୍ନିଭାଂଭୋଦ ସୁବିଗ୍ରହାୟ ବିଦ୍ୟାଧରୈସ୍ସଂସ୍ତୁତ ସଦ୍ଗୁଣାୟ
ବୀରାବତାରାୟ ବିରୋଧିହର୍ତ୍ରେ ନମୋସ୍ତୁ ରାମାୟସଲକ୍ଷ୍ମଣାୟ ॥ 2 ॥

ସଂସକ୍ତ ଦିବ୍ୟାୟୁଧ କାର୍ମୁକାୟ ସମୁଦ୍ର ଗର୍ବାପହରାୟୁଧାୟ
ସୁଗ୍ରୀବମିତ୍ରାୟ ସୁରାରିହଂତ୍ରେ ନମୋସ୍ତୁ ରାମାୟସଲକ୍ଷ୍ମଣାୟ ॥ 3 ॥

ପୀତାଂବରାଲଂକୃତ ମଧ୍ୟକାୟ ପିତାମହେଂଦ୍ରାମର ବଂଦିତାୟ
ପିତ୍ରେ ସ୍ୱଭକ୍ତସ୍ୟ ଜନସ୍ୟ ମାତ୍ରେ ନମୋସ୍ତୁ ରାମାୟସଲକ୍ଷ୍ମଣାୟ ॥ 4 ॥

ନମୋ ନମସ୍ତେ ଖିଲ ପୂଜିତାୟ ନମୋ ନମସ୍ତେଂଦୁନିଭାନନାୟ
ନମୋ ନମସ୍ତେ ରଘୁବଂଶଜାୟ ନମୋସ୍ତୁ ରାମାୟସଲକ୍ଷ୍ମଣାୟ ॥ 5 ॥

ଇମାନି ପଂଚରତ୍ନାନି ତ୍ରିସଂଧ୍ୟଂ ୟଃ ପଠେନ୍ନରଃ
ସର୍ବପାପ ବିନିର୍ମୁକ୍ତଃ ସ ୟାତି ପରମାଂ ଗତିମ୍ ॥

ଇତି ଶ୍ରୀଶଂକରାଚାର୍ୟ ବିରଚିତ ଶ୍ରୀରାମପଂଚରତ୍ନଂ ସଂପୂର୍ଣଂ ।।

ସଂଗ୍ରାହିକା: ଅଧ୍ୟାପିକା ରୋଜାଲିନ୍ ବାରିକ୍
ମହୁ, ଆଳି, କେନ୍ଦ୍ରାପଡା/ମୋ୮୯୫୪୫୦୧୧୦

ISSN NO.
2582-208X

ବେଦାନ୍ତି

# ସେଇ ଛୋଟ ଆକଟ



ଦାସ କମଳ କୁମାର

ଆଜି ଭାବିଛି ମୋ ବାପାଙ୍କ ବିଷୟରେ କିଛି ଲେଖିବି। ହେଲେ କ'ଣ, ମୁଁ ତାଙ୍କର ବ୍ୟକ୍ତିତ୍ୱ, ଦାୟିତ୍ୱବୋଧକୁ ଲେଖନିରେ ପରିପ୍ରକାଶ କରି ପାରିବି ? ପ୍ରୟାସ କରିବାକୁ ଇଛା ଥିଲେ ବି ସାହାସ ପାଉନି । ଭାବୁଛି ଆଜି କେବଳ ମୋ ବାପାଙ୍କର ସେଇ ଛୋଟ ଛୋଟ ଆକଟ କୁ ପ୍ରକାଶ କରିବି ଯାହା ପାଇଁ ଆଜି ମୁଁ କଲମ ଧରି କିଛି ଲେଖିବାକୁ ସକ୍ଷମ ହୋଇପାରିଛି ।

ମୁଁ ବହୁତ ମହାପୁରୁଷଙ୍କ ବିଷୟରେ ପଢିଛି, ବହୁତ ଭଲ ଚଳଛିତ୍ର ଦେଖିଛି କିନ୍ତୁ ମୋ ନଜରରେ ମୋ ବାପା, କେଉଁ ମହାପୁରୁଷଙ୍କ ଠାରୁ କମ ନୁହଁନ୍ତି କି କୌଣସି ଚଳଛିତ୍ରର ନାୟକଙ୍କ ଠାରୁ କମ ନୁହଁନ୍ତି । ସତରେ ସେ ମୋ ପାଇଁ ଆଦର୍ଶ। ସାଧା ସିଧା ସରଳ ସ୍ୱଭାବର ମଣିଷଟିଏ ମୋ ବାପା ।ପରୋପକାରୀ, ନିଃସ୍ୱାର୍ଥପର, ନିଷ୍କପଟ ଓ ଆଧ୍ୟାତ୍ମିକ ଚେତନା ଗୁଣର ବ୍ୟକ୍ତିତ୍ୱ ସେ ।

ଏକ ଅଭାବି, ଭୂମିହିନ ପରିବାରରେ ଜନ୍ମ ହୋଇଥିଲେ ମୋ ବାପା । ଦିନକୁ ଦି ଓଳି ଖାଇବା ମଧ୍ୟ କଷ୍ଟସାଧ୍ୟ ହୋଇ ପଡୁଥିଲା ତାଙ୍କ ପାଇଁ । ଯେଉଁ ବୟସରେ ଗୋଟେ ପିଲା ହାତରେ ଖଡି, ସିଲଟ ଧରିବା କଥା, ସେହି ବୟସରେ ସେ ହାତରେ ଧରିଥିଲେ ବାଡି ଓ ଟୋପର । ପରିବାର ଲୋକଙ୍କ ତୁଣ୍ଡରେ ଦି ଓଳି ଖାଦ୍ୟ ଦେବା ନିମନ୍ତେ ନିଜ ଜୀବନର ମୂଲ୍ୟବାନ ସମୟକୁ ସାଙ୍ଗସାଥିଙ୍କ ସହ ବିଦ୍ୟାଳୟ ପରିବର୍ତ୍ତେ ଗାଈ, ମଇଁଷି ଙ୍କ ସହ ଗାଁ

ISSN NO.
2582-208X

ନଦୀକୂଳେରେ ବିତେଇଥିଲେ । ଏକଥା ଯେତେବେଳେ ମୋ ବାପା କୁହନ୍ତି କାନ୍ଦି ପକାନ୍ତି । କୁହନ୍ତି "ତାଙ୍କର ପଢିବା ପାଇଁ କେତେ ଇଛା ଥିଲା, ସେ ବି ଥରେ ଗାଈ ଚରେଇବା ଛାଡି ପଳେଇ ଆସିଥିଲେ ସ୍କୁଲ୍ କୁ କିନ୍ତୁ ମୋ ଜେଜେ ବାପା ସ୍କୁଲ୍ ରୁ ବାଡିରେ ବାଡେଇ ନେଇ ଆସିଥିଲେ ଘରକୁ । ଆଉ ସେହି ଦିନ ତାଙ୍କ ପାଠ ପଢାରେ ଡୋରି ବନ୍ଧା ହୋଇଥିଲା"। ସିଏ ସିନା ପଢି ପାରିଲେନି, ତାଙ୍କର ସ୍ୱପ୍ନ ଥିଲା ମୋତେ କିନ୍ତୁ ପଢାଇ ମଣିଷ କରିବେ। ଆଉ ସେଥି ପାଇଁ ମୋ ବାପା ସର୍ବଦା ଯତ୍ନବାନ ଥିଲେ । ମୋତେ ସର୍ବଦା ପଢିବା ପାଇଁ କହୁଥିଲେ । ପ୍ରତିଦିନ ରାତି ୪ଘଟିକାରୁ ଉଠେଇ ପଢିବାକୁ କହି ପାଖରେ ବସୁଥିଲେ । ଶୋଇ ପଡିଲେ ପାଟି କରୁଥିଲେ ଏବଂ ପରୀକ୍ଷାରେ ମୁଁ ଭଲ କରିବି ବୋଲି ବିଶ୍ୱାସ ଦେଉଥିଲେ । ପଢା କ୍ଷେତ୍ରରେ ଗାଁ ରେ ଥିବା ଭଲ ପିଲାଙ୍କର ଉଦାହରଣ ଦେବା ସହ ସେମାନେ ଜୀବନରେ କରିଥିବା ସଂଗ୍ରାମ ବିଷୟରେ ବର୍ଣ୍ଣନା କରୁଥିଲେ ।

ଇଏତ ଗଲା ପଢା କଥା, ଖାଲି ପଢିଲେ ଜଣେ ଭଲ ମଣିଷ ହୁଏନା ସେଥିପାଇଁ ଉତ୍ତମ ସଂସ୍କାର, ଆଚାର ବ୍ୟବହାର, ଚାଲି ଚଳନ, ଉତ୍ତମ ସଙ୍ଗ ଏବଂ ପରିବେଶର ଆବଶ୍ୟକତା ପଡିଥାଏ । ସେଥିପାଇଁ ବି ସେ ସର୍ବଦା ଦୃଷ୍ଟି ଦେଇଥାନ୍ତି । ତାଙ୍କ ନଜରକୁ ସେମିତି କିଛି ଆସିଲେ ସେ ଆକଟ କରିବା ସହ ସଠିକ୍ ଦିଗ୍ ଦର୍ଶନ ଦେଇଥାନ୍ତି।ଏଇ ଯେମିତି...

ଯଦି କୌଣସି ଜାଗାରେ ମୁଁ ପାଟିତୁଣ୍ଡ କରିଥାଏ ସେଥିରେ ମୋର ଭୁଲ୍ ଥାଉ ବା ନଥାଉ ମୋତେ ଗାଳି ଏବଂ ମାଡ ପଡିଥାଏ । ଭୁଲ୍ ନଥିଲେ ବି ଭୁଲ୍, କାରଣ ମୁଁ ସେଠିକି କ'ଣ ପାଇଁ ଯାଉଥିଲି ? ଆଉ ମୁଁ ଜାଣିବାରେ ମୋ ବାପା, ମୋ ବ୍ୟତିତ ଅଲଗା କେଉଁ ପିଲାକୁ ଗାଳି କରି ନାହାଁନ୍ତି କି ମୋର ନିର୍ଦ୍ଦୋଷକୁ ପ୍ରମାଣ କରାଇବା ପାଇଁ ଅନ୍ୟ କାହାର ଘର କୁ ଯାଇ ଅଭିଯୋଗ କରନ୍ତି ନାହିଁ। ସର୍ବଦା ମୋତେ ଭୁଲ୍ ଦେଇ ଆକଟ କରିଥାନ୍ତି ।

ISSN NO.
2582-208X

ଆଉ ଗୋଟିଏ କଥା, ଯାହା ମୋର ମରିବା ପର୍ଯ୍ୟନ୍ତ ମନେ ରହିବ । ଧାନ ପେଷେଇବାପାଇଁ ଆମେ ହଲରକୁ ମୁଖ୍ୟତଃ ପାଖ ଗାଁ ଅଁଳାପାଳକୁ ଯାଉ । ମୁଁ ସେଦିନ ସାଇକେଲ୍ ରେ ଦୁଇ ବସ୍ତା ଧାନ ନେଇ ଯାଇଛି ଚାଉଳ କରିବା ପାଇଁ। ହଲର ର ପଛ ପଟେ ଏକ ଲେମ୍ବୁ ଗଛଥାଏ । ବଡ ବଡ ଲେମ୍ବୁ ଦେଖି ମୋତେ ଲୋଭ ଲାଗିଲା । ମୁଁ ପାଞ୍ଚ ଛଅଟି ଲେମ୍ବୁ ଚୋରାଇ ଘରକୁ ନେଇ ଆସିଲି । ଘରେ ସେ ଲେମ୍ବୁ ବାପାଙ୍କ ନଜରରେ ପଡିଗଲା । ବାପା ପଚାରିଲେ ..ସେ ଲେମ୍ବୁ କେଉଁଠୁ ଆଣିଲୁ ? ମୁଁ କିଛି କହୁ ନଥାଏ ଠିଆ ହୋଇଥାଏ । ପୁନଶ୍ଚ ସେଇ ସମାନ ପ୍ରଶ୍ନ, ଏଥର କିନ୍ତୁ ଟିକେ ଚଢା ଗଳାରେ । ମୁଁ ସେତେବେଳକୁ ମୋର ଭୂଲ୍ ବୁଝି ସାରିଥିଲି କ'ଣ କହିବି ଡରି ଡରି ତଥାପି ମିଛ କହିଦେଲି, କହିଥିଲି ଆମ କ୍ଲବ୍ ଘର ପାଖରେ ଥିବା ଲେମ୍ବୁ ଗଛରୁ ଆଣିଛି । ବାପାତ ରାଗି ଯାଇଥିଲେ କହିଲେ ..ସେଇ ଗଛଟା କ'ଣ ତୋ ବୋପା ଲଗେଇଥିଲା, କ'ଣ ପାଇଁ ଆଣିଲୁ ? । ଚୋରି କାହିଁକି କଲୁ ? ଯା ତାଙ୍କ ଘରେ ଦେଇକି ଆସିବୁ । ମୁଁ ମଧ୍ୟ ଗଲି ତାଙ୍କ ଘରକୁ। ସେ ମନା କରୁଥିଲେ ମଧ୍ୟ ଦେଇକି ଆସିଲି, ମୋତେ ବହୁତ ଲଜ୍ଜିତ ଲାଗିଲା । ଆଉ ସେହି ଦିନରୁ କେବେ ଚୋରି କରିନି । ମୋ ବାପା ଯଦି ସେଇ ଭୂଲ୍ କୁ ପ୍ରଶୟ ଦେଇଥାନ୍ତେ ତାହେଲେ ନିଶ୍ଚିତ ଭୂଲ୍ ପରେ ଭୂଲ୍ କରି ଚାଲିଥାଆନ୍ତି ଆଉ ଶେଷରେ କ'ଣ ହୋଇଥାନ୍ତି ଆପଣମାନେ ଅନୁମାନ କରି ପାରୁଥିବେ । ସେଇ ସେଇ ଛୋଟ ଆକଟ ସିନା, ସେତେବେଳେ କଷ୍ଟ ଦିଏ ହେଲେ ଭବିଷ୍ୟତରେ ସେ ଭୂଲ୍ କରିବାରୁ ନିବୃତ କରାଏ ।

ମହାପ୍ରଭୁ, ଆପଣ ଜାଣନ୍ତି ମୁଁ ମୋ ବାପ ବୋଉଙ୍କୁ ବହୁତ ଭଲ ପାଏ ତେଣୁ ଆପଣଙ୍କ ପାଖରେ ଏତିକି ଅଳି ବାପା ବୋଉଙ୍କ ବାକି ଜୀବନ ସୁଖମୟ ହେଉ, ଆପଣ ତାଙ୍କୁ ବହୁତ ଭଲ ପାଆନ୍ତୁ ।ଆଉ ସେ ମଧ୍ୟ ମୋ ଠାରୁ ଅଧିକ ଆପଣଙ୍କୁ ଭଲ ପାଆନ୍ତୁ ।

( ଜୟ ଜଗନ୍ନାଥ )

ଗୋବିନ୍ଦପୁର,
ମାର୍ଥାପୁର

ISSN NO.
2582-208X

# ଶିଉଳା - ପାଠଶାଳା



ଡକ୍ଟର ସତ୍ୟବ୍ରତ ଦାସ

ଖାଲି ନୁହେଁ ସେ ପାଠଶାଳା
ଗର୍ବ ଆଉ ଗୌରବର ଗ୍ରାମ ସେ ଅଟେ ଶିଉଳା
ଫୁଟି ଉଠେ ସେଠି ସଭିଙ୍କ କଳା
ପଢନ୍ତି ସେଠାରେ ଷୋହଳ ସତର ବୟସବାଳା
ପସର୍ ମେଲିଛି ସେଠି ଛାତ୍ର ଛାତ୍ରୀଙ୍କ ମେଳା
ପଶ୍ଚିମ ଓଡ଼ିଶାର ଭବିଷ୍ୟତର ଲ୍‌ଗିଛି ଭେଳା
ଦକ୍ଷିଣ ଆଉ ଉତ୍ତର ଓଡ଼ିଶାର ଅପୂର୍ବ ଲୀଳା
ପିଲାମାନଙ୍କ ଭବିଷ୍ୟତ ହୁଏ ସେଠି ତୋଳା
ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଶତ ଚେଷ୍ଟାର ଫଳା
ମେମ ଆଉ ସାର୍ ମାନଙ୍କ ସି.ଏ
କଷ୍ଟିଂ ଏବଂ ଏକାଉଣ୍ଟିଂ ପଢୁଛି ଯିଏ
କର୍ମସ ବିଭାଗରେ ନାଁ ତାହାର ହୁଏ
ପାଠଶାଳା ନୁହେଁ ସେ ଖାଲି
ସଭିଏଁ କୁହନ୍ତି ମଣିଷ ତିଆରି କାରଖାନା ବୋଲି
ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ
ମିଛ ନୁହେଁ ଏହା ସତ
ପାଠଶାଳା ଗଢ଼େ ଶତ ପ୍ରତିଶତ

ISSN NO.
2582-208X

ସୁଦୂର ଦୂରାନ୍ତରୁ ଆଗତ
କରି ଖାଲି ହାତ
ସାଥୀରେ ନେଇ ଯାଆନ୍ତି ଉଜ୍ଜ୍ୱଳ ଭବିଷ୍ୟତ
ଆଖ ପାଖ ଲୋକେ ଦେଖି ହୁଅନ୍ତି କାବା
ସମସ୍ତେ କୁହନ୍ତି ବାଃ ବା
ଦିନଥିଲା ପଢ଼ିବାକୁ ପିଲା କରୁଥିଲେ ମନା
କିନ୍ତୁ ଏବେ ଖାଲି କମର୍ସର ନା
ପ୍ରାଇଭେଟ ହଉ ଅବା ଗମେଣ୍ଟ
ସବୁ ପ୍ରକାର ଚାକିରୀ ଏଠି ପରମାନେଣ୍ଟ
ଏଠି ପାଠ ପଢି ନଥାଏ ଚାକିରୀ ଭୟ
ପିତା ମାତାଙ୍କ ମନରେ ଖେଳେ ଆନନ୍ଦର ସୁଅ
ପରିବାରେ ଆସେ ସୁଖ ଶାନ୍ତି ଆଉ ସମୃଦ୍ଧି
କହିଲେ ନ ସରେ କମର୍ସ ପିଲାଙ୍କ ବୁଦ୍ଧି
ପମସରାର ହଷ୍ଟେଲ ଛାତ୍ର ମାନଙ୍କ ଜୀବନ
ଗୁଡିଆ ପୋଖରୀରେ ଛାତ୍ରୀ ମାନଙ୍କ ଭବନ
କହିବାକୁ ନଥାଏ ତାଙ୍କ ଖୁସିର ଆନନ୍ଦ
ହାଇଟେକ କଲୋନୀରେ ପିଲାଙ୍କ ପସନ୍ଦ
ସ୍ନେହ ଶାନ୍ତି ଆଉ ହସ ଖୁସିର ଆଦର
ବିଦ୍ୟାର୍ଥୀ ଭାବନ୍ତି ଏଠି ନିଜ ନିଜ ଘର
ପର ହୁଏ ଏଠି ଆପଣାର ନଥାଏ ଭୟ କାହାର
ପାଠଶାଳା ଡିଗ୍ରୀ କଲେଜ ଅଟେ ଏକ ମନ୍ଦିର ॥

ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର
୭୭୫୧୯୨୬୬୦୫

ISSN NO.
2582-208X

# ମୁଁ ଅତ୍ୟାଧୁନିକ କବି ଟିଏ



ଗୁପ୍ତେଶ୍ୱର ଗନ୍ଧ୍

ଜୀବନ ଶୈଳୀକୁ ଶୃଙ୍ଖଳତ କରି
ଗଢ଼ି ତୋଳବାକୁ ପ୍ରୟାସ ।
ପୁରାଣ ପୃଷ୍ଠାରେ ଲିପିବଦ୍ଧ କରି
ଯାଇଛନ୍ତୁ ମହା ପୁରୁଷ ।।୧
ମହାମନଷୀଏ ମାନବ-ଚରିତ୍ର
ଗଠନ ଦିଗରେ ଆଦର୍ଶ ।
କେତେ ଯେ ଦୃଷ୍ଟାନ୍ତ ଦେଇ ଯାଇଛନ୍ତୁ
ଉଚତ ବିଚାର ବିମର୍ଷ ।।୨
ସୃଷ୍ଟି କରିଛନ୍ତୁ ଦିବ୍ୟ ପରମ୍ପରା
ସହି କେତେ ଦୁଃଖ ଯାତନା ।
ସେ କଥାକୁ ମୁହିଁ ଖାତିରି କରେନା
ବୁଝେନା ସେ ଚନ୍ତା-ଚେତନା ।।୩
ସେ ପ୍ରାଚୀନ ପରଂପରା ତୋଳବାକୁ
କେତେ ମୁନ ଋଷି ଉଦ୍ୟମ ।

ISSN NO.
2582-208X

ସେ ସଦ-ଭାବନା ପ୍ରତି ମୋ ନଜର
ତିଳେ ନାହିଁ ଭାରି ବିଷମ ।।୪
ଗଦ୍ୟ-ପଦ୍ୟ ମଧ୍ୟେ ଯେ ପାର୍ଥକ୍ୟ ଥାଉ
ତେଣିକ ନାହିଁ ମୋ ଭାବନା ।
ନୂତନତ୍ୱ ମୋର ଆବଶ୍ୟକ ଯେଣୁ
ପୁରୁଣା କଥା ମୁଁ ଭାବେନା ।।୫
ପାଦେ ଲାଗିରହୁ  ଲୌହର ଶୃଙ୍ଖଳା
ଏହା ମୁଁ ପସନ୍ଦ କରେନା ।
ପୁରାତନ ନଷ୍ଟ ହେଲେ ବି ତହିଁରେ
ତିଳେ ନାହିଁ ଅନୁଶୋଚନା ।।୬
ମୋ ଲେଖା କବିତା ଯତି-ଛନ୍ଦ ଛଡ଼ା
ଗତି ତା' ଅସୀମ ଦରିଆ ।
ମୁକ୍ତ ବିହଙ୍ଗମ ନୀଳ ଆକାଶର
ଡେଣା ମେଲେ ସବୁବାରିଆ  ।।୭
ମୋତେ କେ ବାରଣ କରିବାକୁ ନାହିଁ
ମୋ ଇଚ୍ଛା ମାଲିକ ମୁଁ ପରା ।
ଗୋହିରୀ ବିଲର ତୋଡ଼ିମାଛ ମୁହିଁ
ସହଜେ  ନ ଦିଏ  ମୁଁ ଧରା ।।୮
ଯାହା ମୋ ମନକୁ ଆସେ ମୁଁ ତା'କରେ
ସ୍ୱଭାବ ପରା ମୋ'ର ନିଆରା ।
ବଣ ଦାବାନଳ ପରି ମୋର କାମ
ଧରାକୁ ମଣଇ  ଖପରା ।।୯

ISSN NO.
2582-208X

ଏଣ୍ଟୁଅ ସମାନ ମୋ' ଜୀବନ-ଚର୍ଯ୍ୟା
ମୁଁ ନୀତି-ନିୟମ ପାଳେନା ।
ପରିସ୍ଥିତି ଦେଖି ବଦଳାଏ ରଙ୍ଗ
ଆଗ ପଛ କିଛି ଦେଖେନା ।।୧୦
କେ କ'ଣ କହିବ କେ କିସ ଭାବିବ
ଏସବୁକୁ ଦୃଷ୍ଟି ନ ଦିଏ ।
ସବୁଜ ସପନ ଦେଖଇ ଦିବସେ
ମୁଁ ଅତ୍ୟାଧୁନିକ କବି ଟିଏ ।।୧୧

ସମାସିଂହା; ଝାରସୁଗୁଡ଼ା
ଦୂର ଭାଷ :୭୬୮୩୮୪୧୦୬୪

ISSN NO.
2582-208X

# ଖଦ୍ୟୋତ



ଝରଣା ବାରିକ

ଟିକି ଟିକି ଡେଣା ଝାଡି
ଆକାଶ ରେ ଉଡଇ
ଥକି ପଡ଼ିଗଲେ ମୁହିଁ
ତଳେ ଆସି ପଡଇ ।

ଟିକି ଆଲୁଅ ରେ ମୁହିଁ
ଦେଖେ ମୋର ଦୁନିଆଁ
ଏତେ ଛୋଟ ଜୀବ ବୋଲି
ଲାଗେ ଭାରି ଛାନିଆଁ ।

କରେ ନାହିଁ କ୍ଷତି କାର
ହୁଏ ନାହିଁ ଆତୁର
ମୋ ଦୁନିଆଁ ମତେ ପୁଣି
ଲାଗେ ଭାରି ସୁନ୍ଦର

ISSN NO.
2582-208X

କିଏ କହେ ଜୁଳୁଜୁଳି
କିଏ କହେ ଖଦ୍ୟୋତ
ଅନ୍ଧାରେ ଆଲୁଅ ଜାଳେ
ଏହି ମୋର ଆଦତ ।

ମୋର ଟିକି ଆଲୁଅ ରେ
ଖୁସି ମୁହିଁ ବହୁତ
ସୂର୍ଯ୍ୟ ପରି ନ ହେଲେ ବି
ତଥାପି ମୁଁ ଗର୍ବିତ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ବାଘ ଶିକାର



ଅଶୋକ କୁମାର ସେଠୀ

ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର, ଘନ ଅନ୍ଧକାର ଘନେଇ ଆସୁଛି । ଗାଇଗୋଠ ଗୁହାଳକୁ ଫେରିଲେଣି । ପକ୍ଷୀମାନେ ଯିଏ ଯା ନୀଡ଼ମୁହାଁ ହେଲେଣି । ଏମିତି ମାଛି ଅନ୍ଧାର ମୁହୂର୍ତ୍ତରେ ଆମେ ସଭିଏଁ ଭାଇ ଭଉଣୀ ଜେଜେଙ୍କ ପାଖେ ଘେରି ବସି ପଡୁ, କାହାଣୀ ଶୁଣିବା ପାଇଁ । ସବୁଦିନ ପରି ଜେଜେ ତାଙ୍କର କାହାଣୀ ପେଡି ଖୋଲି ବସିଲେ ।

ବହୁତଦିନ ତଳର କଥା । ମତେ ସେତେବେଳକୁ ୧୧ କି ୧୨ ବର୍ଷ ହେବ କି କଣ ! ସବୁଆଡେ ଘନ ବଣ ଜଙ୍ଗଲଘେରା ଥାଏ ଆମର ଏ ଛୋଟ ଗାଁଟି । ଯଦିଓ ଏବେ ସୁଦ୍ଧା ଆମ ଗାଁକୁ ଲାଗି ବଡ ମୁଣ୍ଡିଆଟି ଲାଗିଅଛି । ଏବେ ବି ସେ ଜଙ୍ଗଲ ଘେରା ପାହାଡକୁ ଚାହିଁଲେ, ଜଣେ କି ଦି ଜଣ ଯିବା ସାହସ ମଉଳିଯାଏ !! ସେତେବେଳର କଥା ଥରେ ଭାବିଲେ, କେତେ ଘଞ୍ଚ ଥିବ..! ସଞ୍ଜ ହେବା କ୍ଷଣି ତାଟି କବାଟ ସବୁ ପଡ଼ିଯାଏ । ସଞ୍ଜ ଗଡ଼ିଗଲା ପରେ ବାହାରକୁ ବାହାରିବାକୁ କିଏ ସାହସ କରନ୍ତି ନାହିଁ । ଏକ ପ୍ରକାରର କୋକୁଆ ଭୟ ଖେଳି ଯାଇଥାଏ ମଣିଷ ଖିଆ ବାଘର ଉପଦ୍ରବ । ଗାଁ ଲୋକ ସଭିଙ୍କର ମୁଣ୍ଡବ୍ୟଥାର କାରଣ । କେତେ କେତେ ଛେଳି, ମେଣ୍ଢା ଓ ମଣିଷମାନଙ୍କୁ ଝାମ୍ପିନେଇ ଚାଲିଯାଏ ଜଙ୍ଗଲ ମଧ୍ୟକୁ । ତେଣୁ ମାଛି ଅନ୍ଧାର ହେଲେ କିଏ ଆଉ ବାହାରକୁ ବାହାରନ୍ତି ନାହିଁ । ଗାଁ ଲୋକଙ୍କ ମଧ୍ୟରେ ଭାଳେଣି ପଡିଲା ଏହାର ଆଶୁ ପ୍ରତିକାର ନହେଲେ ନଚଳେ ! ଶେଷରେ ଏହି ନିଷ୍ପତି ନିଆଗଲା ବାଣୁଆ ଡାକି ମଣିଷ ଖିଆ ବାଘକୁ ମାରିବାକୁ

ISSN NO.
2582-208X

ପଡିବ । ଟାଣୁଆ ଟାଣୁଆ ଚାରି ଜଣ ବାଣୁଆ ଡକାଗଲା । ଦଶ ପନ୍ଦର ଦିନ ଉତ୍ତାରୁ ଶିକାରୀ ମାନେ ମାରିବା ତ ଦୂରର କଥା ତାର ଠାବ ବି କରିବାକୁ ବିଫଳ ହେଲେ, ଯଦିଓ ଏହା ଭିତରେ ଆଉ ୪ କି ୫ଟି ଛେଳିକୁ ଝାମ୍ପି ନେବାରେ ସେ ବାଘ ସଫଳ ହୋଇ ପାରିଛି । କିନ୍ତୁ ଶିକାରୀ ମାନେ ତା'ର ତିଳେ ମାତ୍ର ସୁରାକ ବି ପାଇବାକୁ ଅସମର୍ଥ । କଣ କରାଯିବ ? ଗାଁ ମୁଖିଆ ଖୁବ ଖୁବ ଚିନ୍ତିତ ଓ ବିବ୍ରତ !! ସଭିଏଁ ଯାଇ ଗୁହାରି କରୁଥାନ୍ତି । କିଏ କହେ ଆଜି ମୋର ଛେଳି ନେଇଗଲା, ପହରଦିନ କାଳିଆର , କାଲି ଅମୁକର ..

ସେତେବେଳକୁ ଗାଁ ମୁଣ୍ଡରେ ଆମର ଫସଲ ଲଗାଯାଇଥାଏ । ଅମଳ ସମୟ, ଜଙ୍ଗଲ ପଶୁ ଆସି ଫସଲ ସବୁ ନଷ୍ଟ କରିଦେଉଥାନ୍ତି । ଫସଲ ଜଗିବା ପାଇଁ ବାପା ଏକ ମଞ୍ଚା କରିଥାନ୍ତି । ଯାହାର ଉଚ୍ଚତା ୨୦ ଫୁଟ କି କଣ ହେବ । ମୁଁ ବେଳେ ବେଳେ ବାପାଙ୍କ ସଙ୍ଗେ ଯାଏ ରାତିରେ । ସେଦିନ ଖୁବ ଶୀତ ପଡୁଥାଏ ମୁଁ ବାପାଙ୍କ ସହ ଯାଇଥାଏ । ବାପା ପ୍ରାୟ ସମୟ ସାଙ୍ଗରେ ରାତି ଖାଇବା ବି ନେଇ ଆସିଥାନ୍ତି । ସେଦିନ ଆମେ ଏମିତି ମଞ୍ଚାରେ ଆମେ ବସିଥାଉ । ହାଡ ଭଙ୍ଗା ଶୀତ ଦାଉରୁ ବର୍ତ୍ତିବା ପାଇଁ ଏକ ଉହ୍ନେଇର କିଛି ରଡ ନିଆଁ ଦୂକ ଦୂକ ହୋଇ ଜଳୁଥାଏ; ଯେତିକି ତାଉ ସେତିକି ଯଥେଷ୍ଟ ଶୀତର ତୋଡ ଭାଙ୍ଗିବାକୁ । ବାପା ସେଦିନ ରାତି ଖାଇବା ପାଇଁ ମାଂସ ତରକାରୀ ଆଣିଥାନ୍ତି । ହଠାତ ସେ କିଛି ଅଜବ ଶବ୍ଦ ଶୁଣି ପାରିଲେ ବୋଧେ ତଳକୁ ଚାହିଁ ଦେଖିଲେ ପଶୁଟି ମଞ୍ଚା ଚାରି କଡ଼ ଚକର କାଟୁଛି । ବାପା ଚମକି ପଡିଲେ ଜନ୍ତୁଟିକୁ ଠଉରାଇବା ଉତ୍ତାରୁ । ଯେମିତି ବୁଦ୍ଧି ଶୂନ୍ୟ ହୋଇ ଗଲା । ମତେ ସେତେ ବେଳକୁ ନିଦ ଆସିଯାଇଥାଏ । ବାପା ମୋର ଗୋଟେ ଗୋଡ଼କୁ ପାକଲା ଗାମୁଛାରେ ବାନ୍ଧିଦେଇଥାନ୍ତି । ମୁଁ ଯେମିତି ତଳକୁ ଖସି ନ ପଡେ ।

ମୁହୂର୍ତ୍ତେ ନୀରବ ରହିଲେ; କିଛି ବି ଉପାୟ ପାଉନାହାନ୍ତି କଣ କରିବେ । ଏଠାରୁ ଗାଁ କୋଷେ ଦୂର । ଯେତେ ଜୋରରେ ଚିତ୍କାର କରି ଡାକିଲେ ବି ଡାକ କାହା ପାଖେ ପହଞ୍ଚି

ISSN NO.
2582-208X

ପାରିବ ନାହିଁ । ତା'ପରେ ସଭିଏଁ ତ ତାଟି କବାଟ ବନ୍ଦ କରି ଯେ ଯା ଘରେ ଥିବେ ଏ କୋକୁଆ ଭୟରେ କିଏ ବା କାହିଁକି ପଦାକୁ ବାହାରିବ..! ପାଖରେ ଅସ୍ତ୍ର ବୋଲି ଛୋଟ ଟାଙ୍ଗିଆ ଟିଏ । ଯଦି କିଛି ଅଘଟଣ ଘଟେ ଏ ଟାଙ୍ଗିଆ ଟି ସେ ଶକ୍ତି ଆଗେ ସମ୍ପୂର୍ଣ୍ଣ ଦୁର୍ବଳ । ବାରମ୍ବାର ଭାବୁଥାନ୍ତି ଛୁଆ ଟିକୁ କାହିଁକି ଆଣୁଥିଲି ! ମନେ ମନେ ତେତିଶ କୋଟି ଦେବତା ମଧ୍ୟରୁ ଯାହା ଯାହା ନାଁ ମନକୁ ଆସିଲା ସଭିଁକୁ ଅକୂଳରେ ଡ଼ାକୁଥାନ୍ତି । ଭୋକ ଶୋଷ ସବୁ ଉଭେଇ ଗଲାଣି ସେତେବେଳକୁ ।

ଯେମିତି ହେଲେ ଏକ ଉପାୟ ପାଞ୍ଚିବାକୁ ପଡିବ । ହଠାତ ବୋଧ ହୁଏ କିଛି ବୁଦ୍ଧି ମନକୁ ଜୁଟିଛି । ସେ ଛୋଟ ଟାଙ୍ଗିଆରୁ ବେଣ୍ଟ ଟିକୁ କାଢ଼ିଦେଲେ ଏବଂ ସେ ଛୋଟ ଟାଙ୍ଗିଆର ଲୁହାଟିକୁ ଉହ୍ନେଇରେ ପକେଇ ଦେଲେ ଏବେ ତାକୁ ଆଞ୍ଚ ଦେବାକୁ ଲାଗିଲେ ଲାଲ ହେବ ଯାଏଁ । ସେ ଆଣିଥିବା ଗୋଟିଏ ମାଂସ ଖଣ୍ଡିଏ ତଳକୁ ପକେଇ ଦେଲେ । ସେଇଟିକୁ ଖାଇ ସରିଲା ପରେ ବାଘ ଅନେଇ ରହିଲା ଆଉ ଗୋଟିଏ ମାଂସ ଖଣ୍ଡିଏ ପାଇଁ । ଏମିତ କିଛି ମୁହୂର୍ତ୍ତର ବିରତି ପରେ ଗୋଟିଏ ଗୋଟିଏ ପକାଉଥାନ୍ତି । ଏ ଭିତରେ ଲୁହା ଟାଙ୍ଗିଆଟି ଲାଲ ପଡିଯାଇଥାଏ, ସେ ଯେମିତ ଲୁହା ଟାଙ୍ଗିଆ ଖଣ୍ଡଟି ତଳକୁ ପକେଇଛନ୍ତି ବାଘ ଏକାବେଳେ ସେଇଟିକୁ ବି ଗିଳିଦେଇଛି । କିଛି ମୁହୂର୍ତ୍ତ ପରେ ବାଘର ବିକଟାଳ କର୍କଶ ଗର୍ଜନ ଚଉଦିଗ କମ୍ପାଉଥାଏ । ସେ ଗର୍ଜନରେ ମୋ ନିଦ ଭାଙ୍ଗିଯାଇଥାଏ । ଆଉ କୋ ନିଦ ହୁଏ ..? ବାଘଟି ଏଣେ ତେଣେ ଖାଲି ଦୌଡିବାରେ ଲାଗିଥାଏ । ସକାଳକୁ ବାଘଟି ମଞ୍ଚାଠାରୁ ଅନତି ଦୂରେ ମରି ପଡିଥାଏ । ଆଖ ପାଖ ଯେତେ ସବୁ ବୁଦା ଥିଲା ସବୁ ପଦା କରିଦେଇଥାଏ । ଶଗଡ଼ରେ ଲଦାହୋଇ ବାଘଟିକୁ ଗାଁ ବୁଲା ହେଲା । ଗାଁର ସବୁ ଲୋକ ବାହା ବାହା କରୁଥାନ୍ତି କେତେ ବଡ ସାହାସୀକ କାମଟିଏ କରିପାରିଲା ! ଚାରି ଚାରିଟା ବାଣୁଆ ଯାହା କରି ପାରିଲେ ନାହିଁ !! ଆଉ ଜଣେ ଲୋକ ପାଖରେ ଥାଇ ଆଉ ଗୋଟେ କଥା ଯୋଡିବାକୁ ତାକୁ ସୁଯୋଗ ଟିଏ ଯେମିତି ମିଳିଗଲା ଓ ନିଜକୁ ମୁଁ ତା ସଇ ବୋଲି ଦାବି କରୁଥାଏ । ହଁ, ପା ମୁଁ ବି ଦେଖିଛି ସଇର ଅଦମ୍ୟ ସାହସ !

ISSN NO.
2582-208X

ସେଦିନ ସକାଳେ ଆମେ ଝରଣା ବନ୍ଧ ଦେଇ ଜଙ୍ଗଲକୁ ଯାଉଥାଉ । ଝରଣା ବନ୍ଧ ତଳେ ଗୋଟେ ଜଙ୍ଗଲୀ ହାତୀ ତା' ଶୁଣ୍ଢଟିକୁ ବରଗଛ ଡାଳକୁ ବଢ଼ାଇ ପେଁ ..କାଳି ଛାଡୁଥାଏ । ସେ କର୍କଶ ସ୍ୱର ଏକ ଅସୁବିଧାର ସୂଚନା ଦେଉଥାଏ ବୋଧେ । ଆମେ ଡରି ପଛଘୁଞ୍ଚା ଦେଇ ଫେରି ଆସିବାକୁ ନିଷ୍ପତି ନେଉଥିଲା ବେଳେ । ସଇ କହିଲା ଆରେରୁହ ସେ ହାତୀ ନିଷ୍ଚୟ କିଛି ଅସୁବିଧାରେ ଅଛି ...! ସଇ ସାହସ କରି ତା' ନିକଟକୁ ଗଲା । ଯାଇ ଦେଖେ ତ ଏକ ବିରାଟକାୟ ଅଜଗର ହାତୀର ଶୁଣ୍ଢଟିକୁ ବର ଗଛର ଡାଳ ସହ ଗୁଡେଇ ଧରିଛି । ସେଥି ପାଇଁ ହାତୀ ବିକଳରେ ରଡି ଛାଡୁଛି । ହାତରେ ଥାଏ ସେଇ ଛୋଟ ଟାଙ୍ଗିଆ ଟି । ଟାଙ୍ଗିଆର ପଛ ପାଖେ ଦୁଲ ଦୁଲ ଦି ପ୍ରହାରରେ ଯେମିତି କଷି ଦେଇଛି ସାପଟି ଦୁଲ କି ତଳେ ଖସି ପଡି ପ୍ରାଣ ବିକଳରେ ଗୋଟେ ଦିଗରେ, ହାତୀ ଯେମିତି ମୁକୁଳିଛି ଏକ ମୁହାଁ ହୋଇ ଧାଇଁଛି ଆଉ ଗୋଟେ ଦିଗରେ । ତିନେ ହେଁ ତିନି ଦିଗରେ ପ୍ରାଣ ମୁର୍ଚ୍ଛା ଧାଇଁଲେ ।

ସେ ଦିନଠୁ ତା ସାହସ କଥା ସବୁଠି ଚର୍ଚ୍ଚା । ବାଘ ନାଁ ଶୁଣିଲେ ଲୋକେ ଘରୁ ପଦାକୁ ବାହାରିବାକୁ ଡରନ୍ତି କିନ୍ତୁ ଗୋଟେ ମଣିଷ ଝିଅ ବାଘକୁ ମାରିବା...କେତେ ବଡ ସାହାସିକତା ର ପରିଚୟ ଦେଇଛି ...!!

ଶଗଡ଼ ପଛେ ପଛେ ଗାଁ ଯାକ ଲୋକ । ତା ବାଘ ଶିକାର କୌଶଳ କଣ ଏଇ କଥାଟି ଜାଣିବା ପାଇଁ । ଶିକାରୀ ମାନେ ତା ଫେରିବା ବାଟକୁ ଚାହିଁ ବସିଥାନ୍ତି ...

ସୁଶୀଳାବତୀ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ସେକ୍ଟର -୨
ରାଉରକେଲା ମୋ-9861060152

ISSN NO.
2582-208X

# ଯୌତୁକ ବ୍ୟାଧି



ସ୍ୱର୍ଣ୍ଣଲତା ପତି

ଝିଅ ଜନ୍ମ କ'ଣ ଅଭିଶାପ କୁହ
ମାତା ଗର୍ଭୁ ତା'ର ଦୁଃଖ
ଭ୍ରୁଣ ହତ୍ୟା ହେବା ଆଶଙ୍କାରେ  ଥାଏ
ଲାଗେ ଅନ୍ଧାରି ମୂଲକ  ।

ହେଲା ପରେ ଜନ୍ମ ଭ୍ରୁକୁଞ୍ଚ ନେ କେତେ
ସମାଲୋଚନା ସରବ୍ୟ
ପାଦ ଥାପି ଧୀରେ ଚାଲୁଥାଏ ବାଟ
ସେବା ତା' ମୂଳ କର୍ତ୍ତବ୍ୟ  ।

କେତେ ବଛାବଛି ପରେ ହୁଏ ସିଏ
ବିବାହ ବନ୍ଧନେ ଛନ୍ଦ ।
ଯୌତୁକ ନିମନ୍ତେ ମାତା-ପିତା ତା'ର
ରଖନ୍ତି ଘରକୁ ବନ୍ଧା  ।

ଶାଶୁଘର ସତେ ଅସନ୍ତୁଷ୍ଟ ଗୋଷ୍ଠୀ
ନାକ ଟେକୁଥା'ନ୍ତି ପରା!

ISSN NO.
2582-208X

ଜୁଇର ପାଖକୁ ଯିବା ପର୍ଯ୍ୟନ୍ତ ସେ
ଜଳେ ଜୀବନଟା ସାରା ।

ଯୌତୁକ ବ୍ୟାଧିରୁ ନାରୀକୁ ଯେ ମୁକ୍ତି
ଯେଉଁ ଦିନ ମିଳିଯିବ
ଜାଣିବ । ସେଦିନ ସ୍ୱାଧୀନ ହୋଇଲୁ
ଦେଶ ଆମ ସ୍ୱର୍ଗ ହେବ ।

ଶିକ୍ଷୟିତ୍ରୀ
ବସନ୍ତ ବିହାର, ଜ୍ୟୋତିବିହାର, ବୁର୍ଲା
ସମ୍ବଲପୁର ୯୫୫୬୭୩୨୬୩୬

ISSN NO.
2582-208X



# ଶବ୍ଦ ର ନୀରବ ଗୁଞ୍ଜରଣ



ବିଶ୍ୱନାଥ କର

କୁକୁଡା ଡାକରୁ ରାତି ଅଧ ଯାଏ
ଗୋଟେ ନୀରବତା ଲଟେଇଯାଏ କଖାରୁ ଡଙ୍କ ଭଳି ମନକୁ ମନ
ମୁଁ ଭୁଲିଯାଇଥିବା କାହାଣୀ ସବୁ
ନୀରବତାର ଦୋଳିରେ ଝୁଲେ ଅବାଧରେ
ଚକ୍ରବୂହରେ ପଶିଥିବା ଅଭିମନ୍ୟୁ ପରି
ମୁଁ ବାହାରି ପାରେନା
ନିଃଶବ୍ଦ ସମୟ ଗୁହାରୁ
ଶବ୍ଦ ମାନଙ୍କ ଯନ୍ତ୍ରଣା କ୍ଷତ ବିକ୍ଷତ କରେ ମୋତେ ।

ଫୁଲ ଫଗୁଣର ନୀରବ ଗୁଞ୍ଜରଣ
କବିତା ହୋଇ ଝରେ
ବସନ୍ତର ବର୍ଣ୍ଣବିଭା ରେ
କବିତାର ଛନ୍ଦ ସବୁ ପୁଣି କେବେ ମୌସୁମୀ ର ଶୀତଳ ସ୍ପର୍ଶରେ
ସକାଳରୁ ସଞ୍ଜଯାଏ
ସଞ୍ଜରୁ ସକାଳ ଯାଏ
ଆସେ ନୀରବ ପଲଟଣରେ ।

ISSN NO.
2582-208X

ସମୟର ଭଙ୍ଗାରୁଜା କ୍ଷତଚିହ୍ନ ଶାଣିତ କରେ ମୋ ଲେଖନୀ
ନୀରବତାର ରିକ୍ତ କମ୍ପନ
ମୋ ଛାତି ଭିତରେ ସଜାଡିଦିଏ ଗୋଟେ ଅଭିଧାନ
ନିଶବ୍ଦତାର ବାହାନାରେ  ଋତୁରାଜ ଗୀତ ଗାଏ
ମୋ ମନ ତଳେ ସୁର ତୋଳେ
କୁକୁଡା ଡାକରୁ ରାତି ଅଧ ଯାଏ ।

ଯେତେବେଳେ ଋତୁ ବଦଳେ
ସ୍ୱପ୍ନ ବଦଳେ
ସ୍ମୃତି ବଦଳେ
ଏକ ବିରାଟ ନୀରବତା ଘେରି ଯାଏ ଚାରି ପାଖରେ
ଶବ୍ଦ ସବୁ ଶବ୍ଦହୀନ ହୁଏ
ମୁଁ ବାହାରି ଆସେ ଆଖପାଖର କୋଳାହଳର ଅଗଂନରୁ
ଅକାତ ଶୂନ୍ୟତା ଆବୋରି ବସେ ମୋ ମନ ଅନ୍ତର୍ମନ
ମୁଁ ଚକାମାଡି ବସିଥାଏ
ଠିଆ ହୋଇଥାଏ ଶବ୍ଦର ନୀରବ ଗୁଞ୍ଜରଣ ସହ
ଚିତ୍ରକଳ୍ପ ରୂପକଳ୍ପର ଲାଲ ଗାଲିଚା ରେ ।

ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର,
କଟକ-୭୫୩୦୦୮ ସମ୍ପର୍କ-9776332639
ମେଲ୍: biswanathkar1956@gmail.com

ISSN NO.
2582-208X

# ପ୍ରେମ



ଦେବେନ୍ଦ୍ର ସାହୁ

ପାଖରେ ବସି ରାଧାଙ୍କୁ ପଚାରନ୍ତି କୃଷ୍ଣ
ବଂଶୀ ମୋର ନିଏ କାଇଁ ରାଧା ତୁମ ନାମ
ଆଖି ମୋର ଖୋଜେ କାଇଁ ସବୁଠି ତୁମକୁ
ଚିତ୍ର ତୁମ ମହକାଇ ଦିଏ ମୋ କକ୍ଷକୁ
ବୁଝାଇଦିଅ ମତେ ତୁମ ମନର ଭାବନା
କେତେ ଭଲ ପାଅ କର ହେ ବର୍ଣ୍ଣନା
ନମ୍ରରେ କୁହନ୍ତି ରାଧା ନୀରବତା ଭାଙ୍ଗି
ନୟନରେ ଅଶ୍ରୁ ଭରି କୁହନ୍ତି ଥଙ୍ଗୀ ଥଙ୍ଗୀ
ବୁଝିବାକୁ ହେଲେ ରାଧା ପ୍ରେମକୁ ମାଧବ
ରାଧା ହେଇ ତୁମକୁ ଜନ୍ମିବାକୁ ହେବ
ରାଧାର ହୃଦୟ ପୁଣି ରାଧାର ସ୍ୱଭାବ
ରାଧା ମନ ନେଇ ପୀଡା ସହିବାକୁ ହେବ
କୃଷ୍ଣମୟ ମୋ ଜୀବନ ମନେ କୃଷ୍ଣ ଭାବ
ସମ୍ବନ୍ଧ ସ୍ୟାହିରେ ପ୍ରୀତି ଲେଖିଛି ମାଧବ
କୃଷ୍ଣ ପାଇଁ ମୋ ସୃଜନ କୃଷ୍ଣ ମୋର ସ୍ୱର୍ଗ
କୃଷ୍ଣ ମୋର ନାମ ଗୋତ୍ର କୃଷ୍ଣ ମୋ ସ୍ୱଭାବ
ସମ୍ଭାଳି ପାରିଲେ ନାହିଁ ନିଜକୁ ମୋହନ

ISSN NO.
2582-208X

କରାଇ ଦେଲେ ନାହିଁ ଏଥର ରାଧାଙ୍କୁ ମଉନ
ନାୟନରୁ ଯମୁନା ଯେ ଝରିଯାଉଥାଏ
କଦମ୍ବର ବାସ ଚାରିଦିଗେ ବହୁଥାଏ
ବାହୁରେ ଧରି ରାଧାଙ୍କୁ କୃଷ୍ଣ କହୁଛନ୍ତି
ତୁମ ପାଇଁ ମତେ ସାରା ବିଶ୍ୱରେ ଜାଣନ୍ତି ।

ରାମେଶ୍ୱର, ସାଲେପୁର, କଟକ

ISSN NO.
2582-208X

# ପ୍ରକୃତିର
# ପ୍ରତିଶୋଧ



ଲାଲମୋହନ ମାଝୀ

ହୁ-ହୁ-ହୋଇ ଜଳୁଛି ନିଦାଘ ନିଆଁ,
ସେ ନିଆଁରେ ସତେ ଯେମିତି
ଜଳିପୋଡ଼ି ପାଉଁଶ ହୋଇଯିବ
ଏ ସାରା ଦୁନିଆ ।

ଲାଗୁଛି କେଇ ବର୍ଷ ପରେ
କେହି ବି ବର୍ତ୍ତିବେନି
ଏ ନିଆଁର ପ୍ରଚଣ୍ଡ ଉତ୍ତାପରେ,
ଏମିତିକି ଏ ମଣିଷ ବି ନୁହଁ,
କେମିତି ବର୍ତ୍ତି ପାରିବ କୁହ... ?
ମଣିଷ ନିଜେ ତ ଢାଳି ଚାଲିଛି
ସେ ନିଆଁ ଉପରେ ଘିଅ ଆଉ ଘିଅ ।

ନିଜ ସ୍ୱାର୍ଥ ପାଇଁ ପ୍ରତି ମୁହୂର୍ତ୍ତେ
ପ୍ରକୃତିକୁ ନଷ୍ଟ କରୁଥିବା
ନିର୍ବୋଧ ମଣିଷ ମାନଙ୍କୁ
କେତେଦିନ ସୁରକ୍ଷା ଦେଇପାରିବ

ISSN NO.
2582-208X

ସେ ବିଦ୍ୟୁତ  ଚାଳିତ ପଙ୍ଖା, କୁଲର
ଆଉ ସେ ଶୀତତାପ ନିୟନ୍ତ୍ରିତ ଘର  ?

ହଁ, ଜଳୁଛି ଜଳିବ ସେ ନିଆଁ
ଜଳିବ ସାରା ଦୁନିଆ,
ଆଉ ସମ୍ଭବ ନ ଥିବ
ସେ ନିଆଁକୁ ଆୟତ୍ତ କରିବାରେ
ନିଜକୁ ବୁଦ୍ଧିମାନ ବୋଲାଉ ଥିବା
ନିର୍ବୋଧ ମଣିଷ ପାଖରେ    ।

ତେଣୁ ସେ ନିଆଁରେ ଜଳିବାକୁ ହିଁ ହେବ
ସେତେବେଳେ"ତ୍ରାହି-ତ୍ରାହି " ଡାକିଲେ
ଶୁଣିବ କି ସେ ଡାକ ଦଇବ  ?
ଓଲଟା କହିବ- ହେ ନିର୍ବୋଧ.....
ଏତିକି ଜାଣି ପାରୁନ
ଏଇଟା ପରା ପ୍ରକୃତିର ପ୍ରତିଶୋଧ   ।

ରାଇହରି, ବିଜାତଳା, ମୟୂରଭଞ୍ଜ

ISSN NO.
2582-208X

# ଆଚରଣ



ଅଭୟ କୁଣ୍ଡ

ଗାଁରୁ ସହର, ରାସ୍ତାଘାଟ, ଯାନବାହନ ମେଳା ମୌଚ୍ଛବ ସବୁଠି ଲୋକ ସମାଗମ ହୁଏ । ସମସ୍ତେ ନିଜ କାମରେ ବ୍ୟସ୍ତ ଥାଆନ୍ତି । କିଛି ଲୋକ ଏପରି କିଛି ଆଚରଣ କରନ୍ତି ଯାହା ଆମ ପାଇଁ, ଅନେକଙ୍କ ପାଇଁ ଦୁଃଖ, ବିପଦ ସୃଷ୍ଟି କରେ । ମହାତ୍ମା ଗାନ୍ଧୀଙ୍କ ଜୀବନୀରୁ ଜଣାଯାଏ ଯେ ଥରେ ସେ ତୃତୀୟ ଶ୍ରେଣୀ ରେଳ ଡବାରେ ବସି ଯାତ୍ରା କରୁଥିଲେ । ତୃତୀୟ ଶ୍ରେଣୀ ଅର୍ଥ ସାଧାରଣ ଗରିବ ଶ୍ରେଣୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରେଳ ଯାତ୍ରା । ଗାନ୍ଧିଜୀ ସେଠାରେ ଦରିଦ୍ର ଲୋକଙ୍କ ସହ ମିଶିବେ, ସେମାନଙ୍କ ସୁଖ ଦୁଃଖ ନିଜ ଚକ୍ଷୁରେ ଦେଖିବେ ଓ ସେମାନଙ୍କୁ ସାହାଯ୍ୟ କରିବେ । ତୃତୀୟ ଶ୍ରେଣୀରେ ରେଳ ଯାତ୍ରା ସମୟରେ ବହୁତ ଜନ ଗହଳି ଥିଲା । ଗାନ୍ଧିଜୀଙ୍କ ସହଯାତ୍ରୀ ଜଣକ ବହୁତ ଧୂମପାନ କରୁଥିଲେ । ତାଙ୍କର କାଶ ଛିଙ୍କ ହେଉଥିଲା ଓ ସେ ବସିବା ଆସନ ତଳେ ଛେପ ଖଙ୍କାର ପକାଉଥିଲେ । ଲୋକମାନେ ଦେଖି ନ ଦେଖିଲା ଭଳି କିଛି କହୁ ନଥିଲେ । ସେମାନେ ଏହାକୁ ଏକ ସାଧାରଣ କଥା ଭାବୁଥିଲେ ।ଗାନ୍ଧୀ ମହାତ୍ମାଙ୍କ ଏପରି ସାଧାରଣ ରୂପ ଥିଲା ଯେ କେହି ବି ତାଙ୍କୁ ଚିହ୍ନି ପାରୁ ନ ଥିଲେ । ମହାତ୍ମା ନମ୍ର ଭାବରେ ବ୍ୟକ୍ତି ଜଣକୁ ରେଳ ଡବାରେ ଧୂମପାନ ନ କରିବାକୁ ଓ ଛେପ ଖଙ୍କାର ଏଣେତେଣେ ନ ପକାଇବାକୁ ଅନୁରୋଧ କଲେ । ଲୋକଟି ପ୍ରତିକ୍ରିୟାଶୀଳ ହୋଇ କହିଲା "ମୁଁ ରେଳ ଭଡା ଦେଇ ଯାଉଛି । ମୋର ଯାହା ଇଚ୍ଛା ତାହା କରିବି । ମତେ ବାରଣ କରିବାକୁ ତମେ କିଏ ?" ଗାନ୍ଧିଜୀ ଭଦ୍ରତାର ସହ କହିଲେ ଭାଇ ଏ ସମସ୍ତଙ୍କ କଥା ଟିକେ ଭାବ । ନିୟମ ଅଛି ରେଳ ଯାତ୍ରା ଆପଣ ଉଚିତ୍ ଭଡା ଦେଇ କରିପାରିବେ କିନ୍ତୁ

ISSN NO.
2582-208X

ଡବା ଭିତରେ ଅପରିଷ୍କାର କରିପାରିବେ ନାହିଁ । ମୁଁ ରେଳ କର୍ମଚାରୀଙ୍କୁ ଅଭିଯୋଗ କଲେ ସେ ଆପଣଙ୍କୁ ଗାଡିରୁ ଓହ୍ଲାଇ ଦେବେ । ଏହାପରେ ଲୋକଟି ଗାନ୍ଧିଜୀଙ୍କ ମୁହଁକୁ ଧୂଆଁ ଛାଡ଼ିଲା ଓ କାଶି କାଶି ଛେପ ଖଙ୍କାର ଏଣେତେଣେ ପକାଇ କହିଲା "ମୋର କିଏ କଣ କରିବ କର" । ଏହାପରେ ଗାନ୍ଧିଜୀ ନିଜ ଆସନରୁ ଉଠି ପଡ଼ିଲେ ଓ ନିଜ ଅଣ୍ଟାରେ ଖୋସା ହୋଇଥିବା ରୁମାଲ ବାହାର କରି ଲୋକଟି ପକାଇଥିବା ଛେପ ଖଙ୍କାର ସବୁ ପୋଛି ପକାଇଲେ ଓ ରୁମାଲ୍ ଟି ବାହାରକୁ ଫିଙ୍ଗି ଦେଲେ । ଏପରି ଘଟଣା ଦେଖି ଅନ୍ୟ ସହଯାତ୍ରୀ ଓ ସେହି ଲୋକଟି ତଟସ୍ଥ ହୋଇଗଲେ । ଷ୍ଟେସନରେ ଟ୍ରେନ ରହିଲା ଓ ଶହ ଶହ ଲୋକ ସେହି ରେଳ ଡବା ନିକଟକୁ ଧାଇଁ ଆସିଲେ ଓ ମହାତ୍ମା ଗାନ୍ଧୀ କି ଜୟ ଧ୍ୱନିରେ ସ୍ଥାନଟି କମ୍ପି ଉଠିଲା ।

ଗାନ୍ଧୀ ମହାତ୍ମା ମଧ୍ୟ ଦ୍ୱାର ନିକଟକୁ ଆସି ସମସ୍ତଙ୍କୁ ନମସ୍କାର କଲେ । ଲୋକମାନେ ମହାତ୍ମାଙ୍କୁ ପାଛୋଟି ନେଲେ ନିକଟସ୍ଥ ସଭା ନିକଟକୁ । ଏହା ଦେଖି ଧୂମପାନ କରୁଥିବା ଲୋକଟି ବିସ୍ମିତ ହେଲା ଓ ଅନୁତାପରେ ମୁଣ୍ଡ ତଳକୁ କରି ସଭା ମଣ୍ଡପ ନିକଟକୁ ଗଲା ଓ ଗାନ୍ଧିଜୀଙ୍କ ଗୋଡ ତଳେ ପଡି କ୍ଷମା ପ୍ରାର୍ଥନା କଲା । ଗାନ୍ଧିଜୀ ତାଙ୍କୁ ଟେକି ଧରି କୁଣ୍ଢାଇ ପକାଇଲେ ଓ ଏପରି ନ କରିବାକୁ ଶପଥ କରାଇଲେ ।

ସେଦିନ ସଭାରେ ଗାନ୍ଧିଜୀ ଭାଷଣ ପ୍ରସଙ୍ଗରେ କହିଲେ ଆମେ ସମସ୍ତେ ଭାଇ ଭାଇ, ପରସ୍ପର ସୁଖ ସୁବିଧା ଦେଖିବା ଓ ଦେଶର ନିୟମ ମାନିବା । ଆମେ ଯଦି କର୍ତ୍ତବ୍ୟ ପରାୟଣ ନ ହେବା ତେବେ ସ୍ୱାଧୀନତାର ମୂଲ୍ୟ କଣ ? ସତରେ ଗୋଟିଏ କ୍ଷଣରେ ଜଣେ ସାଧୁ ସଙ୍ଗ ଆମ ଆଚରଣରେ ପରିବର୍ତ୍ତନ କରିଦେଇଥାଏ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ଅନୁଗୋଳ

ISSN NO.
2582-208X

# ମଣିଷ ହାଟ



ଆକୁଳାନନ୍ଦ ପୃଷ୍ଟି

ଗହଳ ଚହଳ ଧରା ବଗିଚାରେ
ବସିଛି ମଣିଷ ହାଟ
କିଣା ବିକା ହେବେ ମଣିଷ ଏଠାରେ
ଦେଖି ବୁଦ୍ଧି ବଳ ପାଠ ।

ଏଇଠି ମିଳିବେ ମନ୍ତ୍ରୀ ବିଧାୟକ
ସାଂସଦ ନେତ୍ରୀ ନେତା
ଭାଷିବେ ତୋଷିବେ ପ୍ରତିଶ୍ରୁତି ଦେବେ
କହି କହି ତୁଚ୍ଛା କଥା ।

ସ୍ୱପ୍ନ ଦେଖାଇବେ ଅନ୍ଧାରେ ରଖିବେ
ବଚନ ପାଣିର ଗାର
ନିର୍ବାଚନ ବେଳେ ପ୍ରଚାର କରିବେ
ପାଣିରେ ପକାଇ ସର ।

ମାପି ଚୁପି କଥା କହିବା କଳାଟି
ଏମାନଙ୍କୁ ଭଲ ଜଣା
ଚତୁର ଚାଲୁଣି ଛୁଞ୍ଚିକି କହିବ
ତା ପଛରେ ଗୋଟିଏ କଣା ।

ମଣିଷ ଭିତରେ ନେତା
ସଢ଼କରୁ ଇଏ ସଂସଦ ଚଳନ୍ତି
ବରଷାକୁ ଦେଖି ବାଗେଇ ଧରନ୍ତି
ଦଳ ଚିହ୍ନ ଥିବା ଛତା ।

ସବୁଠୁ ଚତୁର ବିଜ୍ଞ ବିଦ୍ୟାଧର
ହେଲେ ଆମ ନ୍ୟାୟାଧିଶ
ଅବାଟରେ ଗଲେ ନିୟମ ଭାଙ୍ଗିଲେ
ଦଣ୍ଡ ଦେବେ ଦେଖି ଦୋଷ ।

ISSN NO.
2582-208X

ସମସ୍ତେ ତାଙ୍କ ଅଧୀନ
ଆଇନ ଆଖିରେ ସମସ୍ତେ ସମାନ
କେହି ନୁହେଁ ବଡ଼ ସାନ ।

ବିଜ୍ଞ ବୁଦ୍ଧିମାନ ପ୍ରଶାସକ ହେବେ
ଜନ ମଙ୍ଗଳ ପାଇଁ
ଦେଶର ଯୋଜନା ହରିଲୁଟ୍ ହୁଏ
ପ୍ରଶାସକ ଶୁଏ ଚେଇଁ ।

ତଳୁ ତାଳୁ ଯାଏ ସବୁ ବିଭାଗରେ
ଚାଲୁଛି ଫାଇଲ ଚାଷ
ଦୁର୍ବିପାକ ହେଲେ ଦେଶ ଭାସିଯିବ
ବାବୁଙ୍କର ପୁଷ ମାସ ।

ଭାଗ୍ୟ ବିଧାତାଙ୍କ ମନଜାଣି କାମ
କଲେ ହେବେ ସୁନା ପିଲା
ଖାଇ ଖୋଇବାର ଦକ୍ଷତା ନ ଥିଲେ
ହାଲୁକା ରହିବ ପଲା ।

ପୋହଳା ଏଣ୍ଡୁଅ ପରି
ବେଳ କାଳ ଦେଖି ରଙ୍ଗ ବଦଳାନ୍ତି
ସୁବିଧା ଡାଳକୁ ଧରି ।

ଏମାନଙ୍କ ପରେ ଡାକ୍ତର ଯନ୍ତ୍ରୀ
ଅଧ୍ୟକ ଅଧ୍ୟାପକ
ପୋଲିସ ଫରେଷ୍ଟ ଆର ଆଇ ଅମିନ
କିରାଣୀ କ୍ଷେନୋ ଶିକ୍ଷକ। ।

ଆଜ୍ଞା ମାନୁଥିବେ କାଳ କାଟୁଥିବେ
ଦରମା ଗଣ୍ଡାକ ପାଇଁ
ଆଜ୍ଞାଙ୍କ କରୁଣ ହେଲା ଯଦି ଊଣା
ବୁଲୁଥିବେ ସାହି ସାହି ।

ଅଳପ ପାଠୁଆ ପିଅନ ଦରୱାନ
ଝାଡୁଦାର ଆଜ୍ଞାବହ
ଦେଖିବେ ବୁଝିବେ ନୀରବ ରହିବେ
କରୁଥିବେ ଅଭିନୟ ।

ଧନ୍ୟ ଏ ମଣିଷ ହାଟ
ଏଇଠି ମଣିଷ ନିଲାମ୍ ହୁଅନ୍ତି
ଅର୍ଥ ପାଇଁ ସବୁ ନାଟ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଟକ
ମୋ -9437864562

ISSN NO.
2582-208X

# ମୁଁ କିଏ ତୁମର



ଅଜୟ କୁମାର ରାଉତ

ମନକଥା ଖୋଲି କେହିଦେବା ପାଇଁ
ମନଟିଏ ଲୋଡା ହୁଏ
ମନ ସାଥେ ମନ ମିଶିଗଲା ପରେ
କାହାଣୀ ଟେ ଲେଖା ହୁଏ ।
ସତରେ ମୁଁ କିଏ ତୁମର !
ତୁମେ ତ ଥିଲ ତୁମ ବାଟରେ ପଥିକ ହୋଇ
ମୁଁ ଥିଲି ମୋ ବାଟରେ ବାଟୋଇ ହୋଇ
ନଥିଲା ଆମ୍ଭ ଦୁହିଁଙ୍କର ଚିହ୍ନ ବର୍ଣ୍ଣ
ଅଚାନକ ଯୋଡି ହୋଇଗଲା ଆମ ସଂପର୍କର ଯୋଡି
ସତରେ ମୁଁ କିଏ ତୁମର !
ତୁମର ଚେହେରାରେ ସୁନ୍ଦରତା ସ୍ପଷ୍ଟ ବାରିହୁଏ
ତୁମ ହୃଦୟ ତା ଠାରୁ ବି ଅଧିକ ସୁନ୍ଦର
ତୁମର ନିରବତା ବଖାଣୁଛି ମୋ ପ୍ରତି ଭଲ ପାଇବାର ବାର୍ତ୍ତା
ସତରେ କଣ ତୁମେ ମୋତେ ଭଲପାଅ ।
ଭାବିପାରୁନାହିଁ ତୁମେ କେଉଁ ଜନମର ସାଥି

ISSN NO.
2582-208X

ନଥିଲା ସଂପର୍କର ଡୋରି
ଧିରେ ଧିରେ ବାନ୍ଧି ହୋଇଗଲା ଆମ୍ଭ ସଂଘର୍ଷର ଡୋରି ।
ତୁମର ସୁମଧୁର ବାର୍ତ୍ତାରେ ମୁଁ ଆଜି ବିମୋହିତ
ତୁମର ମାଧୁର୍ଯ୍ୟପୂର୍ଣ୍ଣ, ସ୍ୱଷ୍ଟ ବାର୍ତ୍ତାରେ
ବାରି ହୋଇଯାଏ ତୁମର ସଂସ୍କାର ।
ତୁମର କେଇ ଦିନର ସଂପର୍କ
ମୋତେ କରିଛି ଅତି ନିକଟତର ।
ମୁଁ କିଏ ତୁମର !
ମୁଁ କଥା ହେବା ପାଇଁ ପାଗଳ ଭଁଅର
ତୁମେ ମୋ ଠାରୁ ଦୂରେଇ ଦୂରେଇ ରହୁଛ ।
ମୋର ଇଛା ତୁମ ସହ ସାରା ଜୀବନ କାଟିଦେବା ପାଇଁ
ତୁମେ ତ ପାରୁନ ବୁଝି ।
ତୁମର ଚେହେରା ଜଣାଇ ଦିଏ ସଂସ୍କାରର ବାର୍ତ୍ତା
ହଜାରେ ଭିଡ ଭିତରୁ ତୁମେ ଯେ ସେହିତ ଜଣେ
କେମିତି ବୁଝାଇବି ତୁମକୁ ପାରୁନି ତ ମୁଁ ନିଜେ ବୁଝି ।
ତୁମେ ତ ମୋ ପାଇଁ ଲକ୍ଷ୍ମୀ
ମୁଁ ତୁମର ଜଗନ୍ନାଥ ।
ତୁମର ଶାଢୀ ପିନ୍ଧା ଫଟୋ ହୃଦୟକୁ କରୁଛି ବିମୋହିତ ।
ମୋ ଦୁଆର ତୁମ ପାଇଁ ଖୋଲା,
କେବେ ପଡିବ ତୁମର କୁନି କୁନି ଲକ୍ଷ୍ମୀ ପାଦ ।
ଗୁଣୁଗୁଣୁ ହୋଇ ଗୁଞ୍ଜରଣ କରିଯାଏ ମୁଁ
ଜାଣି ମୁଁ ପାରେନା ମୁଁ କିଏ ତୁମର !

ISSN NO.
2582-208X

କେଉଁଦିନ ସାଜିବ ମୋର ଭାଗ୍ୟର ଲକ୍ଷ୍ମୀ ହୋଇ
କହିଯାଅ ଥରୁଟିଏ ମୋତେ,
ମୁଁ ଚାହିଁଥିବି ତୁମର ବାଟକୁ ଅନାଇ,
କହିବି କହିବି ବୋଲି ଭାବୁଛି
କିନ୍ତୁ କହି ମୁଁ ପାରେନା ।
କହିଦେବି ଯଦି ତୁମ ବିନା ବଞ୍ଚିବା ବହୁତ କଷ୍ଟକର
ତୁମକୁ କହିବା ଆହୁରି କଷ୍ଟକର ।
ତୁମେ ତ ଗଢା ମୋ ପାଇଁ ମୁଁ ତ ଗଢା ତୁମପାଇଁ
ଚାହୁଁ ଚାହୁଁ ଯୋଡି ହୋଇଗଲା ସଂପର୍କର ଡୋରି ।
ସତରେ ମୁଁ କିଏ ତୁମର !

ଆଇନଜୀବୀ, କଟକ

ISSN NO.
2582-208X



# କାହାଣୀ କହୁଛି ଚିଲିକା ରାଣୀ



ଜନ୍ମଜୟ ନାୟକ

ବସି କ୍ଲାନ୍ତ ଅପରାହ୍ନେ          ମୁଁ ଯେ ଗୋଧୂଳି ଲଗନେ
ଦେଖଇ ଚିଲିକାରାଣୀ ସୁଷମାରାଜି
ପ୍ରତୀଚୀ ଆକାଶୁ ରବି      କିରଣର ପ୍ରତିଛବି
କି ଉପମା ଦେଇ ତାକୁ ବର୍ଣ୍ଣିବି ଆଜି,
ପର୍ଯ୍ୟଟକଙ୍କ ମନ ଜିଣି,
ସ୍ୱର୍ଗୀୟ ଶୋଭାର ଗନ୍ତାଘରଟେ ପୁଣି ।

ପାରିକୁଦ ଓ ମାଲୁଦ          କାଳିଜାଇ ସାନକୁଦ
ଶୋଭାପାଏ କେତେ ଦ୍ୱୀପ ତାହାରି ଦେହେ,
ଜଳକ୍ରୀଡା ପକ୍ଷୀଙ୍କର          ଅଟେ ଆହାଃ ମନୋହର
ସେହି ଛବିତକ ସର୍ବ ପରାଣ ମୋହେ,
ନିଆରା ଭାଲେରି ପାହାଡ,
ନଳବଣେ ପରିବ୍ରାଜୀ ପକ୍ଷୀଙ୍କ ଭିଡ ।

ISSN NO.
2582-208X

ଆବିଳ ହୋଇଛି ଆଜି ତା'ର ନୀଳ ଜଳରାଶି
କଳକାରଖାନା ଗଢ଼ା ହୋଇଛି ତୀରେ,
କୁରୂପ ଆଜି ତା ରୂପ ପାଇଛିକି ଅଭିଶାପ
ହରାଇ ଦେଇଛି କାଳର ଗରଭରେ,
ତଥାପି ସେ ଗର୍ବ ଆମର,
ଅନନ୍ୟା ଯେ ଅପରୂପା ସୌନ୍ଦର୍ଯ୍ୟ ତାର ।

ଗୁମୁରି କାନ୍ଦୁଛି ଆଜି କେହି ନପାରନ୍ତି ବୁଝି
ବେନି ନୟନୁ ତାହାର ଝରେ ଲୋତକ,
ସଭିଙ୍କୁ ପରଶି ଖୁସି ନିଜେ ପାରୁନାହିଁ ହସି
କିଏ ବା ପଚାରି ବୁଝେ ତାହାର ଦୁଃଖ,
କେହି ଅବା ପାରେ ବଖାଣି,
ଅପରୂପା ମଞ୍ଜୁଳା ସେ ଚିଲିକା ରାଣୀ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଶ୍ରୀମନ୍ଦିରର ବାଇଶି ପାହାଚ



ଅଧ୍ୟାପକ ଅବିନାଶ ବାରିକ୍

୨୨ ପାହାଚର ନାମ

୧. ତ୍ରୀବା
୨. କୁମୁଦବତୀ
୩. ମନ୍ଦା
୪. ଚାନ୍ଦୋବତୀ
୫. ଦୟାବତୀ
୬. ରଞ୍ଜନୀ
୭. ରତିକା
୮. ରୋଦ୍ରା
୯. କ୍ରୋଧା
୧୦. ବଦ୍ରିକା
୧୧. ପ୍ରସାରଣୀ
୧୨. ବ୍ରତୀ
୧୩. ମାର୍ଜନୀ
୧୪. କ୍ଷାତୀ

ISSN NO.
2582-208X

୧୫. ରକ୍ତା

୧୬. ସନ୍ଦିପନୀ

୧୭. ଅଜପନୀ

୧୮. ମନ୍ଦାକ୍ରି

୧୯. ରୋହିଣୀ

୨୦. ରାମ୍ୟ

୨୧. ଉଗ୍ରା

୨୨. କ୍ଷୋଭିନୀ

## ଇତିହାସ

ବଉଳମାଳା ମାଙ୍କଡ଼ା ପଥରରେ ତିଆରି ବାଇଶି ପାହାଚର ନିର୍ମାଣ ସମ୍ପର୍କରେ ଏକ କିମ୍ବଦନ୍ତି ପ୍ରଚଳିତ । କିମ୍ବଦନ୍ତୀ ମତେ ନିଃସନ୍ତାନ ରାଜା ଭାନୁଦେବ ଜମ୍ବେଶ୍ୱରଙ୍କୁ ଆରାଧନା କରି ପୁତ୍ର ସନ୍ତାନଟିଏ ଲାଭକଲେ । ଜାତକରୁ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ । ଏହା ଜାଣିପାରି ରାଜା ଭାନୁଦେବ ପୁନଶ୍ଚ ଜମ୍ବେଶ୍ୱରଙ୍କୁ ଆରାଧନା କଲେ। ଜମ୍ବେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ । ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ାଇ ଦେଇଥିଲେ । ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି ।

## ବୈଶିଷ୍ଟ୍ୟ

ବାଇଶି ପାହାଚରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । ଭକ୍ତମାନେ ବର୍ଷସାରା ବାଇଶି ପାହାଚ ବାଟଦେଇ ଶ୍ରୀ ଜୀଉମାନଙ୍କୁ ଦର୍ଶନ କରିବାକୁ ଯାଉଥିବା ବେଳେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀ ଜୀଉମାନେ ଶ୍ରୀମନ୍ଦିର ର ରତ୍ନ ସିଂହାସନ ଛାଡ଼ି ବାଇଶି ପାହାଚ ବାଟ ଦେଇ ବଡ଼ଦାଣ୍ଡରେ ଥିବା ରଥକୁ ଆସିଥାନ୍ତି ।

ISSN NO.
2582-208X

ବିଭିନ୍ନ ତତ୍ୱ ଓ ମତ

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ଯଥା- ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ବିକ୍ରୀ, ମାତ, ଭ୍ରାନ୍ତି ଓ ପ୍ରଜ୍ଞା । ଜଗନ୍ନାଥଙ୍କ ଦର୍ଶନ କରିବାକୁ ହେଲେ ବାଇଶି ପାହାଚ ଅତିକ୍ରମ କରି ଯିବାକୁ ପଡ଼ିଥାଏ । ତେଣୁ ଏହି ବାଇଶି ପାହାଚ ହେଉଛି ତତ୍ୱମୟ ଓ ପବିତ୍ରମୟ ।

ବାଇଶି ପାହାଚରେ ଦ୍ୱିତୀୟ ସୋପାନରେ ରହିଛି ଯମଶିଳା । ଶ୍ରଦ୍ଧାଳୁମାନେ ଏହି ଶିଳାକୁ ସ୍ପର୍ଶ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ଅକାଳ ମୃତ୍ୟୁ ହୁଏ ନାହିଁ ଓ ସମସ୍ତ ପାପ ନାଶ ହୋଇ ଜୀବ ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱସ ରହିଛି । ବାଇଶି ପାହାଚର ତାତ୍ୱିକ ମାହାତ୍ମ୍ୟ ଉପରେ ଅନେକ ବିଶ୍ୱାସ ପ୍ରଚଳିତ, ଯଥା;

୧. କେତେକଙ୍କ ମତରେ ଦଶ ଅବତାର ଗୁଡ଼ିକର ଗୋଡ଼ ସଂଖ୍ୟା ମିଶି ବାଇଶି ହୋଇଥିବାରୁ ସେହି ଅନୁସାରେ ବାଇଶି ପାହାଚ ହୋଇଛି ।

୨. ଦ୍ୱିତୀୟତଃ ପରଂବ୍ରହ୍ମ ହିରଣ୍ୟ ଗର୍ଭରେ ପଦ୍ମାସନରେ ଥାଆନ୍ତି । ଏହି ରତ୍ନବେଦୀ ନିକଟକୁ ଯିବାକୁ ହେଲେ ଅଷ୍ଟ ବୈକୁଣ୍ଠ ଓ ଚଉଦ ଭୁବନ ଦେଇ ଯିବାକୁ ହୁଏ । ଅଷ୍ଟ ବୈକୁଣ୍ଠ ଯଥା- ଶ୍ରୀବୈକୁଣ୍ଠ, କୈବଲ୍ୟ ବୈକୁଣ୍ଠ, କାରଣାର୍ଣ୍ଣବ ବୈକୁଣ୍ଠ, ଶେଷଶାୟୀ ବୈକୁଣ୍ଠ, ଶ୍ୱେତଦୀପ ବୈକୁଣ୍ଠ, ପରବେଶ୍ୟାମ ବୈକୁଣ୍ଠ, ଗର୍ଭୋଦକ ଶାୟୀ ବୈକୁଣ୍ଠ ଓ କୈଳାସ ବୈକୁଣ୍ଠ । ଏହି ଅଷ୍ଟ ବୈକୁଣ୍ଠ ନିମ୍ନରେ ଚଉଦ ଭୁବନ ବିଦ୍ୟମାନ । ଚଉଦ ଭୁବନ ମଧରେ ସପ୍ତଭୁବନ ମର୍ତ୍ତ୍ୟରେ ଓ ସପ୍ତଭୁବନ ପାତାଳରେ ଭୂମ୍ପା, ଭୁବ, ସ୍ୱା, ମହ, ଜନ, ତପ ଓ ସତ୍ୟ ଏବଂ ସପ୍ତ ପାତାଳ ହେଉଛି ଅତଳ, ସ୍ୱତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ । ତେଣୁ ଅଷ୍ଟ ବୈକୁଣ୍ଠ ଓ ଚଉଦ ଭୁବନ (ସପ୍ତ ମର୍ତ୍ତ୍ୟ ଓ ସପ୍ତ ପାତାଳ) ମିଶି ବାଇଶି ଯାହାକି ବାଇଶି ପାହାଚର ପ୍ରତୀକ ରୂପେ ସୂଚିତ ହୋଇଛି ।

ISSN NO.
2582-208X

୩. ଭାଗବତ ହେଉଛି ଜଗନାଥଙ୍କ ହୃଦୟର ଭାଷା ସ୍ୱରୂପ । ଏହା ଦ୍ୱାଦଶ (୧୨) ଖଣ୍ଡ ସହିତ ବାସୁଦେବ, ନୃସିଂହ, ରାମକୃଷ୍ଣ, ନାରାୟଣ, ଗୋବିନ୍ଦ, ମାଧବ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, କମଳା ଓ ଭୁବନେଶ୍ୱରୀ । ବାରଖଣ୍ଡ ଭାଗବତ ଓ ଦଶ ଦେବାଦେବୀ ମିଶି ବାଇଶି ସଂଖ୍ୟା ହେଉଛି ବାଇଶି ପାହାଚର ପ୍ରତିଫଳନ ।

୪. ପଞ୍ଚମାତ୍ରା, ପଞ୍ଚଭୂତ, ପଞ୍ଚବୀଜ, ପଞ୍ଚଦେବଙ୍କ ସହିତ ଜୀବ ଓ ପରମ ଦୁଇ ମିଶି ବାଇଶି, ଏହାର ପ୍ରତୀକାତ୍ମକ ହେଉଛି ବାଇଶି ପାହାଚ ।

୫. ଅନ୍ୟ କେତେକଙ୍କ ମତରେ ବାଇଶିଟି ତୀର୍ଥ ଭୂମିର ସ୍ୱରୂପ ବାଇଶି ତତ୍ୱର ପ୍ରତୀକ ଓ ବାଇଶିଟି ଭାବର ପ୍ରତୀକ ହେଉଛି ବାଇଶି ପାହାଚ ।

୬. ପଞ୍ଚରସ, ଅଷ୍ଟତାତ୍ତ୍ୱିକ ଭାବ, ତ୍ରିବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ହେଉଛି ବାଇଶି । ଯାହାକି ବାଇଶି ପାହାଚରେ ପ୍ରତିଫଳିତ ରୂପେ କେତେକ କହନ୍ତି । ତେଣୁ ବାଇଶି ପାହାଚ ହେଉଛି ଅତ୍ୟନ୍ତ ତତ୍ୱପୂର୍ଣ୍ଣ ଓ ରହସ୍ୟମୟ ।

ଗଠନ

ପୁରୁଣା ବା ମୂଳ ସିଂହଦ୍ୱାରଠାରୁ ନୂଆ ସିଂହଦ୍ୱାର ପର୍ଯ୍ୟନ୍ତ ଲାଗିଥିବା ଏହି ପାହାଚକୁ ବାଇଶି ପାହାଚ ବୋଲି କୁହାଯାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀମନ୍ଦିର ପ୍ଲଟ ନଂ୧୫୭ (କ)ରେ ଏହା ଅବସ୍ଥିତ । ପୂର୍ବରୁ ଏଠାରେ ମହାପ୍ରସାଦ ବିକ୍ରି ହେଉଥିଲା । ଭକ୍ତମାନେ ମହାପ୍ରସାଦ ଓ କୈବଲ୍ୟ ପାଉଥଲେ । ସେଥପାଇଁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି:

ବାଇଶି ପାବଚ୍ଛ ଗଲି ସୁଖେ, କୈବଲ୍ୟ ପସରା ବେନି ପାଶେ ।
ଚାଣ୍ଡାଲୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ ।

ISSN NO.
2582-208X

ବାଇଶି ପାହାଚରେ ପ୍ରତି ପାହାଚର ଉଚ୍ଚ ୬ରୁ ୭ଇଞ୍ଚ, ଓସାର ୬ଫୁଟ ଓ ଲମ୍ବ ୭୦ଫୁଟ ରହିଛି । ଏହାର ଅଷ୍ଟାଦଶ ପାହାଚଟିର ପ୍ରସ୍ଥ ୧୫ ଫୁଟ, ଆନନ୍ଦବଜାର ପ୍ରବେଶ ମାର୍ଗରେ ଏହାର ୧୯ ଓ ୨୦ ତମ ପାହାଚ ରହିଛି । ଯାହା ଅର୍ଦ୍ଧଗୋଲାକାର ।

ଏହାର ପ୍ରବେଶ ମାର୍ଗର ତୃତୀୟ ପାହାଚରେ କାଶୀବିଶ୍ୱନାଥ ମନ୍ଦିର ରହିଛି । ଜନଶ୍ରୁତି ଅନୁଯାୟୀ ରାଜା ଭାନୁଦେବ ବାଇଶି ପାହାଚ ନିର୍ମାଣ କରିଥଲେ । ବାଇଶି ପାହାଚ ନିର୍ମାଣ କରିଥିବାରୁ ତାଙ୍କ ପୁତ୍ର ବିପଦମୁକ୍ତ ହୋଇଥବା କୁହଯାଏ ।

ବାଇଶି ପାହାଚରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । ଭକ୍ତମାନେ ବର୍ଷସାରା ବାଇଶି ପାହାଚ ବାଟଦେଇ ଶ୍ରୀ ଜୀଉମାନଙ୍କୁ ଦର୍ଶନ କରିବାକୁ ଯାଉଥିବା ବେଳେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀ ଜୀଉମାନେ ଶ୍ରୀମନ୍ଦିର ର ରତ୍ନ ସିଂହାସନ ଛାଡ଼ି ବାଇଶି ପାହାଚ ବାଟ ଦେଇ ବଡ଼ଦାଣ୍ଡରେ ଥିବା ରଥକୁ ଆସିଥାନ୍ତି ।

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ଯଥା- ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ବିକ୍ରୀ, ମାତ, ଭ୍ରାନ୍ତି ଓ ପ୍ରଜ୍ଞା ।

ଜଗନ୍ନାଥଙ୍କ ଦର୍ଶନ କରିବାକୁ ହେଲେ ବାଇଶି ପାହାଚ ଅତିକ୍ରମ କରି ଯିବାକୁ ପଡ଼ିଥାଏ । ତେଣୁ ଏହି ବାଇଶି ପାହାଚ ହେଉଛି ତତ୍ୱମୟ ଓ ପବିତ୍ରମୟ ।

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
ମହୁ, ଆଳି, କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ନିର୍ବାଚନ ଋତୁ



ବିକାଶ କୁମାର ହୋତା

ନିର୍ବାଚନ ଋତୁ ପାଖେଇ ଆସିଲା
ବାଜିଲା ବିଗୁଲ ବାଜା
ଯେଝା ଯେଝା ନିଜ ଦଳ ପାଇଁ ପରା
ହୋଇଲେଣି ସାଜସଜ୍ଜା
କରିବେ ସଭିଏଁ ମଜା
ନୋଓଟ, ଚାଖଣା, ପୁଣି ନାଲିପାଣି
ଶହେ ଶହେ ହେବ ଖୋଜା ।।(୧)
ବହୁରୂପ ତାଙ୍କ ଦେଖେଇବେ ପରା
ହାତ ଗୋଡ ଆମ ଧରି
ଅସଲ ରୂପଟା ଦେଖିବେ ଜନତା
ଭୋଟ୍ ଯେବେ ଯିବ ସରି
ଡାକୁଥିବେ ହରି ହରି
କାନ ମୁଣ୍ଡା ନିଜ ଆଉଁସି ଭୋଟର
ରହିଥିବେ ଡରି ମରି ।।(୨)
ଯୋଜନା ଉପରେ ଯୋଜନା ହୋଇବ
ସବୁ ଯିବ ଖତ ଖାଇ
ତେଲିଆ ମୁଣ୍ଡରେ ତେଲ ଲାଗିବରେ

ISSN NO.
2582-208X


ଆଉ ସବୁ ଥିବେ ଚାହିଁ
ଓଧ ବଣଭୁଆ ବାଇ
ନେଡ଼ିଗୁଡ଼ କହୁଣୀକୁ ବୋହିଯିବ
ଯେବେ ଯିବ ରାତି ପାହି ।।(୩)
ଏବେ ବି ସମୟ ଅଛି ଆମ ପାଖେ
ଜାଗ ହୋ ଜନତା ଜାଗ
ଖଟ ନ ମୁଣ୍ଡେଇ ମୁଣ୍ଡକୁ ଖଟେଇ
ନିଜ ଅଧିକାର ମାଗ
ନିଜେ ହିଁ ନିଜକୁ ଜଗ
ମଦ ମାଉଁସ ରେ ଲାଳସା ନ ରଖି
ଠିକ୍ ନେତା ବାଛ ଆଗ ।।(୪)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୭୯୮,୮୬୫୮୨୯୨୦୫୧

ISSN NO.
2582-208X

# ପଙ୍କତ



ସୂର୍ଯ୍ୟ ନାରାୟଣ ସାହୁ

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର,
ଗୁରୁଙ୍କ ବିନା ଏ ଛାର ସଂସାର
ଆରେ! ଗୁରୁ ହିଁ ପରମେଶ୍ୱର...
ଗୁରୁଙ୍କ ମହିମା କହିଲେ ନ ସରେ ଯେ...
ତାଙ୍କରି ମହିମା ଅପାର.... ।

ଗୁରୁ ଯେ ଆଲୋକ, ମିଟାଏ ଅନ୍ଧକାର,
ଶିଖାଏ, ପଢାଏ, ଗଢେ ଏ ସଂସାର,
ଆରେ ! ତା ଯୋଗୁଁ ନାନା ଆବିଷ୍କାର,
ଗୁରୁଙ୍କ ମହିମା କହିଲେ ନ ସରେ ଯେ...
ତାଙ୍କରି ମହିମା ଅପାର.... ।

ଗୁରୁ ଯେ ପିତା, ଗୁରୁ ଯେ ମାତା,
ଶିଖାଏ ସଂସ୍କାର...
ଗୁରୁଙ୍କ ଚରଣେ କରୁ ନମସ୍କାର,
ଆରେ! ଗୁରୁ ହିଁ ସାକ୍ଷାତ ଇଶ୍ୱର....

ISSN NO.
2582-208X

ଗୁରୁଙ୍କ ମହିମା କହିଲେ ନ ସରେ ଯେ...
ତାଙ୍କରି ମହିମା ଅପାର.... ।

ଗୁରୁ ଯେ ଜ୍ଞାନ, ଗୁରୁ ଯେ ପୁଣ୍ୟ,
ଗୁରୁ ନିଅନ୍ତି ଦେବଙ୍କ ସ୍ଥାନ,
ଆରେ! ଗୁରୁଙ୍କୁ କରିବା ପ୍ରସନ୍ନ...
ଗୁରୁଙ୍କ ମହିମା କହିଲେ ନ ସରେ ଯେ...
ତାଙ୍କରି ମହିମା ଅପାର.... ।

ଗୁରୁ ଯେ ଜପ, ଗୁରୁ ଯେ ତପ,
ଗୁରୁଙ୍କ ବିନା ଛାର ଏ ଜୀବ ଜଗତ,
ଆରେ! ହେବ ନାହିଁ  ଗୁରୁ ଜ୍ଞାନ ସମାପ୍ତ...
ଗୁରୁଙ୍କ ମହିମା କହିଲେ ନ ସରେ ଯେ...
ତାଙ୍କରି ମହିମା ଅପାର.... ।

ଆନନ୍ଦେ ଏକ ବାର.......
ହରିବୋଲ

ଆସ୍କା, ଗଞ୍ଜାମ
8144128554

ISSN NO.
2582-208X

# ମହା ଶିବ ରାତ୍ରି



ଅଳକା ବାରିକ୍

ଶମ୍ଭୁ ହେ ପ୍ରଣତି ଘେନ ମୋହର ।

ଈଶ ନାମ ତବ ସଂସାରେ ସାର ।।

ପଶୁପତି ଘେନାକର ଗୁହାରୀ ।

ଶିବରାତ୍ରି ରେ ଜାଗ ନରନାରୀ ।।

ଶୁଳୀ ହେ କରିଛ ଶୂଳ ଧାରଣ ।

ମହେଶ୍ୱର ହେ ଜଗତ କାରଣ ।।

ଈଶ୍ୱର ପରମେଶ୍ୱର ତୁମ୍ଭେତ ।

ସର୍ବ ଈଶାନ ନାମ ବହୁ ସତ୍ୟ ।।

ଶଙ୍କର ଚରଣ କରେ ବନ୍ଦନ ।

ଚନ୍ଦ୍ର ଶେଖର କର ବର ଦାନ ।।

ମହା ଶିବରାତ୍ରୀ ତୁମ୍ଭ ପରବ ।

ଶିବାଳୟେ ପୂଜିତ ଉମା ଧବ ।।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଶ୍ରୀମଦ୍ ଭଗବଦ୍ ଗୀତା



ଜୟନ୍ତୀ ଦେବୀ

ସର୍ବଧର୍ମାନ ପରିତ୍ୟଜ ମାକେକଂ ଶରଣଂ ବ୍ରଜ ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ତତ୍ର ଶୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।'

କଥାରେ ଅଛି- 'ବୁଝ୍ ନ ବୁଝ୍ ପଢ଼ ଗୀତା, ରୁଚୁ କି ନ ରୁଚୁ ଖାଆ ପିତା।' ପିତା ଯେମିତି ଶରୀରର ଜୀବାଣୁ ନାଶ କରି ଶରୀରକୁ ସୁସ୍ଥ ରଖିଥାଏ , ଠିକ୍ ସେମିତି ଗୀତା ଆମ ମନକୁ ସୁସ୍ଥ ରଖିଥାଏ। କୁହାଯାଏ ଯେ , ଗୀତା ପାଠ ଆମର ମନର ମଇଳାକୁ ଦୂର କରିବା ସହ ଚରିତ୍ରକୁ ସଂଶୋଧନ ଓ ମାର୍ଜିତ କରିଥାଏ। ଗୀତା ପାଠର ଯୁକ୍ତାତ୍ମକ ପ୍ରଭାବ ଆମର କାର୍ଯ୍ୟଶୈଳୀ ଉପରେ ପଡ଼ିଥାଏ। ଫଳରେ ଜୀବନର ପ୍ରତିଟି ସୋପାନକୁ ସାମ୍ନା କରିବାକୁ ଆମକୁ ଶକ୍ତି ମିଳିଥାଏ। ତେବେ ବଡ଼ କଥା ହେଉଛି , ଗୀତା ପାଠ ଦ୍ୱାରା କ'ଣ ଲାଭ ମିଳେ ତାହା ଅନୁଭବୀ ହିଁ କହିପାରିବ। ଗୀତା ପାଠ କରିବା ଦ୍ୱାରା ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ହିନ୍ଦୁ ଧର୍ମର ଏହା ହେଉଛି ପବିତ୍ର ଧର୍ମଗ୍ରନ୍ଥ। ଗୀତାର ଅଠର ତମ ଅଧ୍ୟାୟକୁ ନିୟମିତ ପଢିଲେ ଦୈନନ୍ଦିନ ଜୀବନରେ ସମସ୍ତ ଅସୁବିଧାରୁ ମୁକ୍ତି ମିଳିବାର କୁହାଯାଏ। କିନ୍ତୁ ଆଜି କାଲି ବ୍ୟସ୍ତ ବହୁଳ ଜୀବନରେ ଲୋକମାନଙ୍କୁ ଭଗବତ୍ ଗୀତା ପାଠ କରିବାର ସମୟ ମିଳୁନାହିଁ। ଏହାର ଏକ ବିକଳ୍ପ ରହିଛି। ଏମିତି ୪ଟି ମନ୍ତ୍ର ଅଛି ଯାହାକୁ ଜପ

ISSN NO.
2582-208X

କରିବା ଦ୍ୱାରା ଆପଣଙ୍କୁ ପୂରା ଶ୍ରୀମଦ୍ ଭାଗବତ ଗୀତା ପାଠର ପୁଣ୍ୟ ମିଳିବ। ଆସନ୍ତୁ ସେହି ୪ଟି ଶ୍ଳୋକ ବିଷୟରେ ଜାଣିବା ।

ଅହମେବାସମେବାଗ୍ରେ ନାନ୍ୟଦ ଯତ୍ ସଦସତ ପରମ ପଷ୍ଚାଦହଂ ୟଦେତଚ୍ଚ ଯୋ ବଶିଷ୍ୟତେ ସୋ ସମ୍ୟହମ୍।

ଶ୍ରୁତୋ ଥଁ ୟତ୍ ପ୍ରତୀୟେତ ନ ପ୍ରତୀୟେତ ଚାତ୍ମନି ନଦ୍‌ବିଦ୍ୟାଦାତ୍ମନୋ ମାୟା ଯଥା ଭାସୋ ଯଥା ତମ।

ଯଥା ମହାନ୍ତି ଭୂତାନି ଭୂତେଷୂଚ୍ଚାବଚେଷ୍ୱନୁ ପ୍ରବିଷ୍ଟାନ୍ୟପ୍ରବିଷ୍ଟାନି ତଥା ତେଷୁ ନ ତେଷ୍ୱହମ୍।

ଏତାବଦେବ ଜିଜ୍ଞାସ୍ୟଂ ତତ୍ୱଜିଜ୍ଞାସୁନାତ୍ମନଃ ଅନ୍ୱୟବ୍ୟତିରେକାଭ୍ୟାଂ ଯତ୍ ସ୍ୟାତ୍ ସର୍ବତ୍ର ସର୍ବଦା

. ଓଁ ନମୋ ଭଗବତେ ବାସୁଦେବାୟ

ସଂଗ୍ରାହିକା: ଜୟନ୍ତୀ ଦେବୀ
ମହୁ, ଆଳ,
କେନ୍ଦ୍ରାପଡ଼ା।ପିନ୍ ୭୫୪୨୩୧

ISSN NO.
2582-208X

# ସୂର୍ଯ୍ୟ ଅଷ୍ଟୋତ୍ତର ଶତ ନାମ ସ୍ତୋତ୍ରମ୍



ଦେବଯାନୀ ବାରିକ୍

ଅରୁଣାୟ ଶରଣ୍ୟାୟ କରୁଣାରସସିଂଧବେ ଅସମାନବଲାୟାଽର୍ତରକ୍ଷକାୟ ନମୋ ନମଃ ॥ 1 ॥

ଆଦିତ୍ୟାୟାଽଦିଭୂତାୟ ଅଖିଲାଗମବେଦିନେ ଅଚ୍ୟୁତାୟାଽଖିଲଜ୍ଞାୟ ଅନଂତାୟ ନମୋ ନମଃ ॥ 2 ॥

ଇନାୟ ବିଶ୍ୱରୂପାୟ ଇଜ୍ୟାୟୈଂଦ୍ରାୟ ଭାନବେ ଇଂଦିରାମଂଦିରାପ୍ତାୟ ବଂଦନୀୟାୟ ତେ ନମଃ ॥ 3 ॥

ଈଶାୟ ସୁପ୍ରସନ୍ନାୟ ସୁଶୀଲାୟ ସୁବର୍ଚସେ ବସୁପ୍ରଦାୟ ବସବେ ବାସୁଦେବାୟ ତେ ନମଃ ॥ 4 ॥

ଉଜ୍ଜ୍ୱଲାୟୋଗ୍ରରୂପାୟ ଊର୍ଧ୍ୱଗାୟ ବିବସ୍ୱତେ ଉଦ୍ୟକ୍ତିରଣଜାଲାୟ ହୃଷୀକେଶାୟ ତେ ନମଃ ॥ 5 ॥

ଊର୍ଜସ୍ୱଲାୟ ବୀରାୟ ନିର୍ଜରାୟ ଜୟାୟ ଚ ଊରୁଦ୍ୱୟାଭାବରୂପଯୁକ୍ତସାରଥୟେ ନମଃ ॥ 6 ॥

ISSN NO.
2582-208X

ଋଷିବଂଦ୍ୟାୟ ରୁଗ୍ଘଂତ୍ରେ ଋକ୍ଷଚକ୍ରଚରାୟ ଚ ଋଜୁସ୍ୱଭାବଚିତ୍ତାୟ ନିତ୍ୟସ୍ତୁତ୍ୟାୟ ତେ ନମଃ ॥ 7 ॥

ୠକାରମାତୃକାବର୍ଣ୍ଣରୂପାୟୋଜ୍ଜ୍ୱଲତେଜସେ ୠକ୍ଷାଧିନାଥମିତ୍ରାୟ ପୁଷ୍କରାକ୍ଷାୟ ତେ ନମଃ ॥୪॥

ଲୁପ୍ତଦଂତାୟ ଶାଂତାୟ କାଂତିଦାୟ ଘନାୟ ଚ କନତ୍କନକଭୂଷାୟ ଖଦ୍ୟୋତାୟ ନମୋ ନମଃ ॥ 9 ॥

ଲୂନିତାଖିଲଦୈତ୍ୟାୟ ସତ୍ୟାନଂଦସ୍ୱରୂପିଣେ ଅପବର୍ଗପ୍ରଦାୟାଽର୍ତଶରଣ୍ୟାୟ ନମୋ ନମଃ ॥ 10 ॥

ଏକାକିନେ ଭଗବତେ ସୃଷ୍ଟିସ୍ଥିତ୍ୟଂତକାରିଣେ ଗୁଣାତ୍ମନେ ଘୃଣିଭୃତେ ବୃହତେ ବ୍ରହ୍ମଣେ ନମଃ ॥ 11 ॥

ଐଶ୍ୱର୍ଯ୍ୟଦାୟ ଶର୍ବାୟ ହରିଦଶ୍ୱାୟ ଶୌରୟେ ଦଶଦିକ୍ସଂପ୍ରକାଶାୟ ଭକ୍ତବଶ୍ୟାୟ ତେ ନମଃ ॥ 12 ॥

ଓଜସ୍କରାୟ ଜୟିନେ ଜଗଦାନଂଦହେତବେ ଜନ୍ମମୃତ୍ୟୁଜରାବ୍ୟାଧିବର୍ଜିତାୟ ନମୋ ନମଃ ॥ 13 ॥

ISSN NO.
2582-208X

ଔନ୍ନତ୍ୟପଦସଂଚାରରଥସ୍ଥାୟାତ୍ମରୂପିଣେ କମନୀୟକରାୟାଽତ୍ଵବଲ୍ଲଭାୟ ନମୋ ନମଃ ॥ 14 ॥

ଅଂତର୍ବହିଃପ୍ରକାଶାୟ ଅଚିଂତ୍ୟାୟାଽତ୍ମରୂପିଣେ ଅଚ୍ୟୁତାୟ ସୁରେଶାୟ ପରସ୍ମୈଜ୍ୟୋତିଷେ ନମଃ ॥ 15 ॥

ଅହସ୍କରାୟ ରବୟେ ହରୟେ ପରମାତ୍ମନେ ତରୁଣାୟ ବରେଣ୍ୟାୟ ଗ୍ରହାଣାଂପତୟେ ନମଃ ॥ 16 ॥

ଓଂ ନମୋ ଭାସ୍କରାୟାଽଦିମଧ୍ୟାଂତରହିତାୟ ଚ ସୌଖ୍ୟପ୍ରଦାୟ ସକଲଜଗତାଂପତୟେ ନମଃ ॥ 17 ॥

ନମଃ ସୂର୍ଯ୍ୟାୟ କବୟେ ନମୋ ନାରାୟଣାୟ ଚ ନମୋ ନମଃ ପରେଶାୟ ତେଜୋରୂପାୟ ତେ ନମଃ ॥ 18 ॥

ଓଂ ଶ୍ରୀଂ ହିରଣ୍ୟଗର୍ଭାୟ ଓଂ ହ୍ରୀଂ ସଂପତ୍କରାୟ ଚ ଓଂ ଐଂ ଇଷ୍ଟାର୍ଥଦାୟାଽନୁପ୍ରସନ୍ନାୟ ନମୋ ନମଃ ॥ 19 ॥

ଶ୍ରୀମତେ ଶ୍ରେୟସେ ଭକ୍ତକୋଟିସୌଖ୍ୟପ୍ରଦାୟିନେ ନିଖିଲାଗମବେଦ୍ୟାୟ ନିତ୍ୟାନଂଦାୟ ତେ ନମଃ ॥ 20 ॥

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଭରି ଶସ୍ତା



ଖଗେଶ୍ୱର ବାଗ

ସମ୍ପର୍କ ଯୋଡିବା କଷ୍ଟକର ଏଠି ଭାଙ୍ଗିଦେବା ଭାରି ଶସ୍ତା
ଏକ ଆରେକକୁ ଚାହିଁ ହୁଏନାହିଁ ମୁହଁ ଫେରା ନିତି କଥା।।
ହସଖୁସି ଏଠି ଆସି ଚାଲିଯାଏ ଦୁଃଖ ତ ପାହାଡ ଭଳି
ଠିଆ ହୋଇଯାଏ ଅଭେଦ୍ୟ ପାଚେରୀ ଯାତନା ଦେବାକୁ ଖାଲି।।
ହର୍ଷୋଲାଷ ଏଠି ସାତ ସ୍ୱପ୍ନ ସିନା ନୟନ ଲୋତକ ଶସ୍ତା
ଅମାନିଆ କୋହ ପ୍ରତିକ୍ଷଣେ ଉଠେ କେ ଅଛି ବୁଝିବ ବ୍ୟଥା।।
ମନର ମିଳନ ସହଜ ହୁଏନି ବିରହଟା ଶସ୍ତା ଭାରି
କିଏ ନିରବରେ ସହିଯାଏ ପୁଣି ହେଉଥାଏ ଖାଲି ଝୁରି।।
ପ୍ରତିଶ୍ରୁତି କିଏ ଲିଭାଏ ବା ଏଠି ପରାମର୍ଶ ସିନା ଶସ୍ତା
ହୃଦୟକୁ କରି କଠୋର କେ ପୁଣି ଶିଳା ଦେହେ ପିଟେ ମଥା।।
ବିଶ୍ୱାସକୁ ନାହିଁ ଭରସା କାହାର ପ୍ରତାରଣା ଲାଗେ ଶସ୍ତା
ଅଯାଚିତ ମିଳେ ମିଛେ ଆଶ୍ୱାସନା କେ ବୁଝେ କା'ର ଅବସ୍ଥା।।
ବଞ୍ଚିବାଟା ଏଠି ଭାରି କଷ୍ଟ ହେଲେ ମରିଯିବା ଭାରି ଶସ୍ତା
ଭୁଲିଯିବେ ସର୍ବେ ଦିନା କେତେ ଗଲେ ପ୍ରକୃତିର ଏ ବ୍ୟବସ୍ଥା।।

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# କର୍ତ୍ତବ୍ୟ କର୍ମ ଆଗରେ ସୁକୁମାରୀ ପ୍ରେମ ଅଧୁରା



ଅନନ୍ତ କୁମାର

ଯୁଗାନ୍ତ ପୁରୁଷ ଶ୍ରୀ କୃଷ୍ଣ ସବୁ ଲୀଳା ଖେଳା ସାରି ସବୁ ମୋହ ମାୟା ତ୍ୟାଗ କରି ଶିଆଳି ଲତାର ସେହି ନିର୍ଜନ ବନ କୁଞ୍ଜରେ ବିଶ୍ରାମ ଯାଇଥିଲେ କିନ୍ତୁ ବିଧିର ଲିପିବଦ୍ଧ ଅନୁଯାୟୀ ଜାରା ଶବରର ଶିର ବିନ୍ଧରେ ଜର୍ଜରିତ ହୋଇ ଶେଷରେ ଏ ମର୍ତ୍ତ୍ୟଲୋକରୁ ଲୀନ ହେଲେ ଯୁଗ ପୁରୁଷ ଶ୍ରୀ କୃଷ୍ଣ ଆଉ ସବୁଦିନ ପାଇଁ ନିଜର ଅଧୁରା ପ୍ରେମ କାହାଣୀକୁ ଛାପ ଛାଡିଗଲେ ଏଇଠୁ ଦ୍ଵାପର ଯୁଗର ଅବସାନ ଘଟିଲା।

ଆଉ ପ୍ରାରମ୍ଭ ହେଲା ଆଉ ଏକ ଯୁଗ ଏହି ଯୁଗରେ ଶବର ଜାତି ମାନ ଦେଖାଗଲେ ଏହି ଶବର ମାନେ ଆଦିବାସୀ ଶ୍ରେଣୀର । ଏମାନଙ୍କର ରାଜା ହେଲେ ରାଜା ବିଶ୍ଵାବସୁ ଏବଂ ରାଣୀ ପଦ୍ମାବତୀ, ଏମାନେ ନୀଳମାଧବଙ୍କ କୃପାରୁ ନୀଳ କନ୍ଦର ପାହାଡ଼ ନିକଟବର୍ତ୍ତୀରେ ଜନବସତି ଗଢି କୃଷି କାର୍ଯ୍ୟ କରି ଜୀବନ ଯାପନ କରୁଥିଲେ। ଶବର ରାଜା ବିଶ୍ଵାବସୁ ନୀଳମାଧବଙ୍କ ପୂଜାର୍ଚ୍ଚନା ପାଇଁ ନୀଳମାଧବଙ୍କ ଆଦେଶ ଅନୁଯାୟୀ ନିଇତି ପୂଜା କରୁଥାଆନ୍ତି। ବିଶ୍ଵାବସୁଙ୍କ ପତ୍ନୀ ପଦ୍ମାବତୀ ଏକଦା ଗର୍ଭବତୀ ହେଲେ ତାଙ୍କର ଦାୟିତ୍ଵ ନେବା ପାଇଁ ବିଶ୍ଵାବସୁ ଅତି ପ୍ରିୟ ଦାସୀ ସୁକୁମାରୀ କୁ ଦାୟିତ୍ଵ ଦେଲେ। ସୁକୁମାରୀ ମଧ୍ୟ ରାଣୀ ପଦ୍ମାବତୀଙ୍କର ଭଲ ଭାବରେ ସେବା ଦାୟିତ୍ଵ ତୁଲାଉଥାଏ। ସୁକୁମାରୀର ପରିବାର କହିଲେ ବୁଢା ବାପା ଆଉ ବୁଢ଼ୀ ମାଆ, ସୁକୁମାରୀ ସେବା ସାରି ଗାଆଁ ମୁଣ୍ଡରେ ରହୁଥିବା ବୁଢା ବାପା ଏବଂ ମାଆଙ୍କୁ ଦେଖିଯାଏ ଏବଂ ମଝିରେ ମଝିରେ ପିଲାବେଳର ଘନିଷ୍ଠ ବନ୍ଧୁ ଚିନ୍ତାମଣି କୁ ମଧ୍ୟ ଦେଖା କରି ନିଏ ଏହାରି ଭିତରେ ସୃଷ୍ଟି ହୁଏ ଚିନ୍ତା ମଣି ଏବଂ

ISSN NO.
2582-208X

ସୁକୁମାରୀ ମଧ୍ୟରେ ନିବିଡ଼ ପ୍ରେମ। ଯେଉଁ ପ୍ରେମକୁ ସାକାର କରିବା ଦୁଇଜଣଙ୍କ ଲକ୍ଷ୍ୟ ଥିଲା । ଏମିତି ଭିତରେ ହଠାତ୍ ବିଶ୍ୱାବସୁ ପ୍ରଭାତୁ ନୀଳମାଧବଙ୍କ ପୂଜାର୍ଚ୍ଚନା ପାଇଁ ବାହାରି ଯାଇଛନ୍ତି, ରାଣୀ ପଦ୍ମାବତୀଙ୍କର ଗର୍ଭ ଯନ୍ତ୍ରଣା ଅତି ହେଲା ପାଖରେ ଥିବା ଦାସୀ ସୁକୁମାରୀ କୁ ଶପଥ କରାଇଲେ ସୁକୁମାରୀ ଯଦି ମୁଁ ମରିଯାଏ ମୋ ସନ୍ତାନକୁ ତୁ ଭଲ ଭାବେ ମାଆ ହେଇ ଲାଳନ ପାଳନ କରି ବଡ଼ କରିବୁ କେବେ ମାଆର ଅଭାବ ଜାଣିବାକୁ ଦେବୁ ନାହିଁ। ଶେଷରେ ରାଣୀ ପଦ୍ମାବତୀ କନ୍ୟା ସନ୍ତାନ ଟିଏ ଜନ୍ମ ଦେଇ ଆରପାରିକୁ ଚାଲିଗଲେ। କନ୍ୟା ସନ୍ତାନଟିକୁ ଦାସୀ ସୁକୁମାରୀ ଲାଳନ ପାଳନରେ ଏତେ ମଗ୍ନ ରହିଗଲା ଯେ ନିଜର ଅନାବିଳ ପ୍ରେମକୁ ମଧ୍ୟ ଭୁଲିଗଲା।

ଏମିତି ଅନେକ ଦିନ ବିତିଗଲା ପରେ ବାପା ମାଆ ଛେଉଣ୍ଡ ପ୍ରେମିକ ଚିନ୍ତାମଣି ଗଭୀର ଚିନ୍ତାରେ ପଡ଼ିଗଲା । ସୁକୁମାରୀର ଅନୁପସ୍ଥିତିକୁ ଦେଖି ଶେଷରେ କିଛି ଉପାୟ ନପାଇ ଏକ ଦାସୀ ହାତରେ ମିଛ ଖବର ପଠାଇଲା ସୁକୁମାରୀ ବାପା ମାଆଙ୍କ ଅସୁସ୍ଥ କଥା କହି। ସୁକୁମାରୀ ଖବର ପାଇ ଧାଇଁ ଆସୁଥାଏ ଗାଆଁ ମୁଣ୍ଡକୁ ବାଟରେ ହଠାତ୍ ଚିନ୍ତାମଣି ସୁକୁମାରୀ ର ବାଟ ଓଗାଳି ସୁକୁମାରୀ ର ହାତକୁ ଧରି କହିଲା ସୁକୁମାରୀ ମୁଁ ତୁମକୁ ଡାକିଥିଲି । ସୁକୁମାରୀ କ୍ରୋଧରେ କହିଲା ଚିନ୍ତା ମଣି ତୁମେ ଏ କଣ କଲ ! ତୁମେ କଣ ଜାଣିନ ଆମ ପରମ୍ପରାକୁ ଥରେ ସ୍ପର୍ଶ କଲେ ବିବାହ କରିବାକୁ ପଡେ। ଚିନ୍ତାମଣି ହସି ଦେଇ କହିଲା ହଁ ସବୁ ଜାଣି ଶୁଣି କରିଲି ତତେ ମୋ ଘରକୁ ବୋହୁ କରିବି ନେବା ପାଇଁ । ସୁକୁମାରୀ ଏ କଥା ଶୁଣିକି ଭାଙ୍ଗିପଡିଲା କାରଣ ମନରେ ରାଣୀ ପଦ୍ମାବତୀଙ୍କର ଶପଥ ବାରମ୍ବାର ମନକୁ ବିଚଳିତ କରୁଥାଏ। ଶେଷରେ ସୁକୁମାରୀ ଭାଙ୍ଗିପଡି ଚିନ୍ତାମଣି ପାଖରୁ ବିଦାୟ ନେଲା ସତ। କିନ୍ତୁ ଶବର ଜାତିର ପରମ୍ପରାନୁଯାୟୀ ସଭା ଡକାଗଲା । ରାଜା ବିଶ୍ୱାବସୁ ସମସ୍ତ ପ୍ରଜାଙ୍କ ସମ୍ମୁଖରେ ଆଗାମୀ ପୂର୍ଣ୍ଣିମା ତିଥିରେ ଚିନ୍ତାମଣି ଏବଂ ସୁକୁମାରୀ ର ବିବାହ ହେବ ବୋଲି ସ୍ଥିର କରିଲେ । ଏହା ଶୁଣି ଚିନ୍ତାମଣିର ମନ ସିନା ଆନନ୍ଦ ହେଉଥାଏ କିନ୍ତୁ ବିଚରା ସୁକୁମାରୀର ମନଟା ଫୁଲର ପାଖୁଡ଼ା ପରି ଝରି ପଡ଼ିଥାଏ। ସେଦିନ ଦିନ ଯାଇ ସଞ୍ଜ ନଇଁ ରାତ୍ର ଆସିଲା ସୁକୁମାରୀ ପଦ୍ମାବତୀର କନ୍ୟା ସନ୍ତାନ ଲଳିତା

ISSN NO.
2582-208X

ପାଖରେ ବସି ଆଖିରୁ ଧାର ଧାର ଲୁହ ଝରଉଥାଏ ଏବଂ ମନେ ମନେ ପ୍ରଶ୍ନ କରୁଥାଏ ଏ ପଟେ କର୍ମର ଶପଥ ସେ ପଟେ ପ୍ରେମର ଶପଥ । କେଉଁ ଶପଥ ମୁଁ ରଖିବି ଏମିତି ଭାବିବା ଭିତରେ ହଠାତ୍ ରାତ୍ର ଅନ୍ଧକାର ଭିତରେ ଝଡ଼ ତୋଫାନ ସହ ବିଜୁଳି ଘଡ ଘଡ଼ି ମାଡ଼ି ଆସିଲା ଏହି ଅନ୍ଧକାର ବିଜୁଳି ଘଡ ଘଡ଼ି ଭିତରେ ନିଜର ପ୍ରାଣକୁ ପାଣି ଛଡ଼ାଇ ହାତରେ ନୀଳମାଧବଙ୍କ ଫୁଲ ମାଳ ନେଇ ବାହାରିଲା ପ୍ରେମିକ ଚିନ୍ତା ମଣି ଘରକୁ ସବୁ ଘଟଣାର ସତ୍ୟତା ଜଣାଇବାକୁ । ସୁକୁମାରୀ ଓଦା ଯୁଡୁ ବୁଡୁ ହେଇ ଶୀତରେ ଥରି ଥରି ହେଇ ଚିନ୍ତା ମଣି କବାଟକୁ ଠକ୍ ଠକ୍ କଲା । ଚିନ୍ତାମଣି ହଠାତ୍ ଉଠିଯାଇ କବାଟ ଖୋଲି ସୁକୁମାରୀ କୁ ଦେଖି ଚକିତ ହେଇ କହିଲା ସୁକୁମାରୀ ଏତେ ବିଳମ୍ବିତ ଏ ଝଡ ତୋଫାନରେ କଣ କାର୍ଯ୍ୟ ଅଛି। ସୁକୁମାରୀ କହିଲା ଚିନ୍ତାମଣି ଏଇ ରାତି ମୋ ପାଇଁ ନିଷ୍ପତ୍ତିର ରାତି ଆମ ଦୁଇଜଣଙ୍କ ସମ୍ପର୍କର ନିଷ୍ପତ୍ତି ର ରାତି ଜାଣିନି ଆଗକୁ କଣ ହେବ । ଚିନ୍ତା ମଣି କହିଲା ପ୍ରିୟେ ସୁକୁମାରୀ ସିଧା ସିଧା କୁହ କଣ କହିବାକୁ ଚାହଁ ସୁକୁମାରୀ କହିଲା ଚିନ୍ତାମଣି ତୁମେ ମୋତେ ଯଦି ଏତେ ଭଲ ପାଅ ମୋ ପାଇଁ କଣ କରି ପାରିବ । ଚିନ୍ତାମଣି କ୍ହିଲା ମୋ ହୃଦୟ ଆଉ ମୋ ପ୍ରାଣ ସବୁ ତୁମ ପାଦ ତଳେ ସମର୍ପିତ କରି ଦେବି । ସୁକୁମାରୀ ଏସବୁ ଶୁଣିବା ପରେ ଚିନ୍ତାମଣି ତୁମେ ମୋ ମଥା ଛୁଇଁ ଏବଂ ନୀଳମାଧବଙ୍କ ଫୁଲ ମାଳ ଛୁଇଁ କଥା ଦିଅ ମୁଁ ଯାହା ମାଗିବି ଦେବ । ଚିନ୍ତାମଣି ଖୁସିରେ ସୁକୁମାରୀ ର ମଥା ଏବଂ ନୀଳମାଧବଙ୍କ ଫୁଲ ମାଳ ଛୁଇଁ ଶପଥ କରିଲା ପରେ, ସୁକୁମାରୀ କହିଲା ମୋତେ ଗୋଟିଏ ସୁନ୍ଦର ପଦ୍ମ ଫୁଲ ଆଣି ଦେବ । ଚିନ୍ତା ମଣି ହସି ଦେଇ କହିଲା ଏଇ ଗୋଟିଏ କଥା ଗୋଟିଏ କାହିଁକି ପୁଷ୍କରିଣୀର ସବୁ ଫୁଲ ଆଣି ଥୋଇ ଦେବି । ସୁକୁମାରୀ କହିଲା ମୋର ଗୋଟିଏ ଫୁଲ ଦରକାର ସେଇଟା ଦୂର ଦେଶର ପାହାଡ଼ ଉପରେ ଫୁଟିଛି। କାହାଣୀରେ ଶୁଣିଥିଲି ସେ କୁଆଡ଼େ ସୁନ୍ଦର ଫୁଲଟିଏ। ଏହା ଶୁଣି ଚିନ୍ତା ମଣି ଚିନ୍ତାରେ ଭାଙ୍ଗି ପଡିଲା ଆଖିରୁ ଲୋତକ ଝରାଇ କୋହଭରା କଣ୍ଠରେ କହିଲା ସୁକୁମାରୀ ଏମିତି କାହିଁକି ଅଲଗା କରିଲ ମୋ ପ୍ରେମକୁ କାହିଁକି ମାରି ଦେଲ। ସୁକୁମାରୀ ଚିନ୍ତାମଣି ର କଥା ଶୁଣି ବିଷାଦ ମନରେ ଆଖିରୁ ଲୁହ ନିଗାଡି ବ୍ୟଥିତ ଭରା ହୃଦୟରେ କହିଲା ଚିନ୍ତାମଣି ମୁଁ

ISSN NO.
2582-208X

କଣ କରିବି ମୋର ବି ମନ ଥିଲା ଘର ସଂସାର କରିବାକୁ ତୁମ ଘରେ ବହୂ ସାଜି ରହିବାକୁ । କିଏ ବା ନ ଚାହେଁ ତା ପ୍ରେମକୁ ପାଇ ପାଖରେ ରଖିବାକୁ । ମୁଁ ତ ହତଭାଗୀନି ଟା ମୋର ଫଟା କପାଳ ମୋ ପ୍ରେମ ର ସମ୍ପୂର୍ଣ୍ଣତା ନାହିଁ। କାରଣ ରାଣୀ ପଦ୍ମାବତୀଙ୍କର କର୍ମର ଶପଥ ଏବଂ ମାଆର କର୍ତ୍ତବ୍ୟ ମୋତେ ବିବସ କରୁଛି । ମୁଁ କଣ କରିବି ପ୍ରେମକୁ ଜିତିବାକୁ ଯାଇ କର୍ମ ଆଉ କର୍ତ୍ତବ୍ୟକୁ ଭୁଲି ପାରିବିନି। ଚିନ୍ତାମଣି ଆମ ଶରୀର ଅଲଗା ଅଲଗା ହେଇଯିବ ହେଲେ ଏ ହୃଦୟ ସାମ୍ରାଜ୍ୟରେ ତୁମ ଛଡ଼ା ଆଉ କେହି ସ୍ଥାନ ପାଇ ପାରିବେନି। ଆମ ପ୍ରେମ ସତ୍ୟ ଚିରନ୍ତନ ଆଉ ସବୁ ଦିନ ପାଇଁ ଜୀବନ୍ତ ହେଇ ରହିବ । ଶେଷରେ ଚିନ୍ତା ମଣି ନିଜର ପ୍ରେମିକାର ଶପଥ ରକ୍ଷା କରି ସାରା ଜୀବନ ଦେଶାନ୍ତର ହେଇଗଲା ଆଉ ବିଚରା ସୁକୁମାରୀ ନିଜର କର୍ମ କର୍ତ୍ତବ୍ୟ ପାଇଁ ସାରା ଜୀବନ ଅବିବାହିତ ରହିଗଲା । ସତରେ ଏ ପ୍ରେମ ଯୁଗ ଯୁଗ ପାଇଁ ସତ୍ୟ ପ୍ରମାଣିତ ହେଇଗଲା ରାଧାକୃଷ୍ଣଙ୍କ ପ୍ରେମ ପରି।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ଓଡ଼ିଆର ପଖାଳ



ସୁହାସିନ ବାରିକ୍

ଓଡ଼ିଆର ପଖାଳ ବଡ଼ ଶୀତଳ ।
ଶୋଷକୁ ହରଣ କରଇ ତତ୍କାଳ ।।
ଖରାରେ ତୋରାଣି ଜଳର ଶୁଷ୍କତା ।
ହରଣ କରଇ ସତ୍ୟ ଏହି ବାର୍ତ୍ତା ।।
ଶାଗଭଜା ଲାଗେ ଗରମ ଗରମ ।
ପଖାଳ ଭୋଜନ ତୋଷଇ ମରମ ।।
ପଖାଳ ଭୋଜନେ ଆନନ୍ଦିତ ମନ ।
ଚାଷୀ ଜନ ମନ ହରେ ତତକ୍ଷଣ ।।
କୃଷକର ପ୍ରିୟ ପଖାଳ ଅଟଇ ।
ଯାହା ଜଗନ୍ନାଥ ମନ୍ଦିରରେ ଖାଇ ।।

ଓଡ଼ିଆର ପ୍ରିୟ ପଖାଳକୁ ଜାଣି ।
ଓଡ଼ିଆଣୀ ବୋହୂ ପରଷେ ତା ଆଣି ।
ଓଡ଼ିଆ ଅଟନ୍ତି ପରା ଜଗନ୍ନାଥ ।
ଓଡ଼ିଆଣୀ ଲକ୍ଷ୍ମୀ ଦେବୀଙ୍କର କାନ୍ତ ।
ଦହି ପଖାଳ ଭୁଞ୍ଜନ୍ତି ଜଗନ୍ନାଥ ।
ସଦା ଶ୍ରୀମନ୍ଦିରେ ହୋଇଣ ଉସତ ।।

ଗ୍ରାମ ମହୁ, ଥାନା ଆଳ,
ଜିଲ୍ଲା କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡ଼ି

ଉତ୍ପତ୍ତି ବିନାଶ ନାହିଁଟି ଯହାର ଗ୍ରାସିବଇ ମୃତ୍ୟୁ କେସନ
ଏକବ୍ରହ୍ମ ଦ୍ୱେତିନାସ୍ତି ଶାସ୍ତ୍ରବାଣୀ ପାଶୋରୀ ଗଲକି ରାଜନ
ଏସବୁ ଅଖିଳେଶ୍ୱରଙ୍କ ଭିଆଣ
କଳତ୍ର ତନୟ ଧନ ଓ ସଂପଦ ସକଳ ମିଥ୍ୟାର କାରଣ ।୩୬ ।

କାୟା ପରିତ୍ୟାଗୀ ଆତ୍ମା ପକ୍ଷୀ ନବ ଘଟରେ ହୁଅଇ ପ୍ରବେଶ
ଅବିନାଶୀ ଆତ୍ମା ଛାଡିଲେ ଘଟକୁ ଘଟର ହୋଅଇ ବିନାସ
କରକୁ, ମନ ଦୃଢେ କରେ ଆୟତ୍ତ
ମନ୍ ମୋହ ମାୟା ଲଭଇ ଉତ୍ପତ୍ତି କାୟାକୁ କରାଇ ବିପ୍ରାତ ।୩ ।

ଜ୍ଞାନ ଅନୁଭବ ଖଟାଇ ବିଭୁଙ୍କୁ ଯୋଗବଳେ କର ଧିଆନ
ପରଂବ୍ରହ୍ମେ ଲୀନ କରିଣ ଆତ୍ମାକୁ ନାରାୟଣ କର ଦର୍ଶନ
ନିର୍ବାଣ, ଅବଶ୍ୟ ଲଭିବ ନୃପତି
ଅହି ତକ୍ଷକର ବାଧାକୁ ବରଜି ସଂସାରୁ ପାଇବ ମୁକତି ।୩୮ ।

ଅନ୍ତର୍ଗତେ ଚିନ୍ତି ପ୍ରଭୁଙ୍କ ମୂରତୀ ମୌନ ବ୍ରତ କର ପାଳନ
ମନକୁ ନିବେଶି ତଲ୍ଲୀନ ହୋଇଲେ ନିଶ୍ଚୟ ମିଳିବ ନିର୍ବାଣ

ISSN NO.
2582-208X

ସନ୍ଦେହ, ନାହିଁ ଲେଶ ମାତ୍ର ଏଥିରେ
ଅନ୍ୟ କିଛି ଯଦି ଆଗ୍ରହ ତୁମ୍ଭର ବଖାଣ ନିର୍ଭୟ ଚିତ୍ତରେ ।୩୯।

ମହର୍ଷି ମୁଖରୁ ଏସନକ ଶୁଣି ବୋଲନ୍ତି ଉତ୍ତରା ତନୟ
ଶରଣ ପଶିଲି ଭାବଗ୍ରାହୀ ନାଥ କୃପାକରି ହୁଅ ସଦୟ
ନମଇଁ, ଜବାହାରଲାଲ ପୟରେ
ଭବ ଅଣ୍ଣବରୁ କର ପରିତ୍ରାଣ ଶ୍ରୀକୃଷ୍ଣ ଗୋବିନ୍ଦ ମୁରାରେ ।୪୦।

-: ଟୀକା :-

ଭିଆଣ - ଉତ୍ପତ୍ତି, ସୃଷ୍ଟି
ଘଟ, କାୟା - ଶରୀର
ଲେଶ ମାତ୍ର - ତିଳେମାତ୍ର
ଭବ ଅର୍ଣ୍ଣବ - ସଂସାର

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ପାଖରେ ବସି ରାଧାଙ୍କୁ ପଚାରନ୍ତି କୃଷ୍ଣ



ଦେବେନ୍ଦ୍ର ସାହୁ

ବଂଶୀ ମୋର ନଏ କାଇଁ ରାଧା ତୁମ ନାମ
ଆଖି ମୋର ଖୋଜେ କାଇଁ ସବୁଠି ତୁମକୁ
ଚନ୍ଦ୍ର ତୁମ ମହକାଇ ଦିଏ ମୋ କକ୍ଷକୁ
ବୁଝାଇଦିଅ ମତେ ତୁମ ମନର ଭାବନା
କେତେ ଭଲ ପାଅ କର ହେ ବର୍ଣ୍ଣନା
ନମ୍ରରେ କୁହନ୍ତୁ ରାଧା ନୀରବତା ଭାଙ୍ଗି
ନୟନରେ ଅଶ୍ରୁ ଭରି କୁହନ୍ତୁ ଥଙ୍ଗୀ ଥଙ୍ଗୀ
ବୁଝିବାକୁ ହେଲେ ରାଧା ପ୍ରେମକୁ ମାଧବ
ରାଧା ହେଇ ତୁମକୁ ଜନ୍ମବାକୁ ହେବ
ରାଧାର ହୃଦୟ ପୁଣି ରାଧାର ସ୍ୱଭାବ
ରାଧା ମନ ନେଇ ପୀଡା ସହିବାକୁ ହେବ
କୃଷ୍ଣମୟ ମୋ ଜୀବନ ମନେ କୃଷ୍ଣ ଭାବ
ସମ୍ବନ୍ଧ ସ୍ୟାହିରେ ପ୍ରୀତି ଲେଖିଛି ମାଧବ
କୃଷ୍ଣ ପାଇଁ ମୋ ସୃଜନ କୃଷ୍ଣ ମୋର ସ୍ୱର୍ଗ

ISSN NO.
2582-208X

କୃଷ୍ଣ ମୋର ନାମ ଗୋଟେ କୃଷ୍ଣ ମୋ ସ୍ୱଭାବ
ସମ୍ଭାଳ ପାରିଲେ ନାହିଁ ନିଜକୁ ମୋହନ
କରାଇ ଦେଲେ ନାହିଁ ଏଥର ରାଧାଙ୍କୁ ମଉନ
ନାୟନରୁ ଯମୁନା ଯେ ଝରିଯାଉଥାଏ
କଦମ୍ବର ବାସ ଚାରିଦିଗେ ବହୁଥାଏ
ବାହୁରେ ଧରି ରାଧାଙ୍କୁ କୃଷ୍ଣ କହୁଛନ୍ତି
ତୁମ ପାଇଁ ମତେ ସାରା ବିଶ୍ୱରେ ଜାଣନ୍ତି ।

ରାମେଶ୍ୱର, ସାଲେପୁର, କଟକ

ISSN NO.
2582-208X

# ଦୂର ପାହାଡ଼ ସୁନ୍ଦର



ମାଳତୀ ଦେବୀ

ଦୂର ପରବତ ସୁନ୍ଦର ।
ଯାହାକୁ ରଚିଲେ ଈଶ୍ୱର ।
ରବି ଶଶୀ ତାରକା ମାନ ।
ଦୂରେ ଦିଶନ୍ତି ସୁଶୋଭନ ।
ଦୂର ଅମ୍ବରେ ଜଳ ରାଶି ।
ବିଜୁଳି ସୁନ୍ଦର ପ୍ରକାଶି ।
ଗଜରାଜ ଅତଳ ଜଳେ ।
ଡାକିଲା ରଖ ଆଦିମୂଳେ ।
ତା ଡ଼ାକ ଶୁଣି ଭଗବାନ ।
ମକର ବଧିଲେ ପ୍ରମାଣ ।
ଦୂରେ ଦ୍ରୁପଦ ର କୁମାରୀ ।
ଡାକିଲା ରଖ ଚକ୍ରଧାରୀ ।
କୁରୁ ସଭାରେ ନରହରି ।
କୋଟି ବସ୍ତ୍ର ପ୍ରଦାନ କରି ।
ରଖିଲେ ତା ମାନ ମହତ ।
ଦୂରର ବୃତ୍ତାନ୍ତ ଏମନ୍ତ ।।

ପୁରୁଣା ବଜାର, ଲେ଼୍କାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଗୀତା ମାହାତ୍ମ୍ୟ



ସମ୍ପଦା ଦେବୀ

ବସୁଦେବସୁତଂ ଦେବଂ କଂସଚାଣୁରମର୍ଦ୍ଦନମ୍ ।
ଦେବକୀ ପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦଗୁରୁମ୍ ।।

ଶ୍ରୀମଦଭଗବଦ୍ ଗୀତା ହେଉଛି ସାକ୍ଷାତ୍ ଭଗବାନ ପରମବ୍ରହ୍ମ ପରମାତ୍ମା ଯୋଗେଶ୍ୱର ବୃନ୍ଦାବନ ବିହାରୀ ଜଗଦାନନ୍ଦ ଆନନ୍ଦଦାୟକ ଜଗମୋହନ ପତିତପାବନ ଲୀଳାମୟ ମହାପ୍ରଭୂ ରାଧାମୋହନ ବଂଶୀବାଦନ ଅଣାକାର ନାୟକ ଜଗତ ଜୀବନ ପରମେଶ୍ୱରଙ୍କ ଦିବ୍ୟବାଣୀ । ଏହାର ମହିମା ଅପାର ଓ ଅପରିମିତ । ଇତିହାସ ପୁରାଣ ଆଦିରେ ସ୍ଥାନେ ସ୍ଥାନେ ଏହାର ମହିମା ଗାନ କରାଯାଇଛି; ତଥାପି ଏପର୍ଯ୍ୟନ୍ତ ଏହାର ଯେତେ ମହିମା ଗାନ କରାଯାଇଛି, ସେଗୁଡିକୁ ଏକତ୍ର କରିଦେଲେ ମଧ୍ୟ, କୁହାଯାଇପାରିବ ନାହିଁ ଯେ, ଗୀତାର ମହିମା ଏତିକିମାତ୍ର । ବାସ୍ତବରେ କହିବାକୁ ଗଲେ, ଏହାର ମହିମା ପୂର୍ଣ୍ଣରୂପେ ବର୍ଣ୍ଣନା ହୋଇପାରିବ ନାହିଁ । ଯେଉଁ ବସ୍ତୁର ବର୍ଣ୍ଣନା ହୋଇପାରେ, ତାହା ଆଉ ଅପରିମିତ ହୋଇ କିପରି ରହିବ? ତାହା ତ ପରିମିତ ହୋଇଗଲା ।

ଗୀତା ଏକ ପରମ ରହସ୍ୟମୟ ଗ୍ରନ୍ଥ । ଏଥିରେ ସମସ୍ତ ବେଦର ସାର ସଂଗ୍ରହ କରାଯାଇଛି । ଏହାର ରଚନା ଏତେ ସୁନ୍ଦର ଓ ସରଳ ଯେ, ଟିକିଏ ଅଭ୍ୟାସ କଲେ, ମନୁଷ୍ୟ ଏହାକୁ ସହଜରେ ବୁଝିପାରିବ; ତଥାପି ଏହାର ଅନ୍ତର୍ନିହିତ ତଥ୍ୟ ଏପରି ଗୁଢ଼ ଓ

ISSN NO.
2582-208X

ଗମ୍ଭୀର ଯେ, ଆଜୀବନ ନିରନ୍ତର ଅଭ୍ୟାସ କରିଚାଲିଲେ ମଧ୍ୟ, ଏହାର ଅନ୍ତ ମିଳିପାରେ ନାହିଁ । ଏଥିରୁ ପ୍ରତିଦିନ ନୂଆ ନୂଆ ଭାବ ଉତ୍ପନ୍ନ ହେଉଥାଏ; ତେଣୁ ଏହା ସର୍ବଦା ନବୀନ ହୋଇ ହିଁ ରହେ ଏବଂ ଏକାଗ୍ରଚିତ୍ତ ହୋଇ ଶ୍ରଦ୍ଧା - ଭକ୍ତି ସହିତ ବିଚାର ବିମର୍ଷ କଲେ ଏହାର ପ୍ରତିଟି ପଦରେ ପରମ ରହସ୍ୟ ପୂର୍ଣ୍ଣ ହୋଇ ରହିଥିବା ପ୍ରତ୍ୟକ୍ଷ ପ୍ରତୀତ ହୁଏ । ଏହି ଗିତାଶାସ୍ତ୍ରରେ ଭଗବାନ ପରମ ପ୍ରେମମୟ ମଦନ ମୋହନ ଦୟାର ସାଗର କରୁଣା ଭଣ୍ଡାର ଦୀନବନ୍ଧୁ କୃପାସିନ୍ଧୁ ଜଗତ ଜୀବନ କମଳାକାନ୍ତ କମଳଲୋଚନ ଜଗମୋହନଙ୍କର ଗୁଣ, ପ୍ରଭାବ, ସ୍ୱରୂପ, ତତ୍ତ୍ୱ, ରହସ୍ୟ ଏବଂ ଉପାସନା ତଥା କର୍ମ ଓ ଜ୍ଞାନର ବର୍ଣ୍ଣନା ଯେପରି ଭାବରେ କରାଯାଇଛି, ସେପରି ବର୍ଣ୍ଣନା ଅନ୍ୟ କୌଣସି ଗ୍ରନ୍ଥରେ ଏକସଙ୍ଗରେ ମିଳିବା କଠିନ ।

ଭଗବତ୍ ଗୀତା ଏପରି ଏକ ଅନୁପମ ଶାସ୍ତ୍ର ଯେ, ଏହାର ଗୋଟିଏ ବି ଶବ୍ଦ ସଦୁପଦେଶରୁ ବିଚ୍ୟୁତ ନୁହେଁ । ଗୀତାରେ ଗୋଟିଏ ହେଲେ ଏପରି ଶବ୍ଦ ନାହିଁ, ଯାହାର ଚାଟୁବାଣୀ ବୋଲି କୁହାଯାଇପାରେ । ଏଥିରେ ଯେଉଁସବୁ କଥା କୁହାଯାଇଛି ସେସବୁ ଅକ୍ଷରେ ଅକ୍ଷରେ ଯଥାର୍ଥ। ସତ୍ୟସ୍ୱରୂପ ଭଗବାନ କେଶବ କାହ୍ନୁ ଗୋପୀନାଥ ଦୀନବନ୍ଧୁ ପତିତପାବନ ଲୀଳାମୟ ପରମେଶ୍ୱର ଶ୍ରୀକୃଷ୍ଣଙ୍କ ବାଣୀରେ ମନୋରଞ୍ଜନ କଳ୍ପନା ଅର୍ଥ ତାହାର ଅନାଦର କରିବା। ଗୀତା ସର୍ବଶାସ୍ତ୍ରମୟୀ। ଗୀତାରେ ସମସ୍ତ ଶାସ୍ତ୍ରର ସାର ପୂର୍ଣ୍ଣ ହୋଇ ରହିଛି। ଏହାକୁ ସର୍ବଶାସ୍ତ୍ରର ଭଣ୍ଡାର ବୋଲି କୁହାଯାଇଛି।

ସଂଗ୍ରାହିକା: ସମ୍ପଦା ଦେବୀ
ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଲିଭେଇ ଦେଲୁ



ଦୁଷ୍ମନ୍ତ ବେହେରା

ଲିଭେଇ ଲୁ ମୋତେ ଛାତିରୁ ତୋ'ର
ଲେଖିଲୁ ନା ତୁ ଆଉ କାହାର
ଝଡ ସାଜି ଉଡେଇଲୁ
ଢେଉ ସାଜି ବୁଡେଇଲୁ !!

ମୋତେ କଷ୍ଟ ଦେଇ କ'ଣ
ପାଇବୁ ଦରଦ ଆଶା କୁ
ଜିଉଁ ଥାଉ ଥାଉ ତ ହାତ
ଇସାରା ରେ ମାରି ଦେଲୁ !!

ହିନିମାନ କରିବାର ଥିଲା
ମୋ ସହିତ କରିଥାନ୍ତ
ମୋ ଶରୀରର କ'ଣ ଭୁଲ ଥିଲା
ଯେ ଝୁରେଇ ଝୁରେଇ ଜାଳିଲ !!

ISSN NO.
2582-208X

ତୁ ଏତେ ନିର୍ଦ୍ଦୟ କେମିତି ହେଲୁ
ପ୍ରିୟା ତ ତନସା ଚେହେରା କୁ
ଚିହ୍ନି ପଢି ପାରିଲିନି ବୋଲି
ମୋ ଆତ୍ମା ପାଇଲା ସଜ୍ଜା !!

ନିଆଁ ସାଜି ଜାଳି ଦେଲୁ
ଛୁରୀ ସାଜି ଭୁଷି ଦେଲୁ
ଆଉ କ'ଣ ରହିଲା ଯେ
ଦେହ କୁ ଏମିତି ଭୁଷି ଦେବୁ !!

ମୋ ଆଖି ରେ ଲୁହ ଦେଇ
ଖୁସି ରେ ବଞ୍ଚି ପାରିଲୁ ତୁ
ମୋ ଅଙ୍ଗାର ମନେ ପକେଇ ଦେବ
ତୁମକୁ ସ୍ୱାର୍ଥପର ଥିଲା ତମ ଚରିତ୍ର !!

ମୋ ଜୁଇ ନିଆଁ ଲାଗିବା ଆଗରୁ
ପଡୁଛୁ ତୁ ମନେ ପାଉଁଶ
ଅଛି ସାକ୍ଷୀ ତ ପ୍ରେମର ଲିଭିବାକୁ
ଦେଲୁ ମୋ ସଂସାର !!

ISSN NO.
2582-208X

ମଶାଣି ରେ ଥିବି ଚାହିଁ ଯଦି ଆସିବ
କହିବି କଥା ଟିଏ ତୁମ କାନେ
ମଳିଆ ତୁମ ଦେହ ଯଉବନ
ପରିସ୍କାର କରିବ ମନ !!

ହସି ହସି ବିଦାୟ ନେଉଛି ପ୍ରିୟା
ଏ ଦୁନିଆ ରୁ ଦୁଃଖ ରହିଗଲା ଏତିକି
ସୁନ୍ଦର ଦେଖି ପାଇଲି ଭଲ
ରୂପ ରେ ଥିଲା କଳଙ୍କ ଦାଗ !!

ସ୍ୱସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

ISSN NO.
2582-208X

# ନିଷେଧାଗ୍ୟାଚଳ



ଏମ୍ ବିଜୟ କୁମାର

ମଣିଷ ପ୍ରବେଶ
ନିଷେଧ 144
ଧାରା କର୍ଫ୍ୟୁ ଜାରି
ମଣିଷ ପାଇଁ କି
ନିଷେଧାଗ୍ୟାଚଳ
ନିର୍ଦ୍ଦେଶ ଗୁହାରୀ
ଦଳେ ମଣିଷଙ୍କ
ଖୋଲା ରଙ୍ଗମଞ୍ଚ
ଇଶ୍ୱର ମନ୍ଦିର
ସେହି ମଣିଷକୁ
ପ୍ରବେଶ ବାରଣ
ମନ୍ଦିର ଦୁଆର
ମଣିଷ ସମାଜେ
ମଣିଷ ନୁହେଁ କି
ଆକାଶ ପାତାଳ
ପ୍ରଭେଦ କାହିଁକି ?

ପତିତ ପାବନ
ବାନା ଫରଫର
ପତିତ ବଞ୍ଚିତ
ହୁଏ ବାରମ୍ବାର
କାହିକିନା ଛାଇ
ପଡ଼ିଲା ମାତ୍ରକେ
ହେବ ଅପ୍ରବିତ୍ର
ଅଛୁଆ ଇଶ୍ୱର
ଗାଧୋଇବା ଘାଟ
ସର୍ବସାଧାରଣ
ପୋଖରୀ ତୁଠ
ଗୋଟିଏ ଘାଟରେ
ଗାଧୋଇ ପାରନ୍ତି
କୁକୁର-ଘୁଷୁରି
ମହିଷି ଓ ଗାଇଁ
ଅଥଚ ତଥାପି

ISSN NO.
2582-208X

ଗାଧୋଇବା ମନା
ସେ ମଣିଷ ପାଇଁ
ପିଇବାର ପାଣି
ଜଳ ହିଁ ଜୀବନ
ପିଇ ପାରିବନି
ପ୍ରକୃତିର ଦାନ
ଗୋଟିଏ କୁଆଁରୁ
ମିଳେ ମଣିଷକୁ
ଅମରୁତ ଜଳ
ସେହି ମଣିଷକୁ
ବିରୋଧ କାହିଁକି ?
ଏପାନୀୟ ଜଳ
ସେମଣିଷ ପାଇଁ
ନିଷେଧାଞ୍ଚଳ
ସବୁ ଦ୍ୱାର ବନ୍ଦ
ବିଧିର ବିଧାନ
ଘୃଣାର ଚକ୍ରାନ୍ତ
କାହି ତମେ ଅନ୍ଧ !

ରେମଣଡ଼ା,ସଇନ୍ତଲ୍ ବଲାଙ୍ଗିର-32
ମୋ-7978784130

ISSN NO.
2582-208X

# ପାଖକୁ ଆସନା ଥରେ . . .



ସୌଭାଗ୍ୟଲକ୍ଷ୍ମୀ ସାହୁ

କେତେଦିନ ଏ ବିରହ ବେଦନା ସହିବି(୨)
ପାଖକୁ ଆସନା ଥରେ କେତେ ଅକୁହା କଥା କହିବି
କେତେଦିନ ଏ ଫଟୋଚିତ୍ର କୁ ତୁମର ଦେଖିବି(୨)
ପାଖକୁ ଆସନା ଥରେ ତମକୁ ସ୍ପର୍ଶ ଟିକେ କରିବି
କେତେଦିନ ଏ ପୁରୁଣା ସ୍ମୃତିରେ ବଞ୍ଚିବି(୨)
ପାଖକୁ ଆସନା ଥରେ ନୂଆ ସ୍ମୃତି କିଛି ସାଉଁଟିବି
କେତେଦିନ ଏ ବୈଶାଖ ର ରୌଦ୍ର ତାପ କୁ ସହିବି(୨)
ପାଖକୁ ଆସନା ଥରେ ଶ୍ରାବଣ ର ବର୍ଷାରେ ତୁମ ସହ ଭିଜିବି
କେତେଦିନ ଏ ଅମାବାସ୍ୟା ର କାଳିମା କୁ ଦେଖିବି(୨)
ପାଖକୁ ଆସନା ଥରେ ପୂର୍ଣ୍ଣିମା ର ଚନ୍ଦ୍ର କୁ ତମ କଥା କହିବି
କେତେଦିନ ଏ ଗଣିତ ର ପ୍ରଶ୍ନ ଦେଖୁଥିବି (୨)
ପାଖକୁ ଆସନା ଥରେ ସମାଧାନର ସୂତ୍ର ପାଇଯିବି
କେତେଦିନ ଏ ନିସଙ୍ଗ ଜୀବନ ଜୀଇଁବି(୨)
ପାଖକୁ ଆସନା ଥରେ ତୁମ ସହ ସାଥୀ ହୋଇ ରହିବି
ତୁମ ସହ ସାଥୀ ହୋଇ ରହିବି .....

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଯଶୋଦାଙ୍କର ବିଶ୍ୱରୂପ ଦର୍ଶନ



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା- ୧୦

କୃଷ୍ଣ ଧୀରେ ଧୀରେ ବଡ ହେବାକୁ ଲାଗିଲେ । ବୟସ ବଢିବା ସଙ୍ଗେ ସଙ୍ଗେ ତାଙ୍କର ଚପଳତା ଓ ଦୁଷ୍ଟାମୀ ମଧ୍ୟ ବୃଦ୍ଧି ପିଇବାକୁ ଲାଗିଲା । ଅନେଟ ଅନେକ ଅଦ୍ଭୁତ ଲୀଳା ମଧ୍ୟ ଘଟିବାକୁ ଲାଗିଲା । ପ୍ରତିବେଶିନୀ ଗୋପ ରମଣୀମାନେ ମା' ଯଶୋଦାଙ୍କ ନିକଟକୁ ଆସି ଅଭିଯୋଗ କରନ୍ତି ଯେ ତୁମ କହ୍ନେୟା ବଡ ଦୁଷ୍ଟ ହୋଇଛି । କ୍ଷୀର ପିଇବା ପାଇଁ ବାଛୁରୀକୁ ତା ମା' ପାଖରେ ଛାଡି ଦେଉଛି । ଆମେ ଦୁହିଁବା ବେଳକୁ କ୍ଷୀର ନାହିଁ । ବାଛୁରୀ ସବୁ ପିଇ ଯାଉଛି । ଛପି ଛପି ଆସି ଆମ ଘରେ ପଶି ଦୁଧ, ଛେନା ଓ ଲହୁଣି ଇତ୍ୟାଦି ଖାଇ ଯାଉଛି । ନିଜେ ବେଳେ ବେଳେ ସାଙ୍ଗ ପିଲାମାନଙ୍କୁ ବାଣ୍ଟି ଦେଉଛି ଏବଂ ବାନରମାନଙ୍କୁ ମଧ୍ୟ ଖୁଆଇ ଦେଉଛି । ଚୁପ୍ ଚୁପ୍ ଆସି ପଛରୁ ଆମ ବେଣୀ ଟାଣି ଧରୁଛି, ଆମ ପଣତି ଝିଙ୍କି ଧରୁଛି, ଆମକୁ ବଡ ହଇରାଣ କରୁଛି । ଏ ମାଖନ ଚୋର ପିଲାର ଉତ୍ପାତ ଯୋଗୁଁ ଆମେ ଅତିଷ୍ଠ ହୋଇ ପଡିଲୁଣି । ଏହିପରି ନାନା ଅଭିଯୋଗ ଶୁଣି ମା' ଯଶୋଦା କେବଳ ମାତ୍ର ହସି ଦିଅନ୍ତି ।

ଦିନେ ବଡ ଭାଇ ବଳରାମ ଓ ଅନ୍ୟ ଗୋପ ବାଳକମାନେ ଖେଳୁଥିବା ଅବସ୍ଥାରେ ଦେଖିଲେ ଯେ ବାଳକ ମାଟି ଖାଇବାରେ ଲାଗିଛି । ସେମାନେ ମା' ଯଶୋଦାଙ୍କ ପାଖକୁ ଧାଇଁ ଆସି

ISSN NO.
2582-208X

କହିଲେ- ଦେଖ ମା' ତୁମ କହ୍ନେଇ ମାଟି ଖାଉଛି । ଯଶୋଦା କୃଷ୍ଣଙ୍କୁ ଧରି ପକାଇ କହିଲେ, ଆଁ କର, ଆଁ କର, ପାଟିରୁ ମାଟି କାଢ । କୃଷ୍ଣ ଶିଶୁ ସୁଲଭ କଣ୍ଠରେ କହିଲେ ନା ମା' ମୁଁ ମାଟି ଖାଇନି । ଏମାନେ ମିଛ କହୁଛନ୍ତି । ମାଟି କାହିଁ, ଦେଖ ମା' ମୁଁ ଆଁ କରୁଛି ଦେଖ । ଏହା କହି କୃଷ୍ଣ ପାଟି ମେଲା କରିଦେଲେ । ଯଶୋଦା କୃଷ୍ଣଙ୍କ ପାଟି ଭିତରେ ଯାହା ଦେଖିଲେ ସେଥିରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ସେ ଦେଖିଲେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ସେଇ ପାଟି ଭିତରେ ରହିଛି । ଗଛପତ୍ର,ଜୀବଜନ୍ତୁ, ନଦୀ, ପର୍ବତ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର ଆଦି ବିଶ୍ୱ ଚରାଚର ସେଇ ପାଟି ଭିତରେ ରହିଥିବାର ଯଶୋଦା ଲକ୍ଷ୍ୟ କଲେ । ସେ ଭୟଭୀତ ହୋଇ ପଡିଲେ । ଭାବିଲେ ଏ କଅଣ ସ୍ୱପ୍ନ ନା ଦେବମାୟା ?

ଶ୍ରୀକୃଷ୍ଣ ମା' ଯଶୋଦାଙ୍କୁ ତାଙ୍କର ବିଶ୍ୱରୂପ ଦେଖାଇଲେ ସତ, କିନ୍ତୁ ପର ମୂହୁର୍ତ୍ତରେ ସେ ଯେଉଁ ଶିଶୁକୁ ସେଇ ଶିଶୁ । ଯଶୋଦା ମଧ୍ୟ କିଛି କ୍ଷଣ ପରେ ସବୁ ଭୁଲିଯାଇ ପୁତ୍ରକୁ କୋଳକୁ ଉଠାଇ ନେଇ ଗେଲ କରିବାକୁ ଲିଗିଲେ । ଭଗବାନଙ୍କର କି ମାୟା ! କି ଅଦ୍ଭୂତ ଲୀଳା ।

ଆଳଦା, ଖଇର୍, ବାଲେଶ୍ୱର

ISSN NO.
2582-208X

# ବିଲକ୍ଷଣ



ମନୋରଞ୍ଜନ ସୁରୁଜାଲ

ଆହକି ବିଚିତ୍ର          ଦେଖୁଚି ଏ ନେତ୍ର
ଦଶଦିଗ ହାହାକାର,
ଏ କାଳ କରାଳ          ହୋଇ ଦାବାନଳ
ପୋଡି ଜାଳେ ଅଂହକାର ।
ଯା' ଠାରୁ ଜନମ          ନାହିଁ ତା'ର  କାମ
ଝୁରିବାଟା ହେବା ସାର,
ତନୟ ତନୟା          ନ କରନ୍ତି ଦୟା
ପିତା ହେଉବା ଶ୍ୱଶୁର ।
କିଏ ଏଠି ଜ୍ୟେଷ୍ଠ          କିଏ ବା କନିଷ୍ଠ
କେ କାକୁ କରେ ଖାତିରି,
ହଜିଛି ସେ ଦିନ          କିବା ସନମାନ
ଭାଇ ସାଜୁଛି ଭଗାରୀ ।
ଯୁଗ ଓଲଟିଲା          ଦୁନିଆଁ ଝମେଲା
କିଏ ଶାଶୁ କିଏ ବୋହୂ,
ବୋହୂ ମାଲିକାଣି          ଶାଶୁ ଚାକରାଣୀ
ଖଟି ଖଟି ଦିନ ଯାଉ ।
ଗୁରୁ ଗୁରୁଜନ          ନ ମିଳେ ସମ୍ମାନ
ହଜିଯାଏ ବୁଦ୍ଧିବୃତ୍ତି,
ଅନ୍ୟାୟ ରାଜୁତି          ଧରି ଖଣ୍ଡା କାତି

ISSN NO.
2582-208X

ସ୍ୱାର୍ଥପରତା ରେ ମତି ।
ଖରାରେ ବରଷା          ବରଷାରେ ଖରା
ଶୀତ ତ ଯାଇଛି ହଜି,
ବାଟ ହୁଡ଼ି ଯାଏ          ଋତୁଚକ୍ର ଏଠି
ଟାଙ୍କୁରଇ ରୋମରାଜି ।
ବିଚିତ୍ର ଏ ସୃଷ୍ଟି          ଜୀବନ ସମଷ୍ଟି
ଧନ୍ୟ ହାତଗଢ଼ା ତାର,
ତିନି ଭାଗ ଜଳ          ଏକ ଭାଗ ସ୍ଥଳ
ରହସ୍ୟର ଖେଳଘର ।
ଜଳ ପୁଣି ଏଠି          ସାଇତା ରହିଛି
ଶୁଭ୍ର କଠିନ ଚାଦର,
ପ୍ରଳୟ ସଂକେତ          ତରଳି ଆସଇ
ଫୁଲାଇବାକୁ ସାଗର ।
ଜଳୀୟ ଗ୍ରହରେ          ମଣିଷ ମାତର
ଜଳମୟ ବସୁନ୍ଧରା,
ଏହି ବିଲକ୍ଷଣ          କିବା ଅଛି ଦୂର
କାହିଁ ହୁଅ ଆତ୍ମହରା ।
ସକଳ ଶକତି          ଆଧାର ସୂରୁଜ
ଜଳାଇ ଦେଲାଣି ତାତି,
ଜଳ ପ୍ରଳୟରେ          ଅତିଷ୍ଠ ସଂସାର
ଥରି ଉଠିଲାଣି ଛାତି ।
ଭୂମି ଥରିଲାଣି          କମ୍ପମାନ ଧରା
ପାପ ଭାରା ନ ସହିଣ,
କେଉଁଠି ମରୁଡି          କାହିଁ ଅତି ବୃଷ୍ଟି
ବିଧିର କି ଏ ବିଧାନ !

ସୌଜନ୍ୟ ସଂପାଦକ : ପ୍ରୀତି ପ୍ରଣତି
ଆଇଁଲ୍ ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଓଡ଼ିଆର ପଖାଳ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଦହି ପଖାଳର ମଜା ସୁଖକର ।
ଜଗତର ନାଥ ଆନନ୍ଦେ ବିଭୋର ।।
ଘିଅ ପଖାଳର ମାଜାତ ନିଆରା ।
ଏହା ଜାଣିଛନ୍ତି ମୁକତି ପସରା ।।
ଶ୍ରୀମନ୍ଦିରେ ବସି ଉଡ଼ାଉଛି ନେତ ।
ଶାଗ ପଖାଳରେ ହୋଇଣ ତୃପତ ।।
ଜଗତର ନାଥ ସେହି ଜଗନ୍ନାଥ ।
ଓଡ଼ିଆ ମଉଡ ମଣୀ ନାମେ ଖ୍ୟାତ ।।
ପଖାଳ ପରା ତାର ପ୍ରିୟ ଦରବ ।
ଭାଇ ଭଗ୍ନୀ ସାଥେ କରିଥାଇ ସେବ୍ୟ
ପଖାଳର ମଜା ଅଟଇ ସ୍ୱତନ୍ତ୍ର ।
ଦହି ପଖାଳରେ ତୃପ୍ତ ଜଗନ୍ନାଥ ।।
ଭଜା ବଡ଼ିଚୁରା ପଖାଳ ବାଢ଼ିଣ ।
ତୋଷଂତି କମଳା ଜଗଦୀଶ ମନ ।।

ଗ୍ରାମ, ମହୁ, ପୋଷ୍ଟ ମହୁ, ଥାନା-ଆଳ,
ଜିଲ୍ଲା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# କଳା ଟମାଟ ଓ ଆମ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବିଶ୍ୱର ସମସ୍ତ ଦେଶର ଋତୁ ପରିବର୍ତ୍ତନ ଓ ଅନୁକୂଳ ଜଳବାୟୁ ଅନୁଯାଇ ବିଭିର୍ଣ୍ଣ ରକମର ପନିପରିବା ଚାଷ କରାଯାଇ ଉତ୍ପାଦନ କରାଯାଇଥାଏ । କିନ୍ତୁ ଏମିତି କିଛି ପରିବା ରହିଛି ଯାହାକି ବର୍ଷର ସବୁ ମାସରେ ଏହା ଚାଷ କରାଯାଇ ଆଦାୟ କରାଯାଇଥାଏ । ସେ ପରିବା ମଧ୍ୟରୁ ଟମାଟ ଏପରି ଏକ ପରିବା ଯାହାକି ପ୍ରାୟତଃ ସବୁ ଦେଶର, କୋଣନୁକୋଣେ ଏହାକୁ ଚାଷ କରାଯାଇଥାଏ । ଏହି ଟମାଟ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥିବା ବେଳେ, କଳା ଟମାଟୋ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟ ପାଇଁ ହିତ କର, କଳା ଟମାଟ ରେ ଭରିରହିଛି ପ୍ରଚୁର ପରିମାଣ ର ଜୀବନୀୟ ଶକ୍ତି, ଯାହାକୁ ଆମେ ଖାଦ୍ୟ ରୂପେ ଗ୍ରହଣ କଲେ ଆମ ଶରୀର ରେ "ରୋଗ ପ୍ରତିରୋଧକ ଶକ୍ତି" (immunity power )ବୃଦ୍ଧି ପାଇଁ ଆମେ ସୁସ୍ଥ, ସତେଜ, ଉତ୍ତମ ସହ ବିଭିନ୍ନ ରୋଗକୁ ପ୍ରତିରୋଧ କରି ଦୀର୍ଘାୟୁ ଜୀବନ ପାଇ ପରିବା ।

ଆମ ଭାରତର  ଓଡିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ଓ୍ୱେଷ୍ଟ ବେଙ୍ଗଲ, ବିହାର ମହାରାଷ୍ଟ୍ର, ଛତିଶଗଡ, ହରିୟାନା, ମଧ୍ୟ ପ୍ରେଦେଶ, କର୍ଣ୍ଣାଟକ, ହିମାଞ୍ଚଳ ପ୍ରଦେଶ, ଆଦି ରାଜ୍ୟରେ ରେ ପ୍ରଚୁର ମାତ୍ରାରେ ଟମାଟ ଆଦାୟ ହୋଇ ସାରା ଦେଶକୁ ଯୋଗାଇ ଥାଏ,ଆମ ଦେଶ ର "କୋଲାର ଜ଼ିଲ୍ଲା"ଟମାଟ ଉତ୍ପାଦନରେ ଭାରତରେ ପ୍ରସିଦ୍ଧ ଅଟେ ।

ISSN NO.
2582-208X

ରଙ୍ଗ ଟମାଟ, କୁଜି ଟମାଟ (ଅତି ଛୋଟ ଛୋଟ), ସବୁଜ ଟମାଟ, କଳା ଟମାଟ(Black Tamato) ଆଦି ବିଭିର୍ଣ୍ଣ ରକମ ର ଟମାଟ ଆମ ଦେଶରେ ଚାଷ କରାଯଇଥାଏ। ଟମାଟ ଏକ ସ୍ୱାଦିଷ୍ଟ ତଥା ରୁଚିକର ପରିବା ଅଟେ। ଏହାର ଆମ ଦୈନ ଦିନ ଖାଦ୍ୟରେ ଏକ ମୁଖ୍ୟ ପରିବା ଭାବେ ଗ୍ରହଣ କରାଯାଇଥାଏ। ଏଥି ମଧ୍ୟରୁ କଳା ଟମାଟ ଦେଖିବାକୁ ମନଲୋଭା ସହ ସ୍ୱାଦିଷ୍ଟ, ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଭରି ରହିଛି। କଳା ଟମାଟ ରୁଷିୟା ଓ ୟୁକ୍ରେନ ଦେଶରୁ ଆମ ଦେଶକୁ ଆମଦାନୀ କରା ଯାଇଥାଏ। କଳା ଟମାଟ ବହୁ ମାତ୍ରା ଲ୍ୟକୋପିନ ନାମକ ପଦାର୍ଥ, ଭିଟାମିନ -A, ଭିଟାମିନ -C, ପୋଟାସିୟମ, ଫଲିକ ଏସିଡ, ସହ ଆଣ୍ଟି -ଅକ୍ସଇଡେଣ୍ଟ ଗୁଣ ରହିଥାଏ, ଯାହାକି ସ୍ୱାସ୍ଥ୍ୟପ୍ରଦ ଅଟେ।

ଭାରତୀୟ ପରମ୍ପରା ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ମତରେ ଟମାଟ ଏକ ସୁସ୍ୱାଦୁ, ଏହା ଆମ ଶରୀର ରେ ବାତ, ପିତ, କଫ କୁ ସନ୍ତୁଳିତ ରଖିବା ସହ ଅଗ୍ନି ବର୍ଦ୍ଧକ ଯାହାକି ଶରୀର ରେ ପାଚନ କ୍ରିୟା କୁ ସୁଦୃଢ କରି ଖାଦ୍ୟ ହଜମ ରେ ସହାୟକ ହୋଇଥାଏ। ଭିଟାମିନ -ଏ ଅଧିକ ରହିଥିବାରୁ ଏହା ଆମ ଶରୀରର କୋଷ ତିଆରି ରେ ସହାୟକ ହୋଇ, ମାଂସପେଶୀକୁ ସୁଦୃଢ କରିବା, ଶରୀର ଉତ୍ତମ କୋଷ ସଂଚାଳନ, ଶରୀର ବୃଦ୍ଧି, ଦୃଷ୍ଟି ଶକ୍ତି ବୃଦ୍ଧି ଘଟାଇବାରେ ସାହାର୍ଯ୍ୟ କରିଥାଏ।

ଟମାଟରେ ତନ୍ତୁ ଜାତୀୟ ପଦାର୍ଥ ରହିଥିବାରୁ ଏହା ଆମ ଶରୀରରେ 'କଲେଷ୍ଟ୍ରୋଲ" ମାତ୍ରାକୁ କମାଇ ରକ୍ତଚାପକୁ ସ୍ୱାଭାବିକ ରଖିବା, ରକ୍ତ ସର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ। ଟମାଟ ରେ ପର୍ଯ୍ୟପ୍ତ ପରିମାଣରେ "କ୍ରୋମିୟମ"ନାମକ ଏକ ପଦାର୍ଥ ରହି ଥାଏ ଯାହାକି ମନୁଷ୍ୟ ଶରୀରରେ ରକ୍ତ ସର୍କରା ପରିମାଣକୁ ହ୍ରାସ କରିଥାଏ। ଏଥିରେ ପୋଟାସିୟମ, ନିଆସିନ, ଭିଟାମିନ -B6, ଆଦି ପଦାର୍ଥ ରହିଛି ଯାହାକି ହୃଦ ରୋଗ(Heart Disease)କୁ ପ୍ରତିରୋଧ କରାଇବାରେ ସାହାର୍ଯ୍ୟ କରିଥାଏ। ବିଜ୍ଞାନିକ ଙ୍କ ଗବେଷଣା ରୁ ଜଣା ଯାଇଛି ଯେ ଟମାଟ ରେ Lycopene ନାମକ ଏକ ପଦାର୍ଥ ରହିଛି ଯାହାକି ପୁରୁଷ ମାନଙ୍କ "ବୀର୍ଯ୍ୟ"ବୃଦ୍ଧି (Sperm Count) ଘଟଇଥାଏ। ଟମାଟ ରେ ଭିଟାମିନ-k ଓ

ISSN NO.
2582-208X

କ୍ୟାଲସିମ ରହିଥିବାରୁ ଏହା ଆମ ଶରୀରର ଅସ୍ଥିକୁ ମଜାଭୁତ କରିବା ସହ ବାହ୍ୟ ଚର୍ମ ସତେଜ, ସୁନ୍ଦର ଓ ସୁଦୃଢ ରଖି ଥାଏ ।

ଆମେରିକାର "କର୍କଟ ଗବେଷଣା ସୋସାଇଟି" ଗବେଷଣା କରି ଜାଣିପାରିଛନ୍ତି ଯେ ଟମାଟ ରେ ରହିଥିବା ଲାଇକୋପିନ (Lycopene) କେରୋଟେନୀଡ୍, ଆଣ୍ଟି-ଅକ୍ସଇଡେଣ୍ଟ (antioxidant)ଆଦି ପଦାର୍ଥ ରହିଥିବାରୁ ଏହାକୁ ଖାଦ୍ୟ ରେ ଖାଇଲେ "କର୍କଟ" ରୋଗକୁ ପ୍ରତିରୋଧ କରିବାରେ ସାହାର୍ଯ୍ୟ କରିଥାଏ । ମୁଖ୍ୟତଃ ମନୁଷ୍ୟ ଶରୀରର ଅନ୍ତଃ ନଳୀ, ଫୁସଫୁସ, ପ୍ରୋଷ୍ଟାଟ ଆଦିରେ ସୃଷ୍ଟି ହେଉଥିବା କର୍କଟ ରୋଗକୁ ପ୍ରତିରୋଧ କରାଇ ଥାଏ । ଆମ ଶରୀରର "କିଡ଼ନୀ"ରେ ସୃଷ୍ଟି ହେଉଥିବା "ଷ୍ଟୋନ"ସୃଷ୍ଟି ହେବାକୁ ପ୍ରତିରୋଧ କରାଇଥାଏ । ଟମାଟ ରସକୁ ମୁଖମଣ୍ଡଳ ଓ ଚର୍ମରେ ଲେପ ଦେଇ କିଛି ସମୟ ପରେ ଗାଧୋଇଲେ, ଚର୍ମ ବିଭିର୍ଣ୍ଣ ତ୍ୱଚା ଜନିତ ରୋଗ ଉପଶମ ହେବାସହ, ଚର୍ମ ଶୁଷ୍କତା ଦୂର ହୋଇ ସୌନ୍ଦର୍ଯ୍ୟ ଆଣିଥାଏ । ଟମାଟ ରସରେ କିଛି ସଇନ୍ଧବ ଲବଣ ଓ ପାଣି ମିଶାଇ ପାନୀୟ ଭାବେ ସେବନ କଲେ ଏହା ସ୍ୱାସ୍ଥ୍ୟ ପ୍ରଦ ଅଟେ । ଏହାକୁ "ସୁପ" ସାଲାଡ୍, କରି, ଖଜରା ସହ ଖଟା କରି, ବିଭିର୍ଣ୍ଣ ତରକାରୀରେ ମିଶାଇ ରୋଷେଇ କରି ଖାଦ୍ୟ ରୂପେ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବହୁ ଉପକାର ହୋଇଥାଏ ।

ଆମ ଦେଶ ତଥା ଆମ ଓଡିଶା ରେ ଟମାଟ ଉତ୍ପାଦନ ବହୁଳ ଭାବେ ଚାଷ କରାଯାଉଥିବାରୁ, ଆମେ ସୁଲଭ ମୂଲ୍ୟରେ ଟମାଟ ପାଇଥାଉ । ତେଣୁ ଆମେ ଦୈନନ୍ଦିନ ଖାଦ୍ୟ ରେ ଟମାଟକୁ ସାମିଲ କରାଇବା ଉଚିତ, ଯଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ହେତୁ ବିଭିର୍ଣ୍ଣ ରୋଗକୁ ପ୍ରତିରୋଧ କରାଇ ଆମେ ସୁସ୍ଥ ଓ ଦୀର୍ଘାୟୁ ଜୀବନ ପାଇବାରେ ସହାୟକ ହୋଇପାରିବ ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି
ଜିଲ୍ଲା -ନବରଙ୍ଗପୁର
ଫୋନ -୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାସ୍ତିଶାଳ

ISSN NO.
2582-208X

# କଙ୍କଡା ତରକାରୀ

ଅରବିନ୍ଦ ମିଶ୍ର

## ଆବଶ୍ୟକୀୟ ସାମଗ୍ରୀ:

ଅଧକଲୋ ଦେଶୀ ଛୋଟ କଙ୍କଡା, ହଳଦୀ ଗୁଣ୍ଡ, ଲୁଣ କଛି ମାତ୍ରାରେ, ଗୋଟିଏ ବଡ ଆଳୁ, ସୋରିଷ ତେଲ, ୧୦୦ ଗ୍ରାମ ଅଦା, ଦୁଇଟି ଛୋଟ ଟମାଟୋ, କଛି ପାଖୁଡା ରସୁଣ, ୨୦୦ ଗ୍ରାମ ପିଆଜ, ଏକ ଚାମଚ ଗରମ ମସଲା, ଦୁଇଟି ତେଜପତ୍ର ।

## ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ କଙ୍କଡାକୁ ସଫା କରି ସେଥିରେ କଛି ଲୁଣ ଓ ହଳଦୀ ଗୋଳାଇ ମାରିନେଟ୍ କରି ରଖନ୍ତୁ । ଏବେ ଗୋଟିଏ ଆଳୁରୁ ଚୋପା ଛଡାଇ ତାହାକୁ ସୋରିଷ ତେଲରେ ଅଧା ଭଜି ବାହାରେ ରଖନ୍ତୁ । ଏବେ କଙ୍କଡାକୁ କଡାଇରେ ସୋରିଷ ତେଲରେ ଭଜନ୍ତୁ । ଏବେ ପିଆଜ, ରସୁଣ ଆଉ ଅଦା ର ପେଷ୍ଟ କରନ୍ତୁ । ବର୍ତ୍ତମାନ କରେଇରେ କଛି ତେଲ ପକାଇ ଦୁଇଟି ତେଜପତ୍ର ପକାନ୍ତୁ । ଏବେ ଏଥିରେ ପେଷ୍ଟ ପକାଇ ଗୋଳାନ୍ତୁ । କଛି ସମୟ ପରେ ସେଥିରେ ଦୁଇଟି ଛୋଟ ଟମାଟୋ ଗୁରି ପିସ୍ କରି କାଟି ପକାଇ ଗୋଳାନ୍ତୁ । ମସଲା ନାଲି ହେଲାପରେ ସେଥିରେ ଭଜା ହୋଇଥିବା କଙ୍କଡା କୁ ପକାନ୍ତୁ ଏବଂ ଗୋଳାନ୍ତୁ । ଏବେ ଏଥିରେ ଅଧାଭଜା ହୋଇଥିବା ଆଳୁ କୁ ପକାଇ ଗୋଳାନ୍ତୁ । ୫ ମିନଟ୍

ISSN NO.
2582-208X

ପରେ ସେଥିରେ ପାଣି ଦିଅନ୍ତୁ । ୧୫ ମିନଟ୍ ପରେ ସେଥିରେ ଗୋଟିଏ ଗ୍ରମଚ ଗରମ ମସଲା ପକାଇ ଚୁହ୍ଲା ବନ୍ଦ କରି ଘୋଡାଇ ଦିଅନ୍ତୁ । ବାସ୍, ଏବେ କଙ୍କଡା ତରକାରି ପ୍ରସ୍ତୁତ ପରସିବା ପାଇଁ ।



ଲକ୍ଷ୍ମୀ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ରାଏତ୍ ପହଁରୁଛେ



ଗଜାନନ ମିଶ୍ର

ରାଏତ୍ ପହଁରୁଛେ,
ରାଏତ୍ ପହଁରଉଛେ ପବନକେ,
ଛାପକି ଛାପକି ଧର୍ମି ବଲୁଛେ ପବନ
ଉଜାଲାକେ,
ଉଜାଲା ଖୁଲ୍ ଖୁଲ୍ ଡୁବ୍ ଡୁବ୍ ମୋର ଭିତରେ ।

ଆରୁ ଦେଖ ମକେ,
କୁହୁଲାଘେରା ମଚାନ୍ ଉପରେ
ଗହକି କରୁଛେଁ ସଭକେ ।
ଦେଖଲାଲୁକର୍ ଫୁଟୁ ଆଏଁଖ୍,
ସୁନଲାଲୁକର୍ ଫାଟୁ ପାତୁଲ୍ ।

ତାମଡି ହଉଛେ ମାମୁର୍ ବାଏର୍ଥି ଭନଜା,
ପିନ୍ ପିନ୍ ଦାଁତେ ଚାବି ଆନୁଛେ
ଟୁପା ଟୁପା କଁଚା ମିର୍ଚା ।
ଅବଡଜବଡ ଜେକ୍ରିଜେନ
ଗଦଉଛେ ଆନିକରି ଜଁଗଲ୍ ମୁଡେ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ମଇ-୨୦୨୪
www.vedantimagazine.com
ISSN NO.
2582-208X
ବେଦାନ୍ତୀ

# କୁ ବ୍ ଜା



ସତ୍ୟନାରାୟଣ ମିଶ୍ର

ମୁଡ଼ିଆ ମାରୁଛେଁ     ସରସତି ମାଆଁ
ସୁମୁରୁଛେଁ ତୋର ନାଁ
ଲେଖମି କାବ୍ୟଟେ     କୁଜି ର୍ ନାଁ ଥି
ହେବୁ ତୁଇ ମତେ ସାହା  ।୧
ନୁକୋ ନୁକୋ ଭାବେ     ପଦ ଜୁରି ଦେବୁ
ପଢ଼ଲେ ଲାଗବା ସୁରୁତ୍
ତୁଇ ଦୟା କଲେ     ସବୁ ବନେ ହେବା
ମୁଇଁ ତ ଅଜ୍ଞାନ ମୁରୁକ୍ ।୨
ସୁନିଛେଁ ଗୋମାଆଁ     କଲୁ ବଲି ଆହା
କାଲିଦାସ ହେଲା କବି
ବସଲା ଡାଲକେ     ଛେଦୁ ଥିଲା ଲୋକ
କବିଙ୍କ ର୍  ମହାକବି ।୩
ମା ସମଲେଇ     ଜୁହାର ଛିନବୁ
ନାଇଁ ଦେବୁ ମୁହୁଁ ମୁରି
ମା ଆଁ ର୍  ଭାଷା ନେ     ଲେଖମି ପଦ ଦୁ
ସାହା ହେବୁ  ମାହେସରି ।୪
ସଁସାରର୍ ଜେତେ     ପରାନି ସିର୍ଜନା
ସଭେ ତୋର ଛୁଆ ପୁତା
କାହାକେ ପାଇଛୁ     ନୁକୋ ଭାବେ ମା
ଗଢ଼ିଛେ ଦଏବ ଧାତା ।୫

ISSN NO.
2582-208X

କିଏ  ଜନମ୍ ନେସି  ଅ ଦ ର୍ ବା  ହେଇ
କରମ ର୍ ଦୋଷ ବଲେ
କଣା କୁଜା ଛୁଟା  କୁଂଦା କି ଭ ଏଁ ରା
ନାଁଆଁ ଥି ଏଁ ର୍ ରା ପିଲେ ।୬
ମାଇ ଜାତି ର୍ ନାଁ  କାଣି କୁଜି ଟେରି
ଭଏଁରି ଯେ  କୁନ୍ଦି ବେଡି
ଅଦରବା ହେଲେ  ଇ'  ସବୁ ନାମେ
ଜନା ଶୁନା ହେସି ନାରି  ।୭
ଅସଲ ନାଁଆ  ଥି  ଇ ' ନାଁ ଆଁ ଜୁରି
ଲୋକ୍ ମାନେ ଡାକୁଥିସନ୍
ଜେଏ  ଜେନ୍ତା ତ  ଅସଲ୍ ନାଁ କେ ଭିଲ୍
ବୁଦ୍ଧୁ ନୁ  ମିଟେଇ  ଦେସନ୍ ।୮
ଜେ  , ଜେନ୍ତା ଭିଲ୍  ଅପାରଗ  ଭାବି
ଆହା ବୋଲି କହୁଥିସନ୍
ଆରୁ କେତେ ଥିସନ୍  ଆଘେ ବନେ ବୋଲି
ପଛ ଆଡେ ହସୁଥିସନ୍ । ୯
ଜାହାକେ ଜେଏନ୍ତା  ଗଢିଛେ ବିଧାତା
କିଏ କରିପାରେ ଆନ୍
ଜିଇଁବା ଖାଏବା  ରହେବା ବୋଲି ତ
ସମାଜ ଦେଇଛେ ଠା ନ୍ ।୧୦
ହେଲେ ବି ଅଖଞ୍ଜ୍  କେତେ ଭିନ୍ନକ୍ଷମ୍
କରି ବଢ୍ଢେ ବଢ୍ଢେ କବାର୍
ନାଁଆ ରଖିଛନ୍  ଇ' ଜଗତ ଭିତିରେ
ସମାଜ କେ କରି ସୁଧାର୍ ।୧୧
ମୋର୍ ଜୀବନ୍ ପଛେ  ନରକ ଥି ପଡୁ
ଜଗତ ଉଦ୍ଧାର ହଉ
ଅନ୍ଧ ଭିମ ଭୋଇ ର୍  କାଲ ଜଇ ପଦେ
ଜଲୁ ଥିସି ଦାଉ ଦାଉ ।୧୨
ହେଲେନ୍ କେଲେରି  କୁନ୍ଦି ଭଏରି ସେ

ISSN NO.
2582-208X

ପୁ ର୍ ଥି କିନ୍ଦିରି  ଆଏଲା
ଅନ୍ଧ ସୁରଦାସ୍  ଭକ୍ତିର୍ ଭାବ ଥି
କବି ସନମାନ୍ ପାଏଲା ।୧୩
ସୁହଜି ଲୋକର୍  ସଂଗେ ଅଦରବା
ପକେଇ ଚାଲିଛେ ପାହା
ନିଜ ର୍ ଉପୁରେ  ନିଜେ ନିର୍ଭର୍ ସେ
ନାଇଁ ଚାହେଁ କାହାର ଦୟା ।୧୪
ତନ୍ ଥି ସିନା ତାର୍  ଖଙ୍ଗ ଅପାରଗ
ମନ ଟା ଜଗତ ଜିତା
ଚଲୁଛେ ସମାଜେ  ତୋର ଦୟା ନେ ଗୋ
ଦେବି ସମଲେଇ ମାତା ।୧୫
ଜେନ୍ କୁଜି ର୍ କଥା  ବଖାନିମି ବୋଲି
ଧରିଛେଁ କଲମ ହାତେ ନେ
ତେର୍ତୟା ଦ୍ୱାପର୍  ଦୁହିଁ  ଜୁଗେ ତାର୍
ନାଁ ରହିଛେ ପୁରାନେ ।୧୬
ତେର୍ତା ଜୁଗେ ପର୍ଭୁ  ରାମ ମହାପୁରୁ
ସୀତା ଲଇଖନ ନେଇ
ବାପ ର୍ ସଏତ୍ ରକ୍ଷା  କରବା ର୍ ଲାଗି
ଝାରେ ବାସ କଲେ ଯାଇ  ।୧୭
ଦଣ୍ଡକା ଝାର ନୁ  ଗଲେ ତିନି ଝନ
ପଞ୍ଚବଟି ନାମେ ଝାର୍ କେ
ସେ ଠାନେ ରହେଲେ  କୁରିଆ ବନେଇ
ବନେ ଦିନ୍ ମନ ସୁଖେ।୧୮
ଅପୁରୁବ ସୁନ୍ଦର୍  ସେ ଠାନ ର୍ ସୁଭା
ସତେକାଏଁ  ଅମରା ବତି
ପାଁଚ ମହା ବୃକ୍ଷ  ରହିଛେ ସେଠାନେ
ଜାଗା ର୍ ନାଆଁ ପଞ୍ଚବଟି ।୧୯
ବେଲ ଯେ ପିପଲ  ବର ଗଛ ର୍ ସଂଗେ
ଅଶୋକ  ଝାରଅଏଁଲା

ISSN NO.
2582-208X

ଇ ସବୁ ଗଛ ର୍ ଡାଲ ପତର୍ ଲାଗି
ଭୁଇଁ ନାଇଁ ପଡେ ଖରା ।୨୦
ଛାଏଁରା ଶୀତଲ ଲାଗୁଛେ ସୁରୁତ୍
ଝାକି ଆଏବା ନ ଝୁମୁରା
ଝାର ର୍ ସୁଭା ତ ମନ୍ କେ ଲୁଭାନି
ଦୁଖ ଦରଦ୍ କେ ପାସରା ।୨୧
ପାସେ ଗୋଦାବରୀ ପୁଇଁନ୍ ବତି ନଏଦ୍
ବୁହି ଜାଉଥିସି ସେନେ
ନଏଦ୍ ଖଣି ଖଣି କେ ତେ ଗଛ ଲହ
ଦେଖି ଲାଗୁଥିସି ବନେ ।୨୨
କିଚେର୍ ମେଚେର୍ ଚେରେ କଲ କଲ୍
କୁଇଲି ର୍ କୁହୁ କୁହୁ
କୁମ୍ଭାଟି ଚେରେ ର୍ କୁମ୍ କୁମ୍ ଡାକ
ପଣକା ର୍ ଟୁହୁ ଟୁହୁ ।୨୩
ବକୁଲ୍ ପାରା କୁଆ ମଏନା
କଜଲ ପାତି ଟିହା
ଚିଲ ଗିଧନ୍ ହଁସ୍ ହଁସରେଲ୍
ପାଏନ୍ କୁଆଲି ଚଟିଆ ।୨୪
ପେଚା ଲୁକିଛେଯେ ବର୍ ଗଛ ର୍ ଖାପେ
ରାଏତ୍ ବେଲେ ତାର୍ ଚରା
ମଜୁର୍ ନାଚୁଛେ ମଜୁରି ର୍ ସଂଗେ
ମେଗ୍ କେ ଜଦିରି ଦେଖଲା ।୨୫
ଗୁର୍ରୁ ଭାଦଲି ରୂପ ଝାର୍ କୁକୁରା
ଚେରେ ଯେତେକ ର୍ ଗହଲ୍
ଗଛେ ନେ ଟେଂଟା ଗୁଞ୍ଜା ମୂଷା ର୍
ଉତୁରା ଚଢା ମଲ୍ ମଲ୍ ।୨୬
ହେରନି ବର୍ ହା କୁଟୁରା ଖର୍ ରା
କୁଲିହା ହୁଣ୍ଡାର୍ ଲେଞ୍ଜା
ମାଲ୍ ଖେକାରି ଆର୍ ବାଗ୍ ଭାଲୁ ହାତୀ -

ISSN NO.
2582-208X

, ମାରୁଛନ୍ ଝାରେ ମଜା ।୨୭
କେନ୍ତା ଅଏନ୍ ସତେ ଝାର ର୍ ଦୁରୁସ୍
ରାମ ରହିଛନ୍ ସୁଖେ
ଖଣେ ଦୁରେ ଅଛେ ଲଖନ ର୍ କୁରିଆ
ସୀତା ଅଛେ ରାମ ପାଶେ ।୨୮
ପାସରି ଦେଇଛନ୍ ରଜା ଘର ର୍ ସୁଖ
ଝାର ବି ଲାଗୁଛେ ବନେ
ସେ ଠାନ୍ ଲାଗସି ସରଗ ମେ ତା ନ୍
ପତି ଅଛନ୍ ଜେନ୍ ଠାନେ ।୨୯
ଝାରୁ ଫଲ ମୂଲ୍ ଚାହାର୍ କେଂନ୍ଦୁ କନ୍ଦା
ଆମ୍ ଜାମ୍ ତାଲସଜ୍
କେତେ ରକମ ର୍ କୋଲି ତୁଲି ଆନି
ରଖେ ଲଖନ ସାନୁଜ ।୩୦
ଖଅ ଖଅ ଦଦା ଖଅ ଆଗୋ ବହୁ
ବଲି ଦଉଥାଏ ଜଚେଇ
ଖାଇ ଖାଇ କରି କେତେ ଯେ ଖାଏବେ
ଦୁହେଁ ଯାଉଥିଲେ ଅଘେଇ ।୩୧
ଭାଇକେ ବହୁ କେ ମାଆଁ ବାପ ମାନି
ସେବା କରେ ସୌମିତିରି
କେଡେ ଲାଡେ ଗେଲେ ରାମ ସୀତାକଁ ର୍
ଦିନ ଯାଉଥାଏ ବହଲି ।୩୨
ସବୁବେଲେ ଦିନ ସୁଖେ ନାଇଁ ଯାଏ
ଦଏବ କରସି ଖଙ୍ଗ
ସୁଖର ସାତରଙ୍ଗି ଇନ୍ଦର୍ ଧନୁ ନେ
ଲେପି ଦେସି କଲା ରଙ୍ଗ ।୩୩
ନିର୍ମଲ୍ ମନର ଆକାଶେ ଢାପ୍ ସି
କଲା ମେଗ୍ କରି ଅନ୍ଧାର୍
ବଦଲେଇ ଦେସି ଛନେ କେ ଜିବନ୍
ସାଜି କରି ମହାକାଲ୍ ।୩୪

ISSN NO.
2582-208X

ମହାପୁରୁକେ ଭିଲ୍ ବାଁ ନାଇଁ ଯାଏ
କପାଲ୍ ଲିଖନ ଭୁଗେତ୍
ଛାର ମୁନୁସ୍ କେ ହୋ କିଏ ସେ ପଚାରେ
ଭୁଗତ୍ କରସି ଅବେସ୍ ।୩୫
କେଡେ ସୁନ୍ଦର୍ ଭାବେ କୁକୁରା ଡାକଲା
ପାଏଲା ଦିନ ଟେ ସଖାଲ୍
କିଏ ଜାନି ଥିଲା ଛନେ ଗଲେ ଆଏଜ୍
ହେବା ବଲି ଘାଟ୍ ଗୁନ୍ଦାଲ୍ ।୩୬
କୁରିଆ ବାହାରେ ମସନାଟେ ପାରି
ବସିଥିଲେ ରାମ ସୀତା
ଲଇଖନ ଭାଇ ବାଏର୍ ଘୁରୁଥିଲେ
ବନ୍ଧେଇ ବାଉଁଶ୍ ବତା ।୩୭
ଇ 'ସମିଆ କେ ଝାରେ ପହଁଚିଛେ
କାହିଁ ଦୁରୁ ସୂର୍ପନଖା
ଲଂକପତି ବିର ରାବନ ର୍ ବହନି
ରାଆଁଡି ଅସୁରେନ୍ ଏଖା ।୩୮
ଝାରେ କିଏ ଇଟା କୁରିଆ କରିଛେ
ରହୁଛେ ଏଭେଁ ଇଠାନେ
ଆଘେ ତ ଇ ଜାଗା ସୁଇନ୍ ହେଇଥିଲା
କିଏ ବାସ କଲା ଇନେ !।୩୯
ଘାଁଟି ହେଲା ତାର୍ ମନ୍ ଟା ଯେଏନ୍ତା
ଜାନବା କେ କଲା ଚେରେଷ୍ଟା
ଲଟା ବୁଦା ଆଡେ ଲୁକି ଥାଇ କରି
ରାମ କେ ଦେଖଲା ଜେନ୍ତା ।୪୦

କ୍ରମଶଃ.....

ସିଂଧେକେଲ୍ ବଲ୍ଙ୍ଗୀର

ISSN NO.
2582-208X

# ଝରନ୍



କେଶବ ମେହେର

ଦେଖୁଛେ ଖାଲି ଡୁଗ୍ ଡୁଗ୍
ଜାନିକରି ଶବ୍‌କର୍ ଚଳନ୍
କେଁ କର୍‌ବା ସେତ ଆଏ
ଗାଁର୍ ଗୁଟେ ଛୋଟ୍ ଝରନ୍ ।

ବହି ଜଉଛେ ଝର୍ ଝର୍
ହେଇକରି ଘୁଚ୍ ସର୍ ସର୍
ସବୁତୋ ଜଉଛେ ଲୁକି
କାହାକେ କହେବା ଲୋକ୍
କାମ୍ ନେ ଖାଲି ତର୍ ତର୍
କେଁ କର୍‌ବା ସେତ ଆଏ
ଗାଁର୍ ଗୁଟେ ଛୋଟ୍ ଝରନ୍ ।

ମେହେଜି ଟୁକେଲ୍‌ର୍ ଜାନିଛେଗୁନ୍ ଚଲନ୍
ସେମାନେ କେତେ ଚିକନ୍ ଚାକନ୍
ପିଲାନୁ ବୁଢ଼ା ସବ୍‌କର୍ କଥା
ଜାନିପାରୁଥିଲା ସେ କାଏଁଯେକି
ମୂଳ୍‌ନୁ ସବୁ ଆସି ଗାଧନ୍


www.vedantimagazine.com

ISSN NO.
2582-208X

କେଁ କର୍‌ବା ସେତ ଆଏ
ଗାଁର୍ ଗୁଟେ ଛୋଟ୍ ଝରନା୍

ଦେଖୁଛେ ଏବେ ଖର୍‌ଖରା ନଏଦ୍ ଘାଁଟ୍
ସୁଇନ୍ ପୁରା ନଏଦ୍ ରାସ୍ତା
ମଲା ଲୋକ୍ କେ ବି ନେଇ ଆନ୍ ବାର୍
ଦେଖୁଛେ ଖାଲି ଡୁଗ୍ ଡୁଗ୍
ଏଢ଼େ ବଡ୍ ଦୁଃଖର୍ କଥା
ପୁର୍‌ନା ଦିନ୍ ଖାଲି ଏବେ ଆଏ ସପନ୍
ନେଇମିଲେ ଗଲେବି ଜୀବନ୍
କେଁ କର୍‌ବା ସେତ
ଗାଁର୍ ଗୁଟେ ଛୋଟ୍ ଝରନା୍

ହାତୀବନ୍ଧା, ସିନାପାଲି
ମୋ - ୭୬୮୧୮୦୭୧୭୪

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ସାତ ପଣିକିଆ



ବିକାଶ କୁମାର ହୋତା

ସାତ କେ ସାତ
ମାଇଁ ସରାଗେ ଖୋଇଦେଲେ
କୁନିକୁ ଦୁଧ ଭାତ ।।(୧)
ସାତ ଦୁଗୁଣେ ଚଉଦ
ପୁଚ୍ଛ ଟେକି ମୟୁର ନାଚେ
ଦେଖି କଳା ବଉଦ ।।(୨)
ସାତ ତିରିକି ଏକୋଇଶି
ବିଶ୍ୱରେ ପ୍ରସିଦ୍ଧ ଅଟଇ
କଟକ ତାରକସି ।।(୩)
ସାତ ଚଉକୁ ଅଠେଇଶି
ବିଶ୍ୱ ନିୟନ୍ତା ଙ୍କୁ ପୂଜିବା
ଆସ ହେ ବିଶ୍ୱବାସୀ ।।(୪)
ସାତ ପଞ୍ଚା ପଞ୍ଚତିରିଶି
ରାତିରେ ଆମେ ଗପ ଶୁଣୁ
ଜେଜେ ମାଆ ପାଶେ ବସି ।।(୫)
ସାତ ଷୋଓ ବୟାଳିଶି
ଆଈ କରୁଛନ୍ତି କୁନାର
ପାଦେ ତେଲ ମାଲିସି ।।(୬)
ସାତ ସତା ଅଣଚାଶ

ISSN NO.
2582-208X

ସେପ୍ଟେମ୍ବର ପାଞ୍ଚ ତାରିଖେ
ଅଟେ ଗୁରୁ ଦିବସ ।।(୭)
ସାତ ଅଷ୍ଟ ଛପନ
କଟକ ଥିଲା ଓଡ଼ିଶାର
ରାଜଧାନୀ ପ୍ରାଚୀନ ।।(୮)
ସାତ ନୁଆଁ ତେଷଠି
ରାସ୍ତାରେ ଖାଲ ରଖ ନାହିଁ
ପୋତ ପକାଇ ମାଟି ।।(୯)
ସାତ ଦଶା ସତୁରୀ
ଗୁରୁଜନଙ୍କ ର କଥାକୁ
କରନି ବେଖାତିର ।।(୧୦)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର, ଢେଙ୍କାନାଳ

ISSN NO.
2582-208X

# ସେନେହ ରଂଗ

ରଶ୍ମିତା ସେଠୀ

ପଶୁ ପକ୍ଷୀ ଯେତେ ହୋଇଲେ ମେଳି
କରିଲେ ବିଚାର ଖେଳିବା ହୋଲି
ବଜାରକୁ ଗଲା କଜଳ ପାତି
ଶୁଣ୍ଢ କୁ ହଲାଇ ଚାଲଇ ହାତୀ ।

ସବୁଜ, ନାରଗିଂ, ନୀଳ ଓ ନାଲି
କିଣିଲେ ରଂଗ ଭଳିକି ଭଳି
ହସହସ ହସ  ଦିଶେ ସବୁରି ମୁଖ
ରଂଗ ଖେଳ ହେବ ଯାକ ଜମକ ।

ସବୁ ଦେଖୁଥିଲା କୋଇଲି ନାନୀ
କହିଲା ବିପଦ ଆଣୁଚ କିଣି
ଆଣିଲ ବଜାରୁ ରଂଗ ଯେତେକ
ସବୁ ଅଟେ ପରା ରାସାୟନିକ ।

ସବୁ କଥା ପଛ ସ୍ୱାସ୍ଥ୍ୟ ଟି ଆଗ
ସବୁ ଠାରୁ ଭଲ ସେନେହ ରଂଗ
ସେନେହ ରଂଗ ରେ ମନ ରଂଗଗେଇ
ନାଚିବା ଗାଇବା ଏକାଠି ହେଇ  ।

ହଳଦୀପଦା
କଲ୍ୟାଣପୁର,ଖୋର୍ଦ୍ଧା

ISSN NO.
2582-208X

# କଥା ମାନିଲା କାବ୍ୟା



ଦେବଦତ୍ତା ଦେବୀ

କାବ୍ୟା ପାଞ୍ଚ ବର୍ଷ ର ନଟଖଟି ଗୁଲୁଗୁଲିଆ ଝିଅ ଟିଏ । ବାପା ମା ଙ୍କ ର କୋଡପୋଛା ତେଣୁ ଭାରି ଗେଲହି । ଭାଇ ର ତ ଆଖିର ତାରା । ଅଜା ଆଇ, ଜେଜେ, ଜେଜୀ ସମସ୍ତ ଙ୍କର ଗେଲହି । ତାପରେ ପୁଣି ତା କ୍ଲାସ ରେ ସବୁଥିରେ ଦଶ ରୁ ଦଶ ତିନିଟା ଷ୍ଟାର । ମିସ ଙ୍କ ର ବି ଫେଭରିଟ ଷ୍ଟୁଡେଣ୍ଟ ସବୁ ଆଡୁ କାବ୍ୟା ଭଲ ହେଲେ ବି ଭାରି ଜିଦିଆ । ଯାହା ବୁଝିଥିବ ସେଇଟା ହିଁ ହବ ପାପା ମାମା ବୁଝେଇଲେ ବୁଝିବେନି । ତଳେ ଗଡି ଜିଦି କରିବ । ଯେତେ ଗାଳି କଲେ ବି ଶୁଣିବନି କି ବୁଝିବେନି । ବେଳେ ବେଳେ ନିଜେ ହଇରାଣ ହୁଏ ଅନ୍ୟ ମାନଙ୍କୁ ବି ଅସୁବିଧା ରେ ପକାଏ ।

ସେଦିନ କାବ୍ୟା ର ଜନ୍ମ ଦିନ ଥାଏ । କାବ୍ୟା ଭାରି ଖୁସି ଥାଏ । ସ୍କୁଲ ରେସାଙ୍ଗ ମାନଙ୍କୁ ଚକୋଲେଟ ବାଣ୍ଟି, ସମସ୍ତ ଙ୍କୁ ରାତିରେ ଜନ୍ମ ଦିନ ରେ କେକ ଓ ଭୋଜି ପାଇଁ ନିମନ୍ତ୍ରଣ କରି ଖୁସି ରେ ଡେଇଁ ଡେଇଁ ଘର କୁ ଫେରିଲା । ଫେରିଲା ବେଳ କୁ ଦେଖିଲା ମା ରୋଷେଇ ଘରେ ରାନ୍ଧିବା ରେ ବ୍ୟସ୍ତ । ଗୋଡ ରୁ ଜୋତା ନଖୋଲି ପୋଷାକ ନ ବଦଳେଇ ସେମିତି ରୋଷେଇ ଘରକୁ ପସିଯାଇକି ମାଙ୍କ କାନି ଧରି ଅଝଟ କରିବାକୁ ଲାଗିଲା ଆଜି ର ତା ଜନ୍ମ ଦିନ ରେ ମା ତାକୁ କଣ ଉପହାର ଦେଉଛନ୍ତି ଦେଖେଇବାକୁ । ମା ଯେତେ ବୁଝେଇଲେ ସନ୍ଧ୍ୟା ବେଳେ ଦେଖିବାକୁ, ଏଇଲେ ଆଗ ଜୋତା ମୋଜା ଖୋଲି ତା ଜାଗା ରେ ଥୋଇବାକୁ

ISSN NO.
2582-208X

ଡ୍ରେସ ବଦଳେଇବାକୁ କାବ୍ୟା କିଛି ଶୁଣିବାକୁ କି ବୁଝିବାକୁ ରାଜି ନୁହେଁ । ଖାଲି ଟାରେ ଜିଦି କରି ମାଙ୍କର ଲୁଗାପଟା ଟାଣି ଓଟାରୀ ବ୍ୟସ୍ତ କରିବାକୁ ଲାଗିଲା । ଏହି ସମୟ ରେ ଭାଇ ଆସି ବୁଝେଇ କାଖ କରି ନେଇଗଲା ।

ସନ୍ଧ୍ୟା ହେଲା ସବୁ ସାଙ୍ଗ ସାଥି ଆସିଲେ ଉପହାର ଦେଲେ, କେକ କଟା ହେଲା ସମସ୍ତେ କାବ୍ୟା କୁ ଜନ୍ମଦିନ ର ଶୁଭେଚ୍ଛା ଜଣାଇଲେ । ତାପରେ ଗୋଟି ଗୋଟି ସାଙ୍ଗ ଫେରିଲେ ତାଙ୍କ ଘରକୁ । ସମସ୍ତେ ଗଲାପରେ କାବ୍ୟା ବସିଗଲା ଉପହାର ସବୁ ଦେଖିବା ପାଇଁ । ମାଙ୍କ ର ସୁନ୍ଦର ଖେଳନା ଦେଖି ଭାରି ଖୁସି ହେଇଗଲା । ତାପରେ ଭାଇ ର ଉପହାର ଖୋଲି ଦେଖିଲା ବେଳକୁ ତା ଭିତରେ ଟ୍ରାଫିକ ନିୟମ ଉପରେ ସୁନ୍ଦର ଚିତ୍ର ଥାଇ ଚାରୋଟି ବହି ଥିଲା, ତାକୁ ଦେଖି ରାଗରେ କାବ୍ୟା ବହିଗୁଡିକୁ ଫୋପାଡ଼ି ଦେଲା । ଭାଇକୁ କାନ୍ଦି କାନ୍ଦି କହିଲା ଏ ଗୁଡିକ ମୋର ଦରକାର ନାହିଁ ମୋତେ ବାରବି ଡଲ ଆଣିଦେ । ଏତେ ଜିଦି କଲା ଯେ ଭାଇ ବାଧ୍ୟ ହେଇ ବଜାର ଯାଇ ବାରବି ଡଲ ଆଣି ଦେବା ରୁ କାବ୍ୟା ର କାନ୍ଦ ବନ୍ଦ ହେଲା ।

ତାର ଦୁଇ ଦିନ ପରେ କାବ୍ୟା ମା ପାପା ଭାଇ ସାଙ୍ଗରେ ବୁଲିବାକୁ ବାହାରିଲା । ରାସ୍ତା ରେ ଗଲାବେଳେ ପାପା ବୁଝେଇବାକୁ ଲାଗିଲେ କାବ୍ୟା ରାସ୍ତା ରେ ଗାଡ଼ିମାଟର ଆସୁଛି ବାମ କଡେକଡେ ମୋ ହାତ ଧରି ଧୀରେ ଚାଲେ । ଟ୍ରାଫିକ ନିୟମ ଅନୁସାରେ କଡେ କଡେ ଚାଲେ ମଝି କୁ ଯାଆନି । କାବ୍ୟା ତ ଭାରି ଜିଦିଆ ପାପା ଙ୍କ କଥା ନ ଶୁଣି ହାତ ଛାଡି ମଝି ରାସ୍ତା କୁ ଦୌଡ଼ି ଗଲା । ଏହି ସମୟ ରେ ଆଗ ପଟୁ ଆସୁଥିବା ଗୋଟିଏ ସ୍କୁଟର କାବ୍ୟା କୁ ଧକା ଦେଲା କାବ୍ୟା ତଳେ ପଡ଼ିଗଲା । ପାପା ଭାଇ ଓ ରାସ୍ତାରେ ଥିବା କେତେ ଲୋକ ଆମ୍ବୁଲାନ୍ସ ରେ କାବ୍ୟା କୁ ଡାକ୍ତରଖାନା ନେଲେ, ସେଠାରେ ଗୋଡ ଭାଙ୍ଗି ଯାଇ ଥିବାରୁ ପ୍ଲାଷ୍ଟର ହେଲା ଓ ଛୋଟ ଛୋଟ ଖଣ୍ଡିଆ ଖାବରା କୁ ଡ୍ରେସିଂ କରାଗଲା । ତାପରେ କାବ୍ୟା କୁ ଘରକୁ ଅଣାଗଲା ।

ISSN NO.
2582-208X

ଗୋଡ ଭାଙ୍ଗିଯିବାରୁ କାବ୍ୟା ପ୍ରାୟ ବିଛଣା ରେ ପଡିରହିଲା । ଏ ଘଟଣା ରୁ କାବ୍ୟା ଉଚିତ ଶିକ୍ଷା ପାଇଲା । କାନ୍ଦି କାନ୍ଦି କହିଲା ମୁଁ ଏବେ ଆଉ ଅଯଥା ଜିଦି କରିବିନି, ବଡ ମାନଙ୍କ କଥା ମାନିବି । ଭାଇ ତୁ ଦେଇ ଥିବା ବହି ପଢି ରାସ୍ତା ରେ ଚାଲିବାର ନିୟମ ଶିଖି ଚାଲିବି । କାବ୍ୟା କଥା ଶୁଣି ସମସ୍ତେ ଖୁସି ହେଲେ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ମୁନାର ସପଥ



ବାଙ୍କାବିହାରୀ ମହାକୁର

ମୁନାଟା ଅଟଇ ବହୁତ ଚଗଲା
ପାଠ ପ୍ରତି ତାହାର ନଥାଏ ମନ,
ସଦାବେଳେ କରୁଥାଏ ଖେଳାବୁଲା
ମିଛେ ସଜାଉଥାଏ କେତେ ସପନ ।୧।

ବାପାମାଁ କହି କହି ଥକିଯାଆନ୍ତି
ତଥାପି ପାଠକୁ ସେ, ନ କରେ ହେଜ,
ବହିପତର ତା' ଯତନେ ନ ଥାଏ
ସ୍କୁଲ୍ ସମୟ ହେଲେ ହୁଅଇ ଖୋଜା ।୨।

ବାହାନା କରଇ ନିତି ନୁଆଁ ନୁଆଁ
ପାଠ ପଢାଠୁ ଦୁରେ ରହିବା ପାଇଁ,
ବାପାଙ୍କ ସାଥୀରେ ଗଲା ମାମୁଁଘର
ତା'ର ଖୁସି କହିଲେ ସରିବ ନାହିଁ ।୩।

ISSN NO.
2582-208X

ଭାବିଥିଲା ମନେ ମାମୁଁଘର ଯାଇ
ମାମୁଁ ପୁଅ ସାଥେ ସେ, ଖେଳିବ ଖେଳ,
ତା' ମାମୁଁ ପୁଅର ପାଠ ପ୍ରୀତି ଦେଖି
ଲାଜେ ନଇଁଗଲା ମୁଣ୍ଡ ତଳ ହୋଇ।୪।

ବହିପତରର ସାଜସଜ୍ଜା ସଂଗେ
କେଡେ ମନୋହର ତା' ସଂଗ୍ରହାଘର,
ସମ ବୟସର ହୋଇ ସିଏ ପୁଣି
ପାଠେସାଠେ ଅର୍ଜିଛି ମାନପତର ।୫।

ସବୁ ଜାଣି ଶୁଣି ମୁନା ହେଲା ତୁନି
ସପଥ କଲା ତା'ର ମନ ଭିତର,
ପାଠ ପଢିବି ମୁଁ ଖେଳ ଭୁଲିଯିବି
ପୁରା କରିବି ଯେତେ ସପନ ମୋର ।୬।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଗଛ ଆମର ବନ୍ଧୁ



ରାମ ଚନ୍ଦ୍ର ପ୍ରଧାନ

ଆସରେ ପିଲେ ପୋତିବା ଆମେ
ଜାତି ଜାତିକା ଗଛ
ପାଣି ପିଢ଼ିଆ ଦେବା ତା' ମୂଳେ
ନ ଭାବି ଆଗପଛ ।
ଛୋଟରୁ ବଡ଼ ହୋଇ ସେ ଗଛ
ଫଳିବ କେତେ ଫଳ
ନାନା ଜାତିର ଫୁଲ ଫୁଟିକି
ଶୋଭା ଦିଶିବ ଡାଳ ।
ଚେର ମେଲାଇ ରକ୍ଷା କରିବ
ମାଟିକୁ ସିଏ ସତେ
ତା' ଗଛ ଡାଳେ ଆଶ୍ରୟ ନେବେ
ବିହଙ୍ଗ ଗଣ କେତେ ।
ଜୀବଜଗତ ପାଏ ବରଷା
ଏ ଗଛ ପାଇଁ ପରା
ସିଏ ଆମର ପରମ ବନ୍ଧୁ
ଯା' ପାଇଁ ହସେ ଧରା ।

ISSN NO.
2582-208X

ଯୋଗାଏ ସିଏ ଚୁଲିକୁ ଜାଳ
ଘରକୁ କାଠ ସଜ
ମଣିଷ ହିତେ ସର୍ବସ୍ୱ ଦେଇ
ସଭିଙ୍କୁ ଭାବେ ନିଜ ।
ମୂଳରୁ ଡାଳ ଯେତେକ ଅଂଶ
ଲାଗଇ ଦରକାର
ଜନ୍ମରୁ ମୃତ୍ୟୁ ଏ' ଗଛ କରେ
ସଭିଙ୍କ ଉପକାର ।

ଶିକ୍ଷକ
ସାନ୍ତର୍ପଲ୍ଲୀ, ଗଞ୍ଜାମ
ମୋ9861638736

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ଅପ୍ରେଲ ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାରେ ଶୁଭ୍ର ପାଖୁଡା ପରିବେଷ୍ଟିତ ହଳଦୀ ଗୁରୁ ଗୁରୁ କେଶର ସହିତ ଏତେ ସୁନ୍ଦର ଫୁଲଗୁଡିକୁ ଦେଖି ମୁଁ ଖୁବ୍ ଆଗ୍ରହୀ ହୋଇ ଉଠିଲି ଏହା ବିଷୟରେ ଜାଣିବାକୁ। ଗୁଗଲ୍ ବାବାକୁ ପଚାରି ଜାଣିଲି  ଏହା ହେଉଛି କ୍ରିମ୍ ନାର୍ସିସସ୍ ଫୁଲ, ଯାହାକି ଭୂମଧ୍ୟ ସାଗର ତଟରେ ଥିବା ଦେଶ ମାନଙ୍କରେ ମୁଖ୍ୟତଃ ଦେଖା ଯାଇଥାଏ। ଭାରତ ବର୍ଷରେ ଏହି ଫୁଲକୁ ଆମେ ଡାଫୋଡିଲ୍ କହିଥାଉ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଅପ୍ରେଲ୍ ୧- ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ଓଡିଶା ପ୍ରଦେଶ ଗଠନର ଇତିହାସ ଉଲ୍ଲେଖ କରି କହିଛନ୍ତି : ଓଡିଶାଠାରୁ ଛଡାଇ ନିଆଯାଇ ଥିବା ଅଞ୍ଚଳ ଗୁଡିକୁ ପୁଣି କିପରି ଓଡିଶା ସହିତ ମିଶାଯାଇ ପାରିବ ସେ ଦିଗରେ ସଜାଗ ରହିବା ଓ ସହଯୋଗ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ତଥା ପ୍ରଧାନ ଲକ୍ଷ ହେବା ଉଚିତ୍ ।

ଭିତର ପୃଷ୍ଠାରେ ସବୁଥର ପରି ବିଭିନ୍ନ ବିଷୟବସ୍ତୁ ଉପରେ ରହିଛି ଅସଂଖ୍ୟ ଲେଖା।

ISSN NO.
2582-208X

ପ୍ରଥମ ଲେଖା, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ସୁଇଫ୍ଟଲେଟ୍ ଭଳି ଆଉ ଏକ ବିସ୍ମୟକରୀ ପକ୍ଷୀ, ନିକୋବରୀ ମେଗାପଡ ସମ୍ବନ୍ଧରେ ରହିଛି ଅନେକ ତଥ୍ୟ। "କିଛି ସତ କିଛି ଗପ" ହିଁ ଜୀବନ, କାଳ କାଳରୁ "ଓଷା ଦୁହିତା"ର ପାଇଁ କେବଳ। "ଅପ୍ରତ୍ୟାଶିତ ପରିଣତି" ସମସ୍ତଙ୍କ ଜୀବନରେ ଆସିଥାଏ। "ବିଶ୍ୱାସର ପଛପଟେ" ଅସାଧାରଣ ଅଲୌକିକ କଥାମାନ ରହିଥାଏ। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଅଭିର ବହୁ ପ୍ରତୀକ୍ଷିତ ମେଟ୍ରିକ୍ ପରୀକ୍ଷା ଖୁବ୍ ଭଲରେ ସରିଯାଇଛି। ବିଦ୍ୟାଳୟକୁ ଏକ "ଦଣ୍ଡମୁକ୍ତ ଅଞ୍ଚଳ" ଭାବେ ଗଠନ କରିବାରେ ପ୍ରତ୍ୟେକ ଶିକ୍ଷକଙ୍କର ଦାୟିତ୍ୱ ରହିଛି। "ଭକ୍ତି, ଭୟ, ଲୋଭ ଏବଂ ଆଧ୍ୟାତ୍ମବାଦ" ଉପରେ ଏକ ଗୁଣାତ୍ମକ ଆଲୋଚନା। କାଚ ଭାଙ୍ଗି ଗଲେ ସିନା ଯୋଡି ହୁଏନି ହେଲେ "ସଂପର୍କ" ଜନ୍ମ ଜନ୍ମାନ୍ତରର, ଆପଣାର ଭାବ ଥାଇ ଯଦି ମନ ଭାଙ୍ଗି ଯାଏ, ତେବେ ସେ ପୁଣି ଯୋଡି ହେଇଯାଏ। ଏମିତି ରହିଛି ଆହୁରି ଅନେକ ଗୁଡିଏ ଗଳ୍ପ, ସଂନ୍ଦର୍ଭ ଓ ସମୀକ୍ଷା।

"ଅସୁମାରୀ ପ୍ରଶ୍ନ" ମୋ ମନ ଭିତରେ ଆନ୍ଦୋଳିତ କରେ, "କିଛି ବୁଝି ହୁଏ ନା" – ଏ ଧରାରେ ଏତେ ଗୁଡିଏ ଆଶ୍ଚର୍ଯ୍ୟ କିଏ ସେ ଗଢିଲା! ଇନ୍ଦ୍ରଧନୁର ସାତ ରଙ୍ଗ, କୋଇଲିର କୁହୁ ସ୍ୱନ, ଶ୍ରାବଣର ବର୍ଷା ଝରି, ପୁଣି କିଏ ସେ ଭରିଲା "କବିତା" ରେ "ସୁରଭି" !!

ବେଳେବେଳେ "ପ୍ରତୀକ୍ଷିତ ମୁହୂର୍ତ୍ତ"ରେ "ନ ଥିବା ଶବ୍ଦମାନେ" ମାୟାମୟ କଇଁବନ ହେଇ ବିସ୍ତରି ଯାଏ, ପୁଣି କେତେବେଳେ ସମୟର "ଚକ୍ରବାତ" ଅସହ୍ୟ ଅତିଷ୍ଠ ହିଂସ୍ର ହୋଇ ଉଠେ।

"କଲମର ଦାୟିତ୍ୱ" କୁ କଣ କରି ହେବ ବାଖ୍ୟା, ନା "ବୋଉ" ଶବ୍ଦର ହେଇ ପାରିବ ସଠିକ୍ ବର୍ଣ୍ଣନା। "ମୁଁ ଓଡିଆ ମୋ ଭାଷା ଓଡିଆ", ପୂଣ୍ୟଭୂମି ମୋ "ଉତ୍କଳ"ମାଟି, "ଆଲୋ ସଖୀ, ଆପଣା ମହତ ଆପେ ରଖି"।

"ମୋର ଏ ପୃଥିବୀ ଅଛି ବୋଲି" ଜହ୍ନ ତାରା ଆଜି ଏତେ ସୁନ୍ଦର, "ହେ ମୃତ୍ୟୁ ତୁମେ" କହିବକି ଥରେ କାହିଁକି ଏତେ ନିଷ୍ଠୁର!! "କହିବାକୁ ଚାହେଁ" ଭଳିକି ଭଳି କଥା କେତେ, ଗଛ ପରି "ବଂଧୁ"ଟିଏ, "ଦୁବ" ପରି ବିନମ୍ର ଭାବଟିଏ, ଆଉ କେଉଁଠୁ ପାଇବା ଆମେ!!

ISSN NO.
2582-208X

"ନଦୀର ଦୁଃଖ" ଟିକେ ବୁଝ ସଜନେ, "ଝିଅଟିଏ ସେ" ଝିଅଟିଏ...ସୃଷ୍ଟି ସର୍ଜନା କାରିଣୀ ସିଏ। ସେଇ ଇଟା ମାଟିର ଚାରିକାନ୍ଥ ଯେଉଁଠି ଦିନେ ଶୁଭୁଥିଲା କୁଆଁରାବ ପୁଣି ଅଳି ଅର୍ଦ୍ଦଳିର କୋଳାହଳ, ସେ ଆଜି "ନିଃଶବ୍ଦ ଅନ୍ଧାର"। ଶେଷରେ "ମନ" କର ତୁଷ୍ଟ, ନମଃ ଜଗନ୍ନାଥ।

ଆମ ହାଣ୍ଡିଶାଳରେ, ଅରବିନ୍ଦ ସାର୍ ବନେଇଛନ୍ତି ଅତ୍ୟନ୍ତ ସ୍ୱାଦିଷ୍ଟ "ଚିଙ୍ଗୁଡି ତରକାରୀ"।

ଆମ ଓଡିଶାର ଭାଷା ବୈଶିଷ୍ଟତାକୁ ଲକ୍ଷ ରଖି ବେଦାନ୍ତୀରେ ଏକ "ଆଞ୍ଚଳିକ ବିଭାଗ" ରହିଛି। ଆଶା କରୁଛି ପାଠକ ମାନେ ନିଶ୍ଚିତ ଭାବେ ଏହି ବିଭାଗଟିକୁ ପଢି ଖୁସି ହେଉଥିବେ।

ଶିଶୁ ବିଭାଗରେ ଏଥରକ ଆମ ପ୍ରଧାନ ଶିକ୍ଷକ "ବୁଦ୍ଧିର ପସନ୍ଦ" ନାମକ ଗଳ୍ପ ମାଧ୍ୟମରେ ପିଲା ମାନଙ୍କୁ, ନାତିଶୀତୋଷ୍ଣ ଜଳବାୟୁରେ ଚାଷ କରାଯାଉଥିବା କ୍ରାନ୍ ବେରି ଫଳ ସମ୍ବନ୍ଧରେ ଅବଗତ କରାଇଛନ୍ତି। ଏଥିସହିତ "ଜେଜେ ଙ୍କ ଉପଦେଶ", "ଟିକି ପାଇଲଟ", "ଭୁଲିବାନି" ଭଳି କେତୋଟି ସୁନ୍ଦର କବିତା।

ଗ୍ରୀଷ୍ମ ଛୁଟି ଚାଲିଛି। ତେଣୁ କୁନି ଆଦବିକାର "ଚିତ୍ର" ବହିରେ ଗତ ସଂଖ୍ୟାର ସେଇ "ମୋଟର ସାଇକଲ୍ ପାରେଡ୍ ସୋ' ପୃଷ୍ଠାଠି ଝଲକୁଛି। ଛୁଟି ସରିଲେ ତାଙ୍କ ପୃଷ୍ଠା ଓଲଟିବ ଆଉ।

ଶେଷରେ ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ, ଶ୍ରୀ ରାମ ନବମୀ। ଏହି ପବିତ୍ର ଅବସରରେ ଆସନ୍ତୁ ସମସ୍ତେ ମିଳି ଶ୍ରୀରାମଙ୍କ ଜୟ ଗାନ କରିବା ସହିତ ତାଙ୍କରି ପଦାଙ୍କ ଅନୁସରଣ କରି ସର୍ବଦା ସତ୍ୟ, ଧର୍ମ, ନ୍ୟାୟ ପଥରେ ଅଗ୍ରସର ହେବା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୫/୨୦୨୪ | ଶ୍ରମିକ ଦିବସ |
| ୦୪/୦୫/୨୦୨୪ | ବରୁଥିନୀ ଏକାଦଶୀ ଉପବାସ |
| ୦୬/୦୫/୨୦୨୪ | ଶିବଚତୁର୍ଦ୍ଦଶୀ ଉପବାସ |
| ୦୮/୦୫/୨୦୨୪ | ରକ୍ମିଣୀ ଅମାବାସ୍ୟା |
| ୦୯/୦୫/୨୦୨୪ | ପର୍ଶୁରାମ ଜୟନ୍ତୀ |
| ୧୦/୦୫/୨୦୨୪ | ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ଆରମ୍ଭ ଓ ରଥ ଅନୁକୂଳ |
| ୧୨/୦୫/୨୦୨୪ | ଜଗଦଗୁରୁ ଆଦି ଶଙ୍କରଚାର୍ଯ୍ୟ ଙ୍କ ଜୟନ୍ତୀ |
| ୧୪/୦୫/୨୦୨୪ | ବୃଷ ସଂକ୍ରାନ୍ତି |
| ୧୬/୦୫/୨୦୨୪ | ସୀତା ନବମୀ |
| ୧୯/୦୫/୨୦୨୪ | ରବିନାରାୟଣ ବ୍ରତ |
| ୨୨/୦୫/୨୦୨୪ | ନୃସିଂହ ଜନ୍ମ |
| ୨୩/୦୫/୨୦୨୪ | ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ, ବୈଶାଖ ବ୍ରତ ସମାପନ |
| ୨୭/୦୫/୨୦୨୪ | ଶରଣ ଆରମ୍ଭ |
| ୨୯/୦୫/୨୦୨୪ | ଶ୍ରୀକ୍ଷେତ୍ରେ ଭଉଁରୀ |
| ୩୦/୦୫/୨୦୨୪ | ଉତ୍କଳେ ଭଉଁରୀ |
| ୩୧/୦୫/୨୦୨୪ | ଶରଣ ଶେଷ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅପ୍ରେଲ ମାସର ବିଜେତାଙ୍କ ନାମ



ISSN NO.
2582-208X

କୋଶଳୀ କଳମ ଙ୍କ ଲେଉଟିଆ
ପାଳଙ୍ଗ ସଜନା ଖଡା ବଥୁଆ,
ଧନୀ ଠୁଁ ଗରିବ ସଭିଙ୍କର ପ୍ରିୟ
ଭାତ ସାଥେ ଶାଗ ଭଜା/ ଖରଡ଼ା
ଯିଏ ସେ ଖାଇଛି ସେ ଏକା ଜାଣିଛି
ଓଡ଼ିଆ ଖାଇବା କେଡ଼େ ବଢ଼ିଆ।

ପୁଷ୍ପଲତା ବେହେରା (puspalatab3@gmail.com)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**